# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଜୁଲାଇ ୨୬/୨୦୧୯ (୧୬ ପୃଷ୍ଠା) Sambalpur, Friday, July 26 / 2019 ★★

୧୫୩ ଭାଗ ୨୧୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




**'କିକ୍ ୨'ରେ ସଲମାନ୍**

ସୁପରଷ୍ଟାର ସଲମାନ୍ ଖାନ୍ 'କିକ୍ ୨'ରେ ପୁଣି ଅଭିନୟ କରିବାକୁ ଯାଉଥିବାବେଳେ ଏହା ଆସନ୍ତା ବର୍ଷ ରିଲିଜ୍ ହେବାର ଅଛି।

୦୨

୧୪

**ଭାରତୀୟ ସିନିୟର ଦଳରେ ଆଶିଷ**

ଜାପାନରେ ହେବାକୁଥିବା ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟରେ ଭାରତୀୟ ସିନିୟର ହକି ଦଳ ପକ୍ଷରୁ କ୍ୟାରିୟର ଆରମ୍ଭ କରିବେ ଓଡ଼ିଶାର ଆଶିଷ ଟପ୍ପୋ।



# ମୁକୁଳିଲେ ସାରଥି

**କେନ୍ଦ୍ରାପଡ଼ା ଅଫିସ/ ଚୌଦ୍ୱାର(ଡି.ଏନ୍.ଏ.), ୨୫।୭**

- କେନ୍ଦ୍ରାପଡ଼ା ଏସ୍‌ଡିଜେଏମ୍ ଦେଲେ ଅନୁମତି
- ଗତ ୨୨ତାରିଖରେ ହାଇକୋର୍ଟରୁ ମିଳିଥିଲା ନିର୍ଦ୍ଦେଶ
- ରାଜ୍ୟ ବାହାରକୁ ଗଲେ ନେବେ ଅନୁମତି

ପ୍ରାୟ ୪ବର୍ଷ ଜେଲ୍‌ରେ ରହିବା ପରେ ଗୁରୁବାର ଜାମିନ୍‌ରେ ଚୌଦ୍ୱାର ଜେଲ୍‌ରୁ ମୁକୁଳିଛନ୍ତି ସାରଥି ଓରଫ ସନ୍ତୋଷ ରାଉଳ। ଓଡ଼ିଶା ହାଇକୋର୍ଟ ଗତ ସୋମବାର ସାରଥିଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ। ତଦନୁଯାୟୀ ନିମ୍ନକୋର୍ଟରେ ୨ଲକ୍ଷ ଟଙ୍କା ଲେଖାଏ ୨ଜଣ ଜାମିନଦାରଙ୍କ ବଦଳରେ ସାରଥି ଜାମିନରେ ଯାଇପାରିବେ। ଏଥିସହିତ ମାମଲାର ସାକ୍ଷୀମାନଙ୍କୁ ପ୍ରଭାବିତ ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏପରି କି ତଳକୋର୍ଟ ଚାହିଁଲେ ଆଉ କିଛି ସର୍ତ୍ତ ଲାଗୁ କରିପାରିବେ ବୋଲି କୋର୍ଟ କହିଥିଲେ। ଗୁରୁବାର ଅପରାହ୍ନରେ ସାରଥିଙ୍କ ଓକିଲ ମାନସ କୁମାର ଚାନ୍ଦ, ରବିନାରାୟଣ ମହାନ୍ତି ଓ ସଂଗ୍ରାମ କେଶରୀ ସିଂ କେନ୍ଦ୍ରାପଡ଼ା ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଇକୋର୍ଟଙ୍କ ଆଦେଶକୁ ଦାଖଲ କରିବା ସହ ଜାମିନ ପ୍ରଦାନ କରିବାକୁ ଆବେଦନ କରିଥିଲେ। ଏସ୍‌ଡିଜେଏମ୍ ନୀହାର ରଞ୍ଜନ ସାହୁ ଉକ୍ତ ଆବେଦନର ଶୁଣାଣି କରି ସାରଥି ରାଜ୍ୟ ବାହାରକୁ ଗଲେ କୋର୍ଟଙ୍କ ଅନୁମତି ନେବେ ବୋଲି ଏକ ସର୍ତ୍ତ ଲାଗୁ କରିଥିଲେ। ପରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ୨ଜଣ ଜାମିନଦାର(ପ୍ରଶାନ୍ତ କୁମାର ଦାଶ ଓ ପୂର୍ଣ୍ଣଚନ୍ଦ୍ର ମିଶ୍ର) ଅଦାଲତରେ ନିର୍ଦ୍ଧାରିତ ୨ଲକ୍ଷ ଟଙ୍କାର ବେଲ୍ ବଣ୍ଡ ପ୍ରଦାନ କରିଥିଲେ। ଅପରାହ୍ନ ସଢ଼େ ୪ଟାରେ ସାରଥିଙ୍କ ଜାମିନ କାଗଜପତ୍ର କେନ୍ଦ୍ରାପଡ଼ା କୋର୍ଟରୁ କଟକ ଚୌଦ୍ୱାରସ୍ଥିତ ସର୍କଲ ଜେଲ୍‌କୁ ପଠାଯାଇଥିଲା। ଜେଲ୍ ଅଧୀକ୍ଷକ ପ୍ରଦୀପ୍ତ କୁମାର ବେହେରା ଆବଶ୍ୟକ କାଗଜପତ୍ର ଯାଞ୍ଚ ପରେ ସାରଥିଙ୍କୁ ମୁକୁଳାଇବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଜେଲ୍ ବାହାରେ ଅସ୍ୱାଭାବିକ ଭିଡ଼କୁ ଦେଖି ସାରଥି ଜେଲ୍‌ରୁ ବାହାରିବାରେ ପ୍ରାୟ ୧ଘଣ୍ଟା ବିଳମ୍ବ ହୋଇଥିଲା। ରାତି ୭ଟା ୩୬ ମିନିଟ୍‌ରେ ସାରଥିଙ୍କୁ ଚୌଦ୍ୱାର ପୋଲିସ ହେପାଜତରେ ଜେଲ୍‌ରୁ ବାହାରକୁ ଅଣାଯାଇଥିଲା। କେନ୍ଦ୍ରାପଡ଼ା ଜିଲା ବାରିମୂଳ ଆଶ୍ରମ ଯିବାକୁ ଅନୁମତି ନ ଥିବାରୁ ତାଙ୍କୁ କେଉଁଠିକୁ ନିଆଗଲା ସେନେଇ କୌଣସି ନିର୍ଦ୍ଦିଷ୍ଟ ସୂଚନା ମିଳିପାରି ନାହିଁ। ଏବେ ସାରଥିଙ୍କ ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ସମସ୍ତଙ୍କ ନଜର ରହିଥିବାବେଳେ ଏନେଇ ବିଭିନ୍ନ ଚର୍ଚ୍ଚା ଶୁଣିବାକୁ ମିଳୁଛି। ଜେଲ୍‌ରୁ ବାହାରିବା ପରେ ସାରଥିଙ୍କୁ ଗଣମାଧ୍ୟମକୁ କିଛି କହିବାକୁ ମଧ୍ୟ ସୁଯୋଗ ଦିଆଯାଇ ନ ଥିଲା।



ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ୨୦୧୫ ଅଗଷ୍ଟ ୮ ରେ କ୍ରାଇମବ୍ରାଞ୍ଚ ସାରଥିଙ୍କୁ ବାରିମୂଳ ଆଶ୍ରମରୁ ଗିରଫ କରିଥିଲା। ସେହିପରି ତାଙ୍କ ବିରୋଧରେ ଜନୈକା ମେଡିକାଲ ଛାତ୍ରୀ କଟକରେ ଏକ ମାମଲା ଦାଏର କରିଥିଲେ। ଏହାପରେ ଅଗଷ୍ଟ ୨୦ରେ କେନ୍ଦ୍ରାପଡ଼ା ସଦର ଥାନା ଅଞ୍ଚଳର ଜନୈକା ମହିଳା ☞ପୃଷ୍ଠା-୧୧

# ଦିନ ଦ୍ୱିପ୍ରହରରେ ସାଙ୍ଗକୁ ହାଣି ହତ୍ୟା

- ୨ ବନ୍ଧୁ ସାଜିଲେ ଭଗାରି
- ବୁଧବାର ସନ୍ଧ୍ୟାରେ ହୋଇଥିଲା ବଚସା

**ସମ୍ବଲପୁର,୨୫।୭(ବ୍ୟୁରୋ)**

ସମ୍ବଲପୁର ଜିଲା ଅଇଁଠାପାଲି ଥାନା ଫାଟକରେ ଗୁରୁବାର ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଏକ ହତ୍ୟାକାଣ୍ଡ ଘଟିଛି। ଗୋପାଳମାଳ ଛକରେ ରହୁଥିବା ସନ୍ତୋଷ ପଟ୍ଟନାୟକ(୧୯)ଙ୍କୁ ଦିନ ଦ୍ୱିପ୍ରହରରେ ୨ ଜଣ ଯୁବକ ଗୋଡାଇ ଗୋଡାଇ ହାଣି ହତ୍ୟା କରିଛନ୍ତି। ସଂପୃକ୍ତ ଯୁବକମାନେ ସନ୍ତୋଷଙ୍କ ୨ ସାଙ୍ଗ ବୋଲି ପୋଲିସ କହିଛି। ପୋଲିସ, ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୋଲିସ ଘଟଣାସ୍ଥଳରୁ ଏକ ଛୁରି ଜବତ କରିଛି। ଏନେଇ ଅଇଁଠାପାଲି ଥାନାରେ ଏକ ହତ୍ୟା ମାମଲା (ନଂ.୩୦୧/୧୯) ରୁଜୁ ହୋଇଛି । ଅନ୍ୟପକ୍ଷେ ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି।

ମିଳିଥିବା ସୂଚନା ଅନୁଯାୟୀ, ସନ୍ତୋଷଙ୍କ ସହିତ ଉପରୋକ୍ତ ୨ ଯୁବକଙ୍କ ବନ୍ଧୁତା ଥିଲା। ପ୍ରତିଦିନ ଫାଟକରେ ସେମାନେ ବସି ଖଟି କରୁଥିଲେ । ହେଲେ ବୁଧବାର ସନ୍ଧ୍ୟାରେ କୌଣସି କଥାକୁ କେନ୍ଦ୍ର କରି ୩ଜଣଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ସନ୍ତୋଷ ଘରକୁ ଚାଲି ଆସିଥିଲେ। ଗୁରୁବାର ସକାଳେ ସେ ଭଉଣୀଙ୍କଠାରୁ ୨୫ ଟଙ୍କା ଆଣି ଫାଟକକୁ ଆସିଥିଲେ। ସେତିକିବେଳେ ତାଙ୍କ ୨ ସାଙ୍ଗ ଧାରୁଆ ଅସ୍ତ୍ରରେ ସନ୍ତୋଷଙ୍କୁ ଅତର୍କିତ ଆକ୍ରମଣ କରିଥିଲେ । ଫଳରେ ସେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାସ୍ତାରେ ପଡିଯାଇଥିଲେ । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ସନ୍ତୋଷଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲା ସଦର ମେଡିକାଲରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପରିବାର ଲୋକଙ୍କ କହିବା ମୁତାବକ, ସନ୍ତୋଷଙ୍କ କାହା ସହିତ ଶତ୍ରୁତା ନ ଥିଲା। ସେ ରଙ୍ଗ ମିସ୍ତ୍ରି ଭାବେ କାମ କରୁଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି।

# ସମୁଦ୍ରକୁ ଚାଲିଯାଉଛି ନଦୀ ପାଣି

**ଭୁବନେଶ୍ୱର,୨୫।୭(ବ୍ୟୁରୋ)**

- ୫୦,୬୪୫ ନିୟୁତ ଘନମିଟର ପାଣି ବରବାଦ
- ଅଟକାଇବାକୁ ସରକାରଙ୍କ ବଳ ନାହିଁ
- କୁଆଖାଇରେ ନିର୍ମାଣ ହେବ ଚେକ୍‌ଡ୍ୟାମ୍

ଜଳବାୟୁ ପରିବର୍ତ୍ତନ ହେଉଛି। ଜଳ ସଙ୍କଟର ପଦଧ୍ୱନି ଶୁଭିଲାଣି। ଦକ୍ଷିଣ ପଶ୍ଚିମ ମୌସୁମୀ ମୁହଁ ମୋଡିଲାଣି। ଧାରା ଶ୍ରାବଣରେ ନଦୀନାଳ ଶୁଖିଲା ପଡ଼ିଛି। ନିଅଣ୍ଟିଆ ବର୍ଷା ଯୋଗୁ ଜମି ଫାଟି ଆଁ କଲାଣି। ଆସନ୍ନ ମରୁଡ଼ି ରାଜ୍ୟକୁ କବଳିତ କରିବାକୁ ବସିଲାଣି। ତଥାପି ସରକାରଙ୍କ ନିଦ ଭାଙ୍ଗୁନି। କୋଟି କୋଟି ଟଙ୍କା ଖର୍ଚ୍ଚ କରି ଚେକ୍‌ଡ୍ୟାମ୍ ନିର୍ମାଣ କରାଗଲେ ମଧ୍ୟ ରକ୍ଷଣାବେକ୍ଷଣ ଅଭାବରୁ ତାହା ଅକାମୀ ହୋଇପଡୁଛି। ବର୍ଷାଦିନେ ଯେତିକି ବର୍ଷୁଛି, ନଦୀ ଦେଇ ଅଧାରୁ ଅଧିକ ଜଳ ସମୁଦ୍ରକୁ ଚାଲି ଯାଉଛି। ନଦୀଜଳ ସଂରକ୍ଷଣ କରିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଏହି ପ୍ରସଙ୍ଗକୁ ନେଇ ଉଭୟ ବିରୋଧୀ ଭାଜପା, କଂଗ୍ରେସ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି।

ମହାନଦୀ ଉପରେ ଛତିଶଗଡ଼ ବ୍ୟାରେଜ ନିର୍ମାଣ କରି ପାଣି ଅଟକାଇବାକୁ ନେଇ ରାଜ୍ୟରେ ଶାସକ ଦଳ ତୁମ୍ବିତୋଫାନ କରୁଛି। ମାତ୍ର ରାଜ୍ୟର ବିଭିନ୍ନ ନଦୀରୁ ଅଧାରୁ ଅଧିକ ଜଳ ସମୁଦ୍ରକୁ ଚାଲିଯାଉଥିଲେ ମଧ୍ୟ ରଖା ଯାଇପାରୁନାହିଁ ବୋଲି ବିରୋଧୀ ଦଳ ଅଭିଯୋଗ କରିଛନ୍ତି। ନଦୀଜଳ ଅଟକାଯାଇ ପାରୁ ନ ଥିବା କଥାକୁ ଖୋଦ ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ମଧ୍ୟ ସ୍ୱୀକାର କରିଛନ୍ତି।

ଗୁରୁବାର ପ୍ରଶ୍ନୋତ୍ତର ବେଳେ ଭାଜପା ସଭ୍ୟ ମୋହନ ଚରଣ ମାଝି ଓଡ଼ିଶାରେ ଉପଲବ୍ଧ ହେଉଥିବା ଭୂପୃଷ୍ଠ, ଭୂତଳ ଜଳ ପରିମାଣ କେତେ, ସେଥିରୁ କେତେ ପରିମାଣର ଜଳ ସମୁଦ୍ରକୁ ବୋହିଯାଉଛି, କେତେ ପ୍ରତିଶତ ଜଳ ବାଷ୍ପୀଭୂତ ହେଉଛି, ଉଭୟ ଭୂପୃଷ୍ଠ ଓ ଭୂତଳ ଜଳ ସଂରକ୍ଷିତ ପାଇଁ ସରକାର ଗତ ୧୦ ବର୍ଷ ଭିତରେ କି କି ଯୋଜନା କାର୍ଯ୍ୟକାରୀ କରିଛନ୍ତି, କେତେ ପରିମାଣର ଜଳ ସଂରକ୍ଷିତ ହୋଇପାରିଛି ବୋଲି ପଚାରିଥିଲେ। ଏହାର ଜବାବରେ ଜଳସମ୍ପଦ ମନ୍ତ୍ରୀ ଦାସ କହିଛନ୍ତି, ଓଡ଼ିଶା ଅବବାହିକା ଭୂପୃଷ୍ଠ ଜଳର ପରିମାଣ ରାଜ୍ୟ ଜଳ ଯୋଜନା-୨୦୦୪ ଅନୁଯାୟୀ ଆକଳନ କରାଯାଇଛି। ରାଜ୍ୟର ୧୧ଟି ନଦୀରେ ଭୂପୃଷ୍ଠ ଜଳଧାରଣ କ୍ଷମତା ୯୫,୫୪୦ ନିୟୁତ ଘନମିଟର। ସେଥିରୁ ଜଳସେଚନ ପାଇଁ ୨୧,୭୯୩. ୧୯ ନିୟୁତ ଘନମିଟର ଜଳ ବ୍ୟବହାର କରାଯାଉଥିବାବେଳେ ଘରୋଇ ବ୍ୟବହାର ପାଇଁ ୨୮୩.୯୫ ଏବଂ ଶିଳ୍ପଗୁଡ଼ିକ ଲାଗି ୨ ହଜାର ୨୭୯.୮୫ ନିୟୁତ ଘନମିଟର ଜଳ ବ୍ୟବହାର କରାଯାଉଛି। ତେବେ ସମୁଦ୍ରକୁ ୫୦,୬୪୫.୯୧ ନିୟୁତ ଘନମିଟର ପାଣି ଚାଲିଯାଉଛି। ମହାନଦୀରୁ ୨୫,୯୪୦, ବ୍ରାହ୍ମଣୀରୁ ୭,୮୧୯, ବୈତରଣୀରୁ ୨,୨୧୫, ଋଷିକୁଲ୍ୟାରୁ ୭୩୬, ବଂଶଧାରାରୁ ୨,୪୬୮ ଓ ଜମ୍ବୀରାରୁ ୧,୬୬୮, କୋଲାବ୍‌ରୁ ୪,୬୧୯, ଇନ୍ଦ୍ରାବତୀରୁ ୨,୦୩୮, ନାଗାବଳୀରୁ ୧,୬୧୪ ଏବଂ ସୁବର୍ଣ୍ଣରେଖା ନଦୀରୁ ୧,୪୫୧.୫୯ ନିୟୁତ ଘନମିଟର ପାଣି ସମୁଦ୍ରକୁ ବୋହି ଯାଉଛି। ରାଜ୍ୟରେ ଭୂତଳ ଜଳ ୧୫,୭୭୦ ନିୟୁତ ଘନମିଟର ଗଚ୍ଛିତ ରହିଛି। ପ୍ରାକୃତିକ ସମସ୍ୟା ତଥା ମାତ୍ରାଧିକ ଭୂତଳ ଜଳର ବ୍ୟବହାର ଯୋଗୁ ୧୯୯୭ରୁ ୨୦୧୮ ମଧ୍ୟରେ ଭୂତଳ ଜଳ ହ୍ରାସ ପାଉଥିବା ମନ୍ତ୍ରୀ କହିଛନ୍ତି। ଭୂପୃଷ୍ଠ ଓ ଭୂତଳ ଜଳର ସଂରକ୍ଷଣ ପାଇଁ ରାଜ୍ୟ ସରକାର ୧୪,୫୮୮ଟି ଆଡ଼ିବନ୍ଧ ନିର୍ମାଣ କରିଛନ୍ତି। ୭ଟି ମଧ୍ୟମ, ୧୬ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କରାଯାଇ ଜଳ ଗଚ୍ଛିତ ରଖାଯାଉଛି। ୨୦୧୫ରୁ ଛାତ ଉପରେ ଜଳ ଅମଳ ପ୍ରକଳ୍ପ କରାଯାଇ ବର୍ଷାଜଳକୁ ଭୂଗର୍ଭକୁ ଛଡ଼ାଯାଉଛି। ବର୍ତ୍ତମାନ ସୁଦ୍ଧା ୧୧ଟି ସହରାଞ୍ଚଳରେ ୯,୪୩୮ଟି ବେସରକାରୀ ଓ ୩୫୨ଟି ସରକାରୀ କୋଠାରେ ପ୍ରକଳ୍ପ କରାଯାଇଛି। ଗତ ୧୦ ବର୍ଷ ମଧ୍ୟରେ ପ୍ରାୟ ୬୦୪ ନିୟୁତ ଘନମିଟର ଜଳ ସଂରକ୍ଷଣ କରାଯାଇ ପାରିଛି ବୋଲି ମନ୍ତ୍ରୀ କହିଛନ୍ତି।

କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ କହିଲେ, ଛତିଶଗଡ଼ ଆଡ଼ିବନ୍ଧ କରି ପାଣି ଅଟକାଉଛି। ରାଜ୍ୟ ସରକାର ମହାନଦୀ, ବ୍ରାହ୍ମଣୀ ଏବଂ ଅନ୍ୟାନ୍ୟ ନଦୀରେ କେବେ ସୁଦ୍ଧା ଡ୍ୟାମ କରି ପାଣି ରଖିବେ। ଦୟାନଦୀରେ ଆଡ଼ିବନ୍ଧ କରି ଭୁବନେଶ୍ୱର ଆଖପାଖ ଅଞ୍ଚଳର ଚାଷୀଙ୍କୁ କେବେ ପାଣି ଯୋଗାଇବେ ବୋଲି ପଚାରିଥିଲେ। ରାଜ୍ୟ ସରକାରଙ୍କର କିଛି ଜଳ ପରିଚାଳନା ନୀତି ଅଛି କି। ସରକାର ଚେକ୍‌ଡ୍ୟାମ କରିଛନ୍ତି ମାତ୍ର ସେଗୁଡ଼ିକ ଠିକ୍ ଭାବେ ପରିଚାଳନା କରାଯାଉନାହିଁ। ପାଣି ରହିବ କେମିତି ବୋଲି ବିଜେଡି ସଭ୍ୟ ଲତିକା ପ୍ରଧାନ, ବିଷ୍ଣୁବ୍ରତ ରାଉତରାୟ, କଂଗ୍ରେସ ସଭ୍ୟ ନରସିଂହ ମିଶ୍ର, ଭାଜପା ସଭ୍ୟ ଜୟନାରାୟଣ ମିଶ୍ର ପ୍ରମୁଖ ପଚାରିଥିଲେ। ମନ୍ତ୍ରୀ କହିଥିଲେ, ରାଜ୍ୟରେ ଜଳ ନୀତି ରହିଛି। ଜଳ ସଂରକ୍ଷଣ କରିବାକୁ ସରକାର ଚେଷ୍ଟିତ ଅଛନ୍ତି। ଭୟଙ୍କର ଜଳ ସଙ୍କଟକୁ ଦେଖି ଚଳିତବର୍ଷ କୁଆଖାଇ ନଦୀରେ ଜଳ ସଂରକ୍ଷଣ କରିବା ପାଇଁ ଏକ ଚେକ୍‌ଡ୍ୟାମ ନିର୍ମାଣ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ପାଇଲଟ ପ୍ରକଳ୍ପ ସଫଳ ହେଲେ ଅନ୍ୟାନ୍ୟ ନଦୀରେ ଡ୍ୟାମ୍ ନିର୍ମାଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

**ଆଜିର ସମ୍ପାଦକୀୟ**

**ମୁଦ୍ରା ରାକ୍ଷସ**

**ଆଜିର ମନ୍ତବ୍ୟ**

"ଆମେରିକାରୁ ଫେରି ସ୍ୱଦେଶରେ ପହଞ୍ଚିବା ପରେ ମୁଁ ବିଶ୍ୱକପ୍ ଜିତି ଘରକୁ ଫେରିବା ଭଳି ଅନୁଭବ କରୁଛି।

– ଇମ୍ରାନ୍ ଖାନ୍, ପାକିସ୍ତାନ ପ୍ରଧାନମନ୍ତ୍ରୀ

**କିଛି ତଥ୍ୟ**

ଚଳିତ ବର୍ଷ ମେ ମାସରେ ଦେଶରେ ୧୨.୬୬ ଲକ୍ଷ ନିଯୁକ୍ତି ସୃଷ୍ଟି ହୋଇଛି।

– ଇଏସ୍‌ଆଇସି ପେ ରୋଲ ଡାଟା

**ଟିମନ୍‌ଙ୍କ ବିରୋଧରେ ଲାଗିଲା ଏନ୍‌ଏସ୍‌ଏ**

........୩........

# କୀଟନାଶକ ପିଇ ଯୁବଚାଷୀଙ୍କ ଆତ୍ମହତ୍ୟା

**ବରଗଡ଼ ଅଫିସ,୨୫।୭**

ବରଗଡ଼ ସଦର ଥାନା ଅନ୍ତର୍ଗତ ବୀରମାଲ ନିକଟ ପୋଡ଼ମୁଣ୍ଡା ଗ୍ରାମର ଯୁବଚାଷୀ ବୈଷ୍ଣବ ଭୁଏ(୨୭) ବୁଧବାର ରାତିରେ କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି। ଫସଲହାନି ସହିତ ଋଣବୋଝ ଚିନ୍ତାରେ ସେ ଏପରି ପଦକ୍ଷେପ ନେଇଥିବା ତାଙ୍କ ବାପା ମୀନକେତନ ଅଭିଯୋଗ କରିଛନ୍ତି। ସଦର ଥାନା ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ବ୍ୟବଚ୍ଛେଦ ରିପୋର୍ଟ ଓ ତଦନ୍ତ ସମ୍ପୂର୍ଣ୍ଣ ହେବା ପରେ ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

ମିଳିଥିବା ସୂଚନା ଅନୁଯାୟୀ, ମୀନକେତନଙ୍କ ୫ ପୁଅ ନିର୍ମଳ, ବୈଷ୍ଣବ, ଶିଶୁପାଳ, ବିଜୁ ଓ ପାଣ୍ଡବ । ଚାଷକାର୍ଯ୍ୟ ସେମାନଙ୍କ ଜୀବିକା । ନିଜର ୩ ଏକର ଏବଂ ଅନ୍ୟ ୧ଏକର ଜମିରେ ଭାଗଚାଷ କରି ସେମାନେ ପରିବାର ଗୁଜୁରାଣ ମେଣ୍ଟାଇଥାନ୍ତି । ସେଥିମଧ୍ୟରୁ ପ୍ରାୟ ୫୦ଡେସିମିଲ ଜମିରେ ସେମାନେ ବାଇଗଣ, କଲରା, ଜହ୍ନି ଆଦି ପରିବା ଚାଷ କରିଥିବାବେଳେ ବାକି ସାଢ଼େ ୩ଏକର ଜମିରେ ଧାନଚାଷ କରିଛନ୍ତି । ଏଥର ବର୍ଷାଭାବରୁ ଧାନଚାଷ ନଷ୍ଟ ହୋଇଛି ବୋଲି ମୃତକଙ୍କ ବାପା ମୀନକେତନ କହିଛନ୍ତି। ଚଳିତବର୍ଷ ଚାଷକାର୍ଯ୍ୟ ପାଇଁ ପାଖାପାଖି ଦେଢ଼ଲକ୍ଷରୁ ୨ଲକ୍ଷ ଟଙ୍କା ଧାର କରଜ କରି ଖର୍ଚ୍ଚ କରାଯାଇଥିଲା । ଚାଷ ଆରମ୍ଭରୁ ଫସଲ କ୍ଷତି ହେବା ଯୋଗୁ ବୈଷ୍ଣବ ସବୁବେଳେ ଚିନ୍ତାରେ ରହୁଥିଲେ । ଋଣ ବୋଝ ତାଙ୍କୁ ବାଧୁଥିଲା । ସେ ମାନସିକ ଭାରସାମ୍ୟ ହରାଇ ବସିଥିଲେ। ବୁଧବାର ରାତ୍ରିରେ ବୈଷ୍ଣବ ଜମିକୁ ପାଣି ମଡ଼ାଇବା ପାଇଁ ଯାଉଛି କହି ରାତି ପ୍ରାୟ ୯ଟାରେ ଘରୁ ବାହାରିଥିଲେ । ହେଲେ ରାତ୍ରି ୧୧ଟା ସୁଦ୍ଧା ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ବୈଷ୍ଣବ ଜମିରେ ଗୁରୁତର ଅବସ୍ଥାରେ ପଡ଼ିଥିଲେ । ପାଖରେ କୀଟନାଶକ ଡବା ପଡ଼ିଥିଲା । ତୁରନ୍ତ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ । ପୋଲିସ ଏ ନେଇ ଅଧିକ ତଦନ୍ତ ଚଳାଇଛି । ଅତିରିକ୍ତ ତହସିଲଦାର ଅନୁରାଗ ମିଶ୍ର ମୃତକଙ୍କ ଘରେ ପହଞ୍ଚି ତଦନ୍ତ କରିବା ସହ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ପ୍ରଦାନ କରିଛନ୍ତି । ସେହିପରି ପଞ୍ଚାୟତ ପକ୍ଷରୁ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ଦିଆଯାଇଛି ।

## ଶିଶୁଙ୍କୁ ଯୌନ ନିର୍ଯାତନା ନେଇ କଠୋର ହେଲେ ସୁପ୍ରିମକୋର୍ଟ

# ସବୁ ଜିଲାରେ ହେବ ପୋକ୍ସୋ କୋର୍ଟ

**ନୂଆଦିଲ୍ଲୀ,୨୫।୭(ପି.ଟି.)**

**କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ**

- ୧୦୦ରୁ ଊର୍ଦ୍ଧ୍ୱ ପୋକ୍ସୋ ମାମଲା ବିଚାରାଧୀନ ଥିବା ଜିଲାଗୁଡ଼ିକରେ ୬୦ ଦିନ ମଧ୍ୟରେ ପ୍ରତିଷ୍ଠା କର ସ୍ୱତନ୍ତ୍ର ଅଦାଲତ
- କୋର୍ଟ ସ୍ଥାପନ ଲାଗି ପାଣ୍ଠି ଯୋଗାଇବ କେନ୍ଦ୍ର

**୩୦** ଦିନ ମଧ୍ୟରେ ପ୍ରୋଗ୍ରେସ ରିପୋର୍ଟ

**୨୬** ସେପ୍ଟେମ୍ବରରେ ପରବର୍ତ୍ତୀ ଶୁଣାଣି

ଦେଶରେ ଶିଶୁଙ୍କ ପ୍ରତି ଯୌନ ନିର୍ଯାତନା ମାମଲା ବଢ଼ିବାରେ ଲାଗିଛି। ଏପରି କି କେତେକ ଜିଲାରେ ଏଭଳି ଶତାଧିକ ମାମଲା ଗଡୁଛି। ସୁପ୍ରିମକୋର୍ଟ ଏହାକୁ ଦୃଷ୍ଟିରେ ରଖି ଶିଶୁଙ୍କୁ ଯୌନ ନିର୍ଯାତନାରୁ ମୁକ୍ତ କରିବା ପାଇଁ ଉଦ୍ଦିଷ୍ଟ ପୋକ୍ସୋ ଆଇନ ଅଧୀନରେ ସମସ୍ତ ଜିଲାରେ ୬୦ ଦିନ ମଧ୍ୟରେ ସ୍ୱତନ୍ତ୍ର କୋର୍ଟ ପ୍ରତିଷ୍ଠା ପାଇଁ ଗୁରୁବାର କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଦୀପକ ଗୁପ୍ତା ଓ ଅନିରୁଦ୍ଧ ବୋଷଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ୧୦୦ରୁ ଊର୍ଦ୍ଧ୍ୱ ପୋକ୍ସୋ ମାମଲା ବିଚାରାଧୀନ ଥିବା ଜିଲାଗୁଡ଼ିକରେ ପୀଡ଼ିତ ଶିଶୁଙ୍କୁ ନ୍ୟାୟ ପ୍ରଦାନ ପାଇଁ ୨ ମାସ ମଧ୍ୟରେ କେନ୍ଦ୍ର ସରକାର ସ୍ୱତନ୍ତ୍ର କୋର୍ଟ ପ୍ରତିଷ୍ଠା କରିବେ। ଏହାସହ ଏପରି ମାମଲାଗୁଡ଼ିକର ପରିଚାଳନା ପାଇଁ ସରକାର ତାଲିମପ୍ରାପ୍ତ ତଥା ସମ୍ବେଦନଶୀଳ ଅଧିବକ୍ତା ଓ ସହାୟକଙ୍କୁ ନିଯୁକ୍ତ କରିବେ। କୋର୍ଟ ସ୍ଥାପନ ପାଇଁ ଆବଶ୍ୟକ ପାଣ୍ଠି କେନ୍ଦ୍ର ସରକାର ବହନ କରିବେ। ପୋକ୍ସୋ କୋର୍ଟ ପ୍ରତିଷ୍ଠା ଓ ସେଠାରେ ପ୍ରୋସିକ୍ୟୁଟର ନିଯୁକ୍ତି ସମ୍ପର୍କିତ ଯୋଜନା ନେଇ ସରକାର ୩୦ ଦିନ ମଧ୍ୟରେ ପ୍ରୋଗ୍ରେସ ରିପୋର୍ଟ ଦାଖଲ କରି ସୁପ୍ରିମକୋର୍ଟଙ୍କୁ ଅବଗତ କରିବେ। ସେହିପରି ଏପରି ମାମଲାର ଫରେନ୍‌ସିକ୍ ରିପୋର୍ଟ ଉଚିତ ସମୟରେ ଦାଖଲ ପାଇଁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକର ମୁଖ୍ୟ ଶାସନ ସଚିବମାନେ ନିଶ୍ଚିତ କରିବେ ବୋଲି ଶୀର୍ଷ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଶିଶୁ ବଳାତ୍କାର ଉପରେ ଦେଶବ୍ୟାପୀ ଅଧିକ ତଥ୍ୟ ସଂଗ୍ରହ ପୋକ୍ସୋ ଆଇନର କାର୍ଯ୍ୟକାରିତାକୁ ବିଳମ୍ବିତ କରିବ ବୋଲି ଖଣ୍ଡପୀଠ ଆଶଙ୍କା ବ୍ୟକ୍ତ କରିଛନ୍ତି। ପୋକ୍ସୋ ମାମଲାଗୁଡ଼ିକର ଦ୍ରୁତ ଫଇସଲା ପାଇଁ ପ୍ରତ୍ୟେକ ଜିଲାରେ ଫରେନ୍‌ସିକ୍ ଲାବରେଟୋରି ପ୍ରତିଷ୍ଠା ଲାଗି ଆମିକସ୍ କ୍ୟୁରି (ଆଇନ ମିତ୍ର) ଭି. ଗିରିଙ୍କ ପ୍ରସ୍ତାବକୁ ପରେ ବିଚାର କରାଯାଇପାରେ। ତେବେ ଏଭଳି ମାମଲାଗୁଡ଼ିକର ତୁରନ୍ତ ବିଚାର ଲାଗି ଉଚିତ ସମୟରେ ଫରେନ୍‌ସିକ୍ ରିପୋର୍ଟ ଦାଖଲ କରାଇବା ରାଜ୍ୟ ସରକାରଙ୍କ ଦାୟିତ୍ୱ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ଆସନ୍ତା ସେପ୍ଟେମ୍ବର ୨୬ରେ ଏହାର ପରବର୍ତ୍ତୀ ଶୁଣାଣି କରିବାକୁ ସର୍ବୋଚ୍ଚ ଅଦାଳତ ସ୍ଥିର କରିଛନ୍ତି।





NECC NATIONAL EGG CO-ORDINATION COMMITTEE 25.07.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 52 | 96 | 106 |
| CTC | 54 | 98 | 108 |
| DKL | 52 | 96 | 106 |
| BDK | 51 | 94 | 104 |
| BLS | 51 | 94 | 104 |
| ANG | 51 | 94 | 104 |
| BHM | 51 | 94 | 104 |

*Conditions Apply

Eggs Retail Price- 39/-Dozen
Issued in the Interest of Consumers



ଧରିତ୍ରୀ
DHARITRI
ଶୁକ୍ରବାର, ୨୬ ଜୁଲାଇ ,୨୦୧୯



ଭିଡ଼ହିଂସା ବିରୋଧରେ ସ୍ୱର ଉଠାଇବାରୁ ବେଙ୍ଗଲୀ ଅଭିନେତା କୌଶିକ୍ ସେନ୍‌ଙ୍କୁ ଫୋନ୍‌ରେ ହତ୍ୟା ଧମକ ଦିଆଯାଇଛି। ପ୍ରଧାନମନ୍ତ୍ରୀଙ୍କୁ ଭିଡ଼ହିଂସା ବିରୋଧରେ ଦିଆଯାଇଥିବା ଚିଠିରେ ସେନ୍‌ଙ୍କ ସମେତ ୪୯ ସେଲିବ୍ରିଟିଙ୍କ ଦସ୍ତଖତ ରହିଥିଲା। ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ବୁଧବାର ସେନ୍ ଅଜଣା ଫୋନରୁ ଏଭଳି ହତ୍ୟା ଧମକ ପାଇଥିବା ଅଭିଯୋଗ କରିଛନ୍ତି।



### କର୍ନାଟକରେ ଜାରି ହୋଇପାରେ ରାଷ୍ଟ୍ରପତି ଶାସନ

# ୩ ବିଦ୍ରୋହୀ ବିଧାୟକ ଅଯୋଗ୍ୟ

**ବେଙ୍ଗାଲୁରୁ/ନୂଆଦିଲ୍ଲୀ,୨୫।୭(ପି.ଟି.)**

କର୍ନାଟକରେ ଏଚ୍.ଡି. କୁମାରସ୍ୱାମୀଙ୍କ ନେତୃତ୍ୱାଧୀନ ୧୪ ମାସିଆ ମେଣ୍ଟ ସରକାର ଆସ୍ଥାଭୋଟରେ ପରାଜିତ ହେବାର ଦୁଇଦିନ ପରେ ବିଧାନସଭା ବାଚସ୍ପତି କେ.ଆର. ରମେଶ କୁମାର ୩ ବିଦ୍ରୋହୀ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା କରିଛନ୍ତି। ଅନ୍ୟ ୧୪ ବିଦ୍ରୋହୀ ବିଧାୟକମାନଙ୍କ ସମ୍ପର୍କରେ ମଧ୍ୟ ଖୁବ୍‌ଶୀଘ୍ର ନିଷ୍ପତ୍ତି ନେବେ ବୋଲି ଗୁରୁବାର ବାଚସ୍ପତି ସ୍ପଷ୍ଟ କରିଛନ୍ତି।

କଂଗ୍ରେସରୁ ଇସ୍ତଫା ଦେଇଥିବା ସ୍ୱାଧୀନ ବିଧାୟକ ଆର. ଶଙ୍କରଙ୍କୁ ପଞ୍ଚଦଶ ବିଧାନସଭା ଶେଷ ହେବା ପର୍ଯ୍ୟନ୍ତ ଅର୍ଥାତ ୨୦୨୩ ଯାଏ ବାଚସ୍ପତି ଅଯୋଗ୍ୟ ଘୋଷଣା କରିଛନ୍ତି। ସେହିପରି ଦଳବଦଳ ଆଇନର ଦଶମ ଅନୁଚ୍ଛେଦ ଅନୁସାରେ କଂଗ୍ରେସ ବିଧାୟକ ରମେଶ ଜାର୍କିହୋଲି ଓ ମହେଶ କୁମଥାଲ୍ଲୀଙ୍କୁ ମଧ୍ୟ ଅଯୋଗ୍ୟ ଘୋଷଣା କରାଯାଇଛି। ଏହି ବିଧାୟକମାନେ ବିଧାନସଭାକୁ ଆସିପାରିବେ ନାହିଁ କି ଗୃହର ଅବଧି ଶେଷ ହେବା ଯାଏ ନିର୍ବାଚନ ଲଢ଼ିପାରିବେ ନାହିଁ। କଂଗ୍ରେସ ଏବଂ ଜେଡିଏସ୍‌ର ଅବଶିଷ୍ଟ ୧୪ ବିଦ୍ରୋହୀ ବିଧାୟକମାନଙ୍କ ସମ୍ପର୍କରେ ଦିନେ ଦୁଇଦିନ ମଧ୍ୟରେ ନିଷ୍ପତ୍ତି ନେବେ ବୋଲି ବେଙ୍ଗାଲୁରୁରେ ଏକ ଖବରଦାତା ସମ୍ମିଳନୀରେ ବାଚସ୍ପତି କହିଛନ୍ତି। ଏହି କାର୍ଯ୍ୟାନୁଷ୍ଠାନକୁ କଂଗ୍ରେସ ପକ୍ଷରୁ ସ୍ୱାଗତ କରାଯାଇଛି। ପ୍ରକାଶ ଯେ, ଶାସକ ମେଣ୍ଟର ୧୫ ବିଦ୍ରୋହୀ ବିଧାୟକ ଇସ୍ତଫା ଦେବା ପରେ ୨ ସ୍ୱାଧୀନ ବିଧାୟକ ସରକାରଙ୍କଠାରୁ ସମର୍ଥନ ପ୍ରତ୍ୟାହାର କରିଥିଲେ। ଫଳରେ ୩ ସପ୍ତାହ ଧରି ସରକାର ବଞ୍ଚାଇବା ପାଇଁ କୁମାରସ୍ୱାମୀ ଉଦ୍ୟମ କରିଥିଲେ। ଶେଷରେ ମଙ୍ଗଳବାର ବିଧାନସଭାରେ ଆସ୍ଥାଭୋଟରେ କୁମାରସ୍ୱାମୀ ସରକାର ପରାଜିତ ହୋଇଥିଲେ।



ଆର୍.ଶଙ୍କର | ରମେଶ ଜାର୍କିହୋଲି | ମହେଶ କୁମଥାଲ୍ଲୀ

**ଅନ୍ୟ ୧୪ ବିଧାୟକଙ୍କ ସମ୍ପର୍କରେ ଖୁବ୍‌ଶୀଘ୍ର ନିଷ୍ପତ୍ତି ନେବେ ବାଚସ୍ପତି**

ସେପଟେ ପୁଣିଥରେ ମୁଖ୍ୟମନ୍ତ୍ରୀ ହେବା ପାଇଁ ପାଗ ଭିଡ଼ିଥିବା ଭାଜପା ନେତା ବି.ଏସ୍. ୟେଦୁରପ୍ପା କେନ୍ଦ୍ରୀୟ ନିର୍ଦ୍ଦେଶକୁ ଅପେକ୍ଷା କରି ବସିଛନ୍ତି। ଜଗଦୀଶ ଶେଟ୍ଟାର, ଅରବିନ୍ଦ ଲିମ୍ବାଭଲି ଓ ବାସବରାଜ ବୋମ୍ମାଇଙ୍କ ସମେତ କର୍ନାଟକ ଭାଜପାର କେତେଜଣ ନେତା ଗୁରୁବାର ଦଳର ଅଧ୍ୟକ୍ଷ ଅମିତ୍ ଶାହଙ୍କୁ ଭେଟି ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ଆଲୋଚନା କରିଛନ୍ତି। ଶାହ ଦିନେ ଦୁଇଦିନ ମଧ୍ୟରେ ନିଷ୍ପତ୍ତି ନେବେ ବୋଲି ଜଣାପଡ଼ିଛି। ୟେଦୁରପ୍ପାଙ୍କୁ ସରକାର ଗଠନ ପାଇଁ ରାଜ୍ୟପାଳଙ୍କ ନିକଟରେ ଦାବି ଜଣାଇବା ସକାଶେ ଶାହ ନିର୍ଦ୍ଦେଶ ନ ଦେଲେ କର୍ନାଟକରେ ରାଷ୍ଟ୍ରପତି ଶାସନ ଜାରି କରିବା ଲାଗି ରାଜ୍ୟପାଳ ସୁପାରିସ କରିପାରନ୍ତି ବୋଲି ଜଣାପଡ଼ିଛି।

# ମଧ୍ୟପ୍ରଦେଶରେ ଓଲଟା ଖେଳ

**ଭୋପାଳ,୨୫।୭**

ଭାଜପା କର୍ନାଟକରେ ଶାସକ ମେଣ୍ଟର ବିଦ୍ରୋହୀ ବିଧାୟକଙ୍କୁ ଧରି କଂଗ୍ରେସ-ଜେଡିଏସ୍ ମେଣ୍ଟ ସରକାରର ପତନ ଘଟାଇବାରେ ସଫଳ ହୋଇଥିବାବେଳେ ମଧ୍ୟପ୍ରଦେଶରେ ଏହାର ଓଲଟା ଖେଳ ଦେଖିବାକୁ ମିଳିଛି। ମୁଖ୍ୟମନ୍ତ୍ରୀ କମଳନାଥଙ୍କ ନେତୃତ୍ୱାଧୀନ କଂଗ୍ରେସ ସରକାରଙ୍କୁ ସଂଖ୍ୟାଲଘୁ ବୋଲି ଅଭିହିତ କରି ଚ୍ୟାଲେଞ୍ଜ ଦେଇଥିବା ବିରୋଧୀ ଭାଜପା ପାଇଁ ଏବେ ଅଡୁଆ ସୃଷ୍ଟି ହୋଇଛି। ଭାଜପା ବିଧାୟକ ଶରଦ କୋଲ୍(ବେଓହାରୀ) ଓ ନାରାୟଣ ତ୍ରିପାଠୀ (ମଇହାର) ବୁଧବାର ସରକାରଙ୍କ ପକ୍ଷରୁ ଆଗତ ଭିଡ଼ହିଂସା ନିରୋଧୀ ବିଲ୍ ସପକ୍ଷରେ କ୍ରସ୍‌ଭୋଟିଂ କରିଥିଲେ। ଏହି ଦୁଇ ବିଧାୟକ ଭାଜପା ବିରୋଧରେ ଖୋଲାଖୋଲି ବିଦ୍ରୋହ କରି କମଳନାଥଙ୍କୁ ପ୍ରଶଂସା କରିବା ସହ ସେମାନେ କଂଗ୍ରେସରେ ଯୋଗଦେବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। କେବଳ ଏହି ଦୁଇ ବିଧାୟକ ନୁହନ୍ତି, ବରଂ ଭାଜପାର ଆହୁରି ୪ ଜଣ ବିଧାୟକ ଦଳତ୍ୟାଗ କରି କଂଗ୍ରେସରେ ସାମିଲ ହେବା ପାଇଁ ଅଣ୍ଟା ଭିଡ଼ିଛନ୍ତି। ଏହି ଘଟଣାକ୍ରମ ହଠାତ୍ ଜାତୀୟ ରାଜନୀତିର ଉଷ୍ମତା ବୃଦ୍ଧି କରିଛି। ମଧ୍ୟପ୍ରଦେଶ ବିଧାନସଭାରେ ବୁଧବାର ଭିଡ଼ହିଂସା ନିବାରଣ ସଂଶୋଧନ ବିଲ୍, ୨୦୧୯ ଆଗତ କରାଯାଇଥିଲା। ଏହାକୁ ଗୃହୀତ କରାଇବାରେ ଭାଜପା ବିଧାୟକ ଶରଦ ଓ ନାରାୟଣଙ୍କ ଭୋଟ ସହାୟକ ହୋଇଥିଲା। ଭୋପାଳ ବିଧାୟକ ଆରିଫ୍ ମାସୁଦ୍ ଓ କଂଗ୍ରେସର ଅନ୍ୟ ଜଣେ ନେତା ପ୍ରବୀଣ ପାଠକ ବୁଧବାର ରାତିରେ ଦୁଇ ଭାଜପା ବିଧାୟକଙ୍କୁ ମୁଖ୍ୟମନ୍ତ୍ରୀ କମଳନାଥଙ୍କ ବାସଭବନକୁ ରାତ୍ରିଭୋଜନ ପାଇଁ ସୁରକ୍ଷା ଦେଇ ନେଇଥିଲେ। ଭାଜପା ଏହାକୁ ନେଇ ଛାନିଆ ହୋଇଯାଇଛି । ବିରୋଧୀ ଦଳ ନେତା ଗୋପାଳ ଭାର୍ଗବଙ୍କ ଚାମ୍ବର ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ଚୌହାନଙ୍କ ଘରେ ମାରାଥନ ବୁଧବାର ରାତିରୁ ଭାଜପାର ବୈଠକ ଚାଲିଛି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ଏନେଇ ଦଳର ରିପୋର୍ଟ ମାଗିଥିବାବେଳେ ରାଜ୍ୟ ସଭାପତି ରାକେଶ ସିଂ ପାର୍ଲାମେଣ୍ଟ ଅଧିବେଶନ ଛାଡ଼ି ଭୋପାଳ ଅଭିମୁଖେ ଯାତ୍ରା କରିଛନ୍ତି। ଏହି ପରିପ୍ରେକ୍ଷୀରେ ବହୁଚର୍ଚ୍ଚିତ 'କମ୍ପ୍ୟୁଟର ବାବା' ନାମରେ ପରିଚିତ ନାମଦେଓ ଦାସ ତ୍ୟାଗୀ କହିଛନ୍ତି, ଏହି ଦୁଇଜଣଙ୍କ ବାଦ୍ ଆହୁରି ୪ ଭାଜପା ବିଧାୟକ କଂଗ୍ରେସରେ ଯୋଗଦେବା ପାଇଁ ପ୍ରସ୍ତୁତ ହୋଇରହିଛନ୍ତି। ସେମାନେ ପୂର୍ବରୁ କଂଗ୍ରେସରେ ଥିବାରୁ ଏଇଟା ଘରବାହୁଡ଼ା। ମୁଖ୍ୟମନ୍ତ୍ରୀ ଯେତେବେଳେ ଚାହିଁବେ ସେମାନଙ୍କୁ ସମସ୍ତଙ୍କ ଆଗରେ ହାଜର କରାଯିବ। ସେହି ବିଧାୟକମାନଙ୍କୁ ସରକାରରେ ସାମିଲ କରାଯାଇପାରେ ବୋଲି କମ୍ପ୍ୟୁଟର ବାବା କହିଛନ୍ତି। ତେବେ ଅନ୍ୟ ୪ ଭାଜପା ବିଧାୟକଙ୍କ ନାମ ପ୍ରକାଶ କରିବାକୁ ସେ ମନାକରିଦେଇଛନ୍ତି। ଗତବର୍ଷ ଶିବରାଜ ସରକାର କମ୍ପ୍ୟୁଟର ବାବାଙ୍କୁ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ପ୍ରଦାନ କରିଥିଲେ। ଏହାର କିଛିମାସ ପରେ ବାବା ଇସ୍ତଫା ଦେଇଥିଲେ। ଗତ ନଭେମ୍ବରରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ବାବା ଭାଜପା ବିରୋଧରେ ପ୍ରଚାର କରିଥିଲେ। ୧୫ ବର୍ଷ ବ୍ୟବଧାନରେ କଂଗ୍ରେସ କ୍ଷମତାକୁ ଫେରିବା ପରେ ବାବାଙ୍କୁ କମଳନାଥ ସରକାରଙ୍କ ନଦୀ ସଂରକ୍ଷଣ ଟ୍ରଷ୍ଟ ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି।

ପ୍ରକାଶ ଯେ, ୨୩୦ ଆସନ ବିଶିଷ୍ଟ ମଧ୍ୟପ୍ରଦେଶ ବିଧାନସଭାରେ ସରକାର ଗଢ଼ିବା ପାଇଁ ଜାଦୁଇ ସଂଖ୍ୟା ହେଉଛି ୧୧୬। କଂଗ୍ରେସର ୧୧୪ ବିଧାୟକ ଥିବାବେଳେ ଏହାକୁ ୪ ସ୍ୱାଧୀନ ସଦସ୍ୟଙ୍କ ସମେତ ବହୁଜନ ସମାଜ ପାର୍ଟି (ବିଏସ୍‌ପି)ର ୨, ସମାଜବାଦୀ ପାର୍ଟି (ଏସ୍‌ପି)ର ଜଣେ ବିଧାୟକ ସମର୍ଥନ କରୁଛନ୍ତି। ଫଳରେ କମଳନାଥଙ୍କ ସପକ୍ଷରେ ୧୨୧ ବିଧାୟକଙ୍କ ସମର୍ଥନ ରହିଛି। ଅନ୍ୟପକ୍ଷରେ ଭାଜପାର ୧୦୯ ବିଧାୟକ ଜିତିଥିବାବେଳେ ସେମାନଙ୍କ ମଧ୍ୟରୁ ଜଣେ ଲୋକ ସଭାକୁ ନିର୍ବାଚିତ ହେବା ପରେ ଇସ୍ତଫା ଦେଇଛନ୍ତି।



କମ୍ପ୍ୟୁଟର ବାବା



କମଳନାଥ

- **କଂଗ୍ରେସକୁ ଫେରିବେ ୬ ଭାଜପା ବିଧାୟକ**
- **କମ୍ପ୍ୟୁଟର ବାବା କହିଲେ ଏଇଟା ଘରବାହୁଡ଼ା**

# ତିନି ତଲାକ୍ ବିଲ୍‌କୁ ଲୋକ ସଭାର ମଞ୍ଜୁରୀ



ଲୋକ ସଭାରେ ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦ।

**ନୂଆଦିଲ୍ଲୀ,୨୫।୭**

ତତ୍କାଳ ତିନି ତଲାକ୍‌କୁ ବେଆଇନ ଏବଂ ଦଣ୍ଡନୀୟ ଅପରାଧରେ ପରିଣତ କରିବା ଲାଗି ସରକାର ଆଣିଥିବା ବିଲ୍ ଗୁରୁବାର ଲୋକ ସଭାରେ ଗୃହୀତ ହୋଇଯାଇଛି। ବିଲ୍ ସପକ୍ଷରେ ୩୦୩ ଭୋଟ ପଡିଥିବାବେଳେ ବିପକ୍ଷରେ ୮୨ ଏମ୍‌ପି ଭୋଟ ଦେଇଥିଲେ। ବିରୋଧୀମାନେ ଆଣିଥିବା ଏକାଧିକ ସଂଶୋଧନ ପ୍ରସ୍ତାବ କାଟ୍ ଖାଇଯାଇଥିଲା। ତିନି ତଲାକ୍ ଦେଉଥିବା ସ୍ୱାମୀଙ୍କୁ ୩ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ଦେବାର ବ୍ୟବସ୍ଥା ବିଲ୍‌ରେ ରହିଛି। ଉକ୍ତ ପ୍ରସ୍ତାବ ସପକ୍ଷରେ ୩୦୨ ଭୋଟ ମିଳିଥିବାବେଳେ ବିରୋଧରେ ୭୮ ଭୋଟ ଯାଇଥିଲା। ବିଲ୍‌କୁ ବିରୋଧ କରି ଜେଡିୟୁ, ଟିଏମ୍‌ସି ଏବଂ କଂଗ୍ରେସ ଏମ୍‌ପିମାନେ କକ୍ଷତ୍ୟାଗ କରିଥିଲେ। ମୁସଲମାନ ମହିଳା (ବିବାହ ଅଧିକାର ସୁରକ୍ଷା)ବିଲ୍, ୨୦୧୯ ବା ତିନି ତଲାକ ବିଲ୍ ଏବେ ରାଜ୍ୟ ସଭାର ଅନୁମୋଦନ ପାଇଁ ପଠାଯିବ।

ଏବେ ଅଧ୍ୟାଦେଶ ମାଧ୍ୟମରେ ତିନି ତଲାକକୁ ନିଷିଦ୍ଧ କରାଯାଇଛି। ଆଇନ ମନ୍ତ୍ରୀ ରବିଶଙ୍କର ପ୍ରସାଦ ବିଲ୍ ଉପରେ ଆଲୋଚନା ଆରମ୍ଭ କରି ଏଭଳି ଆଇନ ଜରୁରୀ ବୋଲି କହିଥିଲେ। ସୁପ୍ରିମକୋର୍ଟ ତିନି ତଲାକକୁ ବେଆଇନ କହିବା ସହିତ ଏଥିପାଇଁ ଆଇନ ଆଣିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ୨୦୧୭ ଜାନୁୟାରୀରୁ ଇତିମଧ୍ୟରେ ୫୭୪ଟି ତିନି ତଲାକ ଘଟଣା ଘଟିଲାଣି। ଲିଙ୍ଗଗତ ସମାନତା ଏବଂ ନ୍ୟାୟ ପାଇଁ ଆଇନର ଆବଶ୍ୟକତା ରହିଛି, ଏହାକୁ ସଙ୍କୀର୍ଣ୍ଣ ଧର୍ମୀୟ ଦୃଷ୍ଟିକୋଣରେ ଦେଖାଯିବା ଉଚିତ ନୁହେଁ ବୋଲି ରବିଶଙ୍କର କହିଥିଲେ। ଆଇନର ସମ୍ଭାବ୍ୟ ଅପବ୍ୟବହାରକୁ ରୋକିବା ଲାଗି ବିଚାର ପୂର୍ବରୁ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନର ବ୍ୟବସ୍ଥା ନୂଆ ବିଲ୍‌ରେ ରହିଛି। ସ୍ତ୍ରୀଙ୍କ ଅଭିଯୋଗ ଶୁଣିବା ପରେ ମାଜିଷ୍ଟ୍ରେଟ ଜାମିନ ପ୍ରଦାନ କରିପାରିବେ।

ଦେଶର ମୁସଲମାନ ସମ୍ପ୍ରଦାୟକୁ ଟାର୍ଗେଟରେ ରଖି ସରକାର ବିଲ୍ ଆଣିଥିବା ଅଭିଯୋଗ କରି କଂଗ୍ରେସ ଏହାର ସମୀକ୍ଷା ପାଇଁ ଷ୍ଟାଣ୍ଡିଂ କମିଟିକୁ ପଠାଇବା ନିମନ୍ତେ ଦାବି କରିଥିଲା। ଏନ୍‌ଡିଏର ଅନ୍ୟତମ ସହଯୋଗୀ ଦଳ ଜେଡିୟୁ ବିଲ୍‌କୁ ବିରୋଧ କରି କକ୍ଷତ୍ୟାଗ କରିଥିଲା। ଏଭଳି ଆଇନ ସମାଜରେ ଅବିଶ୍ୱାସ ସୃଷ୍ଟି କରିବ। ତେଣୁ ତାଙ୍କ ଦଳ ତିନି ତଲାକ୍ ବିଲ୍‌କୁ ସମର୍ଥନ ଦେବ ନାହିଁ ବୋଲି ଜେଡିୟୁ ଏମ୍‌ପି ରାଜୀବ ରଞ୍ଜନ ସିଂ କହିଥିଲେ।

# ଆର୍‌ଟିଆଇ ବିଲ୍ ପାର୍ଲାମେଣ୍ଟରେ ଗୃହୀତ

**ନୂଆଦିଲ୍ଲୀ,୨୫।୭(ପି.ଟି.)**

ସୂଚନା ଅଧିକାର ଆଇନ (ସଂଶୋଧନ) ବିଲ୍ ପାର୍ଲାମେଣ୍ଟର ଅନୁମୋଦନ ଲାଭ କରିଛି। ୨୨ ତାରିଖରେ ବିଲ୍ ଲୋକ ସଭାରେ ଗୃହୀତ ହୋଇଥିବାବେଳେ ଗୁରୁବାର ରାଜ୍ୟ ସଭାରେ ପାରିତ ହୋଇଯାଇଛି। ଅଧିକ ଯାଞ୍ଚ ପାଇଁ ବିଲ୍‌କୁ ଗୃହ କମିଟିକୁ ପଠାଇବାକୁ ବିରୋଧୀ ଦଳ ଆଣିଥିବା ପ୍ରସ୍ତାବ କାଟ୍ ଖାଇଯାଇଥିଲା। ପ୍ରସ୍ତାବ ବିରୋଧରେ ୧୧୭ ଭୋଟ ପଡ଼ିଥିବାବେଳେ ସପକ୍ଷରେ ୭୫ ଭୋଟ ଯାଇଥିଲା। ଗୁରୁବାର ଘଟଣାରୁ ରାଜ୍ୟ ସଭାରେ ବିରୋଧୀ ଦଳର କ୍ଷମତା ହ୍ରାସ ପାଇଥିବା ସ୍ପଷ୍ଟ ହୋଇଯାଇଛି। ଯାହା ଫଳରେ ସଂଖ୍ୟାଗରିଷ୍ଠତା ନ ଥାଇ ସରକାର ବିଭିନ୍ନ ବିଲ୍‌କୁ ଗୃହୀତ କରାଇ ନେଉଛନ୍ତି।

ସଂଶୋଧିତ ବିଲ୍ ଅନୁଯାୟୀ ସୂଚନା କମିଶନରମାନଙ୍କ କାର୍ଯ୍ୟକାଳ, ବେତନ ଓ ଅନ୍ୟାନ୍ୟ ସର୍ତ୍ତାବଳୀ ସରକାର ଧାର୍ଯ୍ୟ କରିବେ। ବର୍ତ୍ତମାନର ଆଇନରେ ସୂଚନା କମିଶନରଙ୍କ କାର୍ଯ୍ୟକାଳ ୫ ବର୍ଷ ରହିଥିବାବେଳେ ସଂଶୋଧିତ ବିଲ୍‌ରେ ଏହାକୁ ୩ ବର୍ଷ ହ୍ରାସ କରାଯିବା ପ୍ରସ୍ତାବ ରହିଛି। ବିଲ୍‌କୁ କଂଗ୍ରେସ, ବାମଦଳ ଏବଂ ତୃଣମୂଳ କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଥିଲା।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିମୁଦ୍ରୀକରଣର ପର୍ଦ୍ଦାଫାଶ୍ ଏବଂ ଶିକ୍ଷାଗତ ଯୋଗ୍ୟତା ଜଣାପଡିଯିବା ପରେ ପ୍ରତିଶୋଧ ନେବା ପାଇଁ ସରକାର ଆର୍‌ଟିଆଇ ଆଇନରେ ସଂଶୋଧନ ଆଣୁଛନ୍ତି ବୋଲି କଂଗ୍ରେସ ନେତା ଜୟରାମ ରମେଶ ଅଭିଯୋଗ କରିଛନ୍ତି। ଏହା ବ୍ୟତୀତ ଜାଲ୍ ରାଶନ୍ କାର୍ଡର ପ୍ରକୃତ ସଂଖ୍ୟା ଧରାପଡିଯିବା ଏବଂ ବିଦେଶରୁ ଅଣାଯାଇଥିବା କଳାଧନ ପରିମାଣର ଖୁଲାସା ଓ ଖିଲାପୀଙ୍କ ତାଲିକା ଦାଖଲ ପାଇଁ କେନ୍ଦ୍ରୀୟ ସୂଚନା କମିଶନର (ସିଆଇସି) ନିର୍ଦ୍ଦେଶ ଦେବା ପରେ ସରକାର ପ୍ରତିଶୋଧପରାୟଣ ହୋଇପଡିଛନ୍ତି। ସିଆଇସିକୁ କ୍ଷମତାହୀନ କରିଦେବା ବିଲ୍‌ର ପ୍ରକୃତ ଉଦ୍ଦେଶ୍ୟ ବୋଲି ରମେଶ ରାଜ୍ୟ ସଭାରେ କହିଥିଲେ।

ବିଲ୍ ଉପରେ ଆଲୋଚନା ଚାଲିଥିବାବେଳେ ଭାଜପା ଅଣ ଏନ୍‌ଡିଏ ଦଳ ଯଥା ୱାଇଏସ୍ଆର କଂଗ୍ରେସ, ଟିଆର୍‌ଏସ୍, ବିଜେଡିର ସମର୍ଥନ ହାସଲ କରିବାରେ ସକ୍ଷମ ହୋଇଥିଲା। ବିଲ୍‌କୁ ନେଇ ବିଜେଡିର କେତେକ ଭିନ୍ନମତ ରହିଛି, ସରକାରଙ୍କ ପାଖରୁ ଦୃଢ଼ ପ୍ରତିଶ୍ରୁତି ପାଇବା ପରେ ଦଳ ଏହା ସମର୍ଥନକୁ ନେଇ ବିଚାର କରିବ ବୋଲି ବିଜେଡି ଏମ୍‌ପି ସସ୍ମିତ ପାତ୍ର ସ୍ପଷ୍ଟ କରିଦେଇଥିଲେ। ସଂଶୋଧନ ବିଲ୍‌ରେ କୌଣସି ଭୁଲ୍ ନାହିଁ। ୱାଇଏସ୍ଆର୍ କଂଗ୍ରେସ ଏହାକୁ ସମର୍ଥନ ଦେବ ବୋଲି ଏହାର ସଦସ୍ୟ ଭି. ବିଜୟସାଇ ରେଡ୍ଡୀ କହିଥିଲେ। ସେହିପରି ଟିଆର୍‌ଏସ୍‌ର କେ. କେଶବ ରାଓ ବିଲ୍‌କୁ ସମର୍ଥନ ଜଣାଇଥିଲେ।



# ବଜେଟ ଅଧିବେଶନ ଅଗଷ୍ଟ ୭ ପର୍ଯ୍ୟନ୍ତ ବଢ଼ିଲା

**ନୂଆଦିଲ୍ଲୀ,୨୫।୭(ଆଇଏଏନ୍‌ଏସ୍)**

ପାର୍ଲାମେଣ୍ଟ ଅଧିବେଶନ ଅଗଷ୍ଟ ୭ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସରକାରଙ୍କ ଅନୁରୋଧ କ୍ରମେ ଲୋକ ସଭା ଅଧିବେଶନ ଅଗଷ୍ଟ ୭ ପର୍ଯ୍ୟନ୍ତ ବୃଦ୍ଧି କରାଗଲା ବୋଲି ବାଚସ୍ପତି ଓମ୍ ବିର୍ଲା ଘୋଷଣା କରିଥିଲେ। ୨୦ରୁ ଊର୍ଦ୍ଧ୍ୱ ବିଲ୍ ଆଲୋଚନା ଅପେକ୍ଷାରେ ରହିଥିବାରୁ ଅଧିବେଶନ ସମୟସୀମା ବଢ଼ାଇବାକୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ। ୨୩ ତାରିଖରେ ଅନୁଷ୍ଠିତ ଭାଜପା ସଂସଦୀୟ ଦଳ ବୈଠକରେ ଅଧିବେଶନ ସମୟସୀମା ବୃଦ୍ଧି ନିଷ୍ପତ୍ତି ନିଆଯାଇଥିଲା। ଏ ସମ୍ପର୍କରେ ବୁଧବାର ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା। ସୂଚନାଯୋଗ୍ୟ, ଜୁନ୍ ୧୭ରୁ ଆରମ୍ଭ ହୋଇଥିବା ପାର୍ଲାମେଣ୍ଟ ଅଧିବେଶନ ଜୁଲାଇ ୨୬ରେ ଶେଷ ହେବାର ଥିଲା।

# ଆଜମ ଖାନ୍‌ଙ୍କ ମନ୍ତବ୍ୟକୁ ନେଇ ଝଡ଼

**ନୂଆଦିଲ୍ଲୀ,୨୫।୭**

ଭାଜପା ଏମ୍‌ପି ରମା ଦେବୀଙ୍କ ପ୍ରତି ସମାଜବାଦୀ ପାର୍ଟି ନେତା ଆଜମ ଖାନ୍‌ଙ୍କ ଆପତ୍ତିଜନକ ମନ୍ତବ୍ୟକୁ ନେଇ ଗୁରୁବାର ଲୋକ ସଭାରେ ପ୍ରବଳ ହଙ୍ଗାମା ହୋଇଥିଲା। ବାଚସ୍ପତି ଓମ୍ ବିର୍ଲାଙ୍କ ଅନୁପସ୍ଥିତିରେ ରମା ଦେବୀ ଗୃହକାର୍ଯ୍ୟ ପରିଚାଳନା କରୁଥିଲେ। ଏହି ସମୟରେ ଆଜମ ତିନି ତଲାକ୍ ବିଲ୍ ଉପରେ ବିତର୍କରେ ଭାଗନେଇ କହୁଥିବାବେଳେ ଅନ୍ୟ ସଦସ୍ୟମାନଙ୍କ ବିରୋଧକୁ ଅଣଦେଖା କରି ଗୃହ ଅଧ୍ୟକ୍ଷଙ୍କୁ ସମ୍ବୋଧନ କରିବାକୁ ରମା ଦେବୀ କହିଥିଲେ। ଏହି ସମୟରେ ଆଜମ୍ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ, ଯାହାକୁ ନେଇ ଗୃହରେ ଝଡ଼ ସୃଷ୍ଟି ହୋଇଥିଲା। ସମାଜବାଦୀ ପାର୍ଟି ନେତା କ୍ଷମା ମାଗନ୍ତୁ ବୋଲି ଭାଜପା ସଦସ୍ୟମାନେ ଦାବି କରିଥିଲେ। ଗୃହରେ ଅଧ୍ୟକ୍ଷତା କରୁଥିବା ଭାଜପା ସଦସ୍ୟ ଆଜମଙ୍କ ମନ୍ତବ୍ୟର ପ୍ରତିବାଦ କରିବା ସହ ଏହା କହିବାର ତରିକା ନୁହେଁ ବୋଲି କହିଥିଲେ। ଏହାକୁ ବିବୃତିରୁ ବାଦ୍ ଦେବାକୁ ସେ ଆଜମ୍‌ଙ୍କୁ ଅନୁରୋଧ କରିଥିଲେ। ଗୃହର ଉତ୍ତେଜନାକୁ ଅନୁଭବ କରି ଆଜମ ନରମି ଯାଇ ରମା ଦେବୀ ତାଙ୍କ ଭଉଣୀ ଭଳି ଓ ସେ ତାଙ୍କୁ ଯଥେଷ୍ଟ ସମ୍ମାନ କରିନ୍ତି ବୋଲି କହିଥିଲେ।



### ରାଜୀବ ହତ୍ୟା ମାମଲା

# ମାସେ ପାରୋଲରେ ଗଲେ ନଳିନୀ

**ଭେଲୋର,୨୫।୭(ପି.ଟି.):** ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ହତ୍ୟା ମାମଲାର ଅନ୍ୟତମ ଅପରାଧୀ ନଳିନୀ ଶ୍ରୀହରନ ଝିଅ ବାହାଘର ପାଇଁ ଗୁରୁବାର ମାସେ ପାରୋଲରେ ଯାଇଛନ୍ତି। ୧୯୯୧ରୁ ଜେଲ୍‌ରେ ଥିବା ନଳିନୀ ପ୍ରଥମ ଥର ଲାଗି ୩୦ ଦିନ ପାରୋଲରେ ବାହାରିବାର ସୁଯୋଗ ପାଇଛନ୍ତି। ପୂର୍ବରୁ ଥରେ ସେ ଅଳ୍ପଦିନ ପାରୋଲରେ ଯାଇଥିଲେ।

ପାରୋଲରେ ଥିବା ସମୟରେ ସେ ଗଣମାଧ୍ୟମ, ରାଜନୈତିକ ଦଳ କିମ୍ବା ବ୍ୟକ୍ତିବିଶେଷଙ୍କୁ ବିବୃତି ଦେଇପାରିବେ ନାହିଁ। ପାରୋଲ ସମୟରେ ନଳିନୀ ଭେଲୋରରେ କର୍ତ୍ତୃପକ୍ଷଙ୍କୁ ଜଣାଇଥିବା ସ୍ଥାନରେ ରହିବେ ଏବଂ ଥାନାରେ ହାଜର ହୋଇ ରେଜିଷ୍ଟରରେ ସ୍ୱାକ୍ଷର କରିବେ। ଗତ ମାସରେ ମାଡ୍ରାସ ହାଇକୋର୍ଟ ତାଙ୍କ ପାରୋଲକୁ ମଞ୍ଜୁର କରିଥିଲେ। ସ୍ୱତନ୍ତ୍ର ମହିଳା କାରାଗାରରେ ରହୁଥିବା ନଳିନୀ ଝିଅ ବାହାଘର ଲାଗି ୬ ମାସ ପାରୋଲରେ ଯିବା ପାଇଁ ଆବେଦନ କରିଥିଲେ।



### ଇତିହାସର ଆଇନାରେ

**ଜୁଲାଇ ୨୬ର ପ୍ରମୁଖ ଘଟଣା**

୧୯୯୩ ଜୁଲାଇ ୨୬ରେ ଏସିଆନା ଏୟାରଲାଇନ୍ସ ଫ୍ଲାଇଟ୍ ୭୩୩ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୬୮ ବିମାନଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଏହି ଘରୋଇ ଯାତ୍ରୀବାହୀ ବିମାନଟି ସିଓଲ-ଗିମ୍ପୋ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଦକ୍ଷିଣ କୋରିଆର ମୋକ୍‌ପୋ ଏୟାରପୋର୍ଟକୁ ଯାତ୍ରା କରୁଥିଲା।

୨୦୦୮ ଜୁଲାଇ ୨୬ରେ ଅହମଦାବାଦ ବୋମା ବିସ୍ଫୋରଣରେ ୫୬ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୨୦୦ ଲୋକ ଆହତ ହୋଇଥିଲେ। ୭୦ ମିନିଟ ମଧ୍ୟରେ ଅହମଦାବାଦରେ କ୍ରମାଗତ ୨୧ଥର ବୋମା ବିସ୍ଫୋରଣ ହୋଇଥିଲା। ଅହମଦାବାଦ ହେଉଛି ଗୁଜରାଟର ସାଂସ୍କୃତିକ ଓ ବ୍ୟବସାୟିକ ନଗରୀ ତଥା ପଶ୍ଚିମ ଭାରତର ଏକ ପ୍ରମୁଖ ସ୍ଥାନ।

# ବୋରିସ୍‌ଙ୍କ କ୍ୟାବିନେଟ୍‌ରେ ୩ ଭାରତୀୟ ବଂଶୋଦ୍ଭବ



ଋଷି ସୌନକ | ଆଲୋକ ଶର୍ମା | ପ୍ରୀତି ପଟେଲ

**ଲଣ୍ଡନ,୨୫।୭(ପି.ଟି.)**

ବ୍ରିଟେନ୍‌ର ନୂଆ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍ ୩ ଜଣ ଭାରତୀୟ ବଂଶୋଦ୍ଭବଙ୍କୁ ନିଜ ମନ୍ତ୍ରିମଣ୍ଡଳରେ ସାମିଲ କରିଛନ୍ତି। ରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କ ଦ୍ୱାରା ବୋରିସ୍ ବ୍ରିଟେନ୍‌ର ନୂଆ ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତି ପାଇବାର କିଛି ଘଣ୍ଟା ପରେ ସେ ପ୍ରୀତି ପଟେଲ୍‌ଙ୍କୁ ସ୍ୱରାଷ୍ଟ୍ର ସଚିବ, ଆଲୋକ ଶର୍ମାଙ୍କୁ ଅନ୍ତର୍ଜାତୀୟ ଉନ୍ନୟନ ସଚିବ ଏବଂ ଋଷି ସୌନକଙ୍କୁ ଟ୍ରେଜେରି ମୁଖ୍ୟ ସଚିବ ଭାବେ ନିଯୁକ୍ତି ଦେଇଛନ୍ତି। ସେମାନେ ଗୁରୁବାର ପୂର୍ବାହ୍ନରେ ୧୦ ଡାଉନିଂ ଷ୍ଟ୍ରିଟ୍‌ରେ କ୍ୟାବିନେଟ୍ ବୈଠକରେ ଯୋଗ ଦେଇଥିଲେ।

ବୋରିସ୍ ବୁଧବାର ତାଙ୍କର ପ୍ରଥମ ବକ୍ତୃତାରେ କହିଥିଲେ, 'ଆମେ ଆମ ଗଣତନ୍ତ୍ରରେ ବିଶ୍ୱାସ ପୁନଃ ସ୍ଥାପନ କରିବା ଏବଂ ଜନସାଧାରଣଙ୍କୁ ଦିଆଯାଉଥିବା ପ୍ରତିଶ୍ରୁତି ପାଳନ କରିବା। ଏଥିସହିତ ଦୋଦୋପାଞ୍ଚ ନ ହୋଇ ଅକ୍ଟୋବର ୩୧ରେ ୟୁରୋପୀୟ ୟୁନିୟନ୍‌ରୁ ଓହରି ଆସିବାକୁ ପଡ଼ିବ।' ବୋରିସ୍‌ଙ୍କ ଅନୁଗତ ତଥା ବ୍ରେକ୍‌ଜିଟ୍ ସପକ୍ଷବାଦୀ ପ୍ରଚାରକ ପଟେଲ ବର୍ତ୍ତମାନ ବ୍ରିଟେନ୍‌ର ନିରାପତ୍ତା, ଆପ୍ରବାସନ ଏବଂ ଭିଜା ପଲିସି ଦାୟିତ୍ୱରେ ରହିବେ।

# ଏନ୍‌କାଉଣ୍ଟରରେ ୩ ମାଓବାଦୀ ନିହତ

**ପାଟ୍‌ନା,୨୫।୭(ପି.ଟି.)**

ବିହାରର ଗୟା ଜିଲାରେ ସୁରକ୍ଷା କର୍ମୀଙ୍କ ଏନ୍‌କାଉଣ୍ଟରରେ ୩ ମାଓବାଦୀ ନିହତ ହୋଇଛନ୍ତି। ଗୁରୁବାର ମଧ୍ୟାହ୍ନରେ ସିଆର୍‌ପିଏଫ୍‌ର କୋବ୍ରା ବାହିନୀ ଓ ଜିଲା ପୋଲିସର ମିଳିତ ଅପରେଶନ ଚକରାବନ୍ଧ ଅଞ୍ଚଳରେ କରାଯାଇଥିଲା। ନିକଟସ୍ଥ ଜଙ୍ଗଲାଞ୍ଚଳରେ ଲୁଚିଥିବା ମାଓବାଦୀଙ୍କୁ ଟାର୍ଗେଟ କରି ଅପରେଶନ ଆରମ୍ଭ କରାଯାଇଥିଲା। ମାଓବାଦୀଙ୍କ ପଟୁ ପ୍ରଥମେ ଗୁଳିମାଡ଼ କରାଯିବା ପରେ ସୁରକ୍ଷା ବାହିନୀ ପକ୍ଷରୁ ଏହାର ଜବାବ୍ ଦିଆଯାଇଥିଲା। ଘଟଣାସ୍ଥଳରୁ ନିହତ ୩ ମାଓବାଦୀଙ୍କ ଶବ ଉଦ୍ଧାର କରାଯାଇଥିବା ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ। ସେଠାରୁ ଏକେ- ୪୭ ସହ ୭ଟି ବନ୍ଧୁକ, ୩ ଇନ୍‌ସାସ୍ ରାଇଫଲ୍‌ସ, କେତେକ ଆଇଇଡି ପ୍ରଭୃତି ଉଦ୍ଧାର କରାଯାଇଥିବା ଜଣାପଡ଼ିଛି।

# 'କିକ୍ ୨'ରେ ପୁଣି ସଲମାନ୍

**ମୁମ୍ବାଇ**



ସୁପରଷ୍ଟାର ସଲମାନ୍ ଖାନ୍ 'କିକ୍ ୨'ରେ ପୁଣି ଅଭିନୟ କରିବାକୁ ଯାଉଥିବାବେଳେ ଏହା ଆସନ୍ତା ବର୍ଷ ରିଲିଜ୍ ହେବା ଆଶା କରାଯାଉଛି। ୨୦୧୪ ଇଦ୍ ବେଳେ 'କିକ୍' ରିଲିଜ ହୋଇଥିଲା ଏବଂ ଫିଲ୍ମ ନିର୍ମାତା ସାଜିଦ୍ ନାଡିଆଡ୍‌ୱାଲା ଉକ୍ତ ଫିଲ୍ମର ଦ୍ୱିତୀୟ ଭାଗ ନିର୍ମାଣ ହେବାକୁ ଯାଉଥିବା ବିଷୟ ଶେୟାର କରିଛନ୍ତି। କିକ୍ ୫ବର୍ଷ ତଳେ ରିଲିଜ ହୋଇଥିଲା। ତେବେ ଏହାର ଦ୍ୱିତୀୟ ଭାଗ ନିର୍ମାଣ ପାଇଁ କାହାଣୀ ଲେଖା ଚାଲୁରହିଛି ବୋଲି ନାଡିଆଡ୍‌ୱାଲା ପ୍ରକାଶ କରିଛନ୍ତି। ଏଥିରେ ଡେଭିଲ (ଦେବୀ ଲାଲ୍ ସିଂ) ଭୂମିକାରେ ଅଭିନୟ କରିଥିବା ସଲମାନ୍ ପୁଣି ଦ୍ୱିତୀୟ ଭାଗକୁ ଫେରୁଛନ୍ତି। କିକ୍‌ର ପ୍ରଥମ ଭାଗରେ ଜାକ୍‌ଲିନ୍ ଫର୍ନାଣ୍ଡିଜ୍, ରଣଦୀପ ହୁଡା ଏବଂ ନୱାଜିଦ୍ଦିନ ସିଦ୍ଦିକ୍ ଅଭିନୟ କରିଛନ୍ତି। କିକ୍‌ର ଦ୍ୱିତୀୟ ଭାଗର କାହାଣୀ ଖୁବ୍ ଆକର୍ଷଣୀୟ କରିବାକୁ ଚାହୁଁଥିବାରୁ ସାଜିଦ ଏବଂ ତାଙ୍କ ରାଇଟିଂ ଟିମ୍ ଧୀରେସୁସ୍ଥେ କାହାଣୀ ଲେଖୁଥିବା ତାଙ୍କ ନିକଟତମ ସୂତ୍ରରୁ ଜାଣିବାକୁ ମିଳିଛି। ବର୍ତ୍ତମାନ ଫିଲ୍ମ ନିର୍ମାତା ଚଳଚ୍ଚିତ୍ରର କାହାଣୀ ଉପରେ ନିର୍ଭର କରୁଛନ୍ତି। ଏହା ଯେତେଶୀଘ୍ର ଶେଷ ହେବ କଳାକାର ଟିମ୍ ସେତେ ଶୀଘ୍ର ଶୁଟିଂସେଟ୍‌କୁ ଯିବେ। କାହାଣୀକୁ ଭିତ୍ତିକରି ଶୁଟିଂସ୍ଥଳ ସ୍ଥିର କରାଯିବ। କିକ୍‌ର ପ୍ରଥମ ଭାଗ ଭଳି ଦ୍ୱିତୀୟ ଭାଗର ଶୁଟିଂ ମଧ୍ୟ ଦେଶ ଓ ଦେଶ ବାହାରେ ହେବ। ସଲମାନ୍‌ଙ୍କ ବ୍ୟତୀତ ଅନ୍ୟ କଳାକାରମାନଙ୍କୁ ଖୁବ୍‌ଶୀଘ୍ର ଚୟନ କରାଯିବ।



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ



## ଆଜି କ'ଣ କେଉଁଠି

**ବଲାଙ୍ଗୀର**
- କାରଗିଲ ବିଜୟ ଦିବସ ପାଳନ, ସାମ୍ବାଦିକ ଭବନ, ସନ୍ଧ୍ୟା ସାଢ଼େ ୬ଟା।
- ସିଏନସି କଲେଜର ଗ୍ରାଜୁଏଶନ ଉତ୍ସବ, ସିଏନସି କଲେଜ ପରିସର, ସନ୍ଧ୍ୟା ୬ଟା।

**କର୍ଲାମୁଣ୍ଡା**
- ଭୀମଭୋଇ ସାର୍ମଥ୍ୟ ଶିବିର, କର୍ଲାମୁଣ୍ଡା ପଞ୍ଚାୟତ ସମିତି, ପୂର୍ବାହ୍ନ ୧୦ଟା ।

**ନୂଆପଡା**
- ଜିଲା ଆଇନ ସେବା ପ୍ରାଧିକାରଣ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ, ନ୍ୟାଶନାଲ କଲେଜ ପରିସର, ପୂର୍ବାହ୍ନ ୧୦ଟା।
- ସୁପରଭାଇଜରଙ୍କ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ଜିଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହ, ପୂର୍ବାହ୍ନ ୧୧ଟା।
- ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ, ସଦ୍‌ଭାବନା ସଭାଗୃହ, ଅପରାହ୍ନ ୩.୩୦।

**ସମ୍ବଲପୁର**
- ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ, ଆମସଢ଼ା କଟାପାଲି ବରହାକୁନୀ, ସକାଳ ୯ଟା।
- ଏଲ୍‌ଆଇସି ଜୋନାଲ ବ୍ୟାଡମିଣ୍ଟନ ଓ ଟେବୁଲ ଟେନିସ ଟୁର୍ନାମେଣ୍ଟ ଉଦ୍‌ଯାପନୀ ଉତ୍ସବ, ଭିଏସ୍‌ଏସ୍ ଇନ୍‌ଡୋର ହଲ, ସକାଳ ସାଢେ ୯ଟା।
- ମାନଧାତା ବାବା ଉଚ୍ଚତର ମାଧ୍ୟମିକ ସ୍କୁଲର ବାର୍ଷିକ ଉତ୍ସବ,କଲେଜ ପରିସର, ସକାଳ ୯ଟା।
- କାରଗିଲ ବିଜୟ ଦିବସ ସମାରୋହ, ତପସ୍ୱିନୀ ପ୍ରେକ୍ଷାଳୟ, ସନ୍ଧ୍ୟା ୬ଟା।




## ସ୍ୱତନ୍ତ୍ର ଓଜେଇଇ ପରୀକ୍ଷାଫଳ ପ୍ରକାଶ
# ରବୀନ୍ଦ୍ର କୁମାର ବେହେରା ବି.ଟେକ୍ ଟପ୍ପର

ଭୁବନେଶ୍ୱର,୨୫ ।୭(ବ୍ୟୁରୋ)

ସ୍ୱତନ୍ତ୍ର ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ) ବା ସ୍ପେଶାଲ ଓଜେଇଇ ୨୦୧୯ ପରୀକ୍ଷା ଜୁଲାଇ ୨୧ରେ ଅନୁଷ୍ଠିତ ହୋଇଥିଲା। ଏହି ପରୀକ୍ଷାଫଳ ଗୁରୁବାର ପ୍ରକାଶ ପାଇଛି। ବି.ଟେକ୍ ସହ ଲାଟେରାଲ ଏଣ୍ଟ୍ରି ବି.ଟେକ୍(ଡିପ୍ଲୋମା), ଲାଟେରାଲ୍ ଏଣ୍ଟ୍ରି ବି.ଟେକ୍(ବିଏସ୍‌ସି), ଏମ୍‌ବିଏ, ଏମ୍‌ସିଏ, ଲାଟେରାଲ୍ ଏଣ୍ଟ୍ରି ଏମ୍‌ସିଏ, ବି ଫାର୍ମା ଓ ଏମ୍ ଫାର୍ମା ପାଠ୍ୟକ୍ରମରେ ନାମଲେଖା ନିମନ୍ତେ ଅନୁଷ୍ଠିତ ଏହି ପରୀକ୍ଷା ପାଇଁ ମୋଟ ୧୭,୭୧୫ ଜଣ ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୪,୬୨୭ ଜଣ ପରୀକ୍ଷା ଦେଇଥିବା ବେଳେ ୧୪,୬୨୨ ଜଣ ର୍‍ୟାଙ୍କ୍ ହାସଲ କରିଛନ୍ତି। ବି.ଟେକ୍‌ରେ ୪ ଜଣ ଛାତ୍ରୀଛାତ୍ରଙ୍କୁ ର୍‍ୟାଙ୍କ୍ ପ୍ରଦାନ କରାଯାଇ ନ ଥିବା ବେଳେ ଏମ୍‌ବିଏର ଜଣଙ୍କୁ କୌଣସି ର୍‍ୟାଙ୍କ୍ ମିଳି ନ ଥିବା ଓଜେଇଇ ପକ୍ଷରୁ ସୂଚନା ମିଳିଛି।

ବି.ଟେକ୍‌ରେ ମୋଟ ୬୧୭୦ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ୬୧୬୬ ଜଣଙ୍କୁ ର୍‍ୟାଙ୍କକାର୍ଡ ମିଳିଛି। ଏଥିରେ ରବୀନ୍ଦ୍ର କୁମାର ବେହେରା ସର୍ବାଧିକ ମାର୍କ ରଖିବା ସହ ଶୀର୍ଷ ସ୍ଥାନରେ ରହିଛନ୍ତି। ସେହିଭଳି ଲାଟେରାଲ ଏଣ୍ଟ୍ରି ବି.ଟେକ୍(ଡିପ୍ଲୋମା)ରେ ରଞ୍ଜନ କୁମାର ପ୍ରଧାନ ଟପ୍ପର ହୋଇଛନ୍ତି। ଏଥିରେ ପରୀକ୍ଷା ଦେଇଥିବା ମୋଟ ୩୬୫୩ ଜଣଙ୍କ ମଧ୍ୟରୁ ସମସ୍ତ ଛାତ୍ରୀଛାତ୍ର ର୍‍ୟାଙ୍କ୍ ହାସଲ କରିଛନ୍ତି। ଲାଟେରାଲ୍ ଏଣ୍ଟ୍ରି ବି.ଟେକ୍ (ବିଏସ୍‌ସି)ରେ ସମସ୍ତ ୧୦୮ ପରୀକ୍ଷାର୍ଥୀଙ୍କୁ ର୍‍ୟାଙ୍କ ମିଳିଥିବା ବେଳେ ସନ୍ତୋଷ ପ୍ରଧାନ ଶୀର୍ଷରେ ରହିଛନ୍ତି। ଏମ୍‌ବିଏରେ ପରୀକ୍ଷା ଦେଇଥିବା ମୋଟ ୨୯୦୪ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୯୦୩ ଜଣଙ୍କୁ ର୍‍ୟାଙ୍କ୍ ମିଳିଥିବା ବେଳେ ଚନ୍ଦନ କୁମାର ପାତ୍ର ର୍‍ୟାଙ୍କ୍ ୧ ହାସଲ କରିଛନ୍ତି। ଏମ୍‌ସିଏରେ ଅନିଷ ଅଗ୍ରୱାଲ ଟପ୍ପର ହୋଇଥିବା ବେଳେ ଲାଟେରାଲ୍ ଏଣ୍ଟ୍ରି ଏମ୍‌ସିଏରେ ନିଶା କୁମାରୀ, ବି ଫାର୍ମାରେ ପ୍ରଦୀପ କୁମାର ସାହୁ ଓ ଏମ୍ ଫାର୍ମାରେ ବିଶାଲ ସିଂ ଟପ୍ପର ହୋଇଛନ୍ତି। ଏହି ସ୍ପେଶାଲ ଓଜେଇଇ ୨୦ଟି ସହରର ମୋଟ ୩୧ଟି ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା। ଜୁଲାଇ ୨୫ରୁ ୨୭ ମଧ୍ୟରେ ଛାତ୍ରୀଛାତ୍ର ର୍‍ୟାଙ୍କ୍‌କାର୍ଡ ଡାଉନ୍‌ଲୋଡ୍ କରିବା ସହ ଅନ୍‌ଲାଇନ୍ ଚଏସ୍ ଫିଲିଂ କରିପାରିବେ। ଜୁଲାଇ ୩୦ ସୁଦ୍ଧା ପ୍ରଥମ ପର୍ଯ୍ୟାୟ ସିଟ୍ ଆଲଟ୍‌ମେଣ୍ଟ ହେବାକୁ ଥିବା ବେଳେ ଅଗଷ୍ଟ ୧ ଓ ୨ରେ ନୋଡାଲ ସେଣ୍ଟରରେ ଡକ୍ୟୁମେଣ୍ଟ ଯାଞ୍ଚ ହେବ। ଅଗଷ୍ଟ ୩ରେ ଚୂଡ଼ାନ୍ତ ଆଲଟମେଣ୍ଟ ସହ କଲେଜରେ ପିଲାମାନେ ରିପୋର୍ଟିଂ କରିପାରିବେ।

# ରାଜ୍ୟରେ ମରୁଡ଼ିର ପଦଧ୍ୱନି

- ଜମିଫାଟି ଆଁ କଲାଣି
- ଗୃହରେ ବିବୃତି ଦେବାକୁ ରାଜସ୍ୱମନ୍ତ୍ରୀଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୫।୭(ବ୍ୟୁରୋ)

ରାଜ୍ୟରେ ବର୍ଷା ନାହିଁ। ବିଲ ଫାଟି ଆଁ କଲାଣି। ମରୁଡ଼ି ଦ୍ୱାରଦେଶରେ ପହଞ୍ଚିଲାଣି ଚାଷ । ତଥାପି ସରକାର ଚେତୁ ନାହାନ୍ତି। ଏ ପର୍ଯ୍ୟନ୍ତ ତଳି ରୁଆ ହୋଇ ନାହିଁ। ବର୍ଷା ହେଲେ ବି ଆଉ ଚାଷ ହେବା ସମ୍ଭବ ନୁହେଁ। ରାଜସ୍ୱମନ୍ତ୍ରୀ ରାଜ୍ୟର ମରୁଡ଼ି ପରିସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରନ୍ତୁ। ରାଜ୍ୟରେ ବର୍ଷାର ସ୍ଥିତି କ'ଣ ଅଛି ସେ ସମ୍ପର୍କରେ ଗୃହରେ ଏକ ବିବୃତି ଦିଅନ୍ତୁ। ରାଜ୍ୟରେ ଦେଖାଦେଇଥିବା ନିଅଣ୍ଟିଆ ବର୍ଷାକୁ ନେଇ ବିଧାନସଭାରେ ଉଦ୍‌ବେଗ ପ୍ରକାଶ ପାଇଛି। ମରୁଡ଼ିକୁ କିପରି ମୁକାବିଲା କରାଯାଇ ପାରିବ ସେ ନେଇ ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ ନଚେତ୍ ଆଗାମୀ ଦିନରେ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ ବୋଲି ବିରୋଧୀ ଦଳ ସଭ୍ୟମାନେ ସରକାରଙ୍କୁ ଚେତାଇ ଦେଇଛନ୍ତି।

ଗୁରୁବାର ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ କହିଛନ୍ତି ଯେ, ରାଜ୍ୟରେ ବର୍ଷା ନାହିଁ। ତଳି ହଳଦିଆ ହୋଇଗଲାଣି। ଭୁବନେଶ୍ୱରରେ ବର୍ଷା ହେଉଛି। ମାତ୍ର ଯେଉଁଠି ଚାଷ ହେଉଛି ସେଠାରେ ବର୍ଷା ନାହିଁ। ଏ ପର୍ଯ୍ୟନ୍ତ ରୁଆ ବେଉଷଣ ହୋଇନାହିଁ। ଏହା ଅତ୍ୟନ୍ତ ଗୁରୁତର ବିଷୟ। ଗୃହରେ ଏ ବିଷୟରେ ଆଲୋଚନା ହେବା ଦରକାର। ରାଜସ୍ୱମନ୍ତ୍ରୀ ସୁଦାମ ମାର୍ଣ୍ଡି ପରିସ୍ଥିତି ଅନୁଧ୍ୟାନ କରି ଗୃହରେ ଏକ ବିବୃତି ଦିଅନ୍ତୁ ବୋଲି ସେ କହିଥିଲେ। କଂଗ୍ରେସ ଦଳ ନେତା ନରସିଂହ ମିଶ୍ର ମଧ୍ୟ ରାଜ୍ୟରେ ଆସନ୍ନ ମରୁଡ଼ି ପ୍ରସଙ୍ଗ ନେଇ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ କହିଥିଲେ ଯେ, ଶ୍ରାବଣ ମାସ ହେଲାଣି। ବର୍ଷା ନାହିଁ। ଜମି ଫାଟିଗଲାଣି। ବର୍ଷା ହେଲେ ବି ଆଉ ଚାଷ କରିବା ସମ୍ଭବ ନୁହେଁ। ବଲାଙ୍ଗୀର ଜିଲାରେ ଅବସ୍ଥା ସଙ୍ଗିନ। ବିଲ ଫାଟି ଆଁ କରିଛି। ଲଗାତର ବର୍ଷା ହେଲେ ମଧ୍ୟ ତାହା ବନ୍ଦ ହେବ ନାହିଁ। ଧାନ ତଳି ସବୁ ଜଳିଗଲାଣି। ବଲାଙ୍ଗୀର ଜିଲାରେ ମାତ୍ର ୩ ପ୍ରତିଶତ ଜମି ଜଳସେଚିତ। ଏହି ଜିଲାରେ ୪୦ ପ୍ରତିଶତରୁ କମ୍ ବର୍ଷା ହୋଇଥିବା ସରକାର କହୁଛନ୍ତି। କାଁ ଭାଁ କେଉଁଠି ବର୍ଷା ହେଉଛି। ସମ୍ପୂର୍ଣ୍ଣ ଜିଲାରେ ଚାଷ ଉଜୁଡି ଗଲାଣି। ଆଦୌ ବର୍ଷା ନାହିଁ କହିଲେ ଚଳେ। ଯେଉଁ ଚେକ୍‌ଡ୍ୟାମ୍ ନିର୍ମାଣ ହୋଇଛି ସେଥିରେ ପାଣି ନାହିଁ। ବର୍ଷା ନ ହେଲେ ପାଣି ଆସିବ କେଉଁଠୁ। କାଳିଆ ଯୋଜନାରେ ୧୦ ହଜାର ଟଙ୍କା ଦେଇଦେଲେ ଚାଷୀର ପେଟ ପୂରିବ ନାହିଁ। ଦୀର୍ଘବର୍ଷ ଧରି ବୀମା ପଇସା ଚାଷୀ ପାଉ ନାହାନ୍ତି। ପାର୍ଲାମେଣ୍ଟରେ ବିଜେଡି ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ ଓଡ଼ିଶାରେ ଚାଷୀ ଆତ୍ମହତ୍ୟା କରୁଥିବାନେଇ କହୁଥିବା ବେଳେ ଓଡ଼ିଶା ସରକାର ବିଧାନସଭାରେ ଏକଥାକୁ ଫାଙ୍କି ଦେଉଛନ୍ତି। ବରଗଡ଼ ଜିଲା ଚାଷୀ ଆତ୍ମହତ୍ୟା ପାଇଁ ଗୃହ କମିଟି ଗଠନ ହେଲା। ମାତ୍ର ଏ ପର୍ଯ୍ୟନ୍ତ ରିପୋର୍ଟ ମିଳିଲା ନାହିଁ। ଦୁଆର ମୁହଁରେ ମରୁଡ଼ି ଉଭା ହେଲାଣି। ରାଜସ୍ୱ ମନ୍ତ୍ରୀ ଏ ନେଇ ତୁରନ୍ତ ଗୃହରେ ବିବୃତି ଦିଅନ୍ତୁ । କେଉଁ ଜିଲାରେ କି ପରିସ୍ଥିତି ରହିଛି ସେ ନେଇ ଗୃହରେ ସୂଚନା ଦିଅନ୍ତୁ। ଯେଉଁ ଚାଷୀମାନେ ଆତ୍ମହତ୍ୟା କରିଛନ୍ତି,ସେମାନଙ୍କୁ ସରକାର କି ସହାୟତା ଦେଇଛନ୍ତି ସେ ବିଷୟରେ ମଧ୍ୟ ଉଲ୍ଲେଖ କରନ୍ତୁ ବୋଲି ନରସିଂହ କହିଥିଲେ।

ଗୃହରେ ଉଦ୍‌ବେଗକୁ ଦେଖି ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର କହିଥିଲେ ଯେ, ଗତ ୪ ଦିନ ତଳେ ରାଜସ୍ୱ ମନ୍ତ୍ରୀ ମରୁଡ଼ି ସମ୍ପର୍କରେ ରିପୋର୍ଟ ଦେଇଥିଲେ। ହେଲେ ପୁଣି ଏହି ପ୍ରସଙ୍ଗ ଆସିଛି। ଶୁକ୍ରବାର ରାଜସ୍ୱ ମନ୍ତ୍ରୀ ଏ ନେଇ ଗୃହରେ ଏକ ବିବୃତି ଦିଅନ୍ତୁ ବୋଲି ବାଚସ୍ପତି ନିର୍ଦ୍ଦେଶ ଦେଇଛନ୍ତି। ଭାଜପା ସଭ୍ୟ ନାଉରୀ ନାୟକ ଶୂନ୍ୟକାଳରେ ଉଦ୍ୟାନ କୃଷି ପାଠ ପଢ଼ିଥିବା ଛାତ୍ରୀଛାତ୍ର ସହାୟକ କୃଷି ଅଧିକାରୀ ପଦବୀ ପାଇଁ ଆବେଦନ କରିପାରୁ ନ ଥିବା ବିଷୟ ଉଠାଇଥିଲେ। ସେ କହିଥିଲେ ଯେ, ଏଥିପାଇଁ କୃଷି ବିଭାଗ ପିଲାମାନେ ଆବେଦନ କରିପାରୁଛନ୍ତି। ୪ ବର୍ଷ ପାଠ ପଢ଼ିଲେ ମଧ୍ୟ ଉଦ୍ୟାନ କୃଷି ଛାତ୍ରୀଛାତ୍ରଙ୍କୁ ଏହି ଚାକିରି ପାଇଁ ଅନୁମତି ମିଳୁନାହିଁ। ଓୟୁଏଟି ପିଲାମାନେ ଧାରଣାରେ ବସିଛନ୍ତି। ୬୪ଟି ସହାୟକ କୃଷି ଅଧିକାରୀ ପଦବୀ ବାହାରିଛି। ସେମାନଙ୍କୁ ଏହି ପଦବୀ ପାଇଁ ଆବେଦନ କରିବାକୁ ଅନୁମତି ଦିଆଯାଉ ବୋଲି ସେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବାଚସ୍ପତି ସରକାରଙ୍କୁ ଏ ଦିଗରେ ଧ୍ୟାନ ଦେବା ପାଇଁ ପରାମର୍ଶ ଦେଇଥିଲେ। ବିଜେଡି ସଭ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକ କ୍ରଶର ୟୁନିଟ୍ ଉପରେ ହୋଇଥିବା ଚଢ଼ାଉକୁ ବିରୋଧ କରିଥିଲେ। ସେ କହିଥିଲେ ଯେ, ପଥର ଚୋରଙ୍କୁ ସରକାର ଧରନ୍ତୁ। ଛୋଟ ଛୋଟ କ୍ରଶରକୁ ଧରା ନ ଯାଉ। ସେମାନେ ରାସ୍ତାଘାଟ ନିର୍ମାଣ ପାଇଁ ଚିପ୍ସ ଯୋଗାଉଛନ୍ତି। ସେଥିରେ କାମ କରୁଥିବା ଶ୍ରମିକମାନେ ଭୟରେ ଆତ୍ମଗୋପନ କରୁଛନ୍ତି। ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ ସେମାନଙ୍କ ଜୀବିକା ହରାଇଲେଣି। ଗୃହମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଉ। ସେ ପଥରଚୋରଙ୍କୁ ଧରନ୍ତୁ ବୋଲି କହିଥିଲେ।

# ଏକକ ଜଳ ଟ୍ରିବ୍ୟୁନାଲ ସ୍ଥାପନ ବିଲ୍‌କୁ ବିଜେଡିର ବିରୋଧ



ଭର୍ତ୍ତୃହରି ମହତାବ

ନୂଆଦିଲ୍ଲୀ,୨୫।୭

ଆନ୍ତଃରାଜ୍ୟ ନଦୀଜଳ ଓ ନଦୀ ଅବବାହିକା ବିବାଦଗୁଡ଼ିକର ତ୍ୱରିତ ସମାଧାନରେ ସହାୟତା ପାଇଁ ସରକାର ଗୁରୁବାର ଲୋକ ସଭାରେ ଏକକ ଜଳ ଟ୍ରିବ୍ୟୁନାଲ ଗଠନ ବିଲ୍ ଆଣିଛନ୍ତି। କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ ଆଣିଥିବା ଉକ୍ତ ବିଲ୍‌କୁ ବିଜେଡି ସମେତ ଅନ୍ୟ ବିରୋଧୀ ଦଳଗୁଡ଼ିକ ବିରୋଧ କରିଥିଲେ। ସରକାର ଏ ସମ୍ପର୍କରେ ରାଜ୍ୟଗୁଡ଼ିକ ସହ ପରାମର୍ଶ କରି ନ ଥିବା ବିରୋଧୀ ଅଭିଯୋଗ କରିଥିଲେ।

ଏହାର ଜବାବରେ ମନ୍ତ୍ରୀ ଶେଖାୱତ କହିଥିଲେ, ୨୦୧୩ରେ ଏନେଇ ରାଜ୍ୟଗୁଡ଼ିକ ସହ ପରାମର୍ଶ କରାଯାଇଥିଲା ଏବଂ ଅନୁରୂପ ବିଲ୍ ୨୦୧୭ରେ ଲୋକ ସଭାରେ ଆଗତ କରାଯାଇଥିଲା। ସେତେବେଳେ ଉକ୍ତ ବିଲ୍‌କୁ ଷ୍ଟାଣ୍ଡିଂ କମିଟିକୁ ପଠାଯାଇଥିଲା। ଲୋକ ସଭା କାର୍ଯ୍ୟକାଳ ଶେଷ ହେବା ଫଳରେ ଉକ୍ତ ବିଲ୍ ରଦ୍ଦ ହୋଇଯାଇଥିଲା। ଜଳ ବିବାଦର ସମାଧାନ ପାଇଁ ଏବେ ୯ଟି ଟ୍ରିବ୍ୟୁନାଲ କାମ କରୁଛି। ସେଗୁଡ଼ିକ ପାଇଁ କୌଣସି ସମୟସୀମା ଧାର୍ଯ୍ୟ ହୋଇ ନ ଥିବାରୁ ଜଳ ବିବାଦର ସମାଧାନ ଲାଗି ଅନେକ ବର୍ଷ ଲାଗିଯାଉଛି। ଜଳବିବାଦର ଶୀଘ୍ର ସମାଧାନ ଲାଗି ଏଭଳି ଆଇନର ଆବଶ୍ୟକତା ରହିଛି ବୋଲି ଭାଜପା ଏମ୍‌ପି ନିଶିକାନ୍ତ ଦୁବେ କହିଥିଲେ।

ଆନ୍ତଃରାଜ୍ୟ ନଦୀଜଳ ବିବାଦ (ସଂଶୋଧନ) ବିଲ୍, ୨୦୧୯କୁ ବିଜେଡି ଏମ୍‌ପି ଭର୍ତ୍ତୃହରି ମହତାବ ବିରୋଧ କରିଥିଲେ। ଜଳ ରାଜ୍ୟର ବିଷୟ ବୋଲି କହି କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ବିଲ୍‌କୁ ବିରୋଧ କରିଥିଲା ବେଳେ ଏଠା ବିଲ୍ ପ୍ରସ୍ତୁତ କରିବା ପୂର୍ବରୁ ସରକାର ରାଜ୍ୟମାନଙ୍କ ସହ ପରାମର୍ଶ କରିବା ଆବଶ୍ୟକ ଥିଲା ବୋଲି କଟକ ଏମ୍‌ପି ଯୁକ୍ତି ବାଢ଼ିଥିଲେ। ତାଙ୍କର ବିରୋଧ ଯଥାର୍ଥ, ସରକାର ଏଥିରେ ସଂଶୋଧନ ଆଣନ୍ତୁ ବୋଲି ଭର୍ତ୍ତୃହରି ଦାବି କରିଥିଲେ। ୨୦୧୭ରେ ଯେଉଁ ବିଲ୍ ଉପସ୍ଥାପନ କରାଯାଇଥିଲା ସେଥିରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ଏଭଳି ବିଲ୍‌କୁ ସେ ବିରୋଧ କରୁଛନ୍ତି ବୋଲି ବିଜେଡି ଏମ୍‌ପି କହିଥିଲେ। ସୂଚନାଯୋଗ୍ୟ ଧାର୍ଯ୍ୟ ସମୟସୀମା ମଧ୍ୟରେ ଆନ୍ତଃରାଜ୍ୟ ନଦୀଜଳ ବିବାଦଗୁଡ଼ିକର ସମାଧାନ ଉଦ୍ଦେଶ୍ୟରେ ସରକାର ଏକକ ଟ୍ରିବ୍ୟୁନାଲ ଗଠନ ଚାହୁଁଛନ୍ତି। ଏହା କାର୍ଯ୍ୟକାରୀ ହେଲେ ବର୍ତ୍ତମାନର ସମସ୍ତ ଜଳ ଟ୍ରିବ୍ୟୁନାଲକୁ ଭାଙ୍ଗି ଦିଆଯିବ ଏବଂ ଏହା ଅଧୀନରେ ଥିବା ମାମଲାଗୁଡ଼ିକୁ ନୂତନ ଟ୍ରିବ୍ୟୁନାଲକୁ ସ୍ଥାନାନ୍ତର କରାଯିବ। ଏକକ ଟ୍ରିବ୍ୟୁନାଲର ଏକାଧିକ ଶାଖା ରହିବ ଏବଂ ଦୁଇ ବର୍ଷ ମଧ୍ୟରେ ଜଳ ବିବାଦର ସମାଧାନ କରିବାକୁ ହେବ।

# ଉପକୂଳ, ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୨୫।୭(ବ୍ୟୁରୋ)

ଉତ୍ତର ପଶ୍ଚିମ, ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର, ଓଡ଼ିଶା ଏବଂ ଆନ୍ଧ୍ର ଉପକୂଳରେ ସୃଷ୍ଟି ହୋଇଥିବା ଲଘୁଚାପ ଘନୀଭୂତ ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉପକୂଳ ଓ ଦକ୍ଷିଣ ଓଡିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷ କରି ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ମୟୂରଭଞ୍ଜ, ପୁରୀ, କଟକ, କେନ୍ଦ୍ରାପଡା, ଯାଜପୁର, ଜଗତ୍‌ସିଂହପୁର, ଢେଙ୍କାନାଳ, ଅନୁଗୋଳ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ସେହିପରି କଟକ, ପୁରୀ, ଦେବଗଡ, ଖୋର୍ଦ୍ଧା, ସୁନ୍ଦରଗଡ, ସମ୍ବଲପୁର, ଝାରସୁଗୁଡା କୋରାପୁଟ, ବଲାଙ୍ଗୀର, କଳାହାଣ୍ଡି, ଅନୁଗୋଳ ଏବଂ ବୌଦ୍ଧ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୨୭ ତାରିଖରେ ଲଘୁଚାପ ଓ ମୌସୁମୀ ଜନିତ ବର୍ଷା ଦିନ ତମାମ ଲାଗି ରହିବ। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱରରେ ୪୪.୨ ପ୍ରତିଶତ ବର୍ଷା ହୋଇଥିବା ବେଳେ କଟକ ୫୬.୮, ଚାନ୍ଦବାଲି ୩୧, ଭୁବନେଶ୍ୱର ୨୨.୨, ପୁରୀ ୩୩.୬, ଗୋପାଳପୁର ୨୬.୨, ବାରିପଦା ୭୯ ଏବଂ ସମ୍ବଲପୁରରେ ୫୬.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ରାଉରକେଲାରେ ଏନ୍‌କାଉଣ୍ଟର

- ସୁନୀଲ ମାଝି ଗୁରୁତର
- ବିଭିନ୍ନ ଥାନାରେ ଅଛି ୧୬ରୁ ଉର୍ଦ୍ଧ୍ୱ ମାମଲା

ରାଉରକେଲା ଅଫିସ,୨୫।୭

ବୁଧବାର ବିଳମ୍ବିତ ରାତିରେ ଲାଠିକଟା ଥାନା ଅନ୍ତର୍ଗତ ସିଉଡିହି ଗ୍ରାମ ନିକଟରେ ପୋଲିସ ଏନ୍‌କାଉଣ୍ଟରରେ ବ୍ରାହ୍ମଣୀତରଙ୍ଗ ଥାନା ବଡ଼ ମାରେନ ଗାଁର ସୁନୀଲ ମାଝି (୩୩) ଗୁରୁତର ଆହତ ହୋଇଛନ୍ତି। ସୁନୀଲଙ୍କ ଡାହାଣ ଗୋଡ଼ରେ ଗୁଳି ବାଜିଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍‌ରେ) ଭର୍ତ୍ତି କରାଯାଇଥିଲା। ସେଠାରୁ ବୁର୍ଲା ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ତାଙ୍କ ନିକଟରୁ ଏକ ଦେଶୀ ପିସ୍ତଲ, ୨ ରାଉଣ୍ଡ ଗୁଳି, ଗୋଟିଏ ବାଇକ୍ (ନଂ. ଓଆର୧୪–ଆର୬୧୨୯) ଜବତ କରାଯାଇଛି। ପୋଲିସର ସୂଚନା ଅନୁଯାୟୀ, ସୁନୀଲ ବୁଧବାର ବିଳମ୍ବିତ ରାତିରେ କୌଣସି ସ୍ଥାନରେ ଅପରାଧ ଘଟାଇବାକୁ ଯୋଜନା କରୁଥିବାବେଳେ ସ୍ପେଶାଲ ସ୍କ୍ୱାଡ୍ ହାବୁଡ଼ରେ ପଡ଼ିଥିଲେ। ରାତି ପ୍ରାୟ ସାଢ଼େ ଗୋଟାଏରେ ସେ ସିଉଡିହି ରାସ୍ତା ଦେଇ ଆସୁଥିବା ବେଳେ ପୋଲିସ ତାଙ୍କୁ ଅଟକାଇବାକୁ ଉଦ୍ୟମ କରିଥିଲା। ହେଲେ ସୁନୀଲ ଅଟକିବା ପରିବର୍ତ୍ତେ ବାଇକ୍ ତଳେ ପକାଇ ଦେଇ ପୋଲିସ ଉପରକୁ ଗୁଳି ଚଳାଇଥିଲେ। ଫଳରେ ପୋଲିସ ବାଧ୍ୟ ହୋଇ ପାଲଟା ଗୁଳି ଚଳାଇଥିଲା। ସୁନୀଲଙ୍କ ନାମରେ ବିଭିନ୍ନ ଥାନାରେ ୧୬ ମାମଲା ରହିଥିବା ପୋଲିସ ସୂଚନା ଦେଇଛି। ରାଜପଥ ରାହାଜାନିଠାରୁ ଆରମ୍ଭ କରି ଡକାୟତି ଓ ହତ୍ୟା ଭଳି ସଙ୍ଗିନ ମାମଲାରେ ତାଙ୍କର ସମ୍ପୃକ୍ତି ରହିଛି। ସୁନୀଲଙ୍କୁ ଧରିବା ପାଇଁ ପୋଲିସ ପୂର୍ବରୁ ଯୋଜନା କରିଥିବା କହିଛି।



ଏନ୍‌କାଉଣ୍ଟରରେ ଆହତ ସୁନୀଲ ମାଝି।

# ଟିମନ୍‌ଙ୍କ ବିରୋଧରେ ଲାଗିଲା ଏନ୍‌ଏସ୍‌ଏ

ବଲାଙ୍ଗୀର ଅଫିସ, ୨୫।୭

ଜମି ମାଫିଆ, ଟେଣ୍ଡର ଫିକ୍ସିଂର ମାଷ୍ଟରମାଇଣ୍ଡ ଟିମନ୍ ଓରଫ ଶ୍ରୀକାନ୍ତ କୁମ୍ଭାରଙ୍କ ବିରୋଧରେ ଏନ୍‌ଏସଏ (ଜାତୀୟ ନିରାପତ୍ତା ଆଇନ) ଲାଗୁ କରାଯାଇଛି । ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟ ଅରିନ୍ଦମ ଡାକୁଆ ଏ ନେଇ ନିର୍ଦ୍ଦେଶ ଜାରି କରିଛନ୍ତି । ଟିମନଙ୍କ ବିରୋଧରେ ଅନେକ ଜମିଲୁଟ୍, ଟେଣ୍ଡର ଫିକ୍ସିଂ, ରାହାଜାନୀ, ଅପହରଣ, ହତ୍ୟା ଭଳି ସଙ୍ଗୀନ ଅଭିଯୋଗ ରହିଛି। ବଲାଙ୍ଗୀର ଟାଉନ୍ ଓ ସଦର ଥାନାରେ ତାଙ୍କ ନାମରେ ୨୪ରୁ ଊର୍ଦ୍ଧ୍ୱ ମାମଲା ରହିଛି । ଗତ ଜୁନ୍ ୨୬ ତାରିଖରେ ବଲାଙ୍ଗୀର ସଦର ପୋଲିସ ଟିମ୍ ୩ ଜଣ ସହଯୋଗୀଙ୍କ ସହ ଟିମନଙ୍କୁ ଭୁବନେଶ୍ୱରରୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେଦିନଠାରୁ ସେ ବଲାଙ୍ଗୀର ଜିଲା କାରାଗାରରେ ରହିଛନ୍ତି। ଲୋକଙ୍କୁ ମାଡ ମାରି ଓ ହତ୍ୟା ଧମକ ଦେଇ ବଲାଙ୍ଗୀର ଟାଉନ୍ ସଂଲଗ୍ନ ବେସରକାରୀ ଜମି ଏବଂ ବହୁମୂଲ୍ୟ ସରକାରୀ ଜମି ଲୁଟ୍ କରି କୋଟିପତି ସାଜିବା ସହ ବଲାଙ୍ଗୀର ଏବଂ ଆଖପାଖ ଅଞ୍ଚଳରେ ସେ ଆତଙ୍କରାଜ ଚଲାଇଥିଲେ। ଦୀର୍ଘବର୍ଷ ଧରି ବିଭିନ୍ନ ଅପରାଧ ଘଟାଇ ଥିଲେ ମଧ୍ୟ ଟିମନ୍‌ଙ୍କ ବିରୋଧରେ ୨୦୧୫-୧୬ ମସିହାରେ ପୋଲିସ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିଲା। ତେବେ ଅନେକ ଥର ଜେଲ ଯାଇ ଜାମିନ୍‌ରେ ବାହାରି ପୁଣି ନିଜର ଗ୍ୟାଙ୍ଗ ଜରିଆରେ ଅପରାଧ ଘଟାଇବା ଟିମନ୍ ପାଇଁ ସାଧାରଣ କଥା ପାଲଟି ଯାଇଥିଲା । ଟିମନ କୁମ୍ଭାରଙ୍କ ଏଭଳି ଆପରାଧିକ ଲକ୍ଷଣ, ଗତିବିଧିକୁ ଲକ୍ଷ୍ୟ କରି ଏନ୍‌ଏସ୍‌ଏରେ ବୁକ୍ କରିବା ପାଇଁ ଦୀର୍ଘଦିନରୁ ଦାବି ହୋଇଆସୁଥିଲା । ଏସ୍‌ପି କେ. ଶିବା.ସୁବ୍ରମଣି ଟିମନ୍‌ଙ୍କ ଆପରାଧିକ କାର୍ଯ୍ୟକଳାପକୁ ନେଇ ତାଙ୍କ ବିରୋଧରେ ଏନ୍‌ଏସ୍‌ଏ ଲାଗୁ କରିବା ପାଇଁ ସୁପାରିଶ କରିଥିଲେ। ଜିଲାପାଳ ଡାକୁଆଙ୍କ ସହ ଏସ୍‌ପି ଆଲୋଚନା ପରେ ଏହି ସୁପାରିଶକୁ ବୁଧବାର କାର୍ଯ୍ୟକାରୀ କରାଯାଇଛି। ଏନ୍‌ଏସ୍‌ଏ ଲାଗୁହେବା ପରେ ଜେଲରେ ଥିବା ଟିମନ୍‌ଙ୍କ ଜାମିନ୍ ଉପରେ ଅଙ୍କୁଶ ଲାଗିଛି। ୨୦୧୯ ନିର୍ବାଚନ ସମୟରେ ଟିମନ୍ ଚନ୍ଦନଭାଟି ଗାଁକୁ ଯାଇ ଲୋକଙ୍କୁ ଭୟଭୀତ କରିଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ । ଏହାର କିଛିଦିନ ପରେ ବାରପୁଟଗିଆ ଛକରୁ ଦୁଇ ଭାଇଙ୍କୁ ଅପହରଣ କରି ସେମାନଙ୍କ ଜମି ଲୁଟ୍ ପାଇଁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା । ଏହି ଘଟଣା ପରେ ଫେରାର ଥିବା ଟିମନ୍ ଓ ସହଯୋଗୀଙ୍କୁ ପୋଲିସ ଭୁବନେଶ୍ୱରରୁ ଗତ ଜୁନ୍ ୨୬ରେ ଗିରଫ କରିଥିଲା । ଟିମନ୍‌ଙ୍କ ଅନ୍ୟ ସହଯୋଗୀଙ୍କ ବିରୋଧରେ ମଧ୍ୟ ଏନ୍‌ଏସ୍‌ଏ ଲାଗୁ କରାଯିବାକୁ ଦାବି ହେଉଛି।



ଟିମନ୍ କୁମ୍ଭାର।

- ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର ପ୍ରଧାନ

# ଓବିସି, ଏସ୍‌ଇବିସିଙ୍କ ପାଇଁ ସଂରକ୍ଷଣ ଲାଗୁ କର

ଭୁବନେଶ୍ୱର, ୨୫।୭(ବ୍ୟୁରୋ)

ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ଏବଂ ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ପଛୁଆ ବର୍ଗ (ଏସ୍‌ଇବିସି) ଲୋକଙ୍କ ପାଇଁ ଶିକ୍ଷାନୁଷ୍ଠାନ ଏବଂ ସରକାରୀ ଚାକିରି କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁରୋଧ କରିଛନ୍ତି। ଧର୍ମେନ୍ଦ୍ର ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶାରେ ଓବିସି ଓ ଏସ୍‌ଇବିସି ଲୋକମାନେ ରାଜ୍ୟ ଜନସଂଖ୍ୟାର ଏକ ପ୍ରମୁଖ ବର୍ଗ ଅଟନ୍ତି। ସେମାନଙ୍କ ମଧ୍ୟରୁ ଅନେକେ ଦାରିଦ୍ର୍ୟ ଓ ନିରକ୍ଷରତା ମଧ୍ୟରେ ରହିଛନ୍ତି। ଏହି କାରଣରୁ ଏମାନଙ୍କୁ ଶିକ୍ଷା ଓ ଚାକିରି କ୍ଷେତ୍ରରେ ବିଶେଷ ସୁବିଧା ଉପଲବ୍ଧ କରାଇବା ଜରୁରୀ। ସମ୍ବିଧାନର ଧାରା ୧୫(୪) ଓ ୧୬ (୪)ର ଉଲ୍ଲେଖ କରି କେନ୍ଦ୍ର ସରକାର ଓବିସି ବର୍ଗଙ୍କୁ ସରକାରୀ ଚାକିରି ଓ ଶିକ୍ଷାନୁଷ୍ଠାନରେ ୨୭ ପ୍ରତିଶତ ସଂରକ୍ଷଣର ବ୍ୟବସ୍ଥା କରିଛନ୍ତି। ଏହି ସଂରକ୍ଷଣ ବ୍ୟବସ୍ଥାକୁ ସୁପ୍ରିମକୋର୍ଟ ମଧ୍ୟ ମାନ୍ୟତା ପ୍ରଦାନ କରିଛନ୍ତି। ଅନେକ ରାଜ୍ୟ ସରକାର ଏଭଳି ବର୍ଗର ଲୋକଙ୍କ ପାଇଁ ଅଧିକ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିଛନ୍ତି। ମାତ୍ର ଓଡ଼ିଶା ସରକାର ସରକାରୀ ଚାକିରି ଓ ଶିକ୍ଷାନୁଷ୍ଠାନରେ ଓବିସିମାନଙ୍କ ପାଇଁ ସଂରକ୍ଷଣ ସୁବିଧା ଲାଗୁ କରୁନାହାନ୍ତି। ସେହିପରି ଏସ୍‌ଇବିସିମାନଙ୍କ ପାଇଁ ଶିକ୍ଷାନୁଷ୍ଠାନରେ ସଂରକ୍ଷଣ ସୁବିଧା ଦେଇନାହାନ୍ତି। ଉଭୟ ଓବିସି ଓ ଏସ୍‌ଇବିସି ଲୋକମାନେ ଉଚ୍ଚଶିକ୍ଷା ଓ ଚାକିରୀ କ୍ଷେତ୍ରରେ ଯୋଗଦେବାରୁ ବଞ୍ଚିତ ହେଉଛନ୍ତି ଓ ଏହା ପଛରେ ସେମାନଙ୍କ ସାମାଜିକ ଓ ଆର୍ଥିକ ପଛୁଆ ପରିସ୍ଥିତି ମୁଖ୍ୟତଃ ଦାୟୀ। ଏପରି ପରିସ୍ଥିତିରେ ଏହି ବର୍ଗର ଲୋକଙ୍କୁ ଶିକ୍ଷାନୁଷ୍ଠାନ ଓ ସରକାରୀ ଚାକିରିରେ ଅଧିକ ସୁଯୋଗ ଉପଲବ୍ଧ କରାଇବା ପାଇଁ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଧର୍ମେନ୍ଦ୍ର ଅନୁରୋଧ କରିଛନ୍ତି।

We are grieved to inform that our beloved daughter -in -Law Poonam Hans (Wife of Jitendra Hans) left for her heavenly abode on 23rd July 2019.

I request you to kindly join us in praying for the departed soul at Hotel New Marrion, Bhubaneswar on 26th July 2019(4.00pm to 5.00 pm).

With Regards
Ram Chandra Hans



ଜଣକ ମୁହଁରୁ ସଦାବେଳେ ହସ ଝରିପାରେ,
ତଥାପି ସେ ଅସଲ ସଇତାନ ହୋଇପାରେ।
- ସେକ୍ସପିୟର




## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ...............................



କାହ୍ନା
ପରିବାରବର୍ଗ



ଶ୍ରଦ୍ଧା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭରତପୁର ଖଣି ଦୁର୍ଘଟଣା: ବର୍ଷା ଯୋଗୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ

- କାର୍ଯ୍ୟରେ ଲାଗିଛନ୍ତି ଏନ୍‌ଡିଆର୍‌ଏଫ୍ ଟିମ୍
- ଦବି ରହିଥିବା ଶ୍ରମିକଙ୍କ ସନ୍ଧାନ କରିପାରିଲାନି ସନ୍ଧାନୀ କୁକୁର
- ଖଣି ମଧ୍ୟକୁ ରାସ୍ତା ନିର୍ମାଣ ଉପରେ ଗୁରୁତ୍ୱ
- ଘଟଣାସ୍ଥଳ ପରିଦର୍ଶନ କଲେ ଡିଜିଏମ୍‌ଏସ୍

**ତାଳଚେର,୨୫।୭(ନି.ପ୍ର.)**

ଅନୁଗୋଳ ଜିଲା ତାଳଚେରସ୍ଥିତ ଏମ୍‌ସିଏଲ୍‌ର ଭରତପୁର ଖଣିରେ ଖସିପଡ଼ିଥିବା କୋଇଲା ଅତଡା ତଳେ ମଙ୍ଗଳବାର ରାତିରୁ ଚାପି ହୋଇ ରହିଥିବା ୩ ଶ୍ରମିକଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଜାରି ରହିଛି। ଗୁରୁବାର ପୂର୍ବାହ୍ନରେ ଉଦ୍ଧାର କାର୍ଯ୍ୟ ନିମନ୍ତେ ରାସ୍ତା ନିର୍ମାଣ କରାଯାଉଥିଲେ ହେଁ ବର୍ଷା ଯୋଗୁ ସେଥିରେ ବାଧା ଉପୁଜିଛି। ଏଥିସହ ପୁଣି ଏକ ବଡ ମାଟି ଅତଡା ଖସି ପଡିବାରୁ ସମସ୍ୟା ବଢ଼ିଯାଇଛି। ଏନ୍‌ଡିଆର୍‌ଏଫ୍ ଟିମ୍ ପକ୍ଷରୁ ସନ୍ଧାନୀ କୁକୁରର ସହାୟତା ନିଆଯାଇଥିଲେ ବି କିଛି ସୁଫଳ ମିଳିନାହିଁ। ଘଟଣାସ୍ଥଳରେ ଏମ୍‌ସିଏଲ୍‌ର ଡାଇରେକ୍ଟର ଟେକ୍ନିକାଲ ଜେ.ପି. ସିଂହ, ଡାଇରେକ୍ଟର ପର୍ସନାଲ କେ.ଆର. ବାସୁଦେବନ, ବିଧାୟକ ବ୍ରଜକିଶୋର ପ୍ରଧାନ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିବା ବେଳେ ଡାଇରେକ୍ଟର ଜେନେରାଲ ମାଇନ୍ସ ସେଫ୍ଟି (ଡିଜିଏମ୍‌ଏସ୍) ସୁବ୍ରତ ବାଗଚୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

ବୁଧବାର ଅପରାହ୍ନରେ ଜଣେ ଶ୍ରମିକ ପିପୁନ ବିଶ୍ୱାଳଙ୍କ ମୃତଦେହ ବାହାର କରାଯିବା ପରେ ରାତି ହୋଇଯିବାରୁ ଉଦ୍ଧାର କାର୍ଯ୍ୟ ବନ୍ଦ ରଖାଯାଇଥିଲା। ଗୁରୁବାର ସକାଳୁ ପୁଣି କାର୍ଯ୍ୟ ଚାଲୁ କରାଯାଇଥିଲା। କେଉଁ ସ୍ଥାନରେ ଅନ୍ୟ ୩ ଶ୍ରମିକ ସୁପରଭାଇଜର ରଶ୍ମିରଞ୍ଜନ ବେହେରା, ସିକ୍ୟୁରିଟି ଗାର୍ଡ ରମେଶ ଦାସ ଓ ପମ୍ପ ଖଲାସୀ କାର୍ତ୍ତିକେଶ୍ୱର ମହାପାତ୍ର ଦବି ରହିଛନ୍ତି ତାହା ଜାଣିବାକୁ ଏନ୍‌ଡିଆର୍‌ଏଫ୍ ଟିମ୍‌ର ୩୫ ସଦସ୍ୟ ଖଣି ମଧ୍ୟକୁ ପ୍ରବେଶ କରିଥିଲେ। ୬ଜଣ ସଦସ୍ୟ ୨ଟି ସନ୍ଧାନୀ କୁକୁରର ସହାୟତା ନେଇ ସ୍ଥାନ ଚିହ୍ନଟ ପାଇଁ ଉଦ୍ୟମ କରିଥିଲେ। କିନ୍ତୁ ସଫଳ ହୋଇ ପାରି ନ ଥିଲେ। ମାଟି ଓ ବଡ ବଡ ପଥର ହଟାଇବା ପରେ ଉଦ୍ଧାର କାର୍ଯ୍ୟ ସହଜ ହେବ ବୋଲି ନିଷ୍ପତ୍ତି ନିଆଯିବାରୁ ଖଣି ଭିତରକୁ ଭାରିଯାନ ଯିବା ପାଇଁ ରାସ୍ତା ନିର୍ମାଣ ଆରମ୍ଭ ହୋଇଛି। କିନ୍ତୁ ବର୍ଷା ଓ ପୁଣି ମାଟି ଅତଡ଼ା ଖସିବା ଏଥିରେ ବାଧକ ସାଜିଛି। ଦିନ ତମାମ ନିର୍ମାଣ କରାଯାଇଥିବା ରାସ୍ତା ବର୍ଷାରେ ଧୋଇ ଯାଇଥିବା ବେଳେ ଖଣିରୁ ପାଣି ନିଷ୍କାସନ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଡ୍ରେନ ନିର୍ମାଣ କରାଯାଇଛି। ଅଧିକ ବର୍ଷା ହେଲେ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହେବ। ଅପରପକ୍ଷରେ ଉଦ୍ଧାର ପୁପୁନ ବିଶ୍ୱାଳଙ୍କ ମୃତଦେହକୁ ରାତିରେ ବ୍ୟବଚ୍ଛେଦ କରାଯାଇ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ଖଣିରେ ଦବି ରହିଥିବା ଅନ୍ୟ ୩ଜଣଙ୍କୁ ତୁରନ୍ତ ଉଦ୍ଧାର କରାଯିବା, କ୍ଷତିଗ୍ରସ୍ତ ପରିବାରକୁ ଉଚିତ କ୍ଷତିପୂରଣ ସହ ଜଣକୁ ନିଯୁକ୍ତି, ଅବହେଳା କରିଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଭାଜପା ଓ କଂଗ୍ରେସ ପକ୍ଷରୁ ଖଣିବନ୍ଦ ଆନ୍ଦୋଳନ କରାଯାଇଛି। ଫଳରେ ତାଳଚେର କୋଲ୍ ଫିଲଡସରେ ଅଚଳାବସ୍ଥା ଦେଖାଦେଇଛି।

### କଟକରେ ୩ ଜଣଙ୍କୁ ଗଳାକାଟି ହତ୍ୟା ଘଟଣା

# ଅଭିଯୁକ୍ତଙ୍କ ପତ୍ତା ପାଉନି ପୋଲିସ

- ଧରିବାକୁ ଗଠନ ହେଲା ଟିମ୍
- ଯାଞ୍ଚ ହେବ ସିସିଟିଭି ଫୁଟେଜ
- ସବୁ ଛକରେ ପୋଲିସ ମୁତୟନ

**କଟକ ଅଫିସ,୨୫।୭**

କଟକରେ ୩ ଜଣଙ୍କୁ ଗଳା କାଟି ହତ୍ୟା ଘଟଣାକୁ ଇତିମଧ୍ୟରେ ୨୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଯାଇଛି। ହେଲେ ପୋଲିସ ଅଭିଯୁକ୍ତଙ୍କ ପତ୍ତା ପାଇପାରିନାହିଁ। ସେହିପରି ହତ୍ୟାର ଶିକାର ହୋଇଥିବା ଦୁଇ ବ୍ୟକ୍ତିଙ୍କ ପରିଚୟ ଠାବ କରିବାରେ ପୋଲିସ ବିଫଳ ହୋଇଛି। ଏପଟେ ଅଭିଯୁକ୍ତଙ୍କୁ ଧରିବା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଡିସିପି ଅଖିଳେଶ୍ୱର ସିଂଙ୍କ ତତ୍ତ୍ୱାବଧାନରେ ତିନି ଜଣିଆ ଏକ ଟିମ୍ ଗଠନ କରାଯାଇଛି। ଏ ନେଇ ଡିସିପି ସିଂ କହିଛନ୍ତି, ଆମେ ଅଭିଯୁକ୍ତଙ୍କୁ ଧରିବା ପାଇଁ ଚେଷ୍ଟା ଚଳାଇଛୁ। ଜଣେ ଅତିରିକ୍ତ ଡିସିପି, ଜଣେ ଏସିପି ଓ ଜଣେ ଇନ୍ସପେକ୍ଟରଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଛି। ଏହି ଟିମ୍ ୩ଟି ହତ୍ୟା ଘଟଣାର ତଦନ୍ତ କରିବ। ହତ୍ୟାକାଣ୍ଡ ଘଟିଥିବା ଅଞ୍ଚଳର ସିସିଟିଭି ଫୁଟେଜ୍ ଅଣାଯାଇ ଯାଞ୍ଚ କରାଯିବ। ରାତିରେ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରାଯାଇଛି। ସବୁ ଛକରେ ପୋଲିସ ମୁତୟନ ହୋଇଛି। ପିସିଆର ଭ୍ୟାନ ସହ କଟକର ସମସ୍ତ ଏସିପି, ଥାନା ଅଧିକାରୀ, ଅଫିସରମାନଙ୍କୁ ମଧ୍ୟ ଅଲଗା ପାଟ୍ରୋଲିଂ କରିବାକୁ କୁହାଯାଇଛି। ସେମାନଙ୍କୁ ସହଯୋଗ କରିବା ପାଇଁ ୫ ପ୍ଲାଟୁନ ପୋଲିସ ଫୋର୍ସ ସହରରେ ମୁତୟନ କରାଯାଇଛି। ଯେହେତୁ ଅଭିଯୁକ୍ତ ରାତିରେ ବାହାରେ ଶୋଉଥିବା ଲୋକମାନଙ୍କୁ ଟାର୍ଗେଟ କରୁଛନ୍ତି, ତେଣୁ ସେମାନଙ୍କୁ ସଚେତନ କରାଯାଉଛି। ବାହାରେ ଏକା ଶୋଉଥିବା ଲୋକମାନଙ୍କୁ ନିରାପଦ ସ୍ଥାନକୁ ଅଣାଯାଉଛି। ଅଭିଯୁକ୍ତଙ୍କୁ ଧରିବା ପର୍ଯ୍ୟନ୍ତ ଏହିପରି ବ୍ୟବସ୍ଥା ଜାରି ରହିବ ବୋଲି ଡିସିପି କହିଛନ୍ତି। ହତ୍ୟାକାଣ୍ଡ ପରେ କଟକ ବାସିନ୍ଦାଙ୍କ ମନରେ ଭୟ ସୃଷ୍ଟି ହୋଇଛି। ରାତିରେ ଲୋକେ ଘରୁ ବାହାରିବାକୁ ପସନ୍ଦ କରୁନାହାନ୍ତି।

## 'ଧରିତ୍ରୀ' ଦେଖାଇ ଆଇନଶୃଙ୍ଖଳା, ସ୍ୱାସ୍ଥ୍ୟ ସେବା କଥା ଉଠାଇଲେ ନରସିଂହ

**କଟକ ହତ୍ୟାକାଣ୍ଡକୁ ନେଇ ଉଦ୍‌ବେଗ**



**ଭୁବନେଶ୍ୱର,୨୫।୭ (ବ୍ୟୁରୋ):** ରାଜ୍ୟରେ ଆଇନ ଶୃଙ୍ଖଳା ବୋଲି କିଛି ନାହିଁ। ଦିନ ଦି ପହରରେ ନାବାଳିକାଙ୍କୁ ବଳାତ୍କାର କରାଯାଉଛି। ପ୍ରଶ୍ନ ପଚାରିଲେ ଉତ୍ତର ମିଳୁ ନାହିଁ। ସବୁ ଠିକ ଅଛି ବୋଲି ସରକାର କହୁଛନ୍ତି। ଆଇନଶୃଙ୍ଖଳାକୁ ନେଇ ଆମେ ବିରୋଧ କରିଥିଲୁ। ଗୋଟିଏ ଦିନ ଆଲୋଚନା ପରେ ସବୁ ଠିକ ହୋଇଗଲା। ଯେଉଁ ଦିନ ମୁଖ୍ୟମନ୍ତ୍ରୀ ଗୃହରେ ଉତ୍ତର ଦେଲେ ସେହିଦିନଠାରୁ ମାଓବାଦୀମାନେ ହତ୍ୟା କରି ଚାଲିଛନ୍ତି ବୋଲି କଂଗ୍ରେସ ଦଳ ନେତା ନରସିଂହ ମିଶ୍ର କହିଛନ୍ତି। ଧରିତ୍ରୀ ଖବରକାଗଜକୁ ଦେଖାଇ ସେ କହିଥିଲେ ଯେ ଆଜି ଧରିତ୍ରୀରେ ପ୍ରକାଶ ପାଇଛି କଟକରେ ଚାଞ୍ଚଲ୍ୟ ୨୪ ଘଣ୍ଟାରେ ୩ ଜଣଙ୍କୁ ଗଳାକାଟି ହତ୍ୟା। ଗୋଟିଏ ଦିନରେ ୩ ଜଣଙ୍କୁ ହତ୍ୟା କରାଯାଉଛି। ଆଇନ ଶୃଙ୍ଖଳା ଠିକ ଅଛି। କ'ଣ ଠିକ ଅଛି ବୋଲି ନରସିଂହ ସରକାରଙ୍କୁ ପ୍ରଶ୍ନ କରିଥିଲେ। କେବଳ ଆଇନଶୃଙ୍ଖଳା ନୁହେଁ, ସ୍ୱାସ୍ଥ୍ୟସେବା ମଧ୍ୟ ବିପର୍ଯ୍ୟସ୍ତ। ଏହି ଖବରକାଗଜରେ ପ୍ରକାଶ ପାଇଛି ଯେ ଜଣେ ୧୦ ବର୍ଷର ବାଳିକା ଅଙ୍ଗାର ବାନ୍ତି କରୁଛି। ଡାକ୍ତର ପାଖରେ ଅଛନ୍ତି। ସରକାର କହୁଛନ୍ତି ସ୍ୱାସ୍ଥ୍ୟସେବା ଠିକ ଅଛି। କ'ଣ ଠିକ ଅଛି ବୋଲି ନରସିଂହ କହିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଶୁକ୍ର ନକ୍ଷତ୍ରସ୍ଥ ଚନ୍ଦ୍ର ଆପଣଙ୍କୁ ଅର୍ଥ, ପାରିବାରିକ ସୌଖ୍ୟ ଓ ବନ୍ଧୁମିଳନଜନିତ ଆନନ୍ଦ ପ୍ରଦାନ କରିବ। ଆଲୋଚନା କ୍ଷେତ୍ରରେ ଛୋଟ ଛୋଟ କଥାରେ ଜିହ୍ୱା ପଡିଲେ ଅପଦସ୍ଥ ହେବେ। ଦ୍ୱିଜା ନକ୍ଷତ୍ର କର୍ମକ୍ଷେତ୍ରରେ କୌଣସି ମହିଳାଙ୍କ ଦ୍ୱାରା ଉପକୃତ ହୋଇପାରନ୍ତି। ଶିଳ୍ପ, ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ।

**ବୃଷ** ଆଜିର ଗ୍ରହ ପ୍ରଭାବରେ ସହକର୍ମୀ, ପଡୋଶୀଙ୍କ କାମରେ ଅଧିକାଂଶ ସମୟ ଅତିବାହିତ କରିପାରନ୍ତି। ଏହା ସାଙ୍ଗକୁ ମୃଗଶିରା ନକ୍ଷତ୍ରର କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି ପାଇବା କାରଣରୁ ଘରକଥା ବୁଝିବା କଷ୍ଟକର ହୋଇପାରେ। ତେଣେ ପାରିବାରିକ ସମସ୍ୟା ବୃଦ୍ଧି ପାଇବା କାରଣରୁ କୌଣସି କାମ ଶୃଙ୍ଖଳିତ ରହିବ ନାହିଁ।

**ମିଥୁନ** ରାହୁ ଦେବଗୁରୁଙ୍କ ନକ୍ଷତ୍ରରେ ରହି କର୍ମକ୍ଷେତ୍ରରେ ସମସ୍ୟା ସୃଷ୍ଟି କରିପାରନ୍ତି। ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ପରିବହନରେ ମାନମନାନ୍ତର ଦେଖା ଦେଇପାରେ। ପୁନର୍ବସୁ ନକ୍ଷତ୍ର ସକାଶେ ପାରିବାରିକ ସ୍ତରରେ ମାନସିକ ଦ୍ୱନ୍ଦ୍ୱ ଠିକ୍ ନିଷ୍ପତ୍ତି ନେବାରେ ବିଳମ୍ବିତ କରାଇବ।

**କର୍କଟ** ରାଶିରେ ଚତୁର୍ଗ୍ରହ ରାଜଯୋଗ ସୃଷ୍ଟି କରୁଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ଜୟଯୁକ୍ତ ହେବେ। ଆପଣ ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ସେଥିରେ ବିଳମ୍ବରେ ସଫଳତା ପାଇବେ। ବ୍ୟବସାୟ,ବାଣିଜ୍ୟ, କଳା, ସାହିତ୍ୟରେ ସମ୍ମାନ ମିଳିବ। ଅଶ୍ଳେଷା ନକ୍ଷତ୍ର ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିପାରେ।

**ସିଂହ** କେନ୍ଦ୍ରାଧିପତି ଶନି ସପ୍ତମଭାବକୁ ଦେଖୁଥିବାରୁ ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ପ୍ରତ୍ୟେକ କାର୍ଯ୍ୟ ପ୍ରାୟତଃ ଅନୁକୂଳ ରହିବ। ଦ୍ୱାଦଶସ୍ଥ ଗ୍ରହ ପ୍ରଭାବରେ ଖର୍ଚ୍ଚାନ୍ତ ହେବା ସାଙ୍ଗକୁ ସାଧାରଣ କଥାରେ ମଧ୍ୟ ଟେନସନ୍ ବଢିଯାଇପାରେ। ମଘା ନକ୍ଷତ୍ର କୌଣସି ପ୍ରମାଣ ନ ଥାଇ ପଡ଼ୋଶୀମାନଙ୍କ ଠାରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡିପାରନ୍ତି।

**କନ୍ୟା** ଆଜି ଆପଣଙ୍କୁ ଆକସ୍ମିକ ଅର୍ଥପ୍ରାପ୍ତି ହେବା ସହ ମାନସିକ ଅସ୍ଥିରତା ଲାଗି ରହିବ। ପ୍ରତ୍ୟେକ କ୍ଷେତ୍ରରେ ଦେଖିଚାହିଁ ଆଗକୁ ବଢ଼ନ୍ତୁ, ସମସ୍ୟା ଆସିପାରେ। ଚିତ୍ରା ନକ୍ଷତ୍ର ସକାଶେ ସାହାଯ୍ୟ କରିବାକୁ କଥା ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହିବେ। ସମ୍ପର୍କ କ୍ଷୁଣ୍ଣ ହେବା କାରଣରୁ ଆତ୍ମୀୟସ୍ୱଜନଙ୍କ ପାଇଁ ଚିନ୍ତା ବଢିପାରେ।

**ତୁଳା** ପରୋକ୍ଷ ଶତ୍ରୁତା ଓ ଆର୍ଥିକ ଅନଟନ ଜନିତ ମନକୁ ଅସ୍ଥିର କରିବାର ଆଶଙ୍କା ରହିଛି। ତଥାପି ସ୍ୱାତୀ ନକ୍ଷତ୍ର ଆଜିର କର୍ମକ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରି ନେବେ। ଅବସର ସମୟରେ ପିଲାଙ୍କ ସହ ଖୁସିଗପ କରିବାର ମଉକା ଜୁଟିବାର ସୂଚନା ରହିଛି। ସଭାସମିତିରେ ଯୋଗ ଦେଲେ ପ୍ରଶଂସା ଓ ପ୍ରତିଷ୍ଠା ପାଇ ପାରିବେ।

**ବିଛା** ଚନ୍ଦ୍ରଙ୍କ ପ୍ରତି ଗୁରୁଦୃଷ୍ଟି ଅଭାବରୁ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ବନ୍ଦ ହୋଇଯାଇପାରେ। ସନ୍ତାନଙ୍କ ବୈବାହିକ କର୍ମ ସମ୍ପାଦନ କ୍ଷେତ୍ରରେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବାର ସମ୍ଭାବନା ରହିଛି। କିନ୍ତୁ ଅନୁରାଧା ନକ୍ଷତ୍ର ସକାଶେ ଜମା ପଡୁ ନ ଥିବା କୌଣସି ବିଜାତୀୟ ବ୍ୟକ୍ତିଙ୍କ ଦ୍ୱାରା ଅସମ୍ମାନିତ ହେବାର ସୂଚନା ରହିଛି।

**ଧନୁ** କୋଣଭାବସ୍ଥ ଚନ୍ଦ୍ରଙ୍କ କେନ୍ଦ୍ରସ୍ଥ ଏକାଧିକଗ୍ରହ ପାରିବାରିକ ଜୀବନ ଓ କର୍ମକ୍ଷେତ୍ରକୁ ପ୍ରଭାବିତ କରିବ। ଆତ୍ମୀୟମାନଙ୍କ ସହଯୋଗରେ ଅର୍ଥ ସଂଗ୍ରହ କରିବାରେ ସଫଳତା ହାସଲ କରିବେ। ବନ୍ଧୁମାନଙ୍କ ଗହଣରେ ଗଠନ ମୂଳକ ପ୍ରେରଣା ଦେଇ ପ୍ରଶଂସିତ ହେବେ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡ ରୋଗରେ କଷ୍ଟ ପାଇପାରନ୍ତି।

**ମକର** ଆଜି ସପ୍ତମାଧିପତି କେନ୍ଦ୍ରରେ ଅବସ୍ଥାନ କରି ଆପଣଙ୍କ ଅଭିଳାଷକୁ ପୂରଣ କରିବାର ସୁଯୋଗ ସୃଷ୍ଟି କରିବେ। କିନ୍ତୁ ସପ୍ତମସ୍ଥ ଚାରୋଟିଗ୍ରହ ବିବାଦୀୟ ସ୍ଥିତିରେ ଅପଦସ୍ଥ କରିପାରନ୍ତି। ପାରିବାରିକ କ୍ଷେତ୍ରରେ ପୁତ୍ରକନ୍ୟା ହେତୁକ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ପଡ଼ୋଶୀ କେହି ପ୍ରତିବାଦ କରିପାରନ୍ତି, ଯାହାକି ଆପଣଙ୍କ କାମ ପାଇଁ ତାହା ବାଧକ ସାଜିବ।

**କୁମ୍ଭ** ଧର୍ମଭାବପ୍ରତି ଶୁଭଦୃଷ୍ଟି ଆପଣଙ୍କୁ ଧାର୍ମିକ ଭାବନା ମାଧ୍ୟମରେ ସତ୍‌ସଙ୍ଗ କରାଇବ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ଅବଶ୍ୟ ପାଇବେ କିନ୍ତୁ ସାଧାରଣ ସମସ୍ୟା ମଧ୍ୟ ରହିବାର ଆଶଙ୍କା ଦେଖାଦେଇପାରେ। ପୂର୍ବଭାଦ୍ରପଦ୍ ନକ୍ଷତ୍ର କର୍ମକ୍ଷେତ୍ରରେ ପ୍ରିୟକଥା କହି ସମସ୍ୟାକୁ ସୁଧାରି ନେବେ। ଅତିରିକ୍ତ ଭ୍ରମଣ ହେତୁ କ୍ଲାନ୍ତି ଦେଖାଦେଇପାରେ।

**ମୀନ** ଧନସ୍ଥାନସ୍ଥ ଅର୍ଥଲାଭ କରାଇବ କିନ୍ତୁ ପାପଗ୍ରହ ମଧ୍ୟସ୍ଥ ଯୋଗୁ ମାନସିକ ସ୍ଥିତି ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। କିନ୍ତୁ ଅପରାହ୍ନରେ ଆପଣାଛାଏଁ ସମସ୍ୟା କମିବା ଫଳରେ ରହିଥିବା ଟେନସନ୍ କମିଯାଇପାରେ। ଆନୁଷ୍ଠାନିକ କ୍ଷେତ୍ରରେ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ।

ଆଜି ଶ୍ରାବଣ କୃଷ୍ଣ ନବମୀ ଶୁକ୍ରବାର, ଜୁଲାଇ ୨୬ ତାରିଖ, ଅନ୍ତର୍ଜାତୀୟ ହେନ୍ତାଳଦିବସ, କାରଗିଲ୍ ବିଜୟ ଦିବସ, ଓଡ଼ିଶା ହାଇକୋର୍ଟର ପ୍ରତିଷ୍ଠା ଦିବସ, ରାଶି-ନକ୍ଷତ୍ର, ଦ୍ୱିଜା/ମେଷ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୬।୪୯ମି. ମଧ୍ୟେ ଘ୪।୩୪ମି. ଗତେ, ଘ୬।୧୬ମି. ମଧ୍ୟେ ଅମୃତ ବେଳା। ଦିବା ଘ୬।୪୯ମି. ଗତେ ଘ୮।୨୧ମି. ମଧ୍ୟେ, ଘ୧୧।୪୨ମି. ଗତେ, ଘ୧।୧୯ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୦।୧୫ମି. ଗତେ ଘ୧୧।୫୩ମି. ମଧ୍ୟେ ରାହୁକାଳ।


# classifieds Everyday 0674-2580101, 2549302

## real estate

**SALE**

ହଂସପାଳଠାରୁ 2k.m Puri Canalକୁ ଲାଗି 30' road, boundary plot ବିକ୍ରିହେବ। 9438056978. D-66711

**Ready to construction BDA yellowzone boundary electricity plot near VSS Nagar, Chakeisihani. 9861372130, 9938106166.** D-66745

BDA plot NH-5 ସନ୍ନିକଟ road, Electric poll, boundary ଥାଇ sqft 600/- ମିଳୁଅଛି। Contact: 7750068828 / 8249662762. D-13542

**ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ। 9114955347, 8658962508.** D-66729

ଭୁବନେଶ୍ୱର ପଟିଆ ବିଗ୍‌ବଜାରରୁ 3.5k.m. ବାସୋପଯୋଗୀ plot 1200sqft. 5,40,000/- immediate possession/ registration. 9937032327, 9583328312. D-66730

**ଭୁବନେଶ୍ୱର ପିତାପଲ୍ଲିଛକ ପାଖରେ Viswass +2 Science କଲେଜକୁ ଲାଗି yellowzone ପ୍ଲଟ ମିଳୁଅଛି। 9348261968.** D-66738

**Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/ Bhubaneswar. 7809525452, 8249851363.** D-66932

ବଅଁରପାଳଠାରୁ ବାଲିମେଳା ଯାଇଥିବା NH-64 ରାସ୍ତାର ବଉଳିଗଡ ଗ୍ରାମ ବ୍ରିଜ ମୁଣ୍ଡରେ ଥିବା ୪୬ଡିସିମିଲ ଜାଗା ବିକ୍ରିହେବ। ଯୋଗାଯୋଗ: ୯୮୬୧୨୨୨୮୦୦, ୬୩୭୧୭୯୫୩୧୬। D-60948

SUM hospital ନିକଟରେ ଏବଂ Tamando ବଜାର Infocity-2 ପାଖରେ plot ମିଳୁଅଛି। 9439864322. D-66715

**Bhubaneswar AIIMS Medical ନିକଟରେ Govt. roadକୁ ଲାଗି BDA approved yellowzone gharabari plot- 1499/- 9777553622.** D-66736

Prime property at Khandagiri (Land & building) 2 storied with underground cost Rs. 1.75 crore (Negotiable) phone: 9338579645. D-64988

**Ready to move 2BHK flat at Damana square, 3BHK flat at Nayapalli, Beherasahi next NH plot 2700 sqft at Sailashree Vihar back side of Jagannath temple, Chaturbuja Nirman Construction. Contact Mob- 7750072200, 8249222916.** D-13487

2BHK flat near Garage chhak NH Bhubaneswar-2, Contact mob: 8763449127. D-65669

**Ready to move 4BHK flat near Hotel Mayfair, Jaydev Vihar, price Rs.5500/- per sqft & triplex and duplex at Rangabazar near BJEM English Medium School-II. Price start Rs.45 lakhs. Call: 9040046767, 9040007267.** D-67318

1000 sqft land 12lakhs at Sisupalgarh, near Lingaraja Temple. Contact: Hindustan Jewellers, Bhubaneswar. D-65670

**ଭୁବନେଶ୍ୱର ବାଳକାଟିବଜାରରୁ 2km. boundary ଘରବାରି plot ଇଲେକ୍ଟ୍ରିସିଟି ସୁବିଧାଥାଇ sqft.-500/- (Spot possession then registration). 9348020724, 7978939440.** D-66744

2BHK simplex 26,00,000/-finishing Hanspal, Bank finance available 7381578650, 7377605498. D-67022

212decml. yellowzone gharabari sthitiban plot at Sunderpur on Sikharchandi, Chandaka road @ 1250 per sqft. Contact: 9338342502. D-67320

**Book 4BHK triplex, 2100sqft. near Tamando overbridge (Kalinga Vihar) @ 70Lac. 7978584549.** D-67323

## to-let

Residential building 2BHK having 390 sqft. drawing / dining space & 2 toilets available to let at Lingipur, BBSR for Govt., corporate,bank officers / officials. Contact: 9437550247, 6371310370. D-13432

3BHK 1800 sqft. house near ITER College, Dumduma. Phone- 8179751075. D-66266

2BHK house at Bapuji Nagar, Bhubaneswar for office, chamber, consultancy. Contact: 9437347177. D-62193

## healthcare

Fully refreshed/ relaxed body massage by expert therapist, Shastri Nagar. 7377984773. D-67325

Rejuvenate and ayurvedic full body massage by smart therapist: 9114402304. D-67324

Full body herbal massage with refreshment, expert therapist. 7381239385, 0674-2540855. D-67326

Experience full body massage with us (expert). Call: 7377048581, 0674-2597822. D-67327

Herbal full body massage by smart/expert therapist. Contact: 8338067247. D-67328

Newly opening Ayurvedic body massage smart therapist, Shree herbal, 775 0020754. D-67317

Ayurvedic full body massage ladies & gents smart therapist. 9040900385. D-66931

Summer special mesmerizing offer expert therapeutic refreshing massage appointment: 9668374480. D-67322

## business

ସ୍ୱଳ୍ପ ପୁଞ୍ଜି ବିନିଯୋଗ କରି ନିଜଘରେ ପେପର ପ୍ଲେଟ, Buffet, ଧୂପକାଠି ଉଦ୍ୟୋଗ ବସାଇ ମାସିକ 25 ରୁ 30 ହଜାର ଟଙ୍କା ରୋଜଗାର କରନ୍ତୁ। Raw material available. 6372582671, 8895777350. D-67321

## astrology

ଫିସ୍ ନୁହେଁ, ପୁରସ୍କାର ନେବି, ସମସ୍ୟା ନୁହେଁ ସମାଧାନ ଦେବି। Gold Medalist, ପ୍ରେମବିବାହ, ସଉତୁଣୀ-ଶତ୍ରୁମୁକ୍ତି, ସମାଧାନ ଗୋଟିଏ ଫୋନ୍‌ରେ। 09521603776 096106-09485. D-13589

## AFFIDAVIT

By an affidavit on dated 18.07.2019, I have changed my name Manaja Behera to Laxmidhar Behera, S/o Late Narasingh Behera , At: Brahmapura, Po: Daleiput, P.S: Khurda, Dist: Khudra for all purposes. D-13595

## LEGAL NOTICE

In the Court of C.J (SD) K Nagar

C.S. No 56/2017
Panchanan Dash... Plaintiff Vers

Basudev Dash & others... Defendants
To. D.1 (b)
Pyarimohan Dash at present Saraswati Sishu Mandir P.O/ P.S. Bhuban. Dist- Dhenkanal.
D.2 (c) Ambuja Lochan Dash Village and P.O Govindapur, P.S. Bhuban, Dist- Dhenkanal.
D.1 (D) Bandana Dash At/Vill/P.O. Baisingha, Dist- Dhenkanal... Defendants.
Take notice that you are not appearing in the court inspite of several summons. You are directed to appear in undersigned court on 31st july 2019 at 10a.m, failing which the suit shall be heard and decided in your absence.
By order
Sd.- C.J. (Sr. D), Kamakhya Nagar.
D-13583

## ପ୍ରଥମ ଜନ୍ମଦିନ ଶୁଭେଚ୍ଛା



**ଶ୍ରଦ୍ଧା ତନୟା ମଲ୍ଲିକ**
ମେଘା, ଆଠଗଡ, କଟକ
ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଚଲାପଥ କୁସୁମିତ ହେଉ ଏବଂ ତୋତେ ନୀରୋଗ ରଖନ୍ତୁ।
**ଶୁଭେଚ୍ଛା ସହ**
ଜେଜେ, ଜେଜେ ମା, ବାବା, ମାମା, ବଡବାବା, ବଡ ମା, ଅଜା, ଆଈ, ମାମୁ, ମାଈଁ, ପିଉସା, ପିଉସୀ ବନ୍ଧୁ ଓ ପରିବାରବର୍ଗ।
ଧ-୧୩୫୯୬

## ପ୍ରଥମ ଜନ୍ମ ବାର୍ଷିକୀ



**ଧନଞ୍ଜୟ ପରିଡା (କାହ୍ନା)**
କଣିପାଟିଆ, ଧର୍ମଶାଳା, ଯାଜପୁର
ଆଜି ପ୍ରଥମ ଜନ୍ମଦିନ ଅବସରରେ ସମସ୍ତଙ୍କର ଆଶୀର୍ବାଦ, ସ୍ନେହ ଓ ଶୁଭେଚ୍ଛା। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କୃପାରୁ ତୋର ଜୀବନ କୁସୁମିତ ହେଉ।
**ଶୁଭେଚ୍ଛା ସହ**
ଜେଜେ ବାପା: ବଟକୃଷ୍ଣ, ଜେଜେ ମା: ଶଶୀ, ବାପା: ଦେବା, ମା: ସୁନା, ଭଉଣୀ: ଦେବସ୍ମିତା, ବନ୍ଧୁ ଓ ପରିବାରବର୍ଗ।
ଧ-୧୩୫୯୩

**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୨୧୦/- । ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**



ଯେତେଦିନ ପର୍ଯ୍ୟନ୍ତ ତୁମେ ବଞ୍ଚିଛ,
କିପରି ବଞ୍ଚିବାକୁ ହୁଏ ଶିକ୍ଷା କର।
- ସେନେକା




# ଡେଙ୍ଗୁ ନିରାକରଣ ସଚେତନତା ମାସ - ଜୁଲାଇ ୨୦୧୯

ସଚେତନ ହୁଅନ୍ତୁ, ସୁରକ୍ଷିତ ରୁହନ୍ତୁ

**ଲକ୍ଷଣ ଓ ପ୍ରତିକାର:**

- ଜ୍ୱର ସହିତ ଭୀଷଣ ହାଡ ଓ ଗଣ୍ଠି ବିନ୍ଧାହେବା, ଶରୀରରେ ଲାଲ୍ ଦାଗ ଦେଖାଦେବା, କେତେକ କ୍ଷେତ୍ରରେ ବାନ୍ତି ଓ ମୁଣ୍ଡବିନ୍ଧା ଆଦି ଲକ୍ଷଣ ଦେଖାଦେଲେ ତୁରନ୍ତ ନିକଟସ୍ଥ ଆଶା,ସ୍ୱାସ୍ଥ୍ୟକର୍ମୀ କିମ୍ବା ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ ।
- ପାଣି ପାତ୍ର,ଟାଙ୍କି,କୁଣ୍ଡ, ରୁମ୍ କୁଲର୍ ଇତ୍ୟାଦିକୁ ୨-୩ ଦିନରେ ଥରେ ସଫାକରି ପାଣି ବଦଳାଇ ଦିଅନ୍ତୁ ।
- ପୂରାଦେହକୁ ଘୋଡାଇ ରଖିଲାପରି ପୋଷାକ ପିନ୍ଧନ୍ତୁ ।
- ନିୟମିତ ମଶାରୀ ଟାଣି ଶୁଅନ୍ତୁ ।



ଘର ଆଖପାଖରେ ପଡିଥିବା ଉପରୋକ୍ତ ବର୍ଜ୍ୟବସ୍ତୁମାନଙ୍କରେ ଜମିଥିବା ପାଣିରେ ଡେଙ୍ଗୁମଶା (ଏଡିସ୍ )ବଂଶବୃଦ୍ଧି କରିଥାନ୍ତି । ଏଣୁ ସେଗୁଡିକୁ ତୁରନ୍ତ ପରିଷ୍କାର କରନ୍ତୁ ଓ ପାଣି ଜମିବାକୁ ଦିଅନ୍ତୁ ନାହିଁ ।

ଡେଙ୍ଗୁ ରୋଗର ଚିକିତ୍ସା ସମସ୍ତ ସରକାରୀ ଡାକ୍ତରଖାନାମାନଙ୍କରେ ବିନାମୂଲ୍ୟରେ ଉପଲବ୍ଧ ।

10003/13/0033/1920

facebook.com/HFWOdisha http://www.health.odisha.gov.in/ @HFWOdisha

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

DSPL-49


# ରାଜ୍ୟରେ ୮୫ ଲକ୍ଷ ବେକାରି

**ଭୁବନେଶ୍ୱର,୨୫।୭(ବ୍ୟୁରୋ)**

- ନିଯୁକ୍ତି ନ ଦେଲେ କେହି ବର୍ତ୍ତିପାରିବେନି: ବିରୋଧୀ
- ବେକାରି ଦୂର କରିବା ପାଇଁ ପ୍ରସ୍ତୁତ ହେବ ରୋଡ୍ ମ୍ୟାପ:ମନ୍ତ୍ରୀ

ରାଜ୍ୟରେ ଉତ୍କଟ ହେଉଛି ବେକାରି ସମସ୍ୟା। ନିଯୁକ୍ତି ନ ପାଇ ବେକାର ଯୁବକ ଡ୍ରଗ ଆଡିକ୍ଟେଡ ହେବା ସହ ବ୍ରାଉନସୁଗାର ଚୋରା ବେପାରରେ ଲିପ୍ତ ରହୁଛନ୍ତି। ଚାକିରି ନ ପାଇ ଦେଶର ମାନବ ସମ୍ବଳ ପଥ ଭ୍ରଷ୍ଟ ହେଉଛି। ରାଜ୍ୟରେ ଦୀର୍ଘ ୨୦ ବର୍ଷ ଶାସନ କରୁଥିବା ରାଜ୍ୟ ସରକାର ବେକାର ଯୁବତୀ ଯୁବକଙ୍କୁ ନିଯୁକ୍ତି ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ରାଜ୍ୟରେ ୮୫ ଲକ୍ଷ ବେକାରି ଅଛନ୍ତି। କୃଷି କ୍ଷେତ୍ରଠାରୁ ଆରମ୍ଭ କରି ସରକାରୀ ଚାକିରିରେ ମାଳ ମାଳ ପଦବୀ ଖାଲି ପଡ଼ିଛି। ସରକାର ଏହାକୁ ଗୁରୁତ୍ୱର ସହ ନ ନେଲେ ଆଗାମୀ ଦିନରେ ଶାସକ କିମ୍ବା ବିରୋଧୀ କେହି ହେଲେ ବର୍ତ୍ତିପାରିବେ ନାହିଁ। ବିରୋଧୀ ଦଳ ମୁଲତବୀ ଆଲୋଚନା ବେଳେ ଏମିତି ଚେତାବନୀ ଦେଇଛନ୍ତି ସରକାରଙ୍କୁ।

ରାଜ୍ୟରେ ଉତ୍କଟ ବେକାରି ସମସ୍ୟାକୁ ନେଇ ବିରୋଧୀ ଦଳ ପକ୍ଷରୁ ଦିଆଯାଇଥିବା ମୁଲତବୀ ପ୍ରସ୍ତାବ ଆଲୋଚନାରେ ଭାଗ ନେଇ କଂଗ୍ରେସ ଦଳ ନେତା ନରସିଂହ ମିଶ୍ର ରାଜ୍ୟ ସରକାରଙ୍କୁ ଜୋରଦାର ଆକ୍ରମଣ କରିଛନ୍ତି। ସେ କହିଛନ୍ତି, ବିଜେଡି ୨୦ ବର୍ଷ ହେବ ଶାସନ କରୁଥିବା ବେଳେ ରାଜ୍ୟରେ ବେକାରି ସମସ୍ୟା ବଢ଼ି ଚାଲିଛି। ଏହି ସମସ୍ୟାର ସମାଧାନ କରିବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। କେନ୍ଦ୍ରର ଏନଡିଏ ସରକାର ବର୍ଷକୁ ୨ କୋଟି ଚାକିରି ଦେବାକୁ ପ୍ରତିଶ୍ରୁତି ଦେଇଥିଲା। ୫ ବର୍ଷରେ ୧୦ କୋଟିଙ୍କୁ ନିଯୁକ୍ତି ଦେବା କଥା। ଏହି ସମୟରେ ୪୫ ବର୍ଷର ବେକାରି ସମସ୍ୟା ରେକର୍ଡ ଭାଙ୍ଗିଛି। ୨୦୧୭-୧୮ରେ ଦେଶରେ ବେକାରି ସମସ୍ୟା ୬.୧ ପ୍ରତିଶତ ବୃଦ୍ଧି ହୋଇଛି। ବିମୁଦ୍ରୀକରଣ ପରେ ବେକାରି ଆହୁରି ବଢ଼ିଛି। ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ବହୁ ପଦବୀ ଖାଲି ରହିଥିଲେ ମଧ୍ୟ ସେଗୁଡ଼ିକୁ ପୂରଣ କରାଯାଉନାହିଁ। ସ୍ୱାସ୍ଥ୍ୟ ବିଭାଗରେ ୫୪,୦୮୮ ମଞ୍ଜୁରୀ ପଦବୀ ଥିବାବେଳେ ସେଥିରୁ ୧୬,୦୭୧ଟି ପଦବୀ ଖାଲି ରହିଛି। ସେହିପରି ସ୍କୁଲ ଓ ଗଣଶିକ୍ଷା ବିଭାଗରେ ମଞ୍ଜୁରୀ ପଦବୀ ୨ ଲକ୍ଷ ୧୬ ହଜାର ୭୪ ଥିବାବେଳେ ସେଥିରୁ ୩୦ ହଜାର ପଦବୀ, ପୂର୍ତ୍ତ ବିଭାଗରେ ୧୦,୪୩୫ ପଦବୀ ଥିବାବେଳେ ୩,୪୮୦ ପଦବୀ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ୭,୫୪୪ଟି ପଦବୀରୁ ୨,୮୬୭ ପଦବୀ ଖାଲି ରହିଛି । ଏହିପରି ସରକାରୀ ସଂସ୍ଥାରେ ୫ ଲକ୍ଷ ୮୩ ହଜାର ପଦବୀରୁ ୧ ଲକ୍ଷ ୩୧ ହଜାର ୫୧୮ ପଦବୀ ଖାଲି ରହିଛି। କୃଷି କ୍ଷେତ୍ରରେ ମଧ୍ୟ ୨୫ ଲକ୍ଷ ଲୋକ କାମଧନ୍ଦା ପାଉ ନାହାନ୍ତି। ଯୁବତୀ ଯୁବକମାନେ ଚାକିରି ନ ପାଇ କୁବାଟରେ ଯାଉଛନ୍ତି ବୋଲି ନରସିଂହ ଚେତାଇ ଦେଇଛନ୍ତି।

ଭାଜପା ସଭ୍ୟ ବିଷ୍ଣୁଚରଣ ସେଠୀ ରାଜ୍ୟରେ ବଢୁଥିବା ବେକାରି ସମସ୍ୟାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ସେ କହିଥିଲେ ଯେ ନିଯୁକ୍ତି ଓ କାମଧନ୍ଦା ନ ପାଇ ବହୁଲୋକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଚାଲି ଯାଉଛନ୍ତି। ୨୦୦୭-୦୮ରେ ୧କୋଟି ୧୪ ଲକ୍ଷ ଲୋକ ଦାଦନ ଖଟିବାକୁ ଓଡ଼ିଶା ବାହାରକୁ ଯାଇଛନ୍ତି। ୧୫ରୁ୫୯ ବର୍ଷର ୮୪ ଲକ୍ଷ ବେକାରି ରହିଛନ୍ତି। ୨୦୧୧ ଜନଗଣନା ଅନୁଯାୟୀ ସମୁଦାୟ ଜନସଂଖ୍ୟାର ୫୮.୨ ପ୍ରତିଶତ ଲୋକ ବେକାର। ସରକାରଙ୍କ ନିୟୋଜନ କାର୍ଯ୍ୟାଳୟରେ ୩୫.୪ ଲକ୍ଷ ବେକାରି ନାମ ପଞ୍ଜୀକୃତ କରିଛନ୍ତି। ବେକାର ଯୁବତୀ ଯୁବକଙ୍କୁ ଆଉଟସୋର୍ସରେ ରଖି ୮ ମାସ ପରେ ବିଦା କରାଯାଉଛି। ପୋଲିସ ଅଧିକାରୀ ପୁଅ ଛିନତାଇରେ ଧରାପଡୁଛନ୍ତି। ସରକାର ଏହାକୁ ଗମ୍ଭୀରତାର ସହ ନିଅନ୍ତୁ ବୋଲି କହିଥିଲେ। ଭାଜପା ସଭ୍ୟ ମୁକେଶ ମହାଲିଙ୍ଗ, ଗଣେଶ ରାମସିଂ ଖୁଣ୍ଟିଆ ଏବଂ କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି ରାଜ୍ୟରେ ବଢୁଥିବା ବେକାରି ସମସ୍ୟାକୁ ନେଇ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ଦୃଷ୍ଟି ଆକର୍ଷଣକାରୀ ପ୍ରସ୍ତାବରେ ବିଜେଡି ସଭ୍ୟ ଅଶ୍ୱିନୀ ପାତ୍ର, ପ୍ରମୋଦ ମଲ୍ଲିକ, ସତ୍ୟନାରାୟଣ ପ୍ରଧାନ ଏବଂ ସୁବାସ ଚନ୍ଦ୍ର ବେହେରା କହିଥିଲେ ବେକାରି ସମସ୍ୟା କେବଳ ଓଡ଼ିଶାର ନୁହେଁ। ସାରା ଭାରତ ବର୍ଷରେ ଏହି ସମସ୍ୟା ଉତ୍କଟ ହୋଇଛି। ଓଡ଼ିଶାରୁ କାହିଁକି ବିହାର, ଉତ୍ତରପ୍ରଦେଶ, ଗୁଜରାଟରୁ ମଧ୍ୟ ଲୋକମାନେ ଅନ୍ୟ ରାଜ୍ୟକୁ କାର୍ଯ୍ୟ ଅନ୍ୱେଷଣରେ ଯାଉଛନ୍ତି। ବେକାରି ଯୁବତୀ ଯୁବକଙ୍କୁ ଆତ୍ମନିଯୁକ୍ତି ପାଇଁ ଦକ୍ଷତା ବିକାଶ ତାଲିମ ଦିଆଯାଉଛି। ୨୦୦୦ ମସିହାରେ ରାଜ୍ୟରେ ୨୩ଟି ଆଇଟିଆଇ ଥିବାବେଳେ ଏବେ ଏହା ୪୯କୁ ବୃଦ୍ଧି ପାଇଛି। ବେକାରିଙ୍କୁ କର୍ମସଂସ୍ଥାନ ଯୋଗାଇବାକୁ ସରକାର ଉଦ୍ୟମ ଜାରି ରଖିଛନ୍ତି ବୋଲି କହିଥିଲେ। ମୁଲତବୀ ଆଲୋଚନା ଜବାବରେ ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ପ୍ରେମାନନ୍ଦ ନାୟକ କହିଛନ୍ତି ଯେ ରାଜ୍ୟ ସରକାର ବେକାରି ସମସ୍ୟା ଦୂର କରିବା ସହ ଆତ୍ମନିଯୁକ୍ତି ଦେବାକୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଗଠନ କରିଛନ୍ତି। ବେକାରି ଯୁବତୀ ଯୁବକଙ୍କୁ କୁଶଳୀ ଓ ଦକ୍ଷତା ବୃଦ୍ଧି ପାଇଁ ଦକ୍ଷତା ବିକାଶ ତାଲିମ ପ୍ରଦାନ କରୁଛନ୍ତି। ବେକାର ସମସ୍ୟା ଦୂର କରିବାକୁ ବିଧାୟକମାନଙ୍କ ପରାମର୍ଶ ନିଆଯାଇ ଏକ ରୋଡ ମ୍ୟାପ ପ୍ରସ୍ତୁତ କରାଯିବ। ଏହାଛଡା ବେକାରିମାନଙ୍କୁ ଆତ୍ମନିଯୁକ୍ତି ଦେବା ସକାଶେ ମୁଖ୍ୟମନ୍ତ୍ରୀ ନିଯୁକ୍ତି କାର୍ଯ୍ୟକ୍ରମ, ପ୍ଲେସମେଣ୍ଟ ଟ୍ରେନିଂ ପ୍ରୋଗ୍ରାମ ଭଳି ବିଭିନ୍ନ କାର୍ଯ୍ୟକ୍ରମ ଚାଲୁ ରହିଛି। ଭୁବନେଶ୍ୱରଠାରେ ମଧ୍ୟ ଏକ ବିଶ୍ୱ ଦକ୍ଷତା କେନ୍ଦ୍ର ସ୍ଥାପନ କରିବା ଯୋଜନା ରହିଛି। ୩୯ଟି ଦକ୍ଷତା ବିକାଶ କେନ୍ଦ୍ର ମାଧ୍ୟମରେ ଯୁବତୀ ଯୁବକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।



## ଜିଲା ଚିଠି
## ନୟାଗଡ଼

# ଚିନିକଲ ଦୁଃଖ

ନୟାଗଡ଼ ଜିଲାର ଏକମାତ୍ର ଶିଳ୍ପ ଥିଲା ଚିନିକଲ। ୧୯୮୪ ମସିହା ଏପ୍ରିଲରେ ନୟାଗଡ଼ର ବାଲୁଗାଁ ପଞ୍ଚାୟତ ପାଣିପୋଇଲାଠାରେ ଏହି କାରଖାନା ଶିଳାନ୍ୟାସ କରାଯାଇଥିଲା । ୧୮କୋଟି ଟଙ୍କା ବ୍ୟୟରେ ପ୍ରତିଷ୍ଠା କରାଯାଇଥିବା ଏହି କାରଖାନାରୁ ୧୯୮୮ରୁ ଚିନି ଉତ୍ପାଦନ ଆରମ୍ଭ ହୋଇଥିଲା । ଆଖୁଚାଷ ପାଇଁ ଅନୁକୂଳ ପରିବେଶ ଥିବା ଉକ୍ତ ଅଞ୍ଚଳର ଚାଷୀମାନେ ଏଥିପାଇଁ ଉପକୃତ ହେଉଥିଲେ । ସେମାନଙ୍କ ଆର୍ଥିକ ସ୍ଥିତି ବି ଚିନିକଲ ପାଇଁ ସୁଦୃଢ ହୋଇପାରିଥିଲା । ହେଲେ ପରିଚାଳନାଗତ ତ୍ରୁଟି ଯୋଗୁ ସମବାୟ ଭିତ୍ତିରେ ପ୍ରତିଷ୍ଠିତ ହୋଇଥିବା ଏହି ଚିନିକଲ ବାରମ୍ବାର କ୍ଷତିରେ ଚାଲିଥିଲା । ଫଳରେ ଆଖୁ ଚାଷୀ ଓ କାରଖାନା କର୍ମଚାରୀମାନେ ସେମାନଙ୍କ ପ୍ରାପ୍ୟ ପାଇପାରିଲେ ନାହିଁ । ମାତ୍ର ୨ ବର୍ଷ ଚାଲିବା ପରେ ଚିନିକଲ ବନ୍ଦ ହେବା ଅବସ୍ଥାକୁ ଆସିଲା । ଏହା ପରେ ସରକାର ଚିନିକଲକୁ ତାମିଲନାଡୁର ଧରଣୀ ସୁଗାର୍ସ ନାମକ ଏକ କମ୍ପାନୀକୁ ଲିଜ୍ ସୂତ୍ରରେ ୧୨ ବର୍ଷ ପାଇଁ ହସ୍ତାନ୍ତର କରିଥିଲେ । ଧରଣୀ ସୁଗାର୍ସ କିଛି ବର୍ଷ କାରଖାନାକୁ ଚଳାଇବା ପରେ ଆଖୁ ଚାଷୀ ଓ କର୍ମଚାରୀଙ୍କ ବହୁ କୋଟି ଟଙ୍କା ନ ଦେଇ ରାତି ଅଧିଆ ଚମ୍ପଟ ମାରିଲା । ଫଳରେ ୨୦୦୦ରୁ ୨୦୦୪ ମସିହା ପର୍ଯ୍ୟନ୍ତ ଏହି କାରଖାନା ବନ୍ଦ ରହିଥିଲା । ୨୦୦୪ ଜୁନ୍‌ରେ ସରକାର ଚିନିକଲକୁ ମାତ୍ର ୫ କୋଟି ଟଙ୍କାରେ ଶିଳ୍ପପତି ତ୍ରୈଲୋକ୍ୟ ମିଶ୍ରଙ୍କୁ ହସ୍ତାନ୍ତର କଲେ । ହେଲେ ୨୦୧୨ ମସିହାରୁ ୨୦୧୪ ମଧ୍ୟରେ କର୍ମଚାରୀ ଓ ଆଖୁ ଯୋଗାଉଥିବା ଚାଷୀଙ୍କ ପ୍ରାୟ ୪ କୋଟି ଟଙ୍କା ପ୍ରାପ୍ୟ କାରଖାନା କର୍ତ୍ତୃପକ୍ଷ ବକେୟା ରଖିଥିଲେ । ଏହାକୁ ନେଇ ଅଶାନ୍ତିର ନିଆଁ ଜଳିବା ପୂର୍ବରୁ ଅର୍ଥାତ୍ ୨୦୧୪ ମାର୍ଚ୍ଚ ୪ ତାରିଖ ରାତିରେ ଚିନି କଳରେ କର୍ତ୍ତୃପକ୍ଷ ସବୁଦିନ ପାଇଁ ତାଲା ଝୁଲାଇଦେଲେ । ସେହିଦିନଠାରୁ ଏହି ଶିଳ୍ପକେନ୍ଦ୍ରରେ ତାଲା ଝୁଲିଲା । ସବୁ ଯେମିତି ଓଲଟପାଲଟ ହୋଇଗଲା । ଚାଷୀମାନେ ମୁଣ୍ଡରେ ହାତଦେଇ ବସିବା ଛଡ଼ା ଆଉକିଛି ଉପାୟ ନ ଥିଲା । ଆଜି ପର୍ଯ୍ୟନ୍ତ ଚିନିକଲ ବନ୍ଦ ରହିଛି। କାରଖାନା ଖୋଲିବା ପାଇଁ କେହି ଜଣେ ଚିନ୍ତା କରିନାହାନ୍ତି। ପ୍ରଶାସନ ଚୁପ୍ ହୋଇ ବସିଥିବା ବେଳେ ରାଜନୈତିକ ନେତୃବୃନ୍ଦ ଆନ୍ତରିକତା ପ୍ରକାଶ କରୁନାହାନ୍ତି। କାରଖାନା ବନ୍ଦ ହୋଇ ପଡ଼ିବା ଯୋଗୁ ଏହାର ପ୍ରଭାବ ସିଧାସଳଖ ଆଖୁଚାଷୀଙ୍କ ଉପରେ ପଡ଼ିଛି। ସେମାନଙ୍କ ଆର୍ଥିକ ସ୍ଥିତି ଦୁର୍ବଳ ହୋଇ ପଡ଼ିଥିବା ବେଳେ ଜିଲାରେ ଆଖୁଚାଷ ମଧ କମିବାରେ ଲାଗିଛି। ୨୦୧୨-୧୩ ଆର୍ଥିକ ବର୍ଷରେ ଜିଲାରେ ୪୫୦୦ ହେକ୍ଟର ଜମିରେ ଆଖୁ ଚାଷ କରାଯାଇଥିବା ବେଳେ ବର୍ତ୍ତମାନ ତାହା ୧୬୫୦ ହେକ୍ଟର ଜମିକୁ କମି ଆସିଛି । ଚାଷ ହେଉଥିବା ଆଖୁ ମଧ୍ୟରୁ କିଛି ଅନ୍ୟ ଜିଲାକୁ ବିକ୍ରି ପାଇଁ ପଠାଯାଉଥିବା ବେଳେ ଅବଶିଷ୍ଟ ଆଖୁରୁ ଦେଶୀ ପଦ୍ଧତିରେ ଗୁଡ଼ ତିଆରି କରି ଚାଷୀ ବିକ୍ରି କରୁଛନ୍ତି। ଏପରି ପରିସ୍ଥିତିରେ ଚାଷୀମାନେ ଦାଦନ ଖଟିବାକୁ ଯିବାକୁ ବାଧ୍ୟ ହେଉଛନ୍ତି। ମାସେ ତଳେ ଚିନିକଲ ବିକ୍ରି ନେଇ ଗୁଜବ ସୃଷ୍ଟି ହେବା ପରେ ବିଭିନ୍ନ ଦଳର ନେତା, ଚାଷୀ, ଚିନିକଲ କର୍ମଚାରୀମାନେ ଏକାଠି ହୋଇ କାରଖାନାର ପୁନରୁଦ୍ଧାର ପାଇଁ କ୍ରିୟାନୁଷ୍ଠାନ କମିଟି ଗଠନ କଲେ। କମିଟିର କର୍ମକର୍ତ୍ତା ବିଭିନ୍ନ ଗ୍ରାମରେ ବୁଲି ସଚେତନତା ସୃଷ୍ଟି କରିବା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କଲେ। ହେଲେ ତେଜି ଆସୁଥିବା ଏହି ଆନ୍ଦୋଳନ ହଠାତ୍ ଏବେ ଥମିବାକୁ ଲାଗିଛି। କାରଖାନା ଖୋଲିବା ଆଶା ଚାଷୀଙ୍କ ମନରୁ ମଉଳି ଯାଉଛି। ବନ୍ଦ ହୋଇ ପଡ଼ିଥିବା ଚିନିକଲ କେବେ ଖୋଲିବ, ଏହି ପ୍ରଶ୍ନର ଉତ୍ତର କାହା ପାଖରେ ନାହିଁ।

– ରଞ୍ଜନ କୁମାର ପ୍ରଧାନ


Be a Trendsetter. Everyday!

The Great Kalamandir ANNUAL Sale is now on!

UP TO 50% DISCOUNT*

*Conditions Apply

Get ready to grab exotic Sarees, Lehengas and Readymade Garments!

Choose from the widest range of exquisite fashion for the entire family at unbelievable prices. Shop more and save more.

kalamandir କଳାମନ୍ଦିର ODISHA'S MOST POPULAR FASHION SHOP ଓଡ଼ିଶାର ସବୁଠୁ ଲୋକପ୍ରିୟ ଫ୍ୟାଶନ ଶପ୍

Shop with a smile.

3, Western Market, Bhubaneswar 751009

Benarasis | Kanjeevarams | Odissis | Printed Silks | Brocades | Jamevars | South Silks | Gadwals
Fancy Sarees | Lehengas | Suitings | Shirtings | Suits | Jackets | Kurta Pyjamas
Sherwanis | Exclusive Readymades | Women's Wear | Kidswear | Furnishings | Dress Materials

R K SWAMY BBDO KALA 2897/19


## ■ଡାକ୍ତରଖାନାରେ ଗୁଣିଆଙ୍କ ଝଡାଫୁଙ୍କା

# ମୃତ ବ୍ୟକ୍ତିଙ୍କୁ ବଞ୍ଚାଇବାକୁ ପ୍ରୟାସ

**ଭବାନୀପାଟଣା, ୨୫।୭ (ଡି.ଏନ.ଏ.)**

ଅନ୍ଧବିଶ୍ୱାସର ଏକ ନିଚ୍ଛକ ଚିତ୍ର ଗୁରୁବାର ଭବାନୀପାଟଣା ସଦର ମହକୁମା ମୁଖ୍ୟ ଡାକ୍ତରଖାନାରେ ଦେଖିବାକୁ ମିଳିଥିଲା । ଜଣେ ମୃତ ବ୍ୟକ୍ତିଙ୍କୁ ବଞ୍ଚାଇବା ପାଇଁ ଗୁଣିଆ ଦୀର୍ଘ ସମୟ ନିଜ ପାରମ୍ପରିକ ପଦ୍ଧତିରେ ଝଡ଼ାଫୁଙ୍କା କରିଥିଲେ। ହେଲେ ତାଙ୍କୁ ନିରାଶ ହେବାକୁ ପଡିଥିଲା । ଏହି ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି । ଏହାକୁ ନେଇ ମୃତକଙ୍କ ପରିବାର ଲୋକେ ଓ ଡାକ୍ତରଖାନା କର୍ତ୍ତୃପକ୍ଷ ମୁହାଁମୁହିଁ ହୋଇଥିଲେ । ଫଳରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା । ପୋଲିସ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲା ।

ମିଳିଥିବା ସୂଚନା ଅନୁଯାୟୀ, କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଡୁମେର୍‌ବାହାଲ ଗାଁର ସତୀଶ କୁମାର ଭୋପାଲ (୨୧)ଙ୍କୁ ବୁଧବାର ରାତିରେ ଏକ ସାପ କାମୁଡି ଦେଇଥିଲା । ତାଙ୍କୁ ପ୍ରଥମେ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭବାନୀପାଟଣା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଗୁରୁବାର ମୃତ୍ୟୁ ଘଟିଥିଲା । ପରେ ଡାକ୍ତରଖାନା କର୍ତ୍ତୃପକ୍ଷ ମୃତଦେହ ବ୍ୟବଚ୍ଛେଦ ପାଇଁ ଶବଗୃହରେ ରଖିଥିଲେ। ହେଲେ ସତୀଶଙ୍କ ପରିବାର ସଦସ୍ୟ ମୃତକଙ୍କୁ ଜୀବିତ କରିବାକୁ ଗୁଣିଆ ଡାକି ଝଡ଼ାଫୁଙ୍କା କରୁଥିବା ବେଳେ ଡାକ୍ତରଖାନା କର୍ତ୍ତୃପକ୍ଷ ଏଥିପାଇଁ ଅନୁମତି ଦେଇ ନ ଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ପୋଲିସ ସେଠାରେ ପହଞ୍ଚି ଉତ୍ତେଜନାକୁ ଦେଖି ଗୁଣିଆଙ୍କୁ ସେଥିପାଇଁ ଅନୁମତି ଦେଇଥିଲେ। ଫଳରେ ଶବଗୃହରେ ହିଁ ଝଡ଼ାଫୁଙ୍କା ଆରମ୍ଭ ହୋଇଥିଲା। କିନ୍ତୁ ଗୁଣିଆଙ୍କ ସବୁ ଚେଷ୍ଟା ଫେଲ ମାରିଥିଲା। ଡାକ୍ତରୀ ଚିକିତ୍ସା ଯୋଗୁ ତାଙ୍କ ଗୁଣି କାଟୁ କରୁ ନ ଥିବା ସେ ଯୁକ୍ତି କରିଥିଲେ। ସାପ କାମୁଡାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କୁ ବଞ୍ଚାଇ ହେବ ବୋଲି ସେ ଦାବି କରିଥିଲେ।



ଶବଗୃହରେ ଗୁଣିଆ ଝଡ଼ାଫୁଙ୍କା କରୁଛନ୍ତି ।


ସେହି ଜିନିଷ ସେହି କାମ, ଏବେ କିନ୍ତୁ ନୂଆ ନାମ

ଯାଦୁ, ପାଣିକଚ୍ଛା ଓ ଗୋଡ଼ଫଟା ପାଇଁ ବିଶେଷ ଫଳପ୍ରଦ

ହାଇପାଓ୍ୱାର ସ୍କେବିରାଜ୍ SCABIRAJ

ମଲମ ଓ ଲୋଶନ

(ପ୍ରତ୍ୟେକ ଔଷଧ ଦୋକାନରେ ମିଳେ)

ନକଲି ପ୍ରତି ସାବଧାନ!

DIBYA SAI PHARMACY, CUTTACK-11, PH.-6372898038



TATA STEEL TATA

RECRUITMENT OF
TRADE APPRENTICES (TA-2019)

**Domicile:** State of Jharkhand/Bihar/Odisha/West Bengal/Uttar Pradesh

**Eligibility (Qualification):** Matriculation or equivalent examination having passed in all subjects with minimum aggregate marks of 75% (60% for SC/ST candidates). Must have English, Science and Mathematics as subjects in Matriculation or equivalent examination (9.5 x CGPA= % Marks, if applicable)

**Age: For General Matriculate Candidates:** Should have been born between January 1, 2000 and January 1, 2004 (both days inclusive)

**For SC/ST Matriculate Candidates:** Should have been born between January 1, 1999 and January 1, 2004 (both days inclusive)

The application is open from **July 19 – August 5, 2019**

Fill the application and submit online. No hard copy to be submitted.

**How to apply:** Visit at **www.tatasteel.com/careers/work-with-us/tata-steel-india-careers**

**then click on Apply for Jobs/Internship**

**Online written assessment** is open from **17-27h August 2019** followed by Personal Interview and Medical examination subsequently.

Bilingual Online Assessment (In English & Hindi language only).

In case of any query or doubts, please contact us at 06576644232

**Registered Office: Bombay House, 24, Homi Mody Street, Fort, Mumbai 400 001, India
Tel.: 022 66658282 Fax: 022 66657724
(CIN) – L27100MH1907PLC000260
Website: www.tatasteel.com**

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଛାତ୍ରୀନିବାସ କୋଠା ଭୁଶୁଡ଼ିଲା

- ଅନ୍ୟ ଛାତ୍ରୀ ନିବାସକୁ ସ୍ଥାନାନ୍ତର ହେଲେ ୧୦୪ ଅନ୍ତେବାସୀ
- ମରାମତି କାର୍ଯ୍ୟରେ ଅବହେଳା ଅଭିଯୋଗ


ଭୁଶୁଡି ପଡିଥିବା କୋଠା।


ଛାତ୍ରୀମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି।

ବ୍ରହ୍ମପୁର ଅଫିସ,୨୫।୭

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଗୁରୁବାର ଅପରାହ୍ନରେ ଘଟିଛି ଏକ ବଡ଼ ଦୁର୍ଘଟଣା। ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ ପରିସରସ୍ଥ ସାବେରୀ ଛାତ୍ରୀନିବାସର ୩ ମହଲା ବିଶିଷ୍ଟ କୋଠାର ଏକ ଅଂଶ ଭୁଶୁଡି ପଡିଛି। ଯେଉଁଥିର ଶୌଚାଳୟ ଥିଲା। ମଧ୍ୟାହ୍ନରେ ଛାତ୍ରୀନିବାସର ସମସ୍ତ ଛାତ୍ରୀ କ୍ଲାସ କରିବା ପାଇଁ ଚାଲି ଯାଇଥିବା ବେଳେ ଏଭଳି ଘଟଣା ଘଟିଥିବା ଜଣାପଡିଛି। ଫଳରେ ଏକ ବଡ଼ ଦୁର୍ଘଟଣାରୁ ଛାତ୍ରୀନିବାସର ସମସ୍ତ ଅନ୍ତେବାସୀ ବର୍ତ୍ତିଯାଇଛନ୍ତି।

ଜଣେ ପ୍ରତ୍ୟକ୍ଷଦର୍ଶୀ ଛାତ୍ରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ମଧ୍ୟାହ୍ନରେ ଛାତ୍ରୀନିବାସର ସମସ୍ତ ଛାତ୍ରୀ କ୍ଲାସ କରିବାକୁ ଯାଇଥିଲେ। କିନ୍ତୁ କେତେକ ଛାତ୍ରୀ ହଷ୍ଟେଲରେ ଥିଲେ। ଅପରାହ୍ନ ପ୍ରାୟ ୧ ଟା ବେଳେ ରସାୟନ ବିଜ୍ଞାନ ବିଭାଗର ଜଣେ ଛାତ୍ରୀ ଶୌଚାଳୟକୁ ଯାଇଥିବା ବେଳେ ଏକ ଉଚ୍ଚ ଶବ୍ଦ ଶୁଣି ବାହାରକୁ ଚାଲି ଆସିଥିଲେ। ଏହାର କିଛିକ୍ଷଣ ମଧ୍ୟରେ ୩ ମହଲା ବିଶିଷ୍ଟ ଶୌଚାଳୟ କୋଠାଟି ଭୁଶୁଡି ପଡିଥିବା ଦେଖିଥିଲେ। ତେବେ ଏହାପୂର୍ବରୁ ଅନେକ ସମୟରେ ଶୌଚାଳୟ ଛାତରୁ ପାଣି ଗଳିବା ସହ ପଲସ୍ତରା ଖସୁଥିବା ନେଇ ସେମାନେ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଖରାଛୁଟିରେ ଛାତ୍ରୀନିବାସ ମରାମତି କାର୍ଯ୍ୟ କରିବାକୁ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଖରାଛୁଟିରେ ଅନ୍ୟ କେତେକ କୋଠରିଗୁଡିକର ମରାମତି କରାଯାଇଥିବା ବେଳେ ଶୌଚାଳୟ କୋଠା କାମ ହୋଇ ନ ଥିବା ଛାତ୍ରୀମାନେ କହିଛନ୍ତି। ଗୁରୁବାର ସକାଳେ ମଧ୍ୟ ଶୌଚାଳୟ ଛାତରୁ ପଲସ୍ତରା ଖସୁଥିବା ନେଇ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିବା କେତେଜଣ ଛାତ୍ରୀ ପ୍ରତିକ୍ରିୟାରେ କହିଛନ୍ତି। ଏ ସମ୍ପର୍କରେ ବାରମ୍ବାର ଜଣାଯିବା ସତ୍ତ୍ୱେ ଶୌଚାଳୟ ମରାମତି ଦିଗରେ ଅବହେଳା କରାଯାଇ ଥିବାରୁ ଏଭଳି ଘଟଣା ଘଟିଥିବା ସେମାନେ ଅଭିଯୋଗ କରିଛନ୍ତି। ଖବର ପାଇ କୁଳସଚିବ ରଞ୍ଜନ ବିଶ୍ୱାଳ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷା ତଥା ଭାରପ୍ରାପ୍ତ କୁଳପତି ପ୍ରଫେସର ଅରୁନ୍ଧତୀ ରଥ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ତୁରନ୍ତ ଛାତ୍ରୀମାନଙ୍କୁ 'ଚିଲିକା' ଛାତ୍ରୀନିବାସକୁ ସ୍ଥାନାନ୍ତର କରିଥିଲେ।

ସୂଚନାନୁଯାୟୀ, ସାବେରୀ ଛାତ୍ରୀନିବାସ ୧୯୮୯ ଡିସେମ୍ବର ୨୩ରେ ଉଦ୍‌ଘାଟନ ହୋଇଥିଲା। ୧୧୪ ଶଯ୍ୟା ବିଶିଷ୍ଟ ଏହି ହଷ୍ଟେଲରେ ସ୍ନାତକୋତ୍ତର ଦ୍ୱିତୀୟ ବର୍ଷରେ ଅଧ୍ୟୟନରତ ବିଭିନ୍ନ ବିଭାଗର ପ୍ରାୟ ୧୦୭ ଛାତ୍ରୀ ରହୁଥିଲେ। ହଷ୍ଟେଲ ମରାମତି ତଥା ପରିଚାଳନା ବାବଦକୁ ସେମାନଙ୍କଠାରୁ ମାସକୁ ୨୫୦୦ରୁ ୩ ହଜାର ଟଙ୍କା ନିଆଯାଉଥିଲେ ମଧ୍ୟ ମରାମତି କାର୍ଯ୍ୟ ଠିକ୍ ଭାବେ ହେଉ ନ ଥିବା ସେମାନେ କହିଛନ୍ତି। ଅନ୍ୟପକ୍ଷରେ କୋଠାଟି ପ୍ରାୟ ୩୦ ବର୍ଷ ପୁରୁଣା ହୋଇଥିବାରୁ ଦୁର୍ବଳ ହୋଇ ଅଚାନକ ଭୁଶୁଡି ପଡିଥିବା ହଷ୍ଟେଲ ୱାର୍ଡେନ ପ୍ରଫେସର ଭାଗୀରଥି ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଘଟଣାର ଅନୁସନ୍ଧାନ କରାଯାଇ କୋଠା ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରାଯିବା ଦିଗରେ ପଦକ୍ଷେପ ନିଆଯିବ ବୋଲି କୁଳସଚିବ ରଞ୍ଜନ ବିଶ୍ୱାଳ ସୂଚାଇଛନ୍ତି।

■ଆଜି କାରଗିଲ ବିଜୟ ଦିବସ

# ବିଜୟ ଘୋଷଣା ପରେ ବି ସୀମାରେ ଉତ୍ତେଜନା କମି ନ ଥିଲା

ଉତ୍କଳବନ୍ଧୁ ପଣ୍ଡା
ଖଇରା, ୨୫।୭


ଚାକିରି କାଳରେ ବିଭିନ୍ନ ସ୍ଥାନରୁ ମିଳିଥିବା ମେଡାଲ ସହ ଗୋପାଳ ସାହୁ।

୧ମାସର ଘମାଘୋଟ ଲଢ଼େଇ ପରେ ଜୁଲାଇ ୨୬ତାରିଖକୁ ବିଜୟ ଦିବସ ଘୋଷଣା କରାଯାଇଥିଲା । ହେଲେ ସୀମାରୁ ଉତ୍ତେଜନା ହ୍ରାସ ପାଇ ନ ଥାଏ । ସେତେବେଳେ ଉରି ସେକ୍ଟରରେ ୱେରଲେସ୍ ଅପରେଟର ଭାବେ କାର୍ଯ୍ୟ କରୁଥିଲେ ବାଲେଶ୍ୱର ଜିଲା ଖଇରା ବ୍ଲକ ବାଉଁଶଗଡିଆ ପଞ୍ଚାୟତ ଅଧୀନ ଯୋଡାଗଡିଆ ଗ୍ରାମର ଗୋପାଳଚନ୍ଦ୍ର ସାହୁ। ସେଦିନ ଥିଲା ୧୯୯୯ ଜୁଲାଇ ୩୧ତାରିଖ । ସମୟ ଦିନ ୧୨ଟା। ସୈନ୍ୟବାହିନୀର ଏକ ଭ୍ୟାନରେ ରାଷ୍ଟ୍ରୀୟ ରାଇଫଲର ଅନ୍ୟ ୬ଜଣଙ୍କ ସହ ସାହୁ ସଡ଼କ ପଥରେ ଡ୍ୟୁଟି ପାଇଁ ଯାଉଥାନ୍ତି। ପାହାଡ ତଳେ ତାଙ୍କ ଭ୍ୟାନ ଚାଲୁଥିବା ବେଳେ ଉପରୁ ଅନୁପ୍ରବେଶକାରୀ ଓ ଆତଙ୍କବାଦୀଙ୍କ ଆକ୍ରମଣର ଭୟ ରହିଥାଏ । ହଠାତ୍ ଉପରୁ ବୋମା ନିକ୍ଷେପ କଥା ଡ୍ରାଇଭର ଜାଣିପାରିଲେ। ନିଶ୍ଚିତ ମୃତ୍ୟୁମୁଖରୁ ରକ୍ଷା ପାଇବା ପାଇଁ ଅନ୍ୟୂନ ୧୦ମିଟର ଦୂରରୁ ଡ୍ରାଇଭର ରାସ୍ତାକଡକୁ ହଠାତ୍ ଗାଡି ବୁଲାଇ ଦେଇଥିଲେ। ଫଳରେ ଗାଡିଟି ଏକ ଗଛକୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ସାହୁଙ୍କ ସମେତ ଅନ୍ୟମାନେ ଆହତ ହୋଇଥିଲେ। ତାଙ୍କର ଡାହାଣ ଗୋଡ ଓ ମେରୁଦଣ୍ଡ ହାଡ ଭାଙ୍ଗି ଯାଇଥିଲା। ଶ୍ରୀନଗର ଆର୍ମି ହସ୍ପିଟାଲରେ ତାଙ୍କୁ ଭର୍ତ୍ତି କରାଯାଇଥିଲା । ଅସ୍ତ୍ରୋପଚାର ପରେ ୨ମାସ ଧରି ସେ ବେଡରେ ପଡିରହିଲେ । ସୁସ୍ଥ ହେଲେ ସତ ହେଲେ ଶତପ୍ରତିଶତ କାର୍ଯ୍ୟ କରିବାକୁ ସକ୍ଷମ ହୋଇ ନ ଥିଲେ। ଫଳରେ ତାଙ୍କ ବଦଳି କଲିକତାକୁ ହୋଇଥିଲା। ଆହୁରି କାର୍ଯ୍ୟ କରିବାକୁ ଆଗ୍ରହ ଥିଲେ ମଧ୍ୟ ୨୦୦୮ ସେପ୍ଟେମ୍ବର ୨୮ରେ ସେ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରି ଘରକୁ ଫେରି ଆସିଥିଲେ।

୨୦ବର୍ଷ ତଳର ଏଭଳି ରୋମାଞ୍ଚକ ଭରା କଥା ବଖାଣିଛନ୍ତି ଗୋପାଳ ସାହୁ। ସ୍ମୃତି ବଖାଣିବା ଅବସରରେ ସେ କ୍ଷତ ଚିହ୍ନଥିବା ସ୍ଥାନଗୁଡିକୁ ଦେଖାଇଥିଲେ। ଅବସର ପରେ ଏବେ ସେ ଆଗରପଡାର ସାହୁପଡା ପ୍ରକଳ୍ପ ଉଚ୍ଚବିଦ୍ୟାଳୟରେ ଶିକ୍ଷକ ଭାବେ ଜୀବିକା ନିର୍ବାହ କରୁଛନ୍ତି । କୁପାରୀ ସ୍କୁଲରୁ ପ୍ରଥମ ଶ୍ରେଣୀରେ ମାଟ୍ରିକ ପାସ୍ କରିବା ପର୍ଯ୍ୟନ୍ତ ସେ ସୈନ୍ୟବାହିନୀରେ ଚାକିରି କରିବାକୁ ଲକ୍ଷ୍ୟ ରଖିଥିଲେ। ଯେତେବେଳେ ସାର୍‌ମାନେ ଜୀବନର ଲକ୍ଷ୍ୟ କ'ଣ ବୋଲି ତାଙ୍କୁ ପଚାରୁଥିଲେ ସେତେବେଳେ ସେ ଏହି ଉତ୍ତର ଦେଉଥିଲେ। ସାର୍‌ମାନେ ମଧ୍ୟ ତାଙ୍କୁ ଏଥିପାଇଁ ଉତ୍ସାହିତ କରୁଥିଲେ। ୧୯୯୧ ଡିସେମ୍ବର ୩୧ତାରିଖରେ ସେ ଟେକ୍ନିକାଲ ଟ୍ରେଡରେ ଯୋଗ ଦେଇଥିଲେ। ଜବଲପୁରରେ ଟ୍ରେନିଂ ପରେ ତାଙ୍କୁ ଗଙ୍ଗାନଗର, ବରେଲି, ନାଗାଲାଣ୍ଡ, ଜମ୍ମୁକଶ୍ମୀରର ଲଦାଖ ଅଞ୍ଚଳରେ କାର୍ଯ୍ୟ କରିବାର ସୁଯୋଗ ମିଳିଥିଲା। ସୈନ୍ୟବାହିନୀରେ ଯୋଗଦେବା ଅର୍ଥ ଭାରତ ମା'ର ସେବା କରିବା। ତାକୁ କେହି ଚାକିରି ବୋଲି ଭାବିବା କିମ୍ବା ଏଥିରେ ଆରାମ ଖୋଜିବା ଅନୁଚିତ। ସୈନ୍ୟବାହିନୀରେ ଚାକିରି ଏବଂ ବିଶେଷ କରି ଜମ୍ମୁକଶ୍ମୀରରେ ୨୦ ଡିଗ୍ରୀ ତାପମାତ୍ରାରେ ଯିଏ କାମ କରିଛି ତାର ନିଆରା ଅନୁଭୂତି ସ୍ୱତନ୍ତ୍ର ବୋଲି ଗୋପାଳ କହିଛନ୍ତି।

# ୪ ବର୍ଷରେ ବନ୍ଦ ହୋଇଗଲା ଆର୍‌ଏୱାଇ

## ■ ୭ ସହରରୁ ୩ ସହରରେ ପ୍ରକଳ୍ପ ଶୂନ

ଭୁବନେଶ୍ୱର, ୨୫।୭(ବ୍ୟୁରୋ)

କେନ୍ଦ୍ରରେ ଉପା ସରକାର ଥିବାବେଳେ ରାଜୀବ ଆବାସ ଯୋଜନା (ଆର୍‌ଏୱାଇ) ଆଣିଥିଲେ। ଉପା ସରକାର ଦେଶର କେତେଗୁଡିଏ ସହରର ବସ୍ତି ଅଞ୍ଚଳକୁ ମୁକ୍ତ କରିବାକୁ ଚାହିଁଥିଲେ। ଏହି ଯୋଜନା ମାଧ୍ୟମରେ ମୁଖ୍ୟତଃ ନିର୍ଦ୍ଦିଷ୍ଟ କେତେଗୁଡିଏ ସହରର ବସ୍ତି ଅଞ୍ଚଳରେ ବସବାସ କରୁଥିବା ଗରିବ ଲୋକଙ୍କ ପାଇଁ କେନ୍ଦ୍ର ସରକାର ଚିନ୍ତା କରିଥିଲେ। ଏହି ଯୋଜନାରେ କେନ୍ଦ୍ର ୫୦ପ୍ରତିଶତ ଅର୍ଥ ଦେଉଥିବା ବେଳେ ରାଜ୍ୟ ସରକାର ୩୦ ପ୍ରତିଶତ ଭାଗ ଦେଉଥିଲେ। ଏହାଛଡା ୨୦ ପ୍ରତିଶତ ଅର୍ଥ ପୌରପାଳିକା ଦେଉଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଅନ୍ୟପଟେ ଏହି ଯୋଜନାରେ ଭିନ୍ନଭିନ୍ନ ସହର ପାଇଁ ଅଲଗା ଅଲଗା ଅର୍ଥ ବ୍ୟବସ୍ଥା ରଖାଯାଇଥିଲା। ରାଜୀବ ଆବାସ ଯୋଜନା ୨୦୧୧ରୁ ଆରମ୍ଭ ହୋଇ ୨୦୧୫ ଜୁନ୍ ମାସରେ ବନ୍ଦ ହୋଇଯାଇଥିଲା। ଓଡିଶାର ୭ଟି ସହରକୁ ଏହି ଯୋଜନାରେ ସାମିଲ କରାଯାଇଥିଲା। ଏହି ସମୟ ମଧ୍ୟରେ ରାଜ୍ୟର ସାମିଲ ହୋଇଥିବା ୭ ସହର ମଧ୍ୟରୁ ସମ୍ବଲପୁର, ରାଉରକେଲା ଓ ପୁରୀରେ ଏହି ଯୋଜନାରେ କୌଣସି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇପାରିଲାନାହିଁ। କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ଗତ ୨୩ତାରିଖରେ ପଚାରିଥିବା ଏକ ପ୍ରଶ୍ନର ଲିଖିତ ଉତ୍ତର ରଖି ମନ୍ତ୍ରୀ ପ୍ରତାପ ଜେନା ଏହି ସୂଚନା ଦେଇଛନ୍ତି।

ମନ୍ତ୍ରୀ ଦର୍ଶାଇଛନ୍ତି ଯେ, କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ରାଜ୍ୟର ୭ଟି ସହର ଯଥା ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା, ଯାଜପୁର ଏବଂ ପୁରୀରେ ଏହି ଯୋଜନା କାର୍ଯ୍ୟକାରୀ ହୋଇଥିଲା। ଏହା ମଧ୍ୟରୁ ଭୁବନେଶ୍ୱର, କଟକ, ବ୍ରହ୍ମପୁର ଓ ଯାଜପୁରରେ ଯୋଜନା ଅନ୍ତର୍ଗତ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇପାରିଥିଲା। ଅନ୍ୟ ୩ଟି ସହରରେ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ଯୋଜନାଟି ପୂର୍ବ ନିର୍ଦ୍ଧାରିତ ସମୟ ଆଗରୁ ବନ୍ଦ କରିଦିଆଯାଇଥିଲା। ରାଜଧାନୀ ସମେତ ରାଜ୍ୟର ଅନ୍ୟ ପୌରାଞ୍ଚଳରେ ରାଜୀବ ଆବାସ ଯୋଜନାରେ ଘର ପାଇବା ପାଇଁ କେତେଗୁଡିଏ ମାନଦଣ୍ଡ ରହିଥିଲା। ଏଥି ମଧ୍ୟରେ ହିତାଧିକାରୀଙ୍କ ସହରାଞ୍ଚଳରେ ପକ୍କା ଘର ନ ଥିବ ଏବଂ ସେ ବସ୍ତିବାସିନ୍ଦା ହୋଇଥିବେ। ଗୃହ ସମ୍ପ୍ରସାରଣ ନିମନ୍ତେ ହିତାଧିକାରୀ ବସ୍ତି ଅଞ୍ଚଳର ଏଭଳି ଗରିବ ଲୋକ ହୋଇଥିବା ଆବଶ୍ୟକ ଯାହାଙ୍କର ୨୧ ସ୍କୋୟାର ମିଟରରୁ କମ୍ ଅଞ୍ଚଳରେ ପକ୍କାଘର ଥିବ, ସହରର ବସ୍ତି ଅଞ୍ଚଳରେ ଭଡା ଘରେ ରହୁଥିବା ବ୍ୟକ୍ତି, ଶ୍ରମଜୀବୀ, ସହରକୁ ସାମୟିକ ଭାବେ କର୍ମ ସଂସ୍ଥାନ ପାଇଁ ଆସୁଥିବା ବ୍ୟକ୍ତିବିଶେଷ ଏବଂ ଗୃହହୀନ ବ୍ୟକ୍ତି ଯୋଗ୍ୟ ହିତାଧିକାରୀଭାବେ ବିବେଚିତ ହେଉଥିବେ ବୋଲି ମନ୍ତ୍ରୀ ଦର୍ଶାଇଛନ୍ତି। ହେଲେ କେନ୍ଦ୍ର ସରକାର କରିଥିବା ଏହି ଯୋଜନା ବହୁତ ଶୀଘ୍ର ଅଚଳ ଅବସ୍ଥାକୁ ଚାଲିଯାଇଥିଲା। ୨୦୧୧ରୁ ଡିମାଣ୍ଡ ସର୍ଭେ କରାଯାଇ ଲୋକଙ୍କୁ ଘର ମିଳିବା ବେଳକୁ ଏହା ବନ୍ଦ ହେବା ସ୍ଥିତିକୁ ଚାଲିଯାଇଥିଲା। ୨୦୨୨ ପର୍ଯ୍ୟନ୍ତ ଏହି ଯୋଜନା କାର୍ଯ୍ୟକାରୀ କରିବାକୁ ଉପା ସରକାର ଲକ୍ଷ୍ୟ ରଖିଥିଲେ। ମାତ୍ର ୨୦୧୪ରେ ଭାଜପା କେନ୍ଦ୍ରରେ ସରକାରକୁ ଆସିବା ପରେ ଏହି ଯୋଜନା ପାଇଁ ନୂଆ ପ୍ଲାନକୁ ଅନୁମତି ଦେଲାନାହିଁ। ଅନ୍ୟପଟେ ୨୦୧୧ରୁ ୨୦୧୫ ପର୍ଯ୍ୟନ୍ତ ଏହି ଯୋଜନା ଚାଲିଥିବା ବେଳେ ଏହି ସମୟ ମଧ୍ୟରେ ୪ ସହରରେ ଏହି ଯୋଜନାରେ ମାତ୍ର ୧୧ହଜାର ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିବା ସରକାରୀ ସ୍ତରରୁ ଜଣାପଡିଛି।

ଏହାପରେ କେନ୍ଦ୍ରରେ ଭାଜପା ସରକାର ୨୦୧୫ରେ ଏହି ଯୋଜନାକୁ ସମ୍ପୂର୍ଣ୍ଣ ବନ୍ଦ କରିଦେଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ସହରୀ) ଆଣିଥିଲେ। ଏହି ଯୋଜନାରେ ଦେଶର ସମସ୍ତ ସହରରେ ଥିବା ବସ୍ତି ଏବଂ ଅଣବସ୍ତି ଅଞ୍ଚଳର ଗରିବ ଲୋକଙ୍କୁ ଘର ଦେବାକୁ ବ୍ୟବସ୍ଥା କରାଯାଇଛି। ଓଡିଶାର ବର୍ତ୍ତମାନ ୧୧୪ଟି ସହରକୁ ସାମିଲ କରାଯାଇଛି। ୨୦୧୫ରୁ ଆରମ୍ଭ ହୋଇଥିବା ଏହି ଯୋଜନାରେ ବର୍ତ୍ତମାନ ସୁଦ୍ଧା ରାଜ୍ୟର ୧ଲକ୍ଷ ୨୭ ହଜାର ଲୋକଙ୍କୁ ଘର ମିଳିଥିବା ଜଣେ ସରକାରୀ ଅଧିକାରୀଙ୍କଠାରୁ ଜଣାପଡିଛି।

**Central University of Orissa**
(Established Under the Act of Parliament, 2009)
Sunabeda, Dist.Koraput, Odisha. PIN-763004

Ref: CUO/LIB/22/2015 Dt. 22/07/2019

**WALK-IN-INTERVIEW**

A walk-in-interview will be held in Central University of Orissa, Koraput on 05.08.2019 at 09.30 A.M. in the Main Campus (Sunabeda) for 04 posts of Library Intern cum Assistant for the Central Library purely on contractual basis for a period of one year. For further details please visit our website www.cuo.ac.in/.

Sd/- Registrar

# ଏଆଇବିଏ ଆଥଲେଟ କମିଶନ ସଦସ୍ୟତା ଦୌଡ଼ରେ ସରିତା

ନୂଆଦିଲ୍ଲୀ,୨୫।୭(ପି.ଟି.)

ଭାରତର ପୂର୍ବତନ ବିଶ୍ୱଚାମ୍ପିୟନ ମହିଳା ବକ୍ସର ଏଲ୍. ସରିତା ଦେବୀ ଅନ୍ତର୍ଜାତୀୟ ବକ୍ସିଂ ଆସୋସିଏଶନ (ଏଆଇବିଏ) ଆଥଲେଟ କମିଶନର ସଦସ୍ୟ ହେବା ସମ୍ଭାବନା ସୃଷ୍ଟି ହୋଇଛି। ଏ ନେଇ ତାଙ୍କ ନାମ ସୁପାରିସ କରାଯାଇଛି। ପ୍ରଥମଥର ପାଇଁ ଏଭଳି କମିଶନ ସ୍ଥାପନ କରାଯାଇଛି। ଗତ ସେପ୍ଟେମ୍ବର- ଅକ୍ଟୋବରରେ ପୁରୁଷ ଓ ମହିଳା ବିଶ୍ୱଚାମ୍ପିୟନଶିପ୍ ଅବସରରେ ମତଦାନ ପରେ ଏପରି ନିଷ୍ପତ୍ତି ନିଆଯାଇଛି। ଏସିଆନ ଚାମ୍ପିୟନଶିପ୍ ୫ଟି ସ୍ୱର୍ଣ୍ଣ ସମେତ ୮ଟି ପଦକ ହାସଲ କରିଥିବା ୩୭ ବର୍ଷୀୟ ସରିତା ବକ୍ସିଂ ଫେଡେରେଶନ ଅଫ ଇଣ୍ଡିଆ (ବିଏଫ୍‌ଆଇ) କାର୍ଯ୍ୟକାରୀ କମିଟିରେ ଆଥଲେଟ୍ସ ପ୍ରତିନିଧି ଭାବେ କାର୍ଯ୍ୟକରୁଛନ୍ତି। ଏଆଇବିଏ ଆଥଲେଟ କମିଶନର ସଦସ୍ୟ ପାଇଁ ବିଏଫ୍‌ଆଇ ସରିତାଙ୍କ ନାମ ସୁପାରସ କରିଛି। ମୋ ନାମ ସୁପାରିଶ କରାଯାଇଥବାରୁ ଗର୍ବିତ ଓ ଯଦି ମୁଁ ଏହି କମିଶନରେ ସ୍ଥାନ ପାଏ ତାହେଲେ ଏହା ମୋ ପାଇଁ ଏକ ବଡ଼ ଦାୟିତ୍ୱ ସଦୃଶ ହେବ ବୋଲି ସରିତା କହିଛନ୍ତି। ମଣିପୁରର ଏହି ଅଭିଜ୍ଞ ମହିଳା ବକ୍ସର ଲାଇଟୱେଟ୍ ୬୦ କେ.ଜି. ବର୍ଗରେ ବିଭିନ୍ନ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଥାନ୍ତି। ପୂର୍ବତନ ଜାତୀୟ ଚାମ୍ପିୟନ ଓ ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ା ରୌପ୍ୟପଦକ ବିଜୟିନୀ ସରିତା ଏସିଆନ ବ୍ଲକ୍‌ରୁ ଏକମାତ୍ର ପ୍ରାର୍ଥୀ ଭାବେ ଏହି ସଦସ୍ୟତା ଦୌଡ଼ରେ ସାମିଲ ହୋଇଛନ୍ତି। ବିନା ପ୍ରତିଦ୍ୱନ୍ଦ୍ୱିତାରେ ସେ ଏହି ସଦସ୍ୟତା ହାସଲ କରିବେ। କାରଣ ଜଣେ ଲେଖାଏ ପୁରୁଷ ଓ ମହିଳା ବକ୍ସର ୫ଟି ରିଜିଓନାଲ ଫେଡେରେଶନ (ଏସିଆ, ଓସେନିଆ, ୟୁରୋପ, ଆମେରିକା ଓ ଆଫ୍ରିକା) ଏହି କମିଶନରେ ସ୍ଥାନ ପାଇବେ।

**COLLEGE OF ENGINEERING & TECHNOLOGY (Autonomous)**
NAAC 'A'
(A Constituent College of Biju Patnaik University of Technology, Odisha)
Techno Campus, P.O.- Mahalaxmi Vihar, Bhubaneswar - 751029, Odisha, India

No. 1940/CET Dated: 24.07.2019

**ADMISSION NOTICE**
DETAILS ON PROVISIONAL ADMISSION INTO REGULAR TWO-YEAR MASTER OF SCIENCE (M.Sc.) PROGRAMME – 2019

The provisional merit-list of candidates, documents and fees etc. required at the time of provisional admission into 2-year regular M.Sc. in Applied Chemistry, Applied Physics and Mathematics and Computing programs are notified in our college website: (**www.cet.edu.in**). The date for provisional admission is **30.7.2019.** For wait-listed (1st) candidates, the admission date is **06.08.2019** and their admission is subject to vacancy commensurating to their rank. For detailed information visit our college website **www.cet.edu.in.**

Sd/-
PRINCIPAL

OFFICE OF THE CHAIRMAN
P.G.COUNCIL SHRI JAGANNATH SANSKRIT VISHVAVIDYALAYA
SHRI VIHAR, PURI -3

No.1394/PGC Dt.24.07.19

**NOTIFICATION**

A Walk -in-interview will be held from 11.00 A.M. onwards on 02.08.2019 in the Office of the Chairman, P.G. Council, Shri Jagannath Sanskrit Vishvavidyalaya, Puri for engagement of one teaching faculty for the Department of Advaita Vedanta on class basis remun. The Reporting time in the office of the Chairman,P.G. Council is at 11.00 A.M. on 02.08.2019. Interested candidates who have secured 55% marks in Acharya Level in Advita Vedanta may attend the interview with all original Certificates / Mark sheets etc. on scheduled date & time.
No **TA/DA** etc. shall be given to the candidates for this purpose.

Sd./-
Chairman, PGC

**EMPANELMENT OF SPECIAL PUBLIC PROSECUTOR (SPP) FOR INCOME TAX DEPARTMENT, ODISHA REGION**

The office of the Pr.Chief Commissioner of Income Tax, Bhubaneswar invites applications from practicing advocates for empanelment as Special Public Prosecutor for representing the Department before the Hon'ble High Court of Orissa, the designated Session Court and its Subordinate Courts. In order to be eligible for engagement as an SPP, a person should be eligible to appear before the court as an advocate and have a minimum experience of 7 years as a Practicing Advocate, in Criminal matters. Adequate experience of handling trials relating to Direct Taxes is desirable. The application form for empanelment may be obtained from Shri M.Srinivas Rao, Income Tax Officer (Judicial & Technical), 2nd Floor, Aayakar Bhawan, O/o.the Pr.Chief Commissioner of Income Tax, Bhubaneswar, Odisha (Tel No.- 0674-2589667) on any working day during office hours.
THE LAST DATE FOR RECEIPT OF APPLICATION IS 09.08.2019.

(M.Srinivas Rao)
आयकरअधिकारी(न्यायिक व तक.)/Income Tax officer (Judl.&Tech.)
भुवनेश्वर/Bhubaneswar.

SBI **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା,
ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର, ଫୋନ୍: ୦୬୭୪-୨୫୪୯୬୬୩

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୯ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟଗୁଡିକୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି କଥିତ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା, ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ଆକ୍ଟର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି।

ତେଣୁ ବିଶେଷତଃ ଋଣଗ୍ରହୀତା, ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ।

**ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଆକାଉଣ୍ଟର ନାମ / ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା / ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| **ଋଣଗ୍ରହୀତା: ମେସର୍ସ ଅଭିନାଶ ଏଜେନ୍ସି, ସ୍ୱତ୍ୱାଧିକାରୀ: ଶ୍ରୀ କ୍ଷୀରୋଦାନନ୍ଦ ରଥ,** ପିତା: ୰ ଶଶିଭୂଷଣ ରଥ, ପ୍ଲଟ୍ ନଂ.: ୨୩, ଆର୍ଯ୍ୟ ହୋମ୍, ସା: ଅଲାରପୁର, ପୋ: ସତ୍ୟଭାମାପୁର, ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା | **ଜାମିନ୍‌ଦାର: ଶ୍ରୀମତୀ ସୁନେଲୀ ମଞ୍ଜରୀ ରଥ,** ସ୍ୱାମୀ: ଶ୍ରୀ କ୍ଷୀରୋଦାନନ୍ଦ ରଥ, ପ୍ଲଟ୍ ନଂ.: ୨୩, ଆର୍ଯ୍ୟ ହୋମ୍, ସା: ଅଲାରପୁର, ପୋ: ସତ୍ୟଭାମାପୁର, ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା / **ସମ୍ପତ୍ତିର ମାଲିକ: ଶ୍ରୀ କ୍ଷୀରୋଦାନନ୍ଦ ରଥ** | ଶ୍ରୀ କ୍ଷୀରୋଦାନନ୍ଦ ରଥଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଅଲାରପୁର, ଖାତା ନଂ.: ୧୯୭, ପ୍ଲଟ୍ ନଂ.: ୧୮୫, ସବ୍-ପ୍ଲଟ୍ ନଂ.: ୨୩, କ୍ଷେତ୍ର: ଏକର | ତା.୧୪.୦୧.୨୦୧୯ରିଖରେ ଜାରି କରାଯାଇଅଛି ଯାହା ଦୈନିକ ଖବରକାଗଜ (ଦି ନିଉ ଇଣ୍ଡିଆନ୍ ଏକ୍ସପ୍ରେସ୍ ଏବଂ ପ୍ରମେୟ)ରେ **ତା.୨୧.୦୫.୨୦୧୯ରିଖରେ** ପ୍ରକାଶିତ | ୨୩.୦୭.୨୦୧୯ | ୧୧.୦୧.୨୦୧୯ ସୁଦ୍ଧା ଟ.୯୯,୫୨,୧୩୮/- + ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |

୦.୦୨୬.୪୦ଡିସିମିଲି (ଏକର୨.୦୪୦ଡିସିମିଲିରୁ), ସ୍ୱତଃ: ସ୍ଥିତିବାନ, କିସମ: ଘରବାରି ସହିତ ଡୁପ୍ଲେକ୍ସ ହାଉସ୍ ଯାହାର କ୍ଷେତ୍ର: ୧୭୨୧ ବର୍ଗଫୁଟ (ତଳ ମହଲା- ୮୮୫ ବର୍ଗଫୁଟ ଏବଂ ପ୍ରଥମ ମହଲା- ୮୩୬ ବର୍ଗଫୁଟ), ଏହାର ଚାରିପାର୍ଶ୍ୱରେ- ଉତ୍ତର: ସବ୍-ପ୍ଲଟ୍ ନଂ. ୨୫ ଏବଂ ୨୬, ଦକ୍ଷିଣ: ଉପ ରାସ୍ତା, ପୂର୍ବ: ସବ୍-ପ୍ଲଟ୍ ନଂ. ୨୨, ପଶ୍ଚିମ: ସବ୍-ପ୍ଲଟ୍ ନଂ. ୨୪

ତାରିଖ: ୨୩.୦୭.୨୦୧୯
ସ୍ଥାନ: ଭୁବନେଶ୍ୱର
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ,
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

OFFICE OF THE
PURI MUNICIPALITY, PURI
Phone-06752222122
e-mail-purimunicipality@yahoo.co.in

No.6188 Dt.25.07.19

**Quotation Call Notice**

Sealed quotations are invited from the intending person for auction of the following Sairat Mahals of Puri Municipality. The auction papers along with the terms and conditions will be available in the website: www.purimunicipality.nic.in & www.puri.nic.in from 25.07.2019, 11 A.M. to 30.07.2019 up to 5 P.M. The quotations will open on 31.07.2019 at 11 A.M. in presence of the quotationers or their authorized agents. Puri Municipality will not be responsible for delay in reaching the quotations.

Sd./- Executive Officer
Puri Municipality, Puri

Your classified advertisement published in Dharitri will be listed free in Dharitri online edition :
www.dharitri.com



ଏ ସଂସାରରେ ପ୍ରେମ ଆଉ ବନ୍ଧୁତା ଅଛି ବୋଲି ଦେବତାମାନେ ମଧ ନର ଦେହ ଧାରଣ କରି ଜନ୍ମଗ୍ରହଣ କରିବାକୁ ବ୍ୟାକୁଳତା ପ୍ରକାଶ କରିଥାନ୍ତି।
- ଜର୍ଜ ଇଲିଅଟ



## ସଂକ୍ଷେପରେ

### କଫ ସିରପ୍ ଜବତ, ଜଣେ ଗିରଫ

**ସମ୍ବଲପୁର,୨୫ା୭(ବ୍ୟୁରୋ)**-ସମ୍ବଲପୁର ଜିଲା ଅଇଁଠାପାଲି ଥାନା ପୋଲିସ କଫ୍ ସିରପ ଜବତ କରି ଜଣେ ଯୁବକଙ୍କୁ ଗିରଫ କରଛି । ସେ ହେଲେ ସାହୁ କଲୋନୀର ଶାନ୍ତନୁ ଦାଶ (୨୭) । ପୋଲିସ ଶାନ୍ତନୁଙ୍କ ନିକଟରୁ ୬ ବୋତଲ କଫ୍ ସିରପ ଓ ଗୋଟିଏ ଷ୍ଟ୍ରିପ ନିଶା ବଟିକା ଜବତ କରିଛି । ଏନେଇ ଅଇଁଠାପାଲି ଥାନା ପୋଲିସ ଏକ ମାମଲା(ନଂ.୨୯୯/୧୯) ରୁଜୁ କରିଛି।

### ବିଦ୍ୟୁତ୍ ଖୁଣ୍ଟରୁ ପଡି ଶ୍ରମିକଙ୍କ ମୃତ୍ୟୁ

**ସମ୍ବଲପୁର,୨୫ା୭(ବ୍ୟୁରୋ)**- ସମ୍ବଲପୁର ଜିଲା ହାଲିପାଲି ଗ୍ରାମ ନିକଟରେ ଗୁରୁବାର ବିଦ୍ୟୁତ୍ ଖୁଣ୍ଟରୁ ପଡି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି । ମୃତକ ହେଲେ ପଶ୍ଚିମବଙ୍ଗ ମାଳଦା ଥାନା ଅଞ୍ଚଳର ତାପସ ରଜାକ(୨୧)। ଆହତଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ପରିଚୟ ଜଣାପଡି ନାହିଁ। ଶ୍ରମିକମାନେ ବିଦ୍ୟୁତ୍ ତାର ଟାଣୁଥିଲେ। ସେତିକିବେଳେ ତାପସ ଓ ଅନ୍ୟଜଣେ ଶ୍ରମିକ ବିଦ୍ୟୁତ୍ ଖୁଣ୍ଟରୁ ପଡିଯାଇଥିଲେ। ଫଳରେ ତାପସଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଥିଲେ।




ଦାବିପତ୍ର ଦେବା ପାଇଁ ଆସିଥିବା ଜିଲା କୃଷକ ସଂଘର କର୍ମକର୍ତ୍ତା ।

### ମରୁଡ଼ି ଘୋଷଣା କରିବାକୁ ଦାବି ତେଜିଲା

# ଜିଲା କୃଷକ ସଂଘ ପକ୍ଷରୁ ସ୍ମାରକପତ୍ର

**ଦେବଗଡ, ୨୫ା୭ (ଡ଼ି.ଏନ୍.ଏ.)**

ଜିଲାରେ ଯେତିକି ପରିମାଣରେ ବର୍ଷା ହେବା କଥା ତାହାଠାରୁ ଯଥେଷ୍ଟ କମ୍ ହୋଇଛି। ଫଳରେ ସମଗ୍ର ଜିଲାରେ ସାମ୍ଭବ୍ୟ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି। ଧାନ ବିଲରେ ଧାନଗଜା ସାଙ୍ଗକୁ ତଳିଘେରା ପାଣି ଅଭାବ ଯୋଗୁ ରଙ୍ଗ ବଦଳିଗଲାଣି। ଚାଷୀ ଧାନ ବିଲକୁ ଦେଖି ଧର୍ଯ୍ୟହରା ହୋଇପଡ଼ିଛି। ୨୦୧୯-୨୦୨୦ ଆର୍ଥିକ ବର୍ଷରେ ସ୍ୱଳ୍ପ ବୃଷ୍ଟି ଓ ଅନିୟମିତତା ବର୍ଷା ଯୋଗୁ ଚାଷ କାର୍ଯ୍ୟରେ ବ୍ୟାପକ ବ୍ୟତିକ୍ରମ ଦେଖାଦେଇଛି। ଏପରିକି ଚାଷୀ ବିଲରେ ଧାନ ବିହନ ପକାଇଥିଲେ ମଧ୍ୟ ଦ୍ୱିତୀୟ ଥର ବୁଣିବା ପାଇଁ ଧାନ ବିହନ ତଥା ଅର୍ଥର ଘୋର ଅଭାବ ରହିଛି। ବିଗତ ବର୍ଷରେ ମଧ ଫସଲ ବୀମା ପ୍ରଦାନ ଆଦେଶ ହୋଇଥିଲେ ମଧ ତାହା ଆଜି ପର୍ଯ୍ୟନ୍ତ ହୋଇପାରି ନାହିଁ । ଏ ନେଇ ଦେବଗଡ଼ ଜିଲା କୃଷକ ସଂଘ ସଭାପତି ପ୍ରଶନ୍ନ କୁମାର ପଟେଲଙ୍କ ନେତୃତ୍ୱରେ ସମ୍ପାଦକ ପ୍ରମୋଦ କୁମାର ଝାଙ୍କର, ପବିତ୍ର ମୋହନ ପ୍ରଧାନ, ସୁଧିର କପରଦାର, ବିଭୂତି ଗଙ୍ଗଦେବ ପ୍ରମୁଖ ଶତାଧିକ କୃଷକ ଯୋଗଦେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ୨୦୧୯-୨୦୨୦ ଆର୍ଥିକ ବର୍ଷରେ ଦେବଗଡ଼ ଜିଲାକୁ ମରୁଡ଼ି ଘୋଷଣା କରାଯାଉ, ଫସଲ ବୀମାରାଶି ସମ୍ପୃକ୍ତ କୃଷକଙ୍କୁ ଆଗାମୀ ୧୫ ଦିନ ମଧରେ ପ୍ରଦାନ କରାଯାଉ ନଚେତ ଆଗାମୀ ଦିନରେ ସରକାରଙ୍କ ବିରୋଧରେ ଜନ ଆନ୍ଦୋଳନ କରାଯିବା ଦାବିରେ ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।

# ଅଗଷ୍ଟରେ ପଞ୍ଚାୟତସ୍ତରୀୟ ସ୍ୱାସ୍ଥ୍ୟ ଶିବିର

**ଦେବଗଡ,୨୫ା୭ (ଡ଼ି.ଏନ.ଏ.)**

ସ୍ୱାସ୍ଥ୍ୟସେବାକୁ ଗ୍ରାମାଞ୍ଚଳର ଜନସାଧାରଣଙ୍କ ଦ୍ୱାରଦେଶରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଜିଲା ପ୍ରଶାସନର ନିଷ୍ପତିକ୍ରମେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅଗଷ୍ଟରେ ଗ୍ରାମପଞ୍ଚାୟତମାନଙ୍କରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯିବାକୁ ସ୍ଥିର କରାଯାଇଛି। ଏହି ସ୍ୱାସ୍ଥ୍ୟ ଶିବିର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ପୂର୍ବାହ୍ନ ୧୧ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଆୟୋଜନ କରାଯିବ । ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହେବାକୁ ଥିବା ଗ୍ରାମପଞ୍ଚାୟତମାନଙ୍କରେ ସମ୍ପୃକ୍ତ ଅଞ୍ଚଳର ଆଶା, ଅଙ୍ଗନୱାଡ଼ି କର୍ମୀ ଓ ଏଏନ୍ଏମ୍‌ମାନେ ଘରକୁ ଘର ବୁଲି ଏ ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରିବା ସଙ୍ଗେ ସଙ୍ଗେ ପ୍ରତ୍ୟେକ ପରିବାରର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିବରଣୀ ସଂଗ୍ରହ କରିବା ଓ ଶିବିରରେ ରୋଗୀମାନଙ୍କର ଉପସ୍ଥିତି ନିଶ୍ଚିତ କରିବେ । ନିର୍ଦ୍ଧାରିତ ହୋଇଥିବା କାର୍ଯ୍ୟସୂଚୀ ଅନୁଯାୟୀ ଅଗଷ୍ଟ ୧ ତାରିଖରେ ତିଲେଇବଣି ବ୍ଲକର କେନ୍ଦେଇଜୁରୀ, ଡିମିରିକୁଦା, ରିଆମାଳ ବ୍ଲକର ପରା, ଆଡସ ଏବଂ ବାରକୋଟ ବ୍ଲକର କାଳିଆପାଳ ଓ କାଦୋପଡା ଗ୍ରାମପଞ୍ଚାୟତଠାରେ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହେବ। ସେହିଭଳି ୩ ତାରିଖରେ ତିଲେଇବଣି ବ୍ଲକର ସଡୋ, ପାଲକୁଦର, ରିଆମାଳ ବ୍ଲକର ଚୁହିଲାମାଳ, ଉରୁଣିଆ ଏବଂ ବାରକୋଟ ବ୍ଲକର ଗୁରୁସଂଗ, ରାଇତାବାହାଲ, ୬ ତାରିଖରେ ତିଲେଇବଣି ବ୍ଲକର ଝରାଗୋଗୁଆ, ତାଳକୁଣ୍ଡି, ରିଆମାଳ ବ୍ଲକର ଲୁଲଙ୍ଗ, କରଲଗା ଏବଂ ବାରକୋଟ ବ୍ଲକର ସିଙ୍ଗଶାଳ, ରମ୍ଭେଇ. ୮ତାରିଖରେ ତିଲେଇବଣି ବ୍ଲକର ଢୋଲପଡା, ଝାରମୁଣ୍ଡା, ରିଆମାଳ ବ୍ଲକର ଗୁଣ୍ଡିଆପାଲି, କୋଲବସା ଏବଂ ବାରକୋଟ ବ୍ଲକର ଦନ୍ତାରିବାହାଲ ଓ ମଧୁପୁର, ୧୬ ତାରିଖରେ ତିଲେଇବଣି ବ୍ଲକର ଦୁଧିଆନାଳି, ଛେପିଲିପାଲି, ରିଆମାଳ ବ୍ଲକର ବୁଡିଦୋ, ଢୁଙ୍ଗାମାଳ ଏବଂ ବାରକୋଟ ବ୍ଲକର ଝରାକଣ୍ଟେଲ ସରୁଆଳି, ୨୦ ତାରିଖରେ ତିଲେଇବଣି ବ୍ଲକର ପାରପୋଷି, କଲଣ୍ଡା, ରିଆମାଳ ବ୍ଲକର ନୂଆଡିହି, ବାଘବର, ବାରକୋଟ ବ୍ଲକର କାଉଁସିବାହାଲ, ସଇଡାରେ ଅନୁଷ୍ଠିତ ହେବ । ସେହିପରି ୨୨ ତାରିଖରେ ତିଲେଇବଣି ବ୍ଲକର ଗଣ୍ଡମ, ବଡଛାପଲ, ରିଆମାଳ ବ୍ଲକର ତାରଙ୍ଗ, ତାବ୍ଡା ଏବଂ ବାରକୋଟ ବ୍ଲକର ଦଣ୍ଡାସିଙ୍ଗା, ବଲଣ୍ଡା. ୨୮ରେ ରିଆମାଳ ବ୍ଲକର ମହ୍ଲେଇପଡା, ଖିଲେଇ, ଟିଙ୍କିବିର ଓ କଣ୍ଟାବାହାଲ ଏବଂ ବାରକୋଟ ବ୍ଲକର କେଲଡା, କଲା, ବସାଲୋଇ ଗ୍ରାମପଞ୍ଚାୟତଠାରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯିବାକୁ ସ୍ଥିର କରାଯାଇଛି । ଶିବିରରେ ରୋଗୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆବଶ୍ୟକୀୟ ଔଷଧ ଯୋଗାଇ ଦିଆଯିବ ।

### ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

# ଜୁଲାଇ ୩୧ରୁ ବିଭିନ୍ନ ପ୍ରତିଯୋଗିତା

**ଦେବଗଡ,୨୫ା୭ (ଡ଼ି.ଏନ.ଏ.)**

ଆଗାମୀ ସ୍ୱାଧୀନତା ଦିବସକୁ ଜିଲା ସଦରମହକୁମା ଠାରେ ପାଳନ କରିବା ନିମନ୍ତେ କାର୍ଯ୍ୟକ୍ରମ ସ୍ଥିର କରିବା ପାଇଁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲାପାଳ ଧରମ ହାଁସଦା ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ ହାଁସଦା ସ୍ୱାଧୀନତା ଦିବସ ପାଳନର ସଫଳତା ନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ବୈଠକରେ ସ୍ୱାଧୀନତା ଦିବସ ପାଇଁ ଆୟୋଜିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯାଇଥିଲା । ନିଷ୍ପତ୍ତି ଅନୁଯାୟୀ ସ୍ୱାଧୀନତା ଦିବସ ଅବସରରେ ଚଳିତ ଜୁଲାଇ ୩୧ ରୁ ଅଗଷ୍ଟ ୭ ମଧରେ ପ୍ରାଥମିକସ୍ତରରୁ ମହାବିଦ୍ୟାଳୟସ୍ତରର ଛାତ୍ରୀଛାତ୍ରଙ୍କ ମଧରେ ଓଡିଆ, ଇଂରାଜୀ ବକ୍ତୃତା, ଦେଶାତ୍ମକବୋଧକ ସଙ୍ଗୀତ, ଜଣାଅଜଣା, ଚିତା, ଚିତ୍ରାଙ୍କନ ଓ କୌତୁକ ପୋଷାକ ଆଦି ପ୍ରତିଯୋଗିତା ବିଭିନ୍ନ ବିଭାଗରେ ଆୟୋଜିତ କରାଯିବ। ଚଳିତବର୍ଷ ମହାତ୍ମା ଗାନ୍ଧିଙ୍କର ୧୫୦ତମ ଜୟନ୍ତୀ ପାଳନ କରାଯାଉଥିବା ପରିପ୍ରେକ୍ଷୀରେ ପ୍ରାଥମିକସ୍ତର ବ୍ୟତୀତ ଅନ୍ୟସ୍ତରରେ ବକ୍ତୃତା, ଚିତ୍ରାଙ୍କନ ଏବଂ ଜଣାଅଜଣା ପ୍ରତିଯୋଗିତାର ବିଷୟ ବସ୍ତୁ ମହାତ୍ମା ଗାନ୍ଧିଙ୍କ ଉପରେ ଆଧାରିତ ହେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଏହା ବ୍ୟତୀତ ସ୍ୱାଧୀନତା ଦିବସ ଅବସରରେ ରାମଧୂନ, ପ୍ରଭାତଫେରୀ, କବିତାପାଠୋତ୍ସବ, ଅପରାହ୍ନରେ ପ୍ରଦର୍ଶନୀ ଫୁଟବଲ ଖେଳ ଏବଂ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ(ଭଏସ ଜିନିୟସ୍) ଆୟୋଜନ କରାଯିବା ପାଇଁ ସ୍ଥିର କରାଯାଇଛି । ଅଗଷ୍ଟ ୧୫ରେ ଦିବସର ମୁଖ୍ୟ ଅତିଥି ଇନ୍ଦିରାଗାନ୍ଧି ଷ୍ଟାଡିୟମଠାରେ ସକାଳ ୯.୧୫ ମିନିଟ୍ ସମୟରେ ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିବେ। ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ୨୦୧୯ରେ ଜିଲାରେ ସର୍ବୋଚ୍ଚ ନମ୍ବର ରଖି ପାସ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରିବା ସଙ୍ଗେ ସଙ୍ଗେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବେ। ଜିଲାରେ ବାଲ୍ୟ ବିବାହକୁ ରୋକିବା ପାଇଁ ସଚେତନତା ସୃଷ୍ଟି ନିମନ୍ତେ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଆନୁକୂଲ୍ୟରେ ଏକ ସଚେତନତା ରଥ ସ୍ୱାଧୀନତା ଦିବସରେ ଶୁଭାରମ୍ଭ କରାଯାଇ ଜିଲାର ସମସ୍ତ ଗ୍ରାମପଞ୍ଚାୟତ ପରିକ୍ରମା କରିବ । ବୈଠକରେ ଉପଜିଲାପାଳ ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରବିନାରାୟଣ ସି ସମେତ ଜିଲାସ୍ତରୀୟ ଅଧିକାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀ ଶିକ୍ଷକ, ସହରର ବୁଦ୍ଧିଜୀବୀ, ଗଣମାଧ୍ୟମର ପ୍ରତିନିଧି ଏବଂ ପୋଲିସ ପ୍ରଶାସନର ଅଧିକାରୀମାନେ ଯୋଗଦେଇଥିଲେ । ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଜୟ କୁମାର ମିଶ୍ର ବିବରଣୀ ପାଠ କରିବା ସଙ୍ଗେ ସଙ୍ଗେ ଧନ୍ୟବାଦ ଅର୍ପଣ କରିଥିଲେ ।



ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ।

## ଭାରିଯାନ ଚାଳକ ସଂଘ ନୂତନ କର୍ମକର୍ତ୍ତା ଚୟନ

**ଦେବଗଡ,୨୫ା୭ (ଡି.ଏନ.ଏ)**

ଦେବଗଡ ଜିଲା ଭାରିଯାନ ଚାଳକ ସଂଘ ପକ୍ଷରୁ ସ୍ଥାନୀୟ ଝାଡେଶ୍ୱର ମନ୍ଦିରରେ ବୁଧବାର କାର୍ଯ୍ୟକାରିଣୀ ବୈଠକ ସହ ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ଆଇନଜୀବୀ ତଥା ପରାମର୍ଶଦାତା ପୃଥ୍ୱୀରାଜ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ବୈଠକରେ ସ୍ଥାନୀୟ ଗାଡି ଚାଳନା ତାଲିମ ପ୍ରତିଷ୍ଠାନର ପରିଚାଳକ ସୁଧୀର ବ୍ରହ୍ମା ଯୋଗଦାନ କରି ବିଭିନ୍ନ ଭାରିଯାନ ଚାଳନା କରୁଥିବା ଡ୍ରାଇଭର ମାନଙ୍କ ତାଲିମ ସମ୍ପର୍କରେ ଆଲୋଚନା କରିଥିଲେ। ଏକ ନୂତନ ଭାବେ ଗଠନ ହୋଇଥିବା ସଂଘର ପରିଚାଳନା ପାଇଁ ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା। ଆଦିତ୍ୟ ପ୍ରସାଦ ବେହେରା ଜିଲା ସଂଘ ସଭାପତି ତପନ ସାହୁ ସାଧାରଣ ସମ୍ପାଦକ, ପ୍ରଫୁଲ୍ଲ ଅଦାବର ସହ ସମ୍ପାଦକ ଓ ଚିନ୍ମୟ ସାମଲ କୋଷାଧକ୍ଷ ଭାବେ ମନୋନୀତ ହୋଇଛନ୍ତି। ବିଷ୍ଣୁ ଚରଣ ସାହୁ(ରିଆମାଳ), ବଳରାମ ପାଳ(ତିଳେଇବଣି) ଓ ବଳଭଦ୍ର ଦେହୁରୀ(ବାରକୋଟ) ପ୍ରମୁଖ ସଂଘ ଉପାଧକ୍ଷ ଓ ଆଶିଷ ଦେବ କାର୍ଯ୍ୟକ୍ରମ ସଂଯୋଜକ ଭାବେ ଦାୟୀତ୍ୱ ନେଇଥିବା ଜଣାପଡିଛି ।

# ଜୋନସ୍ତରୀୟ ବ୍ୟାଡ୍‌ମିଣ୍ଟନ, ଟେବୁଲଟେନିସ ଟୁର୍ନାମେଣ୍ଟ

**ସମ୍ବଲପୁର,୨୫ା୭ (ବ୍ୟୁରୋ)**

ଭାରତୀୟ ଜୀବନ ବୀମା (ଏଲ୍ଆଇସି) ଇଷ୍ଟ ସେଣ୍ଟ୍ରାଲ ଜୋନର ଦୁଇଦିନିଆ ବ୍ୟାଡମିଣ୍ଟନ ଓ ଟେବୁଲ ଟେନିସ୍ ଟୁର୍ନାମେଣ୍ଟ ଗୁରୁବାର ବୀରସୁରେନ୍ଦ୍ର ସାଏ ଇନ୍‌ଡୋର ହଲ୍‌ଠାରେ ଉଦ୍‌ଘାଟିତ ହୋଇଯାଇଛି । ଆଞ୍ଚଳିକ ପ୍ରବନ୍ଧକ ଗର୍ବା ସୋରେନ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟର ଶୁଭାରମ୍ଭ କରିଥିଲେ । ସମ୍ବଲପୁର ମଣ୍ଡଳର ବରିଷ୍ଠ ପ୍ରବନ୍ଧକ ମନୋଜ ପଣ୍ଡା ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦେଇଥିଲେ ।

ସ୍ପୋର୍ଟ୍ସ ପ୍ରମୋଶନ୍ ବୋର୍ଡ ସଦସ୍ୟ ମୃତ୍ୟୁଞ୍ଜୟ କୁମାର ସିଂ ସର୍ବ ଭାରତୀୟସ୍ତରରେ ଏଲ୍ଆଇସିର ଖେଳାଳିମାନଙ୍କ କୃତୀତ୍ୱ ବିଷୟରେ କହିଥିଲେ । ଟୁର୍ନାମେଣ୍ଟରେ ବିହାର, ଝାଡ଼ଖଣ୍ଡ, ଓଡ଼ିଶାର ଖେଳାଳିମାନେ ଭାଗ ନେଇଥିଲେ। ଜିଲା ବ୍ୟାଡମିଣ୍ଟନ ସଂଘର ଅମ୍ପାୟାରମାନେ ମ୍ୟାଚ ପରିଚାଳନା କରିଥିଲେ । ତୁହିନ କୁମାର ଦେ, ବିଦୁଭୂଷଣ ମିଶ୍ର ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ ।



ଗୁରୁବାର ସମ୍ବଲପୁର ଭିଏସ୍ଏସ୍ ଇନ୍‌ଡୋର ହଲ୍‌ରେ ବ୍ୟାଡ୍‌ମିଣ୍ଟନ ଓ ଟେବୁଲ ଟେନିସ୍ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନେ ।

# ନିର୍ମଳ ଗ୍ରାମ ପାଇଁ ପ୍ରସ୍ତୁତି ବୈଠକ

**ରିଆମାଳ, ୨୫ା୭ (ଡ଼ି.ଏନ.ଏ.)**

ରିଆମାଳ ପଞ୍ଚାୟତ ସମିତି ସଭା ଗୃହଠାରେ ଗୁରୁବାର ଏନଜିଟିପକ୍ଷରୁ ନିର୍ମଳ ଗ୍ରାମ ପାଇଁ ପ୍ରସ୍ତୁତି ବୈଠକ ହୋଇଯାଇଛି। ଦେବଗଡ଼ ଜିଲାପାଳ ସୁଧାଂଶୁଶେଖର ସାମଲ ଅଧକ୍ଷତା କରି ପ୍ରତ୍ୟେକ ଗ୍ରାମକୁ ନିର୍ମଳ, ସୁସ୍ଥ, ସ୍ୱଚ୍ଛ, ସୁନ୍ଦର ଗ୍ରାମ ପରିଣତ କରିବା ପାଇଁ ଆହ୍ୱାନ ଦେଇଥିଲେ । ଏହା ସହିତ ଗ୍ରାମବାସୀ, ପଞ୍ଚାୟତ ପ୍ରଶାସନ ସହାୟତା କରିବା ପାଇଁ ପରାମର୍ଶ ଦେଇଥିଲେ। ଅପରପକ୍ଷରେ ଜିଲା ପ୍ରକଳ୍ପ ଅଧିକାରୀ ଭୀମସେଣ୍ଟ ପୁନମକାନ୍ତ ଏକ୍କା ଯୋଗଦେଇ ପ୍ରତ୍ୟେକ ପରିବାରକୁ ସର୍ଭେ କରାଯାଇ ସମସ୍ତଙ୍କୁ ପରିମଳର ସୁବିଧା ଯୋଗାଇ ଦିଆଯାଇ ପାରିବ ବୋଲି ଗୁରୁତ୍ୱ ଦେଇଥିଲେ । ଉକ୍ତ ପ୍ରସ୍ତୁତି ବୈଠକରେ ବ୍ଲକ ଅଧକ୍ଷା ରୀତାଞ୍ଜଳି ହାତୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିମଳା ବିରୁଳି, ଜିଲା ଜଳ ଓ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀ ନିହାର ଦାଶ ଯୋଗ ଦେଇଥିଲେ ।

### ସମ୍ଭାଗସ୍ତରୀୟ୍ ଚେସ୍ ପ୍ରତିଯୋଗିତା ଉଦ୍‌ଯାପିତ

# ୩୦ ପ୍ରତିଯୋଗୀ ଜାତୀୟ୍ ସ୍ତରକୁ ଉନ୍ନୀତ

**ଦେବଗଡ, ୨୫ା୭ (ଡ଼ି.ଏନ.ଏ.)**

ତିଲେଇବଣି ବ୍ଲକ ସୁନାମୁଣ୍ଡା ସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ସମ୍ଭାଗ ସ୍ତରୀୟ ୩୦ତମ ଚେସ୍ ପ୍ରତିଯୋଗିତା ଗୁରୁବାର ଉଦଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଦେବଗଡ ତହସିଲଦାର ପଲ୍ଲବୀ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେବାସହ ଏହି କ୍ରୀଡ଼ା ବୁଦ୍ଧିଦ୍ୱାରା ସଂଘଟିତ ହୋଇଥାଏ ବୋଲି କହିଥିଲେ। ନିଜେ ଜବାହର ନବୋଦୟ ବିଦ୍ୟାଳୟ ହଦଗଡ଼, କେନ୍ଦୁଝରର ଛାତ୍ରୀ ଥିବାବେଳେ ବିଭିନ୍ନ କ୍ଷେତ୍ରରେ ଅଂଶଗ୍ରହଣ କରୁଥିଲେ ତାହାର ସ୍ମୃତିଚାରଣ କରିଥିଲେ । ସେହିପରି ସମ୍ମିଳିତ ପରେଡ଼ରେ ଅଭିବାଦନ ଗ୍ରହଣ କରି ତିରିଶତମ ସମ୍ଭାଗସ୍ତରୀୟ ଚେସ୍ ପ୍ରତିଯୋଗିତାକୁ ଉଦ୍‌ଯାପନୀ ଘୋଷଣା କରି କ୍ରୀଡ଼ା ମଶାଲକୁ କ୍ଷୀର ଢ଼ାଳି ନିର୍ବାପିତ କରିଥିଲେ। ସେହିପରି ଓଡ଼ିଶା ଚାମ୍ପିୟନ ହୋଇଥିବାବେଳେ ମଧ୍ୟପ୍ରଦେଶ ରନର୍ସ ଅପ ହୋଇଛି। ମଧ୍ୟପ୍ରଦେଶ, ଛତିଶଗଡ଼ ଓ ଓଡ଼ିଶାରୁ ମୋଟ ୧୦୧ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି ୩୦ଜଣ ପ୍ରତିଯୋଗୀ ଜାତୀୟ ସ୍ତରକୁ ଉନ୍ନୀତ ହୋଇଛନ୍ତି। ଓଡ଼ିଶାରୁ ୨୨ଜଣ ମଧ୍ୟରୁ ୧୧ଜଣ ଦେବଗଡ଼ ବିଦ୍ୟାଳୟର ଛାତ୍ରୀଛାତ୍ର ଅଟନ୍ତି। ବିଦ୍ୟାଳୟର ଅଧକ୍ଷ ଉତ୍ତମ ପ୍ରସାଦ, ବରିଷ୍ଠ ଓଡ଼ିଆ ଅଧ୍ୟାପକ ଡ଼.ସୁରେନ୍ଦ୍ର ନାଥ ତ୍ରିପାଠୀଙ୍କ ସମେତ ଅନ୍ୟ ଅଧ୍ୟାପିକା, ଅଧ୍ୟାପକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ଅଗଷ୍ଟ ୧୦ ରୁ ୧୨ ତାରିଖ ତିନିଦିନ ଧରି ଜାତୀୟ ସ୍ତରରେ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।



ଚେସ୍ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ପ୍ରତିଯୋଗୀମାନେ ।

## କଳାକାର ଭତ୍ତା ସମ୍ପର୍କରେ ସଚେତନତା

**ଦେବଗଡ,୨୫ା୭ (ଡ଼ି.ଏନ.ଏ.)**

ରାଜ୍ୟ ସରକାରଙ୍କ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା କାର୍ଯ୍ୟକାରୀ କରାଯାଇ କଳାକାରମାନଙ୍କୁ ଭତ୍ତା ପ୍ରଦାନ କରାଯାଉଛି । ଏହି ଯୋଜନାରେ ଗତ ଆର୍ଥିକ ବର୍ଷରେ ଜିଲାର ୩୦୪ଜଣ କଳାକାରଙ୍କୁ ଭତ୍ତା ପ୍ରଦାନ କରାଯାଉଛି। ସରକାରଙ୍କ ବ୍ୟବସ୍ଥା ଅନୁଯାୟୀ ୫୦ବର୍ଷରୁ ଉର୍ଦ୍ଧ୍ୱ ପୁରୁଷ ଓ ୪୦ ବର୍ଷରୁ ଉର୍ଦ୍ଧ୍ୱ ମହିଳା ମାନ୍ୟତା ପ୍ରାପ୍ତ ଦୁସ୍ଥ କଳାକାରମାନେ ଏହି ଯୋଜନାରେ ଭତ୍ତା ପାଇବା ପାଇଁ ଯୋଗ୍ୟ ଅଟନ୍ତି। ଏଥିପାଇଁ ଆବେଦନ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଖବରକାଗଜରେ ବିଜ୍ଞାପନ ଜରିଆରେ ପ୍ରକାଶ କରାଯାଏ । ସୂଚନାଯୋଗ୍ୟ ଯେ, ଚଳିତ ଆର୍ଥିକ ବର୍ଷ ନିମନ୍ତେ ଏ ସମ୍ବନ୍ଧୀୟ କୌଣସି ବିଜ୍ଞାପନ ଏଯାବତ୍ ବିଭାଗ ପକ୍ଷରୁ ପ୍ରକାଶ କରାଯାଇନାହିଁ । ତେଣୁ ଜିଲା ସଂସ୍କୃତି ବିଭାଗ ପକ୍ଷରୁ ଜିଲାର କଳାକାରମାନଙ୍କୁ ଜଣାଇଦିଆଯାଉଛି ଯେ, ସେମାନେ କାହାର ପ୍ରରୋଚନାରେ ଏଥି ନିମନ୍ତେ ଆବେଦନ କରନ୍ତୁ ନାହିଁ । ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଜୟ କୁମାର ମିଶ୍ର ସୂଚନା ଦେଇଛନ୍ତି।

### ଦେବଗଡ଼ ବଣିକ ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ

# ଅନୁଧ୍ୟାନ କରି ଉଚ୍ଛେଦ କରାଯାଉ

**ଦେବଗଡ,୨୫ା୭ (ଡ଼ି.ଏନ.ଏ.)**

ଦେବଗଡ଼ ପୌରାଞ୍ଚଳରେ ମୁଖ୍ୟବଜାର ସମେତ ବିଭିନ୍ନ ୱାର୍ଡ଼ରେ ଡ୍ରେନ୍ ଉପରେ ହୋଇଥିବା ଜବରଦଖଲକୁ ପୌରପରିଷଦ ପକ୍ଷରୁ ଉଚ୍ଛେଦ କରାଯାଉଛି। ଏହି ଉଚ୍ଛେଦ ପ୍ରକ୍ରିୟାକୁ ନବଗଠିତ ବଣିକ ସଂଘ ତରଫରୁ ବିରୋଧ କରାଯାଇଛି। ଜୁଲାଇ ୨୪ରେ ୨୪ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା । କିନ୍ତୁ ଏ ନେଇ ଗୁରୁବାର ଅପରାହ୍ନରେ ସ୍ଥାନୀୟ ଏକ ହୋଟେଲର ସମ୍ମିଳନୀ କକ୍ଷରେ ଖବରଦାତା ସମ୍ମିଳନୀ ହୋଇଥିଲା। ପୌରପରିଷଦ ପକ୍ଷରୁ ସଭାପତି ସୁଶିଳ କୁମାର କପରଦାର ସୂଚନା ଦେଇଛନ୍ତି ଡ଼ାକବାଜି ଯନ୍ତ୍ର ମାଧମରେ ଘୋଷଣା କରାଯାଇଥିଲା ଯେ ଜୁଲାଇ ୧୫ ତାରିଖ ମଧରେ ଜବରଦଖଲ ନ ହଟିଲେ ୧୬ରୁ ପ୍ରଶାସନ ବାଧ ହୋଇ ଉଚ୍ଛେଦ ପ୍ରକ୍ରୀୟା ଆରମ୍ଭ କରିବ । କିନ୍ତୁ କମିଟି ତରଫରୁ ପ୍ରଶାସନକୁ ଏକ ଦାବି ଦେଇଥିଲେ ଯେ ସହରରେ ଯେଉଁ ଯେଉଁ ଯାଗା ଜବର ଦଖଲ ହୋଇଛି ଚିହ୍ନଟ କରାଯାଇ ଉଚ୍ଛେଦ ଆରମ୍ଭ କରାଯାଉ । ସର୍ବସାଧାରଣରେ ଡ୍ରେନ୍ ବା ଯାଗାକୁ ଯେଉଁ ବ୍ୟକ୍ତିମାନେ ଜବରଦଖଲ କରିଛନ୍ତି ପତ୍ର ମାଧ୍ୟମରେ ଜଣାଇଁ ଦିଆଯାଉ । ଯେଉଁମାନେ ଜବରଦଖଲ କରିଛନ୍ତି ଉଚ୍ଛେଦ ପାଇଁ ସେମାନଙ୍କୁ ସମୟ ଦିଆଯାଉ। ଏପରିକି ବହୁଦିନରୁ ପୌରପରିଷଦ ଦ୍ୱାରା ନିର୍ମାଣ ହୋଇଥିବା ଡ୍ରେନ ଉପରେ ବ୍ୟବସାୟୀକ ଦୋକାନ ଗୃହ ବା ସର୍ବ ସାଧାରଣ ରାସ୍ତା ଉପରେ ଦୋକାନ ଗୃହ ନିର୍ମାଣ ହୋଇଥିଲେ ମଧ ତାହାର ଉଚ୍ଛେଦ କରିବାକୁ ପଦକ୍ଷେପ ନିଆଯାଉ । ପାତର ଅନ୍ତର ନକରି ଅନୁଧ୍ୟାନ କରି ଉଚ୍ଛେଦ ପ୍ରକ୍ରିୟା କରାଗଲେ ଜନସାଧାରଣଙ୍କର କୌଣସି ପ୍ରକାର ଅସୁବିଧା ହେବନାହିଁ ବୋଲି ସୂଚନା ଦେଇଥିଲେ ।



ସଭାପତି ସୁଶିଳ କୁମାର କପରଦାର ସୂଚନା ଦେଉଛନ୍ତି।



“ ମୃତ୍ୟୁ ସମୟରେ ଯଦି ଆମର ମନ ଇଷ୍ଟ ବା ଗୁରୁଙ୍କଠାରେ ଯୋଗ ହୋଇଥାଏ ତେବେ ମୁକ୍ତି ମିଳିଥାଏ।

- ଶିରିଡ଼ି ସାଇବାବା



# ହୀରାକୁଦ ଡ୍ୟାମ୍‌ରେ ଜଳ ସଙ୍କଟ

ସମ୍ବଲପୁର,୨୫। ୭(ବ୍ୟୁରୋ)

ସମ୍ବଲପୁର ହୀରାକୁଦ ଡ୍ୟାମରେ ଜଳ ସଙ୍କଟ ଦେଖାଦେଇଛି। ଉପର ମୁଣ୍ଡରେ ବର୍ଷା ଅଭାବ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ହୀରାକୁଦ ଜଳ ଭଣ୍ଡାରରୁ ଜଳସେଚନ ହେଉଥିବା କିଛି ଜମିରେ ବର୍ତ୍ତମାନ ଧାନରୁଆ ସରିଥିବା ବେଳେ ଅଧିକାଂଶ ସ୍ଥାନରେ ଧାନରୁଆ କାର୍ଯ୍ୟ ଚାଲିଛି। ହେଲେ ଆଗକୁ ଚାଷ ପାଇଁ ପାଣିର ଅଧିକ ଆବଶ୍ୟକତା ରହିଛି। ଏପରିସ୍ଥିତିରେ ଡ୍ୟାମରେ ଆବଶ୍ୟକ ପରିମାଣର ପାଣି ନ ଥିବାରୁ ଚାଷୀଙ୍କ ମନରେ ଭୟ ସୃଷ୍ଟି ହୋଇଛି। ଆଗକୁ ବର୍ଷା ନ ହେଲେ ରୁଆ ହୋଇଥିବା ଧାନ ନଷ୍ଟ ହେବା ସହ ଚାଷ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହେବ ବୋଲି ଚାଷୀମାନେ ଆଶଙ୍କା ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷେ ଜଳ ସେଚନ ବିଭାଗ ପକ୍ଷରୁ ଚାଷ କାର୍ଯ୍ୟରେ ଯେପରି ବାଧା ନ ହେବ ସେହିଦିଗରେ ପ୍ରୟାସ କରାଯାଉଛି। ମାଇନର କେନାଲଗୁଡିକରେ ପର୍ଯ୍ୟାୟ କ୍ରମେ ପାଣି ଯୋଗାଇ ଦିଆଯାଉଛି।



ସମ୍ବଲପୁର ହୀରାକୁଦ ଡ୍ୟାମ ଭିତର ଭାଗରେ ଶାସନ କେନାଲ ଭଜଳସ୍ତର ହ୍ରାସ।

ଏପରି କି ତଳି ଅଞ୍ଚଳରେ ଚାଷୀଙ୍କ ସହ ପରାମର୍ଶ କରି ପାଣି ବଣ୍ଟନ କରାଯାଉଥିବା ଜଣାପଡିଛି। ହେଲେ ଡ୍ୟାମରେ ଯେଭଳି ଭାବେ ଜଳସ୍ତର ହ୍ରାସ ପାଇଛି, ଆଗକୁ ସମସ୍ୟା ହେବା ନିଶ୍ଚିତ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି। ଏ ନେଇ ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ ପଣ୍ଡାଙ୍କୁ ପଚାରିବାରୁ ଡ୍ୟାମରେ ଜଳସ୍ତର ହ୍ରାସ ପାଇଛି। ହେଲେ ଶାସନ କେନାଲ ଓ ସମ୍ବଲପୁର ଡିଷ୍ଟ୍ରିବ୍ୟୁଟାରିର ନିୟମ ଅନୁସାରେ ପାଣି ଛଡା ଯାଉଛି । ସପ୍ତାହ ମଧ୍ୟରେ ଭଲ ବର୍ଷା ନ ହେଲେ ପରିସ୍ଥିତି ବିଗିଡିବା ସମ୍ଭାବନା ରହିଛି। ବର୍ତ୍ତମାନ ବିଭାଗ ପକ୍ଷରୁ ଡ୍ୟାମ ଜଳସ୍ତର ଦେଖି ମୁଖ୍ୟ କେନାଲରୁ ମାଇନର କେନାଲଗୁଡିକୁ ପର୍ଯ୍ୟାୟ କ୍ରମେ ପାଣି ଛଡାଯାଉଛି ବୋଲି କହିଥିଲେ। ସୂଚନାଯୋଗ୍ୟ, ହୀରାକୁଦ ଡ୍ୟାମରୁ ସମ୍ବଲପୁର ଡିଷ୍ଟ୍ରିବ୍ୟୁଟାରିରେ କ୍ଷମତା ଅନୁସାରେ ଗୁରୁବାର ୯୪ କ୍ୟୁସେକ ପାଣି ଛଡାଯାଇଛି । ସେହିପରି ଶାସନ କେନାଲରେ କ୍ଷମତା ଅନୁସାରେ ୬୩୦ କ୍ୟୁସେକ ପାଣି ଛଡାଯାଇଛି ଯଦି ବର୍ଷା ନ ହେବ ଆଗାମୀ ଦିନରେ କେନାଲ ଅଞ୍ଚଳରେ ଥିବା ୨୫ ହଜାର ୫୬୬ ହେକ୍ଟର ଜମିରେ ଚାଷ କାର୍ଯ୍ୟ ପ୍ରଭାବିତ ହେବ ବୋଲି ଜଣାପଡିଛି ।

- ଫସଲ ବଞ୍ଚେଇବାକୁ ଜଳସେଚନ ବିଭାଗର ପ୍ରୟାସ
- ଡ୍ୟାମ ପାଣି ଏକ ସପ୍ତାହ ପାଇଁ ହେବ
- ପର୍ଯ୍ୟାୟକ୍ରମେ ପାଣି ଯୋଗାଣ ହେଉଛି
- ପ୍ରଭାବିତ ହେବ ୨୫ ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଚାଷ ଜମି

■ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ

# ସମାନ୍ତରାଳ ସ୍ୱାଧୀନତା ଦିବସ ପାଳନ ହେବ

**ଜିଲା ଓକିଲ ସଂଘର ଚେତାବନୀ**

ସମ୍ବଲପୁର,୨୫।୭(ବ୍ୟୁରୋ)

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ଆନ୍ଦୋଳନ ଜାରି ରହିଛି। ହେଲେ ରାଜ୍ୟ ଓ କେନ୍ଦ୍ର ସରକାର ଏଥିପ୍ରତି କୌଣସି ପଦକ୍ଷେପ ଗ୍ରହଣ କରୁ ନାହାନ୍ତି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ଅଗଷ୍ଟ ୧୫ ତାରିଖ ସ୍ୱାଧୀନତା ଦିବସ ସମାରୋହ ଜିଲା ପ୍ରଶାସନ ସହ ସମାନ୍ତରାଳ ପାଳନ କରାଯିବ। ଗୁରୁବାର ସମ୍ବଲପୁର ଜିଲା ଓକିଲ ସଂଘ କୋର କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯିବା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଚେତାବନୀ ଦିଆଯାଇଛି। ସ୍ୱାଧୀନତା ଦିବସ ଉତ୍ସବରେ ସାମିଲ ହେବାକୁ ସହରର ସମସ୍ତ ସ୍କୁଲ, କଲେଜକୁ ଅନୁରୋଧ କରାଯିବାକୁ ପ୍ରସ୍ତାବ ଗୃହୀତ ହୋଇଛି । ଜିଲା ଓକିଲ ସଂଘ ସଭାପତି ବିଜିତେନ୍ଦ୍ରୀୟ ପ୍ରଧାନ, ଜିଲା କ୍ରିୟାନୁଷ୍ଠାନ କମିଟି ଅଧକ୍ଷ ପ୍ରଦୀପ କୁମାର ବହିଦାରଙ୍କ ସମେତ ସଂଘ କର୍ମକର୍ତ୍ତା ଓ ସଭ୍ୟମାନେ ଆଲୋଚନାରେ ଭାଗ ନେଇଥିଲେ। ସୂଚନାଯୋଗ୍ୟ, ଗତ ୨୩ ତାରିଖ ନାଗରିକ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ବୈଠକ ହୋଇଥିଲା। ଏଥିରେ ଭାଗବତ ପ୍ରସାଦ ନନ୍ଦ ଅଧକ୍ଷତା କରିଥିଲେ। ପ୍ରଫେସର ଶଙ୍କର ପ୍ରସାଦ ପତି, ସୁଦର୍ଶନ ପୂଜାରୀ, ରଘୁନାଥ ମିଶ୍ର, ଅରବିନ୍ଦ ମହାପାତ୍ର, ଡା. ରାଜକୁମାର ବଡପଣ୍ଡା, ଅଶୋକ ବେରିଆ, କିଶୋର ପ୍ରଧାନ, ଶିବପ୍ରସାଦ ମେହେର, ବିଜୟଲକ୍ଷ୍ମୀ ବେହେରା, ସୁରେଖା ସାହୁ, ଯୋଗେଶ ପ୍ରସାଦ ହୋତା, ବ୍ୟୋମକେଶ ପଣ୍ଡା, ରାମାନୁଜ ପଣ୍ଡା, ଗୋକୁଳ ମେହେର, ସରୋଜ ଦାଶ, ଶଶିଭୂଷଣ ତ୍ରିପାଠୀ, ଦୀପକ କୁମାର ପଣ୍ଡା, ପ୍ରଫୁଲ୍ଲ କୁମାର ହୋତା, ଅଶୋକ ମିଶ୍ର ଆଲୋଚନାରେ ଭାଗ ନେଇଥିଲେ। ଅଗଷ୍ଟ ୧୫ ତାରିଖରେ ମଧ ସରକାରୀ କାର୍ଯ୍ୟକ୍ରମକୁ ବର୍ଜନ କରିବାକୁ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

## ସଂକ୍ଷେପରେ

### ବୃଦ୍ଧାଙ୍କ ୨୦ ହଜାର ଟଙ୍କା ଲୁଟ

**ରେଙ୍ଗାଲି, ୨୫।୭ (ଡି.ଏନ.ଏ):** ରେଙ୍ଗାଲି ଥାନା ଅଧୀନ ରେଙ୍ଗାଲି ତହସିଲ ଛକରୁ ଗୁରୁବାର ଜଣେ ବୃଦ୍ଧାଙ୍କଠାରୁ ୨୦ ହଜାର ଟଙ୍କା ଲୁଟ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ମୁତାବକ, ପରଦେଶୀପାଲି ଗ୍ରାମର ବିଳାସିନୀ ନାଏକ ନିଜ ସମ୍ପର୍କୀୟ ପୁତୁରା ନିଳକଣ୍ଠ ଭୋଇଙ୍କ ସହ ରେଙ୍ଗାଲି ଏସ୍‌ବିଆଇ ବ୍ୟାଙ୍କ ଆସିଥିଲେ। ବ୍ୟାଙ୍କରୁ ବିଳାସିନୀ ୨୦ ହଜାର ଟଙ୍କା ଉଠାଇଥିଲେ। ପୁତୁରା ନିଳକଣ୍ଠ ବାଇକ୍ ଖରାପ ଥିବା କହି ବିଳାସିନୀଙ୍କୁ ତହସିଲ ଛକରେ ଥିବା ଏକ ହୋଟେଲରେ ବସାଇ ବାଇକ୍ ମରାମତି କରିବାକୁ ଯାଇଥିଲେ। ସେତିକିବେଳେ ଜଣେ ଯୁବକ ଆସି ବିଳାସିନୀଙ୍କ ସହ କଥାବାର୍ତ୍ତା କରିଥିଲେ। ହେଲେ ପରବର୍ତ୍ତୀ ସମୟରେ ଯୁବକ ଜଣକ ବିଳାସିନୀ ଧରିଥିବା ବ୍ୟାଗକୁ ଛଡାଇ ଦୌଡି ଫେରାର ହୋଇଯାଇଥିଲା। ବ୍ୟାଗରେ ୨୦ ହଜାର ଟଙ୍କା ଥିବା ବିଳାସିନୀ ରେଙ୍ଗାଲି ଥାନାରେ ଏକ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତି ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଅଗଷ୍ଟ ୨୫ରେ ପୁରାତନ ଛାତ୍ର ସଂଘର ସାଧାରଣ ପରିଷଦ ବୈଠକ

**ସମ୍ବଲପୁର,୨୫।୭(ବ୍ୟୁରୋ):** ସମ୍ବଲପୁର ଜିଲା ସ୍କୁଲ ପୁରାତନ ଛାତ୍ର ସଂଘର ସାଧାରଣ ପରିଷଦ ବୈଠକ ଆସନ୍ତା ଅଗଷ୍ଟ ୨୫ ତାରିଖ ହେବ। ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ ପରିସରସ୍ଥ ମନମୋହନ ପଟ୍ଟନାୟକ ପ୍ରେକ୍ଷାଳୟରେ କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ହୋଇଛି । ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ହେବ। ସେହିପରି ପରବର୍ତ୍ତୀ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯିବ ବୋଲି ଗୁରୁବାର ସଂଘ ସାଧାରଣ ସମ୍ପାଦକ ଡ. ଦିଲୀପ କୁମାର ନନ୍ଦ ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି।

■ ମିସ୍‌ଡ କଲ୍‌ରୁ ପ୍ରେମ

### ବାମରା ଷ୍ଟେଶନରୁ ନାବାଳିକା ଉଦ୍ଧାର

**ବାମରା,୨୫।୭(ସ୍ୱ.ପ୍ର.):** ଡିଜିଟାଲ ଦୁନିଆରେ ଅପ୍ରାପ୍ତ ମୟସ୍କ ପୁଅ ଝିଅମାନେ କିଭଳି ଅନ୍ଧ ପ୍ରେମର ଶିକାର ହେଉଛନ୍ତି, ଏହିଭଳି ଏକ ଘଟଣା ସାମନାକୁ ଆସିଛି ଗୋବିନ୍ଦପୁର ଥାନା ଅଞ୍ଚଳରେ। ମିଳିଥିବା ସୂଚନା ମୁତାବକ ଗତ ପ୍ରାୟ ୬ରୁ ୭ ମାସ ପୂର୍ବେ କୋରାପୁଟ ଜିଲାର ଜଣେ ନାବାଳିକାଙ୍କ ସହ ସୁନ୍ଦରଗଡ ଜିଲା ବଡଗାଁ ଅଞ୍ଚଳର ଜଣେ ଯୁବକଙ୍କ ମିସ୍‌ଡ କଲ ପରେ କଥାବାର୍ତ୍ତା ହୋଇଥିଲା। ପରେ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। କିଛିଦିନ ତଳେ ଯୁବକ ଜଣକ ଫୋନରେ ନାବାଳିକାଙ୍କୁ ବାମରା ରେଲ ଷ୍ଟେଶନ ଆସିବାକୁ କହିଥିଲେ। ପରେ ନାବାଳିକା ଜଣକ ବାମରା ରେଲ ଷ୍ଟେଶନରେ ପହଞ୍ଚି ଯୁବକଙ୍କୁ ସାକ୍ଷାତ କରିଥିଲେ। ପରେ ସେମାନେ ଏଣେତେଣେ ବୁଲାବୁଲି କରୁଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ଗୋବିନ୍ଦପୁର ପୋଲିସକୁ ଖବର ଦେଇଥିଲେ । ପୋଲିସ ପହଞ୍ଚି ନାବାଳିକା ଓ ଯୁବକଙ୍କୁ ପଚରାଉଚୁରା କରିଥିଲା। ପରେ ପୋଲିସ ଯୁବକଙ୍କୁ ପରିବାର ଲୋକଙ୍କୁ ଜିମା ଦେଇଥିଲା। ପୋଲିସ ନାବାଳିକାଙ୍କୁ ସମ୍ବଲପୁରସ୍ଥିତ ଶିଶୁ କଲ୍ୟାଣ ସମିତିକୁ ହସ୍ତାନ୍ତର କରିଥିଲା । ଏନେଇ ସମ୍ବଲପୁର ସିଡବ୍ଲ୍ୟୁସି କୋରାପୁଟ ସିଡବ୍ଲ୍ୟୁସି ସହ ସମ୍ପର୍କ କରି ନିୟମ ଅନୁସାରେ ନାବାଳିକାଙ୍କୁ ହସ୍ତାନ୍ତର କରାଯିବ ବୋଲି ସମିତି ଅଧକ୍ଷ ବ୍ରଜେନ୍ଦ୍ର କିଶୋର ପଣ୍ଡା ସୂଚନା ଦେଇଛନ୍ତି ।

ଭିସୁଟ୍‌ରେ ଅଧ୍ୟାପକଙ୍କ ଧାରଣ

### ପଢ଼ା ଠପ, ରିପୋର୍ଟ ସଂଗ୍ରହ କଲେ ସଚିବ

**ସମ୍ବଲପୁର,୨୫।୭(ବ୍ୟୁରୋ):** ବୁର୍ଲା ବୀରସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍) ଅଧ୍ୟାପକଙ୍କ ଆନ୍ଦୋଳନ ଜାରି ରହିଛି । ଏହି ଅବସରରେ ସମସ୍ୟାର ସମାଧାନ ନେଇ ଏକ ଟିମ୍ ଅଧ୍ୟାପକଙ୍କ ସହ ଆଲୋଚନା କରି ରିପୋର୍ଟ ସଂଗ୍ରହ କରିଛନ୍ତି। ରାଜ୍ୟ ଦକ୍ଷତା ବିକାଶ ବିଭାଗର ଯୁଗ୍ମ ସଚିବ ଅଜୟ ନାଏକ ଓ ରାଜ୍ୟପାଳଙ୍କ ଯୁଗ୍ମ ସଚିବ ସି.ଆର୍. ମହାନ୍ତି ଗୁରୁବାର ଭିସୁଟ୍ ଆସି ରିପୋର୍ଟ ସଂଗ୍ରହ କରିଛନ୍ତି। ଏପରି କି କୁଳପତି ପ୍ରଫେସର ଅଟଳ ଚୌଧୁରୀଙ୍କୁ ଭେଟି ଆଲୋଚନା କରିଥିଲେ। ହେଲେ କୌଣସି ସମାଧାନ ହୋଇପାରି ନ ଥିବା ଜଣାପଡିଛି । ଅନ୍ୟପକ୍ଷେ ଗୁରୁବାର ପାଠ ପଢା ଠପ୍ ହୋଇଯାଇଛି। ସୂଚନାଯୋଗ୍ୟ, ଅଧ୍ୟାପକ ସଂଘ ବିଭିନ୍ନ ଦଫା ଦାବି ନେଇ ଆନ୍ଦୋଳନ ଜାରି ରହିଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି ।



ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

# ଉତ୍କଳ ଶାଗୁଆ ଚଷା ସମାଜର ମାସିକ ବୈଠକ

ଟିପିଲିମା,୨୫।୭(ଡି.ଏନ.ଏ.)

ବୁର୍ଲା ଡିଏଫସି ଗେଷ୍ଟ ହାଉସଠାରେ ଉତ୍କଳ ଶାଗୁଆ ଚଷା ସମାଜର ମାସିକ ବୈଠକ ସଭାପତି ଯୁଗଳ କିଶୋର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ସମାଜର ପଞ୍ଜୀକରଣ ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା। ଗତ ଜୁନ ୨୩ ତାରିଖରେ ଦରଖାସ୍ତ କରିଥିବା ସଦସ୍ୟ ଗୌରାଙ୍ଗଚରଣ ସାହୁଙ୍କ ସମସ୍ୟା ବିଷୟରେ ଆଲୋଚନା ହୋଇଥିଲା। ଅଗଷ୍ଟ ମାସରେ ରାଉଡିଠାରେ ସମାଜର ବୈଠକ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସମାଜ ପକ୍ଷରୁ ଅସହାୟ ମହିଳା, ମେଧାବୀ ଛାତ୍ରମାନଙ୍କୁ ଦିଆଯାଉଥିବା ସାହାଯ୍ୟ ରାଶିରେ କମ୍ ପରିଲକ୍ଷିତ ହେଉଥିବାରୁ ସମାଜକୁ ଦାନ କରିବାକୁ ଅନୁରୋଧ କରାଯାଇଥିଲା। ସଭାରେ ସମ୍ପାଦକ ସୋମନାଥ ସାହୁ, ଉପସଭାପତି ବିନୋଦବିହାରୀ ସାହୁ, ଗନ୍ଧର୍ବ ସାହୁ, ବନମାଳୀ ସାହୁ, କାଶୀନାଥ ନାୟକ, ବିଶ୍ୱନାଥ ନାୟକ, ସନ୍ତୋଷ କୁମାର ସାହୁ, ଶିବରାମ ସାହୁଙ୍କ ସହ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଶେଷରେ ଲକ୍ଷ୍ମଣ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ।

# ସାବତ ମା’ ବୋଲି ଅଧାବାଟରେ ପୋତିଦେଲେ

ବାମରା,୨୫।୭(ସ୍ୱ.ପ୍ର.)

ମଣିଷ ବଞ୍ଚିଥିବା ପର୍ଯ୍ୟନ୍ତ କେତେ ଯେ, ସମ୍ପର୍କ ସ୍ଥାପନ କରି ନିଜକୁ ସାମାଜିକ ପ୍ରାଣୀ ବୋଲି ପରିଚୟ ଦେଇଥାଏ । ହେଲେ ମୃତ୍ୟୁ ପରେ କିଭଳି ସମ୍ପର୍କ ଛିନ୍ନ କରି ସ୍ୱାର୍ଥପର ହୋଇଥାଏ, ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି। ଘଟଣା ମୁତାବକ, ମଙ୍ଗଳବାର ରାତ୍ରିରେ ବାମରା ବ୍ଲକ କୁଟାରିମାଲ ପଞ୍ଚାୟତ ଟଟରଙ୍ଗା(ମରହାପଡ଼ା) ଗ୍ରାମ ନିକଟସ୍ଥ ପତରା ରାସ୍ତା କଡରେ ଜଣେ ମହିଳାଙ୍କ ଖୁଲନ୍ତା ମୃତଦେହ ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଖବର ପାଇ ବୁଧବାର ସକାଳେ ଗୋବିନ୍ଦପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ମୃତକଙ୍କ ପାଖରେ ଥିବା ମୋବାଇଲରୁ ତାଙ୍କ ପରିଚୟ ସୁନ୍ଦରଗଡ଼ ଜିଲା ସଦର ଥାନା ମହୁଲପାଲି ପଞ୍ଚାୟତ ପ୍ରଧାନପାଟ ଗ୍ରାମର କୁନୁପାଣ୍ଡବଙ୍କ ଦ୍ୱିତୀୟ ସ୍ତ୍ରୀ ସୁଖି ପାଣ୍ଡବ(୬୦) ବୋଲି ଜଣାପଡିଥିଲା। ଗୋବିନ୍ଦପୁର ପୋଲିସ ପକ୍ଷରୁ ସୂଚନା ପାଇ କୁନୁ ପାଣ୍ଡବଙ୍କ ପ୍ରଥମ ସ୍ତ୍ରୀଙ୍କ ପୁଅ ସୁରେଶ ଓ ରାଜେନ୍ଦ୍ର, ନାତି ଅଶୋକ ଏବଂ ଜଣେ ଗ୍ରାମବାସୀ ମୃତଦେହ ନେବାକୁ ବାମରା ଆସିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ହେଲେ ପରିବାର ଲୋକେ ମୃତଦେହ ଗାଁକୁ ନେଇ ଅନ୍ତିମ ସତ୍କାର କରିବା ପରିବର୍ତ୍ତେ ବାମରାଠାରୁ ୨ କି.ମି. ଦୂର ସିଆଳଯୋର ନିକଟ ରାସ୍ତା କଡରେ ପୋତି ଦେଇଥିଲେ। ଏନେଇ ସମ୍ପର୍କୀୟ ନାତି ଅଶୋକ ପାଣ୍ଡବଙ୍କୁ ପଚାରିବାରୁ ପାଖରେ ପଇସା ନ ଥିବା ବେଳେ ଗାଁରେ ଜମିବାଡି କିଛି ନାହିଁ। ଗାଁରେ ଜମି ଥିଲେ ମୃତଦେହ ଗାଁ ନେଇ ଜମିରେ ପୋତିଥାନ୍ତୁ। ହେଲେ ସେ ଆମର ସାବତ ମା’ ସେ ଘରେ ନ ରହି ଅଲଗା ରହୁଥିବାରୁ ମଧ ଏପରି କଲୁ ବୋଲି ଉତ୍ତର ଦେଇଥିଲେ।

# ଅସହାୟ ସମୀରଙ୍କ ଏମ୍‌ଆର୍‌ଆଇ କରାଗଲା

ସମ୍ବଲପୁର,୨୫।୭(ବ୍ୟୁରୋ)

ସମ୍ବଲପୁର ସହର ଉପକଣ୍ଠସ୍ଥ ଠେମେରା ଗ୍ରାମର ଅସହାୟ ସମୀର କୁମାର ନାଥ(୩୫)ଙ୍କୁ ଗୁରୁବାର ବୁର୍ଲା ଡାକ୍ତରଖାନାରେ ଚିକିତ୍ସା କରାଯାଇଛି। ଦୀର୍ଘ ବର୍ଷ ହେବ ସେ ସ୍ନାୟୁ ଜନିତ ରୋଗରେ ଆକ୍ରାନ୍ତ ହୋଇଛନ୍ତି । ତେଣୁ ସ୍ୱଇଚ୍ଛା ସଂଗଠନର କର୍ମକର୍ତ୍ତାମାନେ ତାଙ୍କୁ ବୁର୍ଲା ଡାକ୍ତରଖାନାରେ ଏମ୍‌ଆର୍‌ଆଇ ସ୍କାନ୍ କରାଇଛନ୍ତି । ଅନୁଷ୍ଠାନର ଡ. ଅଶୋକ ପାଣିଗ୍ରାହୀ, ସୁବ୍ରତ ନାଥ, ଘନଶ୍ୟାମ ସାହୁ, ଆଶୁତୋଷ ବାବୁ, ସୁପ୍ରୀତ ଠେଲା, ଶତ୍ରୁଘ୍ନ ରାଉତ, ବିକାଶ ତ୍ରିପାଠୀ, ଗୋବିନ୍ଦ ଶୁଭା ପ୍ରମୁଖ ଉପସ୍ଥିତ ଥିଲେ।

■ ଟିପିଲିମା ପାୱାର ହାଉସ

# ଗୋଟିଏ ୟୁନିଟ୍‌ରେ ବିଦ୍ୟୁତ୍ ଉତ୍ପାଦନ ବନ୍ଦ

ସମ୍ବଲପୁର,୨୫।୭(ବ୍ୟୁରୋ)

- ବୁର୍ଲା ପାୱାର ହାଉସରେ ବିଦ୍ୟୁତ୍ ଉତ୍ପାଦନ ହ୍ରାସ
- ଡ୍ୟାମ୍‌ରୁ କମିଲା ଜଳ ଯୋଗାଣ

ହୀରାକୁଦ ଡ୍ୟାମ ଉପର ମୁଣ୍ଡରେ ବର୍ଷା ନ ହେବାରୁ ଜଳସ୍ତର ରେକର୍ଡ ମାତ୍ରାରେ ହ୍ରାସ ପାଇଛି। ଏପରିସ୍ଥିତିରେ ବୁର୍ଲା, ଟିପିଲିମା ପାୱାର ହାଉସକୁ ଜଳ ଯୋଗାଣ କମ୍ କରି ଦିଆଯାଇଛି। ଫଳରେ ବୁଧବାର ଟିପିଲିମା ପାୱାର ହାଉସର ଗୋଟିଏ ୟୁନିଟରେ ବିଦ୍ୟୁତ୍ ଉତ୍ପାଦନ ବନ୍ଦ ହୋଇଯାଇଥିବା ଜଣାପଡିଛି।

ଗୁରୁବାର ସନ୍ଧ୍ୟାରେ ଡ୍ୟାମ କର୍ତ୍ତୃପକ୍ଷଠାରୁ ମିଳିଥିବା ସୂଚନା ମୁତାବକ, ବୁର୍ଲାକୁ ୨୬୦୮ କ୍ୟୁସେକ ପାଣି ଓ ଟିପିଲିମାକୁ ୩୭୧୭ କ୍ୟୁସେକ ପାଣି ଯୋଗାଇ ଦିଆଯାଉଛି। ଫଳରେ ବିଦ୍ୟୁତ୍ ଉତ୍ପାଦନ କମିଛି। ଟିପିଲିମା ପାୱାର ହାଉସରୁ ମିଳିଥିବା ସୂଚନା ମୁତାବକ, ବୁଧବାର ଗୋଟିଏ ୟୁନିଟରେ ବିଦ୍ୟୁତ୍ ଉତ୍ପାଦନ ବନ୍ଦ ହୋଇଯାଇଛି। ଯଦି ଆବଶ୍ୟକ ପାଣି ଯୋଗାଇ ଦିଆ ନ ଯାଏ, ଶୁକ୍ରବାରଠାରୁ ବିଦ୍ୟୁତ୍ ଉତ୍ପାଦନ ବନ୍ଦ ହୋଇଯିବ ବୋଲି କୁହାଯାଇଛି। ସେହିପରି ବୁର୍ଲା ପାୱାର ହାଉସରେ ମଧ ବିଦ୍ୟୁତ୍ ଉତ୍ପାଦନ ହ୍ରାସ ପାଇଛି। ସୂଚନାଯୋଗ୍ୟ, ହୀରାକୁଦ ଡ୍ୟାମରୁ ଗୁରୁବାର ସନ୍ଧ୍ୟାରେ ଦିଆଯାଇଥିବା ସୂଚନା ମୁତାବକ, ହୀରାକୁଦରେ ଜଳସ୍ତର ୫୯୮.୪୧ ଫୁଟ ରହିଛି। ଡ୍ୟାମକୁ ୪୫୫୯ କ୍ୟୁସେକ ଜଳ ପ୍ରବେଶ କରୁଥିବା ବେଳେ ୪୫୯୯ କ୍ୟୁସେକ ଜଳ ନିଷ୍କାସନ ହେଉଛି । ଉପର ମୁଣ୍ଡରେ ବର୍ଷା ପରିମାଣ ୧୦.୬୩ ମି.ମି. ଓ ତଳ ମୁଣ୍ଡରେ ୬.୨୩ ମି.ମି. ରେକର୍ଡ କରାଯାଇଛି । ହୀରାକୁଦରେ ଜଳସ୍ତର ହ୍ରାସକୁ ନେଇ ଡ୍ୟାମ କର୍ତ୍ତୃପକ୍ଷ ଗତ ୨୧ ତାରିଖରେ ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେଶନ (ଓଏଚପିସି)କୁ ଚିଠି ଲେଖିଥିଲେ। ଜଳ ସଙ୍କଟ ଥିବାରୁ ପାଣି ଯୋଗାଇ ଦିଆଯାଇ ପାରିବ ନାହିଁ ବୋଲି ଜଣାଇ ଦିଆଯାଇଥିଲା। ଅନ୍ୟପକ୍ଷେ ସରକାରଙ୍କ ପକ୍ଷରୁ ବିଦ୍ୟୁତ୍ ଉତ୍ପାଦନ କମାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

■ ସିଙ୍ଗାପୁର ଓପନ୍ ମାଷ୍ଟର୍ସ ଆଥଲେଟିକ ମିଟ୍

# ନମିତାଙ୍କୁ ୩ ପଦକ

ସମ୍ବଲପୁର,୨୫।୭(ବ୍ୟୁରୋ)

ସିଙ୍ଗାପୁର ଓପନ୍ ମାଷ୍ଟର୍ସ ଫିଲ୍ଡ ଓ ଟ୍ରାକ ଆଥଲେଟିକ୍ ମିଟ୍- ୨୦୧୯ରେ ସମ୍ବଲପୁରର କ୍ରୀଡ଼ାବିତ ନମିତା ପଟେଲ ୩ଟି ପଦକ ହାସଲ କରିଛନ୍ତି । ଭାରତର ପ୍ରତିନିଧିତ୍ୱ କରି ସେ ମହିଳା ୪୫ ବର୍ଷ ବର୍ଗ ଜାଭେଲିନ୍ ଥ୍ରୋରେ ସ୍ୱର୍ଣ୍ଣ ପଦକ ଓ ଶଟ୍‌ପୁଟ୍ ଏବଂ ଡିସକସ୍ ଥ୍ରୋରେ ରୌପ୍ୟ ପଦକ ପାଇଛନ୍ତି। ୨୦୦୭ରୁ ନମିତା ଏହି ମାଷ୍ଟର୍ସ ଆଥଲେଟିକ ପ୍ରତିଯୋଗିତାରେ ଭାଗ ନେଇ ବିଶ୍ୱ ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ରାଜ୍ୟ ମାଷ୍ଟର୍ସ ଗେମ୍ସ ସଂଘ ସମ୍ପାଦକ ଶିବ ମିଶ୍ର, ଜିଲା ମାଷ୍ଟର୍ସ ଗେମ୍ସ ଓ ସମ୍ବଲପୁର ଜିଲା କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ ଓ ଅନ୍ତର୍ଜାତୀୟ ମାଷ୍ଟର୍ସ ଆଥଲେଟିକ ସୁନ୍ଦରମଣି ବାରିକ ଗୁରୁବାର ନମିତାଙ୍କୁ ଶୁଭେଚ୍ଛା ଓ ସ୍ୱାଗତ କରିଛନ୍ତି। ସୂଚନାଯୋଗ୍ୟ, ଜୁଲାଇ ୬ ଓ ୭ ତାରିଖ ୨ଦିନ ଧରି ସିଙ୍ଗାପୁର ଠାରେ ପ୍ରତିଯୋଗିତା ହୋଇଥିଲା।



ପଦକ ସହ ମାଷ୍ଟର୍ସ ଆଥଲେଟ ନମିତା ପଟେଲ।



ସମ୍ବଲପୁର ମୁଦିପଡ଼ା ଘୁଷୁରିଯୋଡ଼ା ବନ୍ଧରେ ପ୍ଲାଷ୍ଟିକ ଓ ମଦ ବୋତଲ ପଡି ରହିଛି ।

# ପରିତ୍ୟକ୍ତ ଅବସ୍ଥାରେ ଘୁଷୁରିଯୋଡ଼ା ବନ୍ଧ

ସମ୍ବଲପୁର,୨୫।୭(ବ୍ୟୁରୋ)

ସମ୍ବଲପୁର ମୁଦିପଡ଼ା ସ୍ଥିତ ଘୁଷୁରିଯୋଡା ବନ୍ଧ ପରିତ୍ୟକ୍ତ ଭାବେ ପଡିରହିଛି । ଗତ ବର୍ଷ ଲକ୍ଷାଧିକ ଟଙ୍କା ଖର୍ଚ୍ଚରେ ବନ୍ଧର ପଙ୍କ ଉଦ୍ଧାର କାର୍ଯ୍ୟ କରାଯାଇଥିଲା। ବନ୍ଧର ଚତୁଃପାର୍ଶ୍ୱରେ ସକାଳ ଓ ସନ୍ଧ୍ୟା ଭ୍ରମଣ ଲାଗି ୱାକିଂ ଟ୍ରାକ ସହ ସୌନ୍ଦର୍ଯ୍ୟକରଣ କରାଯାଇଛି । ହେଲେ ଦୁଃଖର ବିଷୟ ବନ୍ଧ ପରିତ୍ୟକ୍ତ ଅବସ୍ଥାରେ ପଡିଛି। ବନ୍ଧରେ ବିଭିନ୍ନ ଅଞ୍ଚଳର ପ୍ଲାଷ୍ଟିକ ବୋତଲ, ମଦ ବୋତଲ ସହ ଆବର୍ଜନା ପକାଯାଉଛି। ଫଳରେ ଅଞ୍ଚଳ ପ୍ରଦୂଷିତ ହେଉଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପ୍ରକୃତି ବନ୍ଧୁ ଡ.ବିପିନ ବିହାରୀ ତ୍ରିପାଠୀ ଦାବି କରିଛନ୍ତି।

## ଫଟୋରେ ଖବର





ଗୁରୁବାର ସମ୍ବଲପୁର କଚେରି ଛକ ନିକଟରେ ସମ୍ବଲପୁରୀ ହିରୋ ଆଲବମ୍‌ର ସୁଟିଂ କରାଯାଉଛି(ବାମ)। ସମ୍ବଲପୁର ଜିଲା ଟିପିଲିମା ଓୟୁଏଟି ସମ୍ମୁଖରେ ବିଭିନ୍ନ ଦାବି ନେଇ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ ଗୁରୁବାର ସପ୍ତମ ଦିନରେ ପହଞ୍ଚିଛି ।

## ସେଲ୍ଫି କର୍ଣ୍ଣର



@ ଅନିଲ



@ ଆଦିତ୍ୟ



@ ଟୁକୁନା

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ପୂର୍ବଶତ୍ରୁତାରୁ ଯୁବକଙ୍କୁ ଗୁଳିମାଡ଼

**ବାଲେଶ୍ୱର ଅଫିସ,୨୫ା୭**

ବାଲେଶ୍ୱର ଜିଲା ସହଦେବଖୁଣ୍ଟା ମଡେଲ ଥାନା ଅଧୀନ ଅରଡ଼ବଜାରରେ ଗୁରୁବାର ପୂର୍ବାହ୍ନ ସମୟରେ ଗୁଳିକାଣ୍ଡ ଘଟିଛି। ପୋଲିସକୁ ଚ୍ୟାଲେଞ୍ଜ କରି ୬ରୁ ୭ଜଣ ଯୁବକ ବଜାରରେ ଛିଡ଼ା ହୋଇଥିବା ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ଗୁଳିମାଡ଼ କରିଛନ୍ତି। ଏଥିରେ ସହରବାସୀ ଆତଙ୍କିତ ହୋଇପଡିଛନ୍ତି। ମରଣାନ୍ତକ ଆକ୍ରମଣର ଶିକାର ହୋଇଥିବା ଯୁବକ ହେଲେ ରୋହିତ ରାଓ (୧୮)। ତାଙ୍କୁ ଗୁରୁତର ଅବସ୍ଥାରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୋଲିସ ପହଞ୍ଚି ତନାଘନା ଜାରି ରଖିଥିଲେ ହେଁ ଆକ୍ରମଣକାରୀଙ୍କ ଟେର୍ ପାଇପାରିନାହିଁ।

ରୋହିତ ଅରଡ଼ବଜାରରେ ଛିଡ଼ା ହୋଇଥିବା ବେଳେ ଶୋଭାରାମପୁର ଅଞ୍ଚଳର କେତେକ ଯୁବକ ଆସି ତାଙ୍କ ମୁଣ୍ଡକୁ ଭୁଜାଲିରେ ଆକ୍ରମଣ କରିଥିଲେ। ଅନ୍ୟ ଜଣେ ଯୁବକ ଏକ ପିସ୍ତଲ ବାହାର କରି ଚଳାଇଥିବା ବେଳେ ଗୁଳି ରୋହିତଙ୍କ ବାମ ଗୋଡ଼ରେ ବାଜିଥିଲା। ଗୁଳି ଫୁଟିବା ଶବ୍ଦ ଶୁଣି ସ୍ଥାନୀୟ ଲୋକେ ପହଞ୍ଚିଯିବାରୁ ଯୁବକମାନେ ଚମ୍ପଟ ମାରିଥିଲେ। ଆହତ ଯୁବକଙ୍କୁ ସଙ୍ଗେ ସଙ୍ଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପୂର୍ବଶତ୍ରୁତା ଓ ଦାଦାବଟି କାରଣରୁ ରୋହିତଙ୍କୁ ଆକ୍ରମଣ ହୋଇଥିବା ଅନୁମାନ କରାଯାଉଛି।

# ଚାକିରି କରାଇଦେବାକୁ କହି ୮୪ ଲକ୍ଷ ଠକେଇ



ଏସ୍‌ପିଙ୍କ ଅଫିସ ସମ୍ମୁଖରେ ଠକେଇର ଶିକାର ହୋଇଥିବା ଯୁବତୀ, ମହିଳା ଓ ପୁରୁଷ।

**ଭଦ୍ରକ ଅଫିସ, ୨୫ା୭**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବଂଶୀପାଟଣାସ୍ଥିତ ଏକ ସଂସ୍କୃତ ମହାବିଦ୍ୟାଳୟରେ ନିଯୁକ୍ତି କରାଇଦେବା ନାଁରେ ୮୪ ଲକ୍ଷ ଟଙ୍କା ଠକେଇ ହୋଇଥିବା ନେଇ ଗୁରୁବାର ଏସ୍‌ପିଙ୍କ ନିକଟରେ ଅଭିଯୋଗ ହୋଇଛି। ନିଯୁକ୍ତି ଆଶାୟୀ ଯୁବତୀ ଯୁବକ ଓ ମହିଳା ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଯାଇ ଏ ନେଇ ଅଭିଯୋଗ କରିଛନ୍ତି। ଉକ୍ତ ମହାବିଦ୍ୟାଳୟରେ କିରାଣି ଓ ପିଅନ ପଦବୀରେ ନିଯୁକ୍ତ କରାଇଦେବାକୁ କହି ବାସୁଦେବପୁରର ୨୮ ଜଣଙ୍କଠାରୁ ୩୦ ଲକ୍ଷ, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ୪୩ ଜଣଙ୍କଠାରୁ ୫୪ ଲକ୍ଷ ଟଙ୍କା ଠକି ନିଆଯାଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି। ଏହାପୂର୍ବରୁ ନିଯୁକ୍ତି ଆଶାୟୀ ଯୁବତୀଯୁବକ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ୨ଟି ମାମଲା(ନଂ.୨୨୯/୧୯ ଓ ୨୩୮/୧୯) ରୁଜୁ କରି ଚୁପ୍ ହୋଇ ବସିଛି। ଏହି ଠକେଇରେ କଲେଜ ପରିଚାଳନା କମିଟିର କେତେଜଣ ସାମିଲ ଥିବାରୁ ସେମାନଙ୍କୁ ପୋଲିସ ଗିରଫ କରୁନାହିଁ ବୋଲି ଅଭିଯୋଗ ହୋଇଛି। ଏହି ନିଯୁକ୍ତି ଆଶାୟୀମାନେ ମାଧ୍ୟମିକ ଶିକ୍ଷା ପରିଷଦ, ଜିଲାପାଳ, ମୁଖ୍ୟମନ୍ତ୍ରୀ, ଉଚ୍ଚ ଶିକ୍ଷାମନ୍ତ୍ରୀ ଓ କ୍ରାଇମବ୍ରାଞ୍ଚ ପକ୍ଷରୁ ତଦନ୍ତ କରାଯାଉ ବୋଲି ଦାବି ଜଣାଇଛନ୍ତି। ଏସ୍‌ପି ରାଜେଶ ପଣ୍ଡିତ ଆବଶ୍ୟକ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏ ସମ୍ପର୍କରେ ଉକ୍ତ କଲେଜ ଅଧ୍ୟକ୍ଷ ତଥା ପରିଚାଳନା କମିଟି ସମ୍ପାଦକ ପ୍ରଶାନ୍ତ ପାଢ଼ୀଙ୍କୁ ପଚାରିବାରୁ କଲେଜ ଓ ତାଙ୍କୁ ବଦ୍‌ନାମ କରିବା ପାଇଁ ଏହା ଏକ ଚକ୍ରାନ୍ତ ବୋଲି କହିଛନ୍ତି।

# ବାଇଜୁସ ଟିମ୍ ଇଣ୍ଡିଆର ନୂଆ ପ୍ରାୟୋଜକ

**ନୂଆଦିଲ୍ଲୀ,୨୫ା୭(ପି.ଟି.)**

ଭାରତୀୟ ଖେଳାଳି ଖୁବ୍‌ଶୀଘ୍ର ନୂଆ ବ୍ରାଣ୍ଡ ନାମ ରହିଥିବା ଅଫିସିଆଲ ଜର୍ସି ପିନ୍ଧି ପଡ଼ିଆକୁ ଓହ୍ଲାଇବେ। ଏ ନେଇ ଗୁରୁବାର ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ସ୍ପଷ୍ଟ କରିଛି। ଚାଇନାର ମୋବାଇଲ ନିର୍ମାଣକାରୀ ସଂସ୍ଥା 'ଓପୋ' ବେଙ୍ଗାଲୁରୁର ଶିକ୍ଷା ଓ ବୈଷୟିକ ଏବଂ ଅନ୍‌ଲାଇନ ଶିକ୍ଷାଦାନ ଦେଉଥିବା ସଂସ୍ଥା ବାଇଜୁସକୁ ଜର୍ସି ପ୍ରାୟୋଜକ ଅଧିକାର ହସ୍ତାନ୍ତର କରିଛି। ୨୦୧୭ରେ ବିସିସିଆଇ ସହ ଓପୋ ୧୦୭୯ କୋଟି ଟଙ୍କାର ୫ ବର୍ଷିଆ ଚୁକ୍ତି କରିଥିଲା। ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଆସନ୍ତା ସେପ୍ଟେମ୍ବର ୧୫ରୁ ଆରମ୍ଭ ହେବାକୁ ଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଘରୋଇ ସିରିଜ୍‌ରୁ ଏହି ନୂଆ ଜର୍ସିରେ ପଡ଼ିଆକୁ ଓହ୍ଲାଇବ। ଏ ନେଇ ଗୁରୁବାର ଓପୋ, ବାଇଜୁସ ଓ ବିସିସିଆଇ ମଧ୍ୟରେ ଏକ ତ୍ରିପାକ୍ଷିକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ବିସିସିଆଇ ଭାରତର ଏହି ଅଗ୍ରଣୀ ଲର୍ନିଂ ଆପ୍ ବାଇଜୁସକୁ ନୂଆ ପ୍ରାୟୋଜକ ଭାବେ ସ୍ୱାଗତ ଜଣାଇଛି ଓ ଆସନ୍ତା ସେପ୍ଟେମ୍ବର ୫ରୁ ମାର୍ଚ୍ଚ ୨୦୨୨ ପର୍ଯ୍ୟନ୍ତ ବାଇଜୁସ ଭାରତୀୟ ଦଳର ଜର୍ସି ପ୍ରାୟୋଜକ ହେବ ବୋଲି ଘୋଷଣା କରିଛି। ଏହି ହସ୍ତାନ୍ତର ନେଇ ବିସିସିଆଇ, ଓପୋ ଏବଂ ବାଇଜୁସ ମଧ୍ୟରେ ତ୍ରିପାକ୍ଷିକ ଚୁକ୍ତି ହୋଇଥିବା ଜଣେ ବିସିସିଆଇ ଅଧିକାରୀ କହିଛନ୍ତି। ୨୦୧୭ ପୂର୍ବରୁ ଭିଭୋ ମୋବାଇଲ ୭୬୮ କୋଟି ଟଙ୍କାରେ ଜର୍ସି ପ୍ରାୟୋଜକ ରହିଥିବାବେଳେ ଏହାପରେ ଓପୋ ଏହି ଅଧିକାର ହାସଲ କରିଥିଲା। ଚୁକ୍ତି ଅନୁଯାୟୀ ଓପୋ ଦ୍ୱିପାକ୍ଷିକ ମ୍ୟାଚ ଲାଗି ୪.୬୧ କୋଟି ଓ ଆଇସିସି ଇଭେଣ୍ଟର ମ୍ୟାଚ ଲାଗି ୧.୫୬ କୋଟି ଟଙ୍କା ଦେଉଥିଲା। ତେବେ ପ୍ରାୟୋଜକ ହସ୍ତାନ୍ତର ନେଇ ଉଭୟ ଓପୋ ଓ ବାଇଜୁସ ବିସିସିଆଇକୁ ଅବଗତ କରାଇଛନ୍ତି। ନୂଆ କମ୍ପାନୀ ପୂର୍ବ କମ୍ପାନୀର ଚୁକ୍ତି ମୁତାବକ ଅର୍ଥ ପ୍ରଦାନ କରିବାକୁ ଥିବାରୁ ବିସିସିଆଇର ଏଥିରେ କୌଣସି ଆର୍ଥିକ କ୍ଷତି ହେବ ନାହିଁ ବୋଲି ସମ୍ପୃକ୍ତ ଅଧିକାରୀ କହିଛନ୍ତି। ଅନ୍ୟ ଜଣେ ଅଧିକାରୀଙ୍କ ସୂଚନା ଅନୁଯାୟୀ, ପ୍ରାୟୋଜକ ବଦଳ କରାଗଲେ ବିସିସିଆଇକୁ ଅଧିକ ଅର୍ଥ ମିଳିବ। ନିୟମାନୁଯାୟୀ ପ୍ରାୟୋଜକ ବଦଳରେ ଉଭୟ ପାର୍ଟି ବିସିସିଆଇକୁ ୧୦ ପ୍ରତିଶତ ଅଧିକ ଅର୍ଥ ଓ ୬ ମାସର ନୋଟିସ ଦେବେ। ତେବେ ଏହି ଅଧିକ ଅର୍ଥ କିଏ ଦେବ ତାହା ଦୁଇ ପାର୍ଟି ସ୍ଥିର କରିବେ ବୋଲି ଏହି ଅଧିକାରୀ ସୂଚନା ଦେଇଛନ୍ତି। ତେବେ ବିସିସିଆଇ ନିଜ ବିଜ୍ଞପ୍ତିରେ ଏହି ଚୁକ୍ତିର ଆର୍ଥିକ ସ୍ୱରୂପ ସମ୍ପର୍କରେ କୌଣସି ତଥ୍ୟ ପ୍ରକାଶ କରିନାହିଁ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖା ଖା ବୋଇଲେ କି ପେଟ ପୂରେ ?**
**ନା ଦେବି ଦେବି ବୋଇଲେ କି ଦିନ ସରେ ?**

ଆପଣାର ଭାବ ନ ଥିଲେ ଖାଦ୍ୟ ପାଟିକୁ ରୁଚି ନ ଥାଏ। ସାହାଯ୍ୟ ନ କରି ଦେବି ଦେବି ବୋଲି ମିଛ ଆଶ୍ୱାସନା ଦେଇ ଚାଲିଲେ ଦୁଃଖର ଦିନ ସରି ଯାଇ ନ ଥାଏ। ଯେଉଁଠି ସ୍ନେହ, ଆଦର, ସହାନୁଭୂତି ତଥା ଆନ୍ତରିକ ଭାବ ନ ଥାଏ ସେଠି ଏସବୁ ମୂଲ୍ୟହୀନ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଖଡ୍ଡୁ ଭଲ କରି ମାଜ୍**
**ମୁଦି ଭଲକରି ମାଜ୍**
**ସାଇ ତ ଜାଣିଲେ ପଡ଼ିଶା ଜାଣିଲେ**
**ଆଉ କାହିଁ ପାଇଁ ଲାଜ ?**

କଥା ଥରେ ପ୍ରଘଟ ହୋଇଗଲେ ଆଉଯେତେ ଲୁଚେଇଲେ ବି କଥା ଆଉ ଲୁଚି ପାରି ନ ନ ଥାଏ। ସେତେବେଳେ ତାକୁ ଲୁଚାଇ ରଖିବା ନେଇ ପ୍ରୟାସ କରିବସିଲେ ଭଗାରିହସା ହେବା ସାର ହୋଇଥାଏ। ଏପରିସ୍ଥଳେ ଆଉ କଥାକୁ ଲୁଚାଇ ନ ରଖି ନିଜ ବାଟରେ ଯାହା କରିବା କଥା ତାହା କରିବା ହିଁ ଉଚିତ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
– ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଲିଚ୍, ରୟଙ୍କ ପ୍ରଥମ ଟେଷ୍ଟ ଅର୍ଦ୍ଧଶତକ

**ଲଣ୍ଡନ, ୨୫ା୭ (ଏଏଫ୍‌ପି)**

ଲର୍ଡ୍ସଠାରେ ଚାଲିଥିବା ଆୟର୍ଲାଣ୍ଡ ବିପକ୍ଷ ଏକ ମାତ୍ର ଟେଷ୍ଟ ମ୍ୟାଚରେ ଜ୍ୟାକ୍ ଲିଚ୍ ଏବଂ ଜାସନ ରୟ ସେମାନଙ୍କର ପ୍ରଥମ ଟେଷ୍ଟ ଅର୍ଦ୍ଧଶତକ ହାସଲ କରିଛନ୍ତି। ଉଭୟେ ଦ୍ୱିତୀୟ ଉଇକେଟ ଯୋଡ଼ିରେ ୧୪୫ରନ ଯୋଗ କରିବା ଦ୍ୱାରା ଇଂଲଣ୍ଡ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିଛି। ଦଳ ଦ୍ୱିତୀୟ ଦିବସ ଖେଳ ଚା'ପାନ ବିରତି ସୁଦ୍ଧା ୫ ଉଇକେଟରେ ୨୦୯ ରନ କରିଛି। ଦଳ ଏପର୍ଯ୍ୟନ୍ତ ମୋଟ ଉପରେ ୮୭ ରନ ଅଗ୍ରଣୀ ଲାଭ କରିସାରିଛି। ଜୋ ରୁଟ୍ ୧୨ ଏବଂ ମୋଇନ ଅଲି ୭ ରନ କରି ଅପରାଜିତ ରହିଛନ୍ତି।

ପ୍ରଥମ ଇନିଂସରେ ୧୨୨ରନ ପଛୁଆ ରହିଥିବା ଇଂଲଣ୍ଡ ଏହାର ଦ୍ୱିତୀୟ ଇନିଂସ ଖେଳିବାକୁ ଯାଇ ୨୬ରନରେ ପ୍ରଥମ ଉଇକେଟ ହରାଇଥିଲା। ରୋରି ବର୍ନସ ମାତ୍ର ୬ ରନ କରି ବଏଡ୍ ରାନକିନଙ୍କ ବଲ୍‌ରେ ଉଇକେଟକିପର ଗ୍ୟାରି ୱିଲସନଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଯାଇଥିଲେ। ପରେ ଲିଚ୍‌ଙ୍କ ସହିତ ଜାସନ ରୟ ବ୍ୟାଟିଂରେ ଯୋଗ ଦେଇଥିଲେ। ଟିମ୍ ମୁର୍ଟାଗଙ୍କ ବଲ୍‌ରେ ମାର୍କ ଆଡେରଙ୍କ ଦ୍ୱାରା କ୍ୟାଚଆଉଟ ହେବା ପୂର୍ବରୁ ଲିଚ୍ ୧୬୨ ବଲ୍‌ର ସାମ୍ନା କରି ୧୬ ଚୌକା ସହ ୯୨ ରନ କରିଥିଲେ। ରୟ ୭୮ବଲ୍‌ରୁ ୭୨ରନ କରିଥିବାବେଳେ ୧୦ ଚୌକା ଓ ଗୋଟିଏ ଛକା ଲଗାଇଥିଲେ। ସେ ଷ୍ଟୁଆର୍ଟ ଥମ୍ପସନଙ୍କ ଦ୍ୱାରା କ୍ୟାଚ ଓ ବୋଲ୍ଡ ହୋଇଯାଇଥିଲେ। ବୁଧବାର ପ୍ରଥମ ଦିବସ ଖେଳରେ ଇଂଲଣ୍ଡ ୮୫ରନରେ ଅଲଆଉଟ ହୋଯାଇଥିଲା। ଜବାବରେ ଆୟର୍ଲାଣ୍ଡ ସମସ୍ତ ଉଇକେଟ ହରାଇ ୨୦୭ରନ କରିଥିଲା।

**ସଂକ୍ଷିପ୍ତ ସ୍କୋର**

**ଇଂଲଣ୍ଡ ପ୍ରଥମ ଇନିଂସ:** ୮୫/ଅଲଆଉଟ

**ଆୟର୍ଲାଣ୍ଡ ପ୍ରଥମ ଇନିଂସ:** ୨୦୭/ଅଲଆଉଟ

**ଇଂଲଣ୍ଡ ଦ୍ୱିତୀୟ ଇନିଂସ:** ୨୦୯/୫ (ଜ୍ୟାକ୍ ଲିଚ୍-୯୨, ଜାସନ ରୟ-୭୨, ଷ୍ଟୁଆର୍ଟ ଥମ୍ପସନ-୧/୩୫, ଟିମ୍ ମୁର୍ଟାଗ୍-୧/୩୭)।


# CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 7894447148, 7894447131, 9337021532, 7894447167, 7894447165

FINANCE

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ୍ୟ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :- 201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଇ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ-1% ।
Help LINE
9658224556
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ୍, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହଋଣ୍, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

ଋଣ
ପ୍ରଥମ 100 କଲରଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ସତ୍ୟମ୍ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7291060977
7291046520
SCO- 106, Second Floor, Vishal Tower, Cannaught Place, Delhi.

BUSINESS
BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ କଂପାନୀ ବିରଲା ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
୨୦ ବର୍ଷର କୋର୍ଟ ଅଗ୍ରୀମେଣ୍ଟ
Plot No - 15/012, Devaraja Mohalla, Bangalore, Karnataka 570001
8929313996
7042350747

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

# ପଶ୍ଚିମ,ଦକ୍ଷିଣ ଓଡ଼ିଶାରେ ଆଉ ୩ ଆର୍‌ଡିସି କାର୍ଯ୍ୟାଳୟ ଖୋଲାଯାଉ

- ମନ୍ତ୍ରୀଙ୍କୁ ଘେରିଲେ ବିରୋଧୀ
- ଏ ବିଷୟରେ ଅନୁଧ୍ୟାନ କରିବାକୁ ରାଜସ୍ୱ ମନ୍ତ୍ରୀଙ୍କୁ ବାଚସ୍ପତିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୨୫।୭(ବ୍ୟୁରୋ)

ପୂର୍ବରୁ ରାଜ୍ୟରେ ୧୩ ଜିଲା ଥିଲା। ସେଥିପାଇଁ ୩ଟି ରାଜସ୍ୱ ଡିଭିଜନାଲ କମିଶନର(ଆର୍‌ଡିସି) ଖୋଲାଯାଇଥିଲା। ୧୩ରୁ ୩୦ ଜିଲା ହେଲା । ମାତ୍ର କୌଣସି ନୂଆ ଆର୍‌ଡିସି କାର୍ଯ୍ୟାଳୟ ଏପର୍ଯ୍ୟନ୍ତ ଖୋଲିଲା ନାହିଁ। ଲୋକମାନେ ପ୍ରଶାସନିକ ସେବାରୁ ବଞ୍ଚିତ ହେଉଛନ୍ତି। ବିଶେଷକରି ଆଦିବାସୀ ଅଧ୍ୟୁଷିତ ଜିଲାଗୁଡ଼ିକରେ ଜମିଜମା ସଂକ୍ରାନ୍ତୀୟ ସମସ୍ୟା ଭୟଙ୍କର ହେଲାଣି। ଦୂର ଦୂରାନ୍ତକୁ ଯାଇ ନିଜ ସମସ୍ୟା ସମାଧାନ କରି ପାରୁ ନାହାନ୍ତି। ତୁରନ୍ତ ନୂତନ ଆର୍‌ଡିସି କାର୍ଯ୍ୟାଳୟ ଖୋଲି ଗରିବ ଆଦିବାସୀଙ୍କୁ ସେବା ଯୋଗାଇ ଦିଆଯାଉ। ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ଆଉ ୩ଟି ଆର୍‌ଡିସି କାର୍ଯ୍ୟାଳୟ ଖୋଲାଯାଉ। ଆର୍‌ଡିସି କାର୍ଯ୍ୟାଳୟ ଖୋଲିବାକୁ ନେଇ ବିରୋଧୀ ଓ ଶାସକ ସଦସ୍ୟମାନେ ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କୁ ଘେରିଥିଲେ। ରାଜ୍ୟରେ ନୂତନ ଆର୍‌ଡିସି କାର୍ଯ୍ୟାଳୟ ଖୋଲିବା ପାଇଁ ସରକାର କୌଣସି ନିଷ୍ପତ୍ତି ନେଇ ନାହାନ୍ତି ବୋଲି ମନ୍ତ୍ରୀ କହିଥିଲେ। ମନ୍ତ୍ରୀଙ୍କ ଏଭଳି ଉତ୍ତର ଶୁଣି ସଦସ୍ୟମାନେ ହୋହଲ୍ଲା କରିଥିଲେ। ଲୋକମାନଙ୍କ ନିକଟରେ ପ୍ରଶାସନିକ ସେବା ପହଞ୍ଚାଇବାରେ ରାଜ୍ୟ ସରକାରଙ୍କ କୌଣସି ଆନ୍ତରିକତା ନାହିଁ ବୋଲି ବିରୋଧୀ ଦଳ ସଦସ୍ୟମାନେ ଅଭିଯୋଗ କରିଥିଲେ। ବିରୋଧୀଙ୍କ ଆପତ୍ତି ପରେ ବାଚସ୍ପତି ଏ ସମ୍ପର୍କରେ ଅନୁଧ୍ୟାନ କରିବାକୁ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଗୁରୁବାର ବିଧାନସଭା ପ୍ରଶ୍ନୋତ୍ତର ବେଳେ ମୂଳ ପ୍ରଶ୍ନକର୍ତ୍ତା ତାରାପ୍ରସାଦ ବାହିନୀପତି କୋରାପୁଟ ଜିଲାର ଜୟପୁରଠାରେ ଏକ ସ୍ୱତନ୍ତ୍ର ଆର୍‌ଡିସି କାର୍ଯ୍ୟାଳୟ ଖୋଲିବାକୁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ କହିଥିଲେ ଯେ, କଳାହାଣ୍ଡିରୁ ବ୍ରହ୍ମପୁର ୩୦୦ରୁ ୪୦୦ କିଲୋମିଟର ହେଉଛି। ନୂଆପଡ଼ା ଓ କୋରାପୁଟରୁ ମଧ ଏହା ଦୂରରେ ରହିଛି। ଏତେ ଦୂର ଯାଇ କାର୍ଯ୍ୟ କରିବା ସହଜ ନୁହେଁ। ଆଦିବାସୀ ଗରିବ ଲୋକଙ୍କୁ ସେବା ଯୋଗାଇଦେବା ପାଇଁ ଜୟପୁରଠାରେ ଆର୍‌ଡିସି କାର୍ଯ୍ୟାଳୟ ଖୋଲାଯାଉ। ବିଜେଡି ସଭ୍ୟ ପ୍ରଦୀପ ଅମାତ, ମନୋହର ରନ୍ଧାରୀ, କଂଗ୍ରେସ ସଭ୍ୟ ନରସିଂହ ମିଶ୍ର ଏବଂ ଭାଜପା ସଭ୍ୟ ନିତ୍ୟାନନ୍ଦ ଗଣ୍ଡ ପ୍ରମୁଖ ବୌଦ୍ଧ, ବଲାଙ୍ଗୀର, ନବରଙ୍ଗପୁର ଜିଲାରେ ନୂତନ ଆର୍‌ଡିସି କାର୍ଯ୍ୟାଳୟ ଖୋଲି ଲୋକଙ୍କୁ ସେବା ଯୋଗାଇ ଦେବାକୁ ଦାବି କରିଥିଲେ। ମନ୍ତ୍ରୀ କହିଥିଲେ, ଜୟପୁରଠାରେ ଆରଡିସି କାର୍ଯ୍ୟାଳୟ ଖୋଲିବାର ଏବେ କୌଣସି ପ୍ରସ୍ତାବ ନାହିଁ। ଜମିଜମା ମାମଲା ଫଇସଲା ପାଇଁ ମାଲକାନଗିରି, ନୂଆପଡ଼ା, କଳାହାଣ୍ଡି ଜିଲା ସମେତ ୨୭ଟି ରାଜସ୍ୱ ବୋର୍ଡ ଓ ଜିଲାପାଳଙ୍କୁ ଦାୟିତ୍ୱ ଦିଆଯାଇଛି। ପରବର୍ତ୍ତୀ ସମୟରେ ନୂତନ ଆରଡିସି ଖୋଲିବା ପାଇଁ ସରକାର ପରୀକ୍ଷା ନିରୀକ୍ଷା କରିବେ ବୋଲି ମନ୍ତ୍ରୀ କହିଥିଲେ।

## ବୁଲା କୁକୁର ଆକ୍ରମଣରେ ହରିଣ ମୃତ

**ହେମଗିର, ୨୫।୭ (ଡି.ଏନ.ଏ):** ସୁନ୍ଦରଗଡ଼ ଜିଲା ହେମଗିର କୋଡବାହାଲଠାରେ ବୁଲା କୁକୁର ଆକ୍ରମଣରେ ଏକ ଚିତା ହରିଣର ମୃତ୍ୟୁ ଘଟିଛି। ଗୁରୁବାର ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ପାଖରେ ଥିବା ଜଙ୍ଗଲରେ ହରିଣମାନେ ଚରୁଥିବା ବେଳେ ଗାଁର ବୁଲା କୁକୁରମାନେ ଦେଖି ଗୋଟିଏ ହରିଣକୁ ଆକ୍ରମଣ କରିଥିଲେ। ହରିଣ ପ୍ରାଣ ବିକଳରେ ଗାଁ ଭିତରକୁ ଚାଲି ଆସିଥିଲା। ଗାଁ ଲୋକେ ତୁରନ୍ତ ଜଙ୍ଗଲ ବିଭାଗକୁ ଖବର ଦେଇଥିଲେ। କିନ୍ତୁ କିଛି ସମୟ ମଧ୍ୟରେ ହରିଣର ମୃତ୍ୟୁ ଘଟିଥିଲା। ଏହି ଚିତା ହରିଣ ବର୍ତ୍ତମାନ କ୍ୱଚିତ ଦେଖାଯାଉଥିବା ବେଳେ କୋଡବାହାଲ ଜଙ୍ଗଲରେ ଏହା ରହିଛନ୍ତି। ଏମାନଙ୍କ ସୁରକ୍ଷା ଅତି ଜରୁରୀ ହୋଇପଡ଼ିଛି।

## ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ଆକାଶ ଶୋଭା ବିଲ୍‌ଡିଂ

ପଣ୍ଡିତ୍ ଜବାହାର୍‌ଲାଲ୍ ନେହେରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧

ପତ୍ର ସଂଖ୍ୟା: 17479/ଭୁ.ଉ.କ., ଭୁବନେଶ୍ୱର ତା25।07।2019ରିଖ

KVM- 72 / 95

### ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, କଳିଙ୍ଗ ବିହାର ହାଉସିଂ ପ୍ରକଳ୍ପ ଏମ୍.ଆଇ.ଜି ଘର ନଂ. K9A–50କୁ ଶ୍ରୀ ହିମାଂଶୁ ଭୂଷଣ ଦାସ, ଗ୍ରାମ–ବଡହାଟ କରଣସାହି, ପୋ/ଥାନା–କେନ୍ଦ୍ରାପଡ଼ା, ଜିଲ୍ଲା–କେନ୍ଦ୍ରାପଡ଼ାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଉକ୍ତ ଗୃହର ଲିଜ୍ ଦଲିଲ ସମ୍ପାଦନ କରିବାପରେ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ସୌଭାଗ୍ୟଲକ୍ଷ୍ମୀ ସାହୁ, ସ୍ୱା–ପ୍ରସନ୍ନ କୁମାର ସାହୁ, ଗ୍ରାମ–ରଙ୍କଦେଉଳି, ପୋ–ଦାମସାହି, ଥାନା–ରଣପୁର, ଜିଲ୍ଲା–ନୟାଗଡଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହଟିର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ସୂଚନା ପ୍ରକାଶନର ୧୫(ପନ୍ଦର)ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବରେ ଜଣାଇବେ, ତତ୍‌ପରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା./- ଆବଣ୍ଟନ ଅଧିକାରୀ–୨

## ODISHA HYDRO POWER CORPORATION LTD

CIN: U40101OR1995SGC003963
(GOVERNMENT OF ODISHA UNDERTAKING)
OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/P.O – CHIPLIMA– 768026, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505

CAD-232

No.-CHEP/TW-121 (Vol.-II)/2355 Date: 25.07.2019

**TENDER CALL NOTICE NO.-CHEP-07/2019-20**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the eligible reputed Firms / Service Contractors / Agencies for the following work as mentioned below.

| Description | Cost of Tender Paper (Non-refundable) | Estimated Cost / EMD (Refundable) |
|---|---|---|
| Catering & Caretaking of OHPC Guest House at CHEP, Chiplima | Rs.2,360/- (Rs.2,000/- + GST @18%) | Rs.4,74,774/- EMD=Rs.4,750/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.29.07.2019 up to 12:30 PM of dtd.08.08.2019.

04006/11/0005/1920 Sd/- Unit Head, CHEP, Chiplima

## ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର

ସଂଖ୍ୟା:27502 ତା:୨୫।୦୭।୨୦୧୯

### ନୋଟିସ

No.25-N :- ଏତଦ୍ୱାରା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଓଡ଼ିଶାଙ୍କ ବିଜ୍ଞାପନ ସଂଖ୍ୟା.୬୯୧୪ ତା:୧୩।୦୨।୨୦୧୯ରିଖ ଅନୁସାରେ Special Drive ଚୁକ୍ତିଭିତ୍ତିକ ଶିକ୍ଷକ ନିଯୋଜନ ନିମନ୍ତେ ଆବେଦନ କରିଥିବା ପ୍ରାର୍ଥୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ତା ୩୧।୦୩।୨୦୧୯ ରିଖରେ ଅନୁଷ୍ଠିତ online ପରୀକ୍ଷା (CBT)ରେ କୃତକାର୍ଯ୍ୟ ହୋଇଥିବା ସମସ୍ତ ପ୍ରାର୍ଥୀଙ୍କର ଶିକ୍ଷାଗତ ଯୋଗ୍ୟତା ଓ ଅନ୍ୟାନ୍ୟ ଯୋଗ୍ୟତା ସମ୍ପର୍କିତ ସମସ୍ତ ପ୍ରମାଣପତ୍ର ଓ ଅନ୍ୟାନ୍ୟ କାଗଜପତ୍ର ତା ୦୨।୦୮।୨୦୧୯ ଓ ୦୩।୦୮।୨୦୧୯ରିଖରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଯାଞ୍ଚ ହେବ। ଏହି ସମ୍ପର୍କିତ ଏକ ବିସ୍ତୃତ ନୋଟିସ ୱେବସାଇଟ https://dseodisha.in/ ରେ ତା ୨୫।୦୭।୨୦୧୯ରିଖରେ ପ୍ରକାଶ ପାଇଛି। ଏଣୁ ସମ୍ପୃକ୍ତ ପ୍ରାର୍ଥୀମାନେ ନିର୍ଦ୍ଦିଷ୍ଟ ତାରିଖ ଓ ସ୍ଥାନରେ ପହଞ୍ଚି ପ୍ରମାଣପତ୍ରଗୁଡ଼ିକୁ ଯାଞ୍ଚ କରାଇନେବେ। ନିର୍ଦ୍ଦିଷ୍ଟ ତାରିଖରେ ପ୍ରମାଣପତ୍ର ଯାଞ୍ଚ ନ କରାଇଲେ ପାର୍ଥିତ୍ୱ ବିଚାରକୁ ନିଆଯିବ ନାହିଁ।

ସ୍ୱା./- ବିଭୁ ପ୍ରସାଦ ଷଡଙ୍ଗୀ
ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା

11024/11/0002/1920

## Government of Orissa Parliamentary Affairs Department

No.5405 /PAD, Dated the 24th July, 2019
ME/4 - 30/2014 (29321600502014)

**TENDER CALL NOTICE**

No.03-QQ :- Sealed tenders in plain paper / letter pad are invited from the intending only from the Godrej authorized dealers/Firms/ Suppliers located at Bhubaneswar having valid GST registration number and Income Tax Clearance Certificate for supply of Office furniture's(such as Numero Uno table with Pedestral + Eru-01 set, Aristrocat Sofa Set(3+1+1)-01 set, Executive Revolving Chair(Helovery high back)-01 set, Computer Table-01 No., Computer Chair-01 No., Supreme Sofa Set(3+1+1)-01 set, Finnesse Table 6 inch with ERU+ Drawer, Alice Coffee Table, Work Table(4'2") Bavarian Beech color- 01 No. for official use in the Parliamentary Affairs Department(o/o ministers).

The intending firms/suppliers should have Govt. registered/ proper shop located only at Bhubaneswar as per address mentioned on their tender papers. The tenders of the stock point suppliers will not be considered.

The Tenderers should deposit earnest money of Rs.1,000/- (One thousand) only in shape of A/C Payee Bank Draft / Pay Order payable to the Joint Secretary to Government, Parliamentary Affairs Department which will be refunded to the Tenderers whose tenders are not accepted. The Tenders should reach the undersigned by 09.08.2019 up to 12.30 P.M. at the latest and shall be opened on the same day at 01:00 P.M. in the presence of Tenderers or their authorized representatives.

The authority reserves the right to reject all or any Tender/ Tenders without assigning any reason thereof. The Tenders received incomplete or after the scheduled date and time and those does not have proper shop shall be rejected. The accepted Tender will be valid for one year i.e. 31.07.2020.

Sd./- Manmohan Barik)
Joint Secretary to Government

42001/11/0004/1920

## GOVERNMENT OF ODISHA
## OFFICE OF THE EXECUTIVE ENGINEER RURAL WORKS DIVISION, BALLIGUDA

PhoneNo.-06846-243114
Mobile No: 9437562286 No.213-O
E-Mail: rw_balliguda@yahoo.com

No. 2221 / RWDB Dated: 22.07.2019

Government of Odisha e-Procurement Notice

**Bid Identification No. Online Tender/ 01 /EE RWD BLG/2019-20**

1 Name of the work : Building Works.
2 Total Number of Works : 3 (Three) Nos.
3 Estimated cost : As per Annexure
4 Class of Contractors : As per Annexure
5 Period of Completion : As per Annexure
6 Others Details

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Executive Engineer Rural Works Division Balliguda | Online Tender/ 03 /EE RWD BLG/ 2019-20 | 01.08.2019 at 10.00 AM | 15.08.2019 up to 5.00 PM |

Further details can be seen from the e-procurement portal website www.tendersorissa.gov.in

Executive Engineer
Rural Works Division
Balliguda

25150/11/0003/1920

## ପ୍ରଥମ ପୃଷ୍ଠାରୁ...

### ମୁକୁଳିଲେ ସାରଥି...

ଓ ତାଙ୍କ ଝିଅ ସାରଥି ଏବଂ ତାଙ୍କ ସହଯୋଗୀ ଶରତ ଚନ୍ଦ୍ର ପାତ୍ରଙ୍କ ନାମରେ ଟଙ୍କା ଠକେଇ ଓ ଯୌନ ନିର୍ଯାତନା ଅଭିଯୋଗ ଆଣିଥିଲେ। ପ୍ରଥମ ଦୁଇ ମାମଲାରେ ସାରଥିଙ୍କୁ ପୂର୍ବରୁ ଜାମିନ ମିଳି ସାରିଥିବାବେଳେ ତୃତୀୟ ମାମଲା ପାଇଁ ଗତ ୧୭ତାରିଖରେ ତାଙ୍କ ପକ୍ଷରୁ ହାଇକୋର୍ଟରେ ଜାମିନ ଆବେଦନ କରାଯାଇଥିଲା। ଉକ୍ତ ଜାମିନ ଆବେଦନର ଶୁଣାଣି କରି ହାଇକୋର୍ଟ ଗତ ୨୨ ତାରିଖରେ ତାଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ। ବାରିମୂଳ ଆଶ୍ରମକୁ ନ ଯିବା, ରାଜ୍ୟ ବାହାରକୁ ଯିବା ପୂର୍ବରୁ କୋର୍ଟ ଓ ତଦନ୍ତକାରୀ ଅଧିକାରୀଙ୍କୁ ସୂଚନା ଦେବା, ସର୍ବସାଧାରଣ ସ୍ଥାନରେ ସଭାରେ ସାମିଲ ନ ହେବା, ଗଣମାଧ୍ୟମକୁ ସୂଚନା ନ ଦେବା ଆଦି ସର୍ତ୍ତରେ ସାରଥି ଜାମିନରେ ମୁକୁଳିଛନ୍ତି। ଏହି ମାମଲାରେ ପୂର୍ବରୁ ସାରଥିଙ୍କ ସହଯୋଗୀ ପାତ୍ର ଜାମିନରେ ମୁକୁଳିଥିବା ସରକାରୀ ଓକିଲ ନିରଞ୍ଜନ ବଳ ସୂଚନା ଦେଇଛନ୍ତି।

## ଖୁବ୍‌ଶୀଘ୍ର ସ୍ୱାସ୍ଥ୍ୟନୀତି: ମନ୍ତ୍ରୀ

ଭୁବନେଶ୍ୱର,୨୫।୭(ବ୍ୟୁରୋ)

ରାଜ୍ୟ ପାଇଁ ଖୁବ୍‌ଶୀଘ୍ର ନୂଆ ସ୍ୱାସ୍ଥ୍ୟନୀତି ଆସିବ। ରାଜ୍ୟରେ ୨୦୦୦ ନୂଆ ଡାକ୍ତରୀ ପଦବୀ ସହ ୧୫,୦୦୦ ପାରା ମେଡିକାଲ ଷ୍ଟାଫ ପଦବୀ ସୃଷ୍ଟି କରାଯିବ। କିଛି ମାସ ପରେ ରାଜ୍ୟରେ ଡାକ୍ତର ଅଭାବ ଦେଖାଯିବ ନାହିଁ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏନେଇ ସମସ୍ତ ପଦକ୍ଷେପ ନିଆଯାଉଥିବା ବିଭାଗୀୟ ମନ୍ତ୍ରୀ ନବ ଦାସ କହିଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଖର୍ଚ୍ଚଦାବି ଆଲୋଚନା ସମୟରେ ମନ୍ତ୍ରୀ ବିଧାନସଭାରେ ଏହି କଥା କହିଛନ୍ତି। ଏପରିକି ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇ ସାରିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ନବ କହିଛନ୍ତି ଯେ, ରାଜ୍ୟରେ ସ୍ୱାସ୍ଥ୍ୟସେବାକୁ ଅଧିକ ଲୋକାଭିମୁଖୀ କରାଯିବ। ଓଡ଼ିଶା ସମେତ ପଡ଼ୋଶୀ ରାଜ୍ୟର ଲୋକମାନେ ମଧ ରାଜ୍ୟର ସ୍ୱାସ୍ଥ୍ୟସେବା ଉପରେ ନିର୍ଭରଶୀଳ। ରାଜ୍ୟ ବାହ୍ୟ ଚିକିତ୍ସା ପଞ୍ଜୀକରଣରେ ଓଡ଼ିଶା ସାରା ଦେଶରେ ଦ୍ୱିତୀୟ ସ୍ଥାନ ହାସଲ କରିଛି। ରାଜ୍ୟରୁ ମ୍ୟାଲେରିଆ ନିରାକରଣ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ସମେତ ଏକାଧିକ ସଂସ୍ଥା ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। ରାଜ୍ୟର ୭ଟି ଭେଷଜ ମହାବିଦ୍ୟାଳୟରେ ଉନ୍ନତ ମାନର ଚିକିତ୍ସା ମଧ ଯୋଗାଇ ଦିଆଯାଉଛି। ୨୦୧୯–୨୦ ଆର୍ଥିକ ବର୍ଷରେ ମୋଟ ୬୮୦୨,୧୨,୦୩,୦୦୦ ଟଙ୍କାର ବ୍ୟୟ ଅଟକଳ କରାଯାଇଥିବା ମନ୍ତ୍ରୀ ଦାସ ସୂଚନା ଦେଇଛନ୍ତି।

## OFFICE OF THE MUNICIPAL COUNCIL, RAIRANGPUR

Phone No.06794-222054
E-Mail ID :- rairangpurn.hud@ori.nic.in / rrpurnac@gmail.com

**"e" PROCUREMENT NOTICE**

No.01 **TENDER CALL NOTICE** Date: 24.07.2019

BID IDENTIFICATION NO.-T2RRP2019-20

Bid documents consisting of specification the schedule of quantities and the set of terms & conditions of contract and other necessary documents can be seen in the Govt. Website i.e. www.tendersorissa.gov.in

1. **Nature of the works** :- **Civil Works 1 (One)**
2. **No. of Works** :- **Bid Identification No.T1RRP2019-20**

| Procurement Officer | Bid Identification No. | Availability of Tender on-line for bidding | | End Date for submission of Bid documents EMD. tender paper cost Etc as per DTCN dropping on this office Tender Box Otherwise tender will be rejected | Date & Time of opening of tender Technical Bid & Financial Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Officer Rairangpur Municipality | T2RRP 2019-20 | 25.07.2019 At- 10.00 AM. | 05.08.2019 Up to 5.00 PM. | 06.08.2019 up to 5.00 PM. | 08.08.2019 At-11 AM. |

3. If all the tender work will be not completed within fixed period mentioned in the tender schedule the work agreement and work order automatically cancelled.
4. The Authority reserves the right to reject any or all tender without assigning any reason thereof.
5. Further the details can be seen from the procurement portal :- www.tendersorissa.gov.in.

**Sd./- Executive Officer**
Rairangpur Municipality

## OFFICE OF THE JOINT MANAGER
## THE ODISHA STATE POLICE HOUSING AND WELFARE CORPORATION LTD.

No. CAD-230

(A Govt. of Odisha Undertaking)
SAMBALPUR DIVISION

AT:- HOTA BUILDING, SRIT COLONY, (NEAR LIFE CARE HOSPITAL), BUDHARAJA, SAMBALPUR
Tel./Fax. (0663) 2541061, e-mail: jm_sambalpur@rediffmail.com & jmsbp.ophwc.od.@nic.in

### PRE-QUALIFICATION NOTICE

(For Enlistment of different class of Contractors for execution of works through K-2 Agreement)

The Odisha State Police Housing & Welfare Corporation Ltd. (OSPH&WC), Sambalpur Division invites application for enlistment of contractors for execution of Civil, PH & Internal Electrification works of various building projects in the district of Sambalpur, Bargarh, Deogarh, Jharsuguda, Sundargarh, Angul & Dhenkanal. All applications will be evaluated as per terms and conditions laid down in the pre-qualification documents for enlistment. After successful evaluation of the pre-qualification documents, selected firms will be registered in Sambalpur Division, OSPH&WC's Contractors list, valid for a period of 01 (One) year from date of enlistment.

The pre-qualification documents can be obtained from the office of the undersigned during office hours on payment of Rs. 2240/-(Rupees two thousand two hundred and forty) only inclusive of GST (Non refundable) in Cash or Demand draft or pay order drawn in favour of **"The Odisha State Police Housing & Welfare Corporation Ltd-Sambalpur Division"** drawn on any Nationalized Bank payable at Sambalpur. The above documents can also be obtained through Speed Post by sending a self-addressed envelope of size 35cmX25cm with stamped Rs.75.00 (Rupees Seventy) only. The pre-qualification documents will also available from our website www.ophwc.nic.in and the same can be downloaded. However, in case of downloaded pre-qualification documents, cost of Rs.2240/-(Rupees two thousand two hundred and forty) only (Non-refundable) described as above in the shape of Demand draft or Pay order shall be enclosed along with pre-qualification documents, failing which pre-qualification documents shall be summarilyrejected.

Application for pre-qualification shall be submitted in sealed cover super-scribing **"Application for enlistment of Contractors in OSPH&WC, Sambalpur Division"** addressed to the Joint Manager, OSPHWC, Hota Building, SRIT Colony (near Life Care Hospital), Budharaja, Sambalpur-04 for award of work eventually to be drawn on K2 Agreement in line with the rules of OPWD Code & other clauses as decided by the Corporation.

The pre-qualification document not submitted in prescribed format or otherwise than in the manner prescribed in the document shall be rejected.

**Last date for issue of pre-qualification document up to : 05.00 PM, Dt-05.08.2019**
**Last date for receipt up to : 02.00 PM, Dt-06.08.2019**
**Date of opening at : 04.00 PM, Dt-06.08.2019**

-Sd/-
Joint Manager.

12098/11/0001/1920

## BHUBANESWAR MUNICIPAL CORPORATION

No. 20558 **NOTICE INVITING TENDER (NIT)** Date. 24.07.2019

**NATIONAL COMPETITIVE BIDDING THROUGH e-Procurement**

**Tender/Bid Identification No. BMC-CE- II - 01/2019-2020 Dt.24.07.2019**

On behalf of the Commissioner, Bhubaneswar Municipal Corporation (BMC), City Engineer, Bhubaneswar Municipal Corporation invites **Percentage Rate Bids through e-Procurement** in conformity with the terms and conditions of the Detailed Tender Call Notice (DTCN) in Two Bid system (Part-I : General & Technical Bid and Part-II: Financial Bid/Price Bid/BOQ) from intending **bidders** fulfilling the minimum eligibility criteria as and other detailed qualifying requirements given in this DTCN and to be eventually drawn up in the standard $P_1$ Contract Form of BMC.The bid should be submitted on-line through the website www.tendersorissa.gov.in by eligible class of contractors. The bidders should have the necessary Portal Enrolment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrolment, but shall have to subsequently undergo registration with the appropriate authority of the State Government before signing agreement as per prevalent registration norms of state.

| Sl. No. | Name of the work | Amount put to Tender (In Lakh) | E.M.D * (In Lakhs) Online | Cost of Tender Documents Online | Period of Completion in days | Class of Contractor Eligible to Participate |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Rejuvenation and sustainable conservation of Bindusagar. | 23371292/- | 233800 | 11200.00 | 365 | "B" or "A" |
| 2 | Rejuvenation and sustainable conservation of Periphery Ponds of Bindusagar. | 6713548/- | 67200 | 11200.00 | 180 | "B" or "A" |

2. Mode of Submission of tender : Tender should be submitted online in www.tendersodisha.gov.in.
3. The bidders desirous to participate in bidding must possess compatible Digital Signature Certificate of Class-II and Class-III and should follow the changes/ modifications/ addendum to DTCN, if any.
4. **Critical Dates:-**

| SN | Description | | Critical Dates |
|---|---|---|---|
| I | Period of availability of tenders on-line | : | 11.30 AM of 26.07.2019 to 5.00 PM 19.08.2019 |
| ii | Last date & time of seeking clarification as per Schedule - J | : | 14.08.2019 up to 5.00 PM |
| iii | Last date & time of bidding on-line | : | 19.08.2019 up to 5.00 PM |
| iv | Date & time of opening of Technical Bid | : | 21.08.2019 at 11.30 AM |
| v | Date & time of opening of the Financial Bid | : | Will be intimated to Technically successful bidder (s) |

5. **Minimum Eligibility Criteria:-**

I) Average Annual Financial turnover during the last 3 year, ending 31st March 2018, should be at least 30% of the estimated cost.

ii) Experience of having successfully completed similar works during last 7 years ending 28.02.2019 should be either of the following : -

a. Three similar completed works costing not less than the amount equal to 40% of the estimated cost.

or

b. Two similar completed works costing not less than the amount equal to 50% of the estimated cost.

or

c. One similar completed works costing not less than the amount equal to 80% of the estimated cost.

Note :- **"Similar work"** such as Renovation/Reclamation/Construction of Water bodies.
The firm shall have to submit the performance certificate of the works constructed by them for satisfactory performance from appropriate authority i.e., not below the rank of Executive Engineer/equivalent.

6. The bid for the work shall remain open for acceptance for a period of **120 days** from the date of opening of price bids. If any Bidder/ Tenderer withdraws his bid/tender before the said period or makes any modifications in the terms and conditions of the bid, the said earnest money shall stand forfeited.
7. Other details can be seen in the bidding documents, which is available in website www.tendersorissa.gov.in.
8. The Bidder should have not been black listed by any Govt/ Govt. Undertaking or should have not been debarred from BMC on the bid opening date. Self-declaration certificate by Bidder in the form of Affidavit is to be submitted.
9. Subsequent corrigendum if required shall be appeared in the website.
10. Authority reserves the right to reject any or all the tenders without assigning any reasons thereof.

**By Order of Commissioner, BMC**

**City Engineer**
**Bhubaneswar Municipal Corporation**

**Progress Through Partnership for a Better Bhubaneswar**



ନିର୍ମଳ କୁମାର ମିଶ୍ର

# ୱିମ୍ବେଲଡନ ଗ୍ରାଣ୍ଡସ୍ଲାମ୍

**ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୱିମ୍ବେଲଡନ ଟେନିସ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଗ୍ରାସ୍ କୋର୍ଟରେ ଖେଳାଯାଇଥିବା ଏହି ହାଇପ୍ରୋଫାଇଲ ଟୁର୍ନାମେଣ୍ଟରେ ସର୍ବିୟାର ନୋଭାକ୍ ଜୋକୋଭିଚ୍ ଚାମ୍ପିୟନ ହୋଇ ଟାଇଟଲ ବଜାୟ ରଖିଛନ୍ତି। ସବୁଥର ଭଳି ଟୁର୍ନାମେଣ୍ଟର ଏହି ୧୩୩ତମ ସଂସ୍କରଣରେ କେତୋଟି ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଥିଲା। ମହିଳା ସିଙ୍ଗଲ୍ସରେ ସିମୋନା ହାଲେପ୍ ବାଜି ମାରି ରୋମାନିଆ ପାଇଁ ପ୍ରଥମ ଟାଇଟଲ ଜିତିଛନ୍ତି ...**







ୱିମ୍ବେଲଡନ ଓପନ ଗ୍ରାଣ୍ଡସ୍ଲାମ୍ ଟେନିସ୍‌ର ୧୩୩ ତମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଅନ୍ତର୍ଜାତୀୟ ଟେନିସ୍ ଫେଡେରେଶନ୍ (ଆଇଟିଏଫ୍) ଏବଂ ଅଲ୍ ଇଂଲଣ୍ଡ ଲନ୍ ଟେନିସ୍ ଏବଂ କ୍ରୋକୁଏଟ୍ କ୍ଲବ ଦ୍ୱାରା ଆୟୋଜିତ ଏହି ମର୍ଯ୍ୟାଦାସମ୍ପନ୍ନ ଟୁର୍ନାମେଣ୍ଟ ବିଶ୍ୱର ସମସ୍ତ ଟେନିସ୍ ଖେଳାଳି ଏବଂ ପ୍ରଶଂସକମାନଙ୍କ ସ୍ୱପ୍ନର ଟୁର୍ନାମେଣ୍ଟ ରୂପେ ପରିଚିତ। ବିଶ୍ୱର ଶ୍ରେଷ୍ଠ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ମଧ୍ୟରୁ ଏହା ଅନ୍ୟ ଏକ ଗ୍ରାସ୍ କୋର୍ଟ ପ୍ରତିଯୋଗିତା। ବିଜ୍ଞାପନ ଏବଂ ସର୍ବାଧିକ ପୁରସ୍କାର ରାଶି ଯୋଗୁ ଏହା ଅଷ୍ଟ୍ରେଲିଆନ୍ ଗ୍ରାଣ୍ଡସ୍ଲାମ୍, ଫ୍ରେଞ୍ଚ ଗ୍ରାଣ୍ଡସ୍ଲାମ ଏବଂ ୟୁଏସ୍ ଗ୍ରାଣ୍ଡସ୍ଲାମ୍‌ଠାରୁ ସଂପୂର୍ଣ୍ଣ ନିଆରା ରହିଆସିଛି। ପରମ୍ପରା ଦୃଷ୍ଟିକୋଣରୁ ପ୍ରତ୍ୟେକ ବର୍ଷ ଜୁଲାଇ ୧ରୁ ଆରମ୍ଭ ହୋଇ ୱିମ୍ବେଲଡ଼ନ ୧୪ତାରିଖ ଶେଷ ହୋଇଥାଏ। ମୋଟ ଉପରେ ୧୫ଦିନ ବ୍ୟାପୀ ଏହି ଟୁର୍ନାମେଣ୍ଟ ଖେଳାଯାଇଥାଏ। ସେଲିବ୍ରିଟିମାନଙ୍କର ସମାହାର ଏହି ଟୁର୍ନାମେଣ୍ଟର ମୁଖ୍ୟ ବିଶେଷତ୍ୱ ରହିଆସିଛି। ବିଶ୍ୱ ଟେନିସ୍ ଜଗତର ସମସ୍ତ ଷ୍ଟାର ଖେଳାଳିମାନଙ୍କ ସମାଗମ ମଧ୍ୟ ଟୁର୍ନାମେଣ୍ଟର ଅନ୍ୟ ଏକ ଆକର୍ଷଣ। ଚଳିତଥର ନୋଭାକ ଜୋକୋଭିଚ୍, ନାଓମି ଓସାକା, କାଇଲ୍ ଏଡ୍‌ମଣ୍ଡ, ସିମୋନା ହାଲେପ୍, ଭେନସ୍ ୱିଲିୟମ୍ସ, ଷ୍ଟାନିସ୍‌ଲାସ ୱାରିଙ୍କା, କାରୋଲିନା ପ୍ଲିସ୍କୋଭା, ଥୋମାସ ଫାବିଆନୋ, କେଭିନ୍ ଆଣ୍ଡରସନ୍, ରୋଜର ଫେଡରର, ସେରେନା ୱିଲିୟମ୍ସ, ରାଫାଲ ନାଡାଲ, ଜୋହାନା କୋଣ୍ଟାଙ୍କ ପରି ତାରକା ଖେଳାଳିମାନଙ୍କ ସମାହାର ଟୁର୍ନାମେଣ୍ଟକୁ ଆହୁରି ଆକର୍ଷଣୀୟ କରିଥିଲା। ଟୁର୍ନାମେଣ୍ଟ ଆରମ୍ଭରୁ କେତୋଟି ବିପର୍ଯ୍ୟୟ ଦେଖିବାକୁ ମିଳିଥିଲା। ଗତବର୍ଷର ମହିଳା ସିଙ୍ଗଲ୍ସ ଚାମ୍ପିୟନ ଆଞ୍ଜେଲିକ୍ କର୍ବର ଦ୍ୱିତୀୟ ରାଉଣ୍ଡରୁ ହାରି ବିଦାୟ ନେଇଥିଲେ ଓ ଏହା ଟୁର୍ନାମେଣ୍ଟର ସବୁଠାରୁ ବଡ଼ ବିପର୍ଯ୍ୟୟ ସାବ୍ୟସ୍ତ ହୋଇଥିଲା। ମହିଳା ସିଙ୍ଗଲ୍ସ ଫାଇନାଲରେ ସିମୋନା ହାଲେପ ପ୍ରତିପକ୍ଷ ଆମେରିକାର ଅଭିଜ୍ଞ ଖେଳାଳି ସେରେନା ୱିଲିୟମ୍ସଙ୍କୁ ସିଧାସଳଖ ସେଟ୍‌ରେ ପରାସ୍ତ କରି ଚାମ୍ପିୟନ ହୋଇଥିଲେ। ସେହିପରି ସେଣ୍ଟର କୋର୍ଟରେ ଅନୁଷ୍ଠିତ ପୁରୁଷ ବିଭାଗର ତୀବ୍ର ପ୍ରତିଯୋଗିତା ମୂଳକ ଫାଇନାଲ ମ୍ୟାଚ୍‌ରେ ସର୍ବିୟ ଷ୍ଟାର ଖେଳାଳି ଜୋକୋଭିଚ୍ ଏବଂ ସୁଇଜରଲାଣ୍ଡର ୩୭ ବର୍ଷୀୟ ଭେଟେରାନ୍ ଖେଳାଳି ଫେଡରର ପରସ୍ପରକୁ ଭେଟିଥିଲେ। ଦୀର୍ଘ ୫ ଘଣ୍ଟାର ଏକ ଉତ୍କଣ୍ଠାପୂର୍ଣ୍ଣ ଏବଂ ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚରେ ନୋଭାକ ଜୋକୋଭିଚ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲେ। ଗତବର୍ଷ ଚାମ୍ପିୟନ ହୋଇଥିବା ଜୋକୋଭିଚ୍ ଏଥର ଟାଇଟଲ ବଜାୟ ରଖିବାକୁ ସକ୍ଷମ ହୋଇଥିଲେ। ୱିମ୍ବେଲଡନ୍ ଇତିହାସରେ ଏହା ଏକ ଐତିହାସିକ ମ୍ୟାଚ ରୂପେ ସ୍ଥାନ ପାଇଛି। ଆଇଟିଏଫ୍ ର୍ୟାଙ୍କିଙ୍ଗ୍‌ରେ ବର୍ତ୍ତମାନ ନୋଭାକ ଜୋକୋଭିଚ୍ ଏକ ନମ୍ବର ର୍ୟାକିଙ୍ଗରେ ରହିଥିବା ବେଳେ ଭେଟେରାନ୍ ରୋଜର ଫେଡରର ତୃତୀୟ ସ୍ଥାନରେ ରହିଛନ୍ତି। ଜୋକୋଭିଚ କ୍ୟାରିୟରର ୧୬ତମ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିବା ସହିତ ନିଜର ପ୍ରଭାବ ବଜାୟ ରଖିଛନ୍ତି। ସେହିପରି ମହିଳା ଟେନିସ ର୍ୟାଙ୍କିଙ୍ଗରେ ୪ର୍ଥ ସ୍ଥାନରେ ଥିବା ସିମୋନା ହାଲେପ୍ ୯ମ ସ୍ଥାନରେ ଥିବା ଆମେରିକାର ଷ୍ଟାର ଖେଳାଳି ସେରେନାଙ୍କୁ ହରାଇ ନିଜର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ୍ ଟାଇଟଲ ହାସଲ କରିଛନ୍ତି। ଚଳିତ ବର୍ଷ ଅଷ୍ଟ୍ରେଲିଆନ୍ ଗ୍ରାଣ୍ଡସ୍ଲାମ୍‌ରେ ପୁରୁଷ ବିଭାଗରେ ନୋଭାକ ଜୋକୋଭିଚ ଚାମ୍ପିୟନ ହୋଇଥିବା ବେଳେ ନାଓମି ଓସାକା ମହିଳା ବିଭାଗର ଟାଇଟଲ ହାସଲ କରିଥିଲେ। ସେହିପରି ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଫ୍ରେଞ୍ଚ ଓପନ୍‌ରେ ପୁରୁଷ ବିଭାଗରେ ରାଫାଲ ନାଡାଲ ଚାମ୍ପିୟନ ହୋଇଥିଲା ବେଳେ ମହିଳା ବିଭାଗରେ ଆସଲେ ବାର୍ଟି ଟାଇଟଲ ହାସଲ କରିଥିଲେ।

୧୮୭୭ରେ ସ୍ଥାପିତ ଏବଂ ୧୪୨ବର୍ଷରେ ପଦାର୍ପଣ କରିଥିବା ବିଶ୍ୱର ଏହି ସର୍ବପୁରାତନ ଏବଂ ସମ୍ମାନଜନକ ଟୁର୍ନାମେଣ୍ଟରେ ରୋଜର ଫେଡରର ଓପନ୍ ଏରାରେ ସର୍ବାଧିକ ୮ଥର ଟାଇଟଲ ବିଜେତା ହୋଇଥିବା ବେଳେ ମହିଳା ବିଭାଗରେ ମାର୍ଟିନା ନାଭ୍ରାତିଲୋଭା ସର୍ବାଧିକ ୯ଥର ଚାମ୍ପିୟନ ହୋଇ ରେକର୍ଡ ସୃଷ୍ଟି କରିଛନ୍ତି। ଏଥର ଟୁର୍ନାମେଣ୍ଟରେ ସର୍ବାଧିକ ୩୮ ମିଲିୟନ ପାଉଣ୍ଡର ପୁରସ୍କାର ରାଶି ରଖାଯାଇଥିଲା। ଉଭୟ ବିଭାଗର ଚାମ୍ପିୟନ ଏବଂ ରନର୍ସ ଅପ୍‌ଙ୍କୁ ଯଥାକ୍ରମେ ୨,୩୫୦,୦୦୦ ମିଲିୟନ ପାଉଣ୍ଡ ଏବଂ ୧,୧୭୫,୦୦୦ ମିଲିୟନ ପାଉଣ୍ଡ ପ୍ରଦାନ କରାଯାଇଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ରବିବାରରେ ଇଂଲଣ୍ଡରେ ୨ଟି ଗୁରୁତ୍ୱପୂର୍ଣ୍ଣ ଫାଇନାଲ ଅନୁଷ୍ଠିତ ହୋଇଥିଲା। ଆଇସିସି ଏକଦିବସୀୟ ବିଶ୍ୱକପ କ୍ରିକେଟ ଫାଇନାଲ ଏବଂ ଟେନିସ୍ ସେଣ୍ଟର କୋର୍ଟରେ ଦୀର୍ଘ ୫ ଘଣ୍ଟା ଧରି ଅନୁଷ୍ଠିତ ହୋଇଥିଲା ୱିମ୍ବେଲଡ଼ନ ଫାଇନାଲ ମ୍ୟାଚ। ବିଶ୍ୱକପ୍ ଫାଇନାଲର ରୋମାଞ୍ଚ ଓ ଉତ୍କଣ୍ଠାପୂର୍ଣ୍ଣ ଟେନିସ୍ ସମଗ୍ର କ୍ରୀଡ଼ାଜଗତକୁ ବାନ୍ଧି ରଖିବାକୁ ସକ୍ଷମ ହୋଇଥିଲା। ଦୁଇଟିଯାକ ଅବିସ୍ମରଣୀୟ ଏବଂ ରୋମାଞ୍ଚକର ଫାଇନାଲ ସମସ୍ତ କ୍ରୀଡାପ୍ରେମୀମାନଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ବସ୍ତୁ ରହିଥିଲା। ଲଣ୍ଡନର କ୍ରୀଡ଼ାପ୍ରେମୀ ଏବଂ ସମଗ୍ର ବିଶ୍ୱରୁ ଆସିଥିବା ଖେଳପ୍ରେମୀ ସେଦିନ ଏହି ଦୁଇଟି ବହୁ ପ୍ରତୀକ୍ଷିତ ଫାଇନାଲ ମଧ୍ୟରୁ କେଉଁଟିର ମଜାନେବେ ହୁଏତ ସେଥିପାଇଁ ବେଶ୍ ଚିନ୍ତାରେ ପଡିଯାଇଥିଲେ। ୱିମ୍ବେଲଡନର ସେଣ୍ଟର କୋର୍ଟରେ ଯେଉଁ ଦୁଇଜଣ ପ୍ରତିଦ୍ୱନ୍ଦୀ ପ୍ରାୟ ୫ଘଣ୍ଟା ଧରି ୫ସେଟ୍ ପାଇଁ ଚାମ୍ପିୟନ ହେବା ଲାଗି ସେମାନଙ୍କ ସଂଘର୍ଷ ଜାରି ରଖିଥିଲେ ସେମାନେ ଥିଲେ ଟେନିସ୍ ଇତିହାସର ଦୁଇଜଣ ସର୍ବକାଳୀନ ଶ୍ରେଷ୍ଠ ଖେଳାଳି ଫେଡରର ଏବଂ ଜୋକୋଭିଚ୍। ୧୫,୦୦୦ ସିଟ୍ ବିଶିଷ୍ଟ ସେଣ୍ଟର କୋର୍ଟରେ ସେଲିବ୍ରିଟିମାନେ ଏହି ରୋମାଞ୍ଚକର ମ୍ୟାଚ ଦେଖିବାକୁ ପାଇଥିଲେ। ସେହିପରି ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡ ମଧ୍ୟ ବିଶ୍ୱକପ୍ ଫାଇନାଲ ମ୍ୟାଚ୍ ଦେଖିବାପାଇଁ ଦର୍ଶକମାନଙ୍କ ଦ୍ୱାରା ଭରପୂର ହୋଇଥିଲା।

ୱିମ୍ବେଲଡନ ଗ୍ରାଣ୍ଡସ୍ଲାମ୍‌ରେ ଚାମ୍ପିୟନ ହେବା କମ୍ ଗୌରବର କଥା ନୁହେଁ। ପ୍ରତ୍ୟେକ ମ୍ୟାଚରେ ଅଧିକ ଚାପ ରହିଥାଏ କାରଣ ଫାଇନାଲରେ ଏଟିପି ର୍ୟାଙ୍କିଙ୍ଗର ଶ୍ରେଷ୍ଠ ଖେଳାଳିମାନଙ୍କ ସହିତ ମୁକାବିଲା କରିବାକୁ ହୋଇଥାଏ। ସେଥିପାଇଁ ସ୍ୱତନ୍ତ୍ର ଗେମ ପ୍ଲାନ୍ କରିବାର ଆବଶ୍ୟକତା ରହିଥାଏ। ବିଶ୍ୱରେ ରହିଥିବା କୋଟି କୋଟି ଟେନିସପ୍ରେମୀ ସେମାନଙ୍କର ଫେଭରାଇଟ୍ ଖେଳାଳିମାନଙ୍କ ଖେଳ ଦେଖିବାକୁ ଏଠାରେ ପହଞ୍ଚିଥାନ୍ତି। ହାର୍ଡ କୋର୍ଟ, କ୍ଲେ କୋର୍ଟ ଅପେକ୍ଷା ଗ୍ରାସ୍ କୋର୍ଟରେ ଖେଳାଯାଉଥିବା ଟେନିସ୍‌ର ଏକ ସ୍ୱତନ୍ତ୍ରତା ରହିଥାଏ। ଯାହା ହେଉ ଉଭୟ କ୍ଷେତ୍ରରେ ଭଲ ଖେଳର ବିଜୟ ହୋଇଛି। ବିଶ୍ୱକପର ଗ୍ଲାମର ଆଗରେ ଯଦିଓ ୱିମ୍ବେଲଡନ ପରି ଟେନିସ୍‌ର ଚମକ ଫିକା ପଡିଯାଇଥିଲା ତଥାପି ଟେନିସ୍ ପ୍ରେମୀମାନେ ୱିମ୍ବେଲଡନର ଏହି ୧୩୩ ତମ ସଂସ୍କରଣର ଭରପୂର ଆନନ୍ଦ ଉଠାଇଥିଲେ।

### ୱିମ୍ବେଲଡନ୍ - ୨୦୧୯

- ତାରିଖ: ଜୁଲାଇ ୧ରୁ ୧୪
- ବର୍ଗ: ଗ୍ରାଣ୍ଡସ୍ଲାମ୍ (ଆଇଟିଏଫ୍)
- ପୁରସ୍କାର ରାଶି: ୩୮,୦୦୦,୦୦୦ ପାଉଣ୍ଡ
- ସର୍ଫେସ: ଗ୍ରାସ
- ଭେନ୍ୟୁ: ଅଲ୍ ଇଂଲଣ୍ଡ ଲନ୍ ଟେନିସ ଆଣ୍ଡ କ୍ରୋକ୍ୱେଟ କ୍ଲବ

**ଚାମ୍ପିୟନ**

- ପୁରୁଷ ସିଙ୍ଗଲ୍ସ: ନୋଭାକ୍ ଜୋକୋଭିଚ୍
- ମହିଳା ସିଙ୍ଗଲ୍ସ: ସିମୋନା ହାଲେପ
- ପୁରୁଷ ଡବଲ୍ସ: ଜୁଆନ ସେବାଷ୍ଟିଆନ କାଲାବ/ ରୋବେର୍ଟ ଫରାହ
- ମହିଳା ଡବଲ୍ସ: ସିଏ- ସୁ- ୱେଇ/ବାର୍ବୋରା ଷ୍ଟ୍ରାଇକୋଭା

ମିକ୍ସଡ ଡବଲ୍ସ: ଇଭାନ ଡୋଡିଗ/ ଲତିଶା ଚାନ୍

---

# ଟିମ୍ ଇଣ୍ଡିଆର ନୂଆ ସୈନିକ



**ଏକଦା ୨୦୦ ଟଙ୍କା ପାଇଁ ଗୋଟିଏ ଲେଖାଏ ମ୍ୟାଚ୍ ଖେଳୁଥିବା ନବଦୀପ ଏବେ ଭାରତ ପାଇଁ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାକୁ ଯାଉଛନ୍ତି। ଭାରତୀୟ ଦଳରେ ପୂର୍ବରୁ ସାମିଲ ହୋଇଥିଲେ ମଧ୍ୟ ଏହି ୨୬ ବର୍ଷୀୟ ଦ୍ରୁତ ବୋଲର କେବେବି ଖେଳିବାର ସୁଯୋଗ ପାଇ ନ ଥିଲେ। ଏଥର ସେ ଆଗାମୀ ୱେଷ୍ଟଇଣ୍ଡିଜ୍ ଗସ୍ତ ପାଇଁ ଭାରତୀୟ ଟି୨୦ ଓ ଦିନିକିଆ ଦଳରେ ସାମିଲ ହୋଇଛନ୍ତି...**

୨୦୧୯ ଆଇପିଏଲ୍‌ର ଉଦ୍‌ଘାଟନୀ ମ୍ୟାଚରେ ଭାରତର ଜଣେ ଉଦୀୟମାନ ଦ୍ରୁତ ବୋଲର ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ ହେଉଛନ୍ତି ହରିୟାଣାର କର୍ନାଲରେ ଜନ୍ମିତ ଦିଲ୍ଲୀ କ୍ରିକେଟର ନବଦୀପ ସଇନି। ୱେଷ୍ଟଇଣ୍ଡିଜ ଗସ୍ତ ଲାଗି ଗତ ରବିବାର ଘୋଷଣା କରାଯାଇଥିବା ଦିନିକିଆ ଓ ଟି୨୦ ଦଳରେ ଏହି ୨୬ ବର୍ଷୀୟ ଫାଷ୍ଟ ବୋଲରଙ୍କୁ ସାମିଲ କରାଯାଇଛି। ଫଳରେ ସେ ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ବନିଯାଇଛନ୍ତି। ଏହି ଦ୍ରୁତ ବୋଲର ଲଗାତର ୬ ବର୍ଷ ଘରୋଇ କ୍ରିକେଟ୍‌ରେ ଚମତ୍କାର ପ୍ରଦର୍ଶନ କରିପାରିଥିବାବେଳେ ଚଳିତଥର ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ତାଙ୍କୁ କ୍ରୟ କରିଥିଲା। ଉଦ୍‌ଘାଟନୀ ମ୍ୟାଚରେ ଆର୍‌ସିବି ମାତ୍ର ୭୦ ରନ କରିଥିଲା। ୭୧ ରନର ବିଜୟଲକ୍ଷ୍ୟ ନେଇ ଚେନ୍ନାଇ ସୁପର କିଙ୍ଗ୍ସ ପକ୍ଷରୁ ଅମ୍ବାତି ରାୟୁଡୁ ଓ ଅଷ୍ଟ୍ରେଲିଆର ଭେଟେରାନ କ୍ରିକେଟର ସେନ ୱାଟସନ୍ ବ୍ୟାଟିଂ ଆରମ୍ଭ କରିବାକୁ ଆସିଥିଲେ। ଇନିଂସର ଦ୍ୱିତୀୟ ଓଭର ବୋଲିଂ କରୁଥିବା ଏହି ବୋଲରଙ୍କୁ ୱାଟସନ୍ ପ୍ରଥମ ଥର ସମ୍ମୁଖୀନ ହୋଇଥିଲେ। ମାତ୍ର ପ୍ରଥମ ବଲରେ ହିଁ ଏହି ବୋଲର ୱାଟସନ୍‌ଙ୍କୁ ଚକ୍‌ମା ଦେଇଥିଲେ। ସଇନିଙ୍କ ଏହି ବଲ୍ ଘଣ୍ଟା ପ୍ରତି ୧୫୧ କିମି ବେଗରେ ଯାଇ ୱାଟସନ୍‌ଙ୍କ ହେଲ୍‌ମେଟ୍‌ରେ ବାଜିଥିଲା ଓ ସେ ସେହିଠାରେ ହିଁ ପଡ଼ିଯାଇଥିଲେ। ଏ ଘଟଣା ପରେ ସେ ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟି ଥିଲେ।

ଚଳିତ ବର୍ଷ ଆଇପିଏଲ୍‌ରେ ନବଦୀପ ଡେବ୍ୟୁ କରିବା ସହ ଆର୍‌ସିବିର ସମସ୍ତ ୧୩ଟି ମ୍ୟାଚ ଖେଳିଥିଲେ। ନିଜ ଦ୍ରୁତ ବୋଲିଂରେ ସେ ସମସ୍ତଙ୍କୁ ପ୍ରଭାବିତ କରିଥିଲେ। ଆଇପିଏଲ୍‌ରେ ୧୧ଟି ଉଇକେଟ ହାସଲ କରିଥିବାବେଳେ କ୍ରମାଗତ ଭାବେ ୧୫୦ କିମିରୁ ଅଧିକ ବେଗରେ ବୋଲିଂ କରି ସେ ଚର୍ଚ୍ଚାକୁ ଆସିଥିଲେ। ସମ୍ପ୍ରତି ନବଦୀପ ଭାରତୀୟ-ଏ' ଟିମ୍‌ରେ ସାମିଲ ହୋଇ ୱେଷ୍ଟଇଣ୍ଡିଜ ଗସ୍ତରେ ଯାଇଛନ୍ତି। ଆଣ୍ଟିଗୁଆରେ ଅନୁଷ୍ଠିତ ୱେଷ୍ଟଇଣ୍ଡିଜ-ଏ' ବିପକ୍ଷ ଦ୍ୱିତୀୟ ଅନ୍‌ଅଫିସିଆଲ ଦିନିକିଆରେ ନବଦୀପ ୪୬ ରନରେ ୫ ଉଇକେଟ୍ ହାସଲ କରିପାରିଥିଲେ। ପୁରସ୍କାର ସ୍ୱରୂପ ତାଙ୍କୁ ୱେଷ୍ଟଇଣ୍ଡିଜ ଗସ୍ତ ଲାଗି ଭାରତର ଦିନିକିଆ ଓ ଟି୨୦ ଦଳରେ ସାମିଲ କରାଯାଇଛି।

୨୦୧୩ ପୂର୍ବରୁ ନବଦୀପ ଆଦୌ ଲେଦର ବଲ୍ କ୍ରିକେଟ୍ ଖେଳି ନ ଥିଲେ। ସେହିପରି ରାଜ୍ୟ ତଥା ବିସିସିଆଇ ଘରୋଇ କ୍ରିକେଟର କୌଣସି ବୟସ ବର୍ଗରେ ମଧ୍ୟ ସେ ଖେଳି ନାହାନ୍ତି। କର୍ନାଲରେ ଅନୁଷ୍ଠିତ ଆଞ୍ଚଳିକ ଟେନିସ୍ ବଲ୍ କ୍ରିକେଟରେ ସେ ଖେଳି ଆସୁଥିଲେ। ମ୍ୟାଚ୍ ପିଛା ତାଙ୍କର ପାରିଶ୍ରମିକ ରହିଥିଲା ମାତ୍ର ୨୦୦ଟଙ୍କା। ତେବେ ଦିଲ୍ଲୀର ପୂର୍ବତନ ମିଡିୟମ୍ ପେସ୍ ବୋଲର ସୁମିତ ନରୱାଲ ନବଦୀପଙ୍କୁ ଦେଖିଥିଲେ। ନରୱାଲ କର୍ନାଲ ପ୍ରିମିୟର ଲିଗ୍ ଆୟୋଜନ କରୁଥିବାବେଳେ ନବଦୀପ ଏହି ଟୁର୍ନାମେଣ୍ଟରେ ଖେଳୁଥିଲେ। ନବଦୀପଙ୍କ ଦ୍ରୁତ ବୋଲିଂ ପ୍ରତି ସେ ଆକୃଷ୍ଟ ହୋଇ ତାଙ୍କୁ ଦିଲ୍ଲୀ ରଣଜୀ ଦଳର ନେଟ୍ସକୁ ନେଇଥିଲେ। ଏଠାରେ ନବଦୀପ ଗୌତମ ଗମ୍ଭୀରଙ୍କୁ ବୋଲିଂ କରିଥିଲେ। ତାଙ୍କ ବୋଲିଂରେ ଗମ୍ଭୀର ବାରମ୍ବାର ବିଟ୍ ହେଲେ। ପରେ ଗମ୍ଭୀର ନବଦୀପଙ୍କ ଲାଗି ଗୋଟିଏ ହଳ ଜୋତା ଯୋଗାଡ଼ କରିଥିଲେ ଓ ଦିଲ୍ଲୀ ନେଟ୍ସରେ ରେଗୁଲାର ବୋଲିଂ କରିବାକୁ କହିଥିଲେ। ଏହାପରେ ଗମ୍ଭୀର ନବଦୀପଙ୍କୁ ଦଳରେ ସାମିଲ କରିବା ପାଇଁ ଦିଲ୍ଲୀ କ୍ରିକେଟ୍ ଆସୋସିଏଶନ୍‌କୁ ବାରମ୍ବାର ସୁପାରିସ କରିଥିଲେ ଓ ଶେଷରେ ୨୦୧୩-୧୪ ରଣଜୀ ସିଜନ୍‌ରେ ନବଦୀପଙ୍କୁ ଦିଲ୍ଲୀ ରଣଜୀ ଦଳରେ ସ୍ଥାନ ମିଳିଥିଲା। ଏହାପରେ ନବଦୀପ ଆଉ ପଛକୁ ଫେରି ଚାହିଁନାହାନ୍ତି। ୨୦୧୭-୧୮ ରଣଜୀ ସିଜନ୍‌ରେ ଦିଲ୍ଲୀ ରଣଜୀ ଫାଇନାଲରେ ପହଞ୍ଚିଥିବାବେଳେ ସେ ଦଳ ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ବର୍ଷ ସେ ୮ଟି ମ୍ୟାଚ ଖେଳି ୩୪ଟି ଉଇକେଟ ହାସଲ କରିଥିଲେ। ବେଙ୍ଗଲ ବିପକ୍ଷ ସେମିଫାଇନାଲରେ ସେ ପ୍ରଥମ ଇନିଂସରେ ୫୫ରନରେ ୩ଟି ଓ ଦ୍ୱିତୀୟ ଇନିଂସରେ ୩୫ରନରେ ୪ଟି ଉଇକେଟ ହାସଲ କରିଥିଲେ। ଫଳରେ ଦିଲ୍ଲୀ ୮୬ରନରେ ବିଜୟୀ ହୋଇ ଫାଇନାଲରେ ପହଞ୍ଚିପାରିଥିଲା। ଅଧିନାୟକ ଥିବାବେଳେ ଗମ୍ଭୀର ତାଙ୍କ ପାଇଁ ଯେଉଁ ପ୍ରୟାସ କରିଥିଲେ ସେ ତାହାର ଯଥାର୍ଥ ପ୍ରମାଣିତ କରିଛନ୍ତି। ନବଦୀପଙ୍କ ପିତା ହରିୟାଣା ସରକାରଙ୍କ ଅଧୀନରେ ଜଣେ ଡ୍ରାଇଭର ଭାବେ କାର୍ଯ୍ୟ କରନ୍ତି। ତାଙ୍କ ଜେଜେ ଭାରତୀୟ ସ୍ୱାଧୀନତା ସଂଗ୍ରାମ୍‌ରେ ଅଂଶଗ୍ରହଣ କରିଥିଲେ ଓ ସୁଭାଷ ଚନ୍ଦ୍ର ବୋଷଙ୍କ ଇଣ୍ଡିଆନ ଆର୍ମିରେ ଯୋଗଦେଇ ଥିଲେ। ସେ ଆଫଗାନିସ୍ତାନ ବିପକ୍ଷ ଏକମାତ୍ର ଟେଷ୍ଟ ମ୍ୟାଚ୍‌ରେ ଖେଳିବା ପାଇଁ ଭାରତୀୟ ଦଳରେ ସାମିଲ ହୋଇଥିଲେ। ମହମ୍ମଦ ସାମିଙ୍କ ବଦଳ ଖେଳାଳି ଭାବେ ଦଳରେ ସାମିଲ ହୋଇଥିଲେ ମଧ୍ୟ ଖେଳିବାର ସୁଯୋଗ ପାଇ ନ ଥିଲେ। ସେହିପରି ସଦ୍ୟ ସମାପ୍ତ ବିଶ୍ୱକପ୍‌ରେ ସେ ଷ୍ଟାଣ୍ଡବାଇ ବୋଲର ଭାବେ ଦଳରେ ସାମିଲ ହୋଇଥିଲେ ମଧ୍ୟ ସେ କୌଣସି ମ୍ୟାଚ୍ ଖେଳି ନ ଥିଲେ।

### ନବଦୀପ ସଇନି

- ଡାହାଣ ହାତୀ ଦ୍ରୁତ ବୋଲର
- ଜନ୍ମ: ୨୩ ନଭେମ୍ବର, ୧୯୯୨ (୨୬ ବର୍ଷ), ହରିୟାଣା, କର୍ନାଲ
- ଉଚ୍ଚତା: ୫ ଫୁଟ ୧୦ ଇଞ୍ଚ୍
- ଘରୋଇ ଦଳ: ଦିଲ୍ଲୀ
- ଆଇପିଏଲ୍ ଟିମ୍: ଦିଲ୍ଲୀ ଡେୟାର ଡେଭିଲ୍ସ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର
- ଘରୋଇ ଟୁର୍ନାମେଣ୍ଟ: ସୟଦ ମୁସ୍ତାକ ଅଲି ଟ୍ରଫି, ରଣଜୀ ଟ୍ରଫି, ବିଜୟ୍ ହଜାରେ ଟ୍ରଫି, ଦେଓଧର ଟ୍ରଫି।

---

## ପର୍ସିଆଲିଟି

ଟୋକିଓ ଅଲିମ୍ପିକ୍ସ ପାଇଁ ପ୍ରିପେୟାର
ଲେଡି ହକି ଟିମ୍ ମଣି
ଯୋଗ୍ୟତା ହାସଲ କରିବା ଲକ୍ଷ୍ୟରେ
ରେଡି ରାମପାଲ ରାଣୀ
ଗ୍ରେଭି, ତେଲ ରୋଗ ଖଣି
ପୁଷ୍ଟିକର ଖାଅ ୱେନ୍ କହି ଦିଏ
ଡାଏଟ ପ୍ଲାନ୍ ପୁଣି।।।୧

କ୍ରୀଡ଼ା ଜଗତର ଡିସ୍‌କସ୍ ରାଣୀ
ଆଥ୍‌ଲେଟ ପାର୍ବତୀ ସେଠୀ
ୟୁରୋପିଆନ୍ ମାଷ୍ଟର୍ସ ଗେମ୍‌ରେ
ଭାଗ ନେଉଅଛି ଜଟି
ମାଲେସିଆ ପରି ଖଟି
ସ୍ୱର୍ଣ୍ଣ, ରୌପ୍ୟ ଆଣ ଇଟାଲୀରେ ଲଢ଼ି
ଶୁଭେଚ୍ଛା ଆମର ବେଟୀ।।।୨



ଅର୍ଜୁନ ପ୍ରାଇଜ୍‌ରୁ ବଞ୍ଚିତ ରାଜ୍ୟର
ଦେଖ ଦୌଡ଼ରାଣୀ ଦୂତୀ
ଭାରତୀୟ ଦୌଡ଼କୁଦ ସଂଘ ଦାୟୀ
କଲା ପକ୍ଷପାତ ନୀତି
ରାଜା ଅବା ରାଣୀ ସାଥୀ
ପକ୍ଷପାତିତାର ଶିକାର ଲୋକର
ପ୍ରଜା ଭଳି ବିତେ ରାତି।।।୩

-ସୁବାସ ଚନ୍ଦ୍ର ପ୍ରଧାନ

"ଦୁର୍ବଳ ବଜାର ମନୋଭାବ ଏବଂ ଦେଶର ଆର୍ଥିକ ପରିସ୍ଥିତିକୁ ଦେଖିଲେ ଗତ ତ୍ରୈମାସରେ ଭଲ ଫଳାଫଳ କରିଛୁ।
–ସଞ୍ଜୟ ଅଗ୍ରୱାଲ, ଏୟୁ ସ୍ମଲ୍ ଫାଇନାନ୍ସ ଏମଡି



"ମ୍ୟାଫ୍‌ସିସ୍ ଗ୍ରୁପ୍‌ର ଅଭିବୃଦ୍ଧି ବିଭିନ୍ନ ସେଗ୍‌ମେଣ୍ଟରେ ବ୍ୟାପକ ଆଧାରିତ। ଗ୍ରାହକଙ୍କୁ ବ୍ୟବସାୟ ପରିବର୍ତ୍ତନରେ ସହାୟତା କରାଯାଉଛି।
–ନୀତିନ ରାକେଶ, ମ୍ୟାଫ୍‌ସିସ୍ ଗ୍ରୁପ୍ ସିଇଓ



## ସଂକ୍ଷେପରେ

### ଜିଏସ୍‌ଟି କାଉନ୍‌ସିଲ୍ ବୈଠକ ସ୍ଥଗିତ

**ନୂଆଦିଲ୍ଲୀ,୨୫-୭:** କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ଅଧକ୍ଷତାରେ ଗୁରୁବାର ବସିବାକୁ ଥିବା ଜିଏସ୍‌ଟି କାଉନସିଲର ୩୬ତମ ବୈଠକ ଶେଷ ମୁହୂର୍ତ୍ତରେ ସ୍ଥଗିତ ରଖାଯାଇଛି। ପାର୍ଲାମେଣ୍ଟରେ ତାଙ୍କର ବ୍ୟସ୍ତତା କାରଣରୁ ଏହି ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି। ଫଳରେ ଏହି ବୈଠକରେ ଇ-ଯାନ ଉପରେ ଟିକସ ଆଦାୟକୁ ନେଇ ହେବାକୁ ଥିବା ନିଷ୍ପତ୍ତି ପୁଣି କିଛି ଦିନ ପାଇଁ ଘୁଞ୍ଚିଗଲା। ଇ-ଯାନ ଉପରେ ନିଆଯାଉଥିବା ଟିକସକୁ ୧୨ରୁ ୫%କୁ ହ୍ରାସ କରିବା ନେଇ ନିଷ୍ପତ୍ତି ନିଆଯିବାର ଥିଲା ବୋଲି ଜଣେ ଅଧିକାରୀ କହିଛନ୍ତି। ବୈଠକର ପରବର୍ତ୍ତୀ ତାରିଖ ପରେ ପ୍ରକାଶ କରାଯିବ। ସେ କହିଛନ୍ତି ଯେ, ରାଜ୍ୟ ସଭାରେ ଆଇବିସି ସଂଶୋଧନ ବିଲ୍ ଉପରେ ଆଲୋଚନାରେ ଅର୍ଥମନ୍ତ୍ରୀ ସୀତାରାମନ୍ ଅଂଶଗ୍ରହଣ କରିବାକୁ ଥିବାରୁ କାଉନସିଲ୍ ବୈଠକରେ ଯୋଗ ଦେଇପାରିବେ ନାହିଁ ବୋଲି ଜଣାପଡିଥିଲା। ଇତିମଧ୍ୟରେ ପଶ୍ଚିମବଙ୍ଗ ଅର୍ଥମନ୍ତ୍ରୀ ଅମିତ ମିତ୍ର ମଙ୍ଗଳବାର ସୀତାରାମନ୍‌ଙ୍କୁ ପତ୍ର ଲେଖି ମାତ୍ର ଗୋଟିଏ ଏଜେଣ୍ଡା ପାଇଁ ତରବରିଆ ବୈଠକ ଡାକିବାକୁ ବିରୋଧ କରିଥିଲେ।

### ୨ଟି କଦଳୀ ଦାମ୍ ୪୪୨ ଟଙ୍କା

**ନୂଆଦିଲ୍ଲୀ,୨୫-୭:** ବଲିଉଡ୍ ଷ୍ଟାର୍ ରାହୁଲ ବୋଷ ଚଣ୍ଡିଗଡର ଏକ ସମୃଦ୍ଧ ହୋଟେଲରେ ଖାଇବା ବେଳେ ମାତ୍ର ୨ଟି କଦଳୀ ପାଇଁ ୪୪୨ ଟଙ୍କା ପ୍ରଦାନ କରିଛନ୍ତି। ସେ ଏ ସମ୍ପର୍କରେ ଟୁଇଟରରେ ସେ ଏକ ଭିଡିଓ ପୋଷ୍ଟ କରି ନିଜର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହା ଜଣାପଡିବା ପରେ କର୍ତ୍ତୃପକ୍ଷଙ୍କ ପକ୍ଷରୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ରାହୁଲ ତାଙ୍କ ଭିଡିଓରେ ଦର୍ଶାଇଛନ୍ତି ଯେ, ହୋଟେଲ ଜେଡବ୍ଲ୍ୟୁ ମାରିୟଟ ମାତ୍ର ୨ଟି କଦଳୀ ପାଇଁ ୪୪୨.୫୦ ଟଙ୍କା ଆଦାୟ କରିଛି। ସମସ୍ତଙ୍କୁ ଏହା ବିଶ୍ୱାସ କରିବାକୁ ହେବ। ଏହି ଟୁଇଟର ପୋଷ୍ଟ ସମ୍ପର୍କରେ ଜାଣିବା ପରେ ଚଣ୍ଡିଗଡ ଡେପୁଟି ଏକ୍ସାଇଜ ଆଣ୍ଡ ଟ୍ୟାକ୍ସେଶନ କମିଶନର ମନଦୀପ ସିଂ ବ୍ରାର୍ ବୁଧବାର ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

## ■ ଚାଇନା ୱେବ୍‌ସାଇଟରେ ଶପିଂ
# ଦେବାକୁ ହେବ ୫୦% ଅଧିକ ଟିକସ

- ■ ୫ ହଜାର ଟଙ୍କାରୁ କମ୍ ମୂଲ୍ୟର ଉପହାର ବିଦେଶରୁ ଅଣାଯାଇପାରିବ
- ■ ଚାଇନା କମ୍ପାନୀ ଏହାର ଫାଇଦା ନେଇ ଟିକସ ଦେଉନାହାନ୍ତି
- ■ ପେମେଣ୍ଟ ଗେଟ୍‌ୱେକୁ ଟିକସ ବ୍ୟବସ୍ଥାରେ ସାମିଲ କରିବା ବିଚାର




ନୂଆଦିଲ୍ଲୀ,୨୫-୭

ଚାଇନାର ଇ-କମର୍ସ ପ୍ଲାଟଫର୍ମରୁ ସାମଗ୍ରୀ କିଣୁଥିବା ଗ୍ରାହକ ସାବଧାନ ହୋଇଯାଆନ୍ତୁ। ଖୁବ୍‌ଶୀଘ୍ର ସେମାନଙ୍କଠାରୁ ସାମଗ୍ରୀ କିଣିବା ବାବଦରେ ୪୦ରୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ଜିଏସ୍‌ଟି ଏବଂ କଷ୍ଟମ୍ସ ଡ୍ୟୁଟି ଆଦାୟ କରାଯିବ।

ପ୍ରାପ୍ତ ସୂଚନାରୁ ପ୍ରକାଶ, ଚାଇନାର ଇ-କମର୍ସ କମ୍ପାନୀରୁ କିଣାଯାଉଥିବା ସାମଗ୍ରୀ ଉପରେ ଇଣ୍ଟିଗ୍ରେଟେଡ ଜିଏସ୍‌ଟି(ଆଇଜିଏସ୍‌ଟି)ର ବ୍ଲେଣ୍ଡେଡ୍ ଫ୍ଲାଟ୍ ଟିକସ ଏବଂ କଷ୍ଟମ୍ସ ଡ୍ୟୁଟି ଆଦାୟ କରିବାକୁ ଆୟକର ବିଭାଗ ବିଚାର କରୁଛି। ଚାଇନାର ଇ-କମର୍ସ ସାଇଟ୍‌ରୁ ଅବୈଧ ଭାବେ ମାଲ୍ କିଣିବାକୁ ରୋକିବା ଲାଗି ଏଭଳି ପଦକ୍ଷେପ ନିଆଯାଉଥିବା ମନେକରାଯାଉଛି।

ଏହି ମାମଲା ସହ ଜଡ଼ିତ ଦୁଇଟି ସୂତ୍ରରୁ କୁହାଯାଇଛି ଯେ, ଚାଇନାର ଅନ୍‌ଲାଇନ ୱେବସାଇଟରୁ ଶପିଂ କରୁଥିବା ଗ୍ରାହକଙ୍କଠାରୁ ଏହି ଟିକସ ଆଦାୟ କରାଯିବ। ଗତ ବର୍ଷକ ମଧ୍ୟରେ ଗିଫ୍ଟ ରୂପରେ ଚାଇନାରୁ ଆସିଥିବା ସାମଗ୍ରୀ ଭର୍ତ୍ତି ଜାହାଜକୁ କଷ୍ଟମ ବିଭାଗ ଧରିଥିବାର ବହୁ ନଜିର ରହିଛି। ଦେଶରେ ପ୍ରଚଳିତ ଆଇନ ଅନୁସାରେ ୫୦୦୦ ଟଙ୍କାରୁ କମ୍ ମୂଲ୍ୟର ସାମଗ୍ରୀକୁ ଉପହାର ରୂପରେ ବିଦେଶରୁ ଆଣିହେବ। ଏହା ଉପରେ କୌଣସି କଷ୍ଟମ୍ସ ଡ୍ୟୁଟି ଲାଗୁ କରାଯାଏ ନାହିଁ। ଚାଇନା ସମେତ ବହୁ ବିଦେଶୀ ଇ-କମର୍ସ ୱେବ୍‌ସାଇଟ ଏହି ନିୟମର ଫାଇଦା ଉଠାଇ ଉପହାର ଛଳରେ କୌଣସି ଡ୍ୟୁଟି ନ ଦେଇ ନିଜର ସାମଗ୍ରୀକୁ ଭାରତ ପଠାଇ ଚାଲିଛନ୍ତି। ପ୍ରାପ୍ତ ସୂତ୍ର ଅନୁଯାୟୀ କ୍ଲବ୍ ଫ୍ୟାକ୍ଟ୍ରି, ଅଲିଏକ୍ସପ୍ରେସ ଓ ଶୀନ୍ ଭଳି ଚାଇନା ରିଟେଲର ଟିକସ ବିଭାଗର ନଜରରେ ରହିଛି। ଉକ୍ତ ପଦକ୍ଷେପ ଯୋଗୁ ସେମାନଙ୍କର ବ୍ୟବସାୟ ପ୍ରଭାବିତ ହେବ। ଏହି ଯୋଜନାରେ ସରକାର ପେମେଣ୍ଟ ଗେଟ୍‌ୱେକୁ ସାମିଲ କରିବାକୁ ଭାବୁଛନ୍ତି। ଏହାଦ୍ୱାରା ଗ୍ରାହକ ଚାଇନାରୁ ସାମଗ୍ରୀ କିଣିବା ମାତ୍ରେ ଏହାର ମୂଲ୍ୟ ଉପରେ ଆଇଜିଏସ୍‌ଟି ଏବଂ କଷ୍ଟମ ଡ୍ୟୁଟିକୁ ସାମିଲ କରାଯିବ। ଅଦ୍ୟାବଧି ଭିନ୍ନ ଶ୍ରେଣୀ ପାଇଁ ଅଲଗା ଟିକସ ଅଥବା ଏକ ବ୍ଲେଣ୍ଡେଡ ଟିକସ ହାର ଆଦାୟ କରାଯିବା ନେଇ ସରକାର ଆଜିଯାଏ ନିଷ୍ପତ୍ତି ନେଇ ପାରୁ ନ ଥିଲେ।

### ଚାଇନାରୁ ଭାରତ ଆସିବ ଟପ୍ ଖେଳଣା କମ୍ପାନୀ

**ନୂଆଦିଲ୍ଲୀ,୨୫-୭:** ଆମେରିକା ସହିତ ଜାରି ଟ୍ରେଡ୍ ୱାର୍ ଚାଇନା ପାଇଁ ମହଙ୍ଗା ସାବ୍ୟସ୍ତ ହେଉଛି। କମ୍ପାନୀଗୁଡ଼ିକ ଚାଇନାରୁ ନିଜର କାରଖାନା ଅନ୍ୟ ଦେଶକୁ ସ୍ଥାନାନ୍ତର କରିବା ଆରମ୍ଭ କଲେଣି। ମିଡିଆ ରିପୋର୍ଟ ଅନୁଯାୟୀ ବିଶ୍ୱର ସର୍ବବୃହତ୍ ଖେଳଣା କମ୍ପାନୀଗୁଡ଼ିକ ମଧ୍ୟରୁ ଅନ୍ୟତମ ହାସ୍‌ବ୍ରୋ ଇଙ୍କ୍ ଚାଇନାରୁ ନିଜର କାରଖାନାକୁ ଭିଏତ୍‌ନାମ ଏବଂ ଭାରତକୁ ସ୍ଥାନାନ୍ତର କରିବାକୁ ବିଚାର କରୁଛି।

ସାର୍ବଜନୀନ ରୂପରେ କାରବାର କରୁଥିବା ସବୁଠାରୁ ବଡ଼ ଖେଳଣା ନିର୍ମାତା କମ୍ପାନୀ ନିକଟରେ 'ଫ୍ରୋଜନ୍' ଏବଂ 'ଆଭେଞ୍ଜର୍ସ' ଭଳି ଫ୍ରାଞ୍ଚାଇଜ ରହିଛି। କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ଚାଇନାରେ ଆମେରିକା ସାମଗ୍ରୀ ଉତ୍ପାଦନ ୨୦୨୦ ଶେଷ ସୁଦ୍ଧା ୫୦% ପର୍ଯ୍ୟନ୍ତ ହ୍ରାସ ପାଇବ। ସୂଚନାଯୋଗ୍ୟ ଯେ, ଆମେରିକା ସହ ଟ୍ରେଡ ୱାର୍ ଆରମ୍ଭ ହେବା ପରେ ଚାଇନାର ଅର୍ଥନୀତି ଧିମା ହେବାରେ ଲାଗିଛି। ସେଠାରେ ଉତ୍ପାଦନ କରୁଥିବା ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକ ଏବେ ଅନ୍ୟ ଦେଶକୁ ଚାଲିଯିବାକୁ ଚିନ୍ତା କରୁଛନ୍ତି। ହାସବ୍ରୋ ଇଙ୍କ ଏହି କମ୍ପାନୀଙ୍କ ମଧ୍ୟରେ ଅନ୍ୟତମ। ତେବେ ଇଣ୍ଟେଲ କର୍ପ ମଧ୍ୟ ଚାଇନାରୁ ତା'ର ବହିବସ୍ତାନି ଗୋଟାଇବ ବୋଲି ସଙ୍କେତ ଦେଇସାରିଛି। ହାସ୍‌ବ୍ରୋର ଚିଫ୍ ଏକ୍‌ଜିକ୍ୟୁଟିଭ ଅଫିସର ବ୍ରାୟାନ ଗୋଲ୍ଡନର କହିଛନ୍ତି ଯେ, କମ୍ପାନୀ ନିଜର ପାଦ ବଢ଼ାଇଚାଲିଛି। ଉତ୍ପାଦନ ବଢ଼ାଇବା ଲାଗି ଏହା ଭୌଗୋଳିକ କ୍ଷେତ୍ରକୁ ଯୋଡି ଚାଲିଛି।

### ■ ବଦଳିକୁ ବିରୋଧ
### ସୁଭାଷ ଗର୍ଗ ଭିଆର୍‌ଏସ୍ ନେବେ

ନୂଆଦିଲ୍ଲୀ,୨୫-୭

ରାଜସ୍ଥାନ କ୍ୟାଡର ଆଇଏଏସ୍ ଅଧିକାରୀ ସୁଭାଷ ଚନ୍ଦ୍ର ଗର୍ଗ ବିଭାଗ ବଦଳିବାର ଦିନକ ପରେ ସ୍ୱେଚ୍ଛା ଅବସର ଯୋଜନା(ଭିଆର୍‌ଏସ୍)ରେ ଆବେଦନ କରିଛନ୍ତି। ତାଙ୍କୁ ବୁଧବାର ଅର୍ଥ ମନ୍ତ୍ରଣାଳୟରୁ ହଟାଇ ଶକ୍ତି ମନ୍ତ୍ରଣାଳୟର ସଚିବ ଭାବେ ନିଯୁକ୍ତ କରାଯାଇଥିଲା। ଏଥିପୂର୍ବରୁ ସେ ଅର୍ଥ ମନ୍ତ୍ରଣାଳୟର ସଚିବ ଥିଲେ। ଆସନ୍ତାବର୍ଷ ଅକ୍ଟୋବରରେ ସେ ଅବସର ନେଇଥାନ୍ତେ। ଦୀର୍ଘ ୧୯ ବର୍ଷ ପରେ ପ୍ରଥମ ଅର୍ଥ ସଚିବ ଭାବେ ସେ ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ତାଙ୍କ ସ୍ଥାନରେ ନିବେଶ ଏବଂ ରାଷ୍ଟ୍ରାୟତ୍ତ ସମ୍ପତ୍ତି ପରିଚାଳନା ବିଭାଗ ସଚିବ ଅତନୁ ଚକ୍ରବର୍ତ୍ତୀଙ୍କୁ କେନ୍ଦ୍ର ସରକାର ଆର୍ଥିକ ବ୍ୟାପାର ବିଭାଗ ସଚିବ ଭାବେ ନିଯୁକ୍ତ କରିଛନ୍ତି। ବିଭାଗ ବଦଳିବା କାରଣରୁ ଗର୍ଗ ବେଶ ଅସନ୍ତୁଷ୍ଟ ଥିଲେ ବୋଲି ମନେ କରାଯାଉଛି। ଅର୍ଥ ମନ୍ତ୍ରଣାଳୟରେ ସେ ସର୍ବବରିଷ୍ଠ ଥିଲେ। ସେ ଆର୍ଥିକ ନୀତି ଏବଂ ଆର୍‌ବିଆଇ ସମ୍ପର୍କିତ ମାମଲା ଦାୟିତ୍ୱରେ ଥିଲେ। ବଜେଟ ପ୍ରସ୍ତୁତ ପ୍ରକ୍ରିୟାରେ ସେ ସାମିଲ ହୋଇଥିଲେ।

## ନୀରବ ମୋଦିଙ୍କ ହାଜତ ମିଆଦ ବୃଦ୍ଧି



**ଲଣ୍ଡନ,୨୫-୭:** ବ୍ରିଟେନର ୱେଷ୍ଟ ମିନ୍‌ଷ୍ଟର ଅଦାଲତ ପଳାତକ ହୀରା ବ୍ୟବସାୟୀ ନୀରବ ମୋଦିଙ୍କ ହାଜତ ମିଆଦକୁ ଅଗଷ୍ଟ ୨୨ ଯାଏ ବୃଦ୍ଧି କରିଛନ୍ତି। ଏଥିପୂର୍ବରୁ ବ୍ରିଟିଶ ଉଚ୍ଚ ଅଦାଲତ ଜୁନ୍ ୧୨ରେ ତାଙ୍କର ଜାମିନ ଆବେଦନକୁ ଖାରଜ କରି ଜୁଲାଇ ୨୫ ପର୍ଯ୍ୟନ୍ତ ହାଜତରେ ରହିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ୱାଣ୍ଡସ୍‌ୱର୍ଥ ଜେଲ୍‌ରୁ ଭିଡିଓ କନଫରେନ୍ସ ଜରିଆରେ ନୀରବଙ୍କୁ କୋର୍ଟରେ ହାଜର କରାଯାଇଥିଲା। ତାଙ୍କ ପକ୍ଷରୁ ଆଗତ ୪ଥର ଜାମିନ ଆବେଦନକୁ ଅଦାଲତ ଖାରଜ କରିସାରିଛନ୍ତି। ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ମହାଦୁର୍ନୀତି ମାମଲାରେ ତାଙ୍କୁ ପ୍ରତ୍ୟର୍ପଣ ଲାଗି ଭାରତ ପକ୍ଷରୁ ଆବେଦନ କରାଯାଇଛି। ଚିଫ୍ ମାଜିଷ୍ଟ୍ରେଟ ଏମ୍ମା ଆର୍ବୁଥନଟ୍ କହିଛନ୍ତି ଯେ, ଆସନ୍ତାବର୍ଷ ମେ'ରେ ନୀରବଙ୍କ ପ୍ରତ୍ୟର୍ପଣ ନେଇ ୫ ଦିନିଆ ଶୁଣାଣି ହେବ।

## ଭାରତରେ ପେମେଣ୍ଟ ସର୍ଭିସ ଆରମ୍ଭ କରିବ ହ୍ୱାଟ୍ସଆପ୍

ନୂଆଦିଲ୍ଲୀ,୨୫-୭



ପେମେଣ୍ଟ ସର୍ଭିସ ପ୍ରଦାନ କ୍ଷେତ୍ରରେ ବଜାରରେ ନିଜର ବ୍ୟବସାୟ କରୁଥିବା ପେଟିଏମ୍, ଗୁଗଲ ପେ, ଭୀମ ଆପ୍, ଫୋନ୍‌ପେ ଭଳି କମ୍ପାନୀଙ୍କୁ ଟକ୍କର ଦେବା ଲାଗି ଚଳିତ ବର୍ଷ ଭାରତରେ ହ୍ୱାଟ୍ସଆପ୍ ନିଜର ପେମେଣ୍ଟ ସର୍ଭିସ ଆରମ୍ଭ କରିବାକୁ ଯାଉଛି। ଭାରତ ଗସ୍ତରେ ଆସିବା ଅବସରରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ କମ୍ପାନୀର ଗ୍ଲୋବାଲ ଭାଇସ ପ୍ରେସିଡେଣ୍ଟ ୱିଲ୍ କ୍ୟାଥକାର୍ଟ ଏ ସମ୍ପର୍କରେ ଘୋଷଣା କରିଛନ୍ତି। ଏହି ମେସେଜିଂ ଆପ୍ ଗତ ଏକ ବର୍ଷ ହେବ ନିଜର ୧୦ ଲକ୍ଷ ୟୁଜରଙ୍କୁ ସାଥିରେ ନେଇ ପେମେଣ୍ଟ ସର୍ଭିସକୁ ପରୀକ୍ଷାମୂଳକ ଭାବେ ଚଳାଇଛି। ଭାରତରେ ହ୍ୱାଟ୍ସଆପ୍‌ର ପ୍ରାୟ ୪୦ କୋଟି ଓ ସାରା ଦୁନିଆରେ ୧୫୦ କୋଟି ୟୁଜର ରହିଛନ୍ତି। କମ୍ପାନୀ ଭାରତ ବ୍ୟତୀତ ଅନ୍ୟ ଦେଶରେ ମଧ୍ୟ ପେମେଣ୍ଟ ସେବା ଆରମ୍ଭ କରିବାକୁ ଚାହୁଁଛି। ତେବେ ଭାରତରେ ପେମେଣ୍ଟ ସର୍ଭିସ ଆରମ୍ଭ କରିବା ଲାଗି ହ୍ୱାଟ୍ସଆପ୍‌କୁ ଅଥେଣ୍ଟିକେଶନ ଏବଂ ଡାଟା ଷ୍ଟୋରେଜ ଭଳି ସମସ୍ୟାର ସମ୍ମୁଖୀନ ହେବାକୁ ପଡିବ। ଅନ୍ୟପକ୍ଷରେ ପୂର୍ବରୁ ପ୍ରତିଯୋଗିତାରେ ଥିବା ଅନ୍ୟ କମ୍ପାନୀଗୁଡ଼ିକ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ହ୍ୱାଟ୍ସଆପ୍‌ର ପେମେଣ୍ଟ ପ୍ଲାଟଫର୍ମ ଉପଭୋକ୍ତାଙ୍କ ଲାଗି ବିପଦପୂର୍ଣ୍ଣ ହେବ। ଏହା ନିର୍ଦ୍ଧାରିତ ନିୟମ ଅନୁଯାୟୀ ଆରମ୍ଭ ହେବ ନାହିଁ। ସୂଚନାଥାଉ କି, ଆର୍‌ବିଆଇର ନିୟମ ଅନୁଯାୟୀ ଏହା ପେମେଣ୍ଟ ସମ୍ପର୍କିତ ଡାଟାକୁ ଭାରତରେ ରଖିବା ନେଇ ବ୍ୟବସ୍ଥା କରିସାରିଛି ବୋଲି ହ୍ୱାଟ୍ସଆପ୍ ପକ୍ଷରୁ ଗତବର୍ଷ କୁହାଯାଇଛି। ଚଳିତ ବର୍ଷ ମେ'ରେ କମ୍ପାନୀ ପକ୍ଷରୁ ସୁପ୍ରିମକୋର୍ଟରେ କୁହାଯାଇଛି ଯେ, ଜୁଲାଇ ସୁଦ୍ଧା କମ୍ପାନୀର ପରୀକ୍ଷାମୂଳକ ପେମେଣ୍ଟ ସର୍ଭିସ୍ ବ୍ୟବସ୍ଥା ଶେଷ ହୋଇଯିବାର ଆଶାକରାଯାଉଛି। ତେବେ ଏହା ଆର୍‌ବିଆଇ ନିୟମ ପାଳନ ସମ୍ପୂର୍ଣ୍ଣ ନ ହେବା ଯାଏ ଭାରତରେ ପେମେଣ୍ଟ ସର୍ଭିସ ସିଷ୍ଟମ ଆରମ୍ଭ କରିବ ନାହିଁ ବୋଲି ହ୍ୱାଟ୍ସଆପ୍ କହିଛି।

# ଯାଞ୍ଚ ଘେରରେ ବୃହତ୍ ଟେକ୍ କମ୍ପାନୀ

ୱାଶିଂଟନ/ଭୁବନେଶ୍ୱର(ବ୍ୟୁରୋ)୨୫-୭




**ଫେସ୍‌ବୁକ, ଗୁଗଲ, ଆମାଜନ ଭଳି ଆମେରିକାର ବୃହତ ଟେକ୍ ଓ ଇ-କମର୍ସ କମ୍ପାନୀ ନିଜର କ୍ଷମତା ଓ ପ୍ରତିପତ୍ତିର ବିସ୍ତାର କରି ସରକାର ତଥା ବ୍ୟବସାୟକୁ ପ୍ରଭାବିତ କରୁଥିବାରୁ ଏବେ ଯାଞ୍ଚ ଘେରକୁ ଆସିଗଲେଣି। ସେମାନଙ୍କର ଏକଚାଟିଆ ବ୍ୟବସାୟିକ ନୀତି ଯୋଗୁ ପ୍ରତିଯୋଗିତା ପ୍ରାୟ ଶେଷ ହୋଇଗଲାଣି। ପରିସ୍ଥିତି ଏପରି ହେଲାଣି ଯେ, ଟ୍ରମ୍ପ ପ୍ରଶାସନ ନିକଟରେ ସେମାନଙ୍କର ପକ୍ଷଚ୍ଛେଦନ ପାଇଁ ଦାବି ଜୋର୍ ଧରିଛି। ଆମେରିକା ସରକାର ମଧ୍ୟ ଏହି ବୃହତ୍ ଟେକ୍ କମ୍ପାନୀଙ୍କ କାର୍ଯ୍ୟଶୈଳୀକୁ ନେଇ ସନ୍ତୁଷ୍ଟ ନୁହନ୍ତି। କୌଣସି ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପୂର୍ବରୁ ଫେସ୍‌ବୁକ, ଗୁଗଲ, ଆମାଜନ ବିରୋଧରେ ବ୍ୟାପକ ତଦନ୍ତ କରିବାକୁ ପ୍ରଶାସନିକ ନିଷ୍ପତ୍ତି ନିଆଯାଇଛି।**

### ବଢ଼ିଛି ଚିନ୍ତା

ବିଶେଷଜ୍ଞ ଓ ସମାଲୋଚକଙ୍କ କହିବାନୁଯାୟୀ, ଏହି ୩ ବୃହତ୍ ଟେକ୍ କମ୍ପାନୀଙ୍କ ଏକଚାଟିଆ ବ୍ୟବହାରକୁ ନେଇ ଯେ କେବଳ ଚିନ୍ତା ବଢ଼ିଛି ତାହା ନୁହେ ଏଥିସହିତ ଗୋପନୀୟତା ଏବଂ ରାଜନୀତି ମଧ୍ୟ ଜଡ଼ିତ ରହିଛି। ଜଷ୍ଟିସ୍ ଡିପାର୍ଟମେଣ୍ଟ କେଉଁ କମ୍ପାନୀଗୁଡ଼ିକ ବିରୋଧରେ ଯାଞ୍ଚ କରିବ ସେ ସମ୍ପର୍କରେ ଉଲ୍ଲେଖ କରିନାହିଁ ସତ ତେବେ ଉକ୍ତ ୩ ବୃହତ କମ୍ପାନୀ ଏହାର ଯାଞ୍ଚ ପରିସରରେ ରହିଥିବା ସ୍ପଷ୍ଟ ହୋଇଛି।

### କିଭଳି ହୋଇଛନ୍ତି ବିପଦ

#### ■ ଫେସ୍‌ବୁକ

ସାରା ବିଶ୍ୱରେ ପ୍ରାୟ ୨୭୦ କୋଟି ୟୁଜର ଏହି କମ୍ପାନୀର ମୁଖ୍ୟ ୱେବ୍‌ସାଇଟ୍‌କୁ ବ୍ୟବହାର କରୁଛନ୍ତି। ଏହିସହିତ ଏହାର ଦୁଇ ସହଯୋଗୀ କମ୍ପାନୀ ଇନ୍‌ଷ୍ଟାଗ୍ରାମ୍ ଓ ହ୍ୱାଟ୍ସଆପ୍ ମଧ୍ୟ ୟୁଜରଙ୍କୁ ସହାୟତା କରିଚାଲିଛି। ଏହାକୁ ଦୃଷ୍ଟିରେ ରଖିଲେ ଏହା ପ୍ରାୟ ୧୦୦ କୋଟିରୁ ଊର୍ଦ୍ଧ୍ୱ ୟୁଜରଙ୍କ ଡାଟାକୁ ନିୟନ୍ତ୍ରଣ କରୁଛି। ଡାଟାର ଅପବ୍ୟବହାର ସହ ଏହାକୁ ନେଇ ଯେ କାରସାଦି କରି ହେବ ତାହା କେମ୍ବ୍ରିଜ ଆନାଲିଟିକା ଦୁର୍ନୀତିର ପର୍ଦ୍ଦାଫାଶ୍ ପରେ ଜଣାପଡିଛି। ଗୋପନୀୟତା ଭଙ୍ଗ କରିବା ଅଭିଯୋଗରେ ବୁଧବାର ଫେଡେରାଲ ଟ୍ରେଡ୍ କମିଶନ ଫେସ୍‌ବୁକ୍ ବିରୋଧରେ ୫ ବିଲିୟନ ଡଲାର ଜରିମାନା ଆଦାୟ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅର୍ଥ ଦେବାକୁ କମ୍ପାନୀ ରାଜି ମଧ୍ୟ ହୋଇଯାଇଛି। ସେହିପରି ସିକ୍ୟୁରିଟି ରେଗୁଲେଟରଙ୍କୁ ଭୁଆଁ ବୁଲାଇବା ଅଭିଯୋଗରେ ଏହା ଆହୁରି ୧୦୦ମିଲିୟନ ଡଲାର ଦେବାକୁ ସମ୍ମତି ପ୍ରକାଶ କରିଛି।

#### ■ ଗୁଗଲ

ବିଶେଷଜ୍ଞଙ୍କ କହିବାନୁଯାୟୀ, ସାରା ବିଶ୍ୱରେ ଭରସାଯୁକ୍ତ ସର୍ଚ୍ଚ ଇଞ୍ଜିନ ଭାବେ ୟୁଜରଙ୍କ ଅତି ପ୍ରିୟ ହୋଇଥିବାରୁ ଅନ୍ୟ ପ୍ରତିଯୋଗୀଙ୍କ ଅପେକ୍ଷା ଗୁଗଲ ନିଜର ଉତ୍ପାଦ, ବିଜ୍ଞାପନ ଆଦିକୁ ନିଜ ୱେବ୍‌ସାଇଟ୍‌ରେ ପ୍ରଦର୍ଶନ କରିପାରୁଛି। ସେହିପରି ସ୍ମାର୍ଟଫୋନ ନିର୍ମାତାଙ୍କ ସହ ଷଡଯନ୍ତ୍ର କରି ମୋବାଇଲ ଫୋନ୍‌ରେ ନିଜର ଉତ୍ପାଦ ଓ ବିଜ୍ଞାପନ ପ୍ରଦର୍ଶନ କରୁଥିବା ନେଇ କମ୍ପାନୀ ବିରୋଧରେ ଅଭିଯୋଗ ହୋଇଛି। ଏହାକୁ ନେଇ ଯାଞ୍ଚ ମଧ୍ୟ ହୋଇଛି। ଏହାଛଡ଼ା ଗୁଗଲ ପକ୍ଷରୁ ବିଜ୍ଞାପନ ପ୍ରଦର୍ଶନ ସବୁଠୁ ବଡ଼ ଚିନ୍ତାର ବିଷୟ ହୋଇଛି। ଏହି କାରଣରୁ କମ୍ପାନୀ ବିରୋଧରେ ଅବିଶ୍ୱାସ ଅଭିଯୋଗ ଆଣି ୟୁରୋପୀୟ ୟୁନିୟନ ୮ ବିଲିୟନ ଡଲାର ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛି।

#### ■ ଆମାଜନ

ବିଶ୍ୱର ବହୁ ଦେଶରେ ଆମାଜନ ଇ-କମର୍ସ ବ୍ୟବସାୟରେ ପ୍ରାଧାନ୍ୟ ବିସ୍ତାର କରିଛି। ଏହା ଡାଟାକୁ ବ୍ୟବହାର କରି ଥାର୍ଡ ପାର୍ଟି ମର୍ଚ୍ଚାଣ୍ଟଙ୍କ ଉପରେ ନିଜର ପ୍ରଭାବ ବିସ୍ତାର କରିପାରୁଛି। ଫଳରେ ଉଭୟ ଗ୍ରାହକ ଓ ଅନ୍ୟ ପ୍ରତିଯୋଗୀମାନେ ପ୍ରଭାବିତ ହେଉଛନ୍ତି। ଜଣେ କଂଗ୍ରେସ ସାଂସଦଙ୍କ ଅଭିଯୋଗ ଅନୁଯାୟୀ, ଆମାଜନ ନିଜ ବ୍ରାଣ୍ଡରେ ବିଶିଷ୍ଟ କଳାକାରଙ୍କ ଦ୍ୱାରା ନିର୍ମିତ ସାମଗ୍ରୀର ପ୍ରତିରୂପ ବଜାରକୁ ଛାଡୁଛି ଏବଂ ଗ୍ରାହକଙ୍କୁ ନିଜ ଉତ୍ପାଦ ସହ ଯୋଡୁଛି। ଆମାଜନ ରିଟେଲ ଉଦ୍ୟୋଗକୁ ନଷ୍ଟ କରିଦେଉଛି ବୋଲି ୟୁଏସ୍ ଟ୍ରେଜେରି ସଚିବ ଷ୍ଟିଭ୍ ଏମ୍‌ନୁଚିନ ଅଭିଯୋଗ କରିଛନ୍ତି।

### କ'ଣ ହେବ ତଦନ୍ତ

ଏମାନଙ୍କ ବିରୋଧରେ ବିଭିନ୍ନ ଦୃଷ୍ଟିକୋଣରୁ ଯାଞ୍ଚ କରିବା ଲାଗି ୟୁଏସ୍ ଡିପାର୍ଟମେଣ୍ଟ ଘୋଷଣା କରିଛି। ବ୍ୟବସାୟ କ୍ଷେତ୍ରରେ ସେମାନେ ପ୍ରତିଯୋଗିତାକୁ ନଷ୍ଟ କରିଦେବା ଲାଗି ଉଦ୍ୟମ କରୁଛନ୍ତି କି, ସେ ସମ୍ପର୍କରେ ଯାଞ୍ଚ ହେବ ବୋଲି ଡିପାର୍ଟମେଣ୍ଟ କହିଛି। ଏହି ଅନ୍‌ଲାଇନ ମାର୍କେଟିଂ କମ୍ପାନୀଗୁଡ଼ିକ କିଭଳି ଦିନକୁ ଦିନ କ୍ଷମତା ବୃଦ୍ଧି କଲେ, ପ୍ରତିଯୋଗିତାକୁ ଶେଷ କରିଦେବା ଲାଗି ସେମାନେ କେଉଁ ରଣନୀତି ଆପଣାଇଲେ, ଇନୋଭେଶନକୁ କିପରି ଭାବେ ଶ୍ୱାସରୁଦ୍ଧ କରାଯାଉଛି ଆଦି ସମ୍ପର୍କରେ ତଦନ୍ତ ହେବ ବୋଲି କୁହାଯାଇଛି। ଆମେରିକା ଡିପାର୍ଟମେଣ୍ଟ ଅଫ୍ ଜଷ୍ଟିସ୍ ଆଣ୍ଟିଟ୍ରଷ୍ଟ ଡିଭିଜନ ପକ୍ଷରୁ କୁହାଯାଇଛି ଯେ, ଏହି କମ୍ପାନୀଗୁଡ଼ିକ ନିଜର କ୍ଷମତାର ପ୍ରୟୋଗ କରି ପ୍ରତିଯୋଗିତାକୁ କୋଣଠେସା କରୁଛନ୍ତି କିନା ଯାଞ୍ଚ ହେବ। ସେହିପରି ଗୁଗଲ, ଫେସ୍‌ବୁକ୍, ଆମାଜନ ଓ ଆପଲ ଦ୍ୱାରା ଗ୍ରହଣ କରାଯାଉଥିବା ଆକ୍ରମଣାତ୍ମକ ବ୍ୟବସାୟିକ ବ୍ୟବସ୍ଥା ସମ୍ପର୍କରେ ୟୁଏସ୍ ଲେଜିସ୍‌ଲେଟିଭ କମିଟି ସ୍ୱତନ୍ତ୍ର ଭାବେ ଯାଞ୍ଚ ଆରମ୍ଭ କରିଛି।

### ଦୃଢ଼ ନିୟାମକ ବ୍ୟବସ୍ଥା ଲୋଡା



ୟୁଜର କ'ଣ ଶେୟାର କରିବେ କଣ ନାହିଁ ତାହା ଜାଣିପାରୁ ନାହାନ୍ତି। ଫଳରେ ସେମାନଙ୍କ ଗତିବିଧି କମ୍ପାନୀଗୁଡିକ ଜାଣି ପାରୁଛନ୍ତି। ଡାଟା ଶେୟାର ବେଳେ ସଚେତନତାର ଅଭାବ ରହୁଛି। ଏହାର ଅଭାବରୁ କମ୍ପାନୀଗୁଡିକ ୟୁଜର ଡାଟାକୁ ନେଇ ଆହୁରି ଦୃଢ ଭାବେ ବ୍ୟବହାର କରିବେ। ଡାଟାକୁ ନିଜ ସ୍ୱାର୍ଥ ଲାଗି କମ୍ପାନୀ ବ୍ୟବହାର ନ କରିବେ ବୋଲି କହି ହେବ ନାହିଁ। ଟେକ୍ନୋଲୋଜି କମ୍ପାନୀରେ ବାଣିଜ୍ୟିକ ନିୟମ ଉଲ୍ଲଂଘନର ନଜିର ରହିଛି। ଫଳରେ ଆମେରିକାରେ ବଡ ଟେକ୍ନୋଲୋଜି କମ୍ପାନୀ ତଦନ୍ତ ଘେରକୁ ଆସୁଛନ୍ତି। ଦୃଢ ନିୟାମକ ଏବଂ ନିୟମ ଅବମାନନାରେ କଠୋର ଜରିମାନା ଲାଗୁ ହେଲେ ଏଭଳି କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରାଯାଇ ପାରିବ।

**– ଜ୍ଞାନ ପାଣିଗ୍ରାହୀ, ସିନିୟର ସାଇବର ସିକ୍ୟୁରିଟି ଆନାଲିଷ୍ଟ**

### ଏକଚାଟିଆ କାର୍ଯ୍ୟ ଉପରେ ରୋକ ଲାଗୁ



ୟୁଜର ବା ଗ୍ରାହକଙ୍କୁ ନେଇ କମ୍ପାନୀ ଶକ୍ତିଶାଳୀ। ଉନ୍ନତ ରାଜସ୍ୱ ଯୋଗୁ ବଡ ଟେକ୍ନୋଲୋଜି କମ୍ପାନୀଗୁଡିକ ଏକଚାଟିଆ ହୋଇ ପଡୁଛନ୍ତି। ସେମାନଙ୍କ ସାମ୍ନାରେ ପ୍ରତ୍ୟକ୍ଷ ଭାବେ ଏକ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳୁ ନାହିଁ। ଏହା ଫଳରେ ମନମୁଖୀ କାର୍ଯ୍ୟ ଦେଖିବାକୁ ମିଳୁଛି। ବାଣିଜ୍ୟ ନିୟମ ଠିକ୍ ଭାବେ ପାଳନ ଏବଂ ନିୟମ ଅବମାନନାରେ କଠୋର ଜରିମାନା ପ୍ରଦାନ ନେଇ ନିର୍ଦ୍ଦେଶ ଦିଆଯାଉଛି।

**– ସ୍ୱସ୍ତିକ ଷଡଙ୍ଗୀ, ଆଇଟି ଆସେଟ୍ ଇଞ୍ଜିନିୟର**

### ବାଣିଜ୍ୟିକ ସ୍ୱାର୍ଥକୁ ଅଧିକ ଦେଖୁଛନ୍ତି କମ୍ପାନୀ



ସୁରକ୍ଷିତ ଡାଟା କୌଣସି ଦେଶ ଲାଗି ଦୀର୍ଘମିଆଦୀ ଭିତ୍ତିରେ ଲାଭ ଦେବ। ଗୁଗୁଲ, ଫେସବୁକ ଭଳି କମ୍ପାନୀ ଡାଟା ନିୟନ୍ତ୍ରଣରେ ପ୍ରମୁଖ ସ୍ଥାନରେ ଅଛନ୍ତି। ଡାଟାର ଅପବ୍ୟବହାର ଅନେକ ଅସୁବିଧା ଡାକି ଆଣିଥାଏ। ଏବେ କମ୍ପାନୀଗୁଡିକ ସେମାନଙ୍କ ବାଣିଜ୍ୟିକ ସ୍ୱାର୍ଥକୁ ଅଧିକ ବିଚାର କରୁଛନ୍ତି। ଏଭଳି ବିଭିନ୍ନ ପ୍ରସଙ୍ଗ ଲାଗି କମ୍ପାନୀଗୁଡିକୁ ବୃହତ ପରିମାଣର ଜରିମାନା ଦେବାକୁ ନିର୍ଦ୍ଦେଶ ଦିଆଯାଉଛି। ଏକ୍ଷେତ୍ରରେ ବାଣିଜ୍ୟ ନୈତିକତା ଏବଂ ଅନ୍ତର୍ଜାତୀୟ ବାଣିଜ୍ୟ ନିୟମ ପାଳନ ହେବା ଆବଶ୍ୟକ। **– ଜି.ସନ୍ତୋଷ ବାବୁ, ଛାତ୍ର, ଅନୁଗୋଳ**

### ବେଆଇନ କାର୍ଯ୍ୟକଳାପ ନିୟନ୍ତ୍ରିତ ହେଉ



କମ୍ପାନୀଗୁଡିକ ଦୃଢ ୟୁଜର ବେସ୍ ମାଧ୍ୟମରେ ନିଜର ଏଜେଣ୍ଡା ଏବେ ପ୍ରସ୍ତୁତ କରୁଛନ୍ତି। ୟୁଜର ଅନୁସାରେ କମ୍ପାନୀଗୁଡିକ ପ୍ରଚୁର ଅର୍ଥ ରୋଜଗାର କରୁଛନ୍ତି। ହେଲେ ସ୍ୱାର୍ଥ ଆସିଲେ ସେହି ୟୁଜରଙ୍କ ଡାଟା କାହାକୁ ଶେୟାର କରିବାକୁ କମ୍ପାନୀ ପଛାଉ ନାହାନ୍ତି। ଏଭଳି ଅନ୍ୟ ଘଟଣାମାନ ବଡ ଟେକ୍ନୋଲୋଜି କମ୍ପାନୀରେ ଦେଖାଯାଉଛି। ଏକ ସୁସ୍ଥ ପ୍ରତିଦ୍ୱନ୍ଦ୍ୱିତା ରହୁ ନାହିଁ। ଏ କ୍ଷେତ୍ରରେ ବେଆଇନ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବାର ଆବଶ୍ୟକତା ରହିଛି।

**– ବଳରାମ ନାୟକ, ଆଣ୍ଡ୍ରଏଡ ଡେଭଲପର**

ଓଡ଼ିଶା ଶାସନ
ଜିଲ୍ଲା ଖଣିଜ ପ୍ରତିଷ୍ଠାନ DISTRICT MINERAL FOUNDATION
ଅନୁଗୋଳ ANGUL
ଖଣି ପ୍ରଭାବିତ ଅଞ୍ଚଳ ଓ ଲୋକଙ୍କ ବିକାଶ ଓ କଲ୍ୟାଣ
Development and Welfare of Mining Affected Areas & People
District Mineral Foundation, Angul
No. CAD-230
NOW HIRING DOCTORS
We Are Looking for Professional Individuals to Join Our Team

| | | | |
|---|---|---|---|
| O & G Specialist | : 2 No. | Anesthesia Specialist | : 3 Nos. |
| Pediatrics Specialist | : 5 Nos. | ENT Specialist | : 1 No. |
| Medicine Specialist | : 4 Nos. | Ophthalmic Specialist. | : 4 Nos. |
| Surgery Specialist | : 7 Nos. | Pathology Specialist | : 3 Nos. |
| Psychiatric Specialist | : 1 No. | Orthopedic Specialist | : 2 Nos. |
| | | MO (MBBS) | : 40 Nos. |

Send Application To
DMF Cell, DRDA Angul, Pin: 759122, Odisha
Or dmfangul@gmail.com
Last Date 31.08.2019
For More Details Please visit www.angul.nic.in
-Sd-
Collector & Chairperson-Cum-Managing Trustee, DMF, Angul
24012/11/0001/1920

> ଟେଷ୍ଟରେ ଆୟର୍ଲାଣ୍ଡ ଦିନେ ଇଂଲଣ୍ଡର ବିପର୍ଯ୍ୟୟ ଘଟାଉ, ମୋର ଏକ ସ୍ୱପ୍ନ ଥିଲା । ମୋ ୫ ଉଇକେଟ ସଫଳତା ସହ ଏହା ସାକାର ହୋଇଛି ।
> –ଟିମ୍ ମର୍ଟାଗ୍, ଆୟର୍ଲାଣ୍ଡ ବୋଲର



> ଶୁକ୍ରବାର ମୋ ଅନ୍ତର୍ଜାତୀୟ ଦିନିକିଆ କ୍ୟାରିୟରର ଅନ୍ତିମ ମ୍ୟାଚ ଖେଳି ଶ୍ରୀଲଙ୍କାର ଯୁବ ଖେଳାଳିଙ୍କ ପାଇଁ ସୁଯୋଗ ସୃଷ୍ଟି କରିବାକୁ ଯାଉଥିବାରୁ ମୁଁ ବହୁତ ଖୁସି ।
> –ଲସିଥ ମାଲିଙ୍ଗା, ଶ୍ରୀଲଙ୍କା ପେସ୍ ବୋଲର



## ସଂକ୍ଷେପରେ

### ଭାରତକୁ ଜିତାଇଲେ ଅଧିନାୟକ ପ୍ରିୟମ

ୱୁସେଷ୍ଟର, ୨୫।୭ (ପି.ଟି.)- ଅଧିନାୟକ ପ୍ରିୟମ ଗର୍ଗଙ୍କ ଅପରାଜିତ ଶତକୀୟ ଇନିଂସ ବଳରେ ଯୁବ ଭାରତୀୟ କ୍ରିକେଟ୍ ଦଳ ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ତ୍ରି-ରାଷ୍ଟ୍ରୀୟ ସିରିଜର ଏକ ମ୍ୟାଚ୍‌ରେ ବାଂଲାଦେଶକୁ ୩୫ ରନରେ ପରାସ୍ତ କରିଦେଇଛି। ଟସ୍ ଜିତି ବ୍ୟାଟିଂ କରିଥିବା ଭାରତ ଅଧିନାୟକ ପ୍ରିୟମଙ୍କ ୧୦୦ ରନ (୯୭ ବଲ) ବଳରେ ନିର୍ଦ୍ଧାରିତ ୫୦ ଓଭରରେ ୫ ଉଇକେଟ୍ ହରାଇ ୨୬୫ ରନ୍ କରିଥିଲା। ଓପନର୍ ଯଶସ୍ୱୀ ଜୟସ୍ୱାଲ ୬୩, ଉଇକେଟ୍‌କିପର ଧ୍ରୁବ ଜୁରେଲ ୩୪ ରନ୍ କରିଥିଲେ। ଜବାବରେ ବାଂଲାଦେଶ ଯୁବ ଦଳ ଅଧିନାୟକ ଆକବର ଅଲି (୫୬), ଶମିନ ହୋସେନ (୪୬), ତାଞ୍ଜିଦ୍ ହାସାନ (୪୪) ଓ ମୃତ୍ୟୁଞ୍ଜୟ ଚୌଧୁରୀ (୩୩)ଙ୍କ ଉପଯୁକ୍ତ ବ୍ୟାଟିଂ ସତ୍ତ୍ୱେ ୪୭.୧ ଓଭରରେ ସମସ୍ତ ଉଇକେଟ୍ ହରାଇ ୨୨୯ ରନରେ ସୀମିତ ରହିଥିଲା। ବିଜୟୀ ଦଳ ପକ୍ଷରୁ କାର୍ତ୍ତିକ ତ୍ୟାଗୀ ୪ ଓ ଶୁଭଙ୍ଗ୍ ହେଗ୍‌ଡେ ୩ ଉଇକେଟ୍ ଅକ୍ତିଆର କରିଥିଲେ। ପୂର୍ବରୁ ଭାରତ ଉଦ୍‌ଘାଟନୀ ମୁକାବିଲାରେ ଆୟୋଜକ ଇଂଲଣ୍ଡ ଯୁବ ଦଳକୁ ୫ ଉଇକେଟ୍‌ରେ ପରାସ୍ତ କରିଥିଲା। ଏଥିସହ ୨ ମ୍ୟାଚ୍‌ରୁ ୨ ବିଜୟ ଲାଭ କରି ଭାରତ ଯୁବ ଦଳ ୪ ପଏଣ୍ଟ ପାଇ ଟେବୁଲର ଶୀର୍ଷରେ ରହିଛି।

### ବିଶ୍ୱ ଚାମ୍ପିୟନଶିପ୍ ପଦକ ବିଜେତା ଅଲିମ୍ପିକ କ୍ୱାଲିଫାୟର ଖେଳିବେ

ନୂଆଦିଲ୍ଲୀ,୨୫।୭(ପି.ଟି.)- ଆଗକୁ ରୁଷିଆରେ ଆୟୋଜନ ହେବାକୁ ଥିବା ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍‌ରେ ପଦକ ହାସଲ କଲେ ଭାରତୀୟ ବକ୍ସରମାନେ ସିଧାସଳଖ ଅଲିମ୍ପିକ୍ସ କ୍ୱାଲିଫାୟର ଖେଳିବାକୁ ଯୋଗ୍ୟତା ହାସଲ କରିବେ। ଏଥିପାଇଁ ଜାତୀୟ ଦଳରେ ଏହି ପଦକ ବିଜେତା ବକ୍ସରମାନଙ୍କୁ ସାମିଲ କରାଯିବ ବୋଲି ବକ୍ସିଂ ହାଇପରଫର୍ମାନ୍ସ ଡାଇରେକ୍ଟର ସାଣ୍ଟିଆଗୋ ନିଏଭା କହିଛନ୍ତି। ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ଅନ୍ତର୍ଜାତୀୟ ବକ୍ସିଂ ଆସୋସିଏଶନ (ଏଆଇବିଏ)କୁ ସସ୍‌ପେଣ୍ଟ କରିବା ପରେ ରୁଷିଆରେ ଖେଳାଯିବାକୁ ଥିବା ବିଶ୍ୱ ଚାମ୍ପିୟନଶିପ୍ ଆଉ ଅଲିମ୍ପିକ୍ କ୍ୱାଲିଫାୟର ବିବେଚିତ ହେଉନାହିଁ। ଏଆଇବିଏରେ ହୋଇଥିବା ପ୍ରଶାସନିକ ଓ ଆର୍ଥିକ ପରିଚାଳନାରେ ତ୍ରୁଟି ଯୋଗୁ ସସ୍‌ପେଣ୍ଡ ହୋଇଛି ବୋଲି ଆଇଓସି ତରଫରୁ କୁହାଯାଉଛି। ଯେଉଁ ବକ୍ସରମାନେ ବିଶ୍ୱ ଚାମ୍ପିୟନଶିପ୍‌ରେ ପଦକ ଜିତିବେ ସେମାନେ ଅଲିମ୍ପିକ୍ସ କ୍ୱାଲିଫାୟର ପାଇଁ ସିଧାସଳଖ ଦଳରେ ସାମିଲ ହେବେ ବୋଲି ନିଏଭା କହିଛନ୍ତି। ଏପରି ହେଲେ ବକ୍ସରମାନେ ନିଜ ପ୍ରତିଭା ଓ ଦକ୍ଷତାର ପ୍ରମାଣ ଦେବେ ଓ ସେମାନଙ୍କ ପ୍ରତି କୌଣସି ଅନ୍ୟାୟ ହେବ ନାହିଁ। ୟେକାଟେରିନବର୍ଗ ସହରରେ ବିଶ୍ୱ ଚାମ୍ପିୟନଶିପ୍ ଆଗାମୀ ସେପ୍ଟେମ୍ବର ୭ରୁ ଆରମ୍ଭ ହୋଇ ୧୫ ତାରିଖରେ ଶେଷ ହେବ। ଏହି ପ୍ରତିଯୋଗିତାରେ ଭାରତ ମୋଟ ଉପରେ ୪ଟି ବ୍ରୋଞ୍ଜ୍ ପଦକ ହାସଲ କରିଛି। ଇଟାଲୀରେ ତାରକା ବକ୍ସର ବିଜେନ୍ଦର ସିଂ ୨୦୦୯ରେ ଭାରତ ପାଇଁ ପ୍ରଥମ ବିଶ୍ୱ ଚାମ୍ପିୟନଶିପ୍ ପଦକ ହାସଲ କରିଥିଲେ।

# ଭାରତୀୟ ଦଳରେ ଓଡ଼ିଶାର ନୀଲମ, ଆଶିଷ

**ନୂଆଦିଲ୍ଲୀ, ୨୫।୭**

ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟ ହକି ଟୁର୍ନାମେଣ୍ଟ ଅଗଷ୍ଟ ୧୭ରୁ ୨୧ ପର୍ଯ୍ୟନ୍ତ ଜାପାନରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ପାଇଁ ଗୁରୁବାର ୧୮ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଏହି ଦଳରେ ୨ ଓଡ଼ିଆ ଖେଳାଳି ନୀଲମ ସଞ୍ଜୀପ୍ ଖେସ୍ ଓ ଆଶିଷ ଟପ୍ପୋ ସ୍ଥାନ ପାଇଛନ୍ତି। ଟିମ୍ ମ୍ୟାନେଜମେଣ୍ଟ ନିୟମିତ ଅଧିନାୟକ ମନପ୍ରୀତ ସିଂ, ଅଭିଜ୍ଞ ଗୋଲକିପର ପି.ଆର. ଶ୍ରୀଜେଶ, ବୀରେନ୍ଦ୍ର ଲାକ୍ରା ଏବଂ ସୁରେନ୍ଦର କୁମାରଙ୍କ ପରି ସିନିୟର ଖେଳାଳିଙ୍କୁ ବିଶ୍ରାମ ଦେବାକୁ ନିଷ୍ପତ୍ତି ନେଇଛି। ବିଶ୍ରାମ ମିଳିବା ଫଳରେ ସିନିୟର ଖେଳାଳିମାନେ ଆହତ ସମସ୍ୟାରୁ ମୁକ୍ତ ହେବା ସହ ସତେଜ ମନରେ ଆଗାମୀ ନଭେମ୍ବରରେ ହେବାକୁଥିବା ଅଲିମ୍ପିକ୍ କ୍ୱାଲିଫାଇଂ ମ୍ୟାଚଗୁଡ଼ିକ ଖେଳିପାରିବେ ବୋଲି କୋଚ୍ ଗ୍ରାହାମ ରିଡ୍ ପ୍ରକାଶ କରିଛନ୍ତି।

"ଗତ ୧୨ ମାସ ଧରି କଠିନ କରିଶ୍ରମ କରିଆସୁଥିବା ମନପ୍ରୀତ ସିଂଙ୍କ ସମେତ ଅନେକ ସିନିୟର ଖେଳାଳିଙ୍କୁ ଆମେ ବିଶ୍ରାମ ଦେବାକୁ ନିଷ୍ପତ୍ତି ନେଇଛୁ। ଫଳରେ ସେମାନେ କୌଣସି ଆହତ ସମସ୍ୟାକୁ ଆସିବେ ନାହିଁ ଏବଂ ଆଗାମୀ ୩ ମାସ ଧରି ସତେଜ ରହିବେ। ଏହାଦ୍ୱାରା ଆମେ ନଭେମ୍ବରରେ ହେବାକୁଥିବା କ୍ୱାଲିଫାଇଂ ମ୍ୟାଚ ପାଇଁ ଭଲଭାବେ ପ୍ରସ୍ତୁତ ହୋଇପାରିବୁ" ବୋଲି ରିଡ୍ କହିଛନ୍ତି। ସିନିୟର ଖେଳାଳିଙ୍କ ଅନୁପସ୍ଥିତିରେ ହରମନପ୍ରୀତ ସିଂ ଅଧିନାୟକ ଓ ମନଦୀପ ସିଂ ଉପଅଧିନାୟକ ଦାୟିତ୍ୱ ତୁଲାଇବେ। ଆଶିଷ ଟପ୍ପୋ ଓ ସମସେର ସିଂ ପ୍ରଥମଥର ପାଇଁ ସିନିୟର ଦଳରେ ଭାଗ୍ୟ ପରୀକ୍ଷା କରିବେ। ଅନ୍ୟପକ୍ଷରେ ଦୀର୍ଘ ୯ ମାସ ପରେ ଅଭିଜ୍ଞ ଏସ.ଭି. ସୁନୀଲ ଜାତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟ କେତେକ ଖେଳାଳିଙ୍କ ପାଇଁ ଅନ୍ତର୍ଜାତୀୟ ସ୍ତରରେ ଦକ୍ଷତା ପ୍ରତିପାଦନର ସୁଯୋଗ ଆଣିଛି ବୋଲି ରିଡ୍ କହିଛନ୍ତି। "ଭାରତର ବିଶ୍ୱ ର୍‍ୟାଙ୍କିଙ୍ଗ ପ୍ରତି ବିପଦ ନ ଥିବାରୁ ଆଗାମୀ ବଡ଼ ମୁକାବିଲା ପାଇଁ ଆମେ କେତେ ପ୍ରସ୍ତୁତ ତାହା ଟୋକିଓ ଟେଷ୍ଟ ଇଭେଣ୍ଟରୁ ଜଣାପଡ଼ିବ। ଆମେ ଅନେକ ଖେଳାଳିଙ୍କୁ ଦୀର୍ଘଦିନଧରି ଅନ୍ତର୍ଜାତୀୟ ସ୍ତରରେ ପରୀକ୍ଷା କରି ପାରିନାହୁଁ। ଏହି ଇଭେଣ୍ଟରେ ତାହା ମଧ୍ୟ ହୋଇଯିବ" ବୋଲି ରିଡ୍ ପ୍ରକାଶ କରିଛନ୍ତି।


ଆଶିଷ ଟପ୍ପୋ

**ଭାରତୀୟ ଦଳ**

**କ୍ରିଷ୍ଣନ ବାହାଦୁର ପାଠକ, ଗୁରିନ୍ଦର ସିଂ, ହରମନପ୍ରୀତ ସିଂ(ଅଧିନାୟକ), କୋଥାଜିତ ସିଂ ଖାଡାଙ୍ଗବାମ୍, ହାର୍ଦ୍ଦିକ ସିଂ, ନୀଳକାନ୍ତ ଶର୍ମା, ବିବେକ ସାଗର ପ୍ରସାଦ, ଜସକରନ ସିଂ, ମନଦୀପ ସିଂ(ଉପ-ଅଧିନାୟକ), ଗୁରସାହେବଜିତ ସିଂ, ନୀଲମ ସଞ୍ଜୀପ ଖେସ୍, ଜର୍ମନପ୍ରୀତ ସିଂ, ବରୁଣ କୁମାର, ଆଶିଷ ଟପ୍ପୋ, ଏସ.ଭି. ସୁନୀଲ, ଗୁରଜାନ୍ତ ସିଂ, ସମସେର ସିଂ, ସୁରଜ କରକେରା।**


ନୀଲମ ସଞ୍ଜୀପ ଖେସ୍


ଭାରତୀୟ ହକି ଦଳ।

**ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟ ହକି**

- ହରମନପ୍ରୀତ ସିଂ ଅଧିନାୟକ
- ମନଦୀପ ସିଂ ଉପଅଧିନାୟକ
- ଆଶିଷ, ସମସେର ନୂଆ ମୁହଁ
- ଏସ.ଭି. ସୁନୀଲଙ୍କ ପ୍ରତ୍ୟାବର୍ତ୍ତନ

**କାର୍ଯ୍ୟସୂଚୀ**

**ଅଂଶଗ୍ରହଣକାରୀ ଦଳ: ଭାରତ, ଜାପାନ, ମାଲେସିଆ ଓ ନ୍ୟୁଜିଲାଣ୍ଡ**

**ଅଗଷ୍ଟ ୧୭:** ଭାରତ ବନାମ ମାଲେସିଆ, ସମୟ: ଅପରାହ୍ନ ୩ଟା
ନ୍ୟୁଜିଲାଣ୍ଡ ବନାମ ଜାପାନ, ସମୟ: ଅପରାହ୍ନ ୩ଟା ୩୦
**ଅଗଷ୍ଟ ୧୮:** ଜାପାନ ବନାମ ମାଲେସିଆ, ସମୟ: ଅପରାହ୍ନ ୩ଟା
ଭାରତ ବନାମ ନ୍ୟୁଜିଲାଣ୍ଡ, ଅପରାହ୍ନ ୩ଟା ୩୦
**ଅଗଷ୍ଟ ୧୯:** ବିଶ୍ରାମ ଦିବସ
**ଅଗଷ୍ଟ ୨୦:** ମାଲେସିଆ ବନାମ ନ୍ୟୁଜିଲାଣ୍ଡ, ସମୟ: ସକାଳ ୬ଟା
ଭାରତ ବନାମ ଜାପାନ, ସମୟ: ସକାଳ ୮ଟା ୧୫
**ଅଗଷ୍ଟ ୨୧:** ୩ୟ/୪ର୍ଥ ସ୍ଥାନ ପାଇଁ ମ୍ୟାଚ, ସମୟ: ସକାଳ ୬ଟା
୧ମ/୨ୟ ସ୍ଥାନ ପାଇଁ ମ୍ୟାଚ, ସମୟ: ସକାଳ ୮ଟା ୩୦।
(ପୁରସ୍କାର ବିତରଣ ଉତ୍ସବ, ସନ୍ଧ୍ୟା ୬ଟା)

# ଉଷ୍ମ ପରିବେଶ ନେଇ ଆୟୋଜକ ଚିନ୍ତିତ

**ଟୋକିଓ, ୨୫।୭(ଏଏଫ୍‌ପି)**

**ଟୋକିଓ ଅଲିମ୍ପିକ୍ସ**




ଆସନ୍ତାବର୍ଷ ଜୁଲାଇ ଓ ଅଗଷ୍ଟରେ ଆୟୋଜନ ହେବାକୁ ଥିବା ଅଲିମ୍ପିକ୍ସ ପାଇଁ ଆୟୋଜକମାନେ ଏକାଧିକ ଚ୍ୟାଲେଞ୍ଜ୍‌ର ସମ୍ମୁଖୀନ ହେଉଛନ୍ତି। ଟୋକିଓରେ ତାପମାତ୍ରା ବୃଦ୍ଧି ଓ ସମ୍ଭାବ୍ୟ ଉଷ୍ମ ପରିବେଶ ପାଇଁ ଆୟୋଜକମାନେ ଚିନ୍ତା ପ୍ରକଟ କରିଛନ୍ତି। ଏ ଭଳି ପରିସ୍ଥିତିର ସାମ୍ନା କରିବାକୁ ଆୟୋଜକମାନେ ଏବେଠାରୁ ବିଭିନ୍ନ ପ୍ରକାର ବ୍ୟବସ୍ଥା ତଥା ପରୀକ୍ଷା ନିରୀକ୍ଷା ଗ୍ରହଣ କରିବା ଆରମ୍ଭ କଲେଣି। ଯଦି ତାପାମାତ୍ରାରେ ଅତ୍ୟଧିକ ବୃଦ୍ଧିଘଟେ ତେବେ ଏହାର ପ୍ରତିକାର ପାଇଁ ଆୟୋଜକମାନେ ଏବେ ଏୟାର କଣ୍ଡସନ ଟେଷ୍ଟର ବ୍ୟବହାର ସମେତ ପାଣି ବା କ୍ଷୁଦ୍ର ଜଳକଣିକା ଛିଞ୍ଚିବା ନେଇ ପରୀକ୍ଷା କରିଛନ୍ତି। ଏଥିପାଇଁ ସୁରକ୍ଷାକର୍ମୀଙ୍କୁ ଆୟୋଜକମାନେ ମକ୍ ଡ୍ରିଲ୍ କରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଟୋକିଓର ଗରମ ତଥା ଆର୍ଦ୍ର ପରିବେଶ ଆୟୋଜକଙ୍କ ପାଇଁ ଚିନ୍ତା ସୃଷ୍ଟି କରିଛି। ଗତବର୍ଷ ଏହି ସମୟରେ ସହରରେ ଗରମ ପବନ ବ୍ୟାପକ ଭାବେ ବହିଥିଲା ଓ ଲୋକଙ୍କୁ ସମସ୍ୟାରେ ପକାଇଥିଲା। ଏବେ ଅପେକ୍ଷାକୃତ କମ୍ ଗରମ ଅନୁଭୂତ ହେଉଛି। ତେବେ ସମ୍ଭାବ୍ୟ ଉଷ୍ମ ପରିବେଶ ପାଇଁ ଆଗୁଆ ପ୍ରସ୍ତୁତ ରହିବା ପାଇଁ ଆୟୋଜକମାନେ ପ୍ରୟାସ ଜାରି ରଖିଛନ୍ତି। ଏଥିପାଇଁ ପରୀକ୍ଷାମୂଳକ ଭାବେ ଗୁରୁବାରଠାରୁ ଅନ୍ତର୍ଜାତୀୟ ଭଲିବଲ୍ ଇଭେଣ୍ଟ ଆୟୋଜନ କରାଯାଉଛି। ଏହି ଇଭେଣ୍ଟ ଅବସରରେ ବିଭିନ୍ନ ପ୍ରକାର ପରୀକ୍ଷାନିରୀକ୍ଷା କରାଯିବ। କ୍ରୀଡ଼ା ପ୍ରଶଂସକଙ୍କୁ ଏଥିପାଇଁ ଫ୍ରି ଫୋଲ୍ଡିଂ ପ୍ୟାନ୍ ଓ ଟାୱେଲ ପ୍ରଦାନ କରାଯାଉଛି। ଏହି କ୍ରୀଡ଼ା ମହାକୁମ୍ଭ ଅବସରରେ ଆଥଲେଟ, ଦର୍ଶକ, ଭଲ୍ୟୁଣ୍ଟିୟର, ବିଦେଶୀ ପର୍ଯ୍ୟଟକ, ବୟସ୍କ, ଛୋଟପିଲା ଓ ଅନ୍ୟାନ୍ୟ ବ୍ୟକ୍ତିମାନଙ୍କ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଅଲିମ୍ପିକ ଡେଲିଭରି ଅଫିସର ହିଡେମାସା ନାକାମୁରା କହିଛନ୍ତି।

ଓସିଏନ- ସାଇଡ ପାର୍କରେ ଟୋକିଓ ଓପନ୍ ଅଫ୍ ଦି ଏଫ୍‌ଆଇଭିବି ବିଚ୍ ଭଲିବଲ ୱାର୍ଲ୍ଡ ଟୁର ଆୟୋଜନ ହେଉଛି। ଏଠାରେ ତାପମାତ୍ରା ୩୦ ଡିଗ୍ରୀ ସେଲସିୟସ ରହିଛି। ସୂର୍ଯ୍ୟକିରଣ ମଧ୍ୟ ସମସ୍ୟା ସୃଷ୍ଟି କରିବ। ଏୟାର କଣ୍ଡିସନ ଲଗାଯାଇଥିବା ଟେଣ୍ଟ ସହିତ ପାଣି ଛିଞ୍ଚିବାର ବ୍ୟବସ୍ଥା କରାଯିବ। ସେହିପରି ବହୁ ପରିମାଣରେ ଫୁଲ ବିଭିନ୍ନ ସ୍ଥାନରେ ରଖିବାର ବ୍ୟବସ୍ଥା କରାଯିବ। ଦର୍ଶକମାନେ ସାଥିରେ ପର୍ଯ୍ୟାପ୍ତ ପାଣି ଆଣିବା ସହ ଟୋପି ପିନ୍ଧିବାକୁ ଅନୁରୋଧ କରାଯିବ। ସାଥିରେ ଅଧିକ ଜିନିଷ ନ ଆଣିବାକୁ ଦର୍ଶକମାନଙ୍କୁ କୁହାଯିବ। ଆମେ ପାଣିପାଗକୁ ନିୟନ୍ତ୍ରଣ କରିପାରିବୁ ନାହିଁ। ଏହା ଆମ ହାତରେ ନାହିଁ। ତେବେ ଏହାକୁ ସାମ୍ନା କରିବାକୁ ପ୍ରୟାସ କରିବୁ ବୋଲି ନାକାମୁରା କହିଛନ୍ତି। ଛାଇ ସୃଷ୍ଟି କରିବା ଓ ଜଳକଣିକା ଛିଞ୍ଚିବା ମଧ୍ୟ ସେତେଟା ସହଜ ନୁହେଁ। ଏତବଡ଼ ଏରିଆରେ ଏଭଳି କରିବା ନିଶ୍ଚିତ ଭାବେ କଷ୍ଟକର ବୋଲି ସେ ସ୍ୱୀକାର କରିଛନ୍ତି। ଉଲ୍ଲେଖଥାଉ କି, ଆସନ୍ତାବର୍ଷ ଜୁଲାଇ ୨୪ରୁ ଅଗଷ୍ଟ ୯ ତାରିଖ ମଧ୍ୟରେ ଜାପାନ ରାଜଧାନୀ ଟୋକିଓ ଅଲିମ୍ପିକ୍ସ ଆୟୋଜନ ହେବ।

# ସିନ୍ଧୁ, ସାଇ ପ୍ରଣୀଥ୍ କ୍ୱାର୍ଟରରେ

**ଟୋକିଓ, ୨୫।୭ (ପି.ଟି.)**

ଅଲିମ୍ପିକ୍ସ ରୌପ୍ୟ ପଦକ ବିଜୟିନୀ ଷ୍ଟାର୍ ଭାରତୀୟ ମହିଳା ଶଟ୍‌ଲର ପି.ଭି. ସିନ୍ଧୁ ଓ ବି. ସାଇ ପ୍ରଣୀଥ୍ ଏଠାରେ ଚାଲିଥିବା ଜାପାନ୍ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିନେଇଛନ୍ତି। କିନ୍ତୁ ଅନ୍ୟତମ ଭାରତୀୟ ପ୍ରତିଯୋଗୀ ଏଚ୍.ଏସ୍. ପ୍ରଣୟଙ୍କୁ ନିରାଶ ହେବାକୁ ପଡ଼ିଛି। ମହିଳା ସିଙ୍ଗଲ୍ସ ୨ୟ ରାଉଣ୍ଡର ଏକ ମୁକାବିଲାରେ ୫ମ ସିଡ୍ ସିନ୍ଧୁ ୧୧-୨୧, ୨୧-୧୦, ୨୧-୧୩ ଗେମ୍‌ରେ ଜାପାନର ଅୟା ଓହରିଙ୍କୁ ପରାସ୍ତ କରିଛନ୍ତି। ଏହି ମ୍ୟାଚ୍ ଜିତିବାକୁ ସିନ୍ଧୁଙ୍କୁ ଏକ ଘଣ୍ଟା ପାଖାପାଖି ସମୟ ଲାଗିଥିଲା। ଏଥିସହ ଓହରିଙ୍କ ବିପକ୍ଷରେ ସିନ୍ଧୁ ବିଜୟ ବ୍ୟବଧାନକୁ ୮-୦କୁ ବଢ଼ାଇଛନ୍ତି। ଚାଇନାର ଚେନ୍ ଜିଆଓ ଜିନ୍ ଓ ୪ର୍ଥ ସିଡ୍ ଜାପାନର ଏକାନେ ୟାମାଗୁଚିଙ୍କ ମଧ୍ୟରେ ହେବାକୁ ଥିବା ମ୍ୟାଚ୍‌ରେ ଯିଏ ଜିତିବେ ସିଏ ଅନ୍ତିମ-୮ ରାଉଣ୍ଡରେ ସିନ୍ଧୁଙ୍କ ସହ ମୁକାବିଲା କରିବେ। ଅପରପକ୍ଷରେ ପୁରୁଷ ସିଙ୍ଗଲ୍ସ ମୁକାବିଲାରେ ପ୍ରଣୀଥ୍ ୨୧-୧୩, ୨୧-୧୬ ସିଧାସଳଖ ଗେମ୍‌ରେ ଘରୋଇ ପ୍ରତିଯୋଗୀ କାଣ୍ଟା ସୁନେୟାମାଙ୍କୁ ପରାସ୍ତ କରିଛନ୍ତି। ମ୍ୟାଚ୍ ଜିତିବାକୁ ପ୍ରଣୀଥ୍‌ଙ୍କୁ ମାତ୍ର ୪୫ ମିନିଟ୍ ସମୟ ଲାଗିଥିଲା। ତେବେ ପ୍ରଥମ ରାଉଣ୍ଡରେ ସାଥୀ ଖେଳାଳି କିଡାମ୍ବୀ ଶ୍ରୀକାନ୍ତଙ୍କୁ ପରାସ୍ତ କରିଥିବା ପ୍ରଣୟ ୯-୨୧, ୧୫-୨୧ ସିଧାସଳଖ ଗେମ୍‌ରେ ଡେନମାର୍କର ରାସମସ୍ ଗେମେକଙ୍କ ନିକଟରୁ ହାରି ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ସେହିଭଳି ପୁରୁଷ ଡବଲ୍ସରେ ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

## ଝାଡ଼ଖଣ୍ଡ ଓପନ ଆମନ୍ତ୍ରଣୀୟ ବିଲିୟାର୍ଡ୍ସ

# ସୁବ୍ରତ ସେମିଫାଇନାଲରେ

**ଭୁବନେଶ୍ୱର, ୨୫।୭(କ୍ରୀଡ଼ା ପ୍ରତିନିଧି)**

ଝାଡ଼ଖଣ୍ଡ ରାଜ୍ୟ ବିଲିୟାର୍ଡ ଆଣ୍ଡ ସ୍ନୁକର ଆସୋସିଏଶନ ଆନୁକୂଲ୍ୟରେ ଗତ ୨୩ରୁ ଜାମସେଦପୁରଠାରେ ଆରମ୍ଭ ହୋଇଥିବା ୩ୟ ଝାଡ଼ଖଣ୍ଡ ଓପନ ଆମନ୍ତ୍ରଣୀୟ ଟୁର୍ନାମେଣ୍ଟରେ ଓଡ଼ିଶାର ସୁବ୍ରତ ଦାସ ପ୍ରଭାବୀ ପ୍ରଦର୍ଶନ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ମ୍ୟାଚରେ ରୂପେଶ କୁମାରଙ୍କୁ ୩-୧ରେ ହରାଇ କ୍ୱାର୍ଟର ଫାଇନାଲରେ ପହଞ୍ଚିଥିବା ସୁବ୍ରତ ପରେ ଆଦର୍ଶ ବର୍ମାଙ୍କୁ ୩-୦ ଫ୍ରେମ୍‌ରେ ପରାସ୍ତ କରିବାରେ ସକ୍ଷମ ହୋଇଛନ୍ତି। ସେମିଫାଇନାଲରେ ସେ ଭାରତର ଟପ୍-୧୬ ର୍‍ୟାଙ୍କ ଖେଳାଳି ନୀରଜ କୁମାରଙ୍କୁ ଭେଟିବେ। ଏହି ପ୍ରତିଯୋଗିତାରେ ସୁବ୍ରତଙ୍କ ବ୍ୟତୀତ ଅନ୍ୟତମ ଓଡ଼ିଆ ଖେଳାଳି ସୌଭାଗ୍ୟ ବେହେରା ଅଂଶଗ୍ରହଣ କରିଛନ୍ତି।


ସୌଭାଗ୍ୟ ବେହେରା ଓ ସୁବ୍ରତ ଦାସ

# ଜାତୀୟ ହୁଇଲ ଚେୟାର ଫେନ୍ସିଂ ପାଇଁ ଓଡ଼ିଶା ଦଳ

**ଭୁବନେଶ୍ୱର(କ୍ରୀଡ଼ା ପ୍ରତିନିଧି/ କଟକ ଅଫିସ),୨୫।୭**

ଚେନ୍ନାଇର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଆସନ୍ତା ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ୧୨ତମ ଜାତୀୟ ହୁଇଲ ଚେୟାର ଫେନ୍ସିଂ ଚାମ୍ପିୟନଶିପ ଅନୁଷ୍ଠିତ ହେବ। ଏଥିପାଇଁ ଗୁରୁବାର ୧୩ ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି । ଏଥିରେ ୭ ଜଣ ପୁରୁଷ ଓ ୬ ଜଣ ମହିଳା ଖେଳାଳି ଅଛନ୍ତି । ଜୁଲାଇ ୧୨ରୁ ୨୫ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଦଳ ଚୟନ ଶିବିର ଚାଲିଥିଲା । ଶିବିର ଶେଷ ହେବାପରେ ପ୍ରଦର୍ଶନ ଭିତ୍ତିରେ ଦଳ ଚୟନ ହୋଇଥିଲା। "ଗତଥର ଏହି ପ୍ରତିଯୋଗିତାରେ ଓଡ଼ିଶାରୁ କେବଳ ପୁରୁଷ ଦଳ ଅଂଶଗ୍ରହଣ କରିଥିଲା। ଆମେ ରନର୍ସଅପ୍ ହୋଇଥିଲୁ। ମଣିପୁର ଚାମ୍ପିୟନ ହୋଇଥିଲା। ଏଥର ଆମେ ଭଲ ଅଭ୍ୟାସ କରିଛୁ ଏବଂ ଆମ ମହିଳା ଦଳ ମଧ୍ୟ ଅଂଶଗ୍ରହଣ କରୁଛି। ତେଣୁ ଚାମ୍ପିୟନ ହୋଇ ରାଜ୍ୟକୁ ଫେରିବା ଆମର ମୁଖ୍ୟ ଲକ୍ଷ୍ୟ ହେବ" ବୋଲି ଗୁରୁବାର ଚେନ୍ନାଇ ଯାତ୍ରା ଅବସରରେ ପ୍ରକାଶ କରିଛନ୍ତି ଓଡ଼ିଶା ଦଳର ବରିଷ୍ଠ ସଦସ୍ୟ ରାଖାଲ କୁମାର ସେଠୀ। ଦଳ ସହ ରବିନ କୁମାର କୋଚ ଏବଂ ସୁନୀଲ ପ୍ରଧାନ ମ୍ୟାନେଜର ଭାବେ ଚେନ୍ନାଇ ଯାତ୍ରା କରିଛନ୍ତି ।

**ଓଡ଼ିଶା ମହିଳା ଦଳ:** ମାଳତୀ ପାନାଉରେ (ଖୋର୍ଦ୍ଧା), ମଧୁମଞ୍ଜରୀ ଧଳ (ଯାଜପୁର), ଶୀଲା ମନ୍ତ୍ରି(ଗଜପତି), ଜୁଲି ସାହୁ (ଖୋର୍ଦ୍ଧା), ପୂଜା ନାୟକ (ଗଜପତି), ଲକ୍ଷ୍ମୀ ପାତ୍ର (ବରଗଡ଼)।

**ଓଡ଼ିଶା ପୁରୁଷ ଦଳ:** ଭି. ରମେଶ ରାଓ (ଗଞ୍ଜାମ), ରାଖାଲ କୁମାର ସେଠୀ (ଭଦ୍ରକ), ପ୍ରଭାକର ବେହେରା (କଟକ), ଅକ୍ଷୟ କୁମାର ସାହୁ (ପୁରୀ), ଦେବମୃତ ସାହୁ (ଯାଜପୁର), ପ୍ରଫୁଲ୍ଲ ଖଣ୍ଡାୟତରାୟ (ଜଗତ୍‌ସିଂହପୁର), କମଳାକାନ୍ତ ନାୟାର (ପୁରୀ)।


ଜାତୀୟ ହୁଇଲ ଚେୟାର ଫେନ୍ସିଂ ପାଇଁ ମନୋନୀତ ଓଡ଼ିଶା ଦଳ।

# ଭାରତ ୨୩୮ ରନରେ ବିଜୟୀ

**ଭୁବନେଶ୍ୱର, ୨୫।୭(କ୍ରୀଡ଼ା ପ୍ରତିନିଧି)**

**ଦୃଷ୍ଟିହୀନ ଟି୨୦ କ୍ରିକେଟ**

ସମ୍ପ୍ରତି କାରିବିୟନ ଗସ୍ତରେ ଥିବା ଭାରତୀୟ ଦୃଷ୍ଟିହୀନ କ୍ରିକେଟ ଦଳ ଦିନିକିଆ ସିରିଜ ପରି ଟି୨୦ରେ ମଧ ଧମାକାଦାର ଆରମ୍ଭ କରିଛି। ଗୁରୁବାର ଅନୁଷ୍ଠିତ ପ୍ରଥମ ଟି୨୦ ମ୍ୟାଚରେ ଭାରତ ୨୩୮ ରନରେ ଘରୋଇ ଜାମାଇକାକୁ ପରାସ୍ତ କରିଛି।

ଟସ୍ ଜିତି ଜାମାଇକା ପ୍ରଥମେ ଭାରତକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଭାରତ ଭେଙ୍କଟେଶ୍ୱର ରାଓ ଓ ଦୀପକ ମଲିକଙ୍କ ସହାୟତାରେ ଓପନିଂ ଯୋଡ଼ିରେ ୮୨ ରନ ସଂଗ୍ରହ କରି ବଡ଼ ସ୍କୋର ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲା। ଦୀପକ ୨୬ ବଲ୍‌ରୁ ୩୪ ରନ କରି ଆଉଟ ହୋଇଥିବାବେଳେ ଭେଙ୍କଟେଶ୍ୱର ୨୮ ବଲ୍‌ରୁ ଦ୍ରୁତ ୫୩ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ମିଡଲ ଅର୍ଡରରେ କ୍ରିଜ୍‌କୁ ଆସିଥିବା ସୁନୀଲ ରମେଶ ମାତ୍ର ୪୭ ବଲ୍‌ରୁ ଧୂଆଁଧାର ଶତକୀୟ ଇନିଂସ(୧୦୭ ରନ) ଖେଳି ଅପରାଜିତ ରହିବା ସହ ଭାରତ ସ୍କୋରକୁ ୨୦ ଓଭରରେ ୨୮୬/୩ରେ ପହଞ୍ଚାଇ ଦେଇଥିଲେ। ଅଧିନାୟକ ଅଜୟ ରେଡ୍ଡୀ ୨୯ ରନରେ ଅପରାଜିତ ରହିଥିଲେ। ବଡ଼ ସ୍କୋରର ପିଛା କରିଥିବା ଜାମାଇକା ପ୍ରତିପକ୍ଷ ଅଧିନାୟକ ଅଜୟଙ୍କ ବୋଲିଂର ସମ୍ମୁଖୀନ ହୋଇ ନ ପାରି ପ୍ରଥମ ଓଭରରେ ହିଁ ୨ଟି ଉଇକେଟ ହରାଇଥିଲା। ଚାପର ବଶବର୍ତ୍ତୀ ହୋଇଥିବା ଏହି ଦଳ ୧୧.୩ ଓଭରରେ ୪୮ ରନରେ ଅଲଆଉଟ ହୋଇଯାଇଥିଲା। ଭାରତ ପକ୍ଷରୁ ଅଜୟ ୧୨ ରନ ବିନିମୟରେ ସର୍ବାଧିକ ୪ଟି ଉଇକେଟ ନେଇଥିଲେ। ଅଲରାଉଣ୍ଡ ସଫଳତା ପାଇଁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ବିଜୟ ଫଳରେ ୨ ମ୍ୟାଚ ବିଶିଷ୍ଟ ସିରିଜରେ ଭାରତ ୧-୦ରେ ଅଗ୍ରଣୀ ଲାଭ କରିଛି। ପୂର୍ବରୁ ଖେଳାଯାଇଥିବା ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜରେ ଭାରତ ୨-୦ରେ ଅଗ୍ରଣୀ ରହିଥିବାବେଳେ ତୃତୀୟ ତଥା ଅନ୍ତିମ ଦିନିକିଆ ଶୁକ୍ରବାର ଜାମାଇକାରେ ଅନୁଷ୍ଠିତ ହେବ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୨୮୬/୩(ସୁନୀଲ ରମେଶ-୧୦୭*, ଭେଙ୍କଟେଶ୍ୱର ରାଓ-୫୩, ଦୀପକ ମଲିକ-୩୪, ଅଜୟ ରେଡ୍ଡୀ-୨୯*, ଫର୍ଟେଲୋ-୧/୩୭, କୋଲେ-୧/୫୬)।
ଜାମାଇକା ୧୧.୩ ଓଭରରେ ୪୮/ଅଲଆଉଟ(ଗ୍ରାହାମ-୧୨, ଅଜୟ-୪/୧୨, ଦୀପକ-୨/୫, ପଙ୍କଜ-୧/୧, ସୋନୁ-୧/୧୫)।
ମ୍ୟାନ ଅଫ ଦି ମ୍ୟାଚ: ଅଜୟ ରେଡ୍ଡୀ



❝ ପ୍ରୋ–କବାଡ଼ି ଲିଗ୍‌ର ମୁମ୍ବାଇ ଚରଣ ପ୍ରତିଯୋଗିତାରେ ପୃଥକ୍ ପୃଥକ୍ ଯୋଜନା ସହାୟତାରେ ଆମ ଦଳ ଉନ୍ନତ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବା।

–ସଞ୍ଜୀବ କୁମାର ବିୟାନ, ୟୁ ମୁମ୍ବା କୋଚ୍



❝ ଚଳିତ ବିଶ୍ୱ ସନ୍ତରଣ ଚାମ୍ପିୟନଶିପ୍‌ରେ ହଙ୍ଗେରୀର କ୍ରିଷ୍ଟଫ୍ ମିଲାଙ୍କ ଟେକ୍‌ନିକ୍ ମୋତେ ପ୍ରଭାବିତ କରିଛି ।

–ମାଇକେଲ ଫେଲ୍‌ପ୍ସ, ଆମେରିକାର କିମ୍ବଦନ୍ତୀ ସନ୍ତରଣକାରୀ

## ସଂକ୍ଷେପରେ

### ଦେଶାଇ ପୁନେରୀ ପଲ୍‌ଟନ ଅଧିନାୟକ



ପୁଣେ, ୨୫।୭ (ପି.ଟି.)-ଅଲଟିମେଟ୍ ଟେବୁଲ ଟେନିସ (ୟୁଟିଟି) ଲିଗ୍ ସିଜନ ୩ ପାଇଁ ହରମିତ୍ ଦେଶାଇଙ୍କୁ ଗୁରୁବାର ପୁନେରୀ ପଲ୍‌ଟନ ଟେବୁଲ ଟେନିସ ଦଳର ଅଧିନାୟକ ଭାବେ ଘୋଷଣା କରାଯାଇଛି। ହରମିତ ନିକଟରେ କଟକରେ ଅନୁଷ୍ଠିତ ୨୧ତମ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ଚାମ୍ପିୟନଶିପ୍‌ରେ ଟାଇଟଲ ବିଜୟୀ ହୋଇଥିଲେ। ପୁନେରୀ ପଲ୍‌ଟନ ଟେବୁଲ ଟେନିସ ୟୁଟିଟିର ଏକ ନୂଆ ଦଳ। ପ୍ରତିଯୋଗିତାରେ ପଦାର୍ପଣ କରୁଥିବାରୁ ମୋ ଉପରେ ଗୁରୁଦାୟିତ୍ୱ ରହିଛି। ଦଳର ପ୍ରଦର୍ଶନ ଯେପରି ଭଲ ରହେ ସେଥିପାଇଁ ଆମେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବୁ ବୋଲି ଦେଶାଇ ପ୍ରକାଶ କରିଛନ୍ତି। ଲିଗ୍‌ର ତୃତୀୟ ଡଭିଜନ ନୂଆଦିଲ୍ଲୀରେ ଅନୁଷ୍ଠିତ ହେଉଛି। ଏଥିରେ ୬ଟି ଦଳ ଅଂଶଗ୍ରହଣ କରୁଛନ୍ତି। ଅଗଷ୍ଟ ୧୧ରେ ଲିଗ୍ ଶେଷ ହେବ।

### ପ୍ରେସିଡେଣ୍ଟ କପ୍ ସେମିରେ ବିଧୁରି



ନୂଆଦିଲ୍ଲୀ, ୨୫।୭ (ପି.ଟି.)- ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜେତା ଭାରତୀୟ ବକ୍ସର ଗୌରବ ବିଧୁରି (୫୬ କିଗ୍ରା) ଫିଲିପାଇନ୍ସଠାରେ ଚାଲିଥିବା ପ୍ରେସିଡେଣ୍ଟ କପ୍ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ୨୦୧୭ରେ ହମ୍‌ବର୍ଗରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ଏକମାତ୍ର ବକ୍ସର ଭାବେ ପଦକ ଜିତିଥିବା ଗୌରବ କ୍ୱାର୍ଟର ଫାଇନାଲ ମୁକାବିଲାରେ ଆଫଗାନିସ୍ତାନର ୱାରିସ କରିମିଙ୍କୁ ପରାସ୍ତ କରି ଅନ୍ତିମ-୪’ରେ ପହଞ୍ଚିଛନ୍ତି। ଏଥିସହ ସେ ଦେଶ ପାଇଁ ମଧ୍ୟ ପଦକ ନିଶ୍ଚିତ କରିଛନ୍ତି। ସେମିଫାଇନାଲରେ ଗୌରବ ଘରୋଇ ବକ୍ସର ଜୁନ୍‌ମିଲାର୍ଡୋ ଓଗାୟରେଙ୍କୁ ଭେଟିବେ। ଦିଲ୍ଲୀର ଏହି ତାରକା ବକ୍ସର ସେପ୍ଟେମ୍ବରରେ ରୁଷିଆରେ ହେବାକୁ ଥିବା ଆଗାମୀ ବିଶ୍ୱ ଚାମ୍ପିୟନଶିପ୍ ଲାଗି ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି।

### ଫିଫା ର୍‍ୟାଙ୍କିଙ୍ଗ୍: ଖସିଲା ଭାରତ

ନୂଆଦିଲ୍ଲୀ,୨୫।୭(ପିଟି)- ଭାରତୀୟ ଫୁଟ୍‌ବଲ ଦଳର ଫିଫା ର୍‍ୟାଙ୍କିଙ୍ଗ୍‌ରେ ଅବନତି ଘଟିଛି। ଦଳ ପୂର୍ବ ଅପେକ୍ଷା ଦୁଇଟି ସ୍ଥାନ ତଳକୁ ଖସି ୧୦୩ତମ ମାନ୍ୟତାରେ ପହଞ୍ଚିଥିବା ଦର୍ଶାଇଛି ନୂଆ ଫିଫା ର୍‍ୟାଙ୍କିଙ୍ଗ୍। ନିକଟରେ ଶେଷ ହୋଇଥିବା ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଟୁର୍ନାମେଣ୍ଟରେ ଭାରତୀୟ ଦଳ ଦୁଇଟି ପରାଜୟ ସହ ଗୋଟିଏ ମ୍ୟାଚ୍ ଡ୍ର’ ରଖିଥିଲା। ଅହମ୍ମଦାବାଦଠାରେ ଅନୁଷ୍ଠିତ ଇଭେଣ୍ଟରେ ଭାରତ ୨-୪ ଗୋଲରେ ତାଜିକସ୍ତାନଠାରୁ ଓ ୨-୫ ଗୋଲରେ କୋରିଆଠାରୁ ପରାସ୍ତ ହୋଇଥିବାବେଳେ ସିରିୟା ବିପକ୍ଷ ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରଖିଥିଲା। ଭାରତ ପାଖରେ ଏବେ ୧୨୧୪ ର୍‍ୟାଙ୍କିଙ୍ଗ୍ ପଏଣ୍ଟ ରହିଛି, ଯାହାକି ପୂର୍ବାପେକ୍ଷା ୫ ପଏଣ୍ଟ କମ୍। ଫିଫା ର୍‍ୟାଙ୍କିଙ୍ଗ୍‌ରେ ସର୍ବୋଚ୍ଚ ମାନ୍ୟତାପ୍ରାପ୍ତ ଏସିଆନ୍ ଦଳ ମଧ୍ୟରେ ଭାରତ ବର୍ତ୍ତମାନ ୧୮ତମ ସ୍ଥାନକୁ ଖସିଛି। ଫିଫା ର୍‍ୟାଙ୍କିଙ୍ଗ୍‌ର ୨୩ତମ ସ୍ଥାନରେ ଥିବା ଇରାନ ଶୀର୍ଷ ର୍‍ୟାଙ୍କଧାରୀ ଏସିଆନ୍ ଦଳ। ଏହା ପଛକୁ ଜାପାନ (୩୩ତମ ସ୍ଥାନ), କୋରିଆ (୩୭), ଅଷ୍ଟ୍ରେଲିଆ (୪୬) ଓ କାତାର (୬୨) ରହିଛନ୍ତି। ମୋଟ ଉପରେ ବେଲଜିୟମ ନେତୃତ୍ୱାଧୀନ ର୍‍ୟାଙ୍କିଙ୍ଗ୍‌ରେ ବ୍ରାଜିଲ, ଫ୍ରାନ୍ସ, ଇଂଲଣ୍ଡ ଓ ଉରୁଗୁଏ ଯଥାକ୍ରମେ ଟପ୍ ୫ରେ ରହିଛନ୍ତି।

# ରାଜ୍ୟ ସଂଘ ନିର୍ବାଚନ ମୁଖ୍ୟ ପ୍ରସଙ୍ଗ

ନୂଆଦିଲ୍ଲୀ,୨୫।୭(ପି.ଟି.)

ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ପରିଚାଳନା ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ପ୍ରଶାସକ କମିଟି(ସିଓଏ)ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶୁକ୍ରବାର ଅନୁଷ୍ଠିତ ହେବ। ଏଥିରେ ରାଜ୍ୟ ସଂଘଗୁଡ଼ିକର ନିର୍ବାଚନ ନିର୍ଦ୍ଧାରିତ ସମୟରେ ଶେଷ କରିବା ଏବଂ ଏନ୍‌ସିଏ ବ୍ୟାଟିଂ ପରାମର୍ଶଦାତା ପଦ ପାଇଁ ପୂର୍ବତନ ଭାରତୀୟ ଓପନର ବିକ୍ରମ ରାଠୋରଙ୍କ ଆବେଦନ ଉପରେ ଆଲୋଚନା ହେବ ବୋଲି ସୂଚନା ମିଳିଛି। ନିର୍ବାଚନ ଲାଗି ରାଜ୍ୟ ସଂଘଗୁଡ଼ିକ ନିର୍ବାଚନ ଅଧିକାରୀ ନିଯୁକ୍ତି ପାଇଁ ବର୍ଦ୍ଧିତ ସମୟସୀମା ଶେଷ ହୋଇଛି। ଜୁଲାଇ ୧ତାରିଖ ସୁଦ୍ଧା ନିର୍ବାଚନ ଅଧିକାରୀ ନିଯୁକ୍ତ କରିବାକୁ ପ୍ରଥମେ ସମୟ ଧାର୍ଯ୍ୟ କରାଯାଇଥିବାବେଳେ ପରବର୍ତ୍ତୀ ସମୟରେ ସିଓଏ ସମୟସୀମା ଜୁଲାଇ ୨୫ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଥିଲା। ସେହିପରି ରାଜ୍ୟ ସଂଘଗୁଡ଼ିକୁ ସେମାନଙ୍କ ସମ୍ବିଧାନରେ ରହିଥିବା କିଛି ତ୍ରୁଟିକୁ ସୁଧାରିବା ସହ ଲୋଧା କମିଟି ସୁପାରିସ ଅନୁଯାୟୀ ପ୍ରସ୍ତୁତ କରିବାକୁ ସିଓଏ ନିର୍ଦ୍ଦେଶ ଦେଇଥିଲା। ନଚେତ ଆସନ୍ତା ଅକ୍ଟୋବରରେ ହେବାକୁ ଥିବା ବିସିସିଆଇ ନିର୍ବାଚନରେ ନିର୍ଦ୍ଦେଶ ଅନୁଯାୟୀ ସମ୍ବିଧାନ ପଞ୍ଜୀକରଣ କରି ନ ଥିବା ସଂଘଗୁଡ଼ିକୁ ଭୋଟ ଦେବାରୁ ବଞ୍ଚିତ କରାଯିବ ବୋଲି ସିଓଏ ଚେତାବନୀ ଦେଇଥିଲା।




ଗତ ମେ’ରେ ଆସନ୍ତା ସେପ୍ଟେମ୍ବର ୧୪ ତାରିଖ ସୁଦ୍ଧା ରାଜ୍ୟ ସଂଘ ନିଜର ନିର୍ବାଚନ ଶେଷ କରିବାକୁ ସିଓଏ ନିର୍ଦ୍ଦେଶ ଦେଇଥିଲା। ସେହିପରି ୩୬ଟି ସଂଘ ମଧ୍ୟରୁ ୨୦ଟି ସଂଘ ନିର୍ବାଚନ ଅଧିକାରୀ ନିଯୁକ୍ତ କରିବା ପ୍ରକ୍ରିୟା ଜାରି ରଖିଛନ୍ତି। ଏହି ସଂଘମାନଙ୍କ ମଧ୍ୟରେ ଦେଶର ଅନ୍ୟତମ ପ୍ରମୁଖ ସଂଘ ମୁମ୍ବାଇ କ୍ରିକେଟ ଆସୋସିଏଶନ ରହିଛି। ତେବେ ଯେଉଁ ସଂଘ ନିୟମାନୁଯାୟୀ କାର୍ଯ୍ୟ ନ କରିବେ ସେ ଭୋଟ ଅଧିକାର ହରାଇବେ ବୋଲି ବିସିସିଆଇର ଜଣେ ଅଧିକାରୀ କହିଛନ୍ତି। ବୈଠକରେ ଆଲୋଚନା ହେବାକୁ ଥିବା ଅନ୍ୟ ପ୍ରସଙ୍ଗଟି ହେଉଛି ରାଠୋରଙ୍କ ଏନ୍‌ସିଏ ବ୍ୟାଟିଂ ପରାମର୍ଶଦାତା ପଦବୀ ସମ୍ପର୍କରେ। ନିକଟରେ ରାଠୋର ଭାରତର ୧୯ ବର୍ଷରୁ କମ୍ ଦଳର କୋଚ ଭାବେ ନିଯୁକ୍ତି ପାଇବାରେ ବିଫଳ ହୋଇଥିଲେ। ତାଙ୍କ ସମ୍ପର୍କୀୟ ଆଶିଷ କାପୁର ଜାତୀୟ ଜୁନିୟର ଚୟନକର୍ତ୍ତା ରହିଥିବାବେଳେ ରାଠୋରଙ୍କ ନିଯୁକ୍ତି ନେଇ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ (କନଫ୍ଲିକ୍ଟ ଅଫ୍ ଇଣ୍ଟରେଷ୍ଟ) ପରିସ୍ଥିତି ସୃଷ୍ଟି କରିଥିବାରୁ ସେତେବେଳେ ଏହାକୁ ରୋକି ଦିଆଯାଇଥିଲା। କାପୁର ନିଜ ପଦବୀରେ ରହିଥିବାବେଳେ ରାଠୋରଙ୍କ ନିଯୁକ୍ତି ନେଇ ସିଓଏ ବିସିସିଆଇ ଲିଗାଲ ଟିମ୍‌ର ସହାୟତା ନେବାର ସମ୍ଭାବନା ରହିଛି। ତେବେ ରାଠୋରଙ୍କ ଏନ୍‌ସିଏ ଆବେଦନ ଗ୍ରହଣ କରାଯାଇ ନ

**ଆଜି ସିଓଏ ବୈଠକ**

ପାରେ ବୋଲି ଏହି ବିସିସିଆଇ ଅଧିକାରୀ କହିଛନ୍ତି। ସେହିପରି ଭାରତୀୟ ଦଳର ପରବର୍ତ୍ତୀ କୋଚ୍ କିଏ ବାଛିବେ ସେ ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇପାରେ। ସୌରଭ ଗାଙ୍ଗୁଲି ଏବଂ ଭିଭିଏସ୍ ଲକ୍ଷ୍ମଣ ଏକାଧିକ ପଦବୀରେ କାର୍ଯ୍ୟ କରୁଥିବାରୁ ଏହି ଦୁଇଜଣଙ୍କ ସହ ସଚିନ ତେନ୍ଦୁଲକରଙ୍କୁ ନେଇ ଗଠିତ କମିଟି କିମ୍ବା କପିଳ ଦେବଙ୍କ ନେତୃତ୍ୱାଧୀନ ଆଡ୍–ହକ୍ କମିଟି କୋଚ୍ ନିଯୁକ୍ତ କରିବ ସେ ନେଇ ସ୍ପଷ୍ଟ ହୋଇନାହିଁ।

# ବ୍ରାଏନ ବ୍ରଦର୍ସଙ୍କ ସହିତ ମୁକାବିଲା କରିବେ ଡିଭିଜ

ଆଟଲାଣ୍ଟା, ୨୫।୭ (ପି.ଟି.)

ଆଟଲାଣ୍ଟା ଓପନ୍ ଏଟିପି ଟୁର୍ନାମେଣ୍ଟ କ୍ୱାର୍ଟର ଫାଇନାଲ ମୁକାବିଲାରେ ଭାରତ ଡିଭିଜ ଶରନ ଓ ତାଙ୍କ ପାର୍ଟନର ଜୋନାଥନ ଏର୍ଲିଚ କିମ୍ବଦନ୍ତୀ ବ୍ରାଏନ ବ୍ରଦର୍ସ ମାଇକ୍ ଓ ବବ୍‌ଙ୍କ ସହିତ ମୁକାବିଲା କରିବେ। ଶରନ ଓ ଏର୍ଲିଚ ଏହି ଏଟିପି ୨୫୦ ଇଭେଣ୍ଟର ପ୍ରଥମ ରାଉଣ୍ଡରେ ମିଓମିର କେକ୍‌ମାଭୋଚ୍ ଓ ରବର୍ଟ ଲିଣ୍ଡଷ୍ଟେଡ୍‌ଙ୍କୁ ୨–୬, ୬–୩, ୧୩–୧୧ ସେଟ୍‌ରେ ହରାଇ ଦେଇଛନ୍ତି। ଅନ୍ୟପକ୍ଷରେ ୧୦୦ରୁ ଅଧିକ ଏଟିପି ଡବଲ୍ସ ଟାଇଟଲ ଜିତିଥିବା ବ୍ରାଏନ ବ୍ରଦର୍ସ ସେମାନଙ୍କ ପ୍ରଥମ ରାଉଣ୍ଡ ମ୍ୟାଚରେ ଆମେରିକାର ୱାଇଲ୍ଡକାର୍ଡ ଯୋଡ଼ି ଖ୍ରିଷ୍ଟୋଫର ଏୟୁବ୍ୟାଙ୍କ୍ସ ଏବଂ ଡୋନାଲ୍ଡ ୟଙ୍ଗଙ୍କୁ ୬–୪, ୬–୨ରେ ହରାଇ ଦେଇଛନ୍ତି। ଭେଟେରାନ ଲିଆଣ୍ଡର ପେସ୍ ଏବଂ ତାଙ୍କ ପାର୍ଟନର ମାରଅସ୍ କୋପିଲ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଏହି ଯୋଡ଼ି ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ବ୍ରିଟିଶ ଆମେରିକାନ୍ ଯୋଡ଼ି ନେଲର ସ୍କିଜ୍ ଏବଂ କାମେରନ ନୁରିଙ୍କଠାରୁ ୬–୭ (୨), ୪–୬ ସେଟ୍‌ରେ ପରାସ୍ତ ହୋଇଛନ୍ତି।

# ଭାରତୀୟ ଦଳର ଫିଲ୍ଡିଂ କୋଚ୍ ପାଇଁ ଜଣ୍ଟି ରୋଡ୍ସଙ୍କ ଆବେଦନ

ମୁମ୍ବାଇ, ୨୫।୭ (ପି.ଟି.)

ଦକ୍ଷିଣ ଆଫ୍ରିକାର ପୂର୍ବତନ କ୍ରିକେଟର୍ ତଥା ନବେ ଦଶକରେ ବିଶ୍ୱର ଶ୍ରେଷ୍ଠ ଫିଲ୍ଡର ବିବେଚିତ ହୋଇଥିବା ଜଣ୍ଟି ରୋଡ୍ସ ଭାରତୀୟ ଦଳର ଫିଲ୍ଡିଂ କୋଚ୍ ପଦ ପାଇଁ ଆବେଦନ କରିଛନ୍ତି। ନିଜର ଅବିଶ୍ୱସନୀୟ ଫିଲ୍ଡିଂ ପାଇଁ କ୍ରିକେଟ୍ ଜଗତରେ ପରିଚିତ ଜଣ୍ଟି ଏହି ପଦ ପାଇଁ ଆବେଦନ କରିଥିବା ପ୍ରାର୍ଥୀଙ୍କ ମଧ୍ୟରେ ସବୁଠାରୁ ଚର୍ଚ୍ଚିତ ଚେହେରା ହୋଇଛନ୍ତି। ‘ହଁ, ଭାରତୀୟ ଦଳର ନୂଆ ଫିଲ୍ଡିଂ କୋଚ୍ ପଦ ପାଇଁ ମୁଁ ଆବେଦନ କରିଛି। ମୁଁ ଏବଂ ମୋ ସ୍ତ୍ରୀ ଆମେ ଉଭୟ ଏହି ଦେଶକୁ ବହୁତ ଭଲ ପାଉ। ଆମେ ଏଠାରୁ ଅନେକ କିଛି ପାଇଛୁ। ଆମର ଦୁଇ ସନ୍ତାନ ମଧ୍ୟ ଭାରତରେ ଜନ୍ମ ଗ୍ରହଣ କରିଛନ୍ତି’ ବୋଲି ୪୯ ବର୍ଷୀୟ ରୋଡ୍ସ ଏକ ୱେବ୍‌ସାଇଟ୍‌କୁ ସାକ୍ଷାତକାର ଅବସରରେ କହିଛନ୍ତି। ୧୯୯୨ରେ ଜଣେ ବ୍ୟାଟ୍ସମ୍ୟାନ ଭାବେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିବା ଜଣ୍ଟି ଜାତୀୟ ଦଳ ପକ୍ଷରୁ ୫୨ ଟେଷ୍ଟ ଓ ୨୪୫ ଦିନିକିଆ ମ୍ୟାଚ୍‌ରେ ପ୍ରତିନିଧିତ୍ୱ କରିଛନ୍ତି। ତେବେ ବ୍ୟାଟିଂ ଅପେକ୍ଷା ସେ ନିଜର ଫିଲ୍ଡିଂ ଲାଗି ବେଶ୍ ପରିଚିତି ଲାଭ କରିପାରିଥିଲେ। ବିଶେଷ କରି ୧୯୯୨ ବିଶ୍ୱକପ୍‌ରେ ସେ ଯେଉଁଭଳି ଭାବେ ପାକିସ୍ତାନ ଅଧିନାୟକ ଇଞ୍ଜାମାମ–ଉଲ୍–ହକ୍‌ଙ୍କୁ ‘ଉଡିକି’ ରନ୍ ଆଉଟ୍ କରିଥିଲେ ତାହା ଆଜି ବି କ୍ରିକେଟ୍‌ପ୍ରେମୀଙ୍କ ମନରେ ଉଜ୍ଜୀବିତ ରହିଛି। ଜଣ୍ଟି ଏଥିପୂର୍ବରୁ ଆଇପିଏଲ୍ ଦଳ ମୁମ୍ବାଇ ଇଣ୍ଡିଆନ୍ସର ଫିଲ୍ଡିଂ କୋଚ୍ ଦାୟିତ୍ୱ ନିର୍ବାହ କରୁଛନ୍ତି। ସେହିଭଳି କିଛିଦିନ ପୂର୍ବେ ସେ ଟି୨୦ ମୁମ୍ବାଇ ଲିଗ୍ ଅବସରରେ ଏକ ଫିଲ୍ଡିଂ କର୍ମଶାଳା ଆୟୋଜନ କରିଥିଲେ।

ଉଲ୍ଲେଖଯୋଗ୍ୟ, ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମୁଖ୍ୟ କୋଚ୍ ସମେତ ବ୍ୟାଟିଂ କୋଚ୍, ବୋଲିଂ କୋଚ୍ ଓ ଫିଲ୍ଡିଂ କୋଚ୍ ପଦ ପାଇଁ ନିକଟରେ ଦରଖାସ୍ତ ଆହ୍ୱାନ କରିଥିଲା, ଯାହାର ଶେଷ ତାରିଖ ଜୁଲାଇ ୩୦ ରହିଛି। ବର୍ତ୍ତମାନ ଭାରତୀୟ ଦଳର ଫିଲ୍ଡିଂ କୋଚ୍ ଦାୟିତ୍ୱ ତୁଲାଉଥିବା ଆର୍. ଶ୍ରୀଧରଙ୍କ ଅବଧି ବିଶ୍ୱକପ୍ ପରେ ଶେଷ ହୋଇଯାଇଥିଲେ ମଧ୍ୟ ଆଗାମୀ ୱେଷ୍ଟଇଣ୍ଡିଜ ଗସ୍ତକୁ ନଜରରେ ରଖାଯାଇ ତାଙ୍କ କାର୍ଯ୍ୟକାଳକୁ ୪୫ ଦିନ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

### ଆଶଙ୍କାରେ ଓସିଏ ନିର୍ବାଚନ

# ବାହାର ରାଜ୍ୟରୁ ଆସିବେ ନିର୍ବାଚନ ଅଧିକାରୀ

କଟକ ଅଫିସ,୨୫।୭

ଆଶଙ୍କା ଭିତରକୁ ଠେଲି ହେବାରେ ଲାଗିଛି ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର କର୍ମକର୍ତ୍ତା ନିର୍ବାଚନ। ଗତ ଜୁଲାଇ ୧ ତାରିଖ ସୁଦ୍ଧା ରାଜ୍ୟ ସଂଘଗୁଡ଼ିକ ନିର୍ବାଚନ ଅଧିକାରୀ ନିଯୁକ୍ତ କରିବେ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଜୁଲାଇ ମାସ ଶେଷହେବାକୁ ବସିଥିବା ବେଳେ ଓସିଏରେ ନିର୍ବାଚନ ଅଧିକାରୀ ନିଯୁକ୍ତ ହୋଇ ପାରିନାହିଁ। ନିର୍ବାଚନ ଅଧିକାରୀ ନିଯୁକ୍ତ କରିବା ନେଇ ଓସିଏ ସରକାରୀ ସ୍ତରରେ ସହାୟତା ଲୋଡିଥିଲା। ଆଉ ଅଳ୍ପ ଦିନ ପରେ ନିର୍ବାଚନ ପ୍ରକ୍ରିୟା ମଧ୍ୟ ଆରମ୍ଭ ହେବ। ମାତ୍ର ସରକାରୀ ସ୍ତରରେ ନିର୍ବାଚନ ଅଧିକାରୀ ପ୍ରଦାନ କରାଯାଇ ନ ଥିବା ଜଣାପଡ଼ିଛି। ଯାହାଫଳରେ ଓସିଏ ବିସିସିଆଇ ସହ ଏ ସଂକ୍ରାନ୍ତରେ ପରାମର୍ଶ କରି ପଡୋଶୀ ରାଜ୍ୟ ତଥା ପଶ୍ଚିମବଙ୍ଗ, ବିହାର କିମ୍ବା ଝାଡ଼ଖଣ୍ଡରୁ ନିର୍ବାଚନ ଅଧିକାରୀ ଆଣିବ ବୋଲି ଜଣେ ପୂର୍ବତନ ବରିଷ୍ଠ ଅଧିକାରୀ କହିଛନ୍ତି। ନିର୍ବାଚନ ନ ହେବା ଫଳରେ ଦେଶର ସମସ୍ତ କ୍ରିକେଟ ସଂଘ ଆର୍ଥିକ ସଙ୍କଟ ଭିତରେ ଗତି କରୁଛି। ଏଥିରୁ ସ୍ଥାୟୀ ଭାବେ ମୁକୁଳିବା ପାଇଁ କେବଳ ନିର୍ବାଚନ ହିଁ ଭରସା। ହେଲେ ଓସିଏ ପାଇଁ ବିଭିନ୍ନ ଦିଗରୁ ସମସ୍ୟାମାନ ମୁଣ୍ଡ ଟେକିବାରେ ଲାଗିଛି। ବିସିସିଆଇ ପକ୍ଷରୁ ନିର୍ବାଚନ ଅଧିକାରୀ ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ ପାଇବା ପୂର୍ବରୁ ଓସିଏ ଏ କ୍ଷେତ୍ରରେ ତତ୍ପରତା ଦେଖାଇଥିଲା। ନିର୍ବାଚନ ଅଧିକାରୀ ଖୋଜା ଚାଲିଛି ବୋଲି ମଧ୍ୟ ଓସିଏ ପକ୍ଷରୁ ପୂର୍ବରୁ ଘୋଷଣା ହୋଇଥିଲା। ଏ ନେଇ ୩ଜଣଙ୍କ ନାମ ସୁପାରିସ କରାଯାଇଥିଲା। ଆଲୋଚନା ଭିତରେ ସମୟ ଅତିବାହିତ ହୋଇଥିବା ବେଳେ କାହିଁକି ନିର୍ବାଚନ ଅଧିକାରୀ ନିଯୁକ୍ତ ହୋଇପାରିନାହିଁ ତାହା ସ୍ପଷ୍ଟ ହୋଇନାହିଁ। ଅଗଷ୍ଟ ୧୪ ସୁଦ୍ଧା ନିର୍ବାଚନ ବିଧି ଓ ଭୋଟର ତାଲିକା ପ୍ରଚଳନ ଏବଂ ସେପ୍ଟେମ୍ବର ୧୪ ସୁଦ୍ଧା ରାଜ୍ୟ ଆସୋସିଏଶନଗୁଡ଼ିକର ନିର୍ବାଚନ ହେବ। ଯଦି ଖୁବଶୀଘ୍ର ନିର୍ବାଚନ ଅଧିକାରୀ ନିଯୁକ୍ତ ନ ହୁଅନ୍ତି ତାହେଲେ ଓସିଏର ନିର୍ବାଚନ ବନ୍ଦ ହୋଇଯିବ ବୋଲି ପୂର୍ବତନ ବରିଷ୍ଠ ଅଧିକାରୀ ଜଣଙ୍କ କହିଥିଲେ।

CLASSIFIED DISPLAY




ADMISSION NOTICE FOR BA.LLB COURSE
MAHAMAYA INSTITUTE OF LEGAL SCIENCE, NUAPADA
Approved by Bar Council of India, New Delhi
Recognised by Dept. Higher Education Govt. of Odisha
Affiliated by Sambalpur University, Jyoti Vihar, Burla
BUILD YOUR CAREER IN LAW
Course:- BA.LLB (Semester System)
Duration:- 5 years
Eligibility:- 12th or +2 Arts/ Science/ Commerce or equivalent degree recognized by CHSE, Odisha (40% for SC/ST, 42% for OBC & 45% for General) Scholarship for ST/SC/ Minority Students. Hostel facilities for Girls & Boys.
CONTACT- 7077415312
















ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ସିପ୍ରା ଦାଶ
ଗ୍ରାମ: ବୀରରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ଜି: ପୁରୀ
ତିରୋଧାନ: ୨୨।୦୭।୨୦୦୩
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଆଦର୍ଶ, ସ୍ୱାଭିମାନ ତଥା ସେବା ମନୋବୃତ୍ତି ଆମ୍ଭମାନଙ୍କ ପାଇଁ ଚିରସ୍ମରଣୀୟ। ଯେଉଁଠାରେ ଥାଆନ୍ତୁ ଆପଣଙ୍କ ଆଶୀର୍ବାଦ ସଦାସର୍ବଦା ଆମ ଉପରେ ଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ସ୍ୱା: ମନୋଜ କୁମାର ଦାଶ, ପୁତ୍ର: ଅମିତ୍ ବିକ୍ରମ ଦାଶ (ନିକା), ସୁମିତ୍ ବିକ୍ରମ ଦାଶ (ଟିକା), ବୋହୂ: ବିନିତା କର (ନିତୁ), ନାତି: ଶ୍ରେୟାଂସ ଦାଶ (ରିଶି)।
ଧ–୬୩୮୬

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତା ପ୍ରିୟମ୍ବଦା ନାୟକ
ଗରିପୁର, ଚାନ୍ଦବାଲି, ଭଦ୍ରକ
ଆବିର୍ଭାବ: ୧୮।୦୬।୧୯୪୪
ତିରୋଧାନ: ୧୬।୦୭।୨୦୧୯
ତୁମର ସ୍ନେହ ଆମ ପାଇଁ ଅପୂରଣୀୟ। ତୁମର ସ୍ନେହ, ଶ୍ରଦ୍ଧା, ଭଲପାଇବା ଆମପାଇଁ ଅଭୁଲା। ଏକାଦଶାହରେ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ବାବା ଆଖଣ୍ଡଳମଣିଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳିସହ:
ପୁତ୍ର, ପୁତ୍ରବଧୂ, ଭଣଜା, ଭାଣିଜୀ, ଭଣଜା ବୋହୂ, ଜ୍ୱାଇଁ, ଝିଅ, ନାତି, ନାତୁଣୀ, ପୁତୁରା, ପୁତୁରାବୋହୂ
ଧ–୧୩୫୯୧



ଇପାରୀ ରାଜେଶ୍ୱର ପାତ୍ର
ଭଗବତୀ କ୍ଲଥ୍ ଷ୍ଟୋର୍
ଶୁଭଲକ୍ଷ୍ମୀ ଯୁଏଲର୍ସ
ଗୋପବନ୍ଧୁ ନଗର, ଆସିକା
ଆବିର୍ଭାବ : ୨୦.୧୨.୧୯୪୬
ତିରୋଧାନ : ୧୫.୭.୨୦୧୯
ଆଜି ଆପଣଙ୍କ ତିରୋଧାନର ଦ୍ୱାଦଶାହ ଦିବସରେ ଆପଣଙ୍କ ଅମରଆତ୍ମାର ସଦ୍‌ଗତି ଲାଗି ଜଗତରନାଥ ଶ୍ରୀ ଜଗନ୍ନାଥଙ୍କ ଚରଣାରବିନ୍ଦରେ ଶତକୋଟି ପ୍ରଣତି ଜଣାଉଛୁ ।
– ଶୋକସନ୍ତପ୍ତ ପରିବାର ବର୍ଗ
ବନ୍ଧୁବାନ୍ଧବ ଓ ଆତ୍ମୀୟ ସ୍ୱଜନ
ଧ–୧୩୫୯୨

୭ମ ଶ୍ରାଦ୍ଧବାର୍ଷିକ



ସ୍ୱର୍ଗତ ଡାକ୍ତର କୈଳାସ ଚନ୍ଦ୍ର ମହାନ୍ତି
(ଶ୍ରାବଣ କୃଷ୍ଣପକ୍ଷ ନବମୀ ତିଥି)
ତିରୋଧାନ: ୧୨।୦୭।୨୦୧୨
ଗ୍ରାମ–ଜଳପୋକ, ଜିଲ୍ଲା–କେନ୍ଦ୍ରାପଡ଼ା
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ପତ୍ନୀ–ଅନସୂୟା ମହାନ୍ତି, ପୁଅ–ଜନ୍ମେଜୟ ମହାନ୍ତି, ବୋହୂ: କୃଷ୍ଣପ୍ରିୟା ମହାନ୍ତି, ମୃତ୍ୟୁଞ୍ଜୟ ମହାନ୍ତି, ମମତାଞ୍ଜଳି ମହାନ୍ତି, ନାତୁଣୀ: ଶାଶ୍ୱତୀ ମହାନ୍ତି ଏବଂ ପରିବାରବର୍ଗ।
ଧ–୧୩୫୯୦

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ବିକ୍ରମ କେଶରୀ ବରାଳ
ଆବିର୍ଭାବ: ୧୭।୦୬।୧୯୬୭
ତିରୋଧାନ: ୨୭।୦୭।୨୦୦୮
ବାପାରେ, ମା ପଛେ ପଛେ ତୁ ଚାଲିଗଲୁ। ଯେଉଁ ବୟସରେ ଚାଲିଗଲୁ ସେ ବାପାର ଅବସ୍ଥା କ’ଣ ହୋଇଥିବ ତୁ ଆରପାରିରେ ବୁଝିପାରୁଥିବୁ। ତୋର ଜ୍ଞାନ ଗରିମା, ପିତୃଭକ୍ତି ସବୁକିଛି ସଦାସର୍ବଦା ମୋ ମନରେ ଜୀବିତ ରହିଛି। କାହିଁକି ଏ କଅଁଳ ବୟସରେ ଦୁଃଖ ଦେଇ ଚାଲିଗଲୁ? ତୋର ସଦ୍‌ଗତି ହେଉ। ତୁ ଉନ୍ନତ ଜନ୍ମ ପ୍ରାପ୍ତ ହୁଅ, ମୋର ଆଶିଷ। ମୁନି (ପିକୁଲି) ତୋ କଥା ମନେ ପକାଇ କାନ୍ଦିଥାଏ। ତୋର କୁନି ପୁଅର ନମସ୍କାର ନେବୁ।
ତୋର ବାପା
ଧ–୧୩୫୯୪

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ଜୁଲାଇ ୨୬/୨୦୧୯ Sambalpur, Friday, July 26 / 2019




## ଗୋ ମାଂସ ଖାଇବାକୁ ନେଇ ଉତ୍ତେଜନା

ଲେଫ୍ରିପଡା,୨୫।୭(ଡି.ଏନ.ଏ)

ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ମଶାବିରା ପଞ୍ଚାୟତର ବୁଡାପାହାଡ ଗ୍ରାମର ଲକ୍ରାଘରାଠାରେ ଜନୈକ ବ୍ୟକ୍ତିଙ୍କ ବଳଦକୁ ହତ୍ୟା କରି ମିଳିତ ଭାବେ ମାଂସ ଖାଇଥିବାରୁ ଗ୍ରାମରେ ଉତ୍ତେଜନା ଲାଗିରହିଛି। ଦୁଇ ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ହେବାର ଆଶଙ୍କା କରାଯାଉଛି। ସୂଚନା ଅନୁଯାୟୀ ମଶାବିରା ଗ୍ରାମ ଠେଡଲକୋଛାପଲର ବନମାଳୀ ପ୍ରଧାନଙ୍କ ବଳଦ ଗତ ୨୧ତାରିଖରୁ ହଜିଯାଇଥିଲା। ବନମାଳୀ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ବଳଦକୁ ବୁଡାପାହାଡ ଲକ୍ରାଘରା ଗ୍ରାମର ଜନୈକ ବ୍ୟକ୍ତି ଚୋରି କରି ସେହି ଗ୍ରାମର ଭିନ୍ନ ସମ୍ପ୍ରଦାୟର ବ୍ୟକ୍ତିଙ୍କ ସହଯୋଗରେ ମିଳିତ ଭାବେ ହତ୍ୟାକରି ମାଂସ ଖାଇଥିବା କୌଣସି ସୂତ୍ରରୁ ବନମାଳୀ ଜାଣିଥିଲେ। ପରେ ବଳଦର ହତ୍ୟା ସମ୍ପର୍କରେ ଚର୍ଚ୍ଚା ଲାଗି ରହିଥିବାରୁ ଗ୍ରାମରେ ଅଭିଯୁକ୍ତଙ୍କୁ ଡକାଇ ଏକ ବୈଠକ କରାଯାଇଥିଲା। ବୈଠକରେ ଅଭିଯୁକ୍ତମାନେ ଘଟଣାକୁ ସ୍ୱୀକାର କରିଥିବା ବେଳେ ଗ୍ରାମରେ ଉତ୍ତେଜନା ଲାଗିରହିଥିଲା। ଉତ୍ତେଜନା ହେବାରୁ ବନମାଳୀ ସମେତ ଗ୍ରାମବାସୀ ଆସି ଲେଫ୍ରିପଡା ଥାନାରେ ଅଭିଯୋଗ କରିଥିଲେ। ଥାନାରେ ଘଟଣାକୁ ଚପାଇବା ପାଇଁ ଥାନାର ବିଭିନ୍ନ କର୍ମଚାରୀ ଧମକ ଦେଇ ରାଜିନାମା ହେବାକୁ ବାଧ୍ୟକରିଥିଲେ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗୋ ହତ୍ୟାକୁ ନେଇ ଉତ୍ତେଜନା ଲାଗି ରହିଥିବାବେଳେ ପୋଲିସର କାର୍ଯ୍ୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଘଟଣାକୁ ନେଇ ଦୁଇ ସମ୍ପ୍ରଦାୟ ମଧ୍ୟରେ ବିବାଦ ତୀବ୍ର ହୋଇଥିବାବେଳେ ଆଗାମୀ ଦିନରେ ସାମ୍ପ୍ରଦାୟିକ ସଂଘର୍ଷକୁ ଏଡାଇ ଦିଆଯାଇ ନ ପାରେ। ଜିଲା ପ୍ରଶାସନ ପଦକ୍ଷେପ ନେଇ ସମାଧାନ କରିବାକୁ ଲୋକେ ଦାବି କରିଛନ୍ତି।




## ପୁଅର ଚିକିତ୍ସା ପାଇଁ ପ୍ରଶାସନର ଦ୍ୱାରସ୍ଥ

ଭଦ୍ରକ ଅଫିସ, ୨୫।୭



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦିବ୍ୟାଙ୍ଗ ପୁଅ ସହ ପୀତାମ୍ବର ଓ ତାଙ୍କ ସ୍ତ୍ରୀ।

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ହେଙ୍ଗୁପତି ଖଟୁଆସାହି ଗ୍ରାମର ପୀତାମ୍ବର ଦାସ ପୁଅର ଚିକିତ୍ସା ପାଇଁ ଗୁରୁବାର ପୂର୍ବାହ୍ନରେ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ସେ ତାଙ୍କ ରୋଗଣା ପୁଅକୁ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚି ଆକୁଳ ନିବେଦନ କରିଥିଲେ। ହେଲେ ଜିଲାପାଳଙ୍କ ଅନୁପସ୍ଥିତି କାରଣରୁ ତାଙ୍କ ନିବେଦନ ଶୁଣିବାକୁ କୌଣସି ସରକାରୀ ଅଧିକାରୀ ଆଗଭର ହୋଇ ନ ଥିଲେ। ଶେଷରେ ସେ ଘରକୁ ଫେରିଯାଇଥିଲେ। ପରେ ଅପରାହ୍ନରେ ଜିଲା ପ୍ରଶାସନ ପକ୍ଷରୁ ତାଙ୍କ ପୁଅର ଚିକିତ୍ସା ଖର୍ଚ୍ଚ ବହନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିବା ଜଣାଯାଇଛି।

ପୀତାମ୍ବରଙ୍କ କହିବା ଅନୁଯାୟୀ, ତାଙ୍କର ୧୨ ବର୍ଷର ପୁଅ ରାଜେଶ ମାସେ ହେଲା କୌଣସି ଏକ ଅଜଣା ରୋଗରେ ପୀଡ଼ିତ ହୋଇ ଜିଲା ଚିକିତ୍ସାଳୟରେ ଚିକିତ୍ସାଧୀନ ଥିଲେ। ଅଧିକ ଚିକିତ୍ସା ପାଇଁ ଜିଲା ଚିକିତ୍ସାଳୟ ପକ୍ଷରୁ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ୧୫ ଦିନ ଚିକିତ୍ସା କରାଯାଇଥିଲେ ମଧ ରାଜେଶଙ୍କ ସ୍ୱାସ୍ଥ୍ୟରେ କୌଣସି ଅଗ୍ରଗତି ନ ଘଟିବାରୁ କଟକ ଶିଶୁଭବନକୁ ସ୍ଥାନାନ୍ତର ପାଇଁ ଡାକ୍ତର ପରାମର୍ଶ ଦେଇଛନ୍ତି। ଘରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାବେଳେ ସେ ନିଜେ ଜଣେ ଦିବ୍ୟାଙ୍ଗ ଓ ପୁଅ ସମ୍ପୂର୍ଣ୍ଣ ଦିବ୍ୟାଙ୍ଗ ହୋଇଥିବାରୁ ସରକାରୀ ସହାୟତା ଜରୁରୀ ହୋଇପଡ଼ିଛି। ଜିଲା ପ୍ରଶାସନ ପକ୍ଷରୁ ସହାୟତା କରାଯିବା ପାଇଁ ସେ ନିବେଦନ କରିଥିଲେ। ଏ ନେଇ ରାଜେଶଙ୍କ ଆବଶ୍ୟକ ଚିକିତ୍ସା ନିମନ୍ତେ ମେଡିକାଲ ଜରିଆରେ ସମସ୍ତ ଖର୍ଚ୍ଚ ବହନ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

## ଜେଲ୍ ଗଲେ କୋଟିପତି କିରାଣି

ଜଳେଶ୍ୱର,୨୫।୭(ଡି.ଏନ.ଏ.)



ତରଣୀ କୁମାର ଭୂୟାଁ

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ମାମଲା (ନଂ.୨୬/୨୦୧୯)ରେ ବାଲେଶ୍ୱର ଜିଲା ଜଳେଶ୍ୱର ସହର ନୂଆବଜାରସ୍ଥିତ ଜଳେଶ୍ୱର ମହିଳା ମହାବିଦ୍ୟାଳୟର ମୁଖ୍ୟ କିରାଣି ତଥା ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତ ଆରୁହା ଗ୍ରାମର ମୂଳ ବାସିନ୍ଦା ତରଣୀ କୁମାର ଭୂୟାଁଙ୍କୁ ଗୁରୁବାର ଜେଲ୍ ଯିବାକୁ ପଡିଛି। ପ୍ରିଭେନ୍ସନ୍ ଅଫ୍ କରପସନ୍ (ସଂଶୋଧନ) ଆକ୍ଟ ୨୦୧୮ ର ଧାରା ୧୩(୨) ସହିତ ୧୩(୧)(ବି) ଅନୁଯାୟୀ ତାଙ୍କୁ ଏହି ଦଣ୍ଡାଦେଶ ମିଳିଛି।

ବାଲେଶ୍ୱର ଭିଜିଲାନ୍ସ ଏସ୍‌ପି ସୁନୀଲ କୁମାର ସେନାପତିଙ୍କ ନିର୍ଦ୍ଦେଶକ୍ରମେ ମାମଲାର ତଦନ୍ତକାରୀ ଅଧିକାରୀ ଅନିରୁଦ୍ଧ ନାୟକ ଅଭିଯୁକ୍ତ କିରାଣି ତରଣୀଙ୍କୁ ଗିରଫ କରି ବାଲେଶ୍ୱରସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଇଥିଲେ। ମାମଲାର ଗୁରୁତ୍ୱକୁ ଉପଲବ୍ଧି କରି ବିଚାରପତି ଅଭିଯୁକ୍ତ ଦ୍ୱାରା କରାଯାଇଥିବା ଜାମିନ ଆବେଦନକୁ ନାମଞ୍ଜୁର କରି ଜେଲ୍ ପଠାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ବୁଧବାର ଜଳେଶ୍ୱର ତହସିଲ କାର୍ଯ୍ୟାଳୟ ନିକଟସ୍ଥ ଧରାଷ୍ଟକ୍ ମୌଜାରେ ଅବସ୍ଥିତ ଅଭିଯୁକ୍ତଙ୍କ ବିଳାସମୟ ୩ ମହଲା ବିଶିଷ୍ଟ ଅଟ୍ଟାଳିକା ସମେତ ଆରୁହା ଗ୍ରାମସ୍ଥିତ ପୈତୃକ ଘର, ମହାବିଦ୍ୟାଳୟର ଦପ୍ତର, ମୟୂରଭଞ୍ଜ ଜିଲା ବିଜାତଳା ବ୍ଲକ ଲୁହାଶିଳା ଛାତ୍ରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ସ୍ତ୍ରୀ ରେଣୁବାଳା କରଙ୍କ କାର୍ଯ୍ୟସ୍ଥଳ ଓ ଜଳେଶ୍ୱର ବ୍ଲକ ଖାଲିନା ଗ୍ରାମସ୍ଥିତ ଶ୍ୱଶୁର ଗଣେଶଚନ୍ଦ୍ର କରଙ୍କ ବାସଭବନରେ ବାଲେଶ୍ୱର ଭିଜିଲାନ୍ସ ଡିଭିଜନ ତରଫରୁ ଏକକାଳୀନ ୫ଟି ସ୍ଥାନରେ ୫ଟି ଟିମ୍ ଦ୍ୱାରା ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ଭିଜିଲାନ୍ସ ଟିମ୍ ଅଭିଯୁକ୍ତ କିରାଣି ଓ ତାଙ୍କ ସ୍ତ୍ରୀଙ୍କଠାରୁ ନଗଦ ୧୦ ହଜାର ୭୭୦ ଟଙ୍କା, ୬୪ ଗ୍ରାମ ସୁନା ଅଳଙ୍କାର, ଲକ୍ଷାଧିକ ଟଙ୍କା ମୂଲ୍ୟର ୫ଟି ପ୍ଲଟ୍, ୮୧ ଲକ୍ଷ ୧୧ ହଜାର ୬୬୦ ଟଙ୍କା ମୂଲ୍ୟର ୩ ମହଲା ବିଶିଷ୍ଟ ବିଳାସପୂର୍ଣ୍ଣ ଅଟ୍ଟାଳିକା, ୧ ଲକ୍ଷ ୬୩ ହଜାର ୬୦୬ ଟଙ୍କା ମୂଲ୍ୟର ଘରୋଇ ଉପକରଣ, ୩ ଲକ୍ଷ ୭୮୯ ଟଙ୍କା ବିଦ୍ୟୁତ ସରଞ୍ଜାମ ତଥା ଉପକରଣ, ୨ ଲକ୍ଷ ୯୦୦ ଟଙ୍କା ମୂଲ୍ୟର ଫର୍ଣ୍ଣିଚର, ସ୍ୱାମୀ ଓ ସ୍ତ୍ରୀଙ୍କ ନାମିତ ୧୦ ଲକ୍ଷ ୧ ହଜାର ୬୧୭ ଟଙ୍କାର ଜୀବନବୀମା ବଣ୍ଡ, ପୋଷ୍ଟାଲ ତଥା ଅନ୍ୟ ବ୍ୟାଙ୍କରେ ଥିବା ୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଜମାରାଶିର ହିସାବ ଜାଣିବାକୁ ପାଇଥିଲେ।

## ପୋଖରୀରେ ବୁଡ଼ି ଶିଶୁ ମୃତ

**ବସ୍ତା, ୨୫।୭(ସ୍ୱ.ପ୍ର.):** ବସ୍ତା ଥାନା ଦଣ୍ଡିକା ଗ୍ରାମର ଚାରୁ ହେମ୍ବ୍ରମଙ୍କ ୨ ବର୍ଷର ପୁଅ ରିତେଶ ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ସେ ତାଙ୍କ ଅଜା ଘର ବେଲଗାଁକୁ ଯାଇଥିବା ବେଳେ ପରିବାର ଲୋକଙ୍କ ଅଗୋଚରରେ ଗୁରୁବାର ପୋଖରୀକୁ ଯାଇ ବୁଡ଼ି ଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବସ୍ତା ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।







Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057,India. CIN: L35911DL1984PLC017354. Accessories and features shown may not be part of standard fitment. Always wear a helmet while riding a two wheeler. For further information, contact nearest Hero MotoCorp authorised outlet or call our toll free no.: 1800 - 266 - 0018 or visit us on www.heromotocorp.com. *As per cumulative dispatch numbers as on September, 2018. 'Terms & Conditons apply. For more information contact your nearest Hero dealership.

HeroFinCorp. HeroMotoCorp.com HeroMotoCorpIndia HeroMotoCorp HeroMotoCorpLimited TheHeroMotoCorp

For Institutional and Bulk Sales please write to Kolkata@heromotocorp.com

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ମୃତ୍ୟୁ ସମୟରେ ଯଦି ଆମର ମନ ଇଷ୍ଟ ବା ଗୁରୁଙ୍କଠାରେ ଯୋଗ ହୋଇଥାଏ ତେବେ ମୁକ୍ତି ମିଳିଥାଏ।
- ଶିରିଡ଼ି ସାଇବାବା



## ସଂକ୍ଷେପରେ

### ବ୍ଲକସ୍ତରୀୟ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ

**ପାଇକମାଳ, ୨୫।୭ (ଡି.ଏନ.ଏ):** ପାଇକମାଳ ସ୍ଥିତ ବ୍ଲକ ସଭାଗୃହରେ ଡେଙ୍ଗୁ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷ ଅଲତାବ ମହମ୍ମଦ ମୁଖ୍ୟଅତିଥି, ଏବିଡିଓ ପ୍ରଦୀପ କୁମାର ଭୋଇ, ପାଇକମାଳ ସରପଞ୍ଚ ଧବଳେଶ୍ୱର ସାହୁ, କୁକୁରାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା. ନାରାୟଣ ପଶାୟତ, ବଡ ଶତପଥି, ସୁରଥ ସାହୁ, ଗୁରୁଚରଣ ଦାସ, ଚନ୍ଦ୍ରସନ ଚନ୍ଦ୍ରକାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଡେଙ୍ଗୁ ରୋଗର ନିରାକରଣ ପାଇଁ ବିଭିନ୍ନ ଉପାୟ ବିଷୟରେ ବୁଝାଇଥିଲେ । ଏହି କାର୍ଯ୍ୟକ୍ରମ ଭାରପ୍ରାପ୍ତ ପିଏଚଇଓ ତୁଷ କୁମାର ଚନ୍ଦ୍ରକାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ ପାଇକମାଳ ବ୍ଲକର ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀମାନେ ଯୋଗଦାନ କରିଥିଲେ । ଭିବିଡିଟିଏସ ସାନୋଜ କୁମାର ଦାସ ଯୋଗଦେଇ ଡେଙ୍ଗୁ ରୋଗର ଲକ୍ଷଣ ଓ ନିରାକରଣ ବିଷୟରେ ବୁଝାଇଥିବା ବେଳେ ଶେଷରେ ତୁଷ କୁମାର ଚନ୍ଦ୍ରକାର ଧନ୍ୟବାଦ ଅର୍ପଣ କରିଥିଲେ ।

### ମାଣ୍ଡୋସିଲ କନିଷ୍ଠ କଲେଜରେ କାରଗିଲ ଦିବସ ପାଳିତ

**ପାଇକମାଳ, ୨୫।୭ (ଡି.ଏନ.ଏ):** ପାଇକମାଳ ବ୍ଲକ ମାଣ୍ଡୋସିଲ କନିଷ୍ଠ ମହାବିଦ୍ୟାଳୟରେ ଗୁରୁବାର କାରଗିଲ ଦିବସ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ପୁଷ୍ପାଞ୍ଜଳି ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ରବୀନ୍ଦ୍ର ଶତପଥି, ସୁଲୋଚନା ସାହୁ, ନାରାୟଣ ନାଏକ, ତେଜରାଜ ସାହୁ, ବୈବସ୍ୱତ ପ୍ରଧାନ, ପରମେଶ୍ୱର ସାହୁ ଯୋଗଦେଇ କାରଗିଲ ଯୁଦ୍ଧରେ ଦେଶ ପାଇଁ ବଳିଦାନ ଦେଇଥିବା ବୀର ସୈନିକ ମାନଙ୍କ ବିଷୟରେ ମତବ୍ୟକ୍ତ କରିଥିଲେ । ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଏଥିରେ ଅଂଶଗ୍ରହଣ କରି ଶହୀଦମାନଙ୍କ ପାଇଁ ଦେଶାତ୍ମବୋଧକ ଗୀତ ପରିବେଷଣ ସହ ତାଙ୍କ ଉଦ୍ଦେଶ୍ୟରେ ପୁଷ୍ପ ପ୍ରଦାନ କରିଥିଲେ । ଅନାମିକା ସାହୁ, ପ୍ରେମ କୁମାର ସାହୁ, ମହମ୍ମଦ ସାହିଦ ସହଯୋଗ କରିଥିଲେ । ରିପନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ପଥପାର୍ଶ୍ୱ ବୃକ୍ଷରୋପଣ

**ପଦ୍ମପୁର, ୨୫।୭ (ଡି.ଏନ.ଏ):** ପଦ୍ମପୁର ଉପଖଣ୍ଡ ଲଖମରା ତାରିଣୀ ମନ୍ଦିର ଛକଠାରୁ ପୂଝାରୀପାଲି ଗ୍ରାମ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ ସଡକର ଉଭୟ ପାର୍ଶ୍ୱରେ ବୁଧବାର ବନ ବିଭାଗ ତରଫରୁ ବୃକ୍ଷରୋପଣ କରାଯାଇଛି । ପ୍ରାୟ ୫ କିମି ରାସ୍ତା ପାର୍ଶ୍ୱରେ କରଞ୍ଜ, କୃଷ୍ଣଚୂଡା, ପିଆଶାଳ, ଛତିଅନା, ନିମ୍ବ ଆଦି ଗଛ ରୋପଣ କରାଯାଇଛି । ପଦ୍ମପୁର ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ସାହୁ ପ୍ରଥମେ ବୃକ୍ଷଚାରା ରୋପଣ କରିଥିଲେ। ବନପାଳ ସୁଶାନ୍ତ ଦାଶ, ଶୋରିତ ନନ୍ଦନ ସୁଶାରୀ, ବନରକ୍ଷୀ ତରଣୀସେନ ପ୍ରଧାନ, ସରିତ ଭଗବତ, ଉପେନ୍ଦ୍ର ପଟେଲ, ସରପଞ୍ଚ ଭୀଷ୍ମଦେବ ଡନସନା, ସମିତି ସଭ୍ୟ ଟୁନା ଡନସନା, କାର୍ଯ୍ୟନିର୍ବାହୀ ଅଧିକାରୀ ମହେନ୍ଦ୍ର ବନଛୋର, ପଦ୍ମଲୋଚନ ବେରିଆ, ଗଣେଷ ନାଏକ ପ୍ରମୁଖ ଯୋଗଦାନ କରିଥିଲେ ।

■ ଶିକ୍ଷୟିତ୍ରୀଙ୍କୁ ଶିକ୍ଷକଙ୍କ ପ୍ରତାରଣା ଘଟଣା

# ଅଭିଯୁକ୍ତଙ୍କୁ ପୋଲିସର ଅନୁକମ୍ପା ଅଭିଯୋଗ

**ବରଗଡ଼ ଅଫିସ୍,୨୫।୭**

ବରଗଡ଼ ଜିଲା ମେଲଛାମୁଣ୍ଡା ଥାନା ଅଞ୍ଚଳର ଏକ ସ୍କୁଲର ଜଣେ ଶିକ୍ଷକ ଅନ୍ୟ ଜଣେ ଶିକ୍ଷୟିତ୍ରୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ଏବଂ ଶିକ୍ଷୟିତ୍ରୀ ଜଣକ ଗର୍ଭବତୀ ହେବା ପରେ ତାଙ୍କୁ ପ୍ରତାରଣା କରିବା ଘଟଣା ଜିଲାରେ ଆଲୋଡ଼ନ ଖେଳାଇ ଦେଇଛି। ଏ ସମ୍ପର୍କରେ ଗତ ୧୭ତାରିଖରେ ଶିକ୍ଷୟିତ୍ରୀ ଜଣକ ମେଲଛାମୁଣ୍ଡା ଥାନାରେ ଏତଲା ଦେଇଥିଲେ ସୁଦ୍ଧା ପୋଲିସ ଅଭିଯୁକ୍ତ ଶିକ୍ଷକଙ୍କୁ ଗିରଫ କରିବା ବଦଳରେ ହାତ ବାନ୍ଧି ବସିଛି। ସ୍ଥାନୀୟ ପୋଲିସର ଅଭିଯୁକ୍ତଙ୍କ ପ୍ରତି ଏଭଳି ଅନୁକମ୍ପା ଯୋଗୁ ପୀଡ଼ିତା ଶିକ୍ଷୟିତ୍ରୀ ପୋଲିସ ଉପରୁ ଆସ୍ଥା ହରାଇ ଗୁରୁବାର ପରିବାର ଲୋକଙ୍କ ସହିତ ଏସପି ମୁକେଶ କୁମାର ଭାମୁଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅନୁରୂପ ଭାବେ ସେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଫେରାଦ୍ ହୋଇ ଜୀବନ ପ୍ରତି ବିପଦ ଥିବାରୁ ତାଙ୍କୁ ସେହି ସ୍କୁଲରୁ ନିଜ ଗ୍ରାମ ନିକଟ ଏକ ସ୍କୁଲକୁ ବଦଳି କରିବା ପାଇଁ ନିବେଦନ କରିଛନ୍ତି ।

ପ୍ରକାଶ ଯେ, ପୀଡ଼ିତା ଶିକ୍ଷୟିତ୍ରୀ ଜଣକ ଗତ ପ୍ରାୟ ୧୩ମାସ ତଳେ ମେଲଛାମୁଣ୍ଡା ଥାନା ଅଞ୍ଚଳର ଏକ ସ୍କୁଲରେ ନିଯୁକ୍ତି ପାଇଛନ୍ତି। ଗତ ୭ମାସ ପୂର୍ବରୁ ସମ୍ପୃକ୍ତ ସ୍କୁଲର ଜଣେ ଶିକ୍ଷକ ତଥା ବିର୍ଜାମ ଗ୍ରାମର କେଶବ ପାତ୍ର ତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିଲେ। ଗତ ୩ମାସ ତଳେ ପୀଡ଼ିତା ଶିକ୍ଷୟିତ୍ରୀ ଗର୍ଭବତୀ ଥିବା କହିବା ପରେ ସମ୍ପୃକ୍ତ ଶିକ୍ଷକ ଜୁନ୍ ୨୦ତାରିଖରେ ତାଙ୍କର ଜଣେ ସାଙ୍ଗଙ୍କୁ ଧରି ବରଗଡ଼ ରେଜିଷ୍ଟ୍ରି ଅଫିସକୁ ଆସିଥିଲେ ଏବଂ ପୀଡ଼ିତା ଶିକ୍ଷୟିତ୍ରୀଙ୍କୁ ବିବାହ ପାଇଁ ଆବେଦନ କରିଥିଲେ। ଏପରିକି ବିବାହ ଆବେଦନର ପୂର୍ବଦିନ ସମ୍ପୃକ୍ତ ଶିକ୍ଷକଙ୍କ ମା, ବାପା ମଧ୍ୟ ପୀଡ଼ିତାଙ୍କ ପରିବାର ଲୋକଙ୍କୁ ଡକାଇ ବିବାହ ପ୍ରସ୍ତାବ ଦେଇଥିଲେ। ଯଦି ଜାତି ସମାଜ ଗ୍ରହଣ ନ କରନ୍ତି, ଉଭୟ ଅନ୍ୟତ୍ର ରହିବେ ବୋଲି ଶିକ୍ଷକଙ୍କ ପରିବାର ଲୋକେ କହିଥିବା ପୀଡ଼ିତା ପ୍ରକାଶ କରିଛନ୍ତି ।

- ■ପୀଡ଼ିତା ଶିକ୍ଷୟିତ୍ରୀ ଗର୍ଭବତୀ
- ■ଅଭିଯୁକ୍ତଙ୍କୁ ଧରୁନି ପୋଲିସ୍
- ■ଜିଲାପାଳ, ଏସପିଙ୍କୁ ଫେରାଦ
- ■ଅଭିଯୁକ୍ତଙ୍କ ଗିରଫ ଦାବି କଲେ
- ■ପାଖ ସ୍କୁଲକୁ ବଦଳି ନିବେଦନ

କିନ୍ତୁ ଗତ ୯ତାରିଖରେ ଅଭିଯୁକ୍ତ ଶିକ୍ଷକ ପୀଡ଼ିତାଙ୍କୁ ପଦ୍ମପୁରର ଏକ କ୍ଲିନିକକୁ ନେଇଥିଲେ ଏବଂ ସେଠାରେ ଗର୍ଭନଷ୍ଟ କରିବାକୁ ଡାକ୍ତରଙ୍କୁ କହିଥିଲେ। ମାତ୍ର ଡାକ୍ତର ଜଣକ ସବୁକଥା ଜାଣିବା ପରେ ଗର୍ଭନଷ୍ଟ ନ କରି ବିବାହ ପାଇଁ ପରାମର୍ଶ ଦେଇଥିଲେ। ତଥାପି ଅଭିଯୁକ୍ତ ଶିକ୍ଷକ ଜଣକ ବିବାହ ବଦଳରେ ଗତ ୧୩ତାରିଖ ରାତ୍ରି ପ୍ରାୟ ୯ଟାରେ ଫୋନ କରି ଜାତି ଆକ୍ଷେପ ସହିତ ବିବାହ କରିବାକୁ ମନା କରି ଦେଇଥିଲେ। ଏପରିକି ଘଟଣା ସମ୍ପର୍କରେ ପୋଲିସରେ ଅଭିଯୋଗ କଲେ ଜୀବନରେ ମାରିଦେବା ପାଇଁ ଧମକ ଦେଇଥିଲେ ବୋଲି ପୀଡ଼ିତା ପ୍ରକାଶ କରିଛନ୍ତି। ଏହି ଘଟଣାକୁ ନେଇ ସେ ମେଲଛାମୁଣ୍ଡା ଥାନାରେ ଏତଲା ଦେବା ପରେ ପୋଲିସ ଅଭିଯୁକ୍ତ ଶିକ୍ଷକଙ୍କ ବିରୋଧରେ ଦଫା ୩୭୬(୨) (ଏନ), ୪୧୭, ୫୦୬ ଏବଂ ୩ ଏସଟି ଏସଏସି ଆକ୍ଟରେ ମାମଲା ରୁଜୁ କରିଛି। କିନ୍ତୁ ମାମଲା ରୁଜୁ ହେବାର ଏକ ସପ୍ତାହ ବିତିଯାଇଥିଲେ ସୁଦ୍ଧା ପୋଲିସ ଅଭିଯୁକ୍ତ ଶିକ୍ଷକଙ୍କୁ ଗିରଫ କରି ପାରି ନାହିଁ। ଫଳରେ ତାଙ୍କ ଜୀବନ ପ୍ରତି ବିପଦ ଥିବାରୁ ଅଭିଯୁକ୍ତ ଶିକ୍ଷକଙ୍କୁ ତୁରନ୍ତ ଗିରଫ ସହିତ ତାଙ୍କୁ ସେହି ସ୍କୁଲରୁ ନିଜ ଗାଁ ପାଖ ସ୍କୁଲକୁ ବଦଳି କରିବା ପାଇଁ ପୀଡ଼ିତା ଶିକ୍ଷୟିତ୍ରୀ ଏସ୍‌ପି, ଜିଲାପାଳଙ୍କୁ ନିବେଦନ କରିଛନ୍ତି।



ବର୍ଷା ନ ଥିବାରୁ ଚାଷଜମି ଫାଟି ଧାନତଳି ଶୁଖିଗଲାଣି ।

# ବର୍ଷା ନାହିଁ, ଜଳିଗଲାଣି ଧାନ ଗଛ

**ପଦ୍ମପୁର, ୨୫।୭ (ଡି.ଏନ.ଏ)**

ଧାରା ଶ୍ରାବଣରେ ବର୍ଷାର ଦେଖାନାହିଁ। ନିଖୋଜ ହୋଇଯାଇଛି ମୌସୁମୀ। ଆକାଶରେ ମେଘ ଗର୍ଜୁଛି ହେଲେ ବରଷୁ ନାହିଁ। ଦିନରେ ମୁଣ୍ଡ ଫଟା ଖରା ସାଙ୍ଗକୁ ଅସହ୍ୟ ଗୁଳୁଗୁଳି। ଏଭଳି ପାଗ ପଦ୍ମପୁର ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। ଏପରି ଅବସ୍ଥା ଯଦି ଆଉ ସପ୍ତାହେ ଲାଗି ରହେ ତେବେ ଚାଷୀକୁଳ ସମ୍ପୂର୍ଣ୍ଣ ମରୁଡି ପ୍ରଭାବିତ ହେବେ। ଧାନ ବେଉଷୁଣ ସମୟରେ କ୍ଷେତରେ ପାଣି ନାହିଁ। ଛୋଟ ଛୋଟ ଧାନ ଗଛର ପତ୍ର ପୋଡିଯାଉଛି। ଅନେକ ତଳି ଧାନ ଲାଲ ହୋଇ ନଷ୍ଟ ହେବା ଆରମ୍ଭ ହେଲାଣି । ଫଳରେ ପଦ୍ମପୁର କୃଷି ଜିଲାର ପଦ୍ମପୁର, ପାଇକମାଳ ଓ ଝାରବନ୍ଧ ବ୍ଲକରେ କୃଷି ବିଭାଗ ପକ୍ଷରୁ ହୋଇଥିବା ଲକ୍ଷ୍ୟଧାର୍ଯ୍ୟ ପୂରଣ ହୋଇ ପାରୁନାହିଁ। ବିଭାଗ ପକ୍ଷରୁ ପଦ୍ମପୁର ବ୍ଲକରେ ୨୧ ହଜାର ୪୯୯ ହେକ୍ଟର, ପାଇକମାଳ ବ୍ଲକରେ ୨୮ ହଜାର ୫୯୯ ହେକ୍ଟର ଓ ଝାରବନ୍ଧ ବ୍ଲକରେ ୧୫ ହଜାର ୫୫୦ ହେକ୍ଟର ଜମିରେ ଧାନ ଚାଷର ଲକ୍ଷ୍ୟଥିବା ବେଳେ ବର୍ଷା ଅଭାବରୁ ପ୍ରାୟ ୫୦ ପ୍ରତିଶତ ଧାନ କ୍ଷେତ ପ୍ରଭାବିତ ହୋଇଥିବା ଜିଲା କୃଷି ଅଧିକାରୀ ବ୍ରଜ କିଶୋର ଲେଙ୍କା କହିଛନ୍ତି।



ମୋ ସ୍କୁଲ ଅଭିଯାନ ସଭାବେ ମଞ୍ଚାସୀନ ଅତିଥି।

# ସାନଡୁଙ୍ଗୁରୀପାଲିରେ ମୋ ସ୍କୁଲ ଅଭିଯାନ

**ମନମୁଣ୍ଡା, ୨୫।୭ (ଡି.ଏନ.ଏ)**

ବୌଦ୍ଧ ଜିଲା କସୁରବନ୍ଧ ପଞ୍ଚାୟତ ସାନଡୁଙ୍ଗୁରୀପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଶତାଧିକ ପୁରାତନ ଛାତ୍ରୀଛାତ୍ର ଏଥିରେ ଯୋଗଦେଇ ସ୍କୁଲର ଉନ୍ନତି ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରିଥିଲେ। ଆବଶ୍ୟକ ଶ୍ରେଣୀ ପ୍ରକୋଷ୍ଠ ନିର୍ମାଣ, ସରଞ୍ଜାମ ଯୋଗାଡ, ବୃକ୍ଷରୋପଣ କରି ବିଦ୍ୟାଳୟକୁ ସୁନ୍ଦର ଭାବେ ଗଢ଼ି ତୋଳିବା ପାଇଁ କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ଓ ଉଦ୍ଦେଶ୍ୟ ବୋଲି ପ୍ରଧାନଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ମିଶ୍ର କହିଥିଲେ। ସ୍କୁଲ କମିଟି ସଭାପତି ନରେନ୍ଦ୍ର କ୍ଷେତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଦୁର୍ଗେସ ପାତ୍ରଙ୍କୁ ପୁରାତନ ଛାତ୍ର କମିଟି ସଭାପତି, କୃତ୍ତିବାସ କର୍ଣ୍ଣ ସମ୍ପାଦକ ଓ ବିଷ୍ଣୁଚରଣ ପାତ୍ରଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିଲା। ଶିକ୍ଷକ ଯୋଗେଶ ମିଶ୍ର ମଞ୍ଚ ପରିଚାଳନା କରିଥିଲା ବେଳେ କୌସ୍ତୁଭ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ମାନସ ଦନ୍ତା, ରଞ୍ଜିତ ମଲିକ, ପ୍ରକାଶ କର୍ଣ୍ଣ, ଶେଷଦେବ ଗରିଆ, ସୂର୍ଯ୍ୟ କାନ୍ତି କର୍ଣ୍ଣ ପ୍ରମୁଖ ସହଯୋଗ କରିଥିଲେ।

■ ରାସ୍ତାରୋକୋ ଆନ୍ଦୋଳନର ପାର୍ଶ୍ୱ ପ୍ରତିକ୍ରିୟା

# ଖୁଣ୍ଟିଗୋରା ସରପଞ୍ଚଙ୍କୁ ଆକ୍ରମଣ

**କଣ୍ଟାମାଳ/ଘଣ୍ଟାପଡା, ୨୫।୭(ଡି.ଏନ.ଏ)**

ବୌଦ୍ଧ ଜିଲା ଖୁଣ୍ଟିଗୋରାଠାରେ ଏମଜିଏନଆରଇଜିଏସ୍‌ର ଗୃହ ନିର୍ମାଣ ପ୍ରାପ୍ୟ ହେରଫେର ନେଇ ରାସ୍ତାରୋକୋ ଆନ୍ଦୋଳନର ପାର୍ଶ୍ୱ ପ୍ରତିକ୍ରିୟା ସ୍ୱରୂପ ଗୁରୁବାର ସରପଞ୍ଚ ଓ ତାଙ୍କ ସଡୁଙ୍କ ଉପରେ ଆକ୍ରମଣ ହୋଇଛି। ଏ ନେଇ ଖୁଣ୍ଟିଗୋରା ସରପଞ୍ଚ ପ୍ରହଲ୍ଲାଦ ସେଠୀ କଣ୍ଟାମାଳ ଥାନା ଘଣ୍ଟାପଡା ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ପୋଲିସ ତଦନ୍ତ ଚଳାଇଛି। ଅଭିଯୋଗ ଅନୁସାରେ, ଗୃହ ନିର୍ମାଣ ଯୋଜନାର ପ୍ରାପ୍ୟ ହେରଫେର ନେଇ ବୁଧବାର ରାସ୍ତା ଅବରୋଧ ହୋଇଥିଲା। ଖବର ପାଇ ସେଠାରେ ପହଞ୍ଚିଥିବା ସରକାରୀ ଅଧିକାରୀଙ୍କ ଆଗରେ ହିତାଧିକାରୀମାନେ ଜିଆରଏସଙ୍କ ନାମରେ ଅଭିଯୋଗ କରିଥିଲେ । ଗୁରୁବାର ଅପରାହ୍ନରେ ସରପଞ୍ଚ ସେଠୀ ଓ ବଲାଙ୍ଗୀର ଶାସ୍ତ୍ରୀ ନଗରରୁ ଆସିଥିବା ତାଙ୍କ ସଡୁ ବାଇକ ଯୋଗେ ଘଣ୍ଟାପଡାରୁ ଫେରୁଥିବା ବେଳେ ଜିଆଏସଙ୍କ କିଛି ସମର୍ଥକ ମଣିଣାଗୋରା, ରେଙ୍ଗାଲିପଡା ବରଗଛ ଛକଠାରେ ସେମାନଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି ।

# ଶିକ୍ଷକ ବଦଳି ବାତିଲ, ୩ ଦିନ ପରେ ସ୍କୁଲରୁ ଖୋଲିଲା ତାଲା

**ବୌଦ୍ଧ/ତଳଗାଁ, ୨୫।୭(ସ୍ୱ.ପ୍ର/ଡି.ଏନ.ଏ)**

ବୌଦ୍ଧ ଜିଲାର ତିନିଟି ବ୍ଲକରେ ୧୭୮ ଜଣ ଶିକ୍ଷୟତ୍ରୀ ଶିକ୍ଷକଙ୍କ ବଦଳି ଆଦେଶ ପରେ ବହୁ ବିଦ୍ୟାଳୟରେ ଅଭିଭାବକ ଓ ବିଦ୍ୟାଳୟ କମିଟି ଗୁଡିକରେ ଅସନ୍ତୋଷ ଦେଖାଦେଇଛି। ବିଭିନ୍ନ ବିଦ୍ୟାଳୟରେ ଅଭିଭାବକମାନେ ଶିକ୍ଷକ ବଦଳି ବାତିଲ କରିବାକୁ ଅଡି ବସିବା ସହିତ ବହୁ ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରୁଛନ୍ତି । ହରଭଙ୍ଗା ବ୍ଲକରେ ମଧ୍ୟ ୬୧ ଜଣ ଶିକ୍ଷୟତ୍ରୀ ଶିକ୍ଷକଙ୍କୁ ବଦଳି ଆଦେଶ ପରେ ବ୍ଲକର ବହୁ ବିଦ୍ୟାଳୟରେ ବିଦ୍ୟାଳୟ କମିଟି ଓ ଅଭିଭାବକ ବିଦ୍ୟାଳୟ ଗୁଡିକରେ ତାଲା ପକାଇଛନ୍ତି। ବ୍ଲକର ଆଦିବାସୀ ଅଧୁଷିତ ତଳଗାଁ ପଞ୍ଚାୟତର ଗଣ୍ଡାପାଳୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସୁଶାନ୍ତ କୁମାର ବେହେରାଙ୍କୁ ଅନ୍ୟତ୍ର ବଦଳି ଆଦେଶ ବିରୋଧରେ ଅଭିଭାବକ ଓ ବିଦ୍ୟାଳୟ କମିଟି ପକ୍ଷରୁ ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣା ଦିଆଯାଇଥିଲା। ୩ ଦିନ ପରେ ଗୁରୁବାର ହରଭଙ୍ଗା ବିଇଓ ସନାତନ ଗାହାଣଙ୍କ ନିର୍ଦ୍ଦେଶ ଅନୁସାରେ ସିଆରସିସି ସନ୍ତୋଷ କୁମାର ମହାପାତ୍ର ଗଣ୍ଡାପାଳୁ ବିଦ୍ୟାଳୟକୁ ଯାଇ ବିଦ୍ୟାଳୟ କମିଟି ଓ ଅଭିଭାବକ ମାନଙ୍କ ସହିତ ଆଲୋଚନା କରିଥିଲେ ଏବଂ ଶିକ୍ଷକ ବେହେରାଙ୍କ ବଦଳି ଆଦେଶ ବାତିଲ କରାଯାଇଥିବା ନେଇ ଲିଖିତ ଭାବେ ଦେଇଥିଲେ। ଏହାପରେ ବିଦ୍ୟାଳୟ ଫାଟକରୁ ତାଲା ଖୋଲିଥିଲା। ଫଳରେ ଗୁରୁବାର ବିଦ୍ୟାଳୟ ସ୍ୱାଭାବିକ ହୋଇଥିଲା। ଏ ନେଇ ହରଭଙ୍ଗା ବିଇଓ ଗାହାଣଙ୍କୁ ପଚାରିବାରୁ ବିଦ୍ୟାଳୟ କମିଟି ଓ ଅଭିଭାବକମାନେ ଉକ୍ତ ଶିକ୍ଷକଙ୍କୁ ଚାହୁଁଥିବାରୁ ବଦଳି ଆଦେଶ ବାତିଲ କରାଯାଇଥିବା ପ୍ରକାଶ କରିଥିଲେ।

■ ଶିକ୍ଷକ ପଦବୀ ପୂରଣ ଦାବି

# ସ୍କୁଲ ଗେଟ୍‌ରେ ତାଲା ପକାଇଲେ ଅଭିଭାବକ

**ଜହ୍ନାପଙ୍କ/ବୌଦ୍ଧ, ୨୫।୭ (ଡି.ଏନ.ଏ)**

ବୌଦ୍ଧ ବ୍ଲକ ଅନ୍ତର୍ଗତ ଜହ୍ନାପଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟରେ ଦିନକୁ ଦିନ ଛାତ୍ରୀଛାତ୍ର ସଂଖ୍ୟା ବଢି ଚାଲିଥିବା ବେଳେ ଶିକ୍ଷକ ସମସ୍ୟା ବଢି ଚାଲିଛି। ବର୍ତ୍ତମାନ ନବମ ଶ୍ରେଣୀରେ ୨୦୪ ଓ ଦଶମରେ ୧୬୪ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ୨ ବର୍ଷରୁ ଊର୍ଦ୍ଧ୍ୱ ହେଲା ଗଣିତ, ବିଜ୍ଞାନ, ହିନ୍ଦୀ, ସଂସ୍କୃତ ଓ ପ୍ରଧାନ ଶିକ୍ଷକ ଏବଂ କିରାଣୀ ପଦବୀ ଖାଲି ପଡିଛି। ଏ ସମ୍ପର୍କରେ ଅଭିଭାବକମାନେ ଜିଲାପାଳ, ଜିଲା ଶିକ୍ଷା ଅଧିକାରୀ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ବାରମ୍ବାର ଲିଖିତ ଅଭିଯୋଗ କରିଆସୁଥିଲେ ମଧ୍ୟ ଜିଲା ପ୍ରଶାସନ କୌଣସି ପଦକ୍ଷେପ ନେଉ ନାହିଁ । ଏହାର ପ୍ରତିବାଦରେ ଗୁରୁବାର ସକାଳ ସାଢ଼େ ୯ଟା ସମୟରେ ଅଭିଭାବକମାନେ ଜହ୍ନାପଙ୍କ ଉଚ୍ଚ ବିଦ୍ୟାଳୟର ମୁଖ୍ୟ ଫାଟକ ଓ ପଛ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ଫଳରେ ଛାତ୍ରୀଛାତ୍ରମାନେ ଫାଟକ ସମ୍ମୁଖରେ ଠିଆ ହୋଇ ପ୍ରାର୍ଥନା କରୁଥିବା ଦେଖିବାକୁ ମିଳିଥିଲା। ୨ଘଣ୍ଟା ପରେ ଏବିଇଓ ଅଚ୍ୟୁତାନନ୍ଦ ସାହୁ ଓ ସିଆର୍‌ସିସି ସନ୍ତୋଷ ଶତପଥୀ ଘଟଣାସ୍ଥଳରେ ପହଞ୍ଚି ଅଭିଭାବକମାନଙ୍କୁ ବୁଝାସୁଝା କରିବା ସହିତ ୨୦ ଦିନ ମଧ୍ୟରେ ୨ ଜଣ ଶିକ୍ଷକ ନିଯୁକ୍ତି ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ସାଢ଼େ ୧୧ଟାରେ ତାଲା ଖୋଲାଯାଇଥିଲା। ୨୦ ଦିନ ମଧ୍ୟରେ ଶିକ୍ଷକ ନିଯୁକ୍ତି ଦିଆ ନ ଗଲେ ଆସନ୍ତା ଦିନରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସ୍କୁଲରେ ତାଲା ପକାଇବାକୁ ଅଭିଭାବକମାନେ ଚେତାବନୀ ଦେଇଛନ୍ତି। ଏସଏସସିର ସଭାପତି କିରଟି ପ୍ରଧାନ, ସ୍ୱାଧୀନ କୁମାର ପ୍ରଧାନ, ଦଶରଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।



ଛାତ୍ରୀଛାତ୍ରମାନେ ସ୍କୁଲଗେଟ୍ ବାହାରେ ପ୍ରାର୍ଥନା କରୁଛନ୍ତି ।

# ଗୋଷ୍ଠୀ ସଂଘର୍ଷ, ସରପଞ୍ଚଙ୍କ ସମେତ ୪ ଆହତ

**ବରଗଡ଼ ଅଫିସ୍/ଭଟଲି,୨୫।୭**

- ■୭ଅଭିଯୁକ୍ତଙ୍କୁ କୋର୍ଟଚାଲାଣ
- ■୨ଆହତ ବୁର୍ଲାରେ ଚିକିତ୍ସାଧୀନ
- ■ଗିରଫ ଭୟରେ ଅନେକ ଫେରାର

ପୂର୍ବ ଶତ୍ରୁତାରୁ ବରଗଡ଼ ଜିଲା ଭଟଲି ଥାନା ମୂଳବାର ପଞ୍ଚାୟତ ଅନ୍ତର୍ଗତ ରାଉତପଡ଼ାରେ ମଙ୍ଗଳବାର ରାତ୍ରିରେ ହରିଜନପଡ଼ା ଓ ସହରାପଡ଼ା ମଧ୍ୟରେ ଗୋଷ୍ଠୀ ସଂଘର୍ଷ ହୋଇଛି। ଏଥିରେ ଗୋଟିଏ ଗୋଷ୍ଠୀର ୪ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ମୂଳବାର ସରପଞ୍ଚ ମିଥିଲା ବାଗଙ୍କ ସମେତ କାଇଫୁଲ ସୁନା, ମାନିନୀ ତାଣ୍ଡି ଓ ଟିକଦେଇ ସୁନା ଅଛନ୍ତି । ସେମାନଙ୍କ ମଧ୍ୟରୁ ମିଥିଲା ଓ କାଇଫୁଲ ଭୀମସାର୍, ବୁର୍ଲା ଡାକ୍ତରଖାନାରେ ଚିକିତ୍ସାଧୀନ ଥିବାବେଳେ ଅନ୍ୟ ୨ଜଣ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ଏ ନେଇ ଥାନାରେ ଏତଲା ହେବା ପରେ ପୋଲିସ ଅପର ଗୋଷ୍ଠୀର ୭ଜଣଙ୍କୁ ଗୁରୁବାର ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ସୁଦାମ ଭୁଏ(୩୬), ବିବେକାନନ୍ଦ ସାହୁ(୩୮), ସୁଶୀଲ ଭୁଏ(୩୩), ସୁବାଷ ଭୁଏ(୩୬), ସୁବର୍ଣ୍ଣ ସାହୁ(୩୨), ଗୁରୁବାରୀ ଭୁଏ(୩୦) ଏବଂ ଅର୍ଜୁନ ଭୁଏ(୩୩) । ଏହି ଘଟଣାରେ ଆହୁରି ଅଭିଯୁକ୍ତ ସମ୍ପୃକ୍ତ ଥିବା ଯୋଗୁ ପୋଲିସ ସେମାନଙ୍କୁ ଖୋଜାଖୋଜି କରୁଛି। ଫଳରେ ଗିରଫ ଭୟରେ ଗ୍ରାମର ଅନେକ ପୁରୁଷ ଗାଁ ଛାଡ଼ି ବାହାରକୁ ଚାଲି ଯାଇଛନ୍ତି ।

# ହିରୋ ଏକ୍ସଟ୍ରିମ ୨୦୦ଏସ୍‌ର ବରଗଡ଼ ବଜାର ପ୍ରବେଶ

**ବରଗଡ଼ ଅଫିସ୍,୨୫।୭**

କ୍ରମାଗତ ୧୮ବର୍ଷ ଧରି ବିଶ୍ୱରେ ପ୍ରଥମ ସ୍ଥାନ ବଜାୟ ରଖିଥିବା ଦେଶର ଅଗ୍ରଣୀ ମୋଟରସାଇକେଲ ନିର୍ମାତା ହିରୋ ମୋଟୋକର୍ପର ନୂତନ ପ୍ରିମିୟମ ମୋଟରସାଇକେଲ ଏକ୍ସଟ୍ରିମ ୨୦୦ଏସ୍‌ର ବଜାର ପ୍ରବେଶ ହୋଇଛି। କମ୍ପାନୀର ଅଧିକୃତ ବିକ୍ରେତା ଆକାଶ ମୋଟର୍ସ, ବରଗଡ଼ ପକ୍ଷରୁ ଭଟଲି ରୋଡ଼ସ୍ଥିତ ନୂତନ ସୋ ରୁମରେ ବହୁ ପ୍ରତୀକ୍ଷିତ ଏହି ପ୍ରିମିୟମ ମୋଟରସାଇକେଲକୁ ନିର୍ଦ୍ଦେଶକ କିଶନଲାଲ ଅଗ୍ରୱାଲ ଗୁରୁବାର ବିଧିବଦ୍ଧ ଭାବେ ଅନାବରଣ କରି ଲୋକାର୍ପଣ କରିଥିଲେ। ଏହି ଅବସରରେ କମ୍ପାନୀ ପକ୍ଷରୁ ଟେରିଟୋରି ମ୍ୟାନେଜର (ସର୍ଭିସ) ବେଦପ୍ରକାଶ ଦାଶ ଉପସ୍ଥିତ ରହି ୨୦୦ ସିସି ବିଶିଷ୍ଟ ଦମ୍‌ଦାର ଇଞ୍ଜିନଯୁକ୍ତ ନୂଆ ଏକ୍ସଟ୍ରିମ ୨୦୦ଏସ୍ ମୋଟର ସାଇକେଲର ଅତ୍ୟାଧୁନିକ ବିଶେଷତ୍ୱ ଓ ଗୁଣବତ୍ତା ବିଷୟରେ ଉପସ୍ଥିତ ସୋ ରୁମ୍ କର୍ମଚାରୀ ଏବଂ ଗ୍ରାହକମାନଙ୍କୁ ଅବଗତ କରାଇଥିଲେ।




ଆକାଶ ମୋଟର୍ସର ନିର୍ଦ୍ଦେଶକ ଜଣେ ଗ୍ରାହକଙ୍କୁ ଚାବି ପ୍ରଦାନ କରୁଛନ୍ତି ।

ସୋ ରୁମ ମ୍ୟାନେଜର ବସନ୍ତ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା ଓ ଆକାଶ ମୋଟର୍ସର ପରିଚାଳନା ନିର୍ଦ୍ଦେଶକ ଆକାଶ କୁମାର ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ନୂତନ ଭାବେ ବଜାର ପ୍ରବେଶ କରିଥିବା ନୂଆ ଏକ୍ସଟ୍ରିମ ୨୦୦ଏସ୍‌ର ପ୍ରଥମ ଗ୍ରାହକ ଲକ୍ଷ୍ମୀକାନ୍ତ ମେହେରଙ୍କୁ ନିର୍ଦ୍ଦେଶକ କିଶନଲାଲ ଅଗ୍ରୱାଲ ଚାବି ହସ୍ତାନ୍ତର କରି ଏହାର ଆନୁଷ୍ଠାନିକ ବଜାର ପ୍ରବେଶର ଶୁଭାରମ୍ଭ କରିଥିଲେ। ଏହି ଉତ୍ସବରେ ସୋ ରୁମ୍ କର୍ମଚାରୀଙ୍କ ସମେତ ବିଭିନ୍ନ ଫାଇନାନ୍ସ କର୍ମଚାରୀ, ସବ୍‌ଡିଲରମାନେ ଉପସ୍ଥିତ ଥିଲେ।

# କୌଳିକ ବୃତ୍ତି ହରାଇଲେଣି ମୋଚି ପରିବାର

**ଜାମଟିକ୍ରା, ୨୫।୭ (ଡି.ଏନ.ଏ)**

ସମୟର ପରିବର୍ତ୍ତନ ସହ ବଦଳିଛି ଲାଇଫ ଷ୍ଟାଇଲ। ଆଧୁନିକ ଚକାଚକ୍ୟ ମଧ୍ୟରେ ହଜିଯାଇଛି କୌଳିକ ବୃତ୍ତି। ସେଥିପାଇଁ ପାରମ୍ପରିକ ବେଉସାକୁ ଆପଣାଇ ପରିବାର ଚଳାଇବା କଷ୍ଟକର ହୋଇପଡିଛି। ବରଗଡ ଜିଲା ଅତାବିରା ସହରରେ ବାସ କରୁଥିବା ମୋଚି ସମ୍ପ୍ରଦାୟ ସେଥିରୁ ବାଦ ପଡିନାହାନ୍ତି। ଦିନେ ଛିଣ୍ଡା ଚପଲ ଜୋତାକୁ ସିଲେଇ କରିବା, ପଲିସ କରି ପରିବାର ଗୁଜରାଣ ମେଣ୍ଟାଉଥିବା ଏହି ପରିବାର ଏବେ ହାତବାନ୍ଧି ବସିଛନ୍ତି। ପୂର୍ବ ଅପେକ୍ଷା ଲୋକେ ଆଉ ଛିଣ୍ଡା ଚପଲ, ଜୋତାକୁ ସିଲେଇ କରି ପିନ୍ଧିବାକୁ ପସନ୍ଦ କରୁନାହାନ୍ତି। ବିଭିନ୍ନ ନାମୀଦାମୀ କମ୍ପାନୀର ଜୋତା, ଚପଲ ଏବେ ସମସ୍ତଙ୍କ ପାଦରେ ଶୋଭା ପାଉଛି। ମୋଚିମାନେ ବି ଆଉ ପାରମ୍ପରିକ ରୀତିରେ ନୂଆ ଚପଲ, ଜୋତା ତିଆରି କରୁ ନାହାନ୍ତି। ଦିନକୁ ଦିନ ସେହି ବେଉସା ବନ୍ଦ ହେବାକୁ ବସିଛି। ଅତାବିରା ବାଳିକା ଉଚ୍ଚ ବିଦ୍ୟାଳୟ ପାଖରେ ଏକ ଛୋଟ କେବିନ କରି ସେଠାରେ ବୁଟ, ବ୍ୟାଗ, ଛତା ଆଦି ସିଲେଇ କରୁଥିବା ଦେଖିଲେ ବି ହିସାବ କରିପାରିବ ଯେ ଆଧୁନିକ ଯନ୍ତ୍ରପାତିର ଯୁଗରେ ଏମାନଙ୍କ ବୃତ୍ତି କେମିତି କଷ୍ଟକର ଚାଲୁଥିବ। ଏମାନଙ୍କ ମଧ୍ୟରୁ ରାଜେନ୍ଦ୍ର ମିରିଗ ଓରଫ ବେଢ଼ା (୪୦) ଅନ୍ୟତମ। ଦୁଇଦଶନ୍ଧି ତଳେ ପଞ୍ଚମ ପାସ୍ କରିଥିବା ରାଜେନ୍ଦ୍ର ନିଜର କୌଳିକ ବୃତ୍ତିକୁ ଆପଣେଇ ନେଇଛନ୍ତି। ଯାହାବି ମିଳୁଛି ସେଥିରେ କଷ୍ଟେ ମଷ୍ଟେ ନିଜର ପରିବାର ଚଳାଉଛନ୍ତି। ପରିବାର କହିଲେ ତାଙ୍କ ସ୍ତ୍ରୀ ଓ ୨ ପୁଅ। ପିଲା ଦିନରୁ ସେ ସେହି କାମ କରି ଆସୁଛନ୍ତି। ହେଲେ ଦିନକୁ ଦିନ ଲୋକମାନେ ହାତ ତିଆରି ଅପେକ୍ଷା ନୂଆ କମ୍ପାନୀର ସୌଖିନ ଜିନିଷ କିଣୁଥିବାରୁ ତାଙ୍କ ପାଖକୁ ଆଉ ଆସୁନାହାନ୍ତି। ଧୀରେ ଧୀରେ ତାଙ୍କର ଉପାର୍ଜନ କମିଯାଉଛି। ସରକାରୀ ପ୍ରୋତ୍ସାହନ ମିଳୁ ନ ଥିବାରୁ ହତୋତ୍ସାହିତ ହୋଇ ପଡିରହିଛୁ ବୋଲି ରାଜେନ୍ଦ୍ର ପ୍ରକାଶ କରିଛନ୍ତି। ଜୋତା, ଚପଲ ଆଦି ସିଲାଇ କରିବା କାମ ଆମେ କରୁଛୁ। ଏହି କାମ ଅନ୍ୟ କେହି କରିପାରିବେ ନାହିଁ। ହେଲେ ଆମ ପାଇଁ କୌଣସି ସରକାରୀ ସହାୟତା ମିଳୁନାହିଁ। ବସିବାକୁ ଛାତ କି ଦୋକାନ ଗୃହଟିଏ ନାହିଁ। ଆଗଭଳି ଉପାର୍ଜନ ହୋଇପାରୁ ନାହିଁ। ଫଳରେ କୌଳିକ ବୃତ୍ତି ଛାଡି ଅନେକ ଲୋକ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି ବୋଲି ଅନ୍ୟ ଜଣେ କାଳିଆ ମେହେର କହିଛନ୍ତି। ଏମାନଙ୍କ ପାଖରେ ସରକାରୀ ବାବୁମାନେ ନୀତି ବୁଟ୍ ପଲିସ କରୁଛନ୍ତି। ହେଲେ କାହାରି ନଜର ଏମାନଙ୍କ ଉପରେ ପଡୁନାହିଁ। ଏମାନଙ୍କ ଉପରେ ସରକାର ଦୃଷ୍ଟି ନ ଦେଲେ ଏମାନେ ସାମାଜିକ ଆର୍ଥିକ ସ୍ତରରେ ବହୁ ପଛକୁ ପଡିଯିବେ ବୋଲି ସାମାଜିକ କର୍ମୀ ସୀତାରାମ ବନଛୁର ମତ ଦେଇଛନ୍ତି।



ରାଜେନ୍ଦ୍ର ଜୋତା ସିଲେଇ କରୁଛନ୍ତି।



ଜୀବନର ଲକ୍ଷ୍ୟ ଥରେ ସ୍ଥିର କରିନେଲା ପରେ ନିଜର ସବୁକିଛି ତାହାରି ପାଖରେ ଯୋଗଦିଅ, ସଫଳତା ମିଳିବାକୁ ବାଧ୍ୟ।
- କାର୍ଲାଇଲ



## ସଂକ୍ଷେପରେ



ଦୁର୍ଘଟଣାଗ୍ରସ୍ତ ଯାନ ।

### ଟ୍ରକ୍, ଦୁଗ୍ଧ ଭ୍ୟାନ୍ ମୁହାଁମୁହିଁ ଧକ୍କା

ସୋନପୁର,୨୫।୭(ନି.ପ୍ର.)
ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥର ଅର୍ଜୁନପୁର ଛକ ନିକଟରେ ଗୁରୁବାର ଟ୍ରକ୍ ଓ ଦୁଗ୍ଧ ଭ୍ୟାନ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି । ଦୁଗ୍ଧ ଭ୍ୟାନର ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି। ସେ ବୁର୍ଲା ମେଡିକାଲରେ ଚିକିତ୍ସିତ ହେଉଛନ୍ତି । କଟକରୁ ଜୟପୁର ଯାଉଥିବା ଇଚର ଟ୍ରକ୍ ନଂ ଓଡି୦୨ଏସି-୬୩୨୨ ଓ ବଲାଙ୍ଗୀର ପଟୁ ସୋନପୁର ଅଭିମୁଖେ ଆସୁଥିବା ମିଲ୍କ ମୁଁ କମ୍ପାନୀ ଭ୍ୟାନ୍ ନଂ ଓଡି୦୨ଏକ୍ୟୁ-୮୦୮୭ ଧକ୍କା ହୋଇଥିଲେ। ସୋନପୁର ପୋଲିସ ଏକ ମାମଲା ରୁଜୁ କରିବା ସହ ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌କୁ ଜବତ କରିଛି ।

### ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ମନମୁଣ୍ଡା, ୨୫।୭ (ଡି.ଏନ.ଏ)
ଗୁଡଭେଲିପଦର ପ୍ରାଥମିକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବିଶ୍ୱମ୍ବର ମନହୀରାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ପ୍ରଧାନଶିକ୍ଷକ ଗଣେଷ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ସ୍କୁଲ କମିଟି ସଭାପତି ଅକ୍ଷୟ ମାହାଣା, ଶିକ୍ଷକ ଭାଗୀରଥି କର୍ମୀ, ପରମେଶ୍ୱର ମହଲା, ଶିକ୍ଷୟିତ୍ରୀ ଇତିଶ୍ରୀ ମିଶ୍ର, ପୁଷ୍ପଲତା ମିଶ୍ର ଓ ଅଭିଭାବକମାନେ ଉପସ୍ଥିତ ଥିଲେ ।

### ଶିଶୁଙ୍କ ପାଇଁ ଭ୍ରାମ୍ୟମାଣ ପାଠାଗାର

ବରଗଡ଼ ଅଫିସ୍,୨୫।୭
ବରଗଡ଼ ସହରସ୍ଥିତ ପଧାନ ଉଚ୍ଚ ପ୍ରାଥମିକ ସ୍କୁଲ ପରିସରରେ ଶିଶୁଶ୍ରୀ ପାଠାଗାର ପକ୍ଷରୁ ଭ୍ରାମ୍ୟମାଣ ପାଠାଗାର ଆୟୋଜନ ହୋଇଯାଇଛି । ଏହି ଅବସରରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବହୁ ଉପାଦେୟ ଶିଶୁ ସାହିତ୍ୟ ଆଧାରିତ ପୁସ୍ତକ ପାଠ କରିବାକୁ ଦିଆଯାଇଥିଲା । ପୁସ୍ତକ ଗୁଡ଼ିକୁ ପଢ଼ି ସାରିଲା ପରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା। ପଠିତ ପୁସ୍ତକମାନଙ୍କ ଉପରେ ଛାତ୍ରୀଛାତ୍ର ନିଜ ଅଭିବ୍ୟକ୍ତି ଉପସ୍ଥାପନ କରିଥିଲେ। ସେହିପରି ଶିଶୁମାନେ କବିତା ଆବୃତ୍ତି ସହିତ ଗପ ପାଠ ମଧ୍ୟ କରିଥିଲେ। ସେମାନଙ୍କ ବକ୍ତବ୍ୟ ଆଧାରରେ ପ୍ରାଚୀ ପାଣିଗ୍ରାହୀ ପ୍ରଥମ, ମମତା ପାତ୍ର ଦ୍ୱିତୀୟ ଏବଂ ଶୁଭମ ପଟ୍ଟନାୟକ ତୃତୀୟ ହୋଇ ପୁରସ୍କୃତ ହୋଇଥିଲେ । କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷୟିତ୍ରୀ ଶୁଭାସିନୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ମେଘମାଳା ମହାପାତ୍ର, ଦମୟନ୍ତୀ ବାରିକ ସହଯୋଗ କରିଥିଲେ। ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାରର ଆବାହକ ଡଃ ରବିନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



କଂଗ୍ରେସ ପ୍ରତିନିଧିମାନେ ମୃତଚାଷୀଙ୍କ ପରିବାର ଲୋକଙ୍କୁ ଭେଟୁଛନ୍ତି ।

### ମୃତଚାଷୀଙ୍କ ପରିବାରକୁ ଭେଟିଲେ କଂଗ୍ରେସ ପ୍ରତିନିଧି

ବରଗଡ଼ ଅଫିସ୍,୨୫।୭
କୀଟନାଶକ ପିଇ ଆତ୍ମହତ୍ୟା କରିଥିବା ବରଗଡ଼ ଜିଲା ବୀରମାଲ ନିକଟ ପୋଢ଼ମୁଣ୍ଡା ଗ୍ରାମର ଯୁବଚାଷୀ ସ୍ୱର୍ଗତ ବୈଷ୍ଣବ ଭୁଏଙ୍କ ପରିବାର ଲୋକଙ୍କୁ ଗୁରୁବାର ଜିଲା କଂଗ୍ରେସର ଏକ ପ୍ରତିନିଧି ଦଳ ଭେଟି ସମବେଦନା ଜଣାଇଛନ୍ତି। ଏହା ସହିତ ମୃତଚାଷୀଙ୍କ ପରିବାର ଲୋକଙ୍କୁ ସେମାନେ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଏହି ପ୍ରତିନିଧି ଦଳରେ ଜିଲା କଂଗ୍ରେସର କାର୍ଯ୍ୟକାରୀ ସଭାପତି ଯୁଗଳ ପ୍ରସାଦ ସିଂ, ପୂର୍ବତନ ବିଧାୟକ ନିହାର ରଞ୍ଜନ ମହାନନ୍ଦ, ପ୍ରଦୀପ ଦେବତା, ନିପନ କୁମାର ଦାଶ, ସରୋଜ କୁମାର ଷଡ଼ଙ୍ଗୀ, ସଞ୍ଜୀବ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ଘୋଷିତ ସମସ୍ତ କାର୍ଯ୍ୟକ୍ରମ କାଗଜ କଲମରେ ସୀମିତ ଥିବା ଯୋଗୁ ଜିଲାରେ ଏଭଳି ଚାଷୀ ଆତ୍ମହତ୍ୟା ଘଟୁଛି ବୋଲି ଏହି ପ୍ରତିନିଧି ମଣ୍ଡଳୀ ଅଭିଯୋଗ କରି ମୃତ ଚାଷୀଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି ।

ଶ୍ରାବଣରେ ଜମି ଶୁଖିଲା, ଗଜା ମରୁଡି

# ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଚାଷୀ

ସୋନପୁର,୨୫।୭(ନି.ପ୍ର.)

ଶ୍ରାବଣରେ ସୁବର୍ଣ୍ଣପୁର ଜିଲାର ଚାଷ ଜମି ଶୁଖିଲା ପଡିଛି। ବର୍ଷାର ଦେଖା ନାହିଁ। ଯେଉଁ ସମୟରେ ନଦୀ, ନାଳ, ପୁଷ୍କରଣୀ ଫୁଲି ଉଠିବା କଥା ସେହି ସମୟରେ ସବୁ ଶୁଖିଲା ପଡିଛି। ପ୍ରଚଣ୍ଡ ଗ୍ରୀଷ୍ମର ଅନୁଭୂତି ହେଉଛି। ମୌସୁମୀ ଉଭାନ ହୋଇଥିବା ବେଳେ ପାଣି ଟୋପାଏ ପାଇଁ ଚାଷୀ ହନ୍ତସନ୍ତ ହେଉଛନ୍ତି। ଧାନ ରୁଆ ସମୟ ଅତିକ୍ରାନ୍ତ ହୋଇ ସାରିଥିଲେ ମଧ୍ୟ ବର୍ଷାର ଦେଖାନାହିଁ। ଯେଉଁ କେତେକ ସ୍ଥାନରେ ଗତ କିଛିଦିନ ତଳେ ସାମାନ୍ୟ ବର୍ଷା ହୋଇଥିଲା, ସେହି ସ୍ଥାନରେ ଚାଷୀ ତଳି(ପହ୍ଳା) ପକାଇଥିଲା। ବର୍ତ୍ତମାନ ତାହା ପାଣି ଅଭାବରୁ ମରିଗଲାଣି। ବୁଣା ହୋଇଥିବା ଜମିରେ ଗଜା ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି। ଅଣଜଳସେଚିତ ବୀରମହାରାଜପୁର, ଉଲୁଣ୍ଡା, ସୋନପୁର ଓ ତରଭା ବ୍ଲକର ସ୍ଥିତି ସଙ୍ଗୀନ ରହିଛି। ଗୁରୁବାର ତରଭା ବ୍ଲକ କୁମ୍ଭାରମୁଣ୍ଡା ପଞ୍ଚାୟତର ୯ଟି ଗ୍ରାମର ଶତାଧିକ ଚାଷୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ।



ମଲା ଧାନ ଗଛକୁ ସୁବର୍ଣ୍ଣପୁର ଜିଲା କୁମ୍ଭାରମୁଣ୍ଡାର ଚାଷୀ ପ୍ରଦର୍ଶିତ କରୁଛନ୍ତି ।

ବର୍ଷା ଅଭାବରୁ ଗଜାମରୁଡି ହୋଇଥିବା ପ୍ରଦର୍ଶିତ କରିଥିଲେ। ଅଞ୍ଚଳରେ ଜଳସେଚନର ସୁବିଧା ନାହିଁ। ଉଠା ଜଳସେଚନ ପ୍ରକଳ୍ପଗୁଡିକ ଅଚଳ ହୋଇ ପଡିଛି। ଚାଷୀ ମୁଖ୍ୟତଃ ବର୍ଷା ଜଳ ଉପରେ ନିର୍ଭର କରିଥାଏ। ଏଭଳି ସ୍ଥିତିରେ ଚାଷୀ ପରିବାରଗୁଡିକ ଭାଙ୍ଗି ପଡିଛନ୍ତି। ଋଣ ଟଙ୍କା କିଭଳି ସୁଝିବେ ସେଇ ଚିନ୍ତାରେ ଅଛନ୍ତି। କାଳିଆ ଟଙ୍କା କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ମିଳିନି। ଗ୍ରାମର ଯୁବକମାନେ ବାହାର ରାଜ୍ୟକୁ ଦାଦନ ଖଟିଯିବାକୁ ବାହାରିଲେଣି ବୋଲି ଜଣାଇଥିଲେ। ବୁଧବାର ଜନକପୁର, କୁମ୍ଭାରମୁଣ୍ଡା, ପୋଲବନ୍ଧ, ନୂଆପାଲି, ରାଏକଡା, ବଡଫଟାମୁଣ୍ଡା, ପଶୁକିମାଲ, ରୁଞ୍ଜିଫଟାମୁଣ୍ଡା ଓ ଲେମ୍ଭୁପାଲି ଅଞ୍ଚଳର ଚାଷୀମାନେ କୁମ୍ଭାରମୁଣ୍ଡା ଆମ୍ବତୋଟାରେ ବୈଠକ କରିଥିଲେ। ସର୍ବସମ୍ମତ ନିଷ୍ପତ୍ତିକ୍ରମେ ଚାଷୀମାନେ ଗୁରୁବାର ଜିଲାପାଳଙ୍କୁ ଭେଟି ନିଜର ସମସ୍ୟା ଜଣାଇଛନ୍ତି। ସୁବର୍ଣ୍ଣପୁର ଜିଲା କୃଷକ ବିକାଶ ପରିଷଦ ସମନ୍ୱୟ ସମିତି ଚାଷୀଙ୍କ ଦାବିକୁ ସମର୍ଥନ କରିଥିବା ଦେଖିବାକୁ ମିଳିଥିଲା। ଚାଷୀ ନେତା ବୈକୁଣ୍ଠନାଥ ଶତପଥୀ, ସୁଧିର କୁମାର ବାଘାର, ଗିରିଧାରୀ ଭୋଇ, ରାଜେନ୍ଦ୍ର ପ୍ରସାଦ ପାଢୀ, ଚୈତନ୍ୟ ରଣା, ପ୍ରେମାନନ୍ଦ ସାହୁ, ଆନନ୍ଦ ରଣା, ଚକାମରା ରଣା ଓ ଜୟଦେବ କୁମ୍ଭାର ପ୍ରମୁଖ ଜିଲାପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ।

ପ୍ରକାଶ ଯେ, ଜିଲାରେ ଗତ ଜୁନ୍ ମାସରେ ସ୍ୱାଭାବିକଠାରୁ ୨୨.୭୬ ପ୍ରତିଶତ କମ୍ ବର୍ଷା ହୋଇଛି। ସେହିପରି ଜୁଲାଇରେ ୨୫ ତାରିଖ ସୁଦ୍ଧା ୪୪.୮୪ ପ୍ରତିଶତ କମ୍ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଅଣଜଳସେଚିତ ୪ ବ୍ଲକରେ ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ବର୍ଷା ଅଭାବରୁ ବିନିକା ଓ ଡୁଙ୍ଗୁରିପାଲି ବ୍ଲକରେ କେନାଲ ପାଣି ଛଡା ଯାଉ ନ ଥିବା ଚାଷୀ ଅଭିଯୋଗ କରୁଛନ୍ତି ।

ମରଣାତ୍ମକ ଆକ୍ରମଣ ଘଟଣା

## ୫ ଅଭିଯୁକ୍ତ କୋର୍ଟ ଚାଲାଣ

ମନମୁଣ୍ଡା, ୨୫।୭ (ଡି.ଏନ.ଏ)

କନ୍ଧମାଳ ବ୍ଲକ ଗୁଡଭେଲିପଦର ପଞ୍ଚାୟତ ଜୟଦପୁରରେ ପ୍ରଧାନମନ୍ତ୍ରୀ ଆବାସ ଘଟଣାକୁ ନେଇ ମଙ୍ଗଳବାର ଗୋଷ୍ଠୀ ସଂଘର୍ଷରେ ସଦାଶିବ ରାଜହଂସ, କୃତ୍ତିବାସ ରାଜହଂସ, ଉମେଶ ରାଜହଂସଙ୍କ ସମେତ ଜଣେ ନାବାଳକ ଆହତ ହୋଇଥିଲେ। ପୋଲିସ ଏହି ଘଟଣାରେ ଉକ୍ତ ଗ୍ରାମର ସଦାନନ୍ଦ ଗୁରୁ (୩୫), ତାଙ୍କ ଭାଇ ପଞ୍ଚାନନ ଗୁରୁ (୪୫), ବସନ୍ତ ଗୁରୁ (୫୨), ସନ୍ତୋଷ ଗୁରୁ (୫୬) ଏବଂ ଅନନ୍ତ ଗୁରୁ (୪୮)ଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି । ଏ ନେଇ ଥାନାରେ ଏକ ମାମଲା (ନଂ. ୧୩୨/୧୯) ରୁଜୁ ହୋଇଛି। ପ୍ରକାଶଥାଉକି, ପୀଡିତ ପକ୍ଷ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ପାଇବାକୁ ମନୋନୀତ ହୋଇଥିଲେ। ତେବେ ସଦାନନ୍ଦ ସେମାନେ ଆବାସ ପାଇବାକୁ ଅଯୋଗ୍ୟ ବୋଲି ବ୍ଲକରେଅଭିଯୋଗ କରିଥିଲେ । ଏହାକୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା ।

ସୋନପୁର ପ୍ରିମିୟର ଫୁଟବଲ ଲିଗ

## ରିୟୋ ଫାଇଟର ବିଜୟୀ

ସୋନପୁର,୨୫।୭(ନି.ପ୍ର.)

ସୋନପୁର ବୁଢି ସମଲେଇ ଫୁଟବଲ କ୍ଲବ ପକ୍ଷରୁ ସ୍ଥାନୀୟ କଲେଜ ପଡିଆରେ ପ୍ରିମିୟର ଫୁଟବଲ ଲିଗ୍‌ର ଗୁରୁବାର ଦ୍ୱିତୀୟ ଦିବସରେ ୨ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍ ରୟାଲ ଟାଇଗର ଓ ରିୟୋ ଫାଇଟର ମଧ୍ୟରେ ହୋଇଥିଲା। ଏହି ମ୍ୟାଚ୍‌ରେ ରିୟୋ ଫାଇଟର ୨-୦ ଗୋଲରେ ମ୍ୟାଚ୍ ବିଜୟୀ ହେଇଥିଲା। ଉନ୍ନତ ଖେଳ ପ୍ରଦର୍ଶନ ପାଇଁ ସୁନୀଲ କୁମାରଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା । ସେହିପରି ଦ୍ୱିତୀୟ ମ୍ୟାଚ୍ ସୁରେଶ୍ୱରୀ ୱାରିୟର୍ସ ଓ ଜତିନ ଫାଇଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚ୍ ଡ୍ର ହୋଇଥିଲା। ଜତିନ ଫାଇଟରର ଆନନ୍ଦ ଭୋଇଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ସୁଦାମ ଜଗଦଲା ଓ ସଞ୍ଜୟ ସାହୁ ଖେଳ ପରିଚାଳନା କରିଥିଲେ। ସୁବର୍ଣ୍ଣପୁର ଜିଲା କନଷ୍ଟେବଲ-ହାବିଲଦାର ସଂଘର ପ୍ରାକ୍ତନ ସଭାପତି ସନତ ହୋତା ଅତିଥିଭାବେ ଯୋଗ ଦେଇଥିଲେ।



ରିୟୋ ଫାଇଟରର ସୁନିଲ କୁମାରଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି ।

## ସୁବର୍ଣ୍ଣପୁର ଜିଲାରେ ଗୁରୁତ୍ୱପୂର୍ଣ୍ଣ ଅଧିକାରୀ ପଦବୀ ଖାଲି

ସୋନପୁର,୨୫।୭(ନି.ପ୍ର.)

ସୁବର୍ଣ୍ଣପୁର ଜିଲାରେ ଗୁରୁତ୍ୱପୂର୍ଣ୍ଣ ଅଧିକାରୀ ପଦବୀ ଖାଲି ପଡଛି। ଏଥିଯୋଗୁଁ ପ୍ରଶାସନିକସ୍ତରରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଗତ ୪ ମାସ ହେଲା ପିଡି ଡିଆରଡିଏ ପଦ ଖାଲି ପଡିଛି। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଅତିରିକ୍ତ ଦାୟିତ୍ୱରେ ଅଛନ୍ତି। ସେହିପରି ଡିଆରଡିଏର ଏପିଡି(ପ୍ରଶାସନ) ଓ ନିର୍ବାହୀ ଯନ୍ତ୍ରୀ ପଦ ଖାଲି ପଡିଛି। ବୀରମହାରାଜପୁର ଓ ଉଲୁଣ୍ଡା ବ୍ଲକର ବିଡିଓ, ରାମପୁର ଓ ବୀରମହାରାଜପୁର ତହସିଲଦାର ମଧ୍ୟ ପଦବୀ ପୂରଣ ହେଉନି। ଭାରପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଏହି ସବୁ କାମ ଚାଲିଛି। ସେହିଭଳି ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ସହକାରୀ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଆଞ୍ଚଳିକ ପରିବହନ ଅଧିକାରୀ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ସହକାରୀ ଜିଲା ଶିକ୍ଷା ଅଧିକାରୀ, ଜିଲା ଯୋଜନା ଓ ପରିସଂଖ୍ୟାନ ବିଭାଗର ଉପନିର୍ଦ୍ଦେଶକ, ଜିଲା ପର୍ଯ୍ୟଟନ ଅଧିକାରୀ, ଡିଆଇପିଆରଓ, ଡୁଙ୍ଗୁରିପାଲି ସିଡିପିଓ, ସୋନପୁର ଜିଲା କୃଷି ଅଧିକାରୀ ଓ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପଦ ଖାଲି ପଡିଛି। ତେଣୁ ଜଣେ ଜଣେ ଅଧିକାରୀଙ୍କୁ ୨ ରୁ ୩ଟି ବିଭାଗର ଅତିରିକ୍ତ ଦାୟିତ୍ୱ ଲଦି ଦିଆଯାଉଛି। ଏହାଦ୍ୱାରା ଅଧିକାରୀମାନେ ଦାୟିତ୍ୱ ଠିକ୍ ଭାବେ ତୁଲାଇ ପାରୁନାହାନ୍ତି। ସରକାରୀ ଯୋଜନାର ସଫଳ ରୂପାୟନ ପାଇଁ ଜିଲା ଓ ବ୍ଲକ ସ୍ତରୀୟ ଅଧିକାରୀ ପଦ ପୂରଣ ପାଇଁ ଦାବି ହେଉଛି।

## ପାଇପ ଜଳଯୋଗାଣ କାମକୁ ନୁହେଁ

ବିନିକା,୨୫।୭(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ ବାଙ୍କିଘିର୍ଡି ଗ୍ରାମବାସୀ ଏବେ ପାଇପ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ଗାଁରେ ଏକ ଜଳଯୋଗାଣ ପ୍ରକଳ୍ପ ଥିଲେ ବି ବିଭାଗୀୟ ଅବହେଳା କାରଣରୁ ଏହା ଲୋକଙ୍କ କାମରେ ଆସୁନାହିଁ। ଫଳରେ ଗ୍ରାମବାସୀ ସ୍ୱଚ୍ଛ ଓ ନିରନ୍ତର ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ୨୦୦୭-୦୮ ଆର୍ଥିକ ବର୍ଷରେ ବାଙ୍କିଘିର୍ଡି ତଳିପଡାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ୧୮ଲକ୍ଷ ଟଙ୍କା ବ୍ୟୟବରାଦରେ ଏକ ଜଳଯୋଗାଣ ପ୍ରକଳ୍ପ ଆରମ୍ଭ ହୋଇଥିଲା। ନିର୍ମାଣ କାମ ୨୦୦୮-୦୯ ଆର୍ଥିକ ବର୍ଷରେ ସମ୍ପୂର୍ଣ୍ଣ ହୋଇ କାର୍ଯ୍ୟକ୍ଷମ ହେଲା। ହେଲେ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାର ଇତିମଧ୍ୟରେ ୧୦ ବର୍ଷ ବିତିଯାଇଥିଲେ ମଧ୍ୟ ଗାଁର ସବୁଭାଗକୁ ପାଇପ ପାଣି ଏଯାଏଁ ପହଞ୍ଚି ପାରିଲା ନାହିଁ। ଅପରପକ୍ଷରେ ପ୍ରକଳ୍ପ ସୂଚନା ଫଳକରେ ଗାଁରେ ୨୮ଟି ଷ୍ଟାଣ୍ଡପୋଷ୍ଟ ନିର୍ମାଣ କରାଯାଇଥଇବା ଦର୍ଶାଯାଇଥିବା ବେଳେ ମାତ୍ର ୫ଟି ଷ୍ଟାଣ୍ଡପୋଷ୍ଟ ଦୃଶ୍ୟମାନ ହେଉଛି। ଗୋଟିଏ ଷ୍ଟାଣ୍ଡପୋଷ୍ଟ ଗାଁ ତଳିପଡାରେ ରହିଥିବା ବେଳେ ହରିଜନ ପଡା, ମଝିପଡା, ସଂହରାପଡା ଓ ମାଳିପଡାରେ ଗୋଟିଏ କରି ରହିଛି । ପମ୍ପ ହାଉସରୁ ଷ୍ଟାଣ୍ଡପୋଷ୍ଟ ଯାଏଁ ବିଛା ଯାଇଥିବା ପାଇପ୍ ସବୁ ଫାଟିଯାଇଛି । ଏଥିଯୋଗୁ ବାହାର ପାଣି ପାଇପରେ ପଶୁଛି । ଲୋକେ ଏହିସବୁ ଷ୍ଟାଣ୍ଡପୋଷ୍ଟରୁ ବାହାରୁଥିବା ପାଣିକୁ ବ୍ୟବହାର କରୁନାହାନ୍ତି। ନୂଆ ପାଇପ ବିଛାଇ ସ୍ୱଚ୍ଛ ପାଣି ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରି ଆସୁଥିଲେ ମଧ କୌଣସି ସୁଫଳ ମିଳୁ ନ ଥିବା ସୁବଳ ସାହୁ, ହାରାଧନ ବାଗ, ଲେକ୍ରୁ ସାହୁ, ମଧୁ ସାହୁ ଓ ବଳରାମ ଯୁଆଡି ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ନେଇ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ରଞ୍ଜନ ପୁଟେଲଙ୍କୁ ପଚାରିବାରୁ ଯଥାଶୀଘ୍ର ଗାଁରେ ପାଇପ ଜଳ ଯୋଗାଣ ବ୍ୟବସ୍ଥାକୁ ସ୍ୱାଭାବିକ କରାଯିବ ବୋଲି କହିଛନ୍ତି।



ଜଳଯୋଗାଣ ପ୍ରକଳ୍ପର ସୂଚନା ଫଳକ ଓ ଓଭରହେଡ ଟ୍ୟାଙ୍କ।

## ଜିଲା ଆଇନ ସେବା ପ୍ରାଧିକରଣ ସଚେତନତା ସଭା

ତରଭା,୨୫।୭(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ତରଭା ବ୍ଲକ ଅଧୀନ ବ୍ରାହ୍ମଣୀ ହାଇସ୍କୁଲ ପରିସରରେ ବାଧ୍ୟତାମୂଳକ ଶିକ୍ଷା ଉପରେ ଏକ ସଚେତନତା ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦିକା ତଥା ରେଜିଷ୍ଟ୍ରାର ସୀମା ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଏସ୍‌ଡିପିଓ ମିହିର ଚନ୍ଦ୍ର ପଣ୍ଡା, ବରିଷ୍ଠ ଆଇନଜୀବୀ ବ୍ୟାମକେଶ ଦାସ, ଏବିଡିଓ ଆନନ୍ଦ ଚନ୍ଦ୍ର ମିଶ୍ର, ତରଭା ଆଇଆଇସି ଡୋଲାମଣି ଭୋଇ, ସ୍କୁଲ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ବାଧ୍ୟତାମୂଳକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ଅତିଥିମାନଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷକ ଦିଗପାଳ ଥନାପତି, ସନ୍ତୋଷ ମିଶ୍ର, ଦୟାନିଧି ମିଶ୍ର, ତ୍ରିବିକ୍ରମ ସାହୁ, କିରାଣି ଅଶୋକ ରଥ, ସରପଞ୍ଚଙ୍କ ପ୍ରତିନିଧି ଯଜ୍ଞ କୁଅଁର, ପୂର୍ବତନ ସରପଞ୍ଚ ରାମ ସାହୁଙ୍କ ସହ ଛାତ୍ରୀଛାତ୍ର ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।




ଜିଲା ଆଇନ ସେବା ପ୍ରାଧିକରଣର ସଚେତନତା ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

ରୋଗବାହକ ନିୟନ୍ତ୍ରଣ ଦିବସ ପାଳିତ

## ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ, ୩ ପ୍ରତିଯୋଗୀ ପୁରସ୍କୃତ

ଅମରପାଲି, ୨୫।୭ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେଞ୍ଚିରିଆପାଲି ଗ୍ରାମ ପଞ୍ଚାୟତର ବାଘରତେଲାରେ ଗାଁ କଲ୍ୟାଣ ସମିତି ଆନୁକୂଲ୍ୟରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ସୁବର୍ଣ୍ଣପୁର ଦ୍ୱାରା ବିଶ୍ୱାସ କାର୍ଯ୍ୟକ୍ରମର ନବମ ଅଭିଯାନ ରୋଗବାହକ ନିୟନ୍ତ୍ରଣ ଦିବସ ପାଳିତ ହୋଇଯାଇଛି। ନାଏବ ସରପଞ୍ଚ ଚପଳା ପଲତା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ସରପଞ୍ଚ ସନ୍ତୋଷ କୁମାର ପଧାନ, ଜିଲା ରୋଗବାହକ ନିୟନ୍ତ୍ରକ ଅଜୟ କୁମାର ଜେନା, ଜିଲା ଆଶା ସଂଯୋଜକ ହିତେଶ କୁମାର ତ୍ରିପାଠୀ, ସ୍ୱାସ୍ଥ୍ୟ ପରିଦର୍ଶକ ଗିରିଧାରୀ ସାହୁ, ଆଶାକର୍ମୀ ସରସ୍ୱତୀ ପଲତା, ପାର୍ବତୀ ମହାକୁଡ, ଗାଁ ସ୍ୱାସ୍ଥ୍ୟ ସମୀକ୍ଷା ସଂଯୋଜକ ଅକ୍ରୁର ନାଏକ ପ୍ରମୁଖ ସଭାରେ ଯୋଗଦେଇଥିଲେ। ରୋଗବାହକ କ'ଣ ଓ ଏହା କିପରି ନିୟନ୍ତ୍ରଣ କରାଯାଇ ପାରିବ ସେ ବିଷୟରେ ସୂଚନା ଦିଆଯାଇଥିଲା। ଏହାପରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଗୀତାଞ୍ଜଳି ଭୋଇ, ରଶ୍ମିତା ମହାରଣା, ବଡଚପଳା ପଲତା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ମଞ୍ଜୁ ଦେହେରୀ ଧନ୍ୟବାଦ ଅର୍ପଣ କରିଥିଲେ।



ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମର ଜଣେ କୃତୀ ମହିଳାଙ୍କୁ ପୁରସ୍କୃତ କରାଯାଉଛି ।

ବିଶ୍ୱ ଟାଏକୋଣ୍ଡୋ ପ୍ରତିଯୋଗିତା

## ଭାଗ ନେବେ ସୁବର୍ଣ୍ଣପୁରର ଦୁଇ ଖେଳାଳି

ଅମରପାଲି, ୨୫।୭(ଡି.ଏନ.ଏ.)

ବିଦେଶ ମାଟିରେ କମାଲ ଦେଖାଇବେ ସୁବର୍ଣ୍ଣପୁର ଜିଲାର ଦୁଇ ପ୍ରତିଭାବାନ ଖେଳାଳି। ଆସନ୍ତା ୨୬ତାରିଖରୁ ୨୮ ପର୍ଯ୍ୟନ୍ତ ଜୋର୍ଡାନର ଅମନ ପ୍ରିନ୍ସ ହାଜାହ ହଲରେ ହେବାକୁ ଥିବା ଏସିଆନ ଏବଂ ଅଲମ୍ପିକ କ୍ୱାଲିଫାଇଙ୍ଗ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଭାଗନେବା ପାଇଁ ମନୋନୀତ ହୋଇଛନ୍ତି ସୁବର୍ଣ୍ଣପୁର ଜିଲା ଟାଏକୋଣ୍ଡୋ ସଂଘର ଏହେସାସ ହୋତା ଏବଂ ଅନନ୍ୟା ସାହୁ । ଏହା ପୂର୍ବରୁ ଏହେସାସ ୫ଥର ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗନେଇ କୃତିତ୍ୱ ହାସଲ କରିସାରିଛନ୍ତି। ଚଳିତଥର ସେ ପୁଣିଥରେ ୫୪ କେଜି ବର୍ଗରେ ଭାରତୀୟ ଦଳରେ ସ୍ଥାନିତ ହୋଇଛନ୍ତି। ସେହିଭଳି ଜିଲାର ୧୩ ବର୍ଷୀୟା ଅନନ୍ୟା ସାହୁ ପ୍ରଥମଥର ପାଇଁ ୪୧ କେଜି ବର୍ଗରେ ଭାରତୀୟ ଦଳରେ ସାମିଲ ହୋଇଛନ୍ତି।



ଜୋଡାନ ଗସ୍ତରେ ଥିବା ଦୁଇ ଟାଏକୋଣ୍ଡୋ ଖେଳାଳି ଅନନ୍ୟା ଓ ଏହସାସ ।

ବୀରମହାରାଜପୁରର ବ୍ଲକ ଅମୂଲ୍ୟମଣି ରାଣୀପୁର ଗାଁର ଏହେସାସ ପୂର୍ବରୁ ୮ଥର ଜାତୀୟ, ଥରେ ବିଶ୍ୱବିଦ୍ୟାଳୟସ୍ତରୀୟ ଏବଂ ୫ଥର ଅନ୍ତର୍ଜାତୀୟ ସ୍ତରରେ ଭାଗନେଇ କୃତିତ୍ୱ ହାସଲ କରିସାରଛନ୍ତି। ସେହିଭଳି ବିନିକା ବ୍ଲକ ସେଲେଡି ଗାଁର ଅନନ୍ୟା ମଧ୍ୟ ୨ଥର ଜାତୀୟ ଏବଂ ଥରେ ଅନ୍ତର୍ଜାତୀୟସ୍ତରରେ କୃତିତ୍ୱ ହାସଲ କରିସାରିଛନ୍ତି। ଏଥର ସେ ବିଶ୍ୱ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଭାଗନେବାର ସୁଯୋଗ ପାଇଛନ୍ତି । ଏଥର ଉଭୟେ ପ୍ରସ୍ତୁତି ଜୋରଦାର କରିଥିବାରୁ ସଫଳତା ନିଶ୍ଚୟ ପଇବେ ବୋଲି ଜିଲା ଟାଏକୋଣ୍ଡୋ ସଂଘ ସଭାପତି ରବିନ୍ଦ୍ର ହୋତା କହିଛନ୍ତି। ଉଭୟେ ବୁଧବାର ଜୋଡାନ ପାଇଁ ଯାତ୍ରା ଆରମ୍ଭ କରିସାରିଛନ୍ତି। ବୀରମହାରାଜପୁର ବିଧାୟକ ତଥା ମନ୍ତ୍ରୀ ପଦ୍ମନାଭ ବେହେରା, ସମିତି ସଭ୍ୟ ରଞ୍ଜିତ କୁମାର ରଥ, ବ୍ଲକ ଯୁବ ବିଜେଡି ସଭାପତି ନାରାୟଣ ଲୁହା, ବ୍ଲକ ସରପଞ୍ଚ ସଂଘ ସଭାପତି ସରୋଜ କୁମାର ବାରିକ, ସାମ୍ବାଦିକ ସଂଘ ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରି ଓ ବହଲପଦର ସମିତି ସଭ୍ୟ ପୀତାମ୍ବର ସାହୁ ପ୍ରମୁଖ ଉଭୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ଦୁର୍ବଳ ଲୋକ ପ୍ରତିଶୋଧ ନିଅନ୍ତି, ଦୃଢ଼ମନା ଲୋକ କ୍ଷମା କରିଦିଅନ୍ତି ଏବଂ ବୁଦ୍ଧିମାନ ବ୍ୟକ୍ତି ଅଣଦେଖା କରିଦିଅନ୍ତି।
- ଗୌତମ ବୁଦ୍ଧ

## ସଂକ୍ଷେପରେ

### ପାଇପ ଜଳଯୋଗାଣ କାମକୁ ନୁହେଁ

**ବିନିକା,୨୫।୭(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ ବାଙ୍କିଘିର୍ଡି ଗ୍ରାମବାସୀ ଏବେ ପାଇପ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ଗାଁରେ ଏକ ଜଳଯୋଗାଣ ପ୍ରକଳ୍ପ ଥିଲେ ବି ବିଭାଗୀୟ ଅବହେଳା କାରଣରୁ ଏହା ଲୋକଙ୍କ କାମରେ ଆସୁନାହିଁ। ଫଳରେ ଗ୍ରାମବାସୀ ସ୍ୱଚ୍ଛ ଓ ନିରନ୍ତର ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ୨୦୦୭-୦୮ ଆର୍ଥିକ ବର୍ଷରେ ବାଙ୍କିଘିର୍ଡି ତଳିପଡାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ୧୮ଲକ୍ଷ ଟଙ୍କା ବ୍ୟୟବରାଦରେ ଏକ ଜଳଯୋଗାଣ ପ୍ରକଳ୍ପ ଆରମ୍ଭ ହୋଇଥିଲା। ନିର୍ମାଣ କାମ ୨୦୦୮-୦୯ ଆର୍ଥିକ ବର୍ଷରେ ସମ୍ପୂର୍ଣ୍ଣ ହୋଇ କାର୍ଯ୍ୟକ୍ଷମ ହେଲା । ହେଲେ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାର ଇତିମଧ୍ୟରେ ୧୦ ବର୍ଷ ବିତିଯାଇଥିଲେ ମଧ ଗାଁର ସବୁଭାଗକୁ ପାଇପ ପାଣି ଏଯାଏଁ ପହଞ୍ଚି ପାରିଲା ନାହିଁ। ଅପରପକ୍ଷରେ ପ୍ରକଳ୍ପ ସୂଚନା ଫଳକରେ ଗାଁରେ ୨୮ଟି ଷ୍ଟାଣ୍ଡପୋଷ୍ଟ ନିର୍ମାଣ କରାଯାଇଥଇବା ଦର୍ଶାଯାଇଥିବା ବେଳେ ମାତ୍ର ୫ଟି ଷ୍ଟାଣ୍ଡପୋଷ୍ଟ ଦୃଶ୍ୟମାନ ହେଉଛି। ଗୋଟିଏ ଷ୍ଟାଣ୍ଡପୋଷ୍ଟ ଗାଁ ତଳିପଡାରେ ରହିଥିବା ବେଳେ ହରିଜନ ପଡା, ମଝିପଡା, ସଂହରାପଡା ଓ ମାଳିପଡାରେ ଗୋଟିଏ କରି ରହିଛି । ପମ୍ପ ହାଉସରୁ ଷ୍ଟାଣ୍ଡପୋଷ୍ଟ ଯାଏଁ ବିଛା ଯାଇଥିବା ପାଇପ୍ ସବୁ ଫାଟିଯାଇଛି। ଏଥିଯୋଗୁ ବାହାର ପାଣି ପାଇପରେ ପଶୁଛି । ଲୋକେ ଏହିସବୁ ଷ୍ଟାଣ୍ଡପୋଷ୍ଟରୁ ବାହାରୁଥିବା ପାଣିକୁ ବ୍ୟବହାର କରୁନାହାନ୍ତି। ନୂଆ ପାଇପ ବିଛାଇ ସ୍ୱଚ୍ଛ ପାଣି ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରି ଆସୁଥିଲେ ମଧ କୌଣସି ସୁଫଳ ମିଳୁ ନ ଥିବା ସୁବଳ ସାହୁ, ହାରାଧନ ବାଗ, ଲେକୁ ସାହୁ, ମଧୁ ସାହୁ ଓ ବଳରାମ ଯୁଆଡି ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ନେଇ ଆର୍‌ଡବ୍ଲ୍ୟୁଏସ୍ଏସ୍ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ରଞ୍ଜନ ପୁଟେଲଙ୍କୁ ପଚାରିବାରୁ ଯଥାଶୀଘ୍ର ଗାଁରେ ପାଇପ ଜଳ ଯୋଗାଣ ବ୍ୟବସ୍ଥାକୁ ସ୍ୱାଭାବିକ କରାଯିବ ବୋଲି କହିଛନ୍ତି।

### ରୋଗବାହକ ନିୟନ୍ତ୍ରଣ ଦିବସ ପାଳିତ

**ଅମରପାଲି, ୨୫।୭ (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେଞ୍ଜିରିଆପାଲି ଗ୍ରାମ ପଞ୍ଚାୟତର ବାଘରଡେିଲାରେ ଗାଁ କଲ୍ୟାଣ ସମିତି ଆନୁକୂଲ୍ୟରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ସୁବର୍ଣ୍ଣପୁର ଦ୍ୱାରା ବିଶ୍ୱାସ କାର୍ଯ୍ୟକ୍ରମର ନବମ ଅଭିଯାନ ରୋଗବାହକ ନିୟନ୍ତ୍ରଣ ଦିବସ ପାଳିତ ହୋଇଯାଇଛି। ନାଏବ ସରପଞ୍ଚ ଚପଳା ପଲତା କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ସରପଞ୍ଚ ସନ୍ତୋଷ କୁମାର ପଧାନ, ଜିଲା ରୋଗବାହକ ନିୟନ୍ତ୍ରକ ଅଜୟ କୁମାର ଜେନା, ଜିଲା ଆଶା ସଂଯୋଜକ ହିତେଶ କୁମାର ତ୍ରିପାଠୀ, ସ୍ୱାସ୍ଥ୍ୟ ପରିଦର୍ଶକ ଗିରିଧାରୀ ସାହୁ, ଆଶାକର୍ମୀ ସରସ୍ୱତୀ ପଲତା, ପାର୍ବତୀ ମହାକୁଡ, ଗାଁ ସ୍ୱାସ୍ଥ୍ୟ ସମୀକ୍ଷା ସଂଯୋଜକ ଅକୃର ନାଏକ ପ୍ରମୁଖ ସଭାରେ ଯୋଗଦେଇଥିଲେ। ରୋଗବାହକ କ'ଣ ଓ ଏହା କିପରି ନିୟନ୍ତ୍ରଣ କରାଯାଇ ପାରିବ ସେ ବିଷୟରେ ସୂଚନା ଦିଆଯାଇଥିଲା।

# ମଦ ବିରୋଧରେ ତାତିଲେ ମହିଳା

## ଦେଶୀ ମଦଭାଟିରେ ପଶି ନଷ୍ଟ କଲେ

**ଲୋଇସିଂହା,୨୫।୭(ଡି.ଏନ.ଏ.)**



ମଦଭାଟି ପରିସରରେ ରୁଣ୍ଡ ହୋଇଥିବା ଆନ୍ଦୋଳନରତ ମହିଳାମାନେ।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁର୍ଡା ଗ୍ରାମର ମହିଳାମାନେ ସଙ୍ଗା ଏବଂ ମଦ ବିରୋଧୀ ଆନ୍ଦୋଳନକୁ ଜୋରଦାର କରିଛନ୍ତି। ଗୁରୁବାର ବୁର୍ଡା-ସୋନପୁର ରାସ୍ତାରେ ଥିବା ସରକାରୀ ସ୍ୱୀକୃତିପ୍ରାପ୍ତ ଦେଶୀମଦ ବିକ୍ରୟ ଶାଖା(ଭାଟି)ଉପରେ ଚଢାଉ କରି ବିକ୍ରି ପାଇଁ ଗଚ୍ଛିତ ଥିବା ବିପୁଳ ଦେଶୀ ମଦକୁ ମାଡି, ଦଳି ନଷ୍ଟ କରିଛନ୍ତି। ବୁର୍ଡା ଗ୍ରାମକୁ ନିଶା ନିବାରଣ କରିବା ଉଦ୍ଦେଶ୍ୟରେ ଆଇନ ହାତକୁ ନେବାକୁ ବାଧ୍ୟ ହୋଇଛନ୍ତି ବୋଲି ମହିଳାମନେ ପ୍ରକାଶ କରିଛନ୍ତି। ବୁର୍ଡା ଗ୍ରାମରେ ବେଆଇନ ବିକ୍ରି କରୁଥିବା କୁଚିଆ ଏବଂ ସରକାରୀ ସ୍ୱୀକୃତିପ୍ରାପ୍ତ ଦେଶୀମଦ ବିକ୍ରୟ ଶାଖା ବନ୍ଦ କରିବା ପାଇଁ ସେମାନେ ଜିଲା ପ୍ରଶାସନକୁ ଦୀର୍ଘଦିନ ଧରି ଜଣାଇ ଆସୁଥିଲେ । ଗତ ୨୨ ତାରିଖ ଲୋଇସିଂହା ବ୍ଲକରେ ଜିଲାପାଳ ଏବଂ ଏସ୍‌ପିଙ୍କ ଜନ ଅଭିଯୋଗ ଶୁଣାଣି ଶିବିରକୁ ଯାଇ ମଦକୁଚିଆ ଏବଂ ମଦଭାଟି ଉଠାଇ ଦେବାକୁ ଅନୁରୋଧ କରିଥିଲେ। ଏହାପରେ ମଧ୍ୟ ଲୁଚାଛପାରେ ମଦବିକ୍ରି ଜାରି ରହିଛି । ଅପରପକ୍ଷେ ପ୍ରଶାସନ ପକ୍ଷରୁ ଧର୍ମକୁ ଆଖିଠାର ଭଳି ପଦକ୍ଷେପ ଏହା ଗ୍ରାମାବସୀଙ୍କୁ ପ୍ରତିକ୍ରିୟାଶୀଳ କରିଥିଲା । ବୁଧବାର ରାତିରେ ଗ୍ରାମର ରାମମନ୍ଦିରଠାରେ ଶତାଧିକ ଏସ୍ଏଚ୍‌ଜି ମହିଳା ଏବଂ ଗ୍ରାମ୍ୟ କମିଟି ସଦସ୍ୟକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଗାଁରେ ଚାଲିଥିବା ସଙ୍ଗା ଏବଂ ମଦକାରବାର ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ସ୍ଥିର ହୋଇଥିଲା । ଏହି ନିଷ୍ପତ୍ତି ଅନୁଯାୟୀ ଗୁରୁବାର ଗାଁର ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା ଏବଂ ପରୁଷମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ ।ମହିଳାମାନେ ପ୍ରଥମେ ପଞ୍ଚାୟତ କାର୍ଯ୍ୟାଳକୁ ଯାଇ ମଦ ବିରୋଧୀ ଆନ୍ଦୋଳନରେ ସାଥ ଦେବାକୁ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ । ପରେ ବିଭିନ୍ନ ନିଶା ବିରୋଧୀ ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ମଦଭାଟିକୁ ଯାଇଥିଲେ । ପୂର୍ବସୂଚନା ପାଇଁ ମଦଭାଟି ବନ୍ଦ ରହିଥିଲା। ଭାଟି ବାହାରେ ଥିବା ମ୍ୟାନେଜର ମହିଳାଙ୍କୁ ଅଟକାଇ ଥିଲେ । ଦୁଇଦିନ ହେବା ମୁଁ ଏଠାରେ ଯୋଗଦେଇଛି। ଲିଖିତ ଅଭିଯୋଗ ଦେଲେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବି । ସରକାର ଲାଇସେନ୍ସ ଦେଇଛନ୍ତି, ସରକାର ରଦ୍ଦ କରିବେ ବୋଲି ସେ ମହିଳାଙ୍କୁ କହିଥିଲେ । ଭାଟି ମ୍ୟାନେଜରଙ୍କ ଏଭଳି କଥା ନିଆଁରେ ଘିଅ ଢାଳିବା ସଦୃଶ ହୋଇଥିଲା । ଏହାପରେ ସେମାନେ ସଂଘବଦ୍ଧ ଭାବେ ଭାଟିକୁ ପଶି କ୍ୟାରେଟରେ ଥିବା ମଦ ପାଉଚ ସବୁ ବାହାରକୁ ଆଣି ଦଳିମାଡି ନଷ୍ଟ କରି ଦେଇଥିଲେ । ଖବର ପାଇ ଲୋଇସିଂହା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ବୁଝାଶୁଝା କରିଥିଲେ ।

### ମୃତ ମାଓବାଦୀଙ୍କ ପରିଚୟ ମିଳିଲା

**ଲାଞ୍ଜିଗଡ଼,୨୫।୭ (ଡି.ଏନ.ଏ.)**

ଲାଞ୍ଜିଗଡ ବ୍ଲକରେ ଗୋଟିଏ ଦିନରେ ଦୁଇଟି ହତ୍ୟା କରି ମାଓବାଦୀମାନେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇଥିଲେ। ଏହାର ଜବାବରେ ବୁଧବାର ସକାଳେ ଏସ୍‌ଓଜି ଯବାନ କୋମ୍ବିଂ ଚଳାଇଥିବା ବେଳେ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ଜଣେ ମାଓବାଦୀଙ୍କ ମୃତ୍ୟୁ ଘଟିଥିଲା। ମୃତ ମାଓବାଦୀ ଜଣକ ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକ ବଡଗୋଲିଗୁଡା ଗାଁର ଡିକ୍‌ସା ଓରଫ ସୁରେଶ ତାର ବାପାଙ୍କ ନାମ ଲାମି ବ୍ରେକ୍‌ବେଡା ବୋଲି ଦକ୍ଷିଣାଞ୍ଚଳ ଡିଆଇଜି ହିମାଂଶୁ ଲାଲ, କଳାହାଣ୍ଡି ଏସ୍‌ପି ବାତୁଲା ଗଙ୍ଗାଧର ଏକ ଖବରଦାତା ସମ୍ମିଳନିରେ ସୂଚନା ଦେଇଛନ୍ତି। ସେହିପରି ମୃତ ସୁରେଶଙ୍କ ସ୍ତ୍ରୀ ସଙ୍ଗୀତା ମଧ ମାଓବାଦୀ ସଙ୍ଗଠନର ଜଣେ ମହିଳା କ୍ୟାଡର ଥିଲେ। ଗତ ୨୦୧୬ ସେପ୍ଟେମ୍ବର ୧୫ରେ କଳାହାଣ୍ଡି ପୋଲିସ ଏବଂ ମାଓବାଦୀଙ୍କ ଗୁଳି ବିନିମୟ ବେଳେ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ଡିଆଇଜି ସୂଚନା ଦେଇଛନ୍ତି। ଏହାସହିତ ମାଓବାଦୀମାନେ ହିଂସା ଛାଡି ମୁଖ୍ୟ ସ୍ରୋତକୁ ଫେରି ଆସିବାକୁ ସେ ଆହ୍ୱାନ ଦେଇଛନ୍ତି।

■ ମଦ ବିକ୍ରେତାଙ୍କୁ ଗିରଫ ଦାବି

# ପୋଲିସକୁ ଅଟକ ରଖିଲେ ଏସ୍‌ଏଚ୍‌ଜି ମହିଳା



ପୋଲିସ କର୍ମଚାରୀଙ୍କୁ ମହିଳାମାନେ ଅଟକ ରଖିଛନ୍ତି।

**ଲୋଇସିଂହା,୨୫।୭(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଭାଲିଆମୁଣ୍ଡା ଗ୍ରାମରେ ଏସ୍ଏଚଜି ମହିଳାମାନେ ମଦ ବିରୋଧୀ ଅଭିଯାନ ଚଳାଇଛନ୍ତି। ଗ୍ରାମରେ ମଦବିକ୍ରିକୁ ବାରଣ କରିଆସୁଛନ୍ତି। ଏହାକୁ ଖାତିର ନକରି କେତେକ ବ୍ୟକ୍ତି ଲୁଚାଛପାରେ ବିକ୍ରି କରୁଛନ୍ତି। ଗୁରୁବାର ସନ୍ଧ୍ୟାରେ ଜଣେ ମଦୁଆ ମଦ୍ୟପାନ କରି ଆତଙ୍କ ସୃଷ୍ଟି କରୁଥିଲେ। ଉକ୍ତ ମଦ୍ୟପ ବ୍ୟକ୍ତି ହାତରେ ରନ୍ଧା ମଦ ଧରିଥିଲେ। ଏହି ସମୟରେ ଗ୍ରାମର ମହିଳାମାନେ ଉକ୍ତ ବ୍ୟକ୍ତିକୁ ଧରି ଗାଁରେ ମଦ ବନ୍ଦ କରାଯାଇଥିବା ବେଳେ କେଉଁଠୁ ପାଇଲୁ ବୋଲି ପଚାରିଥିଲେ। ସେହି ବ୍ୟକ୍ତି ମଦବିକ୍ରେତା ନାମ ପ୍ରକାଶ କରିବା ପରେ ମହିଳାମାନେ ଲୋଇସିଂହା ପୋଲିସକୁ ସୂଚନା ଦେଇଥିଲେ। ସୂଚନା ପାଇ ଲୋଇସିଂହା ଥାନାର ୭ଜଣ ଷ୍ଟାଫ ଘଟଣାସ୍ଥଳରେ ପହଞ୍ଚିଥିଲେ। ହେଲେ ମଦ ବିକ୍ରେତା ଜଣକ ଫେରାର ହୋଇଯାଇଥିଲେ। ମଦବିକ୍ରେତାକୁ ମହିଳାଙ୍କ ହଜାର ସହ ଗିରଫ କରିବା ଦାବିରେ ମହିଳାମାନେ ଅଡି ବସିଥିଲେ। ଗାଁକୁ ଆସିଥିବା ପୋଲିସ କର୍ମଚାରୀଙ୍କୁ ସେମାନେ ଅଟକ ରଖିଥିବା ଜଣାଯାଇଛି। ଏ ସମ୍ପର୍କରେ ଲୋଇସିଂହା ଥାନା ଏସଏଆଇ ଏ.ଟି. ସାହୁ କହିଛନ୍ତି ଯେ, ମୁଁ ଥାନାରେ ଅଛି। ନୂଆ ଏସଏଆଇ ଷ୍ଟାଫ ସହ ଯାଇଛନ୍ତି। ସେମାନେ ଫେରିଲେ ଏ ନେଇ ଅଧିକ କିଛି କହିହେବ ବୋଲି ପ୍ରକାଶ କରିଥିଲେ।

# ଜବତ ମଦ ପୋଲିସ ଜିମା ଦେଲେ

**ବେଲପଡା, ୨୫।୭(ଡି.ଏନ.ଏ.)**



ମହିଳାମାନେ ଜବତ କରିଥିବା ମଦ ପାଉଚ।

- ଜଣେ ଗିରଫ, ୨ ଫେରାର
- କୁଚିଆ ମଦ ବେପାରୀଙ୍କୁ ଚେତାବନୀ
- ମଦ ବିକ୍ରି ବନ୍ଦ ନ କଲେ ଗୋଡାଇ ପିଟିବୁ

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ମଣ୍ଡଳ ଗ୍ରାମରେ ମଦ ବିକ୍ରିକୁ ବିରୋଧ କରି ଗ୍ରାମର ୧୦ରୁ ଉର୍ଦ୍ଧ୍ୱ ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀର ମହିଳା ଗୁରୁବାର ରାସ୍ତାକୁ ଓହ୍ଲାଇଥିଲେ। ଗ୍ରାମର କୁଚିଆ ମଦ ଦୋକାନରେ ଚଢାଉ କରି ବିପୁଳ ପରିମାଣର ମଦ ଜବତ କରିଥିଲେ। କୁଚିଆ କେଶବ ପୋଢଙ୍କଠାରୁ ୧୧୫ଟି ଦେଶୀ ପାଉଚ, ୧୭ ବୋତଲ ବିଦେଶୀ ମଦ ଜବତ କରି ଅଭିଯୁକ୍ତଙ୍କ ସହ ପୋଲିସ ଜିମା ଦେଇଥିଲେ। ସେହିପରି ଅନ୍ୟ ଦୁଇ କୁଚିଆ ବାଲାଜୀ ରାଓ ଓ ଅନୁପ ଜାଲଙ୍କ କୋଠିରେ ଚଢାଉ କରି ୨୭ ବୋତଲ ବିଦେଶୀ ମଦ ଓ ୩ପାଉଚ ଦେଶୀ ମଦ ଜବତ କରି ପୋଲିସ ଜିମା ଦେଇଥିଲେ। ତେବେ ୨ ଅଭିଯୁକ୍ତ କୌଣସିମତେ ଫେରାର ହୋଇ ଯାଇଛନ୍ତି। ମହିଳାମାନେ ଗୁରୁବାର ସନ୍ଧ୍ୟାରେ ବେଲପଡା ଥାନାକୁ ଆସି ସମ୍ପୃକ୍ତ ମଦ ଦୋକାନୀଙ୍କ ସହ ମଦ ଯୋଗାଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଯୋଗ କରିଛନ୍ତି। ପୋଲିସ ଗିରଫ କେଶବ ପୋଢଙ୍କ ବିରୋଧରେ ଏକ ମାମଲା(ନଂ .୧୧୫/୧୯) ରୁଜୁ କରିଛି । ଫେରାର ଅନ୍ୟ ଦୁଇ ଅଭିଯୁକ୍ତଙ୍କ ବିରୋଧରେ ଅନ୍ୟ ଏକ ମାମଲା (ନଂ. ୧୧୬/୧୯) ରୁଜୁ ହୋଇଥିବା ପୋଲିସ ସୂତ୍ରରୁ ପ୍ରକାଶ ।

ବେଲପଡା ବ୍ଲକ ମଣ୍ଡଳ ଗ୍ରାମରେ ଦୀର୍ଘଦିନରୁ ଚାଲିଛି ବେଆଇନ ମଦ କାରବାର । ଏହାକୁ ନେଇ ଗ୍ରାମବାସୀ ବିଭିନ୍ନ ସମୟରେ ଅବକାରୀ ବିଭାଗ ଓ ପୋଲିସକୁ ଜଣାଉଥିଲେ ହେଁ ମଦ ବିକ୍ରେତା କିମ୍ବା ପୋଲିସ କର୍ଣ୍ଣପାତ କରୁ ନାହାନ୍ତି। କାଁଭାଁ ଚଢାଉ କରି ଉଭୟ ବିଭାଗ ତାର କର୍ତ୍ତବ୍ୟ ଶେଷ କରିଦେଉଛି। ଏଥିଯୋଗୁ ଗ୍ରାମରେ ୩୦ରୁ ଅଧିକ କୁଚିଆ ମଦ ଦୋକାନ ଖୋଲିଛି। ଅବାଧ ମଦ କାରବାର ଯୋଗୁ ମଦୁଆ ସଂଖ୍ୟା ବଢିବା ସହ ନାନାଦି ଅଶାନ୍ତିକର ପରିସ୍ଥିତି ସୃଷ୍ଟି ହେଉଛି। ସ୍କୁଲ କଲେଜ ପିଲା, ଏପରିକି ମହିଳାମାନେ ରାସ୍ତାରେ ଦିନବେଳା ଯିବାପାଇଁ ସୁରକ୍ଷିତ ମଣୁନାହାନ୍ତି। ଗତ ରବିବାର ମଦୁଆ ଓ ମଦବିକ୍ରେତାଙ୍କୁ ସାବାଡ କରିବା ପାଇଁ ମଣ୍ଡଳ ସରପଞ୍ଚ ସସ୍ମିତା ଖମାରୀଙ୍କ ନେତୃତ୍ୱରେ ୩୦ଟି ଏସ୍ଏଚ୍‌ଜି ମହିଳା ଗୋଷ୍ଠୀ ସ୍ଥାନୀୟ ମାଉସୀ ମା' ମନ୍ଦିରରେ ଏକତ୍ରିତ ହୋଇଥିଲେ। ସଭା ପରେ ମଦ ବନ୍ଦ ପାଇଁ ଏକ ସଚେତନା ଶୋଭାଯାତ୍ରା ବାହାର କରିଥିଲେ । ପରେ ଗ୍ରାମରେ ମଦ ବିକ୍ରି ନେଇ ଏସଏଚଜି ମହିଳାମାନେ ଅବକାରୀ ଓ ପୋଲିସ ବିଭାଗକୁ ଅବଗତ କରାଇଥିଲେ। ଗତ ମଙ୍ଗଳବାର ପାଟଣାଗଡ ଅବକାରୀ ବିଭାଗ ମଣ୍ଡଳ ଗ୍ରାମର ବିଭିନ୍ନ ଜାଗାରେ ଚଢାଉ କରି ନବୀନ ଜାଲ ନାମକ ବ୍ୟକ୍ତିଙ୍କଠାରୁ ୫ ଲିଟର ଦେଶୀ ମଦ ଜବତ ସହ ଗିରଫ କରି କୋର୍ଟଚାଲାଣ କରିଥିଲା ।

ଗାଁରୁ ବାସନ୍ଦା ଘଟଣା

# ଥାନାରେ ନ୍ୟାୟ ଭିକ୍ଷା କଲେ ମହିଳା

**ଲୋଇସିଂହା,୨୫।୭(ଡି.ଏନ.ଏ.)**

ଲୋଇସିଂହା ଥାନା ଆମାମୁଣ୍ଡା ଗାଁର ଜଣେ ଶିଶୁର ମୃତ୍ୟୁକୁ ନେଇ ଅଭାବନୀୟ ଘଟଣା ଘଟିଛି। ଶିଶୁମୃତ୍ୟୁ ପାଇଁ ଜଣେ ବୃଦ୍ଧାଙ୍କୁ ଦାୟୀ କରି ତାଙ୍କ ପରିବାର ଲୋକଙ୍କୁ ଗତ ମେ ମାସରୁ ଗାଁରୁ ତଡି ଦିଆଯାଇଛି । ଏ ନେଇ ବୃଦ୍ଧାଙ୍କ ବୋହୂ ସୀତାୟା ଚିରଗୁନ ଲୋଇସିଂହା ଥାନାର ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏ ନେଇ ଥାନାରେ ଦଫା ୧୪୭, ୩୪୧, ୨୯୪, ୩୨୩, ୫୦୬, ୧୪୯ରେ ଏକ ମାମଲା (ନଂ. ୧୫୨/୧୯) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି । ଅଭିଯୋଗରୁ ପ୍ରକାଶ ଯେ, ଗତ ୭ ମେ ତାରିଖ ଦିନ ସୀତୟାଙ୍କ ଶାଶୁ ଖତ ଚିରଗୁନ(୭୨) ତାଙ୍କ ୩ ନାତିନାତୁଣୀଙ୍କୁ ଧରି ମନହୀରା କଟାଁ(ପୋଖରୀ)କୁ ଗାଧୋଇବାକୁ ଯାଇଥିଲେ । ଏହି ସମୟରେ ପଡୋଶୀ ଘର ପଟାରି ଚିରଗୁନଙ୍କ ପୁଅ ପପୁନ ମଧ୍ୟ ଗାଧୋଇ ଯାଉଥିଲେ । ପପୁନ ପୁରଷ ପିଲାଙ୍କ ଘାଟକୁ ଯାଇଥିଲେ। ବୃଦ୍ଧା ଜଣକ ତାଙ୍କ ନାତିନାତୁଣୀକୁ ଗାଧୋଇ ସାରି ଘରକୁ ଫେରିଥିଲେ। ଏହାପରେ ବୃଦ୍ଧା ପପୁନଙ୍କ ଘରକୁ ଆସି ତାଙ୍କ ମା'କୁ ପୁଅ ଗାଧୋଇ ସାରି ଘରକୁ ଫେରିଲାଣି କି ନାହିଁ ପଚାରି ବୁଝିଥିଲେ' ପପୁନ ଆସି ନ ଥିବା କହିବା ପରେ ଖତ ଚିରଗୁନ ଘରକୁ ଚାଲି ଯାଇଥିଲେ। ଘଟଣାକ୍ରମରେ ଦୀର୍ଘ ସମୟ ଧରି ପପୁନ ଘରକୁ ନ ଆସିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ । ଏହାପରେ ପୋଖରୀକୁ ଆସି ଖୋଜାଖୋଜି କରିବା ପରେ ପାଣିରେ ବୁଡି ଯାଇଥିବା ପପୁନଙ୍କୁ ଉଦ୍ଧାର କରାଯାଇ ଲୋଇସିଂହା ଡାକ୍ତରଖାନା ପଠାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେତେବେଳେ ଲୋଇସିଂହା ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲା। ତେଣୁ ଗାଁକୁ ନେଇ ପରିବାର ଲୋକେ ପପୁନର ଶବ ସତ୍କାର କରିଥିଲେ।

ଅପରପକ୍ଷରେ ଗ୍ରାମରେ ଚାଲିଥିବା ନାମଯଜ୍ଞ ସମ୍ପନ୍ନ ହେବା ପରେ ମେ ୧୦ ତାରିଖରେ ଏହି ବିଷୟକୁ ନେଇ ଏକ ବୈଠକ ବସିଥିଲା। ଏହି ବୈଠକକୁ ସୀତୟାଙ୍କୁ ବି ଡକାଯାଇଥିଲା। ସେଠାରେ ତାଙ୍କୁ ଗାଁ ଛାଡି ଚାଲିଯିବାକୁ କୁହାଯାଇଥିଲା। ମେ ୧୩ ତାରିଖରେ ସୀତୟାଙ୍କ ପରିବାରର ସଦସ୍ୟମାନେ ଲୋଇସିଂହା ଥାନାକୁଆସି ସୁରକ୍ଷା ଏବଂ ନ୍ୟାୟ ମାଗିଥିଲେ। ପୋଲିସ ଉଭୟ ପକ୍ଷକୁ ଡାକି ଆଲୋଚନା କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନ ଥିଲା। ଘଟଣା ପରଠାରୁ ତାଙ୍କ ପରିବାରକୁ ନିଆଁ ପାଣି ବାସନ୍ଦ କରାଯାଇଥିଲା । ମେ ୧୬ ତାରିଖ ଗ୍ରାମର କେତେକ ଲୋକ ତାଙ୍କ ଘରେ ପଶି ଆକ୍ରମଣ କରି ଗାଁରୁ ତଡି ଦେଇଥିବା ସୀତୟା ଚିରଗୁନ ଅଭିଯୋଗ କରିଛନ୍ତି। ସେବେଠାରୁ ବାପ ଘର ବୁଢୀପଦରରେ ୫ ପ୍ରାଣୀ ପରିବାର ଆଶ୍ରୟ ନେଇଥିବା ଗତ ୧୯ ତାରିଖ ।ସ ଅଭିଯୋଗ କରିଥିବା ପତ୍ରରେ ଉଲ୍ଲେଖ କରିଛନ୍ତି। ଆଇଆଇଆସି ଲଳିତା ଲେକ୍ରା କହିଛନ୍ତି ଯେ, ଅଭିଯୋଗ ମିଳିବା ପରେ ୧୫ ଜଣଙ୍କ ବିରୋଧରେ ମାମଲା ରୁଜ ହୋଇଛି । ଘଟଣାର ତଦନ୍ତ ଚାଲୁ ରହିଥିବା ସେ ପ୍ରକାଶ କରିଛନ୍ତି।

■ ଶ୍ରାବଣରେ ଜମି ଶୁଖିଲା, ଗଜା ମରୁଡି

# ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଚାଷୀ

**ସୋନପୁର,୨୫।୭(ନି.ପ୍ର.)**



ମଲା ଧାନ ଗଛକୁ ସୁବର୍ଣ୍ଣପୁର ଜିଲା କୁମ୍ଭାରମୁଣ୍ଡାର ଚାଷୀ ପ୍ରଦର୍ଶିତ କରୁଛନ୍ତି ।

ଶ୍ରାବଣରେ ସୁବର୍ଣ୍ଣପୁର ଜିଲାର ଚାଷ ଜମି ଶୁଖିଲା ପଡିଛି। ବର୍ଷାର ଦେଖା ନାହିଁ। ଯେଉଁ ସମୟରେ ନଦୀ, ନାଳ, ପୁଷ୍କରଣୀ ଫୁଲି ଉଠିବା କଥା ସେହି ସମୟରେ ସବୁ ଶୁଖିଲା ପଡିଛି। ପ୍ରଚଣ୍ଡ ଗ୍ରୀଷ୍ମର ଅନୁଭୂତି ହେଉଛି। ମୌସୁମୀ ଉଭାନ ହୋଇଥିବା ବେଳେ ପାଣି ଟୋପାଏ ପାଇଁ ଚାଷୀ ହନ୍ତସନ୍ତ ହେଉଛନ୍ତି। ଧାନ ରୁଆ ସମୟ ଅତିକ୍ରାନ୍ତ ହୋଇ ସାରିଥିଲେ ମଧ ବର୍ଷାର ଦେଖାନାହିଁ। ଯେଉଁ କେତେକ ସ୍ଥାନରେ ଗତ କିଛିଦିନ ତଳେ ସାମାନ୍ୟ ବର୍ଷା ହୋଇଥିଲା, ସେହି ସ୍ଥାନରେ ଚାଷୀ ତଳି(ପହ୍ଲା) ପକାଇଥିଲା। ବର୍ତ୍ତମାନ ତାହା ପାଣି ଅଭାବରୁ ମରିଗଲାଣି। ବୁଣା ହୋଇଥିବା ଜମିରେ ଗଜା ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି। ଅଣଜଳସେଚିତ ବୀରମହାରାଜପୁର, ଉଲୁଣ୍ଡା, ସୋନପୁର ଓ ତରଭା ବ୍ଲକର ସ୍ଥିତି ସଙ୍ଗୀନ ରହିଛି। ଗୁରୁବାର ତରଭା ବ୍ଲକ କୁମ୍ଭାରମୁଣ୍ଡା ପଞ୍ଚାୟତର ୯ଟି ଗ୍ରାମର ଶତାଧିକ ଚାଷୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ବର୍ଷା ଅଭାବରୁ ଗଜାମରୁଡି ହୋଇଥିବା ପ୍ରଦର୍ଶିତ କରିଥିଲେ। ଅଞ୍ଚଳରେ ଜଳସେଚନର ସୁବିଧା ନାହିଁ। ଉଠା ଜଳସେଚନ ପ୍ରକଳ୍ପଗୁଡିକ ଅଚଳ ହୋଇ ପଡିଛି। ଚାଷୀ ମୁଖ୍ୟତଃ ବର୍ଷା ଜଳ ଉପରେ ନିର୍ଭର କରିଥାଏ। ଏଭଳି ସ୍ଥିତିରେ ଚାଷୀ ପରିବାରଗୁଡିକ ଭାଙ୍ଗି ପଡିଛନ୍ତି। ଋଣ ଟଙ୍କା କିଭଳି ସୁଝିବେ ସେଇ ଚିନ୍ତାରେ ଅଛନ୍ତି। କାଳିଆ ଟଙ୍କା କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ମିଳିନି। ଗ୍ରାମର ଯୁବକମାନେ ବାହାର ରାଜ୍ୟକୁ ଦାଦନ ଖଟିଯିବାକୁ ବାହାରିଲେଣି ବୋଲି ଜଣାଇଥିଲେ। ବୁଧବାର ଜନକପୁର, କୁମ୍ଭାରମୁଣ୍ଡା, ପୋଲବନ୍ଧ, ନୂଆପାଲି, ରାଏକଡା, ବଡଫଟାମୁଣ୍ଡା, ପଶୁକିମାଲ, ରୁଞ୍ଜଫଟାମୁଣ୍ଡା ଓ ଲେମ୍ବୁପାଲି ଅଞ୍ଚଳର ଚାଷୀମାନେ କୁମ୍ଭାରମୁଣ୍ଡା ଆମ୍ବତୋଟାରେ ବୈଠକ କରିଥିଲେ। ସର୍ବସମ୍ମତ ନିଷ୍ପତ୍ତିକ୍ରମେ ଚାଷୀମାନେ ଗୁରୁବାର ଜିଲାପାଳଙ୍କୁ ଭେଟି ନିଜର ସମସ୍ୟା ଜଣାଇଛନ୍ତି। ସୁବର୍ଣ୍ଣପୁର ଜିଲା କୃଷକ ବିକାଶ ପରିଷଦ ସମନ୍ୱୟ ସମିତି ଚାଷୀଙ୍କ ଦାବିକୁ ସମର୍ଥନ କରିଥିବା ଦେଖିବାକୁ ମିଳିଥିଲା। ଚାଷୀ ନେତା ବୈକୁଣ୍ଠନାଥ ଶତପଥୀ, ସୁଧିର କୁମାର ବାଘାର, ଗିରିଧାରୀ ଭୋଇ, ରାଜେନ୍ଦ୍ର ପ୍ରସାଦ ପାଢୀ, ଚୈତନ୍ୟ ରଣା, ପ୍ରେମାନନ୍ଦ ସାହୁ, ଆନନ୍ଦ ରଣା, ଚକାମରା ରଣା ଓ ଜୟଦେବ କୁମ୍ଭାର ପ୍ରମୁଖ ଜିଲାପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ।

ପ୍ରକାଶ ଯେ, ଜିଲାରେ ଗତ ଜୁନ୍ ମାସରେ ସ୍ୱାଭାବିକଠାରୁ ୨୨.୭୬ ପ୍ରତିଶତ କମ୍ ବର୍ଷା ହୋଇଛି। ସେହିପରି ଜୁଲାଇରେ ୨୫ ତାରିଖ ସୁଦ୍ଧା ୪୪.୮୪ ପ୍ରତିଶତ କମ୍ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଅଣଜଳସେଚିତ ୪ ବ୍ଲକରେ ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି।



ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।

- ସାମୁଏଲ୍ ଜନ୍‌ସନ

## ସଂକ୍ଷେପରେ

### ଶିକ୍ଷକ ବଦଳି ବାତିଲ, ୩ ଦିନ ପରେ ସ୍କୁଲରୁ ଖୋଲିଲା ତାଲା

**ବୌଦ୍ଧ/ତଳଗାଁ,୨୫।୭ (ସ୍ୱ.ପ୍ର/ ଡି.ଏନ.ଏ)-** ବୌଦ୍ଧ ଜିଲାର ତିନିଟି ବ୍ଲକରେ ୧୭୮ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବଦଳି ଆଦେଶ ପରେ ବହୁ ବିଦ୍ୟାଳୟରେ ଅଭିଭାବକ ଓ ବିଦ୍ୟାଳୟ କମିଟି ଗୁଡିକରେ ଅସନ୍ତୋଷ ଦେଖାଦେଇଛି। ବିଭିନ୍ନ ବିଦ୍ୟାଳୟରେ ଅଭିଭାବକମାନେ ଶିକ୍ଷକ ବଦଳି ବାତିଲ କରିବାକୁ ଅଡି ବସିବା ସହ ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରୁଛନ୍ତି । ହରଭଙ୍ଗା ବ୍ଲକରେ ମଧ୍ୟ ୬୧ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ବଦଳି ଆଦେଶ ପରେ ବ୍ଲକର ବହୁ ବିଦ୍ୟାଳୟରେ ବିଦ୍ୟାଳୟ କମିଟି ଓ ଅଭିଭାବକ ବିଦ୍ୟାଳୟଗୁଡିକରେ ତାଲା ପକାଇଛନ୍ତି । ବ୍ଲକର ଆଦିବାସୀ ଅଧୁଷିତ ତଳଗାଁ ପଞ୍ଚାୟତର ଗଣ୍ଡାପାଜୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସୁଶାନ୍ତ କୁମାର ବେହେରାଙ୍କୁ ବଦଳି ଆଦେଶ ବିରୋଧରେ ଅଭିଭାବକ ଓ ବିଦ୍ୟାଳୟ କମିଟି ପକ୍ଷରୁ ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣା ଦିଆଯାଇଥିଲା। ୩ ଦିନ ପରେ ହରଭଙ୍ଗା ବିଇଓ ସନାତନ ଗାହାଣଙ୍କ ନିର୍ଦ୍ଦେଶ ଅନୁସାରେ ସିଆରସିସି ସନ୍ତୋଷ କୁମାର ମହାପାତ୍ର ଗଣ୍ଡାପାଜୁ ବିଦ୍ୟାଳୟକୁ ଯାଇ ବିଦ୍ୟାଳୟ କମିଟି ଓ ଅଭିଭାବକଙ୍କ ସହ ଆଲୋଚନା କରି ଶିକ୍ଷକ ବେହେରାଙ୍କ ବଦଳି ଆଦେଶ ବାତିଲ କରାଯାଇଥିବା ନେଇ ଲିଖିତ ଭାବେ ଦେଇଥିଲେ । ଏହାପରେ ବିଦ୍ୟାଳୟ ଫାଟକରୁ ତାଲା ଖୋଲିଥିଲା।

ମହିଳାଙ୍କୁ ପୋଲିସର ଦୁର୍ବ୍ୟବହାର ଅଭିଯୋଗ

# ଯୁବ କଂଗ୍ରେସର ଥାନା ଘେରାଉ

**କୋମନା,୨୫।୭ (ଡି.ଏନ.ଏ.)**

ଜଣେ ଦଳିତ ମହିଳାଙ୍କୁ ନ୍ୟାୟ ଦେବା ବଦଳରେ ଥାନା କର୍ମଚାରୀ ଦୁର୍ବ୍ୟବହାର କରିଥିବା ଅଭିଯୋଗ ନେଇ ନୂଆପଡା ଜିଲା ଯୁବ କଂଗ୍ରେସ ପକ୍ଷରୁ କୋମନା ଥାନା ଘେରାଉ କରାଯାଇଛି। ଘଟଣାର ତଦନ୍ତ କରିବା ସହ ପୋଲିସ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ନେଇ ଏକ ଦାବିପତ୍ର ନୂଆପଡା ଏସଡିପିଓଙ୍କୁ ପ୍ରଦାନ କରାଯାଇଛି ।

ଯୁବ କଂଗ୍ରେସ ତରଫରୁ ଲୋକସଭା ସାଧାରଣ ସମ୍ପାଦକ ପାଶା ମହାନନ୍ଦ, ବିଧାନସଭା ଉପସଭାପତି ଶାହରୁଖ ଖାନଙ୍କ ନେତୃତ୍ୱରେ ପୀଡିତାଙ୍କ ପରିବାର ସହ ଯୁବ କଂଗ୍ରେସର କର୍ମକର୍ତ୍ତାମାନେ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟଠାରୁ ଏକ ରାଲିରେ ଆସି ଥାନା ଘେରାଉ କରିଥିଲେ। ଏଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିବାବେଳେ ଜଣେ ଦଳିତ ମହିଳାଙ୍କ ପ୍ରତି ହୋଇଥିବା ଦୁର୍ବ୍ୟହାରର ନିନ୍ଦା କରାଯାଇଥିଲା । ପରେ ଏସପିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଏସଡିପିଓ ପ୍ରଶାନ୍ତ କୁମାର ପଟ୍ଟନାୟକଙ୍କୁ ପ୍ରଦାନ କରାଯାଇଥିଲା। ଉଲ୍ଲେଖ ଯୋଗ୍ୟ ଯେ, ଏହି ଥାନା ଅନ୍ତର୍ଗତ ଡୁମେରବାହାଲ ଗ୍ରାମର ଜଣେ ଦଳିତ ମହିଳାଙ୍କୁ ଗତ ଜୁନ ୪ ତାରିଖ ଥାନାରେ କାର୍ଯ୍ୟରତ ହୋମଗାର୍ଡ ଧବଳେଶ୍ୱର ଜଗତ ଓ ଚିତ୍ରସେନ କଠାର ଅପହରଣ କରି ବିଭିନ୍ନ ନିର୍ଯାତନା ଦେଇଥିବା ନେଇ ପୀଡୀତା କୋମନା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି କୋମନା ପୋଲିସ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ନେଇ ବିଭାଗୀୟ କର୍ମଚାରୀଙ୍କ ଦୋଷ ଦୁର୍ବଳତାକୁ ଘଣ୍ଟ ଘୋଡାଇବା ପାଇଁ ଚେଷ୍ଟା କରି ପୀଡିତାଙ୍କୁ ଥାନାକୁ ଡକାଇ ଦୁର୍ବ୍ୟବହାର କରିଥିଲେ। ଏ ନେଇ ପୀଡୀତା ଜୁନ ୮ ତାରିଖରେ ନୂଆପଡା ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ସମ୍ପୃକ୍ତ ବିଷୟରେ ଜଣାଇଥିଲେ। ହେଲେ ଆଜିଯାଏଁ ଦୋଷୀଙ୍କ ବିରୋଧରେ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଶେଷରେ ପୀଡିତା ଜଣକ ମାନସିକ ଚାପ ଏବଂ ଯନ୍ତ୍ରଣାରେ ମର୍ମାହତ ହୋଇ ଯୁବ କଂଗ୍ରେସର ଦ୍ୱାରସ୍ଥ ହୋଇଥିଲେ। ଏହା ଉପରେ ଯୁବ କଂଗ୍ରେସ ରୋଷ ପ୍ରକାଶ କରିଛି। ଆଗକୁ କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ବିକ୍ଷୋଭରେ ରାଜ୍ୟ ପ୍ରଭାରୀ ଅର୍ଷଦ ଅଂଶାରୀ ବିଶେଷ ଅତିଥି ଭାବେ ଯୋଗଦେଇଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ବଷ୍ଟୁ ହୋତା, ପପୁ ଅହୀର, ବୃନ୍ଦା ମହାନନ୍ଦଙ୍କ ସହ ବହୁ କର୍ମକର୍ତ୍ତା ସାମିଲଥିଲେ। ଏ ସମ୍ପର୍କରେ ଏସଡିପିଓ ପଟ୍ଟନାୟକ ଦାବିପତ୍ର ଗ୍ରହଣ କରି ଅଭିଯୋଗ ଉପରେ ବିଶେଷ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି କୋମନା ଥାନା ସମ୍ମୁଖରେ ୧ ପ୍ଲାଟୁନ ପୋଲିସ ମୂତୟନ ହୋଇଥିଲା ।



ଯୁବ କଂଗ୍ରେସ କର୍ମକାର୍ତ୍ତାମାନେ ଥାନା ଘେରାଉ କରିବାକୁ ରାଲିରେ ଆସୁଛନ୍ତି ।

# ଭତାରୁ ବଁଚିତ୍ ୧୫ ହକ୍‌ଦାର ହିତାଧିକାରୀ

**କୋମନା,୨୫।୭ (ଡି.ଏନ୍.ଏ.)**

ନୂଆପଡ଼ା ଜିଲା କୋମନା ବ୍ଲକ ଅଧୀନ କାଲିମାଟି ଗାଁର ୧୫ରୁ ଅଧିକା ହକ୍‌ଦାର ବୁଢ଼ାବୁଢ଼ି, ଭିନ୍ନକ୍ଷମ ଭତା ପାଏବାରୁ ବଁଚିତ୍ ହେଇଥିବାର ଅଭିଯୋଗ ହେଇଛେ। ହିତାଧିକାରୀମାନେ ପଁଚେତ୍‌ରୁ ବ୍ଲକ ତକ୍ ଦରକାରୀ କାଗଜପତର ସଂଗେ ଭତାର ଲାଗି ଆବେଦନ କରି ନିରାଶ ହେଇଥିବାର କହିଛନ୍। ସେନ୍‌ତା ଗାଁକେ କେଭେ କେହେନ୍‌ସି ପରଶାସନିକ ଅଧିକାରୀକଁର ପାହା ନାଇଁ ପଡୁଥିବାର ଗାଁବାସୀ ଅଭିଯୋଗ କରିଛନ୍। ଗାଁର ଲାଲୁ ମାଝି, କ୍ଷୀର ମାଝି, ଅମର ମାଝି, ଦେମତି ମାଝି, କୁମ ମାଝି, ଗୋବର୍ଦ୍ଧନ ମାଝି, ଦୃପତି ମାଝି, ଅଭିରାମ ଚିନ୍ଦା, ରତନୀ ଚିନ୍ଦା, ଗୁର ମାଝି ପରମୁଖକୁଁ ୬୦ ବଛର୍‌ରୁ ଅଧିକା ହେଇଥିଲାବେଲେ ଭିନ୍ନକ୍ଷମ ମମିତା ମାଝି, କୁର୍ତ୍ତି ମାଝି ବି ଭତାରୁ ବଁଚିତ ହେଇ ରହିଛନ୍। ଇ ଦିଗେ ଜିଲା ପରଶାସନ ଦୁରୁଷ୍ଟି ଦେଇ ହକ୍‌ଦାର ହିତାଧିକାରୀମାନକୁ ଭତା ଯୁଗେଇ ଦେବାକେ ଗାଁବାସୀ ଦାବି କରିଛନ୍। ଇ ବାବ୍‌ଦେ କୋମନା ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ବିଜୟ ନାଏକକୁଁ ପଚରାଲାରୁ ସରକାରକଁର ଟାର୍ଗେଟ ଅଭାବୁ ଇମାନେ ବାଦ୍ ପଡ଼ିଛନ୍। ନୂଆଁ ଟାର୍ଗେଟ ଆଏଲେ ଇମାନକୁ ଯୋଜନାରେ ସାମିଲ କରାଯିବା ବଲି ସେ କହିଥିଲେ।



ଭତାରୁ ବଁଚିତ୍ ହେଇଥିବାର ହିତାଧିକାରୀମାନେ।

# ଭିନ୍ନକ୍ଷମ ତୋସନୀର ଚିକିସ୍ସାରେ ଟଁକା ବାଧକ୍

**ପଲମ,୨୫।୭ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ରୁପ୍ରା ପଁଚେତ୍ ସଦର ଗାଁ ବଜାରପଡ଼ାର ତୋଫାନ ସାହୁକଁର ଝି' ତୋସନୀ ସାହୁ(୮)। ସେ ଠିକ୍ ହିସାବେ ଠିଆ ହେଇ ନାଇଁପାରବାର କି ଚାଲବୁଲ କରି ନାଇଁପାରବାର। ଗରିବ୍ ମା'ବାପ୍ ଅନେକ ଜାଗାରେ ଝି'ର ଚିକିସ୍ସା କରେଇ ନିରାଶ ହେଇଛନ୍। ତୋସନୀ ଜିଲା ମୁଖିଆ ଡାକ୍‌ତରଖାନାରୁ ୮୦% ପରତିଶତ ଭିନ୍ନକ୍ଷମ ପରମାନପତର ପାଇଛନ୍। ଇଆଡ଼େ ପରିବାରଟା ବିପିଏଲ୍ ଶ୍ରେଣୀର ହେଇଥିଲାବେଲେ ତୋଫାନ କୁଲି ମଜୁରି କରି କୁଟୁମ ପୁଷୁଛନ୍। ଏନ୍‌ତାଥି ସେ ଝି'ର ଉଚ ଚିକିସ୍ସା ବାବ୍‌ଦେ ସପନ ବି ଦେଖି ନାଇଁପାରବାର। ପଁଚେତ୍‌ରୁ ମିଲୁଥିବାର ଚାଉଲ ଆର କୁଲି ମଜୁରିରୁ ମିଲୁଥିବାର ଟଁକାରେ ତାକର ପରିବାରର ତେଲନୁନ୍ ଚଲୁଛେ। ଇଆଡ଼େ ଝି'ର ଦେଖିଭାଲ ଲାଗି ମା' ଘରୁ ଭଟାକେ ବାହାରି ନାଇଁ ପାରବାର। ଏନ୍‌ତାଥି ଜିଲା ପରଶାସନ ତୋସନୀକେ ଚିକିସ୍ସା ସାହାୟ୍ ଯୁଗେଇ ଦେବାକେ ପରିବାର ଲୋକ ଅନୁରୋଧ କରିଛନ୍।



ମା'ବାପ୍ ସଂଗେ ଭିନ୍ନକ୍ଷମ ଝି' ତୋସନୀ।



ଜିଲାପାଳଙ୍କ ସଦଭାବନା ସଭାଗୃହରେ ଆୟୋଜିତ ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି ।

ଆଣ୍ଟି ଡେଙ୍ଗୁ ମାସ ପାଳନ କାର୍ଯ୍ୟକ୍ରମ

# ଏମ୍‌ଡିଏର ଜିଲାସ୍ତରୀୟ ବୈଠକ

**ନୂଆପଡା ଅଫିସ,୨୫।୭**

ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ସଭାଗୃହରେ ଜିଲା ପ୍ରଶାସନ ଏବଂ ଜିଲା ସ୍ୱାସ୍ଥ୍ୟ ସମିତିର ମିଳିତ ଆନୁକୂଲ୍ୟରେ ଆଣ୍ଟି ଡେଙ୍ଗୁ ମାସ ପାଳନ କରାଯାଇଥିବାବେଳେ ଏହି ଅବସରରେ ଏକ ସମନ୍ୱିତ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉପଜିଲାପାଳ ତରଣୀସେନ ନାଏକ ସଭାପତିତ୍ୱ କରିଥିବାବେଳେ ଜିଲା ମୁଖ୍ୟ ଚିକିସ୍ଥାଧିକାରୀ ଡା. ପ୍ରଭାସିନି ବ୍ରହ୍ମା, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ପିକେଭି ପଟ୍ଟନାୟକ, ଡିପିଏମ ବିଶ୍ୱମ୍ଭର ବେହେରା, ଭିବିଡିସି ସନ୍ତୋଷ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଡେଙ୍ଗୁ ରୋଗର ଲକ୍ଷଣ ଏବଂ ଏହାର ଉପଚାରିତା ଉପରେ ବିଷଦ ଭାବେ ଆଲୋଚନା ହୋଇଥିଲା । ଏହାର ମୂଳୋତ୍ପାଟନ ସକାଶେ ଜିଲାର ସମସ୍ତ ସରକାରୀ ବେସରକାରୀ ସଂସ୍ଥାଗୁଡିକର ସହଯୋଗ ଦରକାର ବୋଲି ବକ୍ତାମାନେ କହିଥିଲେ । ଏଥିସକାଶେ ଜିଲା ମଙ୍ଗଳ, ସମାଜ ମଙ୍ଗଳ ବିଭାଗ ସହ ପଞ୍ଚାୟତିରାଜ ପ୍ରତିନିଧିମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି ବୋଲି କୁହାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଆଗାମୀ ଅଗଷ୍ଟ ୮, ୯ ଏବଂ ୧୦ ତାରିଖକୁ ହେବାକୁ ଥିବା ମାସ୍ ଡ୍ରଗ ଆଡମିନିଷ୍ଟ୍ରେସନ (ଏମଡିଏ)କାର୍ଯ୍ୟକ୍ରମ ସମ୍ପର୍କରେ ମଧ୍ୟ ବିଷଦ ଭାବେ ଆଲୋଚନା ହୋଇଥିଲା। ସେହିଭଳି ଫାଇଲେରିଆ ରୋଗର ଲକ୍ଷଣ ଏବଂ ନିରାକରଣ ସମ୍ପର୍କରେ ବିଶେଷଜ୍ଞମାନେ ଉପସ୍ଥାପନ କରିଥିଲେ। ଏହି ଦିନରେ ଜିଲାରେ କିପରି ବିଭିନ୍ନ ଔଷଧ ସେବନ କିପରି ଶତପ୍ରତିଶତ ହୋଇପାରିବ ସେ ଉପରେ ଗୁରୁତ୍ୱ ଦିଆଯାଇଛି। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ପ୍ରମୁଖ ଅଧିକାରୀ, କର୍ମଚାରୀମାନେ ଯୋଗଦେଇଥିଲେ ।

# ଜିଲା ମୁଖ୍ୟ ଚିକିସ୍ଥାଳୟ: ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗ

**ନୂଆପଡା ଅଫିସ,୨୫।୭**

ଜିଲା ମୁଖ୍ୟ ଚିକିସ୍ଥାଳୟରେ ବିଭିନ୍ନ ସାମଗ୍ରୀ ଯୋଗାଣ ନାଁରେ ହୋଇଥିବା ଏକ ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି । ଏହାକୁ ବିରେନ୍ଦ୍ର ନାଥ ଚେରିଟେବଲ ଟ୍ରଷ୍ଟ ନାମକ ଏକ ସଙ୍ଗଠନ ପକ୍ଷରୁ ଅଭିଯୋଗ କରାଯାଇଛି । ଅଭିଯୋଗ ମୁତାବକ ଜିଲା ମୁଖ୍ୟ ଚିକିସ୍ଥାଳୟରେ ବିଭିନ୍ନ ସମୟରେ ନିଯୁକ୍ତି ଏବଂ ଯୋଗାଣ ପ୍ରକ୍ରିୟାରେ ହେଉଥିବା ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା କରାଯାଉଛି। ଯଦ୍ୱାରା ସ୍ଥାନୀୟ ବିଡରମାନଙ୍କୁ ବଞ୍ଚିତ କରାଯାଇ ବାହାର କମ୍ପାନୀବାଲାଙ୍କୁ ଉତ୍ସାହିତ କରାଯାଉଥିବା କୁହାଯାଇଛି। ପ୍ରକାଶ ଯେ, ଗତ ୩ ତାରିଖରେ ବିଜ୍ଞାପନ ସଂଖ୍ୟା ୪୧୮ରେ ହସ୍ପିଟାଲରେ ୱେଷ୍ଟ ମ୍ୟାନେଜମ୍ୟାଣ୍ଟ, ଡାଏଟରୀ ସର୍ଭିସ ସକାଶେ ଟେଣ୍ଡର ପେପର ଆହ୍ୱାନ କରାଯାଇଥିଲା। ସେଥିରେ ଗତ ୨୩ ତାରିଖରେ ପୂର୍ବାହ୍ନ ୧୧ଟାରେ ଟେଣ୍ଡର ପେପର ଖୋଲାଯିବା କଥା। ହେଲେ ନିୟମକୁ ଉଲ୍ଲଂଘନ କରି ଏହି ଦିନ ଅପରାହ୍ନ ୨ଟାରେ ଖୋଲା ଯାଇଥିଲା। ସେଥିରେ ପୁଣି କୌଣସି ବିଡର ସମ୍ମୁଖରେ ଏହା ନ ଖୋଲି ପାତରଅନ୍ତର କରାଯାଇଥିବା ଅଭିଯୋଗ ହୋଇଛି। ଏହା ଉପରେ ଜିଲାପାଳ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି କରିଛନ୍ତି ।

# ଭାଲୁ ଆକ୍ରମଣରେ ଆହତ ବ୍ୟକ୍ତିଙ୍କ ମୃତ୍ୟୁ

**କୋମନା,୨୫।୭(ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବ୍ଲକ ମିଛାପାଲି ଗ୍ରାମପଞ୍ଚାୟତ ଅନ୍ତର୍ଗତ ବିଶିବାହାଲ ଗ୍ରାମର ଭାଲୁ ଆକ୍ରମଣରେ ଆହତ ପବିତ୍ର ମାଝିଙ୍କ ଗୁରୁବାର ମୃତ୍ୟୁ ଘଟିଛି। ସୂଚନାଯୋଗ୍ୟ ଯେ, ଗତ ଜୁନ ୨୦ ତାରିଖରେ ପବିତ୍ର ନିଜ ଜମି ପଟେ ଶୌଚ ପାଇଁ ଯାଇଥିବା ବେଳେ ଭାଲୁ ଆକ୍ରମଣରେ ଗୁରୁତର ଆହତ ହୋଇଥିଲେ। ନୂଆପଡା ଜିଲା ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ଡାକ୍ତର ବୁର୍ଲା ବଡମେଡିକାଲକୁ ପଠାଇଥିଲେ। ସେଠାରେ ୨୦ ଦିନ ପରେ ଅର୍ଥ ଅଭାବରୁ ଅଧିକ ଚିକିତ୍ସା କରି ନ ପାରିବାରୁ ପରିବାରବର୍ଗ ଘରକୁ ଫେରାଇ ଆଣିଥିଲେ। ଗୁରୁବାର ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି । ବନ ବିଭାଗ ରେଞ୍ଜର ଜଗଦିଶ ଦୁରିଆଙ୍କୁ ପଚାରିବାରୁ ଭାଲୁ ଆକ୍ରମଣ ସମ୍ବନ୍ଧୀୟ କାଗଜାତ ଦାଖଲ କଲେ ସହାୟତା ଦିଆଯିବ ବୋଲି କହିଛନ୍ତି ।

ବିଦେଶୀ ମଦ ଦୋକାନକୁ ରିଷିଗାଁ ଗ୍ରାମପଞ୍ଚାୟତକୁ ସ୍ଥାନାନ୍ତର

# ଗ୍ରାମବାସୀଙ୍କ ତୀବ୍ର ବିରୋଧ

**ଭବାନୀପାଟଣା,୨୫।୭ (ଡି.ଏନ.ଏ.)**

ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ବୋର୍ଡାଠାରେ ଥିବା ସରକାରଙ୍କ ଅବକାରୀ ବିଭାଗର ବିଦେଶୀ ମଦ ଦୋକାନ (ଅଫ୍ ସପ୍‌କୁ) ସେଠାରୁ ଉଠାଇ ଆଣି ଭବାନୀପାଟଣା ସହର ଅନତି ଦୂର ରିଷିଗାଁ ଗ୍ରାମପଞ୍ଚାୟତକୁ ସ୍ଥାନାନ୍ତର ପାଇଁ ଜିଲା ଅବକାରୀ ଅଧୀକ୍ଷକଙ୍କ ପକ୍ଷରୁ ବିଜ୍ଞାପ୍ତି ଜାରି କରାଯାଇଛି। ଏହା ଉପରେ ଘୋର ଅସନ୍ତୋଷ ପ୍ରକାଶ କରି ରିଷିଗାଁ ଗ୍ରାମବାସୀ କଳହାଣ୍ଡି ଜିଲାପାଳଙ୍କୁ ବୋର୍ଡାଠାରୁ ରିଷିଗାଁକୁ ସ୍ଥାନାନ୍ତରିତ ହେବାକୁ ଥିବା ବିଦେଶୀ ମଦ ଦୋକାନର ଆଦେଶକୁ ରଦ୍ଦ କରିବା ପାଇଁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସେହିପରି ଅଞ୍ଚଳର କ୍ଷମାନିଧି ନାଏକ କୋର୍ଟର ଆଶ୍ରୟ ନେଇ ଏହି ଆଦେଶକୁ ବାତିଲ କରିବା ପାଇଁ ନିବେଦନ କରିଥିଲେ। କୋର୍ଟ ଏହି ଘଟଣାକୁ ନେଇ ଜିଲାପାଳଙ୍କୁ ଏହି ଘଟଣାର ସମାଧାନ ପାଇଁ ଆଦେଶ ଦେଇଥିଲେ। ଜିଲାପାଳ ଏହି ଘଟଣାର ଶୁଣାଣି କରି ଆବେଦନକାରୀଙ୍କ ସମେତ ଜିଲାପାଳଙ୍କୁ ଦାବିପତ୍ର ଦେଇଥିବା ବ୍ୟକ୍ତିମାନଙ୍କୁ ଗତ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ମତ ରଖିବାକୁ ଡକାଯାଇଥିଲା। ପୁଣି କଳାହାଣ୍ଡି ଅବକାରୀ ଅଧୀକ୍ଷକଙ୍କ ଚିଠି ନଂ. ୩୩୬/ତା.୮।୦୩।୨୦୧୯ରେ ବୋର୍ଡାରୁ ଏହି ବିଦେଶୀ ମଦ ଦୋକାନକୁ ସ୍ଥାନାନ୍ତର ପାଇଁ ସର୍ବସାଧାରଣରେ ଏକ ବିଜ୍ଞପ୍ତ ଜାରି କରାଯାଇଥିଲା। ରିଷିଗାଁ ଗ୍ରାମପଞ୍ଚାୟତ ପ୍ଲଟ ନଂ. ୪୧୨/୧୫୮୪ ଏବଂ ଖାତା ନଂ. ୧୫୭/୩୮୬ ରିଷିଗାଁ ମୌଜା ବୋଲି ଦର୍ଶାଯାଇଥିଲା। ଏହି ବିଜ୍ଞାପନ ବିରୋଧରେ ପଞ୍ଚାୟତବାସୀ ଉଦ୍‌ବେଗ ପ୍ରକାଶ କରିବା ସହ ଏହାକୁ ବନ୍ଦ କରିବାକୁ ଜିଲାପାଳଙ୍କୁ ଦାବି କରିଥିଲେ। ଏହା ବିରୋଧରେ ହାଇକୋର୍ଟଙ୍କ ନିକଟରେ ଏକ ରିଟ୍ ପିଟିସନ୍ ମଧ୍ୟ ଦାୟର କରାଯାଇଥିଲା। ନଂ. ୯୩୫୫/୨୦୧୯ ନୋଟିଫିକେସନ୍ ନଂ ୩୬୬/ତା.୯।୩।୨୦୧୯ରେ ହାଇକୋର୍ଟ ମଧ୍ୟ ଗ୍ରାମବାସୀଙ୍କ ଦାବି ସପକ୍ଷରେ ଯାଇ ଜିଲାପାଳଙ୍କୁ ଏକ ମାସ ସମୟ ଦେଇଥିଲେ। ଏହା ମଧ୍ୟରେ ଜିଲା ଅବକାରୀ ଅଧୀକ୍ଷକ ପୁର୍ନବାର ସେହି ବୋର୍ଡା ବିଦେଶୀ ମଦ ଦୋକାନକୁ ବୋର୍ଡାରୁ ରିଷିଗାଁ ଗ୍ରାମପଞ୍ଚାୟତକୁ ଉଠାଇ ଆଣିବା ପାଇଁ ତା.୨୮।୦୫।୨୦୧୯ରେ ଏକ ବିଜ୍ଞାପନ ପ୍ରକାଶ କରିଥିଲେ। ହାଇକୋର୍ଟଙ୍କଠାରେ ବିଚାର ହେବାକୁ ଥିବା ଅଭିଯୋଗର ରାୟ ପ୍ରକାଶ ନ ପାଇବା ପର୍ଯ୍ୟନ୍ତ କିଭଳି ପୁଣି ଥରେ ନୋଟିସ୍ ଯାରି କରିଛନ୍ତି ତାହା ବୁଦ୍ଧିଜୀବୀମାନଙ୍କୁ ବିସ୍ମିତ କରିଛି। ନିମ୍ନରେ ସ୍ୱାକ୍ଷର କରିଥିବା ଗ୍ରାମବାସୀଙ୍କ ଦାବିପ୍ରତି ଦୃଷ୍ଟି ଦେଇ କୋର୍ଟଙ୍କ ରାୟ ପ୍ରକାଶ ପୂର୍ବରୁ କିଭଳି ଏହି ବିଦେଶୀ ମଦ ଦୋକାନକୁ ରିଷିଗାଁ ଗ୍ରାମପଞ୍ଚାୟତ ଅଞ୍ଚଳରେ ପ୍ରତିଷ୍ଠା ନ କରିବା ପାଇଁ ଜିଲାପାଳଙ୍କୁ ପଞ୍ଚାୟତବାସୀଙ୍କ ତରଫରୁ ପ୍ରେମରଞ୍ଜନ ପାଣିଗ୍ରାହୀ, ନିତ୍ୟାନନ୍ଦ ମାଝି, ବିଷ୍ଣୁ ନାଏକ, କ୍ଷମାନିଧି ନାଏକ, ଗୋପବନ୍ଧୁ ପୋଢ, ରୋମାଞ୍ଚଳ, ନବ ମାଝି, ନାରାୟଣ ଗଉଡ, ସୀତାରାମ ମାଝି, ମହିଳା ସ୍ୱୟଂ ସାହାୟକ ଗୋଷ୍ଠୀ ସାଗରୀକା ମହାନନ୍ଦ, ସରିତା ମହାନନ୍ଦ, ତାରା ମହାନନ୍ଦ ଓ ସଙ୍ଗୀତା ମହାନନ୍ଦ ପ୍ରମୁଖ ଅନୁରୋଧ କରିଛନ୍ତି।

ଦଖଲ ଜଙ୍ଗଲ ଜମିର ପଟ୍ଟା ପ୍ରଦାନ, ବିଭିନ୍ନ ଦାବି

# ସିପିଆଇର ଜିଲାପାଳ ଅଫିସ ଘେରାଉ

**ଭବାନୀପାଟଣା,୨୫।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ସିପିଆଇ ପକ୍ଷରୁ ଦଖଲ ଜଙ୍ଗଲ ଜମିର ପଟ୍ଟା ପ୍ରଦାନ ଓ ବିଭିନ୍ନ ଦାବି ନେଇ ଗୁରୁବାର ଜିଲାପାଳଙ୍କ ଅଫିସ ଘେରାଉ କରାଯାଇଛି। ସ୍ଥାନୀୟ ଡିଆଇଇଟି ପରିସରରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ାଳୟ ନିକଟରେ ପହଞ୍ଚି ଘେରାଉ କରାଯାଇଥିଲା। ସେଠରେ ଆୟୋଜିତ ଏକ ପ୍ରତିବାଦ ସଭାରେ ସୁରେନ୍ଦ୍ର ମାଝି ସଭାପତିତ୍ୱ କରିଥିବା ବେଳେ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଦାମୋଦର ବେହେରା, ଜଗଦିଶ ବାଗ, ବାନାମ୍ବର ମେହେର, ନବକିଶୋର ପଟ୍ଟନାୟକ, ଲିଙ୍ଗରାଜ ଆଜାଦ୍, ଅକ୍ଷୟ କୁମାର ମେହେର ଓ ଶବିତା ବାଗଙ୍କ ସମେତ ବହୁ ବକ୍ତା ଜଙ୍ଗଲ ଜମି ପଟ୍ଟା ପ୍ରଦାନ ଓ ବିଭିନ୍ନ ଦାବିକୁ ନେଇ ମତବ୍ୟକ୍ତ କରିଥିଲେ। ରାଜ୍ୟ ଓ କେନ୍ଦ୍ର ସରକାର ଯୋଜନା ପରେ ଯୋଜନା କରି ଚାଲିଛନ୍ତି। ଯୋଜନାର ସୁଫଳ ଲୋକେ ପାଇବେ, ସାଧାରଣ ଜନତାଙ୍କ ଅର୍ଥନୈତିକ ବିକାଶ ହେବ ବୋଲି ନିର୍ଭର ପ୍ରତିଶ୍ରୁତି ଲୋକଙ୍କୁ ନିର୍ବାଚନ ପରିପ୍ରେକ୍ଷୀରେ ଦିଆଯାଇଥିଲା। ଯୋଜନାର ସଫଳ ପାଇବା ଆଶାରେ ଗରିବ ଲୋକେ ଦରଖାସ୍ତ କରି ଅଫିସ ଧାଇଁ ଧାଇଁ ଚପଲ ଛିଡିଗଲାଣି। କୌଣସି ଫଳ ମିଳୁ ନାହିଁ। ଏଥିପାଇଁ ଜନ ଅସନ୍ତୋଷ ଦେଖାଦେଉଛି। ଏଠାରେ ଗୋଟେ ଉଦାହରଣ ନିଆଯାଉ ଯେଉଁମାନେ ପୁରୁଷ ପୁରୁଷ ଧରି ଜଙ୍ଗଲରେ ବାସ କରିଆସୁଛନ୍ତି ସେମାନେ ହେଲେ ବନବାସୀ, ସେମାନେ ଭୂମିହୀନ, ଜମିହୀନ। ସ୍ୱତନ୍ତ୍ର ଆଇନ ବ୍ୟବସ୍ଥା ରହିଛି ସେମାନଙ୍କୁ ଦଖଲ ଜଙ୍ଗଲ ଜମିର ପଟ୍ଟା ପ୍ରଦାନ କରିବା କଥା । ବହୁଦିନ ଧରି ସେମାନେ ଆଇନ ଅନୁଯାୟୀ ଦରଖାସ୍ତ କରିଥିଲେ ମଧ୍ୟ ସେମାନଙ୍କୁ ପଟ୍ଟା ମିଳୁ ନାହିଁ। ଏମାନେ ସରଳ, ନୀରିହ ହୋଇଥିବା କାରଣରୁ ରାଜସ୍ୱ ବିଭାଗ ଓ ବନ ବିଭାଗ ସେମାନଙ୍କୁ ଅଣଦେଖା କରି ଚାଲିଛନ୍ତି ବୋଲି କହିଥିଲେ । ବିଭିନ୍ନ ଜନସମସ୍ୟା ସମାଧାନ ଦାବି ନେଇ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ତରଫରୁ କଳାହାଣ୍ଡି ଜିଲାପାଳ ଅଫିସ ଘେରାଉ କରାଯାଇଛି ବୋଲି ଏହି ଅବସରରେ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି।




ସିପିଆଇ କର୍ମୀ ଓ ସମର୍ଥକମାନେ ଗୁରୁବାର ଜିଲାପାଳଙ୍କ ଅଫିସ ଘେରାଉ ପାଇଁ ଶୋଭାଯାତ୍ରାରେ ଯାଉଛନ୍ତି ।



“ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।
- ଆର.ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ଯୁବତୀଙ୍କ ଆତ୍ମହତ୍ୟା

**ସଇଁତଲା,୨୫।୭ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ଥାନା ଅନ୍ତର୍ଗତ ଛନଛଡ଼ା ଗ୍ରାମର ଜଣେ ୧୮ ବର୍ଷୀୟା ଯୁବତୀ ଆତ୍ମହତ୍ୟା କରିଛନ୍ତି। ତାଙ୍କ ମା' ଓ ବାପା ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଇଥିବାବେଳେ ଏହି ଘଟଣା ଘଟିଛି। ପୋଲିସ ସୂଚନାରୁ ପ୍ରକାଶ ଯେ, ମା'ବାପ ଦାଦାନ ଖଟି ଯାଇଥିବା ବେଳେ ଦୁଇଝିଅ ଗାଁରେ ରହୁଥିଲେ। ସାନଝିଅ ସ୍କୁଲରେ ପଢୁଥିବା ବେଳେ ବଡ଼ ଝିଅ ଘରେ ରହୁଥିଲେ। ବୁଧବାର ଅପରାହ୍ନ ୪ଟାରେ ସାନଝିଅ ସ୍କୁଲରୁ ଫେରିଲା ବେଳକୁ ଘର କବାଟ ବନ୍ଦ ଥିବା ଦେଖି ପଡ଼ିଶା ଲୋକଙ୍କୁ ଡ଼ାକିଥିଲେ। କବାଟ ଖୋଲିବା ବେଳକୁ ବଡ଼ ଭଉଣୀ ନିଜ ବେକରେ ଓଢ଼ଣୀ ଦେଇ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଥିଲା। ସଇଁତଲା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଗୁରୁବାର ଟିଟିଲାଗଡ଼ ପଠାଇଥିଲା। ଏ ନେଇ ସଇଁତଲା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୬/୧୯) ରୁଜୁ ହୋଇଛି। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ଥିବା ପୋଲିସ ସୂତ୍ରରୁ ପ୍ରକାଶ।

### ଆମ ଗାଁ ସଂସ୍କୃତି ପରିଷଦ ଉଦ୍‌ଘାଟିତ

**ବଲାଙ୍ଗୀର ଅଫିସ, ୨୫।୭:** ବଲାଙ୍ଗୀର ଜିଲା ଟିଟିଲାଗଡ ନିକଟସ୍ଥ ଗୋଏଲଭାଟି ଗ୍ରାମରେ ଓଡିଶୀ ଶାସ୍ତ୍ରୀୟ ସଙ୍ଗୀତ ଓ ନୃତ୍ୟ ଶିକ୍ଷା କେନ୍ଦ୍ର ଆମ ଗାଁ ପରିଷଦ ଉଦ୍‌ଘାଟିତ ହୋଇଛି। ଓଡିଶୀ ନୃତ୍ୟ ଗୁରୁ ରବୀନ୍ଦ୍ର ସାଏଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘଶଟନୀ ଉତ୍ସବରେ ଓଡିଶୀ ନୃତ୍ୟଗୁରୁ ପ୍ରଫେସର କଳାକର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ପରିଷଦ ଉଦ୍‌ଘାଟନ କରିଥିଲେ। ଗୋଏଲଭାଟି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁମନ୍ତ ବଗର୍ତ୍ତୀ ସମ୍ମାନିତ ଅତିଥିଭାବେଯୋଗଦାନ କରିଥିଲେ। ଛାତ୍ରୀ ପ୍ରେମାଙ୍ଗିନୀ ବିଶି, ଶିବାନୀ ସୁତ୍, ରୀନା ନାଗ, ବନିତା ଖଟୁଆ, ଶିବାନୀ ଖୁରା ଦଳଗତ ଓଡିଶୀ ନୃତ୍ୟ ଦଶାବତାର ପରିବେଷଣ କରିଥିଲେ। ଏହି ନୃତ୍ୟ ଦର୍ଶକଙ୍କୁ ବିମୁଗ୍ଧ କରିଥିଲା।

### ପୋଖରୀରୁ ଭାସମାନ୍ ମୃତଦେହ ଉଦ୍ଧାର ଘଟଣା: ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

**ବଲାଙ୍ଗୀର ଅଫିସ, ୨୫।୭:** ବଲାଙ୍ଗୀର ନୂଆ ମଦଭାଟି ପାଖ ରେଳଧାରଣ ନିକଟରେ ଥିବା ଏକ ପୋଖରୀରେ ବୁଧବାର ଅପରାହ୍ଣରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଭାସୁଥିବା ଅବସ୍ଥାରେ ଥିବା ଦେଖାଯାଇଥିଲା। ଏନେଇ ଟାଉନ୍ ଥାନାକୁ ଖବର ଦିଆଯିବା ପରେ ତଦନ୍ତ ଆରମ୍ଭ କରାଯାଇଥିଲା। ମୃତଦେହ ପୋଖରୀରୁ ଉଦ୍ଧାର କରି ଭୀମଭୋଇ ମେଡିକାଲ କଲେଜ ହସପିଟାଲ ଶବାଗାରରେ ରଖାଯାଇଥିଲା। ମୃତକ ବଲାଙ୍ଗୀର ସହର ଗେଟସରୋବରପଡାର ଶଙ୍କର୍ଷଣ ମହାନନ୍ଦ (୪୫) ବୋଲି ଚିହ୍ନଟ କରାଯାଇଥିଲା। ଗୁରୁବାର ହସପିଟାଲରେ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା। ପରିବାର ଲୋକେ ଶଙ୍କର୍ଷଣଙ୍କ ପୋଖରୀରେ ମୃତ୍ୟୁକୁ ନେଇ ସନ୍ଦେହ ପ୍ରକାଶ କରିଛନ୍ତି। ତାଙ୍କୁ ହତ୍ୟା କରାଯାଇ ଥାଇପାରେ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହାର ଠିକ୍ ତଦନ୍ତ କରାଗଲେ ଘଟଣା ପଛର ରହସ୍ୟ ଖୋଲିବ ବୋଲି କହି ପୋଲିସ ଏ ଦିଗରେ ତଦନ୍ତ କରୁ ବୋଲି ପରିବାର ଲୋକେ ଅନୁରୋଧ କରିଛନ୍ତି। ଏନେଇ ଟାଉନ୍ ଥାନା ଆଇଆଇସି ତୋଫାନ୍ ବାଗଙ୍କୁ ପଚାରିବାରୁ ପୋଖରୀରୁ ଭାସମାନ୍ ମୃତଦେହ ଉଦ୍ଧାର ପରେ ଏକ ଅପମୃତ୍ୟୁ ମାମଲା (ନଂ.୭୦/୧୯) ରୁଜୁ କରାଯାଇଛି। ପ୍ରାଥମିକ ତଦନ୍ତରୁ ମୃତ ବ୍ୟକ୍ତି ଜଣକ ପାଣିରେ ବୁଡି ମରିଥିବା ସନ୍ଦେହ କରାଯାଉଛି। ତେବେ ବ୍ୟବଚ୍ଛେଦ ପରେ ମୃତ୍ୟୁର ସଠିକ୍ କାରଣ ଜଣାପଡିବ ବୋଲି ସେ କହିଛନ୍ତି। ପରିବାର ଲୋକେ ଯଦି କିଛି ବି ସନ୍ଦେହ କରୁଛନ୍ତି ସେ ଦିଗରେ ମଧ ଅନୁସନ୍ଧାର କରାଯିବ ବୋଲି ସେ କହିଛନ୍ତି।

### ବଜ୍ରପାତରେ ଯୁବକଙ୍କ ମୃତ୍ୟୁ

**ଲାଞ୍ଜିଗଡ଼,୨୫।୭ (ଡି.ଏନ.ଏ.):** ଗୁରୁବାର ଅପରାହ୍ନରେ ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସୂଚନାନୁଯାୟୀ, ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ ଜଗଦଲପୁର ଗ୍ରାମପଞ୍ଚାୟତ ଥୁଆପାଡ଼ି ଗାଁର ଆଜାଦି ଧନୁର୍ଯ୍ୟୟ (୧୮) ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଥାନା ସୀତାପୁର ଗାଁ ତାଙ୍କ ସମ୍ପର୍କୀୟ ଭାଇ ଘରକୁ ଆସିଥିଲେ। ସେଠାରେ ସେ ଅପରାହ୍ନରେ ଗାଈ ଚରାଇବାକୁ ଯାଇଥିବାବେଳେ ହଠାତ୍ ବଜ୍ରପାତ ଘଟିବାରୁ ଘଟଣାସ୍ଥଳରେ ଅଚେତ ହୋଇ ପଡିଥିଲେ। ତାଙ୍କୁ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲା।

ମେଗା ଜଳସେଚନ ପଏଣ୍ଟରୁ ଚାଷୀଙ୍କୁ ମିଳୁନି ପାଣି

# କର୍ମଚାରୀଙ୍କୁ ଅଟକ ରଖିଲେ ଚାଷୀ

**ସଇଁତଲା, ୨୫।୭ (ଡି.ଏନ.ଏ.)**

ଶ୍ରାବଣ ମାସର ଅଧା ସମୟ ଅତିବାହିତ ହେବାକୁ ବସିଥିବାବେଳେ ସଇଁତଲା ବ୍ଲକରେ ବର୍ଷାର ଦେଖା ନାହିଁ। ଚାଷୀମାନେ ଚଳିତ ବର୍ଷ ମଧ୍ୟ ଭୟାବହ ମରୁଡ଼ିର ଶିକାର ହେବାର ଆଶଙ୍କା ଦେଖାଦେଇଛି। ରାଜ୍ୟ ଜଳ ସମ୍ପଦ ବିଭାଗ ତରଫରୁ ମେଗା ଜଳ ସେଚନର ବ୍ୟବସ୍ଥା ଥିଲେ ମଧ୍ୟ ଠିକା ସଂସ୍ଥାର ଅବହେଳା ଯୋଗୁଁ ଜମିକୁ ପାଣି ଦିଆଯାଉନାହିଁ। ଏହିଭଳି ଅଭିଯୋଗ କରି ଗୁରୁବାର ପୂର୍ବାହ୍ନରେ ଘୁନସର, କଅଁସର ଅଞ୍ଚଳର ଚାଷୀମାନେ ଉକ୍ତ ଠିକା ସଂସ୍ଥାର ତିନିଜଣ କର୍ମଚାରୀଙ୍କୁ ଘୁନସରଠାରେ ଅଟକ ରଖିଥିଲେ। ଦୁଇଘଣ୍ଟା ପରେ ପଦସ୍ଥ ଯନ୍ତ୍ରୀ ଓ ଠିକା ସଂସ୍ଥାର ମ୍ୟାନେଜର ପହଞ୍ଚି ସପ୍ତାହକ ମଧ୍ୟରେ ଜମିକୁ ପାଣି ଦିଆଯିବାର ବ୍ୟବସ୍ଥା କରାଯିବ ବୋଲି ଆଶ୍ୱାସନା ଦେବା ପରେ ଅଟକ କର୍ମଚାରୀଙ୍କୁ ଚାଷୀମାନେ ଛାଡ଼ିଥିଲେ।

ସଇଁତଲା ବ୍ଲକର ଶିସକେଲା, ଘୁନସର, କଅଁସର, ଆମ୍ବପାଲି ପଞ୍ଚାୟତ ତେଲନଦୀ ଅବବାହିକାରେ ଅବସ୍ଥିତ। ରାଜ୍ୟ ସରକାର ପ୍ରାୟ ଦୁଇଶହ କୋଟି ବ୍ୟୟରେ ତିନୋଟି ମେଗା ଜଳସେଚନ କେନ୍ଦ୍ର ଚାଷ ଜମିକୁ ପାଣି ଯୋଗାଇବା ପାଇଁ ଗତ ଦୁଇବର୍ଷ ହେଲା ଅବସ୍ଥାପିତ କରିଛନ୍ତି। ଚଳିତ ବର୍ଷ ବର୍ଷାଭାବ ଯୋଗୁଁ ଜମିକୁ ପାଣିର ଆବଶ୍ୟକତା ଥିବାବେଳେ ସମ୍ପୃକ୍ତ ମେଗା ଜଳସେଚନ କେନ୍ଦ୍ରଗୁଡ଼ିକ ଜମିକୁ ପାଣି ମଡ଼ାଇବାରେ ବିଫଳ ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ଘୁନସର ଓ କଅଁସର ପଞ୍ଚାୟତର ପାଞ୍ଚଖଣ୍ଡ ଗ୍ରାମର ୧୨୦୦ ହେକ୍ଟର ଚାଷ ଜମିକୁ ୬୬ଗୋଟି ପଏଣ୍ଟ ମାଧ୍ୟମରେ ପାଣି ଯୋଗାଇବାରେ ବ୍ୟବସ୍ଥା ରହିଛି। ହେଲେ ଖାଲୁଆ ଯାଗାରେ ପଏଣ୍ଟ ଦେଇଥିବା, କେତେକ ସ୍ଥାନରେ ପଏଣ୍ଟ ଭାଙ୍ଗି ରୁଜି ଯାଇଥିବା ଯୋଗୁଁ ୧୦୦ ହେକ୍ଟର ଚାଷ ଜମିକୁ ମଧ୍ୟ ପାଣି ପହଞ୍ଚି ପାରୁନାହିଁ। ଏଲଏଣ୍ଡଟି ଠିକା ସଂସ୍ଥା ପାଞ୍ଚ ବର୍ଷ ପାଇଁ ପରିଚାଳନା ଦାୟିତ୍ୱ ନେଇଥିବାସ୍ଥଳେ କୌଣସି ମରାମତି କରୁ ନ ଥିବାରୁ ଏଭଳି ହେଉଥିବା ଚାଷୀମାନେ ଅଭିଯୋଗ କରଛନ୍ତି। ଗୁରୁବାର ପୂର୍ବାହ୍ନରେ ଏହି ସମସ୍ତ ସମସ୍ୟାର ସମାଧାନ ତଥା ତୁରନ୍ତମେଗା ପଏଣ୍ଟରୁ ପାଣି ଛାଡ଼ିବା ପାଇଁ ଦାବି କରି ସମ୍ପୃକ୍ତ ଘୁନସର ମେଗା ପଏଣ୍ଟ କେନ୍ଦ୍ରରେ କାର୍ଯ୍ୟରତ ୩ଜଣ କର୍ମଚାରୀଙ୍କୁ ଚାଷୀମାନେ ଅଟକ ରଖିଥିଲେ। ଖବର ପାଇ ଟିଟିଲାଗଡ଼ ଜଳ ସମ୍ପଦ ବିଭାଜନ ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ବିଭୂତି ମାଝୀ, ଠିକା ସଂସ୍ଥାର ପ୍ରକଳ୍ପ ମ୍ୟାନେଜର ଡ଼ି. ବୈଜୁ, ପ୍ରଦୀପ ପାଢ଼ୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ସାତଦିନ ମଧ୍ୟରେ ଆବଶ୍ୟକ ମରାମତି ଓ ସମସ୍ତ ପଏଣ୍ଟଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ସହ ପାଣି ଯୋଗାଇବା ପାଇଁ ଲିଖିତ ପ୍ରତିଶ୍ରୁତି ଦେଲାପରେ ଅଟକ କର୍ମଚାରୀଙ୍କୁ ଚାଷୀମାନେ ଛାଡ଼ିଥିଲେ। ଏହା ପୂର୍ବରୁ ଶିସକେଲା ଓ କୁସମାଲ ପମ୍ପ ହାଉସର ବିଭିନ୍ନ ସମସ୍ୟାକୁ ନେଇ ଚାଷୀମାନେ ତାଲା ପକାଇଥିବା ଘଟଣା ସାମ୍ନାକୁ ଆସିଥିଲା। ଆଜିର ଏହି ପ୍ରତିବାଦ କାର୍ଯ୍ୟକ୍ରମରେ କଂସାରୀ ନାଏକ, ସୁରେନ୍ଦ୍ର ବାଗ, ଜ୍ୟୋର୍ତିମୟ ମହାନ୍ତି, ପଞ୍ଚାନନ ମହାପାତ୍ର, ସନ୍ତୋଷ ବେହେରା, ମୀନକେତନ ସେଠଙ୍କ ସହ ବହୁ ଚାଷୀ ଉପସ୍ଥିତ ଥିଲେ।



ସହକାରୀ ଯନ୍ତ୍ରୀଙ୍କ ସହ ଆଲୋଚନାରତ ଚାଷୀ।

## ସୋନପୁର ପ୍ରିମିୟର ଫୁଟବଲ ଲିଗ: ରିୟୋ ଫାଇଟର ବିଜୟୀ

**ସୋନପୁର,୨୫।୭(ନି.ପ୍ର.)**

ସୋନପୁର ବୁଢି ସମଲେଇ ଫୁଟବଲ କ୍ଲବ ପକ୍ଷରୁ ସ୍ଥାନୀୟ କଲେଜ ପଡିଆରେ ପ୍ରିମିୟର ଫୁଟବଲ ଲିଗ୍‌ର ଗୁରୁବାର ଦ୍ୱିତୀୟ ଦିବସରେ ୨ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍ ରୟାଲ ଟାଇଗର ଓ ରିୟୋ ଫାଇଟର ମଧ୍ୟରେ ହୋଇଥିଲା।

ଏହି ମ୍ୟାଚ୍‌ରେ ରିୟୋ ଫାଇଟର ୨-୦ ଗୋଲରେ ମ୍ୟାଚ୍ ବିଜୟୀ ହେଇଥିଲା। ଉନ୍ନତ ଖେଳ ପ୍ରଦର୍ଶନ ପାଇଁ ସୁନୀଲ କୁମାରଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ସୁରେଶ୍ୱରୀ ୱାରିୟର୍ସ ଓ ଜତିନ ଫାଇଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍ ଡ୍ର ହୋଇଥିଲା। ଜତିନ ଫାଇଟରର ଆନନ୍ଦ ଭୋଇଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ସୁଦାମ ଜଗଦଲା ଓ ସଞ୍ଜୟ ସାହୁ ଖଳ ପରିଚାଳନା କରିଥିଲେ। ସୁବର୍ଣ୍ଣପୁର ଜିଲା କନଷ୍ଟେବଳ-ହାବିଲଦାର ସଂଘର ପ୍ରାକ୍ତନ ସଭାପତି ସନତ ହୋତା ଅତିଥି ଭାବେ ଯୋଗ ଦେଇଥିଲେ।

# ମାଟ୍ରିକ ଟପ୍ପର ସମ୍ବର୍ଦ୍ଧିତ

**ଟିଟିଲାଗଡ଼, ୨୫।୭ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ ମାହେଶ୍ୱରୀ ହିନ୍ଦୀ ହାଇସ୍କୁଲରେ ଗଙ୍ଗାଧର ସ୍ମୃତି ସଂସଦ ଓ ସରସ୍ୱତୀ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ବୁଧବାର ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଟିଟିଲାଗଡ ଉପଜିଲାପାଳ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଅଜାମ୍ବର ମଲ୍ଲ ମୁଖ୍ୟବକ୍ତା, ଓମଭେଲି ସ୍କୁଲ ଅଧକ୍ଷ ଦୀପକ ସାହୁ, ହିନ୍ଦୀ ହାଇସ୍କୁଲ ପ୍ରଧାନ ଶିକ୍ଷକ ସତ୍ୟନାରାୟଣ ଥନାପତି, ଟ୍ରଷ୍ଟ ସଭାପତି ଡ. ବିନୋଦ ବିହାରି ଜାଲ ପ୍ରମୁଖ ମଞ୍ଚାସୀନ ଥିଲେ। ସତ୍ୟବ୍ରତ ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ବରିଷ୍ଠ ଶିକ୍ଷାବିତ୍ ଅଶ୍ୱିନୀ ମହାନ୍ତି ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବଲାଙ୍ଗୀର ଜିଲାରେ ମାଟ୍ରିକ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସିଦ୍ଧାନ୍ତ ରାୟ, ଓମଭେଲି ସ୍କୁଲ ଟପ୍ପର କୁଶଲ ଅଗ୍ରୱାଲ, ସରକାରୀ ବାଳକ ହାଇସ୍କୁଲ ଟପ୍ପର ରମେଶ ଛତର, ମାହେଶ୍ୱରୀ ହିନ୍ଦୀ ହାଇସ୍କୁଲ ଟପ୍ପର ଦେବବ୍ରତ ସାହୁ, ଡିଏଭି ପବ୍ଲିକ ସ୍କୁଲ ଟପ୍ପର କୈଳାସ ଚନ୍ଦ୍ର ପୋଢ, ସେଣ୍ଟ ଆନି ସ୍କୁଲ ଟପ୍ପର ଶ୍ରୀମୟୀ ଟୋଙ୍କା, ସରକାରୀ ବାଳିକା ହାଇସ୍କୁଲ ଟପ୍ପର ଗୀତାଞ୍ଜଳି ପଟେଲ, ଏସଡିଏମଡି ପ୍ରଭାବତୀ ସ୍କୁଲ ଟପ୍ପର ଚିରାଗ ଖୈତାନ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଜଗନ୍ନାଥ ପଣ୍ଡା, ରାଜୀବଲୋଚନ ପାଢୀ, ବିଶ୍ୱରାମ ଠାକୁର, ଡ. ଘନଶ୍ୟାମ ଜୈନ, ଅବସରପ୍ରାପ୍ତ ଡିଏଭି କଲେଜ ଅଧକ୍ଷ ସୀତାରାମ ପାଣିଗ୍ରାହୀ, ଅଲେଖ ଦଳବେହେରା, ଚିତ୍ତରଞ୍ଜନ ଚାନ୍ଦ, ଧ୍ରୁବଲେ ଦଳବେହେରା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ କଣ୍ଠଶିଳ୍ପୀ ପଙ୍କଜ ଜାଲ ଭଜନ ପରିବେଷଣ କରିଥିଲେ।




ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ମାଟ୍ରିକ ଟପ୍ପରମାନେ।

## ସୁବର୍ଣ୍ଣପୁର ଜିଲାରେ ଗୁରୁତ୍ୱପୂର୍ଣ୍ଣ ଅଧିକାରୀ ପଦବୀ ଖାଲି

**ସୋନପୁର,୨୫।୭(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାରେ ଗୁରୁତ୍ୱପୂର୍ଣ୍ଣ ଅଧିକାରୀ ପଦବୀ ଖାଲି ପଡଛି। ଏଥିଯୋଗୁଁ ପ୍ରଶାସନିକସ୍ତରରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଗତ ୪ ମାସ ହେଲା ପିଡି ଡିଆରଡିଏ ପଦ ଖାଲି ପଡିଛି। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଅତିରିକ୍ତ ଦାୟିତ୍ୱରେ ଅଛନ୍ତି। ସେହିପରି ଡିଆରଡିଏର ଏପିଡି(ପ୍ରଶାସନ) ଓ ନିର୍ବାହୀ ଯନ୍ତ୍ରୀ ପଦ ଖାଲି ପଡିଛି। ବୀରମହାରାଜପୁର ଓ ଉଲୁଣ୍ଡା ବ୍ଲକର ବିଡିଓ, ରାମପୁର ଓ ବୀରମହାରାଜପୁର ତହସିଲଦାର ମଧ୍ୟ ପଦବୀ ପୂରଣ ହେଉନି। ଭାରପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଏହି ସବୁ କାମ ଚାଲିଛି। ସେହିଭଳି ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ସହକାରୀ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଆଞ୍ଚଳିକ ପରିବହନ ଅଧିକାରୀ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ସହକାରୀ ଜିଲା ଶିକ୍ଷା ଅଧିକାରୀ, ଜିଲା ଯୋଜନା ଓ ପରିସଂଖ୍ୟାନ ବିଭାଗର ଉପନିର୍ଦ୍ଦେଶକ, ଜିଲା ପର୍ଯ୍ୟଟନ ଅଧିକାରୀ, ଡିଆଇପିଆରଓ, ଡୁଙ୍ଗୁରିପାଲି ସିଡିପିଓ, ସୋନପୁର ଜିଲା କୃଷି ଅଧିକାରୀ ଓ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପଦ ଖାଲି ପଡିଛି। ତେଣୁ ଜଣେ ଜଣେ ଅଧିକାରୀଙ୍କୁ ୨ ରୁ ୩ଟି ବିଭାଗର ଅତିରିକ୍ତ ଦାୟିତ୍ୱ ଲଦି ଦିଆଯାଉଛି। ଏହାଦ୍ୱାରା ଅଧିକାରୀମାନେ ଦାୟିତ୍ୱ ଠିକ୍ ଭାବେ ତୁଲାଇ ପାରୁନାହାନ୍ତି।



ଖପ୍ରାଖୋଲ ଡାକ୍ତରଖାନାରେ ଆହତ ବାଇକ ଆରୋହୀ।

ଦୁର୍ଘଟଣାରେ ଆହତ ହୋଇଥିଲେ ବାଇକ ଚାଳକ

## ଡାକ୍ତରଖାନାରେ ପହଞ୍ଚାଇଲେ ବିଡିଓ

**ଖପ୍ରାଖୋଲ,୨୫।୭(ଡି.ଏନ.ଏ.)**

ବାଇକ ଦୁର୍ଘଟଣାଗ୍ରସ୍ତ ହେବାରୁ ରାସ୍ତାକଡରେ ଆହତ ହୋଇ ପଡିଥିଲେ ଆରୋହୀ। ସେହି ରାସ୍ତାରେ ଯାଉଥିବା କୌଣସି ଲୋକେ ଏଥିପ୍ରତି ଦୃଷ୍ଟି ଦେଇ ନ ଥିଲେ। ହେଲେ ସରକାରୀ କାମରେ ସେହିରାସ୍ତାଦେଇ ଫେରୁଥିବା ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତରଣୀ ସୁନା ତାଙ୍କୁ ରାସ୍ତାରୁ ଉଠାଇ ଡାକ୍ତରଖାନାରେ ପହଞ୍ଚାଇଲେ। ଆହତ ଯୁବକ ପତ୍ରାପାଲି ଗାଁର ସଦାନନ୍ଦ ଖର୍ସେଲ(୨୫) ବୋଲି ଜଣାଯାଇଛି। ଖପ୍ରାଖୋଲ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଉତ୍କଳମଣି ମେହେର ଆହତଙ୍କ ପ୍ରାଥମିକ ଚିକିତ୍ସା କରିଥିଲେ। ପ୍ରବଳ ରକ୍ତସ୍ରାବ ହୋଇଥିଲେ ବି ତାଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ଥିବା ଡାକ୍ତର କହିଛନ୍ତି। ଲାଠୋର ରାସ୍ତାର ପେଟ୍ରୋଲ ଟାଙ୍କି ନିକଟରେ ବାଇକ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେବା ପରେ ଆହତ ହୋଇ ପଡିଥିଲେ ସଦାନନ୍ଦ। ବିଡିଓଙ୍କ ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି।

## ଫୁଲକିମୁଣ୍ଡାରେ ବନମହୋତ୍ସବ, ବୃକ୍ଷ ରୋପଣ

**ଖପ୍ରାଖୋଲ,୨୫।୭(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ସାହାଜପାଣି ପଞ୍ଚାୟତ ଅନ୍ତର୍ଗତ ଫୁଲକିମୁଣ୍ଡା ହାଇସ୍କୁଲଠାରେ ବନମହୋତ୍ସବ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହିଅବସରରେ ଆୟୋଜିତ ସଚେତନତା ସଭାରେ ହାଇସ୍କୁଲ ପ୍ରଧାନଶିକ୍ଷକ ଗୋପାଳ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ବିଡିଓ ତରଣୀ ସୁନା, ମୁଖ୍ୟବକ୍ତା ଅଧ୍ୟାପକ ବଳଭଦ୍ର ଦାଶ, ସମ୍ମାନିତ ଅତିଥି ବ୍ଲକ ପ୍ରାଣୀ ଚିକିତ୍ସକ ଡା.ସୁଜିତ କୁମାର ଶତପଥୀ, ବନପାଳ ପିଙ୍କୁ ଭୋଇ, ଅଧ୍ୟାପକ ରଜତ ମିଶ୍ର, ଜିପିଇଓ ସୁଶାନ୍ତ କୁମାର ପାଣି, ପରିବେଶକର୍ମୀ ଅଭୟ ତ୍ରିପାଠୀ, ସ୍କୁଲ ସଭାପତି ହରିହର ମାଝୀ ପ୍ରମୁଖ ଯୋଗଦେଇଥିଲେ। ସାମ୍ପ୍ରତିକ ସମୟରେ ଦେଖାଦେଉଥିବା ପ୍ରାକୃତିକ ବିପର୍ଯ୍ୟୟ, ପାଣିପାଗର ଅସନ୍ତୁଳନ ପାଇଁ ବୃକ୍ଷ ରୋପଣ ସହିତ ପରିବେଶ ସୁରକ୍ଷା ପାଇଁ ସଚେତନ ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥିମାନେ ବୃକ୍ଷ ରୋପଣ କରିଥିଲେ। ପରେ ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ନରସିଂହ ମାଝୀ, ସହଦେବ ପତି, ଗୋପୀକୃଷ୍ଣ ଦଲାଇ, ନୀଳିମା ମିଶ୍ର, ଭୁବନେଶ୍ୱର ପୃଷ୍ଟି, ହିତେଶ ମାଝୀ, ସୁନ୍ଦର କାଲସାଏ, ଲକ୍ଷ୍ମୀ ମୁଣ୍ଡା ପ୍ରମୁଖ ବନକର୍ମଚାରୀ, ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



ଫୁଲକିମୁଣ୍ଡା ହାଇସ୍କୁଲ ପରିସରରେ ବୃକ୍ଷରୋପଣ କରାଯାଉଛି।

ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ଫୁଟବଲ ପ୍ରତିଯୋଗିତା

# ବଲାଙ୍ଗୀର ବାଳକ, ଟିଟିଲାଗଡ଼ ବାଳିକା ଚାମ୍ପିୟନ

**ବଲାଙ୍ଗୀର ଅଫିସ, ୨୫।୭**

ବଲାଙ୍ଗୀର ମିଶନ ପଡିଆରେ ବଲାଙ୍ଗୀର ଜିଲା ସ୍କୁଲ କ୍ରୀଡା ସଙ୍ଗଠନ ଆନୁକୂଲ୍ୟରେ ଚାଲିଥିବା ୧୭ ବର୍ଷରୁ କମ୍ ବୟସ ବାଳକ ଓ ବାଳିକା ବିଭାଗ ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ଫୁଟବଲ ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଛି। ବାଳକ ବିଭାଗର ଫାଇନାଲ ମ୍ୟାଚରେ ବଲାଙ୍ଗୀର ଦଳ ଖପ୍ରାଖୋଲ ଦଳକୁ ୬-୦ ଗୋଲରେ ପରାସ୍ତ କରି ଚାମ୍ପିୟନ୍ ହୋଇଥିଲା। ବାଳିକା ବିଭାଗ ଫାଇନାଲ ମ୍ୟାଚରେ ଟିଟିଲାଗଡ ଦଳ ଓ ସଇଁନ୍ତଲା ଦଳ ମଧ୍ୟରେ ସଂଘର୍ଷପୂର୍ଣ୍ଣ ଖେଳ ଅନୁଷ୍ଠିତ ହୋଇଥିଲା। ଶେଷରେ ଟାଇବ୍ରେକର ଜରିଆରେ ଟିଟିଲାଗଡ ଦଳ (୧୨-୧୧ ଗୋଲ) ଚାମ୍ପିୟନ୍ ହୋଇଥିଲା। ଜିଲା କ୍ରୀଡା ଶିକ୍ଷା ନିରୀକ୍ଷକ ଜ୍ୟୋତି ପ୍ରସାଦ ପରିଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଜିଲା କ୍ରୀଡା ସଂସଦ ସଭାପତି ଶ୍ରୀକର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷାବିତ୍ ସନାତନ ଠାକୁର, ଜିଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଢେଇ, ସିନେ ଅଭିନେତା ରତନ ମେହେର, ମନୋଜ ମିଶ୍ର, ବଲାଙ୍ଗୀର ଫୁଟବଲ କୋଚ୍ ପରାଶର ବାଗ, ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ସୁନୀଲ ଚନ୍ଦ୍ର ବିଶ୍ୱାଳ, ନବଜୀବନ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ କିଶୋର ବାଗ ମଞ୍ଚାସୀନ ଥିଲେ। ହେମନ୍ତ ପଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଭୟ ବିଭାଗର ଚାମ୍ପିୟନ ଦଳକୁ ଅତିଥିମାନେ ଟ୍ରଫି ଓ ପ୍ରମାଣପତ୍ର ଦେଇ ପୁରସ୍କୃତ କରିଥିଲେ। ମ୍ୟାଚକୁ ସଞ୍ଜିତ ମହାନ୍ତି, ନରସିଂହ ସ୍ୱାମୀ ନାଇଡୁ, ସୁଦର୍ଶନ ସେଠ, ସୁଶାନ୍ତ ନାଗ, ପ୍ରଦୀପ କୁମାର ସ୍ୱାଇଁ, ଦୁର୍ବାଦଳ ବାଗ, ପ୍ରଫୁଲ୍ଲ ପ୍ରଧାନ, ରାଜକୁମାର ପାଣିଗ୍ରାହୀ, ଜ୍ୟୋତି ରଞ୍ଜନ ମହାନନ୍ଦ, ମୋହନ ପ୍ରଧାନୀ, ବୈକୁଣ୍ଠ ଜେନା, ରାଜେନ୍ଦ୍ର ସେଠ, ଦଳ ଗୋବିନ୍ଦ ମୁଣ୍ଡ, ଆଶୀର୍ବାଦ ଶାହା, ରାଜେନ୍ଦ୍ର ଧରୁଆ, ଚୈତନ୍ୟ ସାହୁ ପରିଚାଳନା କରିଥିଲେ।



ଚାମ୍ପିୟନ୍ ବାଳକ ଟିମ୍‌କୁ ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି।



ଏ ସଂସାରରେ ପ୍ରେମ ଆଉ ବନ୍ଧୁତା ଅଛି ବୋଲି ଦେବତାମାନେ ମଧ୍ୟ ନର ଦେହ ଧାରଣ କରି ଜନ୍ମଗ୍ରହଣ କରିବାକୁ ବ୍ୟାକୁଳତା ପ୍ରକାଶ କରିଥାନ୍ତି।
- ଜର୍ଜ ଇଲିଅଟ

## ସଂକ୍ଷେପରେ

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା

### କୃଷି ବିଭାଗ ପକ୍ଷରୁ ସଚେତନତା ଅଭିଯାନ

**କର୍ଲାମୁଣ୍ଡା,୨୫।୭ (ଡି.ଏନ.ଏ.)**- କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ କୃଷି ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ପାଇଁ ସଚେତନ ଅଭିଯାନ ଆରମ୍ଭ ହୋଇଯାଇଛି । ଭାରପ୍ରାପ୍ତ ସରକାରୀ କୃଷି ଅଧିକାରୀ ଅରୁଣ ଚନ୍ଦ୍ର ପାଢ଼ୀଙ୍କ ନେତୃତ୍ୱରେ ବ୍ଲକର ବିଭିନ୍ନ ଗାଁକୁ ଯାଇ ଶସ୍ୟ ବୀମା କରିବାକୁ ଜନସଚେତନ ସୃଷ୍ଟି କରାଯାଇଛି । ଏହି କାର୍ଯ୍ୟକ୍ରମରେ ଗ୍ରାମ କୃଷି କର୍ମୀ ନବୀନ ମାଝି, ଧର୍ମେନ୍ଦ୍ର ଶବର, ପୀତାମ୍ବର ମାଝି, ଘନଶ୍ୟାମ ଦାନୀ ପ୍ରମୁଖ ସହଯୋଗ କରୁଛନ୍ତି । ସଚେତନ ରଥ ଉଦଘାଟନୀ ଉତ୍ସବରେ ସ୍ଥାନୀୟ ବିଡିଓ ପ୍ରିୟଦର୍ଶନୀ ମିର୍ଦ୍ଧା, ବ୍ଲକ ଅଧକ୍ଷା ଅମୃତା ସାହୁ ଉପସ୍ଥିତ ଥିଲେ ।

### ଚାଷ ବଞ୍ଚାଇଲା ଲଗାଣ ବର୍ଷା

**ରିଷିଡା,୨୫।୭ (ଡି.ଏନ.ଏ.)**- କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ଅଞ୍ଚଳରେ ଅନିୟମିତ ବର୍ଷା ଯୋଗୁ ଗଜାମରୁଡି ପରିସ୍ଥିତି ସୃଷ୍ଟି ହୋଇଥିଲା । କିନ୍ତୁ ବୁଧବାର ରାତିରେ ବର୍ଷା ଓ ଗୁରୁବାର ଅପରାହ୍ନରୁ ଲଗାଣ ବର୍ଷା ଜାରି ରହିଥିବାରୁ ଚାଷ ବଞ୍ଚିଗଲା ବୋଲି ଚାଷୀମାନେ କହିଛନ୍ତି । କର୍ଲାମୁଣ୍ଡା ବ୍ଲକର ଗଜବାହାଲ, ପୌରକେଲା, ରିଷିଡା, ତେରେସିଂହା ପଞ୍ଚାୟତରେ ଚାଷୀମାନେ ପହ୍ଲା ଗୁଡିକୁ ପାଣି ମଡାଇ ବଞ୍ଚାଇ ରଖିଥିବା ବେଳେ ଏହି ବର୍ଷା ତାଙ୍କୁ ସହାୟତା କରିଛି । ବର୍ଷା ୨ ଦିନ ଲାଗି ରହିଲେ । ରୁଆ ଓ ବେଉଷଣ କାର୍ଯ୍ୟ ଆରମ୍ଭ ହେବ । ପ୍ରକାଶ ଯେ, ବର୍ଷା ଅଭାବରୁ ଚାଷ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା ।



### ବିଭିନ୍ନ ବିଦ୍ୟାଳୟରେ ବାହ୍ୟ ମଳତ୍ୟାଗ ସଚେତନତା

**ରିଷିଡା, ୨୫।୭ (ଡି.ଏନ.ଏ.)**- କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅବୁଜବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଦୁଷ୍ମନ୍ତ କୁମାର ଲେଙ୍କାଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ଗ୍ରାମ ପରିକ୍ରମା କରି ବାହ୍ୟ ମଳତ୍ୟାଗ ସଚେତନତା ଶୋଭାଯାତ୍ରା କରିଛନ୍ତି। ଘରେ ଘରେ ପାଇଖାନା, ବାହାରେ ମଳତ୍ୟାଗ କରିବା ନାହିଁ, ପାଇଖାନାର ବ୍ୟବହାର ସମ୍ପର୍କରେ ପ୍ଲା କାର୍ଡ ଧରି ଗାଁରେ ସଚେତନ କରିଥିଲେ । ଏଥିରେ ଶିକ୍ଷକ ହରିଲାଲ ବିଭାର, ଶିକ୍ଷୟିତ୍ରୀ ଚଞ୍ଚଳା ଭୋଇ, ସ୍ୱଚ୍ଛ ଭାରତ ସୁସ୍ଥ ଓଡିଶାର ସ୍ୱେଚ୍ଛାସେବୀ ଫକୀର ସାହୁ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଖରଝୁରା ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ବାହ୍ୟ ମଳତ୍ୟାଗ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଶପଥ ନେଇଥିଲେ ।

## ହାଇକୋର୍ଟରେ ମାମଲା ଗଡୁଛି

# ଚାଷୀଙ୍କୁ ଦାଉସାଧୁଛି ଇନ୍ଦ୍ର, ଇନ୍ଦ୍ରାବତୀ

**ଜୁନାଗଡ ବ୍ଲକ**
- ଟେଣ୍ଡର ପରେ ଟେଣ୍ଡର, ହୋଇପାରୁନି ନିଷ୍ପତ୍ତି
- ପ୍ରଶାସନ, ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା
- ଆଗେଇପାରୁନି କେନାଲ ମରାମତି କାର୍ଯ୍ୟ

**ଜୁନାଗଡ,୨୫।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲାର ଜୁନାଗଡ ବ୍ଲକରେ ଚଳିତ ଖରିଫ ଋତୁରେ ୩୨ ହଜାର ୨ ହେକ୍ଟର ଚାଷ ଜମିରେ ଧାନ ଚାଷ ପାଇଁ ଲକ୍ଷ ଧାର୍ଯ୍ୟ କରାଯାଇଛି। ମୌସୁମୀର ଲୁଚକାଳି ଖେଳ ଯୋଗୁ ଚାଷୀମାନେ ଜୁଲାଇ ମାସ ଶେଷ ସୁଦ୍ଧା ମଧ୍ୟ ଠିକ ଭାବେ ଜମିରେ ତଳି(ପହ୍ଲା) ପକାଇ ପାରିନାହାନ୍ତି। ଏପଟେ ଇନ୍ଦ୍ରାବତୀ ଦକ୍ଷିଣ କେନାଲରେ ସ୍ଥାନୀୟ ଚାଷୀଙ୍କୁ ପାଣି ଯୋଗାଉ ଦିଆଯାଉଥିଲେ ମଧ୍ୟ ବହୁ ସ୍ଥାନରେ କେନାଲ ପୋତି ହୋଇ ଯାଇଥିବାରୁ ତଳମୁଣ୍ଡରେ ଥିବା ଚାଷୀଙ୍କ ଜମିକୁ ପାଣି ପହଞ୍ଚି ପାରୁନାହିଁ। ଏହି ଅଞ୍ଚଳରେ ୫୦ ପ୍ରତିଶତ ଚାଷୀ ସ୍ୱଳ୍ପ ବର୍ଷା ଦେଖି ତଳି ପକାଇଥିବାବେଳେ ୫୦ ପ୍ରତିଶତ ଚାଷୀ ତଳି ପକାଇବା ପାଇଁ ଇନ୍ଦ୍ରଙ୍କ ଭରସାରେ ରହିଛନ୍ତି। ବର୍ତ୍ତମାନ ଜମିରେ ପାଣି ଅଭାବରୁ କିଛି ଚାଷୀଙ୍କ ଧାନ ତଳି ମରିବାକୁ ବସିଲାଣି। ଗୋଟିଏପଟେ ଇନ୍ଦ୍ର ଓ ଅନ୍ୟପଟେ ଇନ୍ଦ୍ରାବତୀ ଦାଉ ସାଧୁଥିବା ନେଇ ଚାଷୀଙ୍କ ମଧ୍ୟରେ ଏବେ ଦୁଃଖର କାରଣ ପାଲଟିଛି। ପ୍ରକାଶ ଯେ, ଗତ ୨୦୧୪ ଜାନୁୟାରୀ ୧୯ତାରିଖରେ ଦକ୍ଷିଣ ମୁଖ୍ୟ କେନାଲର ମରାମତି ଓ ଉନ୍ନତୀକରଣ ପାଇଁ ପ୍ରଥମ ଟେଣ୍ଡର ଆହ୍ୱାନ କରାଯାଇଥିଲା। ୨୦୧୫ ମାର୍ଚ୍ଚ ୧୮ତାରିଖରେ କୌଣସି କାରଣବଶତଃ ଉକ୍ତ ଟେଣ୍ଡରକୁ ବାତିଲ କରି ଦ୍ୱିତୀୟ ଟେଣ୍ଡର ଆହ୍ୱାନ କରାଯାଇଥିଲା। ସେହିପରି ୨୦୧୭ ଡିସେମ୍ବର ୨୧ତାରିଖରେ ତୃତୀୟ ଟେଣ୍ଡର ବିଡିଂ କରାଗଲା। ଅନ୍ତିମ ପର୍ଯ୍ୟାୟରେ ପହଞ୍ଚି ଏହି ଟେଣ୍ଡର କ୍ୟାବିନେଟ ମଞ୍ଜୁରୀ ପାଇଁ ଅଟକି ରହିଗଲା। ୨୦୧୮ ମାର୍ଚ୍ଚରେ ଚତୁର୍ଥ ଥର ପୁଣି ଟେଣ୍ଡର ଆହ୍ୱାନ କରାଯାଇଥିଲା। ପୁଣିଥରେ ସେହି ଟେଣ୍ଡର ବାତିଲ ହୋଇ ମେ ମାସ ୫ ତାରିଖରେ ପୁଣି ପଞ୍ଚମ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏଥିରେ କେନାଲ ଆରମ୍ଭରୁ ୪୧.୧୦ରୁ ୮୩.୭୦ କି.ମି. ପାଇଁ ହୋଇଥିବା କାର୍ଯ୍ୟର ଟେଣ୍ଡର ସରକାରୀ ଫାଇଲ ତଳେ ଚାପି ହୋଇ ଅଟକି ରହିଥିଲା। ଫଳରେ ଗତ ସେପ୍ଟେମ୍ବର ୬ ତାରିଖରେ ଷଷ୍ଠ ଥର ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଇତିମଧ୍ୟରେ ୧୦ ମାସ ବିତିଯାଇଥିଲେ ମଧ୍ୟ ଦକ୍ଷିଣ କେନାଲର ମରାମତି ଆରମ୍ଭ ହୋଇନାହିଁ। ୬ଥର ଟେଣ୍ଡର ହୋଇଥିବାବେଳେ ବିଭାଗୀୟ ଅଧିକାରୀ, ପ୍ରଶାସନ ଓ ଠିକାଦାରମାନଙ୍କ ମଧୁଚନ୍ଦ୍ରିକା ଯୋଗୁ କେନାଲ ମରାମତି କାର୍ଯ୍ୟ ଆଗେଇପାରୁନାହିଁ। ବିଭାଗୀୟ ଅଧିକାରୀ, ପ୍ରଶାସନଙ୍କୁ ସୁହାଇଲା ଭଳି ଠିକାଦାର ମିଳୁ ନ ଥିବାରୁ କେନାଲ ମରାମତି ପାଇଁ ଟେଣ୍ଡର ହୋଇପାରୁ ନ ଥିବା ଅଭିଯୋଗ ହୋଇଛି। ଏପରିକି ଦକ୍ଷିଣ ମୁଖ୍ୟ କେନାଲ ମରାମତି କାର୍ଯ୍ୟକୁ ନେଇ ଏବେ ହାଇକୋର୍ଟରେ ମାମଲା ଗଡୁଥିବାବେଳେ କେବେ କେନାଲ ମରାମତି କାମ ଆରମ୍ଭ ହେବ ଓ ଚାଷୀ କେବେ କେନାଲର ପାଣି ଠିକ ଭାବେ ପାଇବେ ତାହାକୁ ନେଇ ଚାଷୀଙ୍କ ମଧ୍ୟରେ ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଗତ ୨୦୧୬ ଫେବୃୟାରୀ ୧୮ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜୁନାଗଡଠାରେ ଆୟୋଜିତ ଏକ ସାଧାରଣ ସଭାରେ ଯୋଗଦେଇ ୩୩୨ କୋଟି ବ୍ୟୟ ଅଟକଳରେ ୮୪ କି.ମି. ଦକ୍ଷିଣ କେନାଲ ମରାମତି କାର୍ଯ୍ୟର ଶିଳାନ୍ୟାସ କରିଥିଲେ। ଏହି ମରାମତି କାର୍ଯ୍ୟ ମୁଖୀଗୁଡାଠାରୁ ଜାରିଙ୍ଗ ପର୍ଯ୍ୟନ୍ତ ହେବାକୁ ଥିବାବେଳେ ଆଜି ପର୍ଯ୍ୟନ୍ତ ଟେଣ୍ଡର ପ୍ରକିୟା ଚୂଡାନ୍ତ ଅନିଶ୍ଚିତତା ଘେରରେ ରହିଛି। ଏହି କାର୍ଯ୍ୟର ବ୍ୟୟ ଅଟକଳ ଏବେ ୩୩୨ କୋଟିରୁ ୩୫୬ କୋଟିରେ ପହଞ୍ଚିଲାଣି। ତଥାପି ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଓ ଉଚ୍ଚସ୍ତରରେ ଅହେତୁକ ଠିକାଦାର ପ୍ରିତୀ ଯୋଗୁ ଏହା ଚୁଡାନ୍ତରେ ପହଞ୍ଚି ପାରୁନାହିଁ। ଏ ନେଇ ଇନ୍ଦ୍ରାବତୀ ଏସଡିଓ ଗୋବର୍ଦ୍ଧନ ନାଏକଙ୍କୁ ପଚାରିବାରୁ କେନାଲ ମରାମତି କାମ ହାଇକୋର୍ଟରେ ମାମଲା ଥିବା ଯୋଗୁ କାର୍ଯ୍ୟ ଆଗେଇ ପାରୁନାହିଁ। ସ୍ୱାଭାବିକ ବର୍ଷା ହେଉ ନ ଥିବାରୁ ମଙ୍ଗଳପୁର ବ୍ୟାରେଜରେ ମଧ୍ୟ ପାଣିନାହିଁ। ଫଳରେ ସଠିକ ପରିମାଣରେ କେନାଲରେ ପାଣି ଆସୁ ନ ଥିବାରୁ ତଳ ମୁଣ୍ଡର ଚାଷୀଙ୍କୁ ଠିକ ଭାବେ ପାଣି ପହଞ୍ଚି ପାରୁନାହିଁ ବୋଲି କହିଥିଲେ।

### ମୃତ ମାଓବାଦୀଙ୍କ ପରିଚୟ ମିଳିଲା

**ଲାଞ୍ଜିଗଡ଼,୨୫।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକରେ ଗୋଟିଏ ଦିନରେ ଦୁଇଟି ହତ୍ୟା କରି ମାଓବାଦୀମାନେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇଥିଲେ। ଏହାର ଜବାବରେ ବୁଧବାର ସକାଳେ ଏସ୍‌ଓଜି ଯବାନ କୋମ୍ବିଂ ଚଳାଇଥିବା ବେଳେ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ଜଣେ ମାଓବାଦୀଙ୍କ ମୃତ୍ୟୁ ଘଟିଥିଲା। ମୃତ ମାଓବାଦୀ ଜଣକ ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକ ବଡଗୋଲିଗୁଡା ଗାଁର ଡିକ୍ସା ଓରଫ ସୁରେଶ ତାର ବାପାଙ୍କ ନାମ ଲାମି ବ୍ରେକ୍‌ବେଡା ବୋଲି ଦକ୍ଷିଣାଞ୍ଚଳ ଡିଆଇଜି ହିମାଂଶୁ ଲାଲ, କଳାହାଣ୍ଡି ଏସ୍‌ପି ବାତୁଲା ଗଙ୍ଗାଧର ଏକ ଖବରଦାତା ସମ୍ମିଳନିରେ ସୂଚନା ଦେଇଛନ୍ତି। ସେହିପରି ମୃତ ସୁରେଶଙ୍କ ସ୍ତ୍ରୀ ସଙ୍ଗୀତା ମଧ୍ୟ ମାଓବାଦୀ ସଙ୍ଗଠନର ଜଣେ ମହିଳା କ୍ୟାଡର ଥିଲେ। ଗତ ୨୦୧୬ ସେପ୍ଟେମ୍ବର ୧୫ରେ କଳାହାଣ୍ଡି ପୋଲିସ ଏବଂ ମାଓବାଦୀଙ୍କ ଗୁଳି ବିନିମୟ ବେଳେ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ଡିଆଇଜି ସୂଚନା ଦେଇଛନ୍ତି। ଏହାସହିତ ମାଓବାଦୀମାନେ ହିଂସା ଛାଡି ମୁଖ୍ୟ ସ୍ରୋତକୁ ଫେରି ଆସିବାକୁ ସେ ଆହ୍ୱାନ ଦେଇଛନ୍ତି।

### କଲମପୁର ବ୍ଲକ: ନକଲି ଶିକ୍ଷକଙ୍କ ସାର୍ଟିଫିକେଟ ଯାଞ୍ଚ ପ୍ରକ୍ରିୟା ଜାରି

**କଲମପୁର,୨୫।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କଲମପୁର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ନବୀନ କୁମାର ଖମାରୀଙ୍କ ତତ୍ତ୍ୱାବଧାନରେ ଗତ ୧୭ ତାରିଖଠାରୁ ଜାଲ ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ସାର୍ଟିଫିକେଟ ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ସମସ୍ତ ଶିକ୍ଷୟିତ୍ରୀ ଏବଂ ଶିକ୍ଷକ ଦୁଇଗୋଟି ସେଟ ପ୍ରମାଣପତ୍ରର ନକଲ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଜମା କରିଥିବା ଜଣାପଡିଛି । କଲମପୁର ଗୋଷ୍ଠୀ ଶିକ୍ଷା ଅଧୀନରେ ଥିବା ୬ଟି କ୍ଲଷ୍ଟରରେ ନିଯୁକ୍ତି ପାଇଥିବା ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ସାର୍ଟିଫିକେଟ ଯାଞ୍ଚ କରାଯାଉଥିବା ସୂଚନା ମିଳିଛି। ବର୍ତ୍ତମାନ ପର୍ଯ୍ୟନ୍ତ ୧୬୨ ଜଣ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ସାର୍ଟିଫିକେଟ ଯାଞ୍ଚ କରାଯାଇଛି। ଅବଶିଷ୍ଟ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ଯାଞ୍ଚ କମିଟିରେ ୪ଜଣ ଅଧିକାରୀ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର ବେହେରା, ଗୌରାଙ୍ଗ କୁମାର ବିଶ୍ୱାଶ, ବରିଷ୍ଠ ଶିକ୍ଷକ ସୁବ୍ରତ ବେହେରା, ବରିଷ୍ଠ କିରାଣୀ ସୈଲେନ୍ଦୁ କୁମାର ମୁଣ୍ଡ ରହିଛନ୍ତି ।



ଶିକ୍ଷକଙ୍କ ସାର୍ଟିଫିକେଟ ଯାଞ୍ଚ କରାଯାଉଛି।



### କଂଗ୍ରେସର ନର୍ଲା ବିଧାୟକ ପ୍ରାର୍ଥୀ ଚିତ୍ତରଞ୍ଜନ ମଣ୍ଡଳଙ୍କ ଦଳରୁ ଇସ୍ତଫା

**ଭବାନୀପାଟଣା,୨୫।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ନିର୍ବାଚନମଣ୍ଡଳୀରେ ଗତ ନିର୍ବାଚନରେ କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ଚିତ୍ତରଞ୍ଜନ ମଣ୍ଡଳ ନିର୍ବାଚନରେ ପରାଜିତ ହୋଇଥିଲେ। ବୁଧବାର ସେ କଂଗ୍ରେସର ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେଇଥିବା ଜଣାପଡିଛି। ସେ ତାଙ୍କ ଇସ୍ତଫାପତ୍ରରେ ଦର୍ଶାଇଛନ୍ତି ଯେ, କଂଗ୍ରେସରୁ ଟିକଟ ପାଇବା ପରେ ତାଙ୍କ ବିରୋଧରେ ଥିବା ଆଶାୟୀମାନେ ଜୋରାଡୋବ୍ରାଠାରେ ଏକ ସଭା କରି ବିଜେଡିରୁ ଅର୍ଥ ନେଇ ତାଙ୍କ ବିରୋଧରେ ପ୍ରଚାର କରିଥିଲେ। ସେମାନଙ୍କ ବିରୋଧରେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ । ବଲାଙ୍ଗୀର ଜିଲାରେ ଅନୁରୂପ କାର୍ଯ୍ୟ କରିଥିବା ବ୍ୟକ୍ତିମାନଙ୍କୁ କଂଗ୍ରେସରୁ ନିଲମ୍ବନ କରାଯାଇଛି । ଏଭଳି ଦଳରେ ରହିସେ ନିଜକୁ ଅସହାୟ ମନେ କରୁଥିବା ଯୋଗୁ ଦଳ ଛାଡିବା ନିଷ୍ପତ୍ତି ନେଇଛନ୍ତି ବୋଲି ଏକ ପ୍ରେସ ବିବୃତ୍ତିରେ ପ୍ରକାଶ କରିଛନ୍ତି । ସେ ଜିଲା କଂଗ୍ରେସ ସଭାପତି ଭାରତଭୂଷଣ ବେମାଲଙ୍କୁ ନିଜର ଇସ୍ତଫାପତ୍ର ପ୍ରଦାନ କରିଛନ୍ତି ବୋଲି କହିଛନ୍ତି ।

### ବଜ୍ରପାତରେ ଯୁବକଙ୍କ ମୃତ୍ୟୁ

**ଲାଞ୍ଜିଗଡ଼,୨୫।୭ (ଡି.ଏନ.ଏ.)**

ଗୁରୁବାର ଅପରାହ୍ନରେ ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ସୂଚନାନୁଯାୟୀ, ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ ଜଗଦଲପୁର ଗ୍ରାମପଞ୍ଚାୟତ ଥୁଆପାଡ଼ି ଗାଁର ଆଜାଦି ଧନୁର୍ଯ୍ୟ (୧୮) ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଥାନା ସୀତାପୁର ଗାଁ ତାଙ୍କ ସମ୍ପର୍କୀୟ ଭାଇ ଘରକୁ ଆସିଥିଲେ। ସେଠାରେ ସେ ଅପରାହ୍ନରେ ଗାଈ ଚରାଇବାକୁ ଯାଇଥିବାବେଳେ ହଠାତ୍ ବଜ୍ରପାତ ଘଟିବାରୁ ଘଟଣାସ୍ଥଳରେ ଅଚେତ ହୋଇ ପଡିଥିଲେ। ତାଙ୍କୁ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲ। ବିଶ୍ୱନାଥପୁର ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ତଦନ୍ତ ଆରମ୍ଭ କରିଛି।

## ବିକାଶର ଆଁଖିରେ ବଢୁଛେ ଆବୁ

# ଟଁକା ଯୁଗାଡ଼ ଚିନ୍‌ତାରେ ଗରିବ୍ ମା'ବାପ୍

**କୋକସରା,୨୫।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଗୋଟୋମୁଣ୍ଡା ପଁଚେତ୍ ଅଧୀନ ଚୋରଣିଦୁଆର ଗାଁର ମଙ୍ଗଲେ ମାଝି ଆର ତ୍ରିନାଥ ମାଝିକଁର ପୁଓ ବିକାଶ ମାଝି(୫)। ସେ ଜନମ୍ ବେଲେ ଠିକ୍‌ଠାକ୍ ଥିଲାବେଲେ ପାଖାପାଖି ବଛରେ ହେଲା ତାକର ଭୁଜନି ଆଏଁଖିରେ ଗୁଟେ ଆବୁ ବଢ଼ତେଲ ଯାଉଛେ। ମା'ବାପ୍ ଆସର ପାସର ଡାକ୍ତରଖାନାମାନକେ ପୁଓର ଚିକିସ୍ସା କରେଇ ନିରାଶ ହେଇଛନ୍। ଏହେଦେ ଟଁକା ପଏସା ଅଭାବୁ ମା'ବାପ୍ ପୁଓର ଉଚ ଚିକିସ୍ସା କରେଇ ନାଇଁପାରି ଭଗବାନ ଭରସାରେ ରହିଛନ୍।

ସୂଚନା ଅନ୍‌ସାରେ ବିକାଶ ମାଝି ଜନମ୍ ବେଲେ ପୂରା ଠିକ୍‌ଠାକ୍ ଥିଲେ। ହେଲେ ପାଖାପାଖି ବଛରେ ହେଲା ତାକର ଭୁଜନି ଆଏଁଖିଥି ଗୁଟେ ଆବୁ ବାହାରଲା। ମା'ବାପ୍ ପୁଓକେ ଧର୍ମଗଡ଼ ଡାକ୍ତାରଖାନାରେ ଚିକିସ୍ସା କରେଇ ଉଷୋକଷା କଲେ। ହେଲେ କିଛି ଲାଭ ନାଇଁ ହେଲା। ପଛେ ପରିବାର ଲୋକ ବିକାଶକେ ଭବାନୀପାଟଣା ଡାକ୍ତରଖାନାରେ ଆଁଖି ଡାକ୍ତରକୁଁ ଦେଖେଇ ଉଷୋକଷା କଲେ। ସେଥିରେ ବି କିଛି ଲାଭ ନାଇଁହେଲାରୁ ଶେଷେ ଡାକ୍ତର ଅପରେଶନ କରବାକେ ପରାମଶ ଦେଇଥିବାର ପରିବାର ଲୋକ କହିଛନ୍। ଇଆଡ଼େ ପରିବାରଟା ନିହାତି ଗରିବ୍ ହେଇଥିଲାବେଲେ ଅଭାବ ଅନାଟନ ସବୁବେଲେ ଲାଗି ରହିଛେ। ଯେନ୍‌ଥିରଲାଗି ମା'ବାପ୍ ପୁଓର ଚିକିସ୍ସା କରେଇ ନାଇଁପାରି ଘରେ ପକେଇ ରଖିଛନ୍। ଇଆଡ଼େ ଦିନୁଦିନ୍‌କେ ବିକାଶର ଆଏଁଖିଥି ଆବୁଟା ବଢ଼ତେଲ ଗଲାବେଲେ ସେ ଦରଦ୍‌ରେ ଛଟପଟ ହେଉଛନ୍। ଏହେଦେ ସେ ଗୁଟେ ଆଏଁଖିଥି ଦେଖିପାରୁଛନ୍। ପରିବାରଟା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ବୀମା ଯୋଜନାରେ ସାମିଲ ହେବାର ଲାଗି ବାରବାର ଆବେଦନ କରି ନିରାଶ ହେଇଛନ୍। ଏନ୍‌ତାଥି ମା'ବାପ୍ ସବୁଆଡୁ ନିରାଶ ହେଇ ପୁଓର ଚିକିସ୍ସା ଲାଗି ସରକାରୀ ସାହାଯ୍‌କେ ଟାକିଛନ୍। ଇ ବାବ୍‌ଦେ କୋକସରା ବିଡିଓ ବସନ୍ତ କୁମାର ସେଠୀକୁଁ ପଚରାଲାରୁ ମୁଇଁ ଇ ଘଟନା ବାବ୍‌ଦେ ଡାକ୍ତରକୁଁ ଜନେଇ ଦେଉଛେଁ। ଡାକ୍ତରି ଦଲ ଗାଁକେ ଯାଇ ବିକାଶର ପରୀକ୍ଷା ନିରୀକ୍ଷା କରବେ, ତା'ପରେ ଯେନ୍‌ଟା ହେବା ସରକାରୀ ଚିକିସ୍ସା ସାହାଯ୍ ଯୁଗେଇ ଦେବାର ବେବସ୍‌ତା କରାଯିବା ବଲି ସେ କହିଥିଲେ।



ବିକାଶ ମାଝି।

### ୟୁଟ୍ୟୁବ୍‌ରେ ଭାଇରାଲ କରିଥିବା ଆର୍‌ବିଆର୍ ଫିଲ୍ମ ବିରୋଧରେ ମାମଲା

**ଭବାନୀପାଟଣା,୨୫।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଭବାନୀପାଟଣାଠାରେ ଥିବା ଆଶ୍ରୟ ଗୃହ ପ୍ରୟାସଠାରେ ବଲାଙ୍ଗୀରର ଜଣେ ଏଚ୍‌ଆଇଭି ସଂକ୍ରମିତ ନାବାଳିକାଙ୍କୁ ଆଶ୍ରୟ ଗୃହ ମୁଖ୍ୟ ଯୌନ ନିର୍ଯାତନା ଦେବା ଘଟଣାରେ ଅଭିଯୁକ୍ତ ପ୍ରୟାସ ସଂସ୍ଥାର ନିର୍ଦ୍ଦେଶକ ସରୋଜ ଦାଶଙ୍କୁ ଭବାନୀପାଟଣା ଟାଉନ୍ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି ।

ଏହି ଘଟଣାକୁ ସ୍ଥାନୀୟ ଆର୍‌ବିଆର୍ ଫିଲ୍ମ ୟୁଟ୍ୟୁବ୍‌ରେ ଭାଇରାଲ କରି ପୀଡ଼ିତାଙ୍କ ପରିଚୟକୁ ସର୍ବସାଧାରଣରେ ପ୍ରଘଟ କରି ପୋକ୍ସୋ ଆଇନ୍ ଓ ଜେଜେ ଆକ୍ଟର ଉଲ୍ଲଂଘନ କରିଥିବା ଦର୍ଶାଇ କଳାହାଣ୍ଡି ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର ଆର୍‌ବିଆର୍ ଫିଲ୍ମ ବିରୋଧରେ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଟାଉନ ଥାନା ପୋଲିସ ଏହି ମାମଲାରେ ଆର୍‌ବିଆର୍ ଫିଲ୍ମ ବିରୋଧରେ ପୋକ୍ସୋ ଆଇନ ଧାରା-୨୩ (୧)(୨), ଜେଜେ ଆକ୍ଟ ଧାରା-୭୪ ଓ ଆଇପିସିର ଧାରା ୨୨୮(କ)ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

## ଉଠା ଦୋକାନୀଙ୍କୁ ଥଇଥାନ ଦାବି

# କାର୍ଯ୍ୟନିର୍ବାହୀଙ୍କଠାରେ ଆବେଦନ

**କେସିଙ୍ଗା,୨୫।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲାର କେସିଙ୍ଗା ସହର ଏକ ବ୍ୟବସାୟୀକ ପେଣ୍ଠସ୍ଥଳି । ଏଠାରେ ଛୋଟିଆ ଚା ଦୋକାନଠାରୁ ଆରମ୍ଭ କରି ଶିଳ୍ପାଞ୍ଚଳ ରହିଛି । କେସିଙ୍ଗା ସହର ଦେଇ ଜାତୀୟ ରାଜପଥ ୨୬ ଭବାନୀପାଟଣା, ଜୁନାଗଡ, ଧର୍ମଗଡ ଓ ନବରଙ୍ଗପୁରକୁ ସଂଯୋଗ ହୋଇଛି । କେସିଙ୍ଗାଠାରୁ ବଲାଙ୍ଗୀର ମଧ୍ୟ ସଂଯୋଗ ହୋଇଛି। ଏଠାରେ କେସିଙ୍ଗାରୁ ରାୟପୁର, କେସିଙ୍ଗାଠାରୁ ବିଶାଖାପାଟଣାକୁ ରେଳ ସଂଯୋଗ ହୋଇଛି। ଏହି ସହରରେ ଜାତୀୟ ରାଜପଥ ୨୬ ଉପରେ ଯାନବାହନ ଚଳାଚଳରେ ଭିଡ ରହି ଆସୁଛି। ସହରର ବଲାଙ୍ଗୀର ଛକଠାରୁ ସିନେମା ହଲ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଗତ ୨୦୧୬-୧୭ରେ ସମ୍ପ୍ରସାରଣ କରାଯାଇଛି। ଇତିମଧ୍ୟରେ ସହରର ଉଭୟ ପାର୍ଶ୍ୱରେ ଥିବା ପାନ ଦୋକାନ, ଚା ଦୋକାନ, ଜଳଖିଆ ଦୋକାନ, ଫାଷ୍ଟଫୁଡ ଦୋକାନ ଆଦି ଉଠା ଦୋକାନୀମାନଙ୍କୁ ଉଚ୍ଛେଦ କରାଯାଇଛି। ଏହି ସହରରେ ଶତାଧିକ ଉଠାଦୋକାନୀମାନେ ଜାତୀୟ ରାଜପଥ ୨୬ ଉଭୟ ପାର୍ଶ୍ୱରେ ଦୋକାନ ଦେଇ ନିଜର ପରିବାର ପ୍ରତିପୋଷଣ କରି ଆସୁଥିଲେ। କେସିଙ୍ଗା ଏନଏସିସ୍ଥିତ ଦୋକାନଗୁଡିକୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉଠାଇ ଦିଆଯାଇଛି। ଫଳରେ ଶତାଧିକ ଉଠା ଦୋକାନୀମାନେ ପରିବାର ପୋଷଣରେ ବହୁ ଅସୁବିଧାର ସମ୍ମୁଖିନ ଭୋଗିବାକୁ ପଡୁଛି। ଏ ନେଇ ଉଠା ଦୋକାନୀମାନେ ଏନଏସିର କାର୍ଯ୍ୟ ନିର୍ବାହୀଙ୍କୁ ଗୁରୁବାର ଥଇଥାନ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏ ସଂକ୍ରାନ୍ତରେ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱମ୍ବର ମିଶ୍ରଙ୍କୁ ପଚାରିବାରୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଦୋକାନଗୁଡିକ ଉଚ୍ଛେଦ କରାଯାଇଛି। ଜିଲାପାଳଙ୍କ ସହିତ ଆଲୋଚନା କରିବା ପରେ ଜଣାପଡିବ ବୋଲି ପ୍ରକାଶ କରିଥିଲେ ।



ଉଠା ଦୋକାନୀମାନେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ଦେବା ପାଇଁ ଆସିଛନ୍ତି ।

# ଗୋପାଳପୁର ଆଶ୍ରମ ସ୍କୁଲ ଛାତ୍ରୀ ଅସୁରକ୍ଷିତ

- ଇନ୍ଦ୍ରାବତୀ ନଦୀ ପାଣି ହିଁ ଏକମାତ୍ର ଭରସା

**ଭବାନୀପାଟଣା,୨୫।୭ (ଡି.ଏନ.ଏ.)**

ତଫସିଲଭୁକ୍ତଜାତି, ଜନଜାତିବର୍ଗଙ୍କ ଉନ୍ନତି ପାଇଁ ସରକାର ଅନେକ ପଦକ୍ଷେପ ନେଇଛନ୍ତି । ଏହି ବର୍ଗର ଶିଶୁମାନଙ୍କ ଶିକ୍ଷାର ବିକାଶ ପାଇଁ ଆବାସିକ ବିଦ୍ୟାଳୟ ଖୋଲାଯାଇଛି । ଯେଉଁଠି ଏହି ବର୍ଗର ବାଳକବାଳିକାମାନେ ଅଗମ୍ୟ ଅଞ୍ଚଳରୁ ଆସି ସ୍ୱତନ୍ତ୍ର ଛାତ୍ରାବାସରେ ରହି ପାଠ ପଢିବେ, ଶିକ୍ଷିତ ହେବେ । ଏଥିପାଇଁ କୋଟି କୋଟି ଟଙ୍କାର ଅନୁଦାନ ଖର୍ଚ୍ଚ ହୋଇ ଚାଲିଛି । ହେଲେ ବାଳିକାମାନେ ଅସୁରକ୍ଷିତ ଅବସ୍ଥାରେ ବିଦ୍ୟାଳୟଠାରୁ ପ୍ରାୟ ୧ କି.ମି. ଦୂର ଇନ୍ଦ୍ରାବତୀ ନଦୀକୁ ଯାଇ ସ୍ନାନ ଓ ଶୌଚ କର୍ମ କରିବା ଭଳି ଘଟଣା ଅତ୍ୟନ୍ତ ପରିତାପର ବିଷୟ। ରିତିମତ ଆଶ୍ରମ ବିଦ୍ୟାଳୟ ସୁରକ୍ଷା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଉଥିଲେ ମଧ୍ୟ ବିଦ୍ୟାଳୟ ଉଚ୍ଚକର୍ତ୍ତୃପକ୍ଷ ଏଥିପ୍ରତି ଭ୍ରୂକ୍ଷେପ ନ କିରବା ଅତ୍ୟନ୍ତ ଦୁଃଖଦାୟକ ।

ପ୍ରାପ୍ତ ସୂଚନା ଅନୁସାରେ କଳାହାଣ୍ଡି ଜିଲା ଦୁର୍ଗମ ଅଞ୍ଚଳ ଭାବେ ପରିଚିତ ଥୁଆମୂଳ ରାମପୁର ବ୍ଲକ ଅଧୀନ ଗୋପାଳପୁରରେ ତଫସିଲଭୁକ୍ତ ଜାତି ଜନଜାତି ମଙ୍ଗଳ ବିଭାଗର ଏକ ଆବାସିକ ବିଦ୍ୟାଳୟ ରହିଛି । ଏଠାରେ ୫୪୦ ଜଣ ଛାତ୍ରୀ ରହି ପାଠ ପଢୁଛନ୍ତି। କିନ୍ତୁ ଏତେ ସଂଖ୍ୟକ ଛାତ୍ରୀଙ୍କ ପାଇଁ ଆବଶ୍ୟକ ଶୌଚାଳୟ ନ ଥିବାରୁ ସନ୍ଧ୍ୟା ଓ ସକାଳେ ଛାତ୍ରୀମାନେ ଜଣେ ସହାୟିକାଙ୍କ ନେତୃତ୍ୱରେ ଭବାନୀପାଟଣା ଥୁଆମୂଳ ରାମପୁର ମୁଖ୍ୟ ରାସ୍ତା ଅତିକ୍ରମ କରି ନିକଟସ୍ଥ ଇନ୍ଦ୍ରାବତୀ ନଦୀକୁ ସ୍ନାନ ଓ ଶୌଚାଦି ପାଇଁ ଯାଉଛନ୍ତି । କେତେ ବେଳେ ନଦୀ ପାଣି ବୃଦ୍ଧି ଘଟି ଯଦି କାହାର ଜୀବନ ହାନି ହୁଏ ଅଥବା ଜଙ୍ଗଲ ଅଞ୍ଚଳ ଥିବାରୁ ଅନ୍ୟ କୌଣସି ଅଘଟଣ ଘଟିଲେ, ଏଥିପାଇଁ ଦାୟୀ କିଏ ରହିବେ ବୋଲି ସାଧାରଣରେ ପ୍ରଶ୍ନ ସୃଷ୍ଟି ହେଉଛି। ଏହି ବିଦ୍ୟାଳୟରେ ନିଜ ନିଜ ଝିଅଙ୍କୁ ଛାଡି ମା'ବାପା ଚିନ୍ତାରେ ଅଛନ୍ତି। ଏ ନେଇ ଜଣେ ସପ୍ତମ ଶ୍ରେଣୀ ଛାତ୍ରୀ କହନ୍ତି ରିତିମତ ଆମେ ନଦୀକୁ ଶୌଚ ପାଇଁ ଯାଉଛୁ ବୋଲି କହିଥିବା ବେଳେ ବିଦ୍ୟାଳୟରେ ନିୟୋଜିତ ଜଣେ ମହିଳା ସହାୟିକା ମଧ୍ୟ ଘଟଣାକୁ ସ୍ୱୀକାର କରିଛନ୍ତି । ଏ ନେଇ ପ୍ରଧାନ ଶିକ୍ଷକ ଅମରେନ୍ଦ୍ର ସାହୁଙ୍କ ମତାମତ ନେବା ପାଇଁ ପ୍ରୟାସ କରାଯାଇଥିଲେ ମଧ୍ୟ ସେ ବୋର୍ଡ ଅଫିସ କାର୍ଯ୍ୟରେ କଟକ ଯାଇଥିବାରୁ କୌଣସି ମତ ହାସଲ କରାଯାଇ ପାରିନାହିଁ। ଅନ୍ୟପଟେ ବିଦ୍ୟାଳୟ ସହକାରୀ ଶିକ୍ଷକ ସୁରେନ୍ଦ୍ର ନାଏକଙ୍କୁ ପଚାରିବାର ସେ କୌଣସି ମତାମତ ଦେବା ପାଇଁ ମନା କରିଥିଲେ । ଏ ନେଇ ଜିଲା ମଙ୍ଗଳ ଅଧିକାରୀ ବୁଦ୍ଧଦେବ ପଣ୍ଡାଙ୍କୁ ପଚାରିବାରୁ ବିଦ୍ୟାଳୟରେ ଛାତ୍ରୀଙ୍କ ସଂଖ୍ୟା ଅନୁପାତରେ ଶୌଚାଳୟ ରହିଛି। ନିକଟରେ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରାୟ ୨୦ଟି ଶୌଚାଳୟ ନିର୍ମାଣ କରାଇଛନ୍ତି। କେଉଁ ପରିସ୍ଥିତିରେ ଛାତ୍ରୀମାନଙ୍କୁ ଶୌଚାଦି କର୍ମ ପାଇଁ ବାହାରକୁ ନିଆଯାଉଛି ସେହି ଘଟଣା ଉପରେ ତଦନ୍ତ କରାଯିବ ବୋଲି କହିଛନ୍ତି । ତୁରନ୍ତ ବାଳିକାମାନଙ୍କ ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।



ଆବାସିକ ବିଦ୍ୟାଳୟ ଛାତ୍ରୀମାନେ ଇନ୍ଦ୍ରାବତୀ ନଦୀରୁ ଫେରୁଛନ୍ତି ।



ଜୱାନ ଓ କିଷାନର ଜୟ, ହିଁ ଦେଶ ଓ ଜାତିର ଜୟ।
- ଲାଲବାହାଦୁର ଶାସ୍ତ୍ରୀ



## ସଂକ୍ଷେପରେ

### ଉଦ୍ୟୋଗ ବିକାଶ ସଚେତନତା ଶିବିର

**ରାଉରକେଲା ଅଫିସ,୨୫।୭:** ରାଉରକେଲା ଆଞ୍ଚଳିକ ଶିଳ୍ପକେନ୍ଦ୍ର ପକ୍ଷରୁ ଲାଠିକଟା ବ୍ଲକ କାର୍ଯ୍ୟାଳୟରେ ବୁଧବାର ଉଦ୍ୟୋଗ ବିକାଶ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଶିଳ୍ପକେନ୍ଦ୍ର ମହାପ୍ରବନ୍ଧକ ସୁଶୀଲ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ସେ କହିଥିଲେ, ସୁନ୍ଦରଗଡ଼ ଜିଲାରେ ମିଳୁଥିବା କଞ୍ଚାମାଲ ବ୍ୟବହାର କରି କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପ୍ରତିଷ୍ଠା କରାଯାଇପାରିବ। ଏହା ଦ୍ୱାରା ଅନେକ ଶିକ୍ଷିତ ଯୁବତୀ ଯୁବକ ନିଯୁକ୍ତି ସୁଯୋଗ ପାଇବେ। ରାଜ୍ୟ ଓ କେନ୍ଦ୍ର ସରକାର ଉଦ୍ୟୋଗ ବିକାଶ ନେଇ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ଅଣୁ ଓ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ନେଇ ଏଥିରେ ଅନେକ ସୁଯୋଗ ରହିଛି। ଶିଳ୍ପନୀତି-୨୦୧୮ ଅନୁସାରେ ଉଦ୍ୟୋଗୀଙ୍କୁ ପ୍ରକଳ୍ପ ସଚେତନତା, ଯନ୍ତ୍ରପାତି ଆଦି କ୍ଷେତ୍ରରେ ୨୫ ପ୍ରତିଶତ ରିହାତି ପ୍ରଦାନ କରାଯାଉଛି ବୋଲି ମହାନ୍ତି କହିଥିଲେ। ଏଥିରେ ମୁଖ୍ୟ ଅତିଥି ରୂପେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା ଖାଲକୋ ଯୋଗଦେଇ କହିଥିଲେ, ଅଞ୍ଚଳର ବିକାଶ ପାଇଁ ଆଜିର ଯୁବପିଢ଼ି ଏଭଳି ଯୋଜନାର ସୁଯୋଗ ନେବା ଆବଶ୍ୟକ। ଶିଳ୍ପକେନ୍ଦ୍ର ସହକାରୀ ପରିଚାଳକ ସୌମ୍ୟାସୁରଭି ସିଂ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଏବିଡିଓ ମାଧବ ପାଣିଗ୍ରାହୀ, ସହକାରୀ ଉଦ୍ୟାନ ଅଧିକାରୀ ଭୀମସେନ ବିଶ୍ୱାଳ ଓ ଦକ୍ଷତା ବିକାଶ ଅଧିକାରୀ ପି.କେ. ମଲ୍ଲିକ ପ୍ରମୁଖ ଏଥିରେ ବକ୍ତବ୍ୟ ପ୍ରଦାନ କରି କହିଥିଲେ, ଚାକିରି ପଛରେ ନ ଗୋଡ଼ାଇ ଆଜିର ଯୁବଗୋଷ୍ଠୀ ବିଭିନ୍ନ ଶିଳ୍ପ ପ୍ରତିଷ୍ଠା ଦିଗରେ ଆଗ୍ରହୀ ହେବା ଉଚିତ। ଏହାଦ୍ୱାରା ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କୁ ମଧ୍ୟ ନିଯୁକ୍ତି ଦେଇପାରିବେ। ବ୍ଲକ ଶିଳ୍ପ ବିକାଶ ଅଧିକାରୀ ପୁଷ୍ପଲତା ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ଲାଗିଲା କୃତ୍ରିମ ଗୋଡ଼, ମିଳିଲା ସାମାଜିକ ସୁରକ୍ଷା

# ୯ମାସ ପରେ ସ୍କୁଲ ଫେରିଲେ ଆଲବନ

**ରାଉରକେଲା ଅଫିସ,୨୫।୭**

ନିମିଷକେ ଉଜୁଡ଼ି ଯାଇଥିଲା ସୁନା ସଂସାର। ପାଣିଫୋଟକା ପରି ମିଳାଇ ଯାଇଥିଲା ଅସୁମାରୀ ସ୍ୱପ୍ନ। ମୁହୂର୍ତ୍ତକ ଭିତରେ ଘଟିଯାଇଥିଲା ଅଘଟଣ। ଭାଙ୍ଗିଯାଇଥିଲା ହାତ ଶଙ୍ଖା ଓ ଲିଭିଯାଇଥିଲା ମଥା ସିନ୍ଦୂର। ଦୁର୍ଘଟଣାର ଶିକାର ହୋଇ ସ୍ୱାମୀ ଆରପାରିକୁ ଯାଇଥିବା ବେଳେ ଗୋଟିଏ ବୋଲି ପୁଅ ବି ସବୁଦିନ ପାଇଁ ଭିନ୍ନକ୍ଷମ ପାଲଟି ଯାଇଥିଲା। ଏମିତି ଅବସ୍ଥାରେ ଦୁଃଖରେ ଜଡ଼ ପାଲଟି ଯାଇଥିଲେ ଗୁରୁଣ୍ଡିଆ ବ୍ଲକ କେନ୍ଦୁଘାଟି ଗାଁର ହୀନା ଟପ୍ପୋ (୫୬)। ବଣପାହାଡ଼ ଘେରା ଅଗମ୍ୟ ଗାଁର କୁଡ଼ିଆ ଘରେ ବସି ଆଖିରୁ ଲୁହ ଗଡ଼ାଇବା ଛଡ଼ା ତାଙ୍କ ପାଖରେ ଅନ୍ୟ ଉପାୟ ନ ଥିଲା। ଦୀର୍ଘ ୯ ମାସ ବ୍ୟବଧାନ ପରେ ହୀନାଙ୍କ ଭଙ୍ଗା ମନରେ ସୃଷ୍ଟି ହୋଇଛି ନୂଆ ସମ୍ଭାବନା। ପୁଣି ଥରେ ବଞ୍ଚିବାର ଆତ୍ମବିଶ୍ୱାସ ଫେରିଛି ତାଙ୍କର। ଦୁର୍ଘଟଣାରେ ଗୋଟିଏ ଗୋଡ଼ ହରାଇଥିବା ପୁଅ ଆଲବନ (୧୩) ଗୁରୁବାର ସ୍କୁଲକୁ ଫେରିଛି। ଶ୍ରେଣୀଗୃହରେ ବସିବାକୁ ଶିକ୍ଷକ ଅଲବନଙ୍କ ପାଇଁ ଚଉକି ବ୍ୟବସ୍ଥା କରିଛନ୍ତି। ପାଠ ପଢ଼ିବାକୁ ଛଟପଟ ହେଉଥିବା ଆଲବନଙ୍କ ମନରେ ଏବେ ଖୁସି କହିଲେ ନ ସରେ। ସାଙ୍ଗସାଥୀ ମେଳରେ ଆତ୍ମହରା ଆଲବନ ଏବେ ସକ୍ଷମ। ତାଙ୍କୁ ଆଉ ଘୋଷାଡ଼ି ହୋଇ ଚାଲିବାକୁ ପଡୁନି।



୯ ମାସ ପରେ ଆଲବନ କେନ୍ଦୁଘାଟି ବିଦ୍ୟାଳୟକୁ ଫେରି ପାଠପଢ଼ା ଆରମ୍ଭ କରିଛନ୍ତି।

କୃତ୍ରିମ ଗୋଡ଼ ଲାଗିସାରିଛି ତାଙ୍କର। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଆଲବନଙ୍କ ପାଇଁ ଭିନ୍ନକ୍ଷମ ଭତ୍ତା କରାଇଦେବା ସହ ତାଙ୍କ ମା' ପାଇଁ ମଧ୍ୟ ଭତ୍ତା ବ୍ୟବସ୍ଥା କରିଦେଇଛନ୍ତି। ଗରିବ ହୀନା ଏବେ ପୁଅକୁ ପାଠପଢ଼ାଇ ମଣିଷ କରିବା ଚିନ୍ତାରେ ବିଭୋର ହୋଇ ପଡ଼ିଛନ୍ତି। ତେବେ ଏ ସବୁ ଯାହାଙ୍କ ପାଇଁ ସମ୍ଭବ ହୋଇପାରିଛି ସେ ହେଉଛନ୍ତି ଜଣାଶୁଣା ସାମାଜିକ କର୍ମୀ ଶାନ୍ତନୁ କୁସୁମ। ଦୁର୍ଘଟଣା ପରଠୁ କୁସୁମ ଆଲବନଙ୍କୁ କଟକ ନେଇ ବଡ଼ ମେଡିକାଲରେ ଅପରେଶନ କରାଇବା, ତାଙ୍କ ପାଇଁ କୃତ୍ରିମ ଅଙ୍ଗ ବ୍ୟବସ୍ଥା କରିବା ଓ ମା' ପୁଅଙ୍କୁ ଭତ୍ତା କରାଇବା ପର୍ଯ୍ୟନ୍ତ ଛାଇ ଭଳି ଲାଗି ରହିଥିଲେ। ଶେଷରେ ସ୍କୁଲ ଯିବା ପର୍ଯ୍ୟନ୍ତ ସମସ୍ତ ବ୍ୟବସ୍ଥା କରିଥିଲେ କୁସୁମ। ଗୁରୁବାର ପୂର୍ବାହ୍ନ ୧୦ଟାରେ ଆଲବନଙ୍କୁ ସାଥୀରେ ନେଇ ହୀନା ଆସିଥିଲେ କେନ୍ଦୁଘାଟି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ। ପ୍ରଧାନ ଶିକ୍ଷୟିତ୍ରୀ ରୋଶନୀ କେର୍କେଟାଙ୍କ ସହ ମୁହାଁମୁହିଁ ହୋଇଯିବାରୁ ତାଙ୍କ ଆଖିରୁ ଝରିପଡ଼ିଥିଲା ଦୁଇ ଟୋପା ଆନନ୍ଦାଶ୍ରୁ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଜୁହାର କରି ପୁଅ ପ୍ରତି ଦୃଷ୍ଟି ରଖିବାକୁ ନିବେଦନ କରି ଘରକୁ ଫେରିଥିଲେ ହୀନା। ଏମିତି ଅବସ୍ଥାରେ ବିଦ୍ୟାଳୟ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ଭାବବିହ୍ୱଳ ହୋଇ ପଡ଼ିଥିଲେ।

ସ୍ୱାମୀ ବାଲତୁଷ ଟପ୍ପୋ (୫୮) ଓ ପୁଅ ଆଲବନଙ୍କୁ ନେଇ ଦିନେ ହୀନାଙ୍କ ହସଖୁସିର ସଂସାର ପୂରି ଉଠୁଥିଲା। ୨୦୧୮ ନଭେମ୍ବର ୧୧ରେ ବାପା ପୁଅ ମିଶି ଲାଠିକଟା ବଜାରକୁ ସାଉଦା ଆଣିବାକୁ ଆସିଥିଲେ। ଫେରିବା ବାଟରେ ଗୋପାଳପୁର ନିକଟରେ ଉଭୟ ଟ୍ରକ୍ ତଳେ ଚାପି ହୋଇଯାଇଥିଲେ। ଘଟଣାସ୍ଥଳରେ ବାଲତୁଷଙ୍କ ମୃତ୍ୟୁ ହୋଇଥିବାବେଳେ ଆଲବନଙ୍କ ଉଭୟ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ସ୍ୱାମୀଙ୍କୁ ହରାଇବାର ଦୁଃଖ ଓ ପୁଅକୁ ବଞ୍ଚାଇବାକୁ ମୋଟାଅଙ୍କର ଅର୍ଥ ଯୋଗାଡ଼ ଚିନ୍ତାରେ ଭାଙ୍ଗିପଡ଼ିଥିଲେ ହୀନା। ଏମିତି ବିପଦ ସମୟରେ ପାଖରେ ଠିଆ ହୋଇଥିଲେ ସାମାଜିକ କର୍ମୀ କୁସୁମ। ଗୁରୁତର ଆଲବନକୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରି ଅସ୍ତ୍ରୋପଚାର ବ୍ୟବସ୍ଥା କରିଥିଲେ। ଉଭୟ ଗୋଡ଼ରେ ଅସ୍ତ୍ରୋପଚାର ସତ୍ତ୍ୱେ ଆଲବନଙ୍କୁ ସବୁଦିନ ପାଇଁ ହରାଇବାକୁ ପଡ଼ିଥିଲା ଡାହାଣ ଗୋଡ଼। ଦୀର୍ଘ ୪୦ ଦିନ ଚିକିତ୍ସା ପରେ ସୁସ୍ଥ ହୋଇ ଘରକୁ ଫେରିଥିଲେ ଆଲବନ। ଜଙ୍ଘ ପାଖରୁ ଡାହାଣ ଗୋଡ଼ କଟାଯାଇଥିବା ବେଳେ ଆଉ ପାଠପଢ଼ି ପାରିବେନି ଭାବି କାନ୍ଦି ଉଠୁଥିଲେ ଆଲବନ। ସାଙ୍ଗସାଥୀ ଗାଁ ଦାଣ୍ଡରେ ସ୍କୁଲ ଯାଉଥିବା ବେଳେ ସେ ନିଜ ମା' ପାଖରେ ଅଳି କରୁଥିଲେ, ମୋତେ ନେଇ ସ୍କୁଲରେ ଛାଡ଼ି ଆସ। ମୁଁ ପାଠପଢ଼ି ଚାକିରି କଲେ ତୁମ ଦୁଃଖ ଦୂର ହେବ ବୋଲି କହୁଥିଲେ ଆଲବନ। ଶେଷରେ କୁସୁମଙ୍କ ହସ୍ତକ୍ଷେପ ପରେ ହୀନାଙ୍କ ଦୁଃଖ ଲାଘବ ହୋଇଛି। ଆଲବନ ସ୍କୁଲ ଫେରି ପାଠପଢ଼ା ଆରମ୍ଭ କରିଛନ୍ତି।

# ସଡ଼କ ପରିବହନ ନିଗମ କର୍ମଚାରୀଙ୍କ ଆନ୍ଦୋଳନ

**ରାଉରକେଲା ଅଫିସ,୨୫।୭**

୪ମାସ ହେବ ଦରମା ପାଇ ନ ଥିବା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍ଆର୍‌ଟିସି) ରାଉରକେଲା ଶାଖା କର୍ମଚାରୀ ଗୁରୁବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏ ନେଇ ଆୟୋଜିତ ଏକ ବୈଠକରେ କୁହାଯାଇଛି ଯେ ବାରମ୍ବାର ଦାବି ସତ୍ତ୍ୱେ ବିଭାଗ କର୍ମଚାରୀଙ୍କ ଦରମା ଦେବାକୁ ସମର୍ଥ ହୋଇପାରୁନି। ଏପରି ଅବସ୍ଥାରେ ଭୋକିଲା ପେଟରେ ଗାଡ଼ି ଚଳାଇବା ଆଉ ସମ୍ଭବ ନୁହେଁ। ଏଣୁ ଆଜିଠାରୁ ଷ୍ଟିୟରିଂ ଛାଡ଼ ନିଷ୍ପତ୍ତି ନିଆଯାଇଛି। ଜଣ ଜଣଙ୍କୁ ପାଳି କରି ଯେଉଁ ଦରମା ପ୍ରଦାନ କରାଯାଉଥିଲା ଶେଷରେ ତାହା ଆଉ ସମ୍ଭବ ନ ହେବା ଜାଣି କଣ୍ଡକ୍ଟର, ଡ୍ରାଇଭର ଭାଙ୍ଗି ପଡ଼ିଛନ୍ତି। ଦୀର୍ଘ ୪ ମାସ ଧରି ଯେନତେନ ସରକାରୀ ବସ୍ ସେବା ଚଳାଇ ରଖିବା ପରେ ଆମର ଆଉ ଧୈର୍ଯ୍ୟ ନାହିଁ ବୋଲି କହିଛନ୍ତି କର୍ମଚାରୀ କେଦାର ନାୟକ, ସରୋଜ ଶତପଥୀ, ବି.କେ. ସାହୁ, ପି.କେ. ପଟ୍ଟନାୟକ, ପ୍ରଣବ ସାମଲ, ସି.ଏଚ୍. ଭୂୟାଁ, ଅରୁଣ ପଣ୍ଡା ଓ ଲକ୍ଷ୍ମୀଧର ସ୍ୱାଇଁ ପ୍ରମୁଖ। ଯେତେଦିନ ଯାଏ ଦରମା ପ୍ରଦାନ କରାଯାଇନି ସେତେଦିନ ଗାଡ଼ି ବନ୍ଦ ରହିବ ବୋଲି ଚରମ ବାଣୀ ଶୁଣାଇଛନ୍ତି କର୍ମଚାରୀ। ଫଳରେ ଏଠାରୁ ରାଜ୍ୟର ବିଭିନ୍ନ ସ୍ଥାନକୁ ଚଳାଚଳ କରୁଥିବା ସରକାରୀ ବସ୍ ସେବା ଠପ୍ ହୋଇଯାଇଛି। ଗାଡ଼ିଗୁଡ଼ିକ ଗ୍ୟାରେଜ୍‌ରେ ଠିଆହୋଇ ରହିଛି। ଏ ନେଇ ଦାୟିତ୍ୱରେ ଥିବା ଅଧିକାରୀ ସତ୍ୟାନନ୍ଦ ପ୍ରଧାନ କହିଛନ୍ତି, କର୍ପୋରେଶନ କ୍ଷତିରେ ଚାଲିଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଉପରିସ୍ଥ ଅଧିକାରୀଙ୍କ ହସ୍ତକ୍ଷେପ ବିନା ସମସ୍ୟା ସମାଧାନ ଆଶା କ୍ଷୀଣ। ସରକାର ଏ ଦିଗରେ ଦୃଷ୍ଟି ଦେବା ଆବଶ୍ୟକ ବୋଲି ପ୍ରଧାନ କହିଛନ୍ତି।



ଦରମା ମିଳି ନ ଥିବାରୁ ଓଏସ୍ଆର୍‌ଟିସି କର୍ମଚାରୀ ସଂଘ ପକ୍ଷରୁ ଆନ୍ଦୋଳନ କରାଯାଉଛି।

# ଡିଡିଜିଙ୍କ ଏନ୍‌ସିସି ବାଟାଲିୟନ ପରିଦର୍ଶନ




ଏନ୍‌ସିସି ଡିଡିଜିଙ୍କୁ ସ୍ୱାଗତ ଅବସରରେ ଉପସ୍ଥିତ ଅଧିକାରୀ ଓ ଏନ୍‌ସିସି କ୍ୟାଡେଟ୍।

**ରାଉରକେଲା ଅଫିସ,୨୫।୭**

ଓଡ଼ିଶା ଏନ୍‌ସିସିର ଡେପୁଟି ଡାଇରେକ୍ଟର ଜେନେରାଲ (ଡିଡିଜି) ଶୈଳେନ୍ଦ୍ର ସିଂ ବୁଧବାର ରାଉରକେଲା ପରିଦର୍ଶନରେ ଆସିଥିଲେ। ବାଟାଲିୟନ ପରିସରରେ ପହଞ୍ଚିବା ପରେ ରାଉରକେଲା ମ୍ୟୁନିସିପାଲ କଲେଜ ଶିକ୍ଷାର୍ଥୀ ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରିଥିଲେ। ଏଥିରେ ସିନିୟର ଅଫିସର ସଞ୍ଜୟ ଚୌଧୁରୀ କମାଣ୍ଡର ଭୂମିକା ନିର୍ବାହ କରିଥିଲେ। ଏହି ଅବସରରେ ଉଚ୍ଚକୋଟୀର ପ୍ରଦର୍ଶନ ନିମନ୍ତେ ଡିଡିଜି କ୍ୟାଡେଟ୍‌ଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ। କମାଣ୍ଡିଂ ଅଫିସର କର୍ନେଲ ଭି. ଭେଙ୍କଟେଶ ବାଟାଲିୟନ ପରିସରରେ ଉପସ୍ଥିତ ରହି ଡିଡିଜିଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ସେ ଡିଡିଜିଙ୍କୁ ବାଟାଲିୟନ ସମ୍ପର୍କରେ ଅବଗତ କରାଇଥିଲେ। ଏଥିରେ କ୍ୟାପ୍‌ଟେନ ସତ୍ୟନାରାୟଣ ରାଉତ, କ୍ୟାପ୍‌ଟେନ ମୀନା ଦାସ ଓ ଲ୍ୟୁଟ୍‌ନାଣ୍ଟ ଆର୍ଯ୍ୟପ୍ରକାଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଭଣଜା ଅସ୍ଥି ବିସର୍ଜନ ପାଇଁ ଯାଇଥିବା ବେଳେ ମାମୁ ଘରୁ ଚୋରି

**ବେଲପାହାଡ଼,୨୫।୭(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ଥାନା ଅନ୍ତର୍ଗତ ନୂଆପଡ଼ାରେ ଚୋରମାନେ ଜଣକ ଘରେ ପଶି ଟଙ୍କା, ସୁନାଗହଣା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିନେଇଛନ୍ତି। ଏ ସଂକ୍ରାନ୍ତରେ ଘର ମାଲିକ ସରୋଜ ମହାନ୍ତି ବୁଧବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ. ୧୨୪/୨୦୧୯) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ ସରୋଜ ଗତ ୧୨ ତାରିଖରେ ତାଙ୍କ ଭଣଜାଙ୍କ ଅସ୍ଥି ବିସର୍ଜନ ପାଇଁ ଆହ୍ଲାବାଦ ଯାଇଥିଲେ। ସେହି ସମୟରେ ଚୋରମାନେ ତାଙ୍କ ଘରେ ପଶି ଲୁଟପାଟ କରିଥିଲେ। ସରୋଜ ଆହ୍ଲାବାଦରୁ ଫେରିବା ପରେ ଘରୁ ୫ ହଜାର ଟଙ୍କା, କିଛି ସୁନାଗହଣା, ଟିଭି ଓ ଗ୍ରାଇଣ୍ଡର ଆଦି ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ମାତ୍ର ସେତେବେଳେ ମା'ଙ୍କ ଦେହ ଗୁରୁତର ଅସୁସ୍ଥ ଥିବାରୁ ଥାନାରେ ଅଭିଯୋଗ କରିପାରି ନ ଥିଲେ ବୋଲି ସରୋଜ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏବେ ପୋଲିସ ଉକ୍ତ ଚୋରି ଘଟଣାର ତଦନ୍ତ ଆରମ୍ଭ କରିଛି। ଖୁବ୍‌ଶୀଘ୍ର ଚୋର ଧରାପଡ଼ିବେ ବୋଲି ପୋଲିସ କହିଛି।

## ପରିବା ହାଟ କମିଟି କର୍ମକର୍ତ୍ତା ନିର୍ବାଚନ

**ରାଉରକେଲା ଅଫିସ,୨୫।୭**

ସେକ୍ଟର-୧୬ ଇସ୍ପାତ ପରିବା ହାଟ କମିଟିର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଛି। ସଭାପତି ରୂପେ ଭକ୍ତ ବିଶୋଇ, ଉପସଭାପତି ରାଜେଶ ପ୍ରସାଦ, ବାବୁଲି ପ୍ରଧାନ, ସଞ୍ଜୟ ବେହେରା, ବାବୁଲା ରାଉତ, ଟୁଲୁ ସେଠୀ, ପ୍ରସନ୍ନ ନାହାକ, ସାଧାରଣ ସମ୍ପାଦକ ଭାବେ ରମେଶ ନାୟକଙ୍କୁ ଚୟନ କରାଯାଇଛି। ସେହିପରି ସହସମ୍ପାଦକ ରୂପେ ପାର୍ଥ ବିଶୋଇ, ଅଶୋକ ବେହେରା, ବାବୁଲି ମସରାମ, ବଳରାମ ପ୍ରସାଦ, ଟୁଲୁ ସାହା, କୋଷାଧ୍ୟକ୍ଷ ରୂପେ ରବୀନ୍ଦ୍ର ପ୍ରସାଦଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଇସ୍ପାତ ସେଣ୍ଟ୍ରାଲ ମାର୍କେଟ ସଭାପତି ଶଙ୍କର ଜେନା ଅତିଥି ଭାବେ ଯୋଗଦେଇ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ।

## ଫାଟକ ଦୁର୍ଗାପୂଜା କମିଟି ପ୍ରସ୍ତୁତି ବୈଠକ

**ବେଲପାହାଡ଼,୨୫।୭(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳସ୍ଥିତ ଫାଟକ ଦୁର୍ଗା ପୂଜା ଓ ରାବଣ ଦହନ କମିଟିର ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଛି। ବୈଠକରେ କମିଟିର ସମସ୍ତ ସଦସ୍ୟ ତଥା କର୍ମକର୍ତ୍ତା ଯୋଗଦେଇ ପୂଜା ଆୟୋଜନ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ କମିଟିର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଶୈଳେଶ ବହିଦାର ସଭାପତି, ଭାସ୍କର ପଟେଲ ଉପସଭାପତି, ପ୍ରଫୁଲ୍ଲ ରଥ ସମ୍ପାଦକ ଓ ବିଜ୍ଞାନ ସ୍ୱାଇଁ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ଏମାନଙ୍କ ବ୍ୟତୀତ ରାଜେଶ ବହିଦାର ସାଂସ୍କୃତିକ ସମ୍ପାଦକ, ପ୍ରକାଶ ସାହୁ ପୂଜା ସମ୍ପାଦକ, ଘେଷରାମ ନାୟକ ରାବଣ ଦହନ ସମ୍ପାଦକ, ପ୍ରଦୀପ ବାନି ଯୁଗ୍ମ ସମ୍ପାଦକ, ତୁଷାରକାନ୍ତି ଘୋଷ ସହ କୋଷାଧ୍ୟକ୍ଷ, ସଚ୍ଚିଦାନନ୍ଦ ଲେଙ୍କା ଓ ଚନ୍ଦ୍ରଭାନୁ ଜୟସ୍ୱାଲ ସହ ସାଂସ୍କୃତିକ ସମ୍ପାଦକ ମନୋନୀତ ହୋଇଛନ୍ତି। ଏହିପରି ଆଗାମୀ ପୂଜା ପାଇଁ ୨୯ ଜଣ ସଦସ୍ୟଙ୍କୁ ବିଭିନ୍ନ ବିଭାଗର ଦାୟିତ୍ୱ ବଣ୍ଟନ କରାଯାଇଛି। ବୈଠକରେ ବରିଷ୍ଠ ସଦସ୍ୟ ଶ୍ୟାମସୁନ୍ଦର ଶତପଥୀ, ସତ୍ୟପ୍ରକାଶ ମହାନ୍ତି, କୈଳାସ ଚନ୍ଦ୍ର ନାୟକ, ରମେଶ ଚନ୍ଦ୍ର ଭୋଳ ଓ ଧର୍ମାନନ୍ଦ ମେହେରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ବସୁଧୈବ କୁଟୁମ୍ବକମ ପକ୍ଷରୁ ଚାରାରୋପଣ ଅଭିଯାନ

**ରାଉରକେଲା ଅଫିସ,୨୫।୭**

ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ବସୁଧୈବ କୁଟୁମ୍ବକମ ପକ୍ଷରୁ ୫ଦିନିଆ ଚାରାରୋପଣ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଛି। ଏଥିରେ ସଂଗଠନ କର୍ମକର୍ତ୍ତା ସହରର ବିଭିନ୍ନ ସ୍ଥାନରେ ଚାରାରୋପଣ କରିଥିଲେ। ସଭାନେତ୍ରୀ ବିଜୟଲକ୍ଷ୍ମୀ ପଟ୍ଟନାୟକ ଓ ସାଧାରଣ ସମ୍ପାଦକ ହରିହର ଶତପଥୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବାସନ୍ତୀ ହାଇସ୍କୁଲ, ରାମକୃଷ୍ଣ ମେମୋରିଆଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ମହେନ୍ଦ୍ର ପଟ୍ଟନାୟକ ମୁଖ୍ୟଅତିଥି, ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ମହାନ୍ତି, କବିତା ରଥ, ସୁବାସ ମହାପାତ୍ର, ପ୍ରଭାକର ସାହୁ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ପର୍ଶୁରାମ ପଣ୍ଡା, ରାଜୀବ ପାଣି, ଉମାକାନ୍ତ ପଣ୍ଡା, ରାଜକିଶୋର ମହାନ୍ତି, କୁଞ୍ଜବିହାରୀ ରାଉତ, ବିଭୂତି ଭୂଷଣ ଦାସ, ରମେଶ ସ୍ୱାଇଁ, ଉର୍ମିଳା ମିଶ୍ର ଅତିଥି ରୂପେ ଯୋଗଦେଇଥିଲେ। ୫ ଦିନ ବ୍ୟାପୀ ଆୟୋଜିତ କାର୍ଯ୍ୟକ୍ରମରେ ୫ଶହରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯାଇଥିଲା।

# ସୁନ୍ଦରଗଡ଼ ବିଧାୟିକାଙ୍କ ପଦକ୍ଷେପକୁ ପ୍ରଶଂସା

**ରାଉରକେଲା ଅଫିସ,୨୫।୭**

ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ଦିଲ୍ଲୀ ଯାଇ ସେଠାରେ ୫ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ରାଜ୍ୟ ତଥା ଜିଲାର ସାମଗ୍ରିକ ବିକାଶ ନେଇ ଆଲୋଚନା କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ। ଏ ନେଇ ରେଳ ଓ ସଡ଼କ ଉପଯୋଗକାରୀ ସଂଘ ପକ୍ଷରୁ ସନ୍ତୋଷ ବ୍ୟକ୍ତ କରାଯାଇଛି। ଏଭଳି ପଦକ୍ଷେପ ଅନ୍ୟମାନଙ୍କ ପାଇଁ ନିଶ୍ଚିତ ରୂପେ ଏକ ପ୍ରେରଣା ବୋଲି ସଂଗଠନ ପକ୍ଷରୁ ସଭାପତି ଦେବେନ୍ଦ୍ର ପତି, ସମ୍ପାଦକ ଅମୂଲ୍ୟ ବରାଳ ଏକ ବିବୃତିରେ ପ୍ରକାଶ କରିଛନ୍ତି। ଜଣେ ମହିଳା ଓ ପ୍ରଥମ କରି ବିଧାୟିକା ଭାବେ ନିର୍ବାଚିତ ହୋଇଥିବା ଟେଟେ ଦିଲ୍ଲୀ ଗସ୍ତରେ ଯାଇ ରାଜ୍ୟ ତଥା ଜିଲାର ସମସ୍ୟା ଉତ୍ଥାପନ କରିବା ପ୍ରଶଂସନୀୟ ପଦକ୍ଷେପ। ଜିଲାରେ ଜଳସେଚନ ସୁବିଧା, ନଦୀବନ୍ଧ ନିର୍ମାଣ, ଖଣି ଅଞ୍ଚଳକୁ ରେଳପଥ ନିର୍ମାଣ, ସ୍ୱାସ୍ଥ୍ୟସେବାର ଉନ୍ନତି, ପାରିପାର୍ଶ୍ୱିକ ଯୋଜନାରେ ସେଲ୍ କର୍ତ୍ତୃପକ୍ଷଙ୍କ ସହଭାଗିତା ନେଇ କୁସୁମଙ୍କ ଆଲୋଚନା ଆଗାମୀ ଦିନରେ ଫଳପ୍ରଦ ହୋଇପାରିବ ବୋଲି ସଂଗଠନ କର୍ମକର୍ତ୍ତା ଆଶା ବ୍ୟକ୍ତ କରିଛନ୍ତି। ଆଗାମୀ ଦିନରେ ଟେଟେ ତାଙ୍କ ଉଦ୍ୟମ ଅବ୍ୟାହତ ରଖିଲେ ଜିଲାବାସୀ ଉପକୃତ ହେବେ ବୋଲି ଏହି ଅବସରରେ ଦୁଇ କର୍ମକର୍ତ୍ତା କହିଛନ୍ତି।

ବକେୟା ଦରମା ଦାବିରେ ଠିକାଶ୍ରମିକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

# ହକ୍ ଦାବିକଲେ ଶ୍ରମିକଙ୍କୁ ଛଟେଇ ଧମକ

**ଝାରସୁଗୁଡ଼ା ଅଫିସ/ଲଖନପୁର, ୨୫।୭(ଡି.ଏନ୍.ଏ.)**

ବକେୟା ଦରମା ପ୍ରଦାନ ଦାବିରେ ଠିକାଶ୍ରମିକମାନେ ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ (ଓପିଜିସି)ର ବନହରପାଲିସ୍ଥିତ ଇବ୍ ଥର୍ମାଲ ପ୍ରକଳ୍ପ ଫାଟକ ସମ୍ମୁଖରେ ଗୁରୁବାର କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। ଫଳରେ ପ୍ରକଳ୍ପ ପରିଚାଳନା କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ପ୍ରକଳ୍ପ କର୍ତ୍ତୃପକ୍ଷ ଓ ଠିକାସଂସ୍ଥା ଅଧିକାରୀ ଫାଟକରେ ପହଞ୍ଚି ଶ୍ରମିକଙ୍କ ସହ ଆଲୋଚନା କରିଥିଲେ। ଅଗଷ୍ଟ ୧୦ ତାରିଖରେ ୨ମାସର ଦରମା ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରଦାନ କରାଯିବାକୁ ଠିକାସଂସ୍ଥା ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏହି ଆଲୋଚନାରେ ଓପିଜିସି ଅଧିକାରୀ ଦିଲୀପ ପଣ୍ଡା, ରମେଶ ପଣ୍ଡା, ଠିକାସଂସ୍ଥା ଅଧିକାରୀ ଅବିନାଶ ମିଶ୍ର, ଶରତ ବେହେରା, ଦିବ୍ୟଲୋଚନ ବାରିକ, ଶଙ୍କର ଜେନା ଓ ପ୍ରଭାସ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

ଇବ୍ ଥର୍ମାଲ ପ୍ରଥମ ଓ ଦ୍ୱିତୀୟ ୟୁନିଟ୍ ସିଏଚ୍‌ପି ପରିଚାଳନା (ମେଣ୍ଟେନାନ୍ସ) ପାଇଁ ତାମିଲିନାଡୁର ଶିବଶକ୍ତି ପାୱାର ସର୍ଭିସ୍ ଲିମିଟେଡ୍ ନାମକ ଠିକାସଂସ୍ଥା ୨୦୧୮ ଜୁନ୍‌ରୁ ନିୟୋଜିତ ହୋଇଛି। ଏହି ଠିକାସଂସ୍ଥାରେ ୨୫୦ରୁ ଊର୍ଦ୍ଧ୍ୱ କୁଶଳୀ ଓ ଅଣକୁଶଳୀ ଶ୍ରମିକ ବିଭିନ୍ନ କାମରେ ନିୟୋଜିତ ହୋଇଛନ୍ତି। ଠିକାସଂସ୍ଥା ଶ୍ରମିକମାନଙ୍କୁ ପ୍ରତିମାସ ୭ ତାରିଖରେ ଦରମା ଦେବା ନିୟମ ରହିଛି। କିନ୍ତୁ ଏଥିରେ ଅବହେଳା କରି ୨/୩ ମାସରେ ଦରମା ପ୍ରଦାନ କରାଯାଉଛି। ଶ୍ରମିକମାନଙ୍କୁ ସରକାରୀ ବର୍ଦ୍ଧିତ ହାରରେ ଦରମା ଦିଆଯାଉ ନାହିଁ। ସଂସ୍ଥା ପକ୍ଷରୁ ଶ୍ରମିକଙ୍କୁ ପେ ସ୍ଲିପ୍ ମଧ୍ୟ ଦିଆଯାଉ ନାହିଁ। ଶ୍ରମିକମାନେ ସିଏଚ୍‌ପିରେ ପାଉଁଶ ଉଡୁଥିବା ସ୍ଥାନରେ କାମ କରୁଛନ୍ତି। ସେମାନଙ୍କ ସ୍ୱାସ୍ଥ୍ୟଗତ ସୁରକ୍ଷା ପାଇଁ ଡଷ୍ଟ ଆଲାଉନ୍ସ ଦେବା ନିୟମ ରହିଛି। ହେଲେ ଠିକାସଂସ୍ଥା ଶ୍ରମିକଙ୍କୁ ଏହା ଦେଉ ନ ଥିବା ଅଭିଯୋଗ ହେଉଛି। ଶ୍ରମିକମାନେ ସେମାନଙ୍କ ହକ୍ ଦାବି କଲେ ସେମାନଙ୍କୁ ଛଟେଇ ଧମକ ଦିଆଯାଉଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ଠିକାସଂସ୍ଥାର ଏପରି ମନମୁଖି କାର୍ଯ୍ୟକୁ ସମ୍ପର୍କରେ ଶ୍ରମିକମାନେ ଦୀର୍ଘଦିନରୁ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କୁ ଜଣାଇ ଆସୁଛନ୍ତି। ହେଲେ ପ୍ରକଳ୍ପ କର୍ତ୍ତୃପକ୍ଷ ଶ୍ରମିକଙ୍କ ସମସ୍ୟା ସମାଧାନ କରୁନାହାନ୍ତି ବୋଲି ଶ୍ରମିକ ମହଲରେ ଅଭିଯୋଗ ହେଉଛି। ଏ ନେଇ ପ୍ରକଳ୍ପ ଅଧିକାରୀ ରମେଶ ପଣ୍ଡା କହିଛନ୍ତି, ଠିକାସଂସ୍ଥାକୁ ବାରମ୍ବାର ତାଗିଦ୍ କରାଯାଉଛି। କିନ୍ତୁ ଠିକାସଂସ୍ଥା ତା'ର କାର୍ଯ୍ୟଶୈଳୀରେ ପରିବର୍ତ୍ତନ କରୁନାହିଁ। ଆଗାମୀ ଦିନରେ ଏପରି ପରିସ୍ଥିତି ଜାରି ରହିଲେ ଠିକାସଂସ୍ଥାର ଟେଣ୍ଡର ବାତିଲ କରାଯିବ ବୋଲି ପଣ୍ଡା କହିଛନ୍ତି।

# ବିର୍ସା ଛକରେ ସିଆଇଟିୟୁର ବିକ୍ଷୋଭ

**ରାଉରକେଲା ଅଫିସ,୨୫।୭**

କେନ୍ଦ୍ର ଭାଜପା ସରକାର ବିରୋଧରେ ଗୁରୁବାର ସିଆଇଟିୟୁ ପକ୍ଷରୁ ବିର୍ସା ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସ୍ୱାଧୀନତା ପରଠୁ ଶ୍ରମିକ ଶ୍ରେଣୀ ନିଜ ସପକ୍ଷରେ ଯେଉଁ ଆଇନ ହାସଲ କରିପାରିଥିଲେ ତାକୁ ମୋଦି ସରକାର ଧ୍ୱସ୍ତ କରିବାକୁ ବସିଛନ୍ତି ବୋଲି ଏଥିରେ ଅଭିଯୋଗ କରାଯାଇଥିଲା। ସଂଖ୍ୟାଗରିଷ୍ଠତା ଯୋଗୁ ଉତ୍‌ଫୁଲ୍ଲିତ ଏହି ସରକାର କେବଳ କର୍ପୋରେଟ ଗୋଷ୍ଠୀଙ୍କ ସ୍ୱାର୍ଥ ଜଗିବାରେ ବ୍ୟସ୍ତ ବୋଲି ଉପସ୍ଥିତ ନେତୃମଣ୍ଡଳୀ ଅଭିଯୋଗ କରିଥିଲେ। ପୁଞ୍ଜିପତି ମାଲିକ ଗୋଷ୍ଠୀଙ୍କୁ ମୁଣ୍ଡରେ ବସାଇଥିବା ମୋଦି ଏବେ ଶ୍ରମିକଙ୍କ ଉପରେ ଦାଉ ସାଧିବାକୁ ବସିଛନ୍ତି। ୪୨ଟି ଶ୍ରମ ଆଇନକୁ ମାତ୍ର ୪ଟି କୋଡ୍‌ରେ ସୀମିତ ରଖି ଶ୍ରମିକଙ୍କୁ ଗୋଲାମ ବନାଇବାକୁ ଉଦ୍ୟମ ଆରମ୍ଭ ହୋଇଛି। ଗତ ୨୩ ତାରିଖରେ ୱେଜ୍ ବିଲ୍ ୨୦୧୯ ଓ ଅକ୍ୟୁପେଶନାଲ ସେଫ୍‌ଟି ହେଲ୍‌ଥ ଆଣ୍ଡ ୱାର୍କିଂ କଣ୍ଡିଶନ ବିଲ୍ ଆଗତ କରିଛନ୍ତି। ଏହା ଦ୍ୱାରା ଶ୍ରମିକଙ୍କ ସ୍ୱାର୍ଥ ଭୂଲୁଣ୍ଠିତ ହେବା ସୁନିଶ୍ଚିତ ବୋଲି ଏଥିରେ ଅଭିଯୋଗ କରାଯାଇଥିଲା। ଶ୍ରମିକଙ୍କ ସୁଖ ସୁବିଧା କାଟି ମାଲିକ ଗୋଷ୍ଠୀକୁ ଖୁସି କରାଇବା ହେଉଛି ଏହାର ମୂଳ ଉଦ୍ଦେଶ୍ୟ। ଏହା ବିରୋଧରେ ସିଆଇଟିୟୁ ସମଗ୍ର ଦେଶରେ ଆନ୍ଦୋଳନ ଡାକରା ଦେଇଛି ବୋଲି କୁହାଯାଇଥିଲା। ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ଼ ଜିଲା ସିଆଇଟିୟୁ ପକ୍ଷରୁ ଅନୁରୂପ ଭାବେ ବିକ୍ଷୋଭ ପ୍ରତିବାଦ କରାଯାଉଛି ବୋଲି ଉପସ୍ଥିତ ଶ୍ରମିକ ନେତା ପ୍ରକାଶ କରିଥିଲେ। ଶ୍ରମିକ ନେତା ବିମାନ ମାଇତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସିଆଇଟିୟୁ ରାଜ୍ୟ ସାଧାରଣ ସମ୍ପାଦକ ତଥା ଏହାର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି ଯୋଗଦେଇ କେନ୍ଦ୍ର ଭାଜପା ସରକାରଙ୍କ ଏଭଳି ଉଦ୍ୟମକୁ ତୀବ୍ର ନିନ୍ଦା କରିଥିଲେ। ଶ୍ରମିକଙ୍କୁ କ୍ରୀତଦାସ ଭଳି ବ୍ୟବହାର କରିବା ଏହି ସରକାରଙ୍କ ମନ୍ଦ ଉଦ୍ଦେଶ୍ୟ ବୋଲି ସେ ଅଭିଯୋଗ କରିଥିଲେ। ଶ୍ରମିକଙ୍କ ଆଇନଗତ ଅଧିକାର ଛଡ଼ାଇ ନେବାକୁ ଅପଚେଷ୍ଟା କରୁଥିବା ଭାଜପା ସରକାର ଏଥିରୁ ନିବୃତ୍ତ ରହିବାକୁ ମହାନ୍ତି ଚେତାବନୀ ଦେଇଥିଲେ। ସରକାରଙ୍କ ଚକ୍ରାନ୍ତ ବିରୋଧରେ ସମସ୍ତ ଗଣ ସଂଗଠନ ଏକଜୁଟ ହୋଇ ଆନ୍ଦୋଳନ କରିବାକୁ ମହାନ୍ତି ଆହ୍ୱାନ ଦେଇଥିଲେ। ଏହି ବିକ୍ଷୋଭରେ ସିଆଇଟିୟୁ ରାଜ୍ୟ ଉପସଭାପତି ଜାହାଙ୍ଗୀର ଅଲ୍ଲି, ବସନ୍ତ ନାୟକ, ବି.ପି. ମହାପାତ୍ର, ସୁରେନ୍ଦ୍ର ଦାସ, ରାଜକିଶୋର ପ୍ରଧାନ, ହୃଦାନନ୍ଦ ଯାଦବ, ଅରିନ୍ଦମ ଦତ୍ତ, ଯଯାତିକେଶରୀ ସାହୁ, କିଶୋର ତନ୍ତୀ, ଲକ୍ଷ୍ମୀଧର ନାୟକ, ପ୍ରଭାତ ମହାନ୍ତି, ବିଶ୍ୱଜିତ ମାଝି, ବିଜୟ ବେହୁରିଆ, ଚନ୍ଦ୍ରଭାନୁ ଦାସ, କାହ୍ନୁ ସୂତାର, ଅଲେଖ ସାହାଣୀ, ସୁଶାନ୍ତ ବେହେରା, ପ୍ରକାଶ ପ୍ରଧାନ ଓ ପ୍ରଦୀପ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।




କେନ୍ଦ୍ର ସରକାରଙ୍କ ଶ୍ରମ ଆଇନ ସଂଶୋଧନ ବିରୋଧରେ ସିଆଇଟିୟୁ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।



ଯାହା ହୁଏତ କେବେ ଘଟିବ ନାହିଁ, ତାହା ପାଇଁ ଉଦ୍‌ବେଗ ଭିତରେ ରହିବା ଦ୍ୱାରା ବହୁ ଶକ୍ତିର ଅପଚୟ ହୋଇଥାଏ।
- ଫ୍ରାଙ୍କ୍‌ଲିନ



## ସଂକ୍ଷେପରେ



### ଦୁର୍ଘଟଣାରେ ଟ୍ରେଲର ଚାଳକଙ୍କ ମୃତ୍ୟୁ

ବଡଗାଁ, ୨୫।୭ (ଡି.ଏନ.ଏ)- ସୁନ୍ଦରଗଡ଼ ଜିଲା ବଡଗାଁ ବ୍ଲକ ଅଫିସ ସମ୍ମୁଖରେ ବୁଧବାର ରାତି ୨ଟା ୪୦ରେ ଭାରିଯାନ ପଛପଟେ ଟ୍ରେଲର ଧକ୍କା ଦେଇଛି। ଫଳରେ ଚାଳକ ପଞ୍ଜାବ ରାଜ୍ୟର ନୁରମହଲ ଥାନା ଅଧିନ ବୋନ୍ଦାଲା ଗ୍ରାମର ସୋମନାଥ (୪୫)ଙ୍କ ମୃତ୍ୟୁ ହୋଇଛି । ସୂଚନାନୁଯାୟୀ, କୌଣସି ଭାରିଯାନ ସମ୍ଭବତଃ ବ୍ଲକ ଅଫିସ ପାର୍ଶ୍ୱ ଚା ଦୋକାନରେ ଅଟକାଇବା ପାଇଁ ବ୍ରେକ ଦେବାରୁ ପଛପଟେ ଆସୁଥିବା ଟ୍ରେଲର (ସିଜି ୧୩ ପିଏ- ୫୪୧୧) ଧକ୍କା ଦେଇଥିଲା କିମ୍ବା ନିଦ ଲାଗିବାରୁ ଚାଳକ ସମ୍ମୁଖରେ ଯାଉଥିବା ଯାନର ଗତି ଆକଳନ କରିନପାରି ଧକ୍କା ଦେଇଥିବା ଅନୁମାନ କରାଯାଇଛି । ଦୁର୍ଘଟଣା ପରେ ଗାଡି ଭିତରେ ଚାପି ହୋଇଥିବା ଚାଳକଙ୍କୁ ସ୍ଥାନୀୟ ଯୁବକମାନେ ଉଦ୍ଧାର କରି ବଡଗାଁ ଡାକ୍ତରଖାନା ନେଇଥିଲେ । ସେଠାରୁ ୧୦୮ ଆମ୍ବୁଲାନ୍ସରେ ସୁନ୍ଦରଗଡ ନେଲାବେଳେ କରମଡିହି ନିକଟରେ ତାଙ୍କର ମୃତ୍ୟୁ ହୋଇଥିଲା ।

### ଗୁହାଳ ଉପରେ ବଜ୍ରପାତ, ମଈଁଷି ମୃତ

ବିଶ୍ରା, ୨୫।୭ (ଡି.ଏନ.ଏ) ବିଶ୍ରା ଥାନା ଅନ୍ତର୍ଗତ ବୁଦେଲଯୋର ଗ୍ରାମର ବୁଧୁରାମ ଲାକଡାର ଗାଈ ଗୁହାଳରେ ବୁଧବାର ସନ୍ଧ୍ୟା ୮ଟାରେ ବର୍ଷା ହେଉଥିବା ସମୟରେ ହଠାତ ବଜ୍ରପାତ ହୋଇଥିଲା । ଫଳରେ ଏକ ମଈଁଷି ଘଟଣା ସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଏ ବାବଦରେ ଗୁରୁବାର ସକାଳେ ବିଶ୍ରା ରାଜସ୍ୱ ନିରୀକ୍ଷକ (ଆର୍‌ଆଇ)ଙ୍କୁ ଜଣେଇବାରୁ ଘଟଣା ସ୍ଥଳକୁ ଯାଇ ଦେଖିଥିଲେ ଏବଂ ପ୍ରାଣୀ ଚିକିତ୍ସକଙ୍କୁ ଖବର ଦେଇଥିଲେ। ସରକାରଙ୍କ ଯୋଜନା ଅନୁଯାୟୀ କ୍ଷତିପୂରଣ ମିଳିବ ବୋଲି ଆର୍‌ଆଇ କହିଥିଲେ ।

# ଆବଶ୍ୟକଠାରୁ ୮୦ ପ୍ରତିଶତ କମ୍ ବର୍ଷା

ନୂଆଗାଁ, ୨୫।୭ (ଡି.ଏନ.ଏ.)



ନୂଆଗାଁର ଏକ ଜମିରେ ଚାଷୀମାନେ ମରିଯାଇଥିବା ଗଛ ଦେଖୁଛନ୍ତି।

- ଶ୍ରାବଣ ମାସରେ ଜମି ଫାଟି ଆଁ
- ଶହଶହ ଏକର ଜମି ପଡିଆ ପଡ଼ିଛି
- ସପ୍ତାହେ ମଧରେ ବର୍ଷା ନ ହେଲେ ସ୍ଥିତି ଭୟଙ୍କର

ଶ୍ରାବଣରେ ବର୍ଷା ନାହିଁ। ଚାଷ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍‌। ଚାଷୀଙ୍କୁ କେବଳ ଭଗବାନ ଭରଷା କହିଲେ କିଛି ଅତ୍ୟୁକ୍ତି ହେବନାହିଁ। ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକରେ ଆବଶ୍ୟକତା ଠାରୁ ୮୦ ପ୍ରତିଶତ କମ୍ ବର୍ଷା ହୋଇଛି। ଫଳରେ ପରିସ୍ଥିତି ଖରାପ ହୋଇଛି। ବିଭିନ୍ନ ସ୍ଥାନରେ ଜମି ଫାଟି ଆଁ କରିଛି।

ଶସ୍ୟଠାରୁ ଆରମ୍ଭ କରି ବିଭିନ୍ନ ପନିପରିବା ଉତ୍ପାଦନ ଓ ରପ୍ତାନି କ୍ଷେତ୍ରରେ ନୂଆଗାଁ ବ୍ଲକ ଜିଲାର ଅନ୍ୟ ବ୍ଲକଠାରୁ ପାଦେ ଆଗରେ। ପନିପରିବା ଚାଷ କରି ନିଜ ପରିବାରର ଆର୍ଥିକ ସ୍ଥିତି ସୁଧାରିବାରେ ବେଶ ସହାୟକ ହୋଇ ପାରିଥିବା ନୂଆଗାଁ ବ୍ଲକ ଚାଷୀ ଧାନ ଚାଷ କରି ସେଥିରୁ ବର୍ଷ ସାରା ଚାଉଳ ପାଇଥାଏ। ଏଭଳି ପରିସ୍ଥିତିରେ ବର୍ତ୍ତମାନ ବର୍ଷାର ଅଭାବ ଚାଷୀମାନଙ୍କୁ ଚିନ୍ତାରେ ପକାଇ ଦେଇଛି। ଯେଉଁ କେତେକ ଜମିରେ ଧାନ ବୁଣାଯାଇଛି ସେଥିରୁ ଗଜା ବାହାରିଛି ସତ ହେଲେ ବର୍ଷା ଅଭାବ ଯୋଗୁ ଗଜାଗୁଡିକ ଝାଉଁଳି ମରିବା ଆରମ୍ଭ ହେଲାଣି। ଆଉ ଏକ ସପ୍ତାହ ବର୍ଷା ନହେଲେ ପରିସ୍ଥିତି ଭୟଙ୍କର ହେବ ବୋଲି ନୂଆଗାଁ ବ୍ଲକ ସହକାରୀ କୃଷି ଅଧିକାରୀ ପୃଥ୍ୱିରାଜ ମଣ୍ଡଳ ପ୍ରକାଶ କରିଛନ୍ତି।

ନୂଆଗାଁ ବ୍ଲକ କୃଷି ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ ଚଳିତ ଖରିଫ ଫସଲ ପାଇଁ ୨୧,୨୬୨ ହେକ୍ଟର ଜମିରେ ଧାନ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ହେଲେ ଏପର୍ଯ୍ୟନ୍ତ ୧୬,୮୨୮ ହେକ୍ଟର ଜମିରେ ଧାନବୁଣା, ୧୧୦ ହେକ୍ଟର ଜମିରେ ଧାନ ରୁଆ ଯାଇଛି। ଯେଉଁ ୧୧୦ ହେକ୍ଟର ଜମିରେ ଧାନ ରୁଆ ଯାଉଛି ସେହି ଜମିରେ ଜଳସେଚନ କରି ରୁଆ କରାଯାଇଥିବା କୁହାଯାଉଛି। ସେହିଭଳି ଅଣଧାନ ଫସଲ ୬୨୧୮ ହେକ୍ଟର ଜମିରେ ବୁଣାଯିବା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏପର୍ଯ୍ୟନ୍ତ ମାତ୍ର ୨୬୮୪ ହେକ୍ଟର ଜମିରେ କରାଯାଇଥିବା ବିଭାଗୀୟ ଅଧିକାରୀ ପ୍ରକାଶ କରିଛନ୍ତି। ତେବେ ଏଭଳି ପରିସ୍ଥିତି ପାଇଁ ସ୍ୱଳ୍ପ ବୃଷ୍ଟିପାତ ହିଁ ମୁଖ୍ୟ କାରଣ। ମିଳିଥିବା ସୂଚନା ମୁତାବକ ଜୁନ ଓ ଜୁଲାଇ ଶେଷ ସୁଦ୍ଧା ୬୨୩.୮ ମିମି ବର୍ଷା ହେବା କଥା। ଏପର୍ଯ୍ୟନ୍ତ ମାତ୍ର ୧୦୦.୩ ମିମି ବର୍ଷା ହୋଇଛି। ଯାହା ଆବଶ୍ୟକଠାରୁ ୮୦ ପ୍ରତିଶତ କମ୍ ବୋଲି କୁହାଯାଉଛି। ଏଥିରୁ ଅନୁମାନ କରାଯାଇପାରେ ନୂଆଗାଁ ବ୍ଲକରେ ଚାଷ କାର୍ଯ୍ୟକୁ ନେଇ ପରିସ୍ଥିତି କିଭଳି ଉଦ୍‌ବେଗଜନକ ରହିଛି। ହଜାର ହଜାର ଚାଷୀ ବ୍ୟାଙ୍କ, ଲ୍ୟାମ୍ପ୍ସରୁ ଋଣ ନେଇ ଚାଷ କାର୍ଯ୍ୟ କରିଛନ୍ତି। ଏପରିକି ଯେଉଁମାନଙ୍କୁ ବ୍ୟାଙ୍କ କିମ୍ବା ଲ୍ୟାମ୍ପ୍ସ ଋଣ ଦେଇ ନାହିଁ ସେମାନେ ନିଜ ଗୃହପାଳିତ ଛେଳି, ଘୁଷୁରୀ, କୁକୁଡା ଆଦି ବିକ୍ରି କରି ସାର, ଔଷଧ, ବିହନ ଆଦି କ୍ରୟ କରିଥିବା ଜଣାପଡିଛି। କ୍ଷୁଦ୍ର ଚାଷୀମାନେ ମଧ୍ୟ ହଜାର ହଜାର ଟଙ୍କା ଋଣ କରି ଚାଷ କାର୍ଯ୍ୟରେ ବିନିଯୋଗ କରିଛନ୍ତି। ହେଲେ ସ୍ୱଳ୍ପ ବୃଷ୍ଟିପାତ ସେମାନଙ୍କ ଆଖିରୁ ନିଦ ହଜାଇ ଦେଇଛି। ଗୋଟିଏ ପଟେ ଋଣ ଭାର ଅନ୍ୟପଟେ ଆସନ୍ନ ମରୁଡି ଚିନ୍ତା ଚାଷୀଙ୍କୁ ଚିନ୍ତିତ କରିଛି। ଏଭଳି ପରିସ୍ଥିତିରେ ସରକାର କଣ ପଦକ୍ଷେପ ନେବେ ତାହା ସ୍ପଷ୍ଟ କରିବା ସହ ନୂଆଗାଁ ବ୍ଲକକୁ ମରୁଡି ବ୍ଲକ ଭାବେ ଘୋଷଣା କରିବାକୁ କୃଷକ ମହଲରେ ଦାବି ହେଉଛି। କୃଷକମାନଙ୍କ କହିବା କଥା ହେଲା ଶ୍ରାବଣ ମାସ ୮ ଦିନ ଗଲାଣି ଜମିରେ ରୁଆ ପାଇଁ ପହ୍ଲା (ଧାନତଳି) ପକାଯାଇ ନାହିଁ। ସେହିଭଳି ଯେଉଁ ଜମିରେ ଧାନ ବୁଣା ହୋଇଛି ବର୍ଷା ଅଭାବରୁ ସେହି ଜମିର ଗଛଗୁଡିକ ହଳଦିଆ ଦେଖାଯାଉଛି। ବିଭିନ୍ନ ଚାଷୀଙ୍କ ମୁହଁରୁ ଗୋଟିଏ କଥା ନୂଆଗାଁ ବ୍ଲକରେ ୮୦ ପ୍ରତିଶତ ଲୋକେ ଚାଷ ଉପରେ ନିର୍ଭର କରୁଥିବାବେଳେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ସମସ୍ତେ କ୍ଷତିଗ୍ରସ୍ତ। ତେଣୁ ବ୍ଲକକୁ ଶୀଘ୍ର ମରୁଡି ଘୋଷଣା କରାଯାଉ।

## ରାତିରେ ଘରେ ପଶି ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ

ଲହୁଣୀପଡା, ୨୫।୭ (ଡି.ଏନ.ଏ)

ଲହୁଣୀପଡା ଥାନା ଅନ୍ତର୍ଗତ ମୁଖ୍ୟ ବଜାରରେ ଜଣଙ୍କ ଘରେ ବିଳମ୍ବିତ ରାତିରେ ପଶି ଦମ୍ପତିଙ୍କୁ ଧାରୁଆ ଅସ୍ତ୍ରରେ ଅତିନୃଶଂସ ଭାବେ ରକ୍ତାକ୍ତ ଆକ୍ରମଣ କରାଯାଇଥିବା ଲହୁଣୀପଡା ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ବିଳମ୍ବିତ ରାତିରେ ଘଟଣା ସ୍ଥଳରେ ପହଞ୍ଚି ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ଲହୁଣୀପଡା ଡାକ୍ତରଖାନାକୁ ପଠାଇଥିଲେ। ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଗୁରୁବାର ସକାଳେ ରାଉରକେଲା ସ୍ଥାନାନ୍ତର କରାଯାଇଛି। ଲହୁଣୀପଡା ମୁଖ୍ୟ ବଜାରରେ ନିଜ ଘରେ ରାଜକୁମାର ଜୟସ୍ୱାଲ ଓ ତାଙ୍କ ସ୍ତ୍ରୀ ଚଞ୍ଚଳା ନାଏକ ତାଙ୍କର ଶିଶୁ କନ୍ୟା ରହନ୍ତି । ବୁଧବାର ବିଳମ୍ବିତ ରାତିରେ ତାଙ୍କ ଘରେ ପଶି କେହି ଅଜଣା ଦୁର୍ବୃତ୍ତ ଧାରୁଆ ଅସ୍ତ୍ରରେ ରାଜକୁମାର ଜୟସ୍ୱାଲ ଓ ତାର ସ୍ତ୍ରୀ ଚଞ୍ଚଳା ନାଏକକୁ ମୁଣ୍ଡରେ ଏବଂ ଶରୀରର ବିଭିନ୍ନ ସ୍ଥାନରେ ରକ୍ତାକ୍ତ ଆକ୍ରମଣ କରିଥିଲେ। ଫଳରେ ଘର ଭିତରୁ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଲହୁଣୀପଡା ଥାନାକୁ ଖବର ଦେଇଥିଲେ। ଖବରପାଇ ଲହୁଣୀପଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦମ୍ପତିଙ୍କୁ ମୂମୂର୍ଷୁ ଅବସ୍ଥାରେ ଉଦ୍ଧାର କରିଥିଲେ। ଏ ସମ୍ପର୍କରେ ରାଜକୁମାର ଜୟସ୍ୱାଲଙ୍କ ଶଳା କୁନା ନାଏକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସମ୍ପତ୍ତି ଭାଗ ବଣ୍ଟାକୁ କେନ୍ଦ୍ରକରି ଏହା ଘଟିଛି ବୋଲି ଏତଲାରେ ଉଲ୍ଲେଖ କରିଛନ୍ତି।

# ଡିଏଭି ସ୍କୁଲରେ ଶିଶୁପତ୍ରିକା ପକ୍ଷରୁ ବନ ମହୋତ୍ସବ

ଟେନ୍‌ସା, ୨୫।୭ (ଡି.ଏନ.ଏ)



ଶୁଆଶାରୀ ପକ୍ଷରୁ ବନମହୋତ୍ସବ କାର୍ଯ୍ୟକ୍ରମ।

ଟେନସାରୁ ପ୍ରକାଶ ପାଉଥିବା ତ୍ରୈମାସିକ ଶିଶୁ ପତ୍ରିକା ଶୁଆଶାରୀ ପକ୍ଷରୁ ବନମହୋତ୍ସବ କାର୍ଯ୍ୟକ୍ରମ ଟେନସା ଡିଏଭି ପବ୍ଲିକ ସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି। ଶୁଆଶାରୀ ପତ୍ରିକାର ସମ୍ପାଦକ ସମୀର କୁମାର ପାଢ଼ୀଙ୍କ ନେତୃତ୍ୱରେ ବନ ମହୋତ୍ସବ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ବଣାଇଁ ବନଖଣ୍ଡ ଅଧିକାରୀ ସୁଧାଂଶୁ ଶେଖର ଖୋରା ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଜିନ୍ଦଲ ଖଣିର ୟୁନିଟ ହେଡ ପ୍ରମୋଦ କୁମାର ପାତ୍ର, ବରସୁଆଁ ଲୌହ ଖଣିର ମହାପ୍ରବନ୍ଧକ ଏ.କେ ସିହ୍ନା, ଏଏମଟିସି ପ୍ରବନ୍ଧକ ଛତିଶ ମହାନ୍ତି, ଜିନ୍ଦଲ ଖଣିର ଲଜିଷ୍ଟିକ ମ୍ୟାନେଜର ସରୋଜ କୁମାର ବିଶ୍ୱାଳ, ରଜନିଶ ଚର୍ତୁବେଦୀ, ଶିଶୁ ପତ୍ରିକା ଶୁଆ ଶାରୀ ପରିଚାଳନା ନିର୍ଦ୍ଦେଶିକା ପୁଷ୍ପିତା ଉପସ୍ଥିତ ଥିଲେ।

## ଅଚିହ୍ନା ଯୁବତୀଙ୍କ ମୃତଦେହ ଉଦ୍ଧାର

ଲହୁଣୀପଡା, ୨୫।୭ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ କୁଡେଇକଲା ପଞ୍ଚାୟତ ଦଲମକୁଚା ରାସ୍ତା କଡରୁ ଗୁରୁବାର ଜଣେ ଅଚିହ୍ନା ଯୁବତୀଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଲହୁଣୀପଡା-ବରସୁଆଁ ରାସ୍ତାର ଦଲମକୁଚା ପ୍ରଥମ ଘାଟିରେ ଏହି ଯୁବତୀଙ୍କ ମୃତଦେହ ପଡିଥିବା ଲୋକମାନେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚିଥିଲା। ଯୁବତୀଙ୍କ ବୟସ ପ୍ରାୟ ୨୦ ରୁ ୨୫ ବର୍ଷ ମଧ୍ୟରେ ହେବ ବୋଲି ପୋଲିସ ଅନୁମାନ କରୁଛି। ଯୁବତୀ ଜଣକ କେବଳ ନାଲି ଅନ୍ତର୍ବସ୍ତ୍ର ପିନ୍ଧିଥିବା ବେଳେ ଅନ୍ୟ କୌଣସି କପଡା ଦେହରେ ନଥିବା ଦେଖିବାକୁ ମିଳିଛି। ଯୁବତୀକୁ ଅନ୍ୟ କେଉଁ ସ୍ଥାନରେ କିଛି ଅଘଟଣ ଘଟାଇ ଗାଡିରେ ଆଣି ଏଠାରେ ଫୋପାଡି ଦେଇ ଚାଲି ଯାଇଥିବା ଅନୁମାନ କରାଯାଉଛି। ମାଜିଷ୍ଟ୍ରେଟ ଭାବେ ଲହୁଣୀପଡା ବିଡିଓ ଧାନାଇଚରଣ ଟୁଡୁଙ୍କ ଉପସ୍ଥିତିରେ ମୃତଦେହ ଉଦ୍ଧାର କରି ଲହୁଣୀପଡା ଡାକ୍ତରଖାନାରେ ରଖାଯାଇଛି। ଶୁକ୍ରବାର ବ୍ୟବଚ୍ଛେଦ କରାଯିବ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ ମେଳା

ଲେଫ୍ରିପଡ଼ା/କୁଆଁରମୁଣ୍ଡା, ୨୫।୭ (ଡି.ଏନ.ଏ.)




ଲେଫ୍ରିପଡ଼ାରେ ଅତିଥି ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରୁଛନ୍ତି।

ଲେଫ୍ରିପଡ଼ା ବ୍ଲକ ଅନ୍ତର୍ଗତ ଝୁରିମାଲ ପଞ୍ଚାୟତଠାରେ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ର କାର୍ଯ୍ୟାଦେଶ ବଣ୍ଟନ ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା କାମିନୀ କାଲୋ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଝୁରିମାଲ ପଞ୍ଚାୟତର ସରପଞ୍ଚ ସରସ୍ୱତୀ କୁମୁରା, ନାଏବ ସରପଞ୍ଚ ବିଶ୍ୱନାଥ ଭିତ୍ରିଆ, ୱାର୍ଡ଼ ସଭ୍ୟ ସୁରେଶଚନ୍ଦ୍ର ପଟେଲ ପ୍ରମୁଖ ଉପସ୍ଥିତ ରହିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଲ୍ଲବୀ ରାଣୀ ରାଜ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟକାରିତା ଉପରେ ସେ ଆଲୋକପାତ କରିଥିଲେ। ଶେଷରେ ଅତିଥିଙ୍କ ଦ୍ୱାରା ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ରୀତା ବେହେରା ପରିଚାଳନା କରିଥିଲେ।

ସେହିପରି ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ ଗୁରୁବାର କୁଆଁରମୁଣ୍ଡା ବ୍ଲକର ପଦ୍ମପୁର ପଞ୍ଚାୟତରେ ଆୟୋଜିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) କାର୍ଯ୍ୟାଦେଶ ବଣ୍ଟନ ମେଳାରେ ଯୋଗ ଦେଇ ଯୋଗ୍ୟ ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ ପତ୍ର ବଣ୍ଟନ କରିଛନ୍ତି। ଏହି ମେଳାରେ ପଦ୍ମପୁର ପଞ୍ଚାୟତ ସହ କୁଆଁରମୁଣ୍ଡା ଓ ଡୁମେରଯୋର ପଞ୍ଚାୟତର ଯୋଗ୍ୟ ହିତାଧିକାରୀ ଉପସ୍ଥିତ ରହି କାର୍ଯ୍ୟାଦେଶପତ୍ର ଗ୍ରହଣ କରିଛନ୍ତି। ମିଳିଥିବା ସୂଚନାନୁସାରେ, କୁଆଁରମୁଣ୍ଡା ପଞ୍ଚାୟତର ୨୭, ପଦ୍ମପୁର ପଞ୍ଚାୟତର ୨୬ ଓ ଡୁମେରଯୋର ପଞ୍ଚାୟତର ୨୫ ଜଣଙ୍କୁ ବିଧାୟକ ଓରାମ ଏହି ମେଳାରେ କାର୍ଯ୍ୟାଦେଶପତ୍ର ବଣ୍ଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କୁଆଁରମୁଣ୍ଡା ସରପଞ୍ଚ ସୁଷମାକାନ୍ତି କିଣ୍ଡୋ, ପଦ୍ମପୁର ପଞ୍ଚାୟତ ସରପଞ୍ଚ ବିଜୟଲକ୍ଷ୍ମୀ କାଲୋ ଓ ଡୁମେରଯୋର ସରପଞ୍ଚ ସୁକରାମ ଓରାମ, କୁଆଁରମୁଣ୍ଡା ବିଡିଓ ପିୟୁଷ ଲୋହାର, ଏବିଡିଓ ଭବାନୀଶଙ୍କର ପାଢୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟାଦେଶ ବଣ୍ଟନ ମେଳା ପଦ୍ମପୁର ପିଇଓ ଦେବବ୍ରତ ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। କନିଷ୍ଠ ଯନ୍ତ୍ରୀ ଓ ଅନ୍ୟମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୂଚାରୁରୂପେ ସଞ୍ଚାଳନ କରିଥିଲେ।

ଜଙ୍ଗଲ ଭିତରୁ ଗଳିତ ମୃତଦେହ ଉଦ୍ଧାର ଘଟଣା

## ହତ୍ୟା ରହସ୍ୟ ଉନ୍ମୋଚିତ: ଯୁବକ ଗିରଫ

ଟେନ୍‌ସା, ୨୫।୭ (ଡି.ଏନ.ଏ.)



ଗିରଫ ଅଭିଯୁକ୍ତ ସନାରାମ।

କୋଇଡା ଥାନା ଅନ୍ତର୍ଗତ ପାଟମୁଣ୍ଡା ପଞ୍ଚାୟତର ଚକଧର ଜଙ୍ଗଲରୁ ଗଳିତ ମୃତଦେହ ଉଦ୍ଧାର ଘଟଣାର ରହସ୍ୟ ଉନ୍ମୋଚିତ ହୋଇଛି। ଏହା ଏକ ହତ୍ୟାକାଣ୍ଡ ଓ ଏଥିରେ ସମ୍ପୃକ୍ତ ଯୁବକ ସନାରାମ ମୁଣ୍ଡା (ବିଶ୍ଚୁ)ଙ୍କୁ ପୋଲିସ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ମୃତକ ହେଲେ ଶତ୍ରୁଘନ ମୁଣ୍ଡା। ଶତ୍ରୁଘନଙ୍କ ମସ୍ତିଷ୍କ ବିକୃତ ଥିବା ବେଳେ ସମୟେ ସମୟେ ଗାଁରେ ଛୋଟ ବଡ ଚୋରି କରୁଥିଲେ। ତା ସହିତ ମହିଳାମାନଙ୍କୁ ଦେଖିଲେ ଖରାପ ଇଙ୍ଗିତ କରିବାକୁ ପଛାଉ ନ ଥିଲେ। ସନାରାମ ଯେତେବେଳେ ଘରେ ନ ଥିଲେ, ସେହି ସମୟରେ ସୁଯୋଗ ନେଇ ଶତ୍ରୁଘନ ତାଙ୍କ ଘରେ ପଶିଯାଇ ମହିଳାମାନଙ୍କୁ ଦୁର୍ବ୍ୟବହାର କରିଥିଲେ। କିଛି ଜିନିଷ ମଧ ଚୋରି କରିଥିଲେ। ସେହି ରାଗରେ ଉତ୍ତ୍ୟକ୍ତ ହୋଇ ସନାରାମ ୪/୫ଦିନ ତଳେ ଶତ୍ରୁଘନଙ୍କୁ ଛତୁ ତୋଳିବା ବାହାନାରେ ଜଙ୍ଗଲକୁ ଡ଼ାକି ନେଇଯାଇଥିଲେ। ଜଙ୍ଗଲରେ ଟାଙ୍ଗିଆରେ ହାଣି ପକାଇ ଦେଇଥିଲେ। ପୋଲିସ ମୃତଦେହ ଉଦ୍ଧାର କରି ତଦନ୍ତ ଚଳାଇଥିଲା। ସନ୍ଦେହରେ ସନାରାମଙ୍କୁ ଡ଼ାକି ପଚରାଉଚରା କରିବାରୁ ସେ ହତ୍ୟା କରିଥିବା ପୋଲିସ ପାଖରେ ସ୍ୱୀକାର କରିଥିଲେ।

## ଏନ୍‌ଡିଆର୍‌ଏଫ୍‌ର ସଚେତନତା କର୍ମଶାଳା

ବାଲିଶଙ୍କରା, ୨୫।୭ (ଡି.ଏନ.ଏ)




ଏନ୍‌ଡିଆର୍‌ଏଫ୍ କର୍ମଚାରୀ ଛାତ୍ରୀଙ୍କୁ ବୁଝାଉଛନ୍ତି।

ବାଲିଶଙ୍କରା ସରକାରୀ ଯୁକ୍ତ ୨ ବିଜ୍ଞାନ ମହାବିଦ୍ୟାଳୟରେ ଏନ୍‌ଡିଆର୍‌ଏଫ୍ ପକ୍ଷରୁ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନେଇ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଲକ୍ଷ୍ମୀଧର ପୃଷେଠ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏନ୍‌ଡିଆର୍‌ଏଫ୍ ଇନ୍ସପେକ୍ଟର ସୁନୀଲ ଶାନ୍ତି ଓ ସବଇନ୍ସପେକ୍ଟର ପି.କେ ବେହେରା ପ୍ରଶିକ୍ଷଣ ଦେଇଥିଲେ। ଏନ୍‌ଡିଆର୍‌ଏଫ୍ ସଦସ୍ୟ ଭୋଳାନାଥ ସେଠ, ପିଆର ବାରିକ, ସଂଯୁକ୍ତା ଦଣ୍ଡସେନା ପ୍ରାକୃତିକ ବିପର୍ଯ୍ୟୟ ଓ ମନୁଷ୍ୟକୃତ ବିପର୍ଯ୍ୟୟ ସମୟରେ ଜରୁରୀକାଳୀନ ପ୍ରାଥମିକ ସେବା ତଥା ଆଶୁ ଚିକିତ୍ସା କିପରି କରାଯାଇପାରିବ ସେ ସମ୍ପର୍କରେ କୌଶଳ ପ୍ରଦର୍ଶନ କରିଥିଲେ। ଏହି ତାଲିମ ଶିବିରରେ କଲେଜର ଅଧାପକ ବିମଳ ନାଏକ, ଡ. ଏମ.ପି ସାହୁ, ସନ୍ତୋଷ କୁମାର ସ୍ୱାଇଁ, ମଞ୍ଜୁଲତା ପଟେଲ, ଆର.ଆର୍ ବାରିକ, କପିଳ ହରିଜନ ପ୍ରମୁଖ ଉପସ୍ଥିତ ଥିଲେ।

# ଛାତ୍ରାବାସ ନ ଥିବାରୁ ଛାତ୍ରୀଛାତ୍ର ହନ୍ତସନ୍ତ

ଲେଫ୍ରିପଡା,୨୫।୭(ଡି.ଏନ.ଏ)

**ଲେଫ୍ରିପଡ଼ା ଆଦର୍ଶ ବିଦ୍ୟାଳୟ**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ୍‌ର ଆଦର୍ଶ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କ ପାଇଁ ଛାତ୍ରାବାସ ସୁବିଧା ନାହିଁ। ଫଳରେ ଛାତ୍ରୀଛାତ୍ର ଏବଂ ଅଭିଭାବକ ହଇରାଣ ହେଉଥିବା ଅଭିଯୋଗ ହୋଇଛି। ଏହି ଆଦର୍ଶ ବିଦ୍ୟାଳୟ ଚଳିତ ଶିକ୍ଷା ବର୍ଷରୁ ଆରମ୍ଭ ହୋଇଥିବା ବେଳେ ଲେଫ୍ରିପଡା ବାଳିକା ଉଚ୍ଚ ବିଦ୍ୟାଳୟର ଏକ କୋଠରୀରେ ଅସ୍ଥାୟୀ ଭାବେ ଅବସ୍ଥାପିତ କରାଯାଇ ପଠନ ପ୍ରକ୍ରିୟା ଚାଲୁ ରହିଛି। ବିଦ୍ୟାଳୟରେ ପ୍ରଶାସନ ତରଫରୁ ମୋଟ୍ ୭୮ ଛାତ୍ରୀଛାତ୍ରଙ୍କୁ ପ୍ରବେଶ କରାଯାଇଥିଲା। ପ୍ରତିଦିନ ଛାତ୍ରୀଛାତ୍ରଙ୍କୁ ଅଭିଭାବକମାନେ ନେବା ଆଣିବା କରୁଛନ୍ତି। ଏଭଳି ହଇରାଣ ପାଇଁ ବର୍ତ୍ତମାନ ଆଠଜଣ ଛାତ୍ରୀଛାତ୍ର ସାର୍ଟିଫିକେଟ୍ ନେଇ ପଳାଇ ଯାଇଥିବା ଜଣାପଡିଛି। ଲେଫ୍ରିପଡା ବ୍ଲକ୍ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ଉପାନ୍ତ ଅଞ୍ଚଳ ମଶାବିରା, ହୁର୍ମେଇ ବନ୍ଦଲିକାନୀ, ରାଜବାହଲ ଇତ୍ୟାଦି ବିଭିନ୍ନ ଗ୍ରାମରୁ ପ୍ରତିଦିନ ଛାତ୍ରୀଛାତ୍ରଙ୍କୁ ନେବା ଆଣିବା ସମ୍ଭବ ହେଉ ନ ଥିବାବେଳେ ଘୋର ଚିନ୍ତାରେ ଅଭିଭାବକ ରହିଛନ୍ତି। ଛାତ୍ରୀଛାତ୍ର ଚାଷୀ ପରିବାରର ଅନ୍ତର୍ଭୁକ୍ତ ହୋଇଥିବା ବେଳେ ଅଭିଭାବକମାନେ ପ୍ରତିଦିନ ନେବା ଆଣିବା ପାଇଁ ଆର୍ଥିକ ସମ୍ବଳ କ୍ଷେତ୍ରରେ ଅତ୍ୟନ୍ତ କଷ୍ଟକର ହେଉଥିବା କହିଛନ୍ତି। ଅଭିଭାବକମାନେ ଛାତ୍ରାବାସର ସୁବିଧା କରାଯିବା ପାଇଁ ପୂର୍ବରୁ ସୁନ୍ଦରଗଡ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ଅଭିଯୋଗ ବହୁ ଦିନ ଧରି ବିତି ଯାଇଥିଲେ ମଧ୍ୟ କୌଣସି ସୁବିଧା ନ ହେବାରୁ ବର୍ତ୍ତମାନ ସୁନ୍ଦରଗଡରେ ଯୋଗଦେଇଥିବା ନୂତନ ଜିଲାପାଳଙ୍କୁ ମଧ୍ୟ ଛାତ୍ରାବାସ ସମସ୍ୟା ନେଇ ଅଭିଯୋଗ କରାଯାଇଛି। ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ଯାଉ ନ ଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଅନ୍ୟପକ୍ଷରେ ଆଦର୍ଶ ବିଦ୍ୟାଳୟ ପାଇଁ ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ଛଟେନପାଲିଠାରେ କୋଠା ନିର୍ମାଣ ଚାଲିଛି। ନିର୍ମାଣ କାର୍ଯ୍ୟର ଅଗ୍ରଗତି ଅତ୍ୟନ୍ତ ବିଳମ୍ବ ହେଉଥିବାରୁ ଅଭିଭାବକମାନେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଚିନ୍ତାନେଇ ଅନିଶ୍ଚିତତା ଭିତରେ ରହିଥିବା ଦେଖାଦେଇଛି। ବିଦ୍ୟାଳୟରେ ସିବିଏସଇ ପାଠ୍ୟକ୍ରମ ଚାଲୁଥିବାବେଳେ ସରକାରଙ୍କ ପକ୍ଷରୁ କୌଣସି ଷ୍ଟାଫ୍ ନିଯୁକ୍ତି ହୋଇ ନାହାନ୍ତି। ଲେଫ୍ରିପଡା ବିଇଓ କାର୍ଯ୍ୟାଳୟକୁ ପରିଚାଳନା ସକାଶେ ଦାୟିତ୍ୱ ପ୍ରଦାନ କରାଯାଇଥିବାରୁ ବ୍ଲକ୍‌ର ବିଭିନ୍ନ ଶିକ୍ଷକଙ୍କୁ ନିଯୁକ୍ତି କରି ଶିକ୍ଷାଦାନ କରାଯାଉଛି। ଛାତ୍ରୀଛାତ୍ରଙ୍କ ଛାତ୍ରବାସ ସମ୍ପର୍କରେ ଆଦର୍ଶ ବିଦ୍ୟାଳୟର ପ୍ରିନ୍ସିପାଲ ଭାବେ ଦାୟିତ୍ୱରେ ଥିବା ବ୍ଲକ୍ ଶିକ୍ଷା ଅଧିକାରୀ ହରେକୃଷ୍ଣ ପୁରୋହିତଙ୍କୁ ପଚାରିବାରୁ ସରକାରୀ ନିୟମାନୁଯାୟୀ ପ୍ରଥମ ଶିକ୍ଷାବର୍ଷରେ ଛାତ୍ରୀଛାତ୍ରଙ୍କ ସକାଶେ କୌଣସି ଛାତ୍ରାବାସର ସୁବିଧା ନାହିଁ। ସରକାରଙ୍କ ପକ୍ଷରୁ ଛାତ୍ରାବାସ ନିର୍ମାଣ ପାଇଁ ବର୍ତ୍ତମାନ ଅର୍ଥ ମଞ୍ଜୁରୀ ହୋଇ ଆସିଛି। ଏହା ସରକାରୀ ପ୍ରକ୍ରିୟାରେ ନିର୍ମାଣ କରାଯିବ। ଆସନ୍ତା ବର୍ଷ ଛାତ୍ରୀଛାତ୍ରଙ୍କ ଛାତ୍ରାବାସ ନିର୍ମାଣ କରାଯାଇ କାର୍ଯ୍ୟକ୍ଷମ କରାଯିବ ବୋଲି କହିଛନ୍ତି।